# ଉତ୍କଳ ପ୍ରସଙ୍ଗ

**The Utkal Prasanga**

**August-September 2013**


୭୦ ଭାଗ | ୧ମ-୨ୟ ସଂଖ୍ୟା | ଶ୍ରାବଣ-ଆଶ୍ୱିନ ଅଗଷ୍ଟ-ସେପ୍ଟେମ୍ବର ୨୦୧୩



**ପ୍ରଦୀପ କୁମାର ଜେନା,** ଭା.ପ୍ର.ସେ.
କମିଶନର ତଥା ଶାସନ ସଚିବ

**ପ୍ରମୋଦ କୁମାର ଦାସ,** ଓ.ପ୍ର.ସେ.
ନିର୍ଦ୍ଦେଶକ

**ଡକ୍ଟର ହୁସେନ ରବିଗାନ୍ଧୀ**
ସମ୍ପାଦକ

ପ୍ରଚ୍ଛଦପଟ ଓ ଲେ-ଆଉଟ୍ ଡିଜାଇନିଂ
**ମାନସ ନାୟକ**

ଫଟୋ :
**ରାଜୁ ସିଂ ଓ ମନୋରଂଜନ ମହାନ୍ତି**

ସମ୍ପାଦନା ସହଯୋଗୀ
**ଗୋବିନ୍ଦ ଚନ୍ଦ୍ର ମଲ୍ଲିକ**
**ସଚିଦାନନ୍ଦ ବାରିକ**

କମ୍ପ୍ୟୁଟର ସେଟିଂ ଓ ଡିଜାଇନିଂ
**ହେମନ୍ତ କୁମାର ସାହୁ**
**ସୁମିତ୍ରା କର**



**ପ୍ରତିଖଣ୍ଡ : ଟ. ୫.୦୦**


---


ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।



ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗଦ୍ୱାରା ପ୍ରକାଶିତ ଏବଂ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦ରେ ମୁଦ୍ରିତ ।



ଠିକଣା : 'ଉତ୍କଳ ପ୍ରସଙ୍ଗ', ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଲୋକ ସମ୍ପର୍କ ଭବନ, ଭୁବନେଶ୍ୱର-୭୫୧୦୦୧

ଇ-ମେଲ୍ : iprsec@rediffmail.com, iprsec.or@nic.in, ୱେବ୍‌ସାଇଟ୍ : www.orissagov.nic.in

ଫୋନ୍ : ୦୬୭୪-୨୫୩୦୨୧୧

# ସୂଚୀ


- ଜାତୀୟ ମୁକ୍ତି ଆନ୍ଦୋଳନରେ ସାହିତ୍ୟର ଭୂମିକା — ମାନସ କୁମାର ମଲ୍ଲିକ .... ୧
- ଗଙ୍ଗାଧାର ଗଙ୍ଗାଧର — ଅଧ୍ୟାପକ ପାର୍ଥସାରଥି ଅଜୟ ବାରିକ୍ .... ୫
- ଭାରତର ସ୍ୱାଧୀନତା — ଲକ୍ଷ୍ମୀଚରଣ ସାମନ୍ତରାୟ .... ୧୦
- ପ୍ରଭୁ-ଅନନ୍ତ(କବିତା) — ରାଜଶ୍ରୀ ଦେବୀ .... ୧୧
- ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଗଡ଼ଜାତମାନଙ୍କର ଭୂମିକା — ଜୟଶଙ୍କର ନାୟକ .... ୧୨
- କବି ଗଙ୍ଗାଧର ଓ ଆଦର୍ଶବାଦ — ଡକ୍ଟର ବଶିଷ୍ଠ କୁମାର ବେହେରା .... ୧୭
- ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ମହାନ୍ ଜ୍ୟୋତିଷ୍କ ଶହୀଦ୍ ମାଧୋସିଂହ — ଅମୃତଲାଲ ସାହୁ .... ୨୧
- ଆସିଛି ଅଗଷ୍ଟ ପନ୍ଦର (କବିତା) — ସୁଦାମ ଜେନା .... ୨୭
- ଅମର ଶହୀଦ୍ ବାଜି ରାଉତ: ସ୍ୱାଧୀନତା ସଂଗ୍ରାମର ଅମ୍ଳାନ ଦୀପଶିଖା — ଜୟନ୍ତୀ ନାୟକ .... ୨୮
- ସ୍ୱାଧୀନତା ଆନ୍ଦୋଳନର ଅନନ୍ୟ ବରପୁତ୍ର: ମହମ୍ମଦ ହନିଫ୍ — ଡକ୍ଟର ମହମ୍ମଦ୍ ଆୟୁବ୍ .... ୩୧
- ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ତ୍ରି-ଲକ୍ଷ୍ମୀ — ବିନୋଦିନୀ ରାଉଳ .... ୩୫
- ସ୍ୱାଧୀନତା ସଂଗ୍ରାମରେ ନୂଆପଡା ଜିଲ୍ଲାର ଅବଦାନ — ଅଧ୍ୟାପକ ବିଜୟ କୁମାର ବାରିକ .... ୪୦
- ଓଡ଼ିଶାର ରତ୍ନ-ନୀଳମଣି ବିଦ୍ୟାରତ୍ନ — ଶାରଦା ପ୍ରସାଦ ମହାନ୍ତି .... ୪୨
- ଦେଶର ମୁକ୍ତି ଆନ୍ଦୋଳନରେ ଓଡ଼ିଆ ନାରୀମାନଙ୍କ ଭୂମିକା — ଅଧ୍ୟାପକ ବିକ୍ରମ କେଶରୀ ବର୍ମା .... ୪୪
- ଯାଜପୁରରେ ମୁକ୍ତି ସଂଗ୍ରାମର ପଦଧ୍ୱନି — ବିଜୟ କିଶୋର ସାମଲ .... ୪୬
- କଳାପାଣି ପୁଣି ବୈଚିତ୍ର୍ୟମଣି — ସଂଘମିତ୍ରା ଦେଓଭଞ୍ଜ .... ୫୨
- ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଗଡ଼ଜାତ — ସତ୍ୟବାଦୀ ବଳିଆରସିଂହ .... ୫୪
- ଆଜିର ଶପଥ (କବିତା) — ହରିହର ଶତପଥୀ .... ୫୬
- ରଣପୁର ପ୍ରଜା ବିଦ୍ରୋହର ବିସ୍ମୃତ ସଂଗ୍ରାମୀ ପରିବାର — ବ୍ରଜ ପାଇକରାୟ .... ୫୭
- ଐତିହାସିକ ପଣ୍ଡିତ କୃପାସିନ୍ଧୁ ମିଶ୍ର — ଦେବଚନ୍ଦ୍ର ମହାପାତ୍ର .... ୬୦
- ଅଗଷ୍ଟ ପନ୍ଦର (କବିତା) — ଅଧ୍ୟାପିକା ଗୀତାଶ୍ରୀ ପ୍ରିୟମ୍ବଦା .... ୬୪
- ରମଜାନ୍‌ର ସାମାଜିକ ମୂଲ୍ୟବୋଧ — ଶକୀଲ ଅହମଦ .... ୬୫

| | | |
|---|---|---|
| ● ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ: ଆମେ ବି ସକ୍ଷମ | | .... ୬୯ |
| ● ପାପଡାହାଣ୍ଡି ଗୁଳିକାଣ୍ଡ: ଦୂର ଦିଗନ୍ତର ଅକୁହା କାହାଣୀ | ନାରାୟଣ ପଣ୍ଡା | .... ୭୧ |
| ● ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶା ଓ ଖୋରଧାର ଗୌରବମୟ ଇତିହାସ | ଉମାଶଙ୍କର ପ୍ରସାଦ | .... ୭୫ |
| ● ମୁକ୍ତି ଗୀତି (କବିତା) | ଚନ୍ଦ୍ରମଣି ସେଠୀ | .... ୭୭ |
| ● ସ୍ୱାଧୀନତା ସଂଗ୍ରାମୀ ଧନୀ ବାରିକ | ଅଧ୍ୟାପକ ପବିତ୍ର ମୋହନ ବାରିକ | .... ୭୮ |
| ● କୋହିନୁର ହୀରା | ଅଧ୍ୟାପକ ଦାମୋଦର ବେହେରା | .... ୮୧ |
| ● ଭାରତର ଜନଗଣନା – ୨୦୧୧ | ବିଷ୍ଣୁପଦ ସେଠୀ | .... ୮୩ |
| ● ବିଦ୍ୟୁତ୍ ସଂସ୍କାର ପଥେ ସେସୁର ଗ୍ରାହକ ସେବା | ଗୋଲକ ବିହାରୀ ସାହୁ | .... ୮୮ |
| ● ଅତିବଡୀ ପୁରସ୍କାର ଓ ସମ୍ବର୍ଦ୍ଧନା ସମାରୋହ | ମହେଶ୍ୱର ମହାନ୍ତି | .... ୯୧ |
| ● ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଲାଭ: ଏକ ଐତିହାସିକ ଉପଲବ୍ଧି | ଡକ୍ଟର ହୁସେନ ରବିଗାଂଧୀ | .... ୯୫ |
| ● ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ | ଶିବରାମ ମହାପାତ୍ର | .... ୯୮ |
| ● ରାଷ୍ଟ୍ରଗୁରୁ ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ୍ | ନିର୍ମଳା କୁମାରୀ ମହାପାତ୍ର | .... ୧୦୦ |
| ● ଦୁଃଖିନୀ କନିକାର ବିପ୍ଳବୀ ଆନନ୍ଦଚନ୍ଦ୍ର | ଶରତ କୁମାର ରାଉତ | .... ୧୦୩ |
| ● ନିରବ ସାରସ୍ୱତ ସାଧକ: ରାଜକିଶୋର | ଦୁଃଖିଶ୍ୟାମ ଦାସ | .... ୧୦୬ |
| ● ଓଡ଼ିଆ ଭାଷା ସାହିତ୍ୟର ଉଜ୍ଜ୍ୱଳ ଜ୍ୟୋତିଷ୍କ : | | |
| ପଦ୍ମଶ୍ରୀ ଡକ୍ଟର ସତ୍ୟନାରାୟଣ ରାଜଗୁରୁ | ମୀନାକ୍ଷୀ ସାହୁ | .... ୧୦୯ |
| ● ଉପେନ୍ଦ୍ର କାବ୍ୟ ମାନସର ଏକ ବିହଙ୍ଗାବଲୋକନ | ଉଦୟନାଥ ମହାପାତ୍ର | .... ୧୧୨ |
| ● ବାଣପୁରର ଭାସମାନ ପଥର | ନିକୁଞ୍ଜ ବିହାରୀ ସାହୁ | .... ୧୧୪ |
| ● ବଙ୍ଗଳା ମହାଭାରତ ଓ ଶ୍ରୀଜଗନ୍ନାଥ | ପ୍ରଫେସର ଉଦୟନାଥ ସାହୁ | .... ୧୧୬ |
| ● ଜନସଂଖ୍ୟା ବୃଦ୍ଧିର ଗତି ଓ ପ୍ରକୃତି | ଡକ୍ଟର ଶରତ କୁମାର ବିଶ୍ୱାଳ | .... ୧୨୫ |
| ● ବୈଜ୍ଞାନିକ ପ୍ରଣାଳୀରେ ରାଶି ଚାଷ | ଡକ୍ଟର ନିରାକାର ରଣସିଂହ | |
| | ଡକ୍ଟର ତ୍ରିବିକ୍ରମ ସାମଲ | .... ୧୨୭ |
| ● ଓଡ଼ିଶୀ ପଟ୍ଟଚିତ୍ରରେ ଉଦ୍ଭିଦ ଓ ପ୍ରାଣୀ | ଜୟନ୍ତୀ ରଥ | .... ୧୩୦ |
| ● ସୂର୍ଯ୍ୟଶିଖା ଓ କବି ବନମାଳି | ସରସ୍ୱତୀ ପାତ୍ର | .... ୧୩୪ |
| ● କରମା ପରବ | ବେଣୁଧର ଦାସ | .... ୧୩୭ |


❖ ❖ ❖

# ଜାତୀୟ ସଙ୍ଗୀତ



ଜନ–ଗଣ–ମନ–ଅଧିନାୟକ ଜୟ ହେ
ଭାରତ–ଭାଗ୍ୟ–ବିଧାତା
ପଞ୍ଜାବ–ସିନ୍ଧୁ–ଗୁଜରାଟ–ମରାଠା
ଦ୍ରାବିଡ଼–ଉତ୍କଳ–ବଙ୍ଗ
ବିନ୍ଧ୍ୟ–ହିମାଚଳ–ଯମୁନା–ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ–ମଙ୍ଗଳଦାୟକ ଜୟ ହେ,
ଭାରତ–ଭାଗ୍ୟ–ବିଧାତା
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।


– ରବୀନ୍ଦ୍ରନାଥ ଠାକୁର

# ସ୍ୱାଧୀନତା ଦିବସ -୨୦୧୩ ଅବସରରେ

# ଓଡ଼ିଶାର ମାନ୍ୟବର ରାଜ୍ୟପାଳ

# ଡକ୍ଟର ଏସ୍.ସି. ଜମିର୍‌ଙ୍କ

# ବାର୍ତ୍ତା



ପ୍ରିୟ ଭାଇ ଓ ଭଉଣୀମାନେ,

୬୭ତମ ସ୍ୱାଧୀନତା ଦିବସର ପବିତ୍ର ଅବସରରେ ମୁଁ ଆପଣମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଜଣାଉଛି ।

ବହୁ ବର୍ଷର ପରାଧୀନତା ପରେ ଆଜିର ଏହି ଦିନରେ ଆମ ଦେଶ ସ୍ୱାଧୀନ ହୋଇଥିବାରୁ ଆମେ ପ୍ରତିବର୍ଷ ସ୍ୱାଧୀନତା ଦିବସକୁ ବହୁ ଆନନ୍ଦ ଓ ଉତ୍ସାହର ସହ ପାଳନ କରୁ । ଅଭୂତପୂର୍ବ ସହନଶୀଳତା ତଥା ଅନନ୍ୟ ସାଧନ ଭିତ୍ତିରେ ଆହରିତ ଏକ ଅଭୁଲା ସଫଳତାର ସ୍ୱର୍ଣ୍ଣିମ ଦିବସ ରୂପେ ୧୯୪୭ ମସିହାର ଅଗଷ୍ଟ ୧୫ ତାରିଖ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇରହିବ । ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଅହିଂସା ଓ ସତ୍ୟାଗ୍ରହ ଆଧାରିତ ସ୍ୱାଧୀନତା ସଂଗ୍ରାମ ସାରା ଦେଶରେ ବ୍ୟାପି ଯାଇଥିଲା, ଯାହାକି ଜନସାଧାରଣଙ୍କୁ ଅଭୂତପୂର୍ବ ଭାବରେ ଅନୁପ୍ରାଣିତ କରିଥିଲା । ଆମର ଅଗଣିତ ପୁରୁଷ ଓ ମହିଳା ସ୍ୱେଚ୍ଛାକୃତ ତଥା ଉତ୍ସାହପୂର୍ବକ ଭାବେ ଏହି ଆହ୍ୱାନରେ ସାମିଲ ହୋଇଥିଲେ । ଏକଜୁଟ୍ ହୋଇ ସେମାନେ ଏକ ବଳିଷ୍ଠ ଶକ୍ତି ରୂପେ ଉଭା ହୋଇଥିଲେ, ଯାହା ଏକ ସର୍ବଶକ୍ତିମାନ ଉପନିବେଶ ଶକ୍ତିକୁ ପରାହତ କରିଥିଲା । ଏହି ପୃଷ୍ଠଭୂମିରେ ମୁକ୍ତ ଭାରତବର୍ଷ ଜନ୍ମଲାଭ କଲା ।

ଏହି ଶୁଭ ଅବସରରେ ସୀମା ସୁରକ୍ଷାରେ ନିୟୋଜିତ ଆମର ସଶସ୍ତ୍ର ବାହିନୀ, ଅର୍ଦ୍ଧ ସାମରିକ ବଳର ବୀର ଯବାନ ଏବଂ ଆମର କେନ୍ଦ୍ରୀୟ ତଥା ରାଜ୍ୟ ଆରକ୍ଷୀ ବାହିନୀ ତଥା ଆଭ୍ୟନ୍ତରୀଣ ନିରାପତ୍ତା ବାହିନୀଙ୍କୁ ମୁଁ ବିଶେଷ ଭାବେ ଅଭିନନ୍ଦନ ଜଣାଉଛି । ଯେଉଁମାନଙ୍କ ଅଧ୍ୟବସାୟ, ଫଳପ୍ରସୂ ପରାକ୍ରମ ଏବଂ ଅଦମ୍ୟ ଉତ୍ସାହ ଆମ ରାଜ୍ୟକୁ ନିରନ୍ତର ପ୍ରଗତି ପଥରେ ଆଗେଇ ନେଇଛି, ସେମାନଙ୍କୁ ମଧ୍ୟ ମୁଁ ଭୂୟସୀ ପ୍ରଶଂସା କରୁଛି । ଯେଉଁମାନେ ମାତୃଭୂମି ନିମନ୍ତେ ସେମାନଙ୍କର ଜୀବନ ଉତ୍ସର୍ଗ କରିଛନ୍ତି, ସେମାନଙ୍କୁ ମଧ୍ୟ ମୁଁ ମୋର ଆନ୍ତରିକ ଶ୍ରଦ୍ଧାଞ୍ଜଳି ଜଣାଉଛି ।

ପ୍ରିୟ ଭାଇ ଓ ଭଉଣୀମାନେ, ଯେଉଁ ମୂଲ୍ୟବୋଧ ଓ ନୀତିକୁ ଅବଲମ୍ବନ କରି ସଂଗ୍ରାମୀମାନେ ଆମର ସ୍ୱାଧୀନତା ପାଇଁ ନିଜକୁ ଜଳାଞ୍ଜଳି ଦେଇ ସଂଗ୍ରାମ ଚଳାଇଥିଲେ, ଆମେ ସେସବୁ ଆଦୌ ଭୁଲି ଯିବା ନାହିଁ । ସହସ୍ରାବ୍ଦ ଧରି ତିଷ୍ଠି ରହିଥିବା ଏହି ଦେଶର ଅନ୍ତର୍ନିହିତ ମୂଲ୍ୟବୋଧରୁ ସେମାନେ ପ୍ରେରଣା ଲାଭ କରିଥିଲେ । ଏକଦା ପଣ୍ଡିତ ଜବାହରଲାଲ୍ ନେହରୁ ଗାନ୍ଧିଜୀଙ୍କୁ ''ଭାରତୀୟ ପ୍ରାଚୀନ ପରମ୍ପରାର ଦାୟାଦ ତଥା ସ୍ୱାଧୀନତାର ମଶାଲ ବାହକ'' ରୂପେ ଅଭିହିତ କରିଥିଲେ । ଗାନ୍ଧିଜୀଙ୍କ ଜୀବନ ଓ ବିଚାର ଥିଲା ଆମ ପୁରାତନ ସଭ୍ୟତାର ଦର୍ଶନ, ଯାହା ଶାନ୍ତି ଓ ମୈତ୍ରୀ, ଅହିଂସା ଓ ସତ୍ୟ, ମାନବିକ ମୂଲ୍ୟବୋଧ ଓ ସହାନୁଭୂତିର ଏକ ନିଛକ ପରିପ୍ରକାଶ ।

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡିଆମାନଙ୍କ ଯୋଗଦାନ ଏକ ଅଭୁଲା ଅଧ୍ୟାୟ ଭାବେ ଇତିହାସରେ ରହିବ । ବ୍ରିଟିଶ ଶକ୍ତି ବିରୁଦ୍ଧରେ ଓଡିଶାର ଅସଂଖ୍ୟ ପୁରୁଷ ଓ ମହିଳା ସେମାନଙ୍କର ବ୍ୟକ୍ତିଗତ ସ୍ୱାର୍ଥ ପ୍ରତି ଦୃଷ୍ଟି ନଦେଇ ଏହି ସଂଗ୍ରାମ ବେଦୀରେ ଝାସ ଦେଇଥିଲେ । ରାଜ୍ୟର ସୁଦୂର କୋଣଅନୁକୋଣରେ ଭାରତୀୟ ସ୍ୱାଧୀନତା ସଂଗ୍ରାମ ପ୍ରତିଧ୍ୱନିତ ହୋଇଥିଲା, ଯଦ୍ୱାରା ଓଡିଶାର ଆଦିବାସୀମାନେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବା ପାଇଁ ଆଗେଇ ଆସିଥିଲେ ଏବଂ ସେମାନଙ୍କ ନେତୃତ୍ୱ ସ୍ୱାଧୀନତା ସଂଗ୍ରାମର ଗତିପଥ ସଂପୂର୍ଣ୍ଣ ବଦଳାଇ ଦେଇଥିଲା ।

ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ଚକରା ବିଶୋୟୀ, ବୀର ସୁରେନ୍ଦ୍ର ସାଏ, ଚାଖି ଖୁଣ୍ଟିଆ, ବିର୍ସା ମୁଣ୍ଡା, ଲକ୍ଷ୍ମଣ ନାଏକ, ବାଜି ରାଉତ, ରଘୁ-ଦିବାକର, ଉତ୍କଳମଣି ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ ମିଶ୍ର, ଆଚାର୍ଯ୍ୟ ହରିହର, ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀ, ରମା ଦେବୀ, ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ ତଥା ଆହୁରି ଅନେକ ବିଶିଷ୍ଟ ଓଡିଆ ବ୍ୟକ୍ତିବିଶେଷ ସ୍ୱାଧୀନତା ନିମନ୍ତେ ଅପୂର୍ବ ତ୍ୟାଗ ସ୍ୱୀକାର କରିଥିଲେ । ଏହି ଶୁଭ ଅବସରରେ ଆମେ ସେହି ଦିବଂଗତ ନିର୍ଭୀକ ଆତ୍ମାମାନଙ୍କୁ ଆମର ହାର୍ଦ୍ଦିକ କୃତଜ୍ଞତା ଜଣାଉଛୁ ।

ଆମ ଆଗରେ ଏବେ ସୁଦ୍ଧା ସାମାଜିକ ଏବଂ ଆର୍ଥିକ ସ୍ୱାଧୀନତା ପରି ଆହ୍ୱାନଗୁଡିକ ଅଛି । ସାମାଜିକ ଐକ୍ୟବଦ୍ଧତା ଏବଂ ସାମଗ୍ରିକ ଅଭିବୃଦ୍ଧି ସୁପ୍ରଶାସନର ପ୍ରମୁଖ ଉପାଦାନ ଅଟେ । ବର୍ଷବର୍ଷ ଧରି ବିକାଶର ପ୍ରକ୍ରିୟାକୁ ଆଗେଇ ନେବାକୁ କେନ୍ଦ୍ର ଓ ରାଜ୍ୟ ସରକାର ନିରନ୍ତର ପ୍ରୟାସରତ । ଆମ ରାଜ୍ୟରେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ସାଧାରଣ ଜନତାଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ପାଇଁ ଅନେକ ବିକାଶମୂଳକ ଯୋଜନା ପ୍ରଣୟନ ଓ କାର୍ଯ୍ୟକାରୀ କରାଯାଇଛି । ବିଶେଷ ଭାବେ ନୂତନ ସହସ୍ରାବ୍ଦ ପ୍ରାରମ୍ଭରେ ଓଡିଶାରେ ଉଲ୍ଲେଖନୀୟ ସାମାଜିକ-ଅର୍ଥନୈତିକ ପ୍ରଗତି ଘଟିଛି ।

ବିକାଶମୂଳକ କାର୍ଯ୍ୟକ୍ରମଗୁଡିକୁ ଆଗେଇ ନେବା ପାଇଁ ଯେକୌଣସି ରାଜ୍ୟର ଆର୍ଥିକ ସ୍ଥିତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ୨୦୦୦ରୁ ୨୦୧୨ ମସିହା ମଧ୍ୟରେ ଓଡିଶାର ଅର୍ଥନୈତିକ କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆସିଛି । ୨୦୦୦ ମସିହାରେ ମାତ୍ର ୪.୨ ପ୍ରତିଶତର ଅଭିବୃଦ୍ଧି ହାର ସହ ଦୁର୍ବଳ ଅର୍ଥନୀତି, ଦାରିଦ୍ର୍ୟ ହାର ବୃଦ୍ଧି, ମୋଟ ରାଜ୍ୟ ଘରୋଇ ଉତ୍ପାଦର ୮.୯ ପ୍ରତିଶତ ରାଜସ୍ୱ ନିଅଣ୍ଟର ବର୍ଦ୍ଧିତ ହାର, ବର୍ଷରେ ୩୨୪ ଦିନର ଓଭର୍‌ଡ୍ରାଫ୍ଟ୍ ଏବଂ ୪୨.୧୧ ପ୍ରତିଶତର ମୋଟ ରାଜ୍ୟ ଘରୋଇ ଉତ୍ପାଦ ଋଣ ଅନୁପାତ ଥିବା ଏକ ଅତ୍ୟନ୍ତ ଋଣଗ୍ରସ୍ତ ରାଜ୍ୟର ନୈରାଶ୍ୟଜନକ ଚିତ୍ର ଅପସରି ଯାଇଛି । ୨୦୦୫-୦୬ ବର୍ଷରୁ କୌଣସି ରାଜସ୍ୱ ନିଅଣ୍ଟ ନଥାଇ ଏକ ନୂତନ ରେକର୍ଡ ସୃଷ୍ଟି, ମୋଟ ରାଜ୍ୟ ଘରୋଇ ଉତ୍ପାଦର ୨ ପ୍ରତିଶତରୁ କମ୍ ମୋଟ ଆର୍ଥିକ ନିଅଣ୍ଟ, ୨୦୦୪ ଡିସେମ୍ବରଠାରୁ ଓଭର୍‌ଡ୍ରାଫ୍ଟ୍ ସମସ୍ୟାରୁ ମୁକ୍ତି ଏବଂ ଖୋଲା ବଜାରରୁ ଋଣ ନଉଠାଇ ଓଡିଶା ଦେଶର ଏକମାତ୍ର ରାଜ୍ୟ ଭାବେ ଉପରୋକ୍ତ ଆର୍ଥିକ ପରିବର୍ତ୍ତନକୁ ସାକାର କରିପାରିଛି ।

ରାଜ୍ୟ ସରକାରଙ୍କ ସ୍ଥିର ଅର୍ଥନୀତି ଯୋଗୁଁ ନିଜସ୍ୱ ପାଣ୍ଠିରୁ ବିଭିନ୍ନ ଲୋକାଭିମୁଖୀ ଯୋଜନା ଏବଂ ଅନେକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ରୂପାୟନ ହୋଇଛି । ରାଜ୍ୟର ସମସ୍ତ ବର୍ଗ ମଧ୍ୟରେ ଓ ପ୍ରତ୍ୟେକ ଅଞ୍ଚଳରେ ଆଖିଦୃଶିଆ ଭାବେ ଦାରିଦ୍ର୍ୟ ହ୍ରାସ ପାଇଛି । ସାମଗ୍ରିକ ସାକ୍ଷରତା ହାର ୨୦୦୧ ମସିହାରେ ୬୩.୧ ପ୍ରତିଶତ ଥିବା ସ୍ଥଳେ ଏହା ୨୦୧୧ ମସିହାରେ ୭୩.୫ ପ୍ରତିଶତକୁ ବୃଦ୍ଧି ପାଇଛି । ୧୯୯୯ ମସିହାରେ ଶିଶୁ ମୃତ୍ୟୁହାର ୯୬ ଥିବା ସ୍ଥଳେ ୨୦୧୦ ବର୍ଷରେ ଏହା ୬୧କୁ କମି ଆସିଛି, ଯାହାକି ଜାତୀୟ ହାର ତୁଳନାରେ ଅତ୍ୟନ୍ତ ଉତ୍ତମ । ସେହିପରି ୨୦୦୧-୦୩ ବର୍ଷରେ ମାତୃ ମୃତ୍ୟୁହାର ୩୫୮ ଥିବା ସ୍ଥଳେ ୨୦୦୭-୦୯ ବର୍ଷରେ ଏହା ୨୫୮କୁ ହ୍ରାସ ପାଇଛି । ଏହିସବୁ ସୂଚକାଙ୍କ ଓଡ଼ିଶାର ଏକ ସୁସ୍ଥ ମାନବ ବିକାଶ ଚିତ୍ରକୁ ପ୍ରତିଫଳିତ କରିଛି ।


ସାଧାରଣ ଲୋକମାନଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା କ୍ଷେତ୍ରରେ ଓଡ଼ିଶା ସରକାର ବିଭିନ୍ନ ବିକାଶମୂଳକ ଯୋଜନା ସଫଳତାର ସହିତ କାର୍ଯ୍ୟକାରୀ କରିଛନ୍ତି । ବିଜୁ କୃଷକ ବିକାଶ ଯୋଜନା, ବିଜୁ କେବିକେ ଯୋଜନା, ବିଜୁ କନ୍ଧମାଳ ଓ ଗଜପତି ଯୋଜନା, ମୋ' କୁଡ଼ିଆ, ବିଜୁ ଗ୍ରାମ ଜ୍ୟୋତି ଯୋଜନା, ବିଜୁ ସହରାଞ୍ଚଳ ବିଦ୍ୟୁତ୍‌କରଣ ଯୋଜନା, ଗୋପବନ୍ଧୁ ଗ୍ରାମୀଣ ଯୋଜନା, ମଧୁବାବୁ ପେନ୍‌ସନ୍ ଯୋଜନା, ମମତା, ମିଶନ୍ ଶକ୍ତି, ବିଜୁ ସେତୁ ଯୋଜନା, ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ପାଇଁ ମାଗଣାରେ ସାଇକେଲ ବଣ୍ଟନ, ଖାଦ୍ୟ ନିରାପତ୍ତା ପାଇଁ ଟଙ୍କାରେ କିଲେ ଚାଉଳ, ବୟସ୍କ ଲୋକମାନଙ୍କ ପାଇଁ ଛତା ଓ ଶୀତବସ୍ତ୍ରର ବ୍ୟବସ୍ଥା, ଯୁବନୀତି–୨୦୧୩ର ପ୍ରଣୟନ, ୧୦୮ ଆମ୍ବୁଲାନ୍ସ ସେବା ପ୍ରଚଳନ, ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଲାପ୍‌ଟପ୍ ବଣ୍ଟନ, ନିର୍ମାଣ ଶ୍ରମିକ, ବୁଣାକାର ଓ ମତ୍ସ୍ୟଜୀବୀମାନଙ୍କ ପାଇଁ ପ୍ୟାକେଜ୍, କୃଷକମାନଙ୍କ ପାଇଁ ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନା ପ୍ରଣୟନ ନିରନ୍ତର ପ୍ରଗତି ତଥା ସାମାଜିକ ନିରାପତ୍ତାକୁ ନିଶ୍ଚିତ କରିବା ସଙ୍ଗେ ସଙ୍ଗେ ସାମଗ୍ରିକ ବିକାଶ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ଅଧ୍ୟାୟ ସୃଷ୍ଟି କରିଛି ।

ଦ୍ରୁତ ଅର୍ଥନୈତିକ ପ୍ରଗତି ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଫଳରେ ଆମ ସମାଜ ବୈପ୍ଳବିକ ପରିବର୍ତ୍ତନର ସାମନା କରୁଛି । ସମଗ୍ର ଦେଶରେ ଓଡ଼ିଶା ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରକୃଷ୍ଟ କ୍ଷେତ୍ର ହେବାକୁ ଯାଉଛି । ସମ୍ପ୍ରତି ଆମ ଲୋକମାନେ ନୂତନ ଆଶା ନେଇ ଉନ୍ନତ ଭବିଷ୍ୟତ ଗଢ଼ିତୋଳିବାକୁ ଆଗେଇ ଚାଲିଛନ୍ତି । ସେମାନଙ୍କ ଉଚ୍ଚ ଆକାଂକ୍ଷା ରହିଛି । ଆମର ଯୁବକ ଓ ଯୁବତୀମାନେ ଅସାଧାରଣ କୃତିତ୍ୱ ହାସଲ ପାଇଁ କଠୋର ପରିଶ୍ରମ କରୁଛନ୍ତି । ରାଜ୍ୟରେ ଆମକୁ ଏପରି ଏକ ବାତାବରଣ ସୃଷ୍ଟି କରିବାକୁ ହେବ ଯଦ୍ଦ୍ୱାରା କି ଲୋକମାନଙ୍କ ସାମର୍ଥ୍ୟ ଓ ଉତ୍ସାହ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ଯଥେଷ୍ଟ ସହାୟକ ହୋଇପାରିବ । ଆମର ଅନୁଷ୍ଠାନସବୁ ଜନସାଧାରଣଙ୍କ ସାମର୍ଥ୍ୟକୁ ସଠିକ୍ ଉପଯୋଗ କରିବା ନିମନ୍ତେ ପ୍ରୋତ୍ସାହିତ କରିବା ଆବଶ୍ୟକ । ଆମର ଉଦ୍ୟୋଗୀ ଓ ବ୍ୟବସାୟୀମାନଙ୍କ ପାଇଁ କାର୍ଯ୍ୟ କ୍ଷେତ୍ରରେ କୌଣସି ପ୍ରତିବନ୍ଧକ ରହିବା ଉଚିତ୍ ନୁହେଁ । ଆମର ଶିଳ୍ପପତିମାନେ ନୂତନ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ସମସ୍ତ ସୁବିଧା ସୁଯୋଗ ପାଇବା ଉଚିତ୍, ଯଦ୍ଦ୍ୱାରା ଆମର ଯୁବପିଢ଼ିମାନଙ୍କ ପାଇଁ ଫଳପ୍ରଦ ନିଯୁକ୍ତିର ପ୍ରକୃଷ୍ଟ କ୍ଷେତ୍ର ସୃଷ୍ଟି ହୋଇପାରିବ ।

ଆସନ୍ତୁ, ଆଜିର ଏହି ପବିତ୍ର ଦିବସ ଅବସରରେ ନୂତନ ଉତ୍ସାହ ଓ ଦୃଢ଼ ସଙ୍କଳ୍ପ ସହିତ ଏହିସବୁ ଲକ୍ଷ୍ୟ ହାସଲ ପାଇଁ ବଦ୍ଧପରିକର ହେବା ।

ଜୟହିନ୍ଦ୍ ।

# ସ୍ୱାଧୀନତା ଦିବସ -୨୦୧୩ ଅବସରରେ
# ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
# ଶ୍ରୀ ନବୀନ ପଟ୍ଟନାୟକଙ୍କ
# ବାର୍ତ୍ତା



ଆଜି ସ୍ୱାଧୀନତା ଦିବସ । ଏହି ଶୁଭ ଅବସରରେ ରାଜ୍ୟବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଏହି ପବିତ୍ର ଦିବସ ଅବସରରେ ଆମ ସ୍ୱାଧୀନତା ସଂଗ୍ରାମର ମହାନାୟକ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ପଣ୍ଡିତ ଜବାହରଲାଲ ନେହେରୁ, ଡଃ ଭୀମରାଓ ଆମ୍ବେଦକର, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳଗୌରବ ମଧୁସୂଦନ ଦାସ, ଶହୀଦ ଲକ୍ଷ୍ମଣ ନାୟକ, ବୀର ସୁରେନ୍ଦ୍ର ସାଏ, ଡଃ ହରେକୃଷ୍ଣ ମହତାବ, ରମାଦେବୀ, ମାଳତୀ ଦେବୀ, ନବକୃଷ୍ଣ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀ ଓ ବିଜୁ ପଟ୍ଟନାୟକଙ୍କ ପରି ମହାନ୍ ସଂଗ୍ରାମୀମାନଙ୍କ ସହିତ ଏହି ସଂଗ୍ରାମରେ ସାମିଲ ହୋଇଥିବା ଲକ୍ଷ ଲକ୍ଷ ଦେଶଭକ୍ତମାନଙ୍କ ପ୍ରତି ମୋର ସମ୍ମାନ ଜଣାଉଛି ।

ଭାରତମାତାର ସୁରକ୍ଷା ପାଇଁ ସଂଗ୍ରାମ କରି ଶହୀଦ୍ ହୋଇଥିବା ବୀର ଜବାନମାନଙ୍କ ପ୍ରତି ମଧ ଏହି ଅବସରରେ ମୋର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଭାରତର ସ୍ୱାଧୀନତା ସଂଗ୍ରାମ ସାରା ବିଶ୍ୱକୁ ପ୍ରେରଣା ଦେଇଆସିଛି । ବିଶ୍ୱରେ ଶାନ୍ତି ଓ ସଦ୍‌ଭାବ ପାଇଁ ନୂଆ ମାର୍ଗ ଦେଖାଇଛି । ସତ୍ୟ ଓ ଅହିଂସାକୁ ଅସ୍ତ୍ର କରି ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଭାରତର ଜନତା ବ୍ରିଟିଶ ସରକାର ବିରୋଧରେ ଯେଉଁ ସଂଗ୍ରାମ କରିଥିଲେ ବିଶ୍ୱ ଇତିହାସରେ ତା'ର ତୁଳନା ନାହିଁ ।

ଶକ୍ତିଶାଳୀ ବ୍ରିଟିଶ ସରକାର ବିରୋଧରେ ହୋଇଥିବା ସଂଗ୍ରାମରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ୧୮୦୩ ପର୍ଯ୍ୟନ୍ତ ବ୍ରିଟିଶ ସରକାର ଓଡ଼ିଶାକୁ ଜୟ କରିପାରି ନଥିଲେ । ବ୍ରିଟିଶ ସରକାର ବିରୋଧରେ ପ୍ରଥମ ସ୍ୱର ଓଡ଼ିଶାରେ ହିଁ ଉଠିଥିଲା । ୧୮୧୭ରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ହୋଇଥିବା ପାଇକ ବିଦ୍ରୋହ ଓଡ଼ିଶା ଇତିହାସର ଏକ Glorious chapter । ୧୮୫୭ର ପ୍ରଥମ ସ୍ୱାଧୀନତା ସଂଗ୍ରାମରେ ବୀର ସୁରେନ୍ଦ୍ର ସାଏ ଓ ଚାଖି ଖୁଣ୍ଟିଆଙ୍କ ବୀରତ୍ୱ ଓ ସାହସର ତୁଳନା ନାହିଁ । ୧୮୫୭ରୁ ୧୯୪୭ ସ୍ୱାଧୀନତା ସଂଗ୍ରାମର ବିଭିନ୍ନ Phaseରେ ଓଡ଼ିଶାର ସଂଗ୍ରାମୀମାନେ ଯୋଗ ଦେଇ ଏହି ଆନ୍ଦୋଳନକୁ ଶକ୍ତିଶାଳୀ କରିଥିଲେ ।

ଭାରତମାତାର ମୁକ୍ତି ପାଇଁ ଆମର ସଂଗ୍ରାମୀମାନେ ଯେଉଁ ତ୍ୟାଗ, ସାହସ ଓ ଦେଶଭକ୍ତି ଦେଖାଇଛନ୍ତି, ତାକୁ ଏହି ଜାତି କେବେ ଭୁଲି ପାରିବ ନାହିଁ । ସ୍ୱାଧୀନତା ପାଇଁ ସେମାନଙ୍କର ବହୁମୂଲ୍ୟ ଅବଦାନ ଆମ ସମସ୍ତଙ୍କୁ ବିଶେଷ କରି ଯୁବ ସମାଜକୁ ପ୍ରେରଣା ଯୋଗାଇ ଚାଲିଥିବ ।

୧୯୪୭ରୁ ୨୦୧୩ ଏହି ସମୟ ମଧ୍ୟରେ ଭାରତ ଆଜି ଗଣତନ୍ତ୍ର ଶାସନ ବ୍ୟବସ୍ଥା, ବିକାଶଧାରା ତଥା ଦକ୍ଷ ମାନବ ସମ୍ବଳ ପାଇଁ ସାରା ବିଶ୍ୱର ଏକ ପ୍ରମୁଖ ରାଷ୍ଟ୍ର ହୋଇପାରିଛି । ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଉନ୍ନତି ଆସିଛି । Science ଓ

Technologyର ପ୍ରସାର ଘଟିଛି । ଅର୍ଥନୀତି ବହୁମୁଖୀ ହୋଇପାରିଛି । ବହୁଧର୍ମ ଜାତି ଓ ଭାଷାର ଲୋକ ବାସ କରୁଥିବା ଭାରତ ପରି ଏକ ବିରାଟ ଦେଶକୁ ଗଣତନ୍ତ୍ର ଆଜି ଏକାଠି ରଖିବାରେ ସଫଳ ହୋଇଛି ।

ସେବା, ବିଶ୍ୱାସ, ଦାୟିତ୍ୱ, ଶାନ୍ତି ଓ ସଦ୍‌ଭାବ ହେଉଛି ଗଣତନ୍ତ୍ରର ମୁଖ୍ୟ ଆଧାର । ଗଣତନ୍ତ୍ର କେବଳ ଏକ ଶାସନ ବ୍ୟବସ୍ଥା ନୁହେଁ, ଏହା ଏକ ଜୀବନ ଧାରା । ଗଣତନ୍ତ୍ର ବିକାଶର ମାର୍ଗ ଖୋଲିଥାଏ ଏବଂ ସାମାଜିକ ସଂହତିକୁ ମଜବୁତ କରିଥାଏ । ବିକାଶ ଜରିଆରେ ହିଁ ଗଣତନ୍ତ୍ର ମଜବୁତ ହୋଇଥାଏ ଏବଂ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧିରେ ସହାୟକ ହୋଇଥାଏ ।

ଦାୟିତ୍ୱ ଓ ଅଧିକାର ଗଣତନ୍ତ୍ର ପାଇଁ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ । ଆମେ ନିଜ ଅଧିକାର ସହିତ ଦାୟିତ୍ୱ ପ୍ରତି ମଧ୍ୟ ସଚେତନ ରହିବା ଜରୁରୀ । ଏ ଦେଶ ମୋର ଏବଂ ମୁଁ ଏ ଦେଶର ଏହି ଭାବନା ଦେଇ କାମ କଲେ ଆମ ଦେଶ ଶକ୍ତିଶାଳୀ ହୋଇପାରିବ ।

ଆମ ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ । ସାରା ବିଶ୍ୱ ଆମ କଳା ଓ ସଂସ୍କୃତିର ଜୟଗାନ କରିଆସିଛି । ଆମ ଶିଳ୍ପୀ ଓ କାରିଗର ସେମାନଙ୍କ ଦକ୍ଷତା ଓ ପ୍ରତିଭା ପାଇଁ ଆମକୁ ଗର୍ବିତ କରିଛନ୍ତି । ଆମର ଦକ୍ଷ ମାନବ ସମ୍ବଳ ଓ Natural Resourceର ବିକାଶ ପାଇଁ ଅନେକ ସୁଯୋଗ ସୃଷ୍ଟି କରିଛି । ଓଡ଼ିଶାରେ ପଚାଶ ହଜାରରୁ ଅଧିକ ଗାଁ ରହିଛି । ଗାଁମାନଙ୍କରେ ଭିତ୍ତିଭୂମି ସୁବିଧା ସହିତ କୃଷି ଓ Allied sectorର ଉନ୍ନତି ଆମ ଅର୍ଥନୀତିର ଭିତ୍ତିକୁ ଅଧିକ ମଜବୁତ କରିବ । ସେହିପରି ଆମ ରାଜ୍ୟରେ ଶହେରୁ ଅଧିକ ଛୋଟ ବଡ ସହର ରହିଛି । ସେଗୁଡିକର ଭିତ୍ତିଭୂମିର ଉପଯୁକ୍ତ ବିକାଶ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଚାଷୀଠାରୁ ଆରମ୍ଭ କରି ଶ୍ରମିକ, ମହିଳା, ଆଦିବାସୀ, ଯୁବକ, ଯୁବତୀ, ଛାତ୍ରଛାତ୍ରୀ ସମସ୍ତଙ୍କ ଉନ୍ନତି ଓ କଲ୍ୟାଣ Inclusive growth ପାଇଁ ଜରୁରୀ । ଏହା ପ୍ରଗତିର ନନ୍ଦିଘୋଷକୁ ଆଗକୁ ବଢିବାରେ ସାହାଯ୍ୟ କରିବ ।

ସ୍ୱାଧୀନତାର ଲକ୍ଷ୍ୟ କେବଳ ଏକ ସ୍ୱାଧୀନ ସରକାର ନୁହେଁ, ଗୋଟିଏ Independent ଓ Sovereign ସରକାର ପାଇଁ ଶକ୍ତି ଯୋଗାଇଥିବା କୋଟି କୋଟି ଜନତାଙ୍କ ସ୍ୱାର୍ଥର ସୁରକ୍ଷା ହେଉଛି ସ୍ୱାଧୀନତା, ସେମାନଙ୍କ Economic development ହେଉଛି ସ୍ୱାଧୀନତା ଏକ ନ୍ୟାୟପୂର୍ଣ୍ଣ, ଶୋଷଣହୀନ ସମାଜ ହେଉଛି ସ୍ୱାଧୀନତା, ସମସ୍ତଙ୍କ ବିକାଶ ପାଇଁ ସମାନ ସୁଯୋଗ ସୃଷ୍ଟି ହେଉଛି ସ୍ୱାଧୀନତା । ସ୍ୱାଧୀନତା ହେଉଛି ପ୍ରତି ଦେଶ, ପ୍ରତି ଜାତି ଏବଂ ପ୍ରତି ବ୍ୟକ୍ତି ପାଇଁ ସବୁଠାରୁ ମୂଲ୍ୟବାନ ସମ୍ପଦ । ତେଣୁ ସ୍ୱାଧୀନତାର ସୁରକ୍ଷା ସହିତ ଶାନ୍ତି, ବିକାଶ ଏବଂ ମୂଲ୍ୟବୋଧର ପ୍ରସାର ଜରିଆରେ ଏକ ଶକ୍ତିଶାଳୀ ଭାରତ ଏବଂ ସମୃଦ୍ଧ ଓଡ଼ିଶା ଆମ ସମସ୍ତଙ୍କର ଲକ୍ଷ୍ୟ ହେଉ, ଆଜିର ଦିନରେ ଏହା ହିଁ କାମନା ।

ଜୟହିନ୍ଦ୍ ।

# ସ୍ୱାଧୀନତା ଦିବସ -୨୦୧୩ ଅବସରରେ
# ଓଡ଼ିଶାର ମାନ୍ୟବର ସୂଚନା ଓ ଲୋକ ସଂପର୍କ ଏବଂ ଶକ୍ତି ମନ୍ତ୍ରୀ
# ଶ୍ରୀ ଅରୁଣ କୁମାର ସାହୁଙ୍କ
# ବାର୍ତ୍ତା



ସ୍ୱାଧୀନତା ଦିବସର ଏହି ପବିତ୍ର ଅବସରରେ ମୁଁ ଓଡିଶାର ସମସ୍ତ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସ୍ୱାଧୀନତା ଦିବସ ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ଦିବସ । ସ୍ମୃତି ଓ ସଂକଳ୍ପର ତିଥି । ଆତ୍ମ ସମୀକ୍ଷାର ଦିନ । ଆଜିର ଏହି ଦିବସରେ ଭାରତ ବ୍ରିଟିଶ ଶାସନ କବଳରୁ ମୁକ୍ତ ହୋଇଥିଲା । ଆମର ସ୍ୱାଧୀନତା ଆମକୁ ସହଜରେ ମିଳିନାହିଁ । ଏହା ଅନେକ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନର ଫଳଶ୍ରୁତି । ଯେଉଁମାନଙ୍କର ସାଧନା, ସଂଗ୍ରାମ ଓ ଆତ୍ମତ୍ୟାଗ ବଳରେ ଆମକୁ ମହାର୍ଘ ସ୍ୱାଧୀନତା ମିଳିଛି, ସେମାନଙ୍କ ଉଦ୍ଦେଶ୍ୟରେ ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ସେହି ବରପୁରୁଷମାନଙ୍କର ସଂଗ୍ରାମର ସ୍ମୃତି ଚିର ଉଜ୍ଜ୍ୱଳ ହୋଇ ରହିଥିବ ଓ ଆମମାନଙ୍କୁ ମାର୍ଗଦର୍ଶନ କରାଉଥିବ ।

ଭାରତର ଐତିହାସିକ ସ୍ୱାଧୀନତା ସଂଗ୍ରାମ ଶୌର୍ଯ୍ୟ, ବିକ୍ରମ ଓ ତ୍ୟାଗର ଏକ ଗୌରବ ଗରିମାମୟ କାହାଣୀ । ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଅବଦାନ ବିଶେଷ ଉଲ୍ଲେଖନୀୟ । ଏହା ଗର୍ବ ଓ ଗୌରବର କଥା ଯେ ସର୍ବଭାରତୀୟ ସ୍ତରରେ ୧୮୫୭ ମସିହାରୁ ସ୍ୱାଧୀନତା ସଂଗ୍ରାମର ସୂତ୍ରପାତ ହୋଇଥିଲା ବେଳେ ୧୮୦୩ରେ ଇଂରେଜମାନଙ୍କ କବଳରୁ ମୁକ୍ତି ପାଇବା ପାଇଁ ଓଡ଼ିଶାରେ ବିଦ୍ରୋହର ସ୍ୱର ଶୁଭିଥିଲା । ପରବର୍ତ୍ତୀ ସମୟରେ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ଚକରା ବିଷୋୟୀ, ବୀର ସୁରେନ୍ଦ୍ର ସାଏ, ଚାଖି ଖୁଣ୍ଟିଆ, ବିର୍ସା ମୁଣ୍ଡା, ଲକ୍ଷ୍ମଣ ନାଏକ, ବାଜି ରାଉତ, ରଘୁ-ଦିବାକର, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, ଆଚାର୍ଯ୍ୟ ହରିହର, ଗୋପବନ୍ଧୁ ଚୌଧୁରୀ, ରମା ଦେବୀ, ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ ପ୍ରମୁଖ ପୂଜ୍ୟ ସଂଗ୍ରାମୀମାନଙ୍କ ନେତୃତ୍ୱରେ ଓଡ଼ିଶାର ଲୋକମାନେ ମୁକ୍ତି ସଂଗ୍ରାମରେ ସାମିଲ ହୋଇଥିଲେ । ଏହି ଅବସରରେ ମୁଁ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ସ୍ୱାଧୀନତା ପରବର୍ତ୍ତୀ କାଳରେ ଆମ ଦେଶ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରି ଚାଲିଛି । ସ୍ୱାଧୀନତା ପୂର୍ବର ଭାରତ ଓ ପରର ଭାରତ ମଧ୍ୟରେ ଆକାଶ ପାତାଳ ଫରକ ରହିଛି । ଭାରତ ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଯଥେଷ୍ଟ ପ୍ରଗତି ହାସଲ କରିବା ସହ ବିଶ୍ୱର ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ଉଭା ହୋଇଛି । ଭାରତରେ ଗଣତନ୍ତ୍ର ସୁଦୃଢ ହେବା ସହିତ ଅନ୍ୟ ଦେଶମାନଙ୍କ ପାଇଁ ଅନୁସରଣୀୟ ହୋଇପାରିଛି ।

ନ୍ୟାୟ ଓ ସମତା ଭିତ୍ତିରେ ଏକ ଶୋଷଣମୁକ୍ତ ସମାଜ ଗଠନ ଆମ ସ୍ୱାଧୀନତାର ମୁଖ୍ୟ ଲକ୍ଷ୍ୟ ଥିଲା । ଶାନ୍ତି ଓ ପ୍ରଗତି ହିଁ ଏହି ଲକ୍ଷ୍ୟ ହାସଲର ମାଧ୍ୟମ ।

ଆସନ୍ତୁ, ଆଜିର ଏହି ଶୁଭ ଅବସରରେ ରାଜ୍ୟର ତଥା ଦେଶର ସର୍ବାଙ୍ଗୀନ ଉନ୍ନତିକଳ୍ପେ ନିଜକୁ ଉତ୍ସର୍ଗ କରିବାକୁ ସଂକଳ୍ପବଦ୍ଧ ହେବା ।

ଜୟହିନ୍ଦ୍ ।

## ସମ୍ପାଦକୀୟ

# ସ୍ୱାଧୀନତାର ନୂତନ ପରିଭାଷା

ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ମହାନାୟକ ଜାତିର ପିତା ଗାନ୍ଧିଜୀ ସବୁବେଳେ କହୁଥିଲେ ଯେ, କେବଳ ଇଂରେଜମାନଙ୍କୁ ବିଦାକରି ଭାରତୀୟମାନଙ୍କୁ କ୍ଷମତାସୀନ କରାଇଦେବା ପ୍ରକୃତ ସ୍ୱାଧୀନତା ନୁହେଁ । ପ୍ରକୃତ ସ୍ୱାଧୀନତା ହେଉଛି ଦାରିଦ୍ର୍ୟ ମୁକ୍ତ, କ୍ଷୁଧାମୁକ୍ତ, ଅସାମ୍ୟରହିତ ଏକ ଭାରତ ଗଠନ, ଯାହା ପ୍ରକୃତ ସ୍ୱରାଜ।

ସ୍ୱାଧୀନତାର ୬୭ତମ ଜୟନ୍ତୀ ପାଳନ ଅବସରରେ ଆମେ ଆଜି ଆତ୍ମ ସମୀକ୍ଷା କଲେ, ନିଜକୁ ଲଜ୍ଜା ଲାଗୁଛି । ଏବେ ବି ବହୁ ଲୋକେ କ୍ଷୁଧାର୍ତ୍ତ, ସେମାନେ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଛନ୍ତି । ସାମାଜିକ ଅସାମ୍ୟ ଉତ୍କଟ । ବିଶେଷ କରି ୧୯୯୧ରେ ପ୍ରଚଳିତ ଅର୍ଥନୀତିର ଜଗତିକରଣ ପରେ ଏହି ଦୁଇ ଦଶନ୍ଧି ଭିତରେ ଧନୀମାନେ ବେଶ୍ ଧନୀ ହୋଇଛନ୍ତି, ହେଲେ ଦରିଦ୍ରମାନେ ଦରିଦ୍ରତମ ହୋଇ ଅଳିଆ ଆବର୍ଜନା ଭିତରେ ଖାଦ୍ୟ ପଦାର୍ଥର ଉଚ୍ଛିଷ୍ଟ ପାଇଁ କୁକୁରମାନଙ୍କ ସହ ପ୍ରତିଯୋଗିତା କରୁଛନ୍ତି । ମୁମ୍ବାଇଠାରେ ଜନୈକ ଶିଳ୍ପପତି ପୃଥିବୀର ସବୁଠାରୁ ମହଙ୍ଗା ବାସଭବନ ନିର୍ମାଣ କରି ଗରିବ ଭାରତୀୟମାନଙ୍କୁ ଉପହାସ କରିବାର ଧୃଷ୍ଟତା କରିଛନ୍ତି । ସେଭଳି ସ୍ଥିତିରେ ଗାନ୍ଧିଜୀଙ୍କ କଳ୍ପିତ ସ୍ୱରାଜ ଓ ସୁରାଜ୍ୟ ପ୍ରତିଷ୍ଠିତ ହୋଇ ପାରିଛିକି ? ଏବେ ଭାରତ ସରକାରଙ୍କର ପୁଞ୍ଜିପତି ତୋଷଣ ନୀତିକୁ ଆଉ ପାଦେ ଆଗେଇ ନେବା ପାଇଁ ମୁଖ୍ୟ ବିରୋଧୀ ଦଳ ମଧ୍ୟ ଜଣେ କଠୋର ପୁଞ୍ଜିବାଦୀ ଆଭିମୁଖ୍ୟର ବ୍ୟକ୍ତିଙ୍କୁ ନିଜ ଦଳର ନେତୃତ୍ୱ ପ୍ରଦାନ କରିଛନ୍ତି । ତେଣୁ ପୁଞ୍ଜିବାଦୀମାନଙ୍କ ସ୍ୱାର୍ଥକୁ କିଏ ବେଶୀ ପ୍ରତିଷ୍ଠିତ କରିପାରିବ, ସେଥିପାଇଁ କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ଦଳ ତଥା ତାଙ୍କର ମୁଖ୍ୟ ବିରୋଧୀ ଦଳ ଭିତରେ ଏବେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି ।

ମାତ୍ର ଗାନ୍ଧିଜୀଙ୍କ ପରିକଳ୍ପିତ ସ୍ୱରାଜକୁ ସାକାର କରିବା ପାଇଁ ଭାରତର କିଛି ଭିନ୍ନଧରଣର ଆଭିମୁଖ୍ୟ ପୋଷଣ କରୁଥିବା ଜନନେତା ନିଜ ଭିତରେ ସମ୍ପର୍କର ସୂତ୍ରଟିଏ ବାନ୍ଧିବାକୁ ଉଦ୍ୟମ ଆରମ୍ଭ କରି ଦେଇଛନ୍ତି, ଯାହାକି ଅନ୍ଧକାରମୟ ଦିଗ୍‌ବଳୟରେ କ୍ଷୀଣ ଏକ ଆଲୋକ ରେଖା ପରି ପ୍ରତୀୟମାନ ହେଉଅଛି । ଏମାନଙ୍କ ଭିତରେ ଅଛନ୍ତି ଭାରତବର୍ଷର ସର୍ବାଧିକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ । ତାଙ୍କ ସହିତ ଅଛନ୍ତି ବିହାରର ସର୍ବାଧିକ ଜନପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନିତୀଶ କୁମାର ଏବଂ ପଶ୍ଚିମବଙ୍ଗର ଅଗ୍ନିବର୍ଷୀ ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ, ଏ ତିନିଜଣ କେବଳ କଥାରେ ଗାନ୍ଧିବାଦୀ ନୁହନ୍ତି, ଏମାନେ ମଧ୍ୟ କାର୍ଯ୍ୟରେ ଗାନ୍ଧିବାଦୀ ।

ବିଶେଷ କରି ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବିଗତ ୧୩ବର୍ଷ ଧରି ଯେପରି ବିଚକ୍ଷଣତାର ସହ ଏ ରାଜ୍ୟକୁ ପରିଚାଳନା କରୁଛନ୍ତି, ତାହା ଆନ୍ତର୍ଜାତିକ ସ୍ତରର ଲୋକପ୍ରିୟ ଆମେରିକୀୟ ପତ୍ରିକା 'ଟାଇମ୍'ର ଦୃଷ୍ଟି ଆକର୍ଷଣ କରିପାରିଛି ଏବଂ ଏହି ଆମେରିକୀୟ ପତ୍ରିକା ବାହ୍ୟ ସାହାଯ୍ୟ ବିନା ଓଡ଼ିଶା ଯେପରି ବିକାଶ ପଥରେ ଆଗେଇ ଚାଲିଛି, ତାର ପ୍ରଶଂସା କରିବା ସହ ଏହାର ଶ୍ରେୟ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନବାବୁଙ୍କୁ ଦେଇଛି ।

କେବଳ ଆର୍ଥିକ ବିକାଶ ବା ଅଗ୍ରଗତି ନୁହେଁ, ସାମାଜିକ ସଦ୍‌ଭାବ ଓ ଜାତିଗତ ଏବଂ ଧାର୍ମିକ ସଦ୍‌ଭାବନା ସୃଷ୍ଟି କରିବାରେ ସେ ଭାରତର ଅଗ୍ରଣୀ ରାଜ୍ୟ ଭାବେ ଓଡ଼ିଶାକୁ ନିର୍ମାଣ କରି ପାରିଛନ୍ତି । ୨୦୦୨ରେ ଗୁଜୁରାଟରେ ସଂଗଠିତ

ସାମ୍ପ୍ରଦାୟିକ ସଂଘର୍ଷରେ ପ୍ରାଣ ହରାଇଥିବା ୨ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ପରିବାରବର୍ଗ ପଇସାଟିକର ସହାୟତା ପାଇନଥିବା ବେଳେ ଓ ସେମାନଙ୍କର ଧାର୍ମିକ ଉପାସନାସ୍ଥଳୀ, ଶିକ୍ଷାନୁଷ୍ଠାନ ଓ ବାସଗୃହର ପୁନଃନିର୍ମାଣ କାର୍ଯ୍ୟ ଏଯାଏଁ ସମ୍ଭବପର ହୋଇନଥିବା ବେଳେ, ୨୦୦୮ର କନ୍ଧମାଳ ଦଙ୍ଗା ସମୟରେ କ୍ଷତିଗ୍ରସ୍ତ ଅଳ୍ପ ସଂଖ୍ୟକ ସମ୍ପ୍ରଦାୟର ବାସଗୃହ, ଉପାସନା ପୀଠ ତଥା ଶିକ୍ଷାନୁଷ୍ଠାନର ପୁନଃ ନିର୍ମାଣ କାର୍ଯ୍ୟ ଓଡ଼ିଶା ସରକାର ସମାପ୍ତ କରିସାରିଲେଣି । ତେଣୁ ନବୀନବାବୁ ଗାନ୍ଧିଜୀଙ୍କ ପରିକଳ୍ପିତ ସ୍ୱରାଜର ମୂଳନୀତି ଗଣତନ୍ତ୍ର ଓ ଧର୍ମନିରପେକ୍ଷତାକୁ କାର୍ଯ୍ୟରେ ପରିଣତ କରାଇ ଆନ୍ତର୍ଜାତିକ ସମୁଦାୟର ପ୍ରଶଂସାର ପାତ୍ର ହୋଇପାରିଛନ୍ତି ।

ସାମ୍ପ୍ରଦାୟିକ ସଙ୍ଗଠନମାନଙ୍କ ସହ ସମସ୍ତ ସମ୍ପର୍କ ଛିନ୍ନ କରି ୨୦୦୯ର ସାଧାରଣ ନିର୍ବାଚନରେ ଏକାକୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେବା ତାଙ୍କର ଅସୀମ ନୈତିକ ଓ ଆତ୍ମ ଶକ୍ତିର ପରିଚୟ ଦିଏ । ଓଡ଼ିଶାର ଜନସାଧାରଣ ଅସୀମ ସାହସୀ ଅଥଚ ଗର୍ବ ଓ ଅହଂକାରଠାରୁ ଶତ ଯୋଜନ ଦୂରରେ ଥିବା ଏହି ସାଧାରଣ ମଣିଷଟିକୁ ୨୦୦୯ ନିର୍ବାଚନରେ ଅସାଧାରଣ ସାଫଲ୍ୟ ପ୍ରଦାନ କରି ତାଙ୍କୁ ଭାରତର ସର୍ବାଧିକ ଜନପ୍ରିୟ ରାଜନେତାର ଗୌରବ ପ୍ରଦାନ କରିଛନ୍ତି ।

ସେହିପରି ଦାରିଦ୍ର୍ୟ ଦୂରୀକରଣ, ମହିଳା ସଶକ୍ତି କରଣ, ଯୁବ-ଛାତ୍ର ଶକ୍ତିର ପୂର୍ଣ୍ଣ ବିକାଶ, କୃଷକ- ଶ୍ରମିକଙ୍କର ସାମାଜିକ, ଆର୍ଥିକ ଓ ନୈତିକ ଅଗ୍ରଗତି ପାଇଁ ଶ୍ରୀ ନବୀନ ପଟ୍ଟନାୟକ ଯେଉଁ ଐତିହାସିକ ପଦକ୍ଷେପ ନେଇଛନ୍ତି, ତାହା ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । କେନ୍ଦ୍ର ସରକାର ଖାଦ୍ୟ-ସୁରକ୍ଷାକୁ ଆଇନର ମର୍ଯ୍ୟାଦା ଦେବାର ଚିନ୍ତା କରିବାର ବହୁ ପୂର୍ବରୁ ଓଡ଼ିଶାରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତିମାନଙ୍କୁ ପ୍ରଥମେ ୨ଟଙ୍କାରେ ଓ ପରେ ୧ଟଙ୍କାରେ ଚାଉଳ ଯୋଗାଇ ଓଡ଼ିଶାରେ ଅନାହାର ମୃତ୍ୟୁକୁ ରୋକିବାରେ ସକ୍ଷମ ହୋଇଛନ୍ତି ।

ତେଣୁ ସ୍ୱାଧୀନତା ଅବସରରେ ଆମେ କାମନା କରିବା ଯେ, ଶ୍ରୀ ନବୀନ ପଟ୍ଟନାୟକଙ୍କ ଗାନ୍ଧିବାଦୀ, ଉଦାର, ଧର୍ମନିରପେକ୍ଷ ଓ ସମାନତା ଭିତ୍ତିକ ସମାଜ ଗଠନ ପାଇଁ ଗ୍ରହଣ କରିଥିବା ନୀତିମାନଙ୍କ ଫଳଶ୍ରୁତି ସ୍ୱରୂପ ଓଡ଼ିଶା ଭାରତବର୍ଷର ଅଗ୍ରଣୀ ରାଜ୍ୟମାନଙ୍କଠାରୁ ଆହୁରି ଅଧିକ ଅଗ୍ରଗତି କରି ବିକାଶର ଏକ ନୂତନ ପରିଭାଷା ସୃଷ୍ଟି କରି ଚାଲୁ, ଯାହା ସାମଗ୍ରୀକ ଭାବେ ଓଡ଼ିଆ ଜାତିର ବିଜୟ ଗାଥା ହୋଇ ଇତିହାସର ସ୍ୱର୍ଣ୍ଣିମ ପୃଷ୍ଠା ବିମଣ୍ଡିତ କରିପାରିବ ।

❖ ❖ ❖

## ଓଡ଼ିଶାର ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ଜାରି ରହିଥିବା ଲଢେଇ ପ୍ରସଙ୍ଗରେ

ଓଡ଼ିଶା ନିଜର ପ୍ରାକୃତିକ ସମ୍ପଦ ପାଇଁ ସାରା ସଂସାରର ବ୍ୟବସାୟ, ବାଣିଜ୍ୟ ଜଗତର ଦୃଷ୍ଟି ଆକର୍ଷଣ କରିପାରିଛି । ରାଜ୍ୟରେ ଲୁହା, ବକ୍ସାଇଟ୍, କ୍ରୋମ, କୋଇଲା ଇତ୍ୟାଦି ଖଣିଜ ଦ୍ରବ୍ୟ ପ୍ରଚୁର ପରିମାଣରେ ରହିଛି । ଏହାର ସୁବିନିଯୋଗ ହେଲେ ଓଡ଼ିଶା ଭାରତର ଆଗଧାଡ଼ିର ରାଜ୍ୟରେ ପରିଣତ ହୋଇପାରନ୍ତା । ସେଇଥି ପାଇଁ ପ୍ରବାଦ ପୁରୁଷ ବିଜୁବାବୁ କହିଥିଲେ, 'ଓଡ଼ିଶା ଏକ ବିତ୍ତଶାଳୀ ରାଜ୍ୟ, କିନ୍ତୁ ଓଡ଼ିଆଲୋକେ ଗରିବ ।'

ଓଡ଼ିଶାର ଏହି ପ୍ରାକୃତିକ ବିଭବକୁ ଉଚିତଭାବେ କାର୍ଯ୍ୟ କ୍ଷେତ୍ରରେ ଲଗାଇ ଆମ ରାଜ୍ୟର ଶିଳ୍ପ, ବାଣିଜ୍ୟ, ବ୍ୟବସାୟର ସୀମାକୁ ଦିଗନ୍ତ ବିସ୍ତାରିତ କରିବାର ପରିକଳ୍ପନା ବହୁ ରାଷ୍ଟ୍ରନୀତିଜ୍ଞ କରିଥିଲେ । ସ୍ୱାଧୀନତା ପୂର୍ବରୁ ଓଡ଼ିଆ ଜାତିର ପିତା, ଦେଶ ଗୌରବ ମଧୁସୂଦନ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଏବଂ ସ୍ୱାଧୀନତା ପରେ କଳିଙ୍ଗ କେଶରୀ ବିଜୁ ପଟ୍ଟନାୟକ ଓଡ଼ିଶାର ପ୍ରାକୃତିକ ସମ୍ପଦର ଉପଯୁକ୍ତ ବିନିଯୋଗ କରି ଓଡ଼ିଶାକୁ ଅର୍ଥନୈତିକ ଦିଗରୁ ବିକଶିତ ରାଜ୍ୟରେ ପରିଣତ କରିବାର ସ୍ୱପ୍ନ ଦେଖିଥିଲେ ।

ଦେଶ ଗୌରବ ମଧୁସୂଦନ ସେଥିପାଇଁ ଜୋତା କାରଖାନା, ତାରକସି ଓ ଶିଙ୍ଗ ଶିଳ୍ପର ଅନୁଷ୍ଠାନ ଗଢି ତୋଳିଥିଲେ । ମହାରାଜା କୃଷ୍ଣ ଚନ୍ଦ୍ର ମଧ ଶିଳ୍ପ- ବାଣିଜ୍ୟର ବିକାଶ ପାଇଁ ଉଦ୍ୟମ କରିଥିଲେ ।

ସ୍ୱାଧୀନତା ପରେ ବି ଏହି ପ୍ରୟାସକୁ ସୁଦୂର ପ୍ରସାରୀ କରିବାକୁ ଅନେକ ରାଷ୍ଟ୍ରନୀତିଜ୍ଞ ପ୍ରୟାସ କରିଥିଲେ । ସେମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ । ମାତ୍ର ଭାରତର ସଂଘୀୟ ଶାସନ ବ୍ୟବସ୍ଥାର ଢାଞ୍ଚା ଭିତରେ କାର୍ଯ୍ୟ ନକରି ଦିଲ୍ଲୀର ପ୍ରାୟ ସବୁ ସରକାର ଓଡ଼ିଶାକୁ ସବୁବେଳେ ସାବତ ପୁଅର ବ୍ୟବହାର କରିବାକୁ ଲାଗିଲେ । ଫଳରେ ରେଳ ଲାଇନ୍, ଜାତୀୟ ରାଜପଥ, ବନ୍ଦର, ପର୍ଯ୍ୟଟନ ସ୍ଥଳୀର ବିକାଶ, ଦାରିଦ୍ର୍ୟ ଦୂରୀକରଣ ଯୋଜନା ଇତ୍ୟାଦି ସବୁଥିରେ ଓଡ଼ିଶା ତାର ନ୍ୟାଯ୍ୟ ଅଂଶ ପାଇବାରୁ ବଞ୍ଚିତ ହେଲା ଏବଂ ଏଯାଏଁ କେନ୍ଦ୍ର ସରକାରଙ୍କର ଏହି ଆଭିମୁଖ୍ୟ ଅବ୍ୟାହତ ରହିଛି ।

ନବେ ଦଶକରେ ସ୍ୱର୍ଗତ ବିଜୁବାବୁ ତେଣୁ ଭାରତୀୟ ସମ୍ବିଧାନର ଗଣ୍ଡି ଭିତରେ ଅଙ୍ଗ ରାଜ୍ୟମାନଙ୍କୁ ଅଧିକ ଆର୍ଥିକ ସ୍ୱତନ୍ତ୍ରତାର ଦାବି ଉଠାଇ ଥିଲେ । ସ୍ୱାଧୀନତା ପରେ କୌଣସି ଏକ ଅଙ୍ଗ ରାଜ୍ୟ ତରଫରୁ ପ୍ରଥମ କରି ଏପରି ଦାବି ଉଠିଥିଲା । ଏହି ଦାବିକୁ ପଶ୍ଚିମବଙ୍ଗର ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜ୍ୟୋତି ବସୁଙ୍କ ସମେତ ଅନେକ ରାଜ୍ୟର ମୁଖ୍ୟମନ୍ତ୍ରୀ ସମର୍ଥନ କରିଥିଲେ ।

ହେଲେ କେନ୍ଦ୍ରର ତତ୍କାଳୀନ କଂଗ୍ରେସ ସରକାର ଓ ତା'ପରେ ଗଠିତ ଏନ୍.ଡି.ଏ. ସରକାର ଓଡ଼ିଶାର ଏହି ଦାବିକୁ କର୍ଣ୍ଣପାତ କରିନଥିଲେ । ଅବଶ୍ୟ ନବେ ଦଶକର ମଧ୍ୟଭାଗରେ ଗଠିତ ଦେବଗୌଡ଼ା ଓ ଗୁଜରାଲ୍‌ଙ୍କ ସ୍ୱଳ୍ପକାଳୀନ ପ୍ରଧାନମନ୍ତ୍ରିତ୍ୱ ସମୟରେ ଓଡ଼ିଶାରେ ଏକ ସ୍ୱତନ୍ତ୍ର ରେଳ ଜୋନ୍ ପ୍ରତିଷ୍ଠା ହୋଇପାରିଥିଲା । ମାତ୍ର ସମୟାଭାବରୁ ଏହି ପ୍ରଗତିଶୀଳ କେନ୍ଦ୍ର ସରକାର ଓଡ଼ିଶାକୁ ଅନେକ କିଛି ଦେବାକୁ ଚାହିଁ ମଧ୍ୟ ଦେଇପାରି ନଥିଲେ ।

ଓଡ଼ିଶା ପ୍ରତି ଦଶନ୍ଧି, ଦଶନ୍ଧି ଧରି ଚାଲିଥିବା କେନ୍ଦ୍ରର ଏହି ପାତର ଅନ୍ତର ନୀତି ବିରୁଦ୍ଧରେ ବିଗତ ୧୩ ବର୍ଷ ଧରି ଓଡ଼ିଆ ଜାତିର ମଙ୍ଗ ଧରିଥିବା ଓଡ଼ିଶାର ସର୍ବାଧିକ ଲୋକ ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆହ୍ୱାନ ଦେଇ ଗତ ୧୨ ଜୁନ୍ ଦିନ ଭାରତର ରାଜଧାନୀ ଦିଲ୍ଲୀର ବୁକୁ ଉପରେ ରାମଲୀଳା ମଇଦାନରେ ଯେପରି ହଜାର ହଜାର ଓଡ଼ିଆଙ୍କୁ ନେଇ ପ୍ରତିବାଦର ସ୍ୱର ଉତ୍ତୋଳନ କଲେ, ତାହା ଖାରବେଳ ଓ କପିଳେନ୍ଦ୍ର ଦେବଙ୍କ ଶୌର୍ଯ୍ୟ ତଥା ବୀରତ୍ୱକୁ ସ୍ମରଣ କରାଇ ଦେଇଛି । ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦେବା ପାଇଁ ସେଦିନ ଓଡ଼ିଶାର ଦାବିକୁ ଦିଲ୍ଲୀର ସମସ୍ତ ସଚେତନ ନାଗରିକ ସମର୍ଥନ ଦେଇଥିଲେ । ୪୦ ହଜାରରୁ ଊର୍ଦ୍ଧ୍ୱ ଓଡ଼ିଆ ଆବାଳ ବୃଦ୍ଧ ବନିତା ସିଂହନାଦ କରି କେନ୍ଦ୍ର ସରକାରଙ୍କଠାରୁ ଓଡ଼ିଶାର ପ୍ରାପ୍ୟ ଯେପରି ଭାବେ ଦାବି କରିଛନ୍ତି, ବିଗତ ୫ଶହ ବର୍ଷ ଭିତରେ ଏହା କେବେ ବି ହୋଇନଥିଲା । ଖାଲି ଓଡ଼ିଶା ଭିତରୁ ନୁହଁ, ଓଡ଼ିଶା ବାହାରେ ରହୁଥିବା ହଜାର ହଜାର ସଚେତନ ଓଡ଼ିଆ ଭାଇ, ଭଉଣୀମାନେ ଏହି ପ୍ରତିବାଦ ସଭାରେ ଯୋଗଦେଇ ନବୀନବାବୁଙ୍କ କଣ୍ଠରେ କଣ୍ଠ ମିଳାଇ ଓଡ଼ିଶାର ଅଧିକାର ପାଇଁ ଦାବୀ ଉପସ୍ଥାପନ କରିଥିଲେ ।

ଆଜି ଓଡ଼ିଶା ଓ ଏହାର ସ୍ୱାଭିମାନୀ ନେତା ନବୀନବାବୁ ଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ ଜଣେ ଚର୍ଚ୍ଚିତ ବ୍ୟକ୍ତି । ଯୁକ୍ତରାଷ୍ଟ୍ର ଆମେରିକାର ପ୍ରସିଦ୍ଧ 'ଟାଇମ୍' ପତ୍ରିକା ବିକାଶ ଦିଗରେ ଦ୍ରୁତ ଧାବମାନ ଭାରତର ଚାରୋଟି ରାଜ୍ୟ ଭିତରେ ଓଡ଼ିଶାକୁ ଦ୍ୱିତୀୟ ସ୍ଥାନ ପ୍ରଦାନ କରିଛି । ବିନା କେନ୍ଦ୍ରୀୟ ସହାୟତାରେ ଓଡ଼ିଶାର ଏହି ଉନ୍ନତିର ବର୍ଣ୍ଣନା ଏକ ବିଦେଶୀ ପତ୍ରିକାରେ ପ୍ରକାଶିତ ହେବା କ'ଣ ନବୀନବାବୁଙ୍କ ବିଚକ୍ଷଣ ତଥା ଦୂର ଦୃଷ୍ଟି ସଂପନ୍ନ ନୀତିମାନଙ୍କରୁ ପ୍ରମାଣିତ କରୁ ନାହିଁ ? ଓଡ଼ିଶାର ଜନସାଧାରଣ ଏଥିରେ ଗର୍ବ ଅନୁଭବ କରିବା ଉଚିତ ।

ତେଣୁ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦେବା ପାଇଁ ନବୀନବାବୁଙ୍କ ନେତୃତ୍ୱରେ ଓଡ଼ିଶାର ୪କୋଟିରୁ ଅଧିକ ଜନସାଧାରଣଙ୍କର ଏହି ରଣ ହୁଙ୍କାର ଦିଲ୍ଲୀ ସରକାରଙ୍କୁ ଭୀତତ୍ରସ୍ତ କରି ଦେଇଛି । ୧୨ ଜୁନ୍‌ର ଏହି ଐତିହାସିକ 'ସ୍ୱାଭିମାନ ସମାବେଶ' ଓ ତହିଁରେ ଦିଆଯାଇଥିବା ସିଂହନାଦ ଓଡ଼ିଶାର ଜାତୀୟ ଜୀବନରେ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହୋଇ ରହିଥିବ । ଦିନେ ନା ଦିନେ ଓଡ଼ିଶା ତାର ହକ୍ ପ୍ରାପ୍ୟ କେନ୍ଦ୍ର ସରକାରଙ୍କଠାରୁ ଛଡାଇ ଆଣିପାରିବ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ସେଥିପାଇଁ ଦୀର୍ଘକାଳୀନ ଐକ୍ୟବଦ୍ଧ ସଂଘର୍ଷ ପାଇଁ ଓଡ଼ିଆମାନେ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ । ସ୍ୱାଧୀନତାର ଏହି ପବିତ୍ର ଅବସରରେ ସକଳ ଓଡ଼ିଶାବାସୀ, ଜାତି, ବର୍ଣ୍ଣ, ଧର୍ମ, ରାଜନୈତିକ ମତଭେଦ ଓ ଆଞ୍ଚଳିକତାରୁ ଊର୍ଦ୍ଧ୍ୱକୁ ଉଠି ଐକ୍ୟବଦ୍ଧଭାବେ

ଦଶନ୍ଧି ଦଶନ୍ଧି ଧରି ଓଡ଼ିଶାକୁ କରାଯାଉଥିବା ଉପେକ୍ଷା ବିରୁଦ୍ଧରେ ପ୍ରତିବାଦ କରି ସ୍ୱାଭିମାନର ରଥକୁ ପ୍ରଗତିର ବଡଦାଣ୍ଡରେ ଟାଣି ନେବାକୁ ସମସ୍ତଙ୍କୁ ଆହ୍ୱାନ କରାଯାଉଅଛି । ଆମର ବିଶ୍ୱାସ ଓଡ଼ିଶାବାସୀ ଆମର ପ୍ରିୟ ନେତାଙ୍କ ସହିତ ଏକ ଦାରିଦ୍ର୍ୟ ମୁକ୍ତ, ସୁଖୀ ଓଡ଼ିଶା ଗଠନର ସଂକଳ୍ପ ନେଇ ଆଗାମୀ ଦିନର ସଂଗ୍ରାମରେ ନିଜକୁ ସମ୍ମିଳିତ କରିବେ ।

''ଏହି ସମ୍ମିଳନୀ ଜାତିପ୍ରାଣ ସିନ୍ଧୁ, କୋଟି ପ୍ରାଣବିନ୍ଦୁ ଧରେ
ମିଶାଇ ଦେ ଭାଇ, ତୋର ପ୍ରାଣବିନ୍ଦୁ, ଡେଇଁ ପଡି ସିନ୍ଧୁ ନୀରେ ।''

❖ ❖ ❖

## ପବିତ୍ର ଗୁରୁଦିବସର ଶୁଭେଚ୍ଛା

୫ ସେପ୍ଟେମ୍ବର ସାରା ଦେଶରେ ପବିତ୍ର ଗୁରୁଦିବସ ଅତି ଉତ୍ସାହ ସହକାରେ ପାଳନ କରାଯାଇଥାଏ । ଏହି ଦିନଟି ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ସମସାମୟିକ ବିଶ୍ୱର ଜଣେ ମହାନ୍ ଆଚାର୍ଯ୍ୟ ଭାରତରତ୍ନ ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମ ଦିନ । ଡକ୍ଟର ରାଧାକୃଷ୍ଣନ ବିଂଶ ଶତାବ୍ଦୀର ଭାରତ କାହିଁକି ସାରା ପୃଥିବୀରେ ଜଣେ ବିଶିଷ୍ଟ ଶିକ୍ଷକ ଓ ଶିକ୍ଷାବିତ୍‌ଭାବେ ମର୍ଯ୍ୟାଦା ଲାଭ କରିଥିଲେ । ସେ କେବଳ ଜଣେ ସଦ୍‌ଗୁରୁ ନଥିଲେ, ସେ ମଧ୍ୟ ଥିଲେ ଭାରତୀୟ ଦର୍ଶନର ଅନନ୍ୟ ଭାଷ୍ୟକାର, ପ୍ରବକ୍ତା ।

ତେଣୁ ସେହି ମହାନ୍ ଦାର୍ଶନିକ, ପୃଥିବୀ ବିଖ୍ୟାତ ଆଚାର୍ଯ୍ୟ ତଥା ରାଷ୍ଟ୍ରନିର୍ମାତା ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମ ଦିବସକୁ ଆମ ଦେଶ ଗର୍ବର ସହିତ 'ଗୁରୁଦିବସ' ଭାବେ ପାଳନ କରୁଅଛି । 'ଗୁରୁଦିବସ'ର ଏହି ମହିମାମଣ୍ଡିତ ଅବସରରେ ସମସ୍ତ ଛାତ୍ର/ଛାତ୍ରୀ ଓ ଗୁରୁମାନଙ୍କୁ ଉତ୍କଳ ପ୍ରସଙ୍ଗ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଅଛି ।

ବନ୍ଦେ ଉତ୍କଳ ଜନନୀ ।

[signature]

## ରମଜାନ୍ ଓ ଇଦ୍ ଉତ୍ସବର ଶୁଭେଚ୍ଛା

ମୁସଲମାନ ସମ୍ପ୍ରଦାୟର ପବିତ୍ର ରମଜାନ୍ ମାସରେ ଏକମାସ ଧରି ଚାଲିଥିବା ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ନିର୍ଜଳା ଉପବାସ ବ୍ରତର ଉଦ୍‌ଯାପନ ଦିବସ ଇଦ୍-ଉଲ୍-ଫିତର୍ (ଦାନର ମହୋତ୍ସବ) ବା ଇଦ୍ । ଏହି ଆନନ୍ଦମୟ ଓ ଆହ୍ଲାଦମୟ ମହୋତ୍ସବ ଅବକାଶରେ 'ଉତ୍କଳ ପ୍ରସଙ୍ଗ' ଓଡ଼ିଶାର ମୁସଲମାନ ଭାଇ ଭଉଣୀମାନଙ୍କୁ ଇଦ୍‌ର ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜ୍ଞାପନ କରୁଅଛି ।

ସମ୍ପାଦକ, ଉତ୍କଳ ପ୍ରସଙ୍ଗ

# ଜାତୀୟ ମୁକ୍ତି ଆନ୍ଦୋଳନରେ ସାହିତ୍ୟର ଭୂମିକା

ମାନସ କୁମାର ମଲ୍ଲିକ

ସାହିତ୍ୟ ଯୁଗେ ଯୁଗେ ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ ହୋଇ ଆସିଛି । ବିଭିନ୍ନ ସମୟରେ ବିଭିନ୍ନ ସମାଜରେ ଏବଂ ବିଭିନ୍ନ ଭାଷାରେ ପ୍ରତିଭାଧର କବି ଲେଖକଙ୍କ ରଚନାର ଅନ୍ତଃସ୍ୱର କେଉଁଠିନା କେଉଁଠି ସମସାମୟିକ ସମାଜକୁ ପ୍ରଭାବିତ କରିଛି ଏବଂ ସେହି ପ୍ରଭାବ ଅନେକ କ୍ଷେତ୍ରରେ ଦୀର୍ଘସ୍ଥାୟୀ ହୋଇଛି । ସାହିତ୍ୟ ମାଧ୍ୟମରେ ଗୋଟିଏ ଚିନ୍ତାଧାରାର ସ୍ଫୁଲିଙ୍ଗ ଅଚିରେ ଚାରିଆଡେ ବ୍ୟାପିଯାଏ ଏବଂ ଲୋକମାନେ ସେହି ନୂତନ ଚିନ୍ତାଧାରା ଦ୍ୱାରା ସଚେତନ ହୋଇପାରନ୍ତି । ଖାସ ସେଇଥିପାଇଁ ବୋଧହୁଏ ପୃଥିବୀରେ ଯେଉଁଠି ସାଧାରଣ ଲୋକଙ୍କ ଦ୍ୱାରା କୌଣସି ବିପ୍ଳବ ସଂଗଠିତ ହୋଇଛି ତା' ପଛରେ ରହିଛି ଏକ ସାହିତ୍ୟିକ ବାର୍ତ୍ତାର ଭୂମିକା । ବିଶ୍ୱ ସାହିତ୍ୟରେ 'ଟମ୍ କକାଙ୍କ କୁଟୀର', 'ମା' ଇତ୍ୟାଦି ଅନେକ କାଳଜୟୀ କୃତିକୁ ଏହାର ପ୍ରମାଣ ବୋଲି କୁହାଯାଇପାରେ ।

ଏହି ପରିପ୍ରେକ୍ଷୀରେ ଭାରତର ଜାତୀୟ ମୁକ୍ତି ସଂଗ୍ରାମରେ ସମସାମୟିକ ସାହିତ୍ୟର ଭୂମିକା ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରଭାବଶାଳୀ ଥିଲା । ବ୍ରିଟିଶ ଶାସନ ବିରୋଧୀ ବିପ୍ଳବକୁ ଆଗକୁ ବଢେଇ ନେବା ପାଇଁ ଏବଂ ଲୋକମାନଙ୍କ ମନରେ ବିପ୍ଳବାତ୍ମକ ଭାବନା ସୃଷ୍ଟି କରିବା ପାଇଁ ଯେଉଁସବୁ ସାହିତ୍ୟ ସୃଷ୍ଟି ହୋଇଥିଲା, ସେସବୁ ମୁଖ୍ୟତଃ ଥିଲା ଊନବିଂଶ ଶତାବ୍ଦୀ ଶେଷାର୍ଦ୍ଧର ଏବଂ ବିଂଶ ଶତାବ୍ଦୀ ପ୍ରଥମାର୍ଦ୍ଧର । ନାଟକ, ଗଳ୍ପ ଉପନ୍ୟାସ ଅପେକ୍ଷା କାବ୍ୟ କବିତାର ପ୍ରଭାବ ଥିଲା ବେଶ ବଳିଷ୍ଠ । ନାଟକ, ଗଳ୍ପ, ଉପନ୍ୟାସ ଇତ୍ୟାଦିରେ ଗୋଟିଏ ବିଷୟବସ୍ତୁ ମାଧ୍ୟମରେ ଏବଂ ତତ୍କାଳୀନ ସମାଜ ପରିପ୍ରେକ୍ଷୀରେ ସାମାଜିକ ପରିବର୍ତ୍ତନର ବାର୍ତ୍ତା ରହୁଥିବା ବେଳେ କାବ୍ୟ କବିତାରେ ରହୁଥିଲା ପରାଧୀନତାର ଶୃଙ୍ଖଳକୁ ଭାଙ୍ଗି ସ୍ୱାଧୀନତାର ସ୍ୱାଦକୁ ଚାଖିବାର ଉତ୍ସାହପ୍ରଦ ପ୍ରେରଣା ।

ଭାରତରେ ହିନ୍ଦୀ ଭାଷାଭାଷୀ ଅଞ୍ଚଳ ଅଧିକ ଥିବାରୁ ଅନେକ ସାହିତ୍ୟ ଏହି ଭାଷାରେ ସୃଷ୍ଟି ହୋଇଥିଲା । ବିଶିଷ୍ଟ କବି ଏବଂ ଲେଖକ ତଥା ଆଧୁନିକ ହିନ୍ଦୀ ସାହିତ୍ୟର ଜନକ ଭାରତେନ୍ଦୁ ହରିଶ୍ଚନ୍ଦ୍ରଙ୍କ 'ଭାରତଦୁର୍ଦ୍ଦଶା' ଏ ଦିଗରେ ଏକ ଆଲୋକ ବର୍ତ୍ତୀକା ଭାବରେ କାର୍ଯ୍ୟ କରିଥିଲା । ତାଙ୍କ ପରେ ମୈଥିଳୀ ଚରଣ ଗୁପ୍ତାଙ୍କ 'ଭାରତ ଭାରତୀ' ଏବଂ 'ଜୟ ଭାରତ', ରାଷ୍ଟ୍ରକବି ରାମଧାରୀ ସିଂହ ଦିନକରଙ୍କ 'ମିଟିକେ ରଙ୍ଗ', ବାଲକ୍ରିଷ୍ଣ ଶର୍ମା ନବୀନ, ହରିବଂଶ ରାୟବଚ୍ଚନ, ସୁଭଦ୍ରା କୁମାରୀ ଚୌହାନ ଇତ୍ୟାଦିଙ୍କ ବିପ୍ଳବାତ୍ମକ ସାହିତ୍ୟ କୃତି ବ୍ରିଟିଶ ବିରୋଧୀ ବିପ୍ଳବକୁ ଆଗେଇ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

ଅଜିତ୍ ସିଂହ, ନନ୍ଦଲାଲ ନୁରପୁରୀ ଏବଂ ରାମପ୍ରସାଦ ବିସ୍ମିଲଙ୍କ ଭଳି ଦିଗ୍‌ଗଜ କବି ଲେଖକଙ୍କ ରଚନା ପଞ୍ଜାବରେ ମୁକ୍ତିକାମୀ ବିପ୍ଳବୀମାନଙ୍କୁ ଏପରି ଉତ୍ସାହିତ କରିଥିଲା ଯେ, ସେମାନେ ଦେଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବାକୁ ସୁଦ୍ଧା ପଛାଉ ନଥିଲେ । ଅଜିତ ସିଂହଙ୍କ 'ପଗଡି ସମ୍ଭାଲ ଓ ଜଟା ପଗଡି ସମ୍ଭାଲ ଓଏ, ଲୁଟ୍‌ଲିଆ ମାଲ ତେରା, ହାଲ ବେହାଲ ଓଏ' କବିତା ପଂଜାବର କୃଷକମାନଙ୍କୁ ବ୍ରିଟିଶ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ଖୋରାକ ଯୋଗାଇ ଥିଲା । ଏହି ରଚନାକୁ ଜାତୀୟ ମୁକ୍ତି ସଂଗ୍ରାମ ପାଇଁ ପଞ୍ଜାବୀ ଭାଷାର ପ୍ରଥମ କବିତା ବୋଲି କୁହାଯାଏ । ବ୍ରିଟିଶ ଶାସନ ଅଧୀନରେ ଲୋକମାନେ କିପରି ଦୁର୍ଦ୍ଦଶା ଭୋଗୁଛନ୍ତି ସେ ବିଷୟରେ ସଚେତନ କରିବା ପାଇଁ ନନ୍ଦଲାଲ ନୁରପୁରୀଙ୍କ 'ଅଇଠେଁା, ଉଡ୍‌ଯା ଭୋଲିଆ ପଂଛିଆ' କବିତା ବେଶ୍ ଚହଳ ପକାଇଥିଲା । ସେତେବେଳେ ପଞ୍ଜାବରେ । 'ମେରେ ରଙ୍ଗଦେ ବାସନ୍ତି ଚୋଲା' ପଞ୍ଜାବୀ ଭାଷାର ଏମିତି ଏକ ଲୋକଗୀତ ଯାହାକୁ ବିପ୍ଳବୀମାନେ ସ୍ୱର ଦେଇ ଗାଉଥିଲେ ଏବଂ

ମାତୃଭୂମୀ ପାଇଁ ନିଜକୁ ବଳି ଦେବାକୁ ପ୍ରସ୍ତୁତ କରୁଥିଲେ । ମହାନ ବିପ୍ଲବୀ ଶହୀଦ୍ ଭଗତ ସିଂହ ଫାଶି ଖୁଣ୍ଟରେ ଚଢିବା ବେଳେ ଏହି କବିତା ବା ଗୀତଟିକୁ ଆବୃତ୍ତି କରିଥିଲେ ବୋଲି କୁହାଯାଏ । ସ୍ୱୟଂ ଭଗତସିଂହଙ୍କ ରଚିତ କେତେକ ପ୍ରବନ୍ଧକୁ ଯଦି ସାହିତ୍ୟର ମର୍ଯ୍ୟାଦା ଦିଆଯାଏ ତା'ହେଲେ ସେଗୁଡିକ ମଧ୍ୟ ତାଙ୍କ ସମସାମୟିକ ଏବଂ ପରବର୍ତ୍ତୀ ସମୟର ଯୁବ ପିଢିଙ୍କୁ ବେଶ୍ ଉନ୍ମାଦିତ କରେଇଥିଲା ଦେଶ ପ୍ରେମରେ ଉଦ୍‌ବୁଦ୍ଧ ହେବାପାଇଁ ।

ଅନେକ କଠୋର ନୀତିନିୟମ ଏବଂ ଆଇନକାନୁନ ତିଆରି କରି ବ୍ରିଟିଶ ଶାସକମାନେ ଭାରତୀୟ ଲୋକଙ୍କୁ ଭୟଭୀତ କରାଉଥିଲେ । ସେଥିପାଇଁ ଲୋକମାନେ ସବୁପ୍ରକାର ଅମାନୁଷିକ ଅତ୍ୟାଚାର ସହିଯାଉଥିଲେ ପଛେ ସ୍ୱର ଉତ୍ତୋଳନ କରିବାର ସାହସ କରି ପାରୁ ନଥିଲେ । ମାତ୍ର ବିପ୍ଲବୀମାନେ ବ୍ରିଟିଶ ଶାସନର ଦମନ ନୀତିକୁ ବିରୋଧ କରି ଶହୀଦ କିମ୍ବା କଳାପାଣି ପାର ହେଉଥିଲେ । ଅନେକ ସେମାନଙ୍କ ମଧ୍ୟରୁ କବି ଲେଖକ ମଧ୍ୟ ଥିଲେ । ସେମାନଙ୍କ ସଂଘର୍ଷମୟ ଜୀବନର କାହାଣୀକୁ ଉପଜୀବ୍ୟ କରି ପରବର୍ତ୍ତୀ ସମୟରେ ଅନେକ ସାହିତ୍ୟ ମଧ୍ୟ ସୃଷ୍ଟି ହୋଇଥିଲା, ଯାହା ସମସାମୟିକ ଏବଂ ପରବର୍ତ୍ତୀ ପିଢିର ସଂଗ୍ରାମୀଙ୍କୁ ରାସ୍ତା ଦେଖାଇବାରେ ସାହାଯ୍ୟ କରିଥିଲା ।

ଊନବିଂଶ ଶତାବ୍ଦୀରେ ଲକ୍ଷ୍ନୌର ୱାଜିଦ୍ ଅଲ୍ଲୀ ଶାହା ଦିଲ୍ଲୀର ଶେଷ ମୋଗଲ ସମ୍ରାଟ ବାହାଦୂର ଶାହା ଜାଫର, ବଙ୍ଗଳାର ମାଇକେଲ ମଧୁସୂଦନ ଦତ୍ତ, ଗୁଜୁରାଟର ଦଲପତରାମ ପ୍ରଭୃତି କୃତବିଦ୍ୟ କବିମାନେ ନିଜର ବୈପ୍ଲବିକ ସାହିତ୍ୟ କୃତି ମାଧ୍ୟମରେ ତାଙ୍କ ପରବର୍ତ୍ତୀ ପିଢିର କବି ଲେଖକଙ୍କୁ ଅନୁପ୍ରାଣିତ କରିବା ସହିତ ବିପ୍ଲବର ବହ୍ନିକୁ ପ୍ରଜ୍ୱଳିତ କରି ରଖିବାର ବାର୍ତ୍ତା ଦେଇଥିଲେ । ସେଥିପାଇଁ ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ଏବଂ ବିଂଶ ଶତାବ୍ଦୀର ପ୍ରାରମ୍ଭ ସମୟରେ ଯେଉଁସବୁ ସାହିତ୍ୟ ସୃଷ୍ଟି ହୋଇଥିଲା ସେଥିରେ ଅନେକତ୍ର ବିପ୍ଲବର ସ୍ୱର ରହିଥିଲା । ସେହି ବିପ୍ଲବର ସ୍ୱର ଥିଲା ପୂର୍ବାପେକ୍ଷା ଅଧିକ ଶାଣିତ ଏବଂ ତୀକ୍ଷ୍ଣ ।

ଅନ୍ୟ ପ୍ରାନ୍ତୀୟ ଭାଷା ପରି ବଙ୍ଗଳା ଭାଷାରେ ମଧ୍ୟ ସୃଷ୍ଟି ହୋଇଥିଲା ଅନେକ ବିପ୍ଲବାତ୍ମକ ସାହିତ୍ୟ। ସେହିସବୁ ସାହିତ୍ୟ କୃତିମାନଙ୍କ ମଧ୍ୟରୁ ବଂକିମ ଚନ୍ଦ୍ର ଚାଟାର୍ଜୀଙ୍କ କାଳଜୟୀ ଉପନ୍ୟାସ 'ଆନନ୍ଦମଠ' ଅନ୍ୟତମ । ଏଥିରେ ସନ୍ନିବେସିତ 'ବନ୍ଦେ ମାତରମ୍' ଗୀତଟି ପାଠକଙ୍କ ମନରେ ଦେଶପ୍ରୀତି ଭାବନା ଜାଗ୍ରତ କରେଇ ବ୍ରିଟିଶ ଶାସନ ବିରୋଧରେ ଠିଆ ହେବା ପାଇଁ ପ୍ରେରଣା ଦେଇଥିଲା ଏବଂ ଆଜି ମଧ୍ୟ ଏହା ଦେଶ ବନ୍ଦନାର ଏକ ପବିତ୍ର ମନ୍ତ୍ର ଭାବରେ ବିବେଚିତ ହେଉଛି । ସେହିପରି କବିଗୁରୁ ରବୀନ୍ଦ୍ର ନାଥ ଠାକୁରଙ୍କ ଅନେକ ଗଳ୍ପ ଉପନ୍ୟାସ, ଶ୍ରୀ ଅରବିନ୍ଦଙ୍କ ପ୍ରବନ୍ଧ ଇତ୍ୟାଦି ସେସମୟରେ ଦେଶବାସୀଙ୍କୁ ବିପ୍ଲବୀ ହେବାପାଇଁ ଉଦ୍‌ବୁଦ୍ଧ କରୁଥିଲା । କବିଗୁରୁଙ୍କ ରଚିତ 'ଜନଗଣମନ ଅଧିନାୟକ ଜୟହେ' ଦେଶର ଜାତୀୟ ସଂଗୀତ ହେବାର ମର୍ଯ୍ୟାଦା ପାଇଲା । ବଂଗଳାର ଅନ୍ୟ ଯେଉଁମାନେ ସାହିତ୍ୟ ମାଧ୍ୟମରେ ବ୍ରିଟିଶ ବିରୋଧୀ ବିପ୍ଲବକୁ ଆଗେଇ ନେଇଥିଲେ, ସେମାନଙ୍କ ମଧ୍ୟରେ ବିପ୍ଲବୀ କବି ନଜରୁଲ୍ ଇସ୍‌ଲାମ୍‌ଙ୍କ ସାହିତ୍ୟ କୃତିର ଭୂମିକା ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ ।

ବୀର ସଭରକରଙ୍କ ମରାଠୀ ଭାଷାରେ ଲିଖିତ କବିତା 'ସାଗରା ପ୍ରାଣ ତଳମଳଲା' ଏକ ଦେଶପ୍ରେମୀ ଚରିତ୍ରକୁ ନେଇ ଲେଖା ଯାଇଥିଲା, ଯିଏ ନିଜ ମାତୃଭୂମି ଠୁଁ ଅଲଗା ହୋଇ ପୁଣି ସେଠାକୁ ଫେରିବାକୁ ଚାହୁଁଛି ମାତ୍ର ଫେରି ପାରୁନାହିଁ । ଏହି ବିଷୟ ବସ୍ତୁଟି ସେତେବେଳେ ମରାଠୀ ପାଠକଙ୍କ ନିକଟରେ ଦେଶପ୍ରେମ ଭାବନା ସୃଷ୍ଟି କରିବା ସହିତ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବା ପାଇଁ ଭାବାନ୍ତର ସୃଷ୍ଟି କରିଥିଲା। ସେହିପରି ଦକ୍ଷିଣରେ ବିଶିଷ୍ଟ କବି ଏବଂ ଲେଖକ ତଥା ଶ୍ରୀଅରବିନ୍ଦଙ୍କ ସହଯୋଗୀ ସୁବ୍ରମଣ୍ୟମ୍ ଭାରତୀ ତାଙ୍କ ସାହିତ୍ୟ କୃତି ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମକୁ ଭାରତୀୟମାନଙ୍କ ପାଇଁ ଏକ ପ୍ରକାର ବିଶ୍ୱାସ ଏବଂ ଧର୍ମ ବୋଲି ଭାବି ନେବାକୁ ଆହ୍ୱାନ ଦେଇଥିଲେ । ୧୯୦୮ ମସିହାରେ ତାଙ୍କ ଦ୍ୱାରା ଲିଖିତ 'ସଂଗସ ଅଫ୍ ଫ୍ରିଡମ୍' ବା ମୁକ୍ତିର ଗୀତ ତାମିଲ ଯୁବ ଗୋଷ୍ଠୀଙ୍କୁ ବିପ୍ଲବୀ ସଜାଇଥିଲା ବୋଲି କୁହାଯାଏ । ଇଂରାଜୀରେ ଲେଖୁଥିବା ଅନ୍ୟତମ ବିଶିଷ୍ଟ କବୟିତ୍ରୀ, ଗାନ୍ଧୀବାଦୀ ନେତ୍ରୀ ତଥା ଭାରତର ବୁଲବୁଲ ସରୋଜିନୀ ନାଇଡୁଙ୍କ 'ଦି ଗୋଲ୍‌ଡେନ୍ ଥ୍ରେସ୍ ହୋଲ୍‌ଡ, ଦି ବାର୍ଡ ଅଫ୍ ଟାଇମ୍ ଏବଂ ବ୍ରୋକନ ୱିଙ୍ଗ୍' ଇତ୍ୟାଦି ସାହିତ୍ୟ କୃତିର ଅନ୍ତଃସ୍ୱର ଥିଲା ନିଜ ମାତୃଭୂମିକୁ ଭଲ ପାଇବା ଏବଂ ଦେଶର ଅଖଣ୍ଡତା ପାଇଁ ସ୍ୱାର୍ଥ ତ୍ୟାଗ କରି ଆଗେଇ ଆସିବା ।

ମାଲାୟାଲାମ୍ ଭାଷାର ବିଶିଷ୍ଟ ସାହିତ୍ୟ ସ୍ରଷ୍ଟା ମହାକବି ବାଲାଥୋଲ୍ ନାରାୟଣ ମେନନ୍‌ଙ୍କ ପ୍ରେରଣାତ୍ମକ ଏବଂ ଦେଶାତ୍ମବୋଧକ କାବ୍ୟ କବିତା ସେହି ଭାଷାଭାଷୀର ଲୋକମାନଙ୍କ ପାଇଁ ଥିଲା ଅମୃତବାଣୀ ସଦୃଶ୍ୟ । ତାଙ୍କ ଦ୍ୱାରା ଲିଖିତ 'ମଦରଲ୍ୟାଣ୍ଡ' ଦେଶବାସୀଙ୍କୁ ନିଜର ଅମାପ ଶକ୍ତିକୁ ଜାଣିବା ପାଇଁ ଏବଂ ଶତ୍ରୁକୁ ଜିଣିବା ପାଇଁ ଅପୂର୍ବ ଉତ୍ସାହ ପ୍ରଦାନ କରିଥିଲା।

ଦେଶବାସୀଙ୍କୁ ବ୍ରିଟିଶ ଶାସନ ବିରୋଧରେ ଲଢିବା ପାଇଁ ପ୍ରେରଣା ଦେବାରେ ଉର୍ଦ୍ଦୁ ସାହିତ୍ୟର ଏକ ବିଶେଷ ଭୂମିକା ଥିଲା

ବୋଲି କୁହାଯାଇପାରେ । ବିଶିଷ୍ଟ ଉର୍ଦ୍ଦୁ କବି ମହମ୍ମଦ ଇକ୍‌ବାଲ୍‌ଙ୍କ 'ସାରେ ଜାହାଁସେ ଅଛା ହିନ୍ଦୁସ୍ଥାନ ହମାରା' ସେତେବେଳେ ଭାରତୀୟଙ୍କ ହୃଦୟରେ ଯେପରି ଦେଶପ୍ରେମର ଭାବନା ଜାଗ୍ରତ କରାଉଥିଲା, ଆଜି ମଧ୍ୟ ସେହିପରି କରିପାରୁଛି । ରାମପ୍ରସାଦ ବିସମିଲଙ୍କ 'ସରଫରୋସ କି ତମ୍ମନା ଅବ ହମାରୀ ଦିଲ୍ ମେଁ ହେ' କବିତାଟି ସେହିପରି ଉର୍ଦ୍ଦୁ ସାହିତ୍ୟର ଏକ କାଳଜୟୀ ସୃଷ୍ଟି । ଉର୍ଦ୍ଦ୍ଧ ସାହିତ୍ୟର ଅନ୍ୟତମ କବି ଓ ଲେଖକ କାଶ୍ମୀରର ବ୍ରଜ ନାରାୟଣ ଚକବସ୍ତଙ୍କ ଲିଖିତ 'ସୁବହ–ଇ–ଓ୍ୱତନ', ପରାଧୀନତା ଶୃଙ୍ଖଳକୁ ଭାଙ୍ଗି ନିଜକୁ ମୁକ୍ତ କରି ସ୍ୱାଧୀନତା'ର ସୂର୍ଯ୍ୟୋଦୟ ଦେଖିବାକୁ ପାଠକଙ୍କୁ ବାର୍ତ୍ତା ଦେଇଥିଲା । ଅଲଫତ ହୁସେନ୍ ହାଲି, ଆଗାହାଜି ଏବଂ ମୁନିର ସିକୋହାବାଦୀ ପ୍ରଭୃତି ଉର୍ଦ୍ଦ୍ଧ ସାହିତ୍ୟର ଜଣେ ଜଣେ କୃତବିଦ୍ୟ କବି ଲେଖକ, ଯେଉଁମାନଙ୍କର ସୃଷ୍ଟି ଲୋକମାନଙ୍କୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରାଇ ପାରିଥିଲା । ଏମାନଙ୍କ କାବ୍ୟ କବିତା ଏବଂ ଅନ୍ୟାନ୍ୟ ସାରସ୍ୱତ ସୃଷ୍ଟି ସବୁ ପରବର୍ତ୍ତୀ ପିଢ଼ିର ଉର୍ଦ୍ଦ୍ଧ କବି ଲେଖକମାନଙ୍କୁ ବେଶ୍ ପ୍ରେରଣା ଯୋଗାଇ ଥିଲା ସମାଜର କୁବ୍ୟବସ୍ଥା ଏବଂ ଶାସନତନ୍ତ୍ର ବିରୋଧରେ କଲମ ଚଳେଇବାକୁ । ହସରତ ମୋହାନୀ, ଫୈଜ ଅହମ୍ମଦ ଫୈଜ୍, କୈଫ୍ ଆଜ୍‌ମୀ, ହଂସରାଜ ରହବର ଏବଂ ଅଲ୍ଲିସର୍ଦ୍ଦାର ଜାଫରୀ ଇତ୍ୟାଦି ଥିଲେ ସେମାନଙ୍କ ମଧ୍ୟରୁ ଅନ୍ୟତମ ।

ସେହିପରି ଉତ୍ତର ପୂର୍ବ ଭାରତରେ ସ୍ୱାଧୀନତା ସଂଗ୍ରାମର ଅଗ୍ନିକୁ ତେଜିୟାନ୍ କରିବାରେ ଅନେକ ଅହମିଆ କବି ଲେଖକଙ୍କ ସାହିତ୍ୟ କୃତି ବିଶେଷ ଭୂମିକା ଗ୍ରହଣ କରିଥିଲା । ଲକ୍ଷ୍ମୀନାଥ ବେଜ୍ ବରୁଆ, କମଳାକାନ୍ତ ଭଟ୍ଟାଚାର୍ଯ୍ୟ, ନଳୀନିବାଳା ଦେବୀ, ଅମ୍ବିକା ରାୟ ଚୌଧୁରୀ ପ୍ରଭୃତିଙ୍କ କାବ୍ୟ କବିତା, ଉପନ୍ୟାସ ଇତ୍ୟାଦିରେ ଦେଶପ୍ରେମ, ସାମାଜିକ ସଂସ୍କାର ଥିଲା ମୁଖ୍ୟ ଉପଜୀବ୍ୟ ।

ଭାରତର ଅନ୍ୟ ଭାଷାଭାଷୀର ସାହିତ୍ୟ ପରି ସ୍ୱାଧୀନତା ସଂଗ୍ରାମକୁ ଆଗେଇ ନେବାରେ ଓଡ଼ିଆ ସାହିତ୍ୟ ମଧ୍ୟ କେବେ ପଛରେ ପଡ଼ିନଥିଲା । ୧୮୬୬ର ଭୟଙ୍କର ନଅଙ୍କ ଦୁର୍ଭିକ୍ଷ ଏ ଜାତିର ଅର୍ଥନୈତିକ ମେରୁଦଣ୍ଡକୁ କେତେକାଂଶରେ ଭାଙ୍ଗି ଦେଇଥିଲେ ବି ସ୍ୱାଭିମାନକୁ ସମ୍ପୂର୍ଣ୍ଣ ନଷ୍ଟ କରିପାରି ନଥିଲା । ଗ୍ରୀକ୍ ଲୋକ କଥାରେ ବର୍ଣ୍ଣିତ ଫିନିକ୍‌ସ ପକ୍ଷୀ ପରି ପୋଡି ଯାଇଥିବା ନିଜ ଶରୀରର ପାଉଁଶ ଭିତରୁ ପୁଣି ଜିଇଁ ଉଠିବାର ପ୍ରୟାସ କରିଥିଲା ଓଡ଼ିଶା । ସେଥିପାଇଁ ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ବ୍ରିଟିଶ ବିରୋଧୀ ସ୍ୱର ଓଡ଼ିଆ ସାହିତ୍ୟରେ ଏତେଟା ପ୍ରଖର ନଥିଲେ ବି ପରବର୍ତ୍ତୀ ସମୟରେ ଅର୍ଥାତ୍ ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଏହା ବେଶ୍ ଶାଣିତ ହୋଇଥିଲା । ଦେଶର ସ୍ୱାଭିମାନ ସହ ନିଜ ମାତୃଭାଷା, ମାଟିମଣିଷର ସ୍ୱାଭିମାନ ମିଶି ଯାଇଥିଲା ସେଥିରେ । ଭାରତରେ ଗାନ୍ଧୀ ମହାତ୍ମାଙ୍କ ଆବିର୍ଭାବ ପରେ ଦେଶର ଅନ୍ୟପ୍ରାନ୍ତପରି ଓଡ଼ିଶାରେ ମଧ୍ୟ ବ୍ରିଟିଶ ଶାସନ ବିରୋଧୀ ଜାତୀୟ ଆନ୍ଦୋଳନ ଜୋର୍ ଧରିଲା । ଏଥିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ସମକାଳୀନ ଓଡ଼ିଆ ସାହିତ୍ୟ । ଗାନ୍ଧୀଙ୍କ ଅହିଂସା ନୀତିରେ ଅନୁପ୍ରାଣିତ ସଂଗ୍ରାମୀମାନେ ବ୍ରିଟିଶ ଶାସନର ଲାଠି ଏବଂ ଗୁଳିମାଡ ଖାଇବା ପାଇଁ ଆଗେଇ ଯିବାକୁ ବିପ୍ଳବୀ କବିମାନେ ନିଜ ସାହିତ୍ୟ କୃତି ମାଧ୍ୟମରେ ଯେପରି ପ୍ରେରଣା ଦେଉଥିଲେ, ସେହିପରି ବାମପନ୍ଥୀ ଚିନ୍ତାଧାରାର ବିପ୍ଳବୀମାନଙ୍କୁ ବ୍ରିଟିଶ ଶାସନ ବିରୁଦ୍ଧରେ ଅସ୍ତ୍ର ଧରିବାକୁ ମଧ୍ୟ ଖୋରାକ ଯୋଗାଉ ଥିଲା ସାହିତ୍ୟ । କୁନ୍ତଳା କୁମାରୀ ସାବତ, ଉତ୍କଳମଣି ଗୋପବନ୍ଧୁ ଦାସ, କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ର, ଉତ୍କଳଗୌରବ ମଧୁସୂଦନ ଦାସ, ଭଗବତୀ ଚରଣ ପାଣିଗ୍ରାହୀ, କାଳନ୍ଦୀ ଚରଣ ପାଣିଗ୍ରାହୀ, ଗୋଦାବରୀଶ ମହାପାତ୍ର, ଜାତୀୟ କବି ବୀର କିଶୋର ଦାସ ଏବଂ ବାଞ୍ଛାନିଧି ମହାନ୍ତି, କବି ଅନନ୍ତ ପଟ୍ଟନାୟକ, ଡକ୍ଟର ହରେକୃଷ୍ଣ ମହତାବ ପ୍ରଭୃତି ଅନେକ କୃତବିଦ୍ୟ କବି ଲେଖକ ଲେଖନୀରୁ ନିସୃତ ବିପ୍ଳବର କଥା ଏବଂ କବିତା ସଂଗ୍ରାମୀମାନଙ୍କ ପାଇଁ ମାର୍ଗ ଦର୍ଶକ ସାଜିଥିଲା । ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନର ଡାକରା ଦେଇଥିବା ବେଳେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ସଂଗ୍ରାମୀମାନଙ୍କ ପାଇଁ ଲେଖିଥିଲେ–

'ସେନାପତି ଆଜି ଦେଇଛନ୍ତି ଡାକ
ଉଠ ଭାରତର ବୀରପୁତ୍ର ଯାକ
ଭାରତର ଯେତେ ବୀର ଗୁଣମଣି
ଚାଲିଆସ ସେନାପତି ଡାକଶୁଣି ।'

ସେହିପରି ରାମପ୍ରସାଦ ୧୯୩୦ରେ ଲବଣ ସତ୍ୟାଗ୍ରହକୁ ଆଧାର କରି ଲେଖିଥିଲେ 'ପୂଜାର ବଳି' । କାରାଗାରରେ ବନ୍ଦୀ ଥିବାବେଳେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାରା କବିତା, ବନ୍ଦୀର ଆତ୍ମକଥା ଇତ୍ୟାଦି କାବ୍ୟକୃତି ଓଡ଼ିଆଙ୍କ ମନରେ ଜାତୀୟତା ପ୍ରୀତି ଭରିଦେଇଥିଲା । ଗୋଦାବରୀଶ ମହାପାତ୍ରଙ୍କ 'ଉଠକଙ୍କାଳ', କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ବନ୍ଦେ ଉତ୍କଳ ଜନନୀ' ଶୋଇପଡିଥିବା ଓଡ଼ିଆ ପ୍ରାଣକୁ ଜାଗ୍ରତ କରେଇ ନିଜର ପୂର୍ବ ଐତିହ୍ୟକୁ ସ୍ମରଣ କରିବା ପାଇଁ ଏବଂ ମାଟି ମାଆକୁ ଭଲ ପାଇବା

ପାଇଁ ପ୍ରେରଣା ଦେଇଥିଲା । ବାମପନ୍ଥୀ ତଥା ପ୍ରଗତିବାଦୀ ସାହିତ୍ୟିକ ଭାଗବତୀ ଚରଣ ପାଣିଗ୍ରାହୀଙ୍କ ଗଦ୍ୟ ସାହିତ୍ୟ ସମାଜର ଶ୍ରେଣୀ ସଂଘର୍ଷକୁ ଚିତ୍ରିତ କରିବା ସହିତ ମୁକ୍ତିକାମୀ ବିପ୍ଳବୀମାନଙ୍କୁ ବିପ୍ଳବ ପାଇଁ ଆହ୍ୱାନ ଦେଇଥିଲା । ବ୍ରିଟିଶ ଶାସନର ଶୋଷଣ ଓ ପ୍ରସ୍ତାବିତ ସ୍ୱରାଜକୁ ନେଇ ଜାତୀୟ କବି ବାଞ୍ଛାନିଧି ମହାନ୍ତି ଲେଖିଥିଲେ–

‘କି ହେବ ହେ ଏ ସ୍ୱରାଜ ଘେନି
ଯଦି ମୋର ନପୂରେ ପେଟ
ଖଟି ଖଟି ମଲେଣି ମୂଲିଆ
ଚାଷୀ ଚାଷ ଚଷି କନା ନିଅଣ୍ଟ ।’

ପୁଣି

କାହ୍ନୁଁ ଅଇଲେ ବିଦେଶୁ ବେପାରୀ
ସବୁ ସାଇଲେ ହୋଇଲୁ ଆମେ ଭିକାରୀ’ ଇତ୍ୟାଦି ।

ଏହିପରି ସ୍ୱାଧୀନତା ପୂର୍ବରୁ ଲେଖାଯାଇଥିବା ଅନେକ କାବ୍ୟ, କବିତା, ନାଟକ, ଗଳ୍ପ, ଉପନ୍ୟାସର ପୃଷ୍ଠଭୂମି ଇଂରେଜ ଶାସନ ଅମଳର ଦୟନୀୟ ସାମାଜିକ ଏବଂ ଅର୍ଥନୈତିକ ଚିତ୍ର ହୋଇଥିବାରୁ ତାହା ଅନେକ ସାଧାରଣ ଲୋକଙ୍କୁ ସଂଗ୍ରାମର ବାଟ ଦେଖାଇଥିଲା । ବିପ୍ଳବୀ ପ୍ରାଣରେ ଉଚ୍ଛ୍ୱାସ ଏବଂ ହୃଦୟରେ ଅଗ୍ନି ସ୍ଫୁଲିଙ୍ଗ ଭରି ଦେଉଥିଲା ।

ଜାତୀୟ ମୁକ୍ତି ସଂଗ୍ରାମରେ ଓଡ଼ିଆ ସାହିତ୍ୟର ଭୂମିକା ଆଲୋଚନା କଲେ ଆଉ ଯେତେଜଣ ମହାନ କବି ଲେଖକଙ୍କ ସାହିତ୍ୟକୃତି ସାମ୍ନାକୁ ଆସେ ସେମାନଙ୍କ ମଧ୍ୟରୁ ପଦ୍ମଶ୍ରୀ ସଚ୍ଚିରାଉତରାୟଙ୍କ ‘ବାଜିରାଉତ’ କବିତା ବିଶେଷ ସମ୍ମାନ ଓ ସମୀକ୍ଷାର ଆବଶ୍ୟକତା ରଖେ । ପ୍ରଜା ଆନ୍ଦୋଳନ ବେଳେ ଗୋରା ପୁଲିସର ଗୁଳିମାଡରେ ଆଖି ବୁଜିଥିବା ଦେଶର ସର୍ବକନିଷ୍ଠ ସହିଦ୍ ‘ବାଜି ରାଉତ’ଙ୍କ କରୁଣ କାହାଣୀକୁ କବିତା ଆକାରରେ ଲିପିବଦ୍ଧ କରି ‘ବାଜି ରାଉତ’କୁ ଅମର କରିଦେଇଥିଲେ ଶ୍ରୀଯୁକ୍ତ ରାଉତରାୟ । ଏହି କବିତା ପଢି ଲୋକମାନେ ଘଟଣାପ୍ରତି ଯେତିକି ସମ୍ବେଦନଶୀଳ ହେଲେ ତାଠୁଁ ଅଧିକ ହେଲେ ପ୍ରତିକ୍ରିୟାଶୀଳ । ସେହି ପ୍ରତିକ୍ରିୟାଶୀଳତା ପରେ ପ୍ରତିଫଳିତ ହେଲା ବ୍ରିଟିଶ ବିରୋଧୀ ଆନ୍ଦୋଳନରେ । ସେସମୟରେ ସଚ୍ଚି ରାଉତରାୟଙ୍କ ଅନ୍ୟ କେତେକ କବିତା ମଧ୍ୟ ବ୍ରିଟିଶ ବିରୋଧୀ ବିଷୟବସ୍ତୁ ଥିବାରୁ ନିଷିଦ୍ଧ କରାଯାଇଥିଲା ।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସୁପୁତ୍ର ନିତ୍ୟାନନ୍ଦ ମହାପାତ୍ର ୧୯୩୦ରେ ଲେଖିଥିଲେ । ‘ସ୍ୱରାଜ ପାଲା’ ଯାହାର ବିଷୟବସ୍ତୁ ଥିଲା ଦେଶପାଇଁ ସ୍ୱରାଜ୍ୟ ଲାଭ । ତାଙ୍କ ବିଭିନ୍ନ ଦେଶାତ୍ମବୋଧକ କାବ୍ୟ କବିତା ବ୍ୟତୀତ ବ୍ୟଙ୍ଗ କଥା ଏବଂ ଗଳ୍ପସବୁ ମଧ୍ୟ ଜାତୀୟତାବୋଧ ଏବଂ ବ୍ରିଟିଶ ଶାସନ ବିରୋଧୀ ସଂଗ୍ରାମକୁ ନେଇ ଲେଖାଯାଇଥିଲା । ୧୯୩୪ରେ ସେ ଲେଖିଥିବା ଏକ କ୍ଷୁଦ୍ରଗଳ୍ପ ‘ମାଉସୀ’କୁ ‘ସ୍ୱରାଜ ପାଲା’ ସହ ବ୍ରିଟିଶ ସରକାରଙ୍କ ଦ୍ୱାରା ବ୍ୟାଜାପ୍ତ କରାଯାଇଥିଲା । ପ୍ରଗତି ଯୁଗର ଅନ୍ୟତମ କବି ଅନନ୍ତ ପଟ୍ଟନାୟକଙ୍କ ଦ୍ୱାରା ମଧ୍ୟ କବିତା ସବୁ ମଧ୍ୟ ବେଶ୍ ପ୍ରେରଣା ଯୋଗାଉଥିଲା ସଂଗ୍ରାମୀମାନଙ୍କୁ ।

ଭାରତର ବିଭିନ୍ନ ପ୍ରାନ୍ତରରେ ପ୍ରଚଳିତ ଭାଷା ଏବଂ ଉପଭାଷା ମାଧ୍ୟମରେ ସୃଷ୍ଟି ହୋଇଥିବା ବିପ୍ଳବାତ୍ମକ ସାହିତ୍ୟକୁ ଲିଖିତ ଏବଂ କଥିତ ଏହିପରି ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ଯେଉଁ ସାହିତ୍ୟ ପୋଥିକୃତ ହୋଇଛି ତାହାର ସ୍ରଷ୍ଟାଙ୍କୁ ସମସାମୟିକ ଏବଂ ପରବର୍ତ୍ତୀ ପିଢିର ଦାୟାଦମାନେ ଜାଣିବାରେ ସକ୍ଷମ ହୋଇପାରିଛନ୍ତି । ମାତ୍ର ଏମିତି କବି, ଲେଖକ ଥିଲେ ଯେଉଁମାନଙ୍କ ସାହିତ୍ୟକୃତି ବିଶେଷ କରି ପ୍ରେରଣାତ୍ମକ କବିତାସବୁ ଲୋକ ମୁଖରେ ପ୍ରଚଳିତ ହୋଇ ବିପ୍ଳବର ବାର୍ତ୍ତା ପ୍ରଚାର କରୁଥିଲା । ଯେଉଁମାନେ ନିଜର ବୈପ୍ଳବିକ ସାହିତ୍ୟକୃତି ମାଧ୍ୟମରେ ଦେଶମାତୃକାକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବାରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭୂମିକା ଗ୍ରହଣ କରିଛନ୍ତି, ସେମାନେ ଯୁଗେ ଯୁଗେ ଏ ଜାତିର ନମସ୍ୟ ।

ଗ୍ରା/ପୋ– ସର୍ଦ୍ଧୋଳା
ଭାୟା– କନକପୁର
ଜି– ଜଗତସିଂହପୁର, ଓଡ଼ିଶା

❖ ❖ ❖



# ଗଙ୍ଗାଧାର ଗଙ୍ଗାଧର

ଅଧ୍ୟାପକ ପାର୍ଥସାରଥି ଅଜୟ ବାରିକ୍

ସ୍ୱର୍ଗପୁରରେ ଥରେ ଏକ ସଂଗୀତ ଆସର ଚାଲିଥାଏ । ରମ୍ଭା, ମେନକା, ଉର୍ବଶୀ ପ୍ରଭୃତି ଅପସରାମାନଙ୍କର ନୃତ୍ୟ ଓ ସଂଗୀତରେ ଗଗନ ପବନ ହେଉଥାଏ ପ୍ରକମ୍ପିତ । ବୀଣା ବାଦନ କରୁଥାନ୍ତି ସ୍ୱୟଂ ଦେବର୍ଷୀ ନାରଦ । ତାଙ୍କର ଏ ଅପୂର୍ବ ବୀଣା ବାଦନରେ ସମଗ୍ର ବିଶ୍ୱ ହେଉଥାଏ ଚକିତ । ଦେବରାଜ ଇନ୍ଦ୍ର ତ ସମ୍ଭୀଭୂତ । ଏହା କ'ଣ ସମ୍ଭବ ! ସମସ୍ତେ ନାରଦଙ୍କ ପ୍ରଶଂସାରେ ମୁଖରିତ । ଅଜ୍ଞାତ ସାରରେ ନାରଦଙ୍କ ମନରେ ଆସି ଆସ୍ଥାନ ଜମାଇଲା ଅହଂକାର ଓ ଗର୍ବ । ସେ ଆଜି ନୃତ୍ୟ ଓ ଗୀତରେ ତ୍ରିପୁର ବିଜୟୀ । ଯେ ପ୍ରତି ମୁହୂର୍ତ୍ତରେ ନାରାୟଣଙ୍କ ନାମ ଜପରେ ପାଆନ୍ତି ଅମୃତ ବିଜୟୀ, ଯେ ପ୍ରତି ମୁହୂର୍ତ୍ତରେ ନାରାୟଣଙ୍କ ନାମ ଜପରେ ପାଆନ୍ତି ଅମୃତ ଆନନ୍ଦ, ସେ ଆଜି ଭୁଲି ଯାଇଛନ୍ତି ସବୁ କିଛି ।

ହଠାତ୍ ନାରଦଙ୍କର ଗର୍ବର ହେଲା ଅବସାନ । ଦେହ ହେଲା ଅବଶ ଓ ଅଚଳ । ଖସି ପଡିଲା ହାତରୁ ବୀଣା । ଯିବାକୁ ଉଦ୍ୟତ ହୁଅନ୍ତେ, ପାର୍ଶ୍ୱରେ ଦେଖିଲେ ଭଙ୍ଗା ଗୋଡ ଓ ହାତରେ ପଡି ରହିଛନ୍ତି ରାଗରାଗିଣୀମାନେ । କାରଣ ଖୋଜିବାକୁ ଯାଇ ନାରଦ ଜାଣି ପାରିଲେ, ଏସବୁ ପାଇଁ ଦାୟୀ ସେ ନିଜେ । ହଠାତ୍ କାହିଁକି ସେ ହେଲେ ସଙ୍ଗୀତ ବିଦ୍ୟାରେ ଅନଭିଜ୍ଞ ଓ ଅପାରଗ ? ପ୍ରଶ୍ନ ପରେ ପ୍ରଶ୍ନ ନିଜକୁ । ସେ ଯଦି ହେଲେ ଅନଭିଜ୍ଞ ତେବେ ଅଭିଜ୍ଞ କିଏ ? କାହାଠାରୁ ବା ଉତ୍ତର ପାଆନ୍ତେ ? ଚାଲିଲେ ତାଙ୍କ ଆରାଧ୍ୟ ଦେବତା ନାରାୟଣଙ୍କ ନିକଟକୁ ।

ସ୍ମିତ ହସି ବିଷ୍ଣୁ କହିଲେ, 'ବତ୍ସ ନାରଦ ! ମୁଁ ଏହାର ଉତ୍ତର ଜାଣେ ନାହିଁ । ଚାଲ ଯିବା ମହାଦେବ ଶିବଙ୍କ ନିକଟକୁ ।' ସମସ୍ତେ ଯାଇ ପହଞ୍ଚିଲେ ଶିବଙ୍କ ପାଖରେ । ତାଙ୍କୁ ପ୍ରଶ୍ନ ପଚାରିବା ଆବଶ୍ୟକ ପଡିଲା ନାହିଁ । ଧ୍ୟାନ ମଗ୍ନ ଶିବ ଆଖି ଖୋଲିବା ମାତ୍ରେ ଦେଖିଲେ ପ୍ରଭୁ ବିଷ୍ଣୁଙ୍କୁ । ହଠାତ୍ ହେଲେ ଅବାକ୍ । ହାତର ଡମ୍ବରୁ ବାଜି ଉଠିଲା ଘନ ଘନ । ମହାଦେବ ଶିବ ଆରମ୍ଭ କଲେ ବିଷ୍ଣୁଙ୍କ ବନ୍ଦନା ପାଦ ଦେଶରୁ । ପ୍ରଥମ ବନ୍ଦନାରେ ବିଷ୍ଣୁଙ୍କର ପାଦ ଦି'ଟା ତରଳିଗଲା । ଦ୍ୱିତୀୟରେ କଟିଦେଶ । ତୃତୀୟରେ ଗ୍ରୀବା ଏବଂ ଶେଷରେ ମସ୍ତକ ସହ ସବୁ ତରଳି ଯାଇ ଜଳ ଆକାରରେ ବୋହିବାକୁ ଆରମ୍ଭ କଲେ ସ୍ୱୟଂ ବିଷ୍ଣୁ । ଭୋଳାନାଥ ଶିବ ଆଉ ନିଜକୁ ସ୍ଥିର କରିପାରିଲେ ନାହିଁ । ସଙ୍ଗେ ସଙ୍ଗେ ଉକ୍ତ ଜଳରାଶିକୁ ଟେକି ଆଣି ନିଜ ମସ୍ତକରେ ଧାରଣ କଲେ । ଶିବଙ୍କ ନାମ ହେଲା ଗଙ୍ଗାଧର । ନାରଦ ବୁଝି ପାରିଲେ ନାରାୟଣଙ୍କ ମନୋଭାବ ।

ଶିବ ଅର୍ଥ ମଙ୍ଗଳ । ସ୍ୱଭାବ କବି ଗଙ୍ଗାଧରଙ୍କ ନାମରେ ଶିବ ଶବ୍ଦର ସାର୍ଥକତା ପ୍ରମାଣିତ ହୁଏ । ଏ ସଂସାରର ଅଶିବ ମଧ୍ୟରେ ଶିବ ହିଁ ତାଙ୍କ ସୃଷ୍ଟିର ପରିକଳ୍ପନା । ତାଙ୍କର ପ୍ରତ୍ୟେକଟି କାବ୍ୟରେ ରହିଛି ଆଦର୍ଶ ଭାବ । ଦୁଷ୍ଟକୁ ଶିଷ୍ଟ ଓ ଅଶିବକୁ ଶିବ କରିବାରେ ତାଙ୍କର ଥିଲା ଆପ୍ରାଣ ଉଦ୍ୟମ । ଇନ୍ଦୁମତୀ, କୀଚକବଧ, ପଦ୍ମିନୀ, ତପସ୍ୱିନୀ ଓ ପ୍ରଣୟ ବଲ୍ଲରୀ ଇତ୍ୟାଦି ଏକୁ ଆରେକ ବଳୀୟାର, ଯଦିଓ ତପସ୍ୱିନୀ ଦେଇଛି ତାଙ୍କୁ ଶ୍ରେଷ୍ଠ ଆସନ । ଯେମିତି ମହାଦେବ ଶିବ ଗୋଟିଏ ଅଙ୍ଗକୁ ତରଳାଇ ସମଗ୍ର ଶରୀରକୁ ତରଳାଇ ଦେଲେ, ଠିକ୍ ସେହିପରି ଗଙ୍ଗାଧରଙ୍କ କାବ୍ୟରାଜିର ଗୋଟିଏ ଗୋଟିଏ ପଦ କେବଳ କୋଟି କୋଟି ଜନତାଙ୍କୁ ନୁହେଁ ପାଷାଣକୁ ବି ତରଳାଇ ଦେବ– ଏ କଥା କହିବା ବାହୁଲ୍ୟ ମାତ୍ର । ପ୍ରକୃତରେ ଗଙ୍ଗାଧର ଥିଲେ ଗଙ୍ଗାଧାରାର ବାହକ । କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ଭାଷାରେ–

'ଜନମ କୋଠାରେ ଷଠି ଦୁଉଛେଇ
କାଠି ଧରି ଦେଲେ ଗାର

ତେଣୁ ସିନା ତୁମେ ସ୍ୱଭାବ ସୁନ୍ଦର
କବି ହେଲ ଗଙ୍ଗାଧର ।'

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓ ଚଳିତ ଶତାବ୍ଦୀର ପ୍ରଥମ ପାଦରେ ଯେଉଁ ଦୁଇଜଣ ବିଖ୍ୟାତ କବି ଓଡ଼ିଆ କାବ୍ୟ ସାହିତ୍ୟରେ ଆଧୁନିକ ଯୁଗର ପ୍ରବର୍ତ୍ତନ କରିଥିଲେ, ସେମାନେ ହେଲେ, ରାଧାନାଥ ରାୟ ଓ ସ୍ୱଭାବ କବି ଗଙ୍ଗାଧର ମେହେର ।

ରାଧାନାଥ ରାୟ ବଙ୍ଗଳା ଭାଷାରେ କବିତା ଲେଖା ଆରମ୍ଭ କରିଥିଲେ, ମାତ୍ର ବଙ୍ଗ, ବିହାର ଓ ଓଡ଼ିଶାର ଶିକ୍ଷା ବିଭାଗର ତତ୍କାଳୀନ ଅଧିକାରୀ ଭୂଦେବ ମୁଖାର୍ଜୀଙ୍କ ଉପଦେଶ ଅନୁସାରେ କେବଳ ଓଡ଼ିଆ ଭାଷାରେ କବିତା ରଚନା କରିବାରେ ବ୍ରତୀ ହେଲେ । ରାଧାନାଥ ତାଙ୍କ ଅଧିକାଂଶ କବିତାର ବିଷୟବସ୍ତୁ ଓ ରୀତି ପାଶ୍ଚାତ୍ୟ ସାହିତ୍ୟ, ବଙ୍ଗଳା ସାହିତ୍ୟ ଓ ସଂସ୍କୃତ ସାହିତ୍ୟରୁ ଆହରଣ ଓ ଗ୍ରହଣ କରିଥିଲେ ହେଁ, ସେସବୁକୁ ଉତ୍କଳର ପାଣି, ପବନ, ପରିସ୍ଥିତି ଓ ପ୍ରାକୃତିକ ବିଭବ ସହିତ ଏପରି ଭାବରେ ମିଶାଇ ଦେଇ କାବ୍ୟ ରଚନା କରିଛନ୍ତି ଯେ, ଅନେକ ସମୟରେ ସେଗୁଡ଼ିକ ତାଙ୍କ ନିଜର ପ୍ରତିଭାପ୍ରସୂତ ବୋଲି ମନେହୁଏ । ସାହିତ୍ୟ ଜଗତରେ ଆହରଣ ଓ ଗ୍ରହଣ ଦୋଷାବହ ନୁହେଁ । ସମସ୍ତ କବି ଅଳ୍ପେ ବହୁତେ ଏହିପରି ଆହରଣ ଓ ଗ୍ରହଣ କରିଥାଆନ୍ତି । ମାତ୍ର ଏହି ଆହରଣ ଓ ଗ୍ରହଣ ସହିତ ରାଧାନାଥ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ବିରୋଧୀ ଓ ଅଶାଳୀନ କେତେକ ବିଷୟବସ୍ତୁ ତାଙ୍କ କାବ୍ୟମାନଙ୍କରେ ସଂଯୋଜନ କରିଥିବାରୁ ସେ ଅନେକ ସମୟରେ ସମାଲୋଚିତ ହୋଇଥା'ନ୍ତି । ଏ ସମ୍ପର୍କରେ ପ୍ରଚଣ୍ଡ ପ୍ରତିଭାଧର ପଣ୍ଡିତ ନୀଳକଣ୍ଠ ଦାସଙ୍କ ମନ୍ତବ୍ୟ ଉଲ୍ଲେଖଯୋଗ୍ୟ । ସେ ତାଙ୍କ 'କୋଣାର୍କେ' କାବ୍ୟରେ ଲେଖିଛନ୍ତି:

'କବି ରାଧାନାଥ ଆସିବେ କି ସେ
ଯଯାତି ବେଶେ ।
ରାଣୀ ସନେ ସେ କି ହସିବେ ବିଦ୍ୟା
ସୁନ୍ଦର ହାସେ ।'

ପୁନଶ୍ଚ:

'କବିଙ୍କ କେଦାର ଗଉରୀ ଆସି
ଯବନ ଦେଶୁ ।
ନାଚି ଯିବେ ତବ ସ୍ୱପନେ ତିଳେ
ଅଭ୍ୟାସ ବଶୁ ।'

କିମ୍ବା:

'ଘର ଛାଡ଼ି କିମ୍ବା ଯିବ ସେ
ବୀରବାଳା ନନ୍ଦିକା ।
ସହକାର ଦ୍ରୁମ ଗହଳେ ଭେଦି
କ୍ଷୀଣ ଚନ୍ଦ୍ରିକା ।'

ପରିଶେଷରେ–

'କଉଶଲ୍ୟା ଗଙ୍ଗ ଧଉଳୀ ଏହି
ନୟନେ ନାଚେ ।
କବିଙ୍କି ସୁମରି ବିରାଗେ ମୁଖ
ଫେରାଅ ପଛେ ।'

ଗଙ୍ଗାଧର ମେହେରଙ୍କ କବିତା ଏ ପ୍ରକାର ସମାଲୋଚନାର ବହୁ ଊର୍ଦ୍ଧ୍ୱରେ । କାରଣ ତାଙ୍କ କବିତାରେ ସଂସ୍କୃତି ଓ ପରମ୍ପରାର ବିରୋଧ କିମ୍ବା ଅଶାଳୀନ ବସ୍ତୁର ସଂଯୋଜନା ହୋଇନାହିଁ । ତାଙ୍କର ଅଭିନବ କଳ୍ପନା ଚାତୁରୀ ଓ ରଚନାର ମାଧୁରୀ ତଥା କବିତ୍ୱର ସ୍ୱଚ୍ଛନ୍ଦ ଲୀଳା ବିଳାସ, ଚରିତ୍ର ଚିତ୍ରଣର ଗୌରବ ଓ ପ୍ରକୃତିର ରୂପ ବୈଭବ ପ୍ରଭୃତିର ଅଙ୍କନ–ନୈପୁଣ୍ୟ ଏବଂ ପ୍ରାଚୀନ ସାହିତ୍ୟର ଭାଷା, ଛନ୍ଦ, ଅଳଙ୍କାର ଆଦିର ଭିତ୍ତି ଉପରେ ନୂତନ ଯୁଗର ସରଳତା, ସରସତା ପ୍ରାଞ୍ଜଳତା ଓ ଶୁଦ୍ଧତା ସମନ୍ୱିତ ସୁକୁମାର ରଚନାବଳୀ ସର୍ବାଙ୍ଗ ସୁନ୍ଦର ଓ ସର୍ବଜନାଦୃତ । ଏହିସବୁ ବୈଶିଷ୍ଟ୍ୟ ଦୃଷ୍ଟିରୁ ଆମ୍ଭମାନଙ୍କ ମତରେ ଏହି ଦୁଇ କବିଙ୍କ ମଧ୍ୟରେ ଗଙ୍ଗାଧରଙ୍କ ସ୍ଥାନ ରାଧାନାଥଙ୍କଠାରୁ ବହୁ ଉଚ୍ଚରେ ।

ଗଙ୍ଗାଧରଙ୍କର ପ୍ରତ୍ୟେକଟି ଲେଖା 'ତପସ୍ୱିନୀ' 'ପ୍ରଣୟବଲ୍ଲରୀ' 'କୀଚକବଧ' 'ଇନ୍ଦୁମତି' ବା ଅନ୍ୟକୌଣସି କାବ୍ୟ ତାଙ୍କର ପ୍ରତିଭାର ସମୁଜ୍ଜ୍ୱଳ ସ୍ୱାକ୍ଷର ବହନ କରିଛି । ସେସବୁ ଉତ୍କଳୀୟ ସୁଧୀ ସମାଜରେ ଚିର ଆଦୃତ ହୋଇରହିବ ।

ତାଙ୍କର ପ୍ରତିଭାର ଅନ୍ୟ ଏକ ବୈଶିଷ୍ଟ୍ୟ ତାଙ୍କ ରଚିତ 'ଅର୍ଘ୍ୟଥାଳୀ'ରେ ବିଶେଷ ଭାବରେ ପରିସ୍ଫୁଟ । ଉକ୍ତ 'ଅର୍ଘ୍ୟଥାଳି' ପୁସ୍ତକଟି କେତୋଟି କ୍ଷୁଦ୍ର କବିତାର ସମାବେଶ । ଅଧିକାଂଶ ଲେଖାର ଉଦ୍ଦେଶ୍ୟ ବୈପ୍ଳବିକ, ଗତାନୁଗତିକ ପନ୍ଥାରେ ଅନୁସୃତ । କୁସଂସ୍କାର ଓ ଅଯୁକ୍ତିକ ପଦ୍ଧତି ଓ ରୀତିନୀତି ପରିତ୍ୟାଗ କରି ଯୁକ୍ତିଯୁକ୍ତ ଓ ନୂତନ ପନ୍ଥା ଅବଲମ୍ବନ କରିବା ବାଞ୍ଛନୀୟ । ଏହି ଉପଦେଶ ସେ 'ଅର୍ଘ୍ୟଥାଳୀ'ର ଅନେକ କବିତାରେ ଅତି ସରଳ, ସାବଲୀଳ ଓ ହୃଦୟ ଗ୍ରାହୀ ଭାବ ଓ ଭାଷାରେ ପ୍ରକଟିତ କରିଛନ୍ତି । ପ୍ରକୃତିର ସୁନ୍ଦର ଓ ସହଜ ଉଦାହରଣ ଦେଇ ସେ ଅନେକ ସତ୍ୟ

ପ୍ରତିପାଦନ କରିଅଛନ୍ତି ଏବଂ କୁସଂସ୍କାର ପରିତ୍ୟାଗ କରିବାକୁ ଉଦ୍‌ବୋଧନ ଦେଇଛନ୍ତି । ଏଠାରେ ଅଳ୍ପ କେତୋଟି ଦୃଷ୍ଟାନ୍ତ ଦିଆଯାଇପାରେ ।

'ନର ଓ ମୟୂର' ପଦ୍ୟରେ ସେ ମନୁଷ୍ୟ ହୃଦୟର କୃତ୍ରିମତା ପ୍ରତି ଆକ୍ଷେପ କରିଛନ୍ତି । ସେହି କୃତ୍ରିମତା ଓ ବୃଥା ଗର୍ବ ମନୁଷ୍ୟକୁ ଯେ କେତେ ଅସତ୍ ପଥରେ ନିଏ ଏବଂ ଶେଷରେ ନାନା ଅସଦ୍‌ଗୁଣ ପ୍ରକଟିତ କରାଏ, ତାହା କବିତାର ଶେଷ ଭାଗରେ ବର୍ଣ୍ଣିତ ହୋଇଛି । ନରପତିଙ୍କୁ ଲକ୍ଷ୍ୟକରି ମୟୂରର ଉକ୍ତି–

'ଭେକଟ ବିକଟ ରବେ, ନଥାଏ ମୋ କର୍ଣ୍ଣ
ନାଚୁଥାଏ ଉର୍ଦ୍ଧ୍ୱେ ଶୁଣି, ଜଳଦ ଗର୍ଜନ ।
ନୀଚର କୁବାଣୀ ସହି, ଉଚ୍ଚର ଭର୍ତ୍ସନା
ହିତମଣି କର କି ହେ, ଉଚ୍ଚର ଅର୍ଚ୍ଚନା ।
ଭୟଙ୍କର ବିଷଧର, କରେ ଗର୍ଭସାତ
ନାଶ କି ଜିଜ୍ଞାସା ହେଲେ, ତୁମ୍ଭ ହୃଦେ ଜାତ ।
ଇନ୍ଦ୍ରଧନୁ ଦରଶନେ, ବଢେ ମୋ ଆନନ୍ଦ
ପର ଶିରୀ ହୁଅଇ କି, ତୁମ୍ଭ ପ୍ରୀତି ପଦ ।
ପର୍ବତେ ମୋ ଯେଉଁ ସୁଖ, ସେ ସୁଖ ଭୂମିରେ
ସମସୁଖୀ ଥାଅ କିହେ, ପ୍ରାସାଦେ କୁଟୀରେ ।'

ନିଜର ସ୍ୱାଭାବିକ ଧର୍ମ ଓ ସରଳତା ପରିତ୍ୟାଗ ନକରି ହୃଦୟରେ ଗର୍ବ ଭାବ ନଧରି ଚଳିଲେ ସଂସାରରେ ଅନେକ ଉପକାର କରିପାରିବେ । ମାତ୍ର ଅଯଥା ଗର୍ବ ଓ କୃତ୍ରିମତା ପ୍ରକାଶ କଲେ, ସଂସାରର ଉପକାର କରିବା ଦୂରେଥାଉ, ନିଜର ଆଚରଣ କଳୁଷିତ କରିବା ଏକମାତ୍ର ଫଳ ହେବ । ଏହି ସତ୍ୟ ଏଠାରେ ସୁନ୍ଦର ଭାବରେ ପ୍ରତିପାଦିତ।

'ବର୍ଷାଋତୁ ପ୍ରତି'ରେ କବି ଉଚ୍ଚ ଓ ନୀଚ ହୃଦୟ ମଧ୍ୟରେ ପାର୍ଥକ୍ୟ ଦେଖାଇ କୃପଣଠାରୁ ଖଣ୍ଡର ସ୍ଥାନ ଉଚ୍ଚରେ ବୋଲି କହିଛନ୍ତି–

'ନିଜେ ବିତରି, ନଜାଣେ କୃପଣ
ଖଣ୍ଡେ ନିଅନ୍ତି ବଳେ, ତା'ର ଧନ ।
ଖଣ୍ଡ ହେଲେ ହେଁ ପରକୁ ପ୍ରଦାନ ।
କରିଜାଣେ ଯେ ସେ, ଲୋକ ପ୍ରଧାନ ।'

କବିଙ୍କର ଚମତ୍କାର ଯୁକ୍ତି ଯୋଗୁଁ ପାଠକ ଅଜ୍ଞାତ ଭାବରେ ତାଙ୍କ ସହିତ ଏକମତ ହୋଇଯାଏ । ତାଙ୍କ ମତରେ ଯେଉଁ ଲୋକ ଉଦାର ଦୃଷ୍ଟିରେ ସଂସାରର ମଙ୍ଗଳ ନକରେ ସେ, ଯେଉଁ ଲୋକ ଅନ୍ୟାୟ ଉପାର୍ଜିତ ଧନରେ ଜଗତର ମଙ୍ଗଳ କରେ, ତା' ଅପେକ୍ଷା ନୀଚରେ–

'ନୀଚ ହୃଦୟେ ସଞ୍ଚି, ରଖେ ଧନ
ସାଧୁ ସାଧଇ, ଲୋକ ପ୍ରୟୋଜନ ।'

ସାହିତ୍ୟରେ ଦର୍ଶନ ତତ୍ତ୍ୱର ପ୍ରୟୋଗ ଅନେକ ସମୟରେ ରସଭଙ୍ଗ କରାଏ ଓ ପାଠକ ମନରେ ବିରକ୍ତି ଜନ୍ମାଏ । ମାତ୍ର ତାଙ୍କର ଏହି କବିତାମାନଙ୍କରେ ଦର୍ଶନ ତତ୍ତ୍ୱ ଏପରି ଭାବରେ ସନ୍ନିବେଶିତ ଯେ ସେହି ତତ୍ତ୍ୱହିଁ କବିତାର ମାହାତ୍ମ୍ୟ ଓ ରସାଳତା ବୃଦ୍ଧି କରିଛି । ସଂସ୍କୃତ ତଥା ଭାରତୀୟ ପ୍ରାଦେଶିକ ସାହିତ୍ୟମାନଙ୍କରେ କଳ୍ପନାର ବିଳାସ ଅତିମାତ୍ରାରେ ଦେଖାଯାଏ । ଏହି କାରଣରୁ ପାଶ୍ଚାତ୍ୟ ସାହିତ୍ୟରେ ଯେତେ ବାସ୍ତବବାଦ ଦେଖାଯାଏ ଭାରତୀୟ ସାହିତ୍ୟରେ ତାହା ଦେଖାଯାଏ ନାହିଁ ବୋଲି ଅନେକ ସମାଲୋଚକ ଅନୁଯୋଗ କରିଥାଆନ୍ତି । ପାଶ୍ଚାତ୍ୟ ସାହିତ୍ୟର ଭାବଧାରା ଏ ଦେଶରେ ପ୍ରଚଳିତ ହେଲାପରେ, ସାହିତ୍ୟର କଳ୍ପନା ବିଳାସ ଓ ଅନେକ ସ୍ଥାନରେ ଆଦର୍ଶବାଦ ଛାଡି ବାସ୍ତବବାଦୀ ସାହିତ୍ୟ ସୃଷ୍ଟି କରାଯାଇଛି । ଓଡ଼ିଆ ସାହିତ୍ୟରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ରଚନାବଳୀ ସେହି ଶ୍ରେଣୀର । ମାତ୍ର ଗଙ୍ଗାଧରଙ୍କ ରୀତି ସ୍ୱତନ୍ତ୍ର । ସେ ଆଦର୍ଶବାଦ ଓ କଳ୍ପନା ବିଳାସ ନଛାଡି ମଧ୍ୟ ବାସ୍ତବବାଦର ସମାବେଶ ସ୍ୱକୀୟ ରଚନାରେ କରିଛନ୍ତି । ତଦ୍ୱାରା ସେ ପରମ୍ପରାକୁ ନଛାଡି ମଧ୍ୟ ନୂତନ ଭାବଧାରାକୁ ଗ୍ରହଣ କରିଛନ୍ତି । ତାଙ୍କର ନୈସର୍ଗିକ ପ୍ରତିଭା ହିଁ କଳ୍ପନା ଓ ବାସ୍ତବତାର ସୁନ୍ଦର ସମନ୍ୱୟ କରି ତାଙ୍କର ରଚନାବଳୀକୁ ପ୍ରାଣସ୍ପର୍ଶୀ ଓ ମଧୁର କରିପାରିଛି ।

'ଖଦ୍ୟୋତର ଖେଦ' କବିତାରେ ଅନ୍ୟର ସମ୍ପତ୍ତିରେ ବଡିମା ପ୍ରକାଶ କରିବା କିପରି ଅନ୍ତଃସାରଶୂନ୍ୟ ଓ କ୍ଷଣସ୍ଥାୟୀ ତାହା ଦର୍ଶାଇବା ପାଇଁ କବି କହିଛନ୍ତି–

'କରି ନଜାଣଇ, ପରଧନେ ଅଭିମାନ
କେମନ୍ତେ ପାରିବି ହୋଇ, ଚନ୍ଦ୍ରମା ସମାନ ।''

ତା'ପରେ ତାଙ୍କର ସ୍ୱଭାବ ସୁଲଭ ରୀତିରେ ଦାର୍ଶନିକ ତତ୍ତ୍ୱ ପ୍ରତିପାଦନ କରି କହୁଛନ୍ତି–

'ନକର ମାନବେ କ୍ଷୁଦ୍ର, ଜୀବେ ଉପହାସ ।
ନିଜର ଜୀବନ ଜ୍ୟୋତି, କର ପରକାଶ ।'

'ଅନ୍ଧକାରର ଆତ୍ମ ପ୍ରସାଦ'ରେ କବି କେତେକ ଲୋକ ବ୍ୟବହାରକୁ ବିଚିତ୍ର ବୋଲି ଅଭିହିତ କରିଛନ୍ତି । ସଂସାରରେ ବଳବାନ୍ ଓ

ତେଜସ୍ୱୀର ଦୋଷ କେହି ଧରନ୍ତି ନାହିଁ । ଦୁର୍ବଳ ଉପରେ ସବୁଦିନେ ଅତ୍ୟାଚାର ଚାଲିଥାଏ । ଏହି ମହାସତ୍ୟର ଉଦାହରଣ ଉପସ୍ଥାପନ କରିବା ପାଇଁ ଅନ୍ଧକାର ମୁଖରେ କବି କହିଛନ୍ତି–

'କେହି ମୋତେ ବୋଲିଥାନ୍ତି, ଚୋରର ସହାୟ
ମାନବର କି ଅଦ୍‌ଭୁତ, ବିବେଚନା ହାୟ
ଆଲୋକରେ ଦେଖେ ଚୋର, ଧନିକର ଧନ
ଆଲୋକରେ ତଡି ମୋତେ, କରେ ତା ହରଣ ।
କେହି ଅବା ବୋଲେ ମୋତେ, ଲମ୍ପଟର ବନ୍ଧୁ
ମୋ ଯୋଗେ କୁ ପଥେ ପରା, ଯାଏ କୁଳବଧୂ ।
କୁଳବଧୂ ମୁଖ କିଏ, କରେ ପ୍ରଦର୍ଶନ
କିଏ ବା କରାଏ, ତା'ର ଚିତ୍ତ ଆକର୍ଷଣ ।
ନ ଧରନ୍ତି କେହି କେବେ, ତେଜସ୍ୱୀର ଦୋଷ
ସ୍ୱଭାବେ ଶୀତଳ ମୁହିଁ, ସ୍ୱଭାବେ ମୋ ତୋଷ ।'

ତାଙ୍କର ଏହି ଯୁକ୍ତି ଦୋଷ ଶୂନ୍ୟ, ମାତ୍ର କଷ୍ଟବୋଧ ବା କ୍ଲିଷ୍ଟ କଳ୍ପିତ ନୁହେଁ । ତେଣୁ ପାଠକ ଅନାୟାସରେ ସେ ଯୁକ୍ତି ବୁଝି ରହିପାରେ ଓ ତାଙ୍କର ମତକୁ ସମର୍ଥନ କରେ ।

'ସୂର୍ଯ୍ୟ ପ୍ରତି ଦୀପ' ବଳବାନ ଓ ଦୁର୍ବଳ ପ୍ରତି ଲୋକ ବ୍ୟବହାର କିପରି ଭିନ୍ନ ଭିନ୍ନ ତାହା ଚିହ୍ନାଇ ଦିଏ । ଭୟଙ୍କର ଗୁଣ ତମୋ ନାଶକ ହେଲେ ମଧ୍ୟ ଦୀପର ଲୋକ ବ୍ୟବହାରରେ ପ୍ରଶଂସା କରାଯାଏ ନାହିଁ ।

'ତାରା ସୂର୍ଯ୍ୟ' ପଦ୍ୟରେ ଉପକାରୀ ପ୍ରତି କୃତଜ୍ଞ ରହିବା ଓ ଉପକାରୀର ମହତ୍ତ୍ୱ ସ୍ୱୀକାର କରିବା ସର୍ବଥା ଉଚିତ୍ ବୋଲି କବିଙ୍କର ମତ। ତାଙ୍କ ମତରେ ଉପକାରକ୍ଷମ ବ୍ୟକ୍ତି ଉପକାରୀ ନହେଲେ ତା'ର ବିଶେଷତ୍ୱ ରହେନାହିଁ । କବିଙ୍କ ଭାଷାରେ–

'ତୁମ୍ଭ ରାଜ୍ୟ ଦିଅ ତୁମ୍ଭେ ପ୍ରଚୁର କିରଣ
ତେଣୁ ସେହିଠାରେ ଥିବ ତୁମ୍ଭ ରବିପଣ ।
ଆମ୍ଭ ରାଜ୍ୟେ ଆମ୍ଭ, ରବି କରେ ତମକ୍ଷୟ ।
ଏଣୁ ଆମ୍ଭେ ଚାହୁଁଥାଉ, ତାଙ୍କର ଉଦୟ
ତୁମ୍ଭେ ଯେତେ ବଡହେଲେ, ଆମ୍ଭର କି ଲାଭ ।
ଆମ୍ଭ ତମ ନାଶିବାକୁ, ନାହିଁ ତ ପ୍ରଭାବ ।'

'ଜ୍ୟେଷ୍ଠ ଜାତିର ଅପକର୍ମର ପରିମାଣ'ରେ ଜ୍ୟେଷ୍ଠର ଗୌରବ ଯେ ବଳିଷ୍ଠ ପ୍ରତି ସ୍ନେହ ଓ ଶ୍ରଦ୍ଧାରେ ଓ ବିଶ୍ୱର ହିତ ସାଧନାରେ ପ୍ରତିଷ୍ଠିତ, ଏକଥା କବି ଦର୍ଶାଇ ଦେଇଛନ୍ତି । ଅନ୍ୟ ସ୍ଥଳ ପ୍ରତି ଏ ସ୍ଥଳରେ ମଧ୍ୟ ତାଙ୍କର ମଧୁର ପଦାବଳୀ ଯୋଜନା, ଏହି ଚିନ୍ତାଦ୍ୟୋତକ କବିତାଟିକୁ ସୁନ୍ଦର ଓ ସୁଖପାଠ୍ୟ କରିଅଛି ।

ଆଳସ୍ୟ ପରାୟଣ ହୋଇ ପରକୁ ଦୋଷ ଦେଇ କେବଳ ଅନ୍ୟର ଆଶ୍ରାରେ ବା ସାହାଯ୍ୟରେ ସିଦ୍ଧିଲାଭ କରିବା ଅସମ୍ଭବ । ଏହି ସତ୍ୟକୁ 'ଗଣେଶଙ୍କର ଆତ୍ମକଥା'ରେ ସେ ପ୍ରତିପାଦନ କରିଅଛନ୍ତି । ଅଳସୁଆମାନଙ୍କୁ ଲକ୍ଷ୍ୟ କରି କବି ମଧୁର ଭର୍ତ୍ସନା ଦେବା ସଙ୍ଗେ ସଙ୍ଗେ ଏ ଜୀବନ କର୍ମମୟ ଓ କର୍ମ ନକରି ସଂସାରରେ ବଞ୍ଚି ରହିବା ଅଧିକାର କାହାର ନାହିଁ ବୋଲି କହିଛନ୍ତି । ଏହି କବିତାରେ, ଅନ୍ୟ କବିତାମାନଙ୍କ ପରି ନୈୟାୟିକର ଯୁକ୍ତି ସାହିତ୍ୟିକର ସରସତା ଏକାଧାରରେ ବିଦ୍ୟମାନ । ଉଦାହରଣ ସ୍ୱରୂପ ନିମ୍ନୋକ୍ତ ପଦ ଦୁଇଟି ନିଆଯାଇପାରେ–

'ବିଘ୍ନଙ୍କର ଯେବେ ରାଜା ହେଲି ମୁହିଁ,
ସେତ ହେଲେ ମୋର ପ୍ରଜା
ପ୍ରଜାନାଶ କରି କାହିଁ ଉଡାଇବି ଅପୀରତିର ଧ୍ୱଜା ।
ମୃଗରାଜ ସିନା ମୃଗ ନାଶକରେ ପାଶବ ସ୍ୱଭାବ ଧରି
ଦେବତା ହୋଇ ମୁଁ ସେ କ୍ରୂର, ଅଧମ କର୍ମ କରିବି କିପରି ।

ମନୁଷ୍ୟର ଜୀବନ କର୍ମମୟ । ଏହା ଭାରତୀୟ ଦର୍ଶନର ବୀଣା । ଭଗବାନ ଶ୍ରୀକୃଷ୍ଣ ଶ୍ରୀମଦ୍ ଭାଗବତ୍ ଗୀତାରେ ଉକ୍ତ ତତ୍ତ୍ୱର ସୁନ୍ଦର ବ୍ୟାଖ୍ୟାନ କରିଛନ୍ତି । ଅଳସୁଆ ଲୋକ ସଂସାରରେ ନାନା ଦୁଃଖ ଭୋଗ କରେ । ଏହି ସତ୍ୟର ପ୍ରତିପାଦକ କବି ନିଜର 'ପରିଶ୍ରମ', 'କର୍ମଗୁଣ' ଆଦି କବିତାରେ କରିଛନ୍ତି । ଦାର୍ଶନିକ ଚିନ୍ତା ଏହି କବିତାମାନଙ୍କର ମୂଳବସ୍ତୁ ହେଲେ ମଧ୍ୟ ତହିଁରେ ଏକାଧାରାରେ ସାହିତ୍ୟିକ ସରସତା, ମଧୁର ଭର୍ତ୍ସନା ଉପଦେଶ ବିଦ୍ୟମାନ ।

'ଅର୍ଘ୍ୟଥାଳୀ'ର କବିତାମାନ ସମାଜକୁ ପ୍ରକୃତ ଦିଗ୍‌ଦର୍ଶନ ଦିଏ । ଓଡ଼ିଆ ସାହିତ୍ୟରେ ଏ ପ୍ରକାର ରଚନା ବିରଳ । ବସ୍ତୁତଃ 'ଅର୍ଘ୍ୟଥାଳୀ'ର ପ୍ରତ୍ୟେକ କବିତା ଓଡ଼ିଆ ସାହିତ୍ୟରେ ଗୋଟିଏ ଗୋଟିଏ ରତ୍ନ ଓ ଗଙ୍ଗାଧରଙ୍କ ବୈଶିଷ୍ଟ୍ୟର ନିଦର୍ଶନ ।

ଗଙ୍ଗାଧରଙ୍କର ଆଉ ଗୋଟିଏ ବୈଶିଷ୍ଟ୍ୟ ହେଉଛି ତାଙ୍କର 'କୃଷକ ସଙ୍ଗୀତମାଳା' । ଉତ୍କଳୀୟ କବିମାନଙ୍କ ମଧ୍ୟରେ କେବଳ ଗଙ୍ଗାଧର ହିଁ ଏହି ଅନନ୍ୟ ସାଧାରଣ ମୂଲ୍ୟବୋଧର ଅଧିକାରୀ । ଉକ୍ତ କବିତାମାଳା ମଧ୍ୟରେ 'ଅନ୍ନର ମହିମା', 'କୃଷିର ଗୌରବ' ଓ 'କୃଷକର ଆତ୍ମକଥା' ଅତ୍ୟନ୍ତ ଚିନ୍ତାଦ୍ୟୋତକ ରଚନା । ଏହି କବିମାନଙ୍କର ପ୍ରତ୍ୟେକ ପଦ ଭାବଗର୍ଭକ ଓ ଦାର୍ଶନିକ ତତ୍ତ୍ୱରେ

ଭରପୂର । ପ୍ରତ୍ୟେକରୁ ଗୋଟିଏ ଗୋଟିଏ ଉଦାହରଣ ଦିଆଯାଇପାରେ । ଭାଗବତକାର କହନ୍ତି–

'ଅନ୍ନ ବିହୁନେ ହଂସ ହାନି ଯୋଗ ସାଧିବ କାହା ଘେନି'

ମେହେରଙ୍କ ଭାଷାରେ–

'ଅନ୍ନ ଘେନି ଜ୍ଞାନ ଯେ, ଅନ୍ନ ଘେନି ଧ୍ୟାନ
ଅନ୍ନ ଘେନି ମହତ୍ୱ, ଅନ୍ନ ଘେନି ମାନ ।
ବିଦ୍ୟା ବୁଦ୍ଧି ଅନ୍ନରେ, ଅନ୍ନରେ ବିଜ୍ଞାନ
ଅନ୍ନ ନାହିଁ ଯହିଁରେ, ମହୀରେ ସେ ଏକା ମରୁସ୍ଥାନ।'

ଅନୁରୂପ ଭାବରେ ଧନର ମହତ୍ତ୍ୱ ଉପରେ 'କୀଚକ ବଧ' କାବ୍ୟରେ ଗଙ୍ଗାଧର ମେହେର ଲେଖିଛନ୍ତି–

'ଧନ ଦେଖି ଜନ ମନ ଭୁଲିଯାଏ
ଜଗତେ ଅଛି ଏ ଖ୍ୟାତି
ଧନ ପାଇଁ ଲୋକେ ଜୀବନ ଦିଅନ୍ତି
ଘୋର ଆହବରେ ମାତି ।
ଧନ କରେ ଦାନୀ, ଧନ କରେ ମାନୀ
ଜ୍ଞାନୀ କରିପାରେ ଧନ,
ଧନ ବଳେ ଠାଣି, ଧନ ବଳେ ଆଣି
ଧନର ସେବକ ଜନ ।'

'କୃଷିର ଗୌରବ' ସଙ୍ଗୀତରେ ଗଙ୍ଗାଧର କହନ୍ତି–

'କୃଷି ତୋର ବେଦରେ, କୃଷି ତୋ ପୁରାଣ
କୃଷି ବିନା ରହି ନପାରଇ ପରାଣ ।
କୃଷି ଘେନି ନୃପତି, କୃଷି ଘେନି ସଭ୍ୟ
କୃଷି ବଳେ ଆୟ ଶ୍ରୀ ସମ୍ପଦ ସକଳ ହୁଏ ଲଭ୍ୟ ।'

'କୃଷକର ଆତ୍ମକଥା'ରେ କବି କହନ୍ତି–

'ଭୂମି ଚଷିବାରେ ମୋ ନାହିଁ ଅବହେଳା ।
ନ ଜାଣଇ ନକ୍ଷତ୍ର ତିଥି ବାର ବେଳା ।
ଯେବେ ଯେବେ ବର୍ଷଣ ତେବେ ମୋ କର୍ଷଣ ।
ତେବେ ଏକା କରୁଛି ମୁହିଁ ଭୂମିରୁ ସୁଫଳ ଆକର୍ଷଣ ।'

ପ୍ରୋକ୍ତ କବିତା ବ୍ୟତୀତ ବିଭିନ୍ନ ସମୟରେ ବିଭିନ୍ନ ଶସ୍ୟର ଚାଷ ପ୍ରଣାଳୀ ସମ୍ବନ୍ଧରେ କବି ସଙ୍ଗୀତ ରଚନା କରିଅଛନ୍ତି । ତାହା ଯେପରି ଚାଷ ପ୍ରଣାଳୀ ବିଷୟରେ ସମ୍ୟକ୍ ଜ୍ଞାନ ଆଧାର, ସେହିପରି ସାହିତ୍ୟିକ ମୂଲ୍ୟବୋଧରେ ବୁଦ୍ଧିମନ୍ତ । ଗୋଟିଏ ଉଦାହରଣ ଦିଆଯାଇପାରେ । ଲଙ୍କାମରିଚ ଚାଷ ବିଷୟରେ ଲେଖିଲାବେଳେ କବି କହିଛନ୍ତି–

'ପାଚି ଫଳ ସୁରଙ୍ଗ ହୁଏ ଅତି କଟୁ ।
କଟୁ ହୋଇ ରସନା, ରଞ୍ଜକରେ ପଟୁ ।
ଶାଳୀ ଗାଳି ପରାଏ, ଆଦର ତାହାର ।
ଘରେ ଘରେ ବ୍ୟଞ୍ଜନେ ଅଞ୍ଜନେ, ସର୍ବଦା ବ୍ୟବହାର ।'

ତାଙ୍କ କୃଷି ସଙ୍ଗୀତମାନଙ୍କରେ କୃଷି ବିଷୟରେ ଅନେକ ଅଜ୍ଞାତ ବା ଅଳ୍ପଜ୍ଞାତ ତଥ୍ୟର ସନ୍ଧାନ ମିଳିଥାଏ । ମରୁଡି ସହ୍ୟ ପାରିବା ଭଳି ଧାନ ବିହନ ଉତ୍ପାଦନ କରିବାର ପ୍ରଣାଳୀ ହେଲା, କବିଙ୍କ ଭାଷାରେ–

'ଧାନ ଯାଇ ସାରିଲେ, ରହେ ଯେଉଁ ମୂଳ
ଉଚ୍ଚଥିବ ଦଶକି, ଦ୍ୱାଦଶ ଆଙ୍ଗୁଳ ।
ଯତନରେ ରଖିଲେ, ସେହି ମୂଳ ମାନ
ପୁଣି ଫୁଟି ପତର, ପକାଇ ଆହୁରି ଧାନ ।'

ଆମ୍ଭମାନଙ୍କ ମତରେ ତାଙ୍କର କୃଷି ସଙ୍ଗୀତମାନଙ୍କରେ ପ୍ରଦତ୍ତ ତଥ୍ୟାବଳୀ ପର୍ଯ୍ୟାଲୋଚନା କରିବା ଓ ସେହି ତଥ୍ୟମାନଙ୍କର ସମୀଚୀନତା ହୃଦୟଙ୍ଗମ କରି ଜନସାଧାରଣଙ୍କୁ ଅବଗାହୀତ କରିବା ଏକାନ୍ତ ଅପରିହାର୍ଯ୍ୟ ।

ସ୍ୱଭାବ କବି ଗଙ୍ଗାଧର ତା ୯.୮.୧୮୬୨ ମସିହା ଶ୍ରାବଣ ପୂର୍ଣ୍ଣିମା ଶନିବାର ଦିନ ଜନ୍ମଗ୍ରହଣ କରିଥିଲେ । ତାଙ୍କର ମହାପ୍ରୟାଣ ତା ୪.୪.୧୯୨୪ ମସିହା ଚୈତ୍ର ଅମାବାସ୍ୟା ଶୁକ୍ରବାର ଦିନ ହୋଇଥିଲା । ଏହି ଦୁଇଟି ତିଥି ପୂର୍ଣ୍ଣିମା ଓ ଅମାବାସ୍ୟା ବଡ ମହତ୍ତ୍ୱପୂର୍ଣ୍ଣ । ଯେପରି ପୂର୍ଣ୍ଣିମାର ପୂର୍ଣ୍ଣଚନ୍ଦ୍ର ସମସ୍ତଙ୍କୁ ଆହ୍ଲାଦ ଦିଏ, ସେହିପରି ପୂର୍ଣ୍ଣିମାରେ ଜନ୍ମହୋଇ ଗଙ୍ଗାଧର ତାଙ୍କ ନିଜ ରଚନାବଳୀରେ ସମସ୍ତଙ୍କୁ ଆହ୍ଲାଦ ଦେଇ ଅମାବାସ୍ୟାର ଅନ୍ଧକାର ପରି ସମଗ୍ର ଓଡ଼ିଶାକୁ ଓ ଓଡ଼ିଆ ସାହିତ୍ୟକୁ ବିଷାଦ ଅନ୍ଧକାରରେ ନିମଗ୍ନ କରି ଚାଲିଗଲେ । ଦୁଃଖର ବିଷୟ ଯେ, ତାଙ୍କ ରଚନାବଳୀରେ ପ୍ରକଟିତ ତାଙ୍କ ବହୁମୁଖୀ ପ୍ରତିଭାର ସମ୍ୟକ୍ ଆଲୋଚନା ଓ ଗବେଷଣା ଏ ପର୍ଯ୍ୟନ୍ତ ହୋଇନାହିଁ ।

ଶ୍ରାବଣ ପୂର୍ଣ୍ଣମୀ ଓଡ଼ିଆ ବାଣୀ ଭଣ୍ଡାରର ମହାନ୍ ରତ୍ନ ସ୍ୱଭାବ କବି ଗଙ୍ଗାଧରଙ୍କ ଜୟନ୍ତୀ ଦିବସରେ ଜୟଗାନ ।

ସମ୍ପାଦକ, 'ଚିରସନ୍ଧାନ'
ଏମ୍.ଆଇ.ଜି–୭୮, ଅନନ୍ତ ବିହାର,
ପୋଖରୀପୁଟ, ଭୁବନେଶ୍ୱର–୨୦

# ଭାରତର ସ୍ୱାଧୀନତା

**ଲକ୍ଷ୍ମୀଚରଣ ସାମନ୍ତରାୟ**

ସ୍ୱାଧୀନତାର ୬୬ ବର୍ଷ ପୂର୍ଣ୍ଣ ହେଉଛି । ଏହା କ'ଣ ଆମ ପାଇଁ କମ୍ ଗୌରବର ବିଷୟ । ସ୍ୱାଧୀନ ମଣିଷର ହିଁ ଥାଏ ସ୍ୱାଭିମାନ । କାରଣ ସେ ସାର୍ବଭୌମ ଶକ୍ତିର ଅଂଶ ବିଶେଷ । ୬୬ ବର୍ଷର ଅତୀତକୁ ପର୍ଯ୍ୟାଲୋଚନା କଲେ ଦେଖାଯାଏ ଯେ, ଆମେ କେବଳ ବ୍ରିଟିଶ କବଳରୁ ମୁକ୍ତ ହୋଇଛୁ । ପଞ୍ଚବାର୍ଷିକ ଯୋଜନାମାନ କାର୍ଯ୍ୟକାରୀ ହେବା ସତ୍ତ୍ୱେ ଆମର ଅର୍ଥନୈତିକ ଓ ସାମାଜିକ ଉନ୍ନତି ଆଶାନୁରୂପ ହୋଇପାରିନାହିଁ । ଆମ ଦେଶର ବିକାଶ ପଦ୍ଧତି ସାଧାରଣ ଲୋକଙ୍କର ସମସ୍ୟାକୁ ଆଖି ଆଗରେ ରଖି ସ୍ଥିରୀକୃତ ହେଉନାହିଁ । ଅନେକ ଶିଳ୍ପ କାରଖାନାମାନ ସ୍ଥାପିତ ହୋଇଛି । କିନ୍ତୁ ତାହା ଦ୍ୱାରା ସାଧାରଣ ଲୋକ ଲାଭବାନ ହୋଇପାରି ନାହାନ୍ତି । ଆମେ ବହୁ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇ ପାରିନାହୁଁ । ଭାରତ ଏକ କୃଷିପ୍ରଧାନ ଦେଶ । ତଥାପି କୃଷକ, ଶ୍ରମିକମାନଙ୍କୁ ସୁବିଧା ଦେବା ପାଇଁ ରାଷ୍ଟ୍ର ସମର୍ଥ ହୋଇନାହିଁ । ସମାଜ ଓ ଶାସନ ସଂସ୍କାର କରିବା ପାଇଁ ଆମକୁ ସ୍ୱାଧୀନତା ଯେଉଁ ସୁଯୋଗ ଆଣି ଦେଇଥିଲା, ତାହାର ଆଶୁ ଲାଭ ନିମିତ୍ତ ଗଣତାନ୍ତ୍ରିକ ସ୍ୱାଧୀନତାର ସଠିକ ପ୍ରୟୋଗ ହୋଇପାରୁନାହିଁ । ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରରେ ଜନସାଧାରଣ ହିଁ ଆଧାର ।

ପରାଧୀନତାରୁ ମୁକ୍ତି ପାଇବା ସହଜ, କିନ୍ତୁ ସ୍ୱାଧୀନତାକୁ ବଜାୟ ରଖିବା କଷ୍ଟକର । ପରାଧୀନତାରୁ ମୁକ୍ତି ମିଳିବା ନିମନ୍ତେ କେବଳ ଗୋଟିଏ ଲକ୍ଷ୍ୟ ଥାଏ 'ମୁକ୍ତି' । କିନ୍ତୁ ସ୍ୱାଧୀନତା ହାସଲ ପରେ ଆଭିମୁଖ୍ୟ ବଦଳିଯାଏ । ସ୍ୱାଧୀନତା ହାସଲ ପରେ ଜନସାଧାରଣଙ୍କୁ ଯେଉଁ ଦୁଇଟି ଜିନିଷ ମିଳେ, ତାହା ହେଲା ଅଧିକାର ଓ କର୍ତ୍ତବ୍ୟ । ପରିବାର ଓ ସମାଜ ପ୍ରତି ବ୍ୟକ୍ତିର ଯେପରି କର୍ତ୍ତବ୍ୟ ଅଛି, ରାଷ୍ଟ୍ର ପ୍ରତି ମଧ୍ୟ ତା'ର କର୍ତ୍ତବ୍ୟ ରହିଛି । ରାଷ୍ଟ୍ର ଅଛି ବୋଲି ସ୍ୱାଧୀନ ହେବାର ଗୌରବ ଅଛି । ରାଷ୍ଟ୍ର ନଥିବା ଜନସାଧାରଣ ଗୋଟିଏ ଗୋଷ୍ଠୀ ମାତ୍ର । ସେଇ ଗୋଷ୍ଠୀର କିଛି ସାମ୍ବିଧାନିକ ରୂପ ନଥାଏ । ସୁଖର କଥା ଏହି ଯେ, ସ୍ୱାଧୀନତା ହେବା ପରେ ଜନତାଙ୍କୁ ମିଳିଲା ସାର୍ବଭୌମ ହେବାର ଗୌରବ ।

ସ୍ୱାଧୀନତା ସହିତ ସାର୍ବଭୌମତ୍ୱ ଜଡିତ ହୋଇ ରହିଥାଏ । ଦେଶର ଜନସାଧାରଣ ହିଁ ସାର୍ବଭୌମ ଶକ୍ତି । ସ୍ୱାଧୀନତାରୁ ନାଗରିକମାନଙ୍କୁ ମିଳେ ଅଧିକାର ଓ ତା' ସହିତ ନିଜର କର୍ତ୍ତବ୍ୟ ସୂଚାରୁ ରୂପେ ପାଳନ କରିବା ଦ୍ୱାରା ହିଁ ଅଧିକାର ସାବ୍ୟସ୍ତ କରିବାର ଅବସ୍ଥା ସୃଷ୍ଟି ହୋଇଥାଏ । ପରିତାପର ବିଷୟ ଏହି କି ଯେ, ଲୋକମାନଙ୍କ ଭାବନାକୁ ଅଧିକାରବୋଧ କବଳିତ କରିଥିବା ବେଳେ କର୍ତ୍ତବ୍ୟବୋଧ ଭାବନାକୁ ସଂଚାଳିତ କରୁନାହିଁ । ସ୍ୱାଧୀନ ଭାରତରେ ଅଧିକାର ସାବ୍ୟସ୍ତ କରିବାର ମାନସିକ ପ୍ରକ୍ରିୟା ଏତେ ତୀବ୍ର ଯେ, ସେଠାରେ ସମାନ୍ତରାଳ ଭାବେ ନିଜ କର୍ତ୍ତବ୍ୟ ପାଳନ କରିବାର ଅନୁରାଗ ନାହିଁ । ସ୍ୱାଧୀନତା ନାମରେ କେବଳ ଅଧିକାର ଜାହିର କରାଯାଉଛି । ଭାରତର ସମ୍ବିଧାନ ପ୍ରଦତ୍ତ ଅଧିକାର ସମସ୍ତେ ଠିକ୍ ଭାବରେ ଉପଭୋଗ କରିପାରୁ ନାହାନ୍ତି । ଦେଶରେ ଶାନ୍ତି, ଶୃଙ୍ଖଳା ନରହିଲେ ସ୍ୱାଧୀନତା ରକ୍ଷା କରାଯାଇ ପାରିବ ନାହିଁ । ଅର୍ଥନୈତିକ ଓ ସାମାଜିକ ସାମ୍ୟ ଯେପର୍ଯ୍ୟନ୍ତ ପ୍ରତିଷ୍ଠିତ ନହୋଇଛି, ସେ ପର୍ଯ୍ୟନ୍ତ ଅଶାନ୍ତି, ଅସନ୍ତୋଷ ମୁଣ୍ଡ ଟେକିବ ହିଁ ଟେକିବ । ଆମ ଦେଶର ମୋଟ ଜନସଂଖ୍ୟାର ସଂଖ୍ୟାଧିକ ଅବହେଳିତ ଓ ଗରିବ ଶ୍ରେଣୀର ଲୋକ । ସ୍ୱାଧୀନତା ହାସଲ କରି ମଧ୍ୟ ସେମାନେ ଠିକ୍ ଭାବରେ ଜୀବନଯାପନ କରିପାରୁନାହାନ୍ତି । ଏହି କାରଣରୁ ଆଜି ସ୍ୱାଧୀନତାର ଆଦର୍ଶ କ୍ଷତବିକ୍ଷତ ହେଉଛି । କିଛି ଲୋକ ଅଭାବ ଅନଟନରେ ସଢିଲେ, ସେମାନଙ୍କ ଆଖି ଆଗରେ କିଛି ଲୋକ ଭୋଗ ବିଳାସରେ ମାତିଲେ । ଫଳରେ ଆଜି ନୈତିକବଳ କ୍ରମଶଃ କମି କମି ଆସୁଛି ଏବଂ ସ୍ୱାଧୀନୋତ୍ତର ଭାରତୀୟ ସମାଜ

ନିଜର ପ୍ରତ୍ୟାଶିତ ଗତିଶୀଳତା ହରାଇଛି । ସମାଜବାଦ, ସାର୍ବଭୌମ, ସୁଖୀ ସମାଜ ସ୍ଥାପନ ପରିବର୍ତ୍ତେ ସଂଖ୍ୟାଗରିଷ୍ଠ ଶୋଷଣର ଶିକାର ହେଉଛି ।

ଆଜି ମନେହୁଏ ବହୁ କଷ୍ଟଲବ୍ଧ ସ୍ୱାଧୀନତା ଆମଠାରୁ ଦୂରେଇ ଯାଇଛି । ବାସ୍ତବ ସ୍ୱାଧୀନତା ପାଇଁ ଆମ ସମୀକ୍ଷାର ସମୟ ଆସିଛି । ସ୍ୱାଧୀନତାକୁ ରକ୍ଷା କରିବା ପାଇଁ ଆମକୁ ମୂଲ୍ୟ ଦେବାକୁ ହେବ । ବିନା ମୂଲ୍ୟରେ କୌଣସି ଜାତି ନିଜର ସ୍ୱାଧୀନତା ଓ ସାର୍ବଭୌମତ୍ୱ ରକ୍ଷା କରିପାରିବ ନାହିଁ । ସ୍ୱାଧୀନତା ଜାତୀୟ ଶକ୍ତି ସାମର୍ଥ୍ୟର ପରିମାପକ, ସ୍ୱାଧୀନତା ଲାଭ ପାଇଁ ଯେତିକି ନିର୍ଭୀକତା, ତ୍ୟାଗ ଓ ଦେଶପ୍ରେମ ଲୋଡ଼ା, ତା'ର ଲକ୍ଷ୍ୟ ପୂର୍ତ୍ତି କରି ସମୃଦ୍ଧ ଦେଶ ଭାବରେ ଗୌରବ ପ୍ରତିପାଦନ ପାଇଁ ତତୋଧିକ ତ୍ୟାଗପୂତ ମାନସିକତା ଲୋଡ଼ା । ସ୍ୱାଧୀନତାର ମହତ୍ତ୍ୱ ଏହି ଯେ, ସାର୍ବଭୌମ ରହିବା ପାଇଁ ଅଧିକାର ଓ କର୍ତ୍ତବ୍ୟ ମଧ୍ୟରେ ଯେପରି ନିଶ୍ଚୟ କରାଯିବ ଏବଂ ସାମାଜିକ ଅସମାନତା ଦୂର କରିବା ପାଇଁ ପ୍ରଚେଷ୍ଟା ଅବ୍ୟାହିତ ରହିବ । ଅସମାନତା ଦୂର କରିବା ସକାଶେ ସ୍ୱାଧୀନତା ଯେଉଁ ସୁଯୋଗ ଦେଇଛି, ତା'ର ଉପଭୋଗ କରିବା ପାଇଁ ଗୁରୁ ଦାୟିତ୍ୱ ବହନ କରିବା, ଲକ୍ଷ୍ୟ ସିଦ୍ଧି ଦିଗରେ ଆଗେଇ ଚାଲିବା ନିମିତ୍ତ ନିଜ ଅନ୍ତଃକରଣକୁ ସମର୍ଥ କରିବା ଏଥିନିମିତ୍ତ ଆପଣାକୁ ଆଚରଣ ଶୁଦ୍ଧ କରିବା ଆଦି ଜରୁରୀ । ସାମ୍ୟ, ମୈତ୍ରୀ, ସଂହତି, ପ୍ରଗତି ଖାଲି କଥାରେ ନୁହେଁ, କାର୍ଯ୍ୟରେ ପ୍ରତିଭାତ ହେଉ। ବିଭେଦ ନୁହେଁ ଏକତା ତଥା ଆତ୍ମବିଶ୍ୱାସ ସଂସ୍ଥାପନ ହେବ ଏହି ଲକ୍ଷ୍ୟ ସିଦ୍ଧିର ପ୍ରଥମ ସୋପାନ । ଏହି ଘୋର ଦୁର୍ନୀତି, ଛଳନା, ହିଂସା ଓ ଅନ୍ଧତ୍ୱର କାଳକୁ ସୁନ୍ଦର କରିବା ପାଇଁ ଆମେ ସର୍ବପ୍ରଥମେ ନିଜକୁ ବହୁ ଛଳନାତ୍ମକ ମୂଲ୍ୟବୋଧରୁ ଉତ୍ତୀର୍ଣ୍ଣ କରାଇବାର ଦାୟିତ୍ୱ ଆମର । ତେବେ ଏଥିପାଇଁ ଆମକୁ କିଛିଟା ତ୍ୟାଗ କରିବାକୁ ହେବ । ପରିବାର ପାଇଁ ବ୍ୟକ୍ତିକୁ, ଗୋଷ୍ଠୀ ପାଇଁ ପରିବାରକୁ ଦେଶ ପାଇଁ ଗୋଷ୍ଠୀକୁ ଓ ଆତ୍ମା ପାଇଁ ସାରା ସଂସାରକୁ ତ୍ୟାଗ କରିବାକୁ ହେବ । ମଣିଷ ମଣିଷ ମଧ୍ୟରେ ସ୍ନେହ ସୌହାର୍ଦ୍ଦ୍ୟ ସଂସ୍ଥାପନ ହେବ ଏହି ଲକ୍ଷ୍ୟ ସିଦ୍ଧିର ପ୍ରଥମ ସୋପାନ । ସଙ୍କଳ୍ପ ଶୁଦ୍ଧ ସୁନ୍ଦର ହେଲେ ତାହା ଛଳନା ଓ ପ୍ରତାରଣାକୁ ଦୂରେଇ ଦିଏ ଓ ଜାତିକୁ ଆପଣାର ଏବଂ ଶକ୍ତି ଓ ସାମର୍ଥ୍ୟ ଉପରେ ଛିଡ଼ା ହେବାକୁ ପ୍ରେରଣା ଦିଏ । ମଣିଷ ଭିତରେ ସ୍ୱାର୍ଥପରତା ଲୋପ ପାଇ ପରାର୍ଥ ପରାୟଣତା ବିକାଶ ଲାଭ କରେ । ସକଳ ମାନବିକ ଗୁଣ ସେବା, ତ୍ୟାଗ ଓ ସହିଷ୍ଣୁତାରେ ପ୍ରତ୍ୟେକ ବ୍ୟକ୍ତି ଭୂଷିତ ହେଲେ ହିଁ ଆମେ ଆମର ମନୋମତ ପରିବେଶରେ ଜୀବନ ବିତାଇବାକୁ ସମର୍ଥ ହେବା ।

ଆଇନଜୀବୀ, ଖାଜାସାହି
ବ୍ରହ୍ମପୁର-୭୬୦୦୦୧

# ପ୍ରଭୁ–ଅନନ୍ତ

ରାଜଶ୍ରୀ ଦେବୀ

ହିରଣ୍ୟଗର୍ଭମୟ,
ପ୍ରଭୁ ! ଜ୍ୟୋତିର୍ମୟ,
ଅନନ୍ତ ରୂପରେ ସୁନ୍ଦରତମ ତୁମେ,
ଯାହାର ଶରଣେ,
ଜୀବନରେ ହୁଏ ପୂର୍ଣ୍ଣତା !
ହେ ଅଗମ୍ୟ, ଅନନ୍ତ ଦେବେଶ,
କରୁଣା କାନ୍ତ !
କରୁଣା ଦାନେ ସମାପ୍ତ ହେଉ ମୋର,
ଏହି ଧରାପୃଷ୍ଠେ,
ପୁନର୍ଜନ୍ମର ପରିକ୍ରମା !

ଖଡିଆଳ, ଜିଲ୍ଲା– ନୂଆପଡା

# ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଗଡ଼ଜାତମାନଙ୍କର ଭୂମିକା

**ଜୟଶଙ୍କର ନାୟକ**

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଗଡଜାତମାନଙ୍କର ଭୂମିକା ଅବିସ୍ମରଣୀୟ । ସେମାନେ ନିଜର ସୁଖ, ସ୍ୱାଚ୍ଛନ୍ଦ୍ୟ, ଘର ଦ୍ୱାର ତ୍ୟାଗ କରି ଦେଶମାତୃକାର ସେବାରେ ନିଜକୁ ତିଳ ତିଳ କରି ଉତ୍ସର୍ଗ କରିଯାଇଛନ୍ତି । ଆମ ପାଇଁ ସ୍ୱାଧୀନତା ଏକ ଦାନ ସ୍ୱରୂପ ନଥିଲା । ସ୍ୱାଧୀନତା ପ୍ରାପ୍ତି ନିମନ୍ତେ ଆମ ଦେଶବାସୀଙ୍କୁ କଠୋର ସଂଗ୍ରାମ ଓ ଅସୀମ ତ୍ୟାଗ ସ୍ୱୀକାର କରିବାକୁ ପଡିଛି । ସ୍ୱାଧୀନତା ସଂଗ୍ରାମରେ ଯେଉଁମାନେ ଆତ୍ମୋତ୍ସର୍ଗ କରିଛନ୍ତି, ସେମାନେ ଆମର ଚିର ନମସ୍ୟ । ସେମାନଙ୍କୁ ସ୍ମରଣ କରି ରଖିବା ପାଇଁ ଆଜି ଦିନଟି ଆମକୁ ସୁଯୋଗ ଦେଇଥାଏ । ବିଶେଷ କରି ମହାତ୍ମା ଗାନ୍ଧୀ, ପଣ୍ଡିତ ଜବାହରଲାଲ ନେହରୁ, ସର୍ଦ୍ଦାର ପଟେଲ, ମୌଲାନା ଆଜାଦ୍, ସୀମାନ୍ତ ଗାନ୍ଧୀ, ସରୋଜିନୀ ନାଇଡୁ, ଗୋପବନ୍ଧୁ ଦାସ, ସୁଭାଷ ଚନ୍ଦ୍ର ବୋଷ ଓ ସ୍ୱାଧୀନତା ଆନ୍ଦୋଳନର ଅନ୍ୟବହୁ ନେତା, ଯେଉଁମାନେ ତ୍ୟାଗ ତଥା ଆତ୍ମୋତ୍ସର୍ଗ କରି ପ୍ରାଣ ବଳି ଦେଇ ଶହୀଦ ହୋଇଛନ୍ତି ଏହିମାନଙ୍କ ପାଇଁ ଭାରତବାସୀ ଆଜି ତାଙ୍କ ନିକଟରେ ଚିରକୃତଜ୍ଞ । ଆଜି ତାଙ୍କରି ଯୋଗୁଁ ଭାରତ ଅନ୍ୟ ବିଦେଶୀ ରାଷ୍ଟ୍ରଭଳି ତା'ର ବିଜୟୀ ପତାକା ଫରଫର ହୋଇ ଉଡାଇ ପାରିଛି । ଏହା ବହୁଦିନ ବ୍ରିଟିଶ ଶାସନାଧୀନ ହୋଇ ରହିବା ପରେ ଆମ ଦେଶ ଏହି ଦିବସରେ ବିଦେଶୀ କବଳରୁ ମୁକ୍ତିଲାଭ କରି ଏକ ସ୍ୱାଧୀନ ଓ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣିତ ହୋଇଛି ।

ବିଦେଶୀ ଶାସନର ଦାରୁଣ ନିର୍ଯ୍ୟାତନା ଏ ଦେଶର ଅଧିବାସୀଙ୍କର ଅନ୍ତରରେ ପ୍ରଜ୍ୱଳିତ କଲା ସ୍ୱାଭିମାନୀ ଭାବ । ଏ ଦେଶର ପ୍ରତ୍ୟେକ ନାଗରିକଙ୍କ ଅନ୍ତରରେ ସୃଷ୍ଟି ହେଲା ଦେଶ ମାତୃକାର ମୁକ୍ତି ଦୁର୍ବାର ଲାଳସା । ଜୀବନ ବିନିମୟରେ ଦେଶ ମାତୃକାର ମୁକ୍ତି ପାଇଁ ସେମାନେ ହେଲେ ଦୃଢ ପରିକର । ଜୀବନ ବିନିମୟରେ ଦେଶର ମୁକ୍ତି ପାଇଁ ଏ ଦେଶର ଜନତା ହେଲେ ଐକ୍ୟବଦ୍ଧ । ଇଂରେଜ ଶାସନର ଗୁଳିଗୁଳା ବନ୍ଧୁକ ମୁକ୍ତିକାମୀ ଜନତାଙ୍କୁ ଲକ୍ଷ୍ୟଚ୍ୟୁତ କରିପାରିଲା ନାହିଁ । ସ୍କୁଲ, କଲେଜ ପରିତ୍ୟାଗ କରି ଛାତ୍ର ସମାଜ ଏହି ଆନ୍ଦୋଳନରେ ଯୋଗଦେଲେ । ପୁରପଲ୍ଲୀରୁ କୃଷକ ସମାଜ ମଧ୍ୟ ଗଭୀର ମନୋବଳ ନେଇ ମୁକ୍ତି ଯୁଦ୍ଧରେ ଶହୀଦ ହେବାକୁ ବାହାରି ଆସିଲେ । ଖୁଦିରାମ, ଲକ୍ଷ୍ମଣ ନାୟକ, ଭଗତ ସିଂହ, ଉଦ୍ଧାମ ସିଂ ହସି ହସି ଝୁଲି ପଡିଛନ୍ତି ବ୍ରିଟିଶ ଶାସନର ଫାଶି ଖୁଣ୍ଟରେ । 'ଝଣ୍ଡା ଉଞ୍ଚା ରହେ ହମାରା' ଧ୍ୱନି ଦେଉ ଦେଉ ପଚସ୍ତରୀ ବର୍ଷର ବୃଦ୍ଧା ମାତାଙ୍ଗିନୀ ହାଜାରା ଲୋଟି ପଡିଛନ୍ତି ମାତୃଭୂମି କୋଳରେ । ବୀରାଙ୍ଗନା ଝାନସୀ ରାଣୀ ଲକ୍ଷ୍ମୀବାଈ ସମର କ୍ଷେତ୍ରରେ ଯୁଦ୍ଧ କରୁ କରୁ ଶତ୍ରୁ ପକ୍ଷର ଅସ୍ତ୍ରାଘାତରେ ହୋଇଛନ୍ତି ଧରାଶୟୀ । ବାରବର୍ଷର ବାଳକ ବାଜି ରାଉତ ଓ ଦଶ ବର୍ଷର ଝିଅ କଲ୍ୟାଣୀ ଛାତି ପାତି ଦେଇଛନ୍ତି ବ୍ରିଟିଶ ଶକ୍ତିର ଗୁଳିରେ । ଅନୈକ୍ୟ ମଧ୍ୟରେ ଐକ୍ୟ, ବୈଶାଦୃଶ୍ୟ ମଧରେ ସାଦୃଶ୍ୟ ଏବି ବୈଷମ୍ୟ ଭିତରେ ସାମ୍ୟ ସୃଷ୍ଟି କରିବା ହିଁ ଭାରତୀୟ ସଂସ୍କୃତିର ମୂଳମନ୍ତ୍ର ଅଟେ । ବ୍ରିଟିଶ ଶାସନର ଅଧୀନରେ ରହି ଗୋଲାମୀ କରି ଜୀବନ ଅତିବାହିତ କରିବାକୁ ସେମାନେ କୁଣ୍ଠାବୋଧ ପ୍ରକାଶ କଲେ । ମହାମାନବ ମାହାତ୍ମା ଗାନ୍ଧୀ ଭାରତୀୟ ମୁକ୍ତି ଆନ୍ଦୋଳନର ଭଗୀରଥ । ସେ ହେଲେ ଭାରତର ଅତ୍ୟାଚାର ବିଦଳିତ ଅଗଣିତ ଜନତାର ମୁକୁଟହୀନ ସମ୍ରାଟ । ପରାଧୀନ ଭାରତବର୍ଷକୁ ବ୍ରିଟ୍ରିଶ ଶାସନର ରଥ ଚକ୍ର ତଳୁ ଉଦ୍ଧାର କରିବାକୁ ସେ ହେଲେ ବଦ୍ଧପରିକର । ଏହି ଆନ୍ଦୋଳନକୁ ରୂପରେଖ ଦେଲେ ମାହାମାନବ ମହାତ୍ମା ଗାନ୍ଧୀ ।

ଭାରତବର୍ଷର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଓଡ଼ିଶାର ୨୬ଟି ଗଡ଼ଜାତୀୟମାନଙ୍କର ଅବଦାନର ଏକ ଉଲ୍ଲେଖନୀୟ

ଘଟଣା । ସେସମୟର ସେହି ଇତିହାସକୁ ସ୍ୱାଧୀନତା ଦିବସ ଅବସରରେ ମନେ ପକାଇବାର ଆବଶ୍ୟକତା ରହିଛି । ପରାଧୀନ ଭାରତରେ ପ୍ରତ୍ୟକ୍ଷ ବ୍ରିଟିଶ୍ ଶାସନ ଅଞ୍ଚଳ ବ୍ୟତୀତ ୬୫୪ଟି କ୍ଷୁଦ୍ର, ମଧ୍ୟମ ଓ ବୃହତ ଗଡ଼ଜାତ ରାଜ୍ୟମାନ କରଦ ରାଜା, ମହାରାଜା, ଶାହା– ବାଦଶାହମାନଙ୍କର ଶାସନ ଚାଲୁଥିଲା । ଗଡ଼ିଜାତି ଶାସନରେ ଅତିଷ୍ଠ ହୋଇ ବେଠି, ବେଗାରି, ଭେଟି, ମାଗଣ, ରସଦ, କର ଘରଟିକସ, ହଳ ଟିକସ ଇତ୍ୟାଦି ଲାଗୁ କରାଯାଇ ଶସ୍ୟ ବଦଳରେ ଅର୍ଥ ଆକାରରେ ରାଜସ୍ୱ ଆଦାୟ, ଅନ୍ୟାୟ, ଅତ୍ୟାଚାର, ଦୂରାଚାର, ଭ୍ରଷ୍ଟାଚାର, ଶୋଷଣ, ପେଷଣ ଉତ୍ପୀଡ଼ନ ଓ ନିଷ୍ପୀଡ଼ନ ଦ୍ୱାରା ପ୍ରଜାମାନେ ହନ୍ତସନ୍ତ ଓ ତଳିତଳାନ୍ତ ହେଉଥିଲେ । କୌଣସି ପ୍ରଜା ଏହି ଅନ୍ଧାରୀ ଶାସନ ବିରୋଧରେ ପ୍ରତିବାଦ କଲେ, ତାଙ୍କୁ ଜେଲ, ଜୋରିମାନା ଆଦି ଦଣ୍ଡ ଭୋଗିବାକୁ ପଡୁଥିଲା । ନଚେତ୍ ରାଜ୍ୟରୁ ବିତାଡ଼ିତ କରି ଦିଆଯାଉଥିଲା । ଏପରିକି ପ୍ରାଣ ଦଣ୍ଡରେ ଦଣ୍ଡିତ କରିବା ସଙ୍ଗେ ସଙ୍ଗେ ବିଦ୍ରୋହୀଙ୍କୁ ଯାବଜ୍ଜୀବନ ଦ୍ୱୀପାନ୍ତର (କଳାପାଣି) ପଠାଗଲା ଏବଂ ବିଭିନ୍ନ କରାଦଣ୍ଡରେ ଦଣ୍ଡିତ କରାଯାଉଥିଲା । ପାଇକାଳୀ ବ୍ୟବସ୍ଥା ପ୍ରଚଳନ ଦରିଦ୍ର ପ୍ରଜାମାନଙ୍କର ବେଢ଼ି ଉପରେ କୋରଡ଼ାମାଡ଼ ସଦୃଶ ହେଲା । ଏହା ସତ୍ତ୍ୱେ ପ୍ରଜାମାନଙ୍କ ଅସନ୍ତୋଷ ସମୟେ ସମୟେ ଅତ୍ୟାଚାରୀ ଶାସକମାନଙ୍କ ବିରୋଧରେ ବିଦ୍ରୋହ ରୂପ ନେବା ସହିତ ଜନ ଜାଗରଣ ସୃଷ୍ଟି ହେଉଥିଲା ।

୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ମରହଟ୍ଟା ମାନଙ୍କଠାରୁ ଓଡ଼ିଶାର ଶାସନ କ୍ଷମତା ନିଜ ହାତକୁ ନେଇଥିଲେ । ଓଡ଼ିଶାରେ ମୋଗଲ ଏବଂ ମରହଟ୍ଟାମାନଙ୍କର ଶାସନ କାଳରେ ବିଭିନ୍ନ ଅଞ୍ଚଳର ରାଜାମାନେ ନିଜର ସ୍ୱତନ୍ତ୍ର ସୈନ୍ୟ ରଖି ପାରୁଥିଲେ । ଏହି ସେନାମାନଙ୍କୁ ପାଇକ କୁହାଯାଉଥିଲା । ସେମାନେ ଯୁଦ୍ଧ ସମୟରେ ରାଜାଙ୍କର ସୈନ୍ୟ ଭାବରେ ଲଢୁଥିଲେ । ଅନ୍ୟ ସମୟରେ ସେମାନେ ଚାଷବାସ କରୁଥିଲେ । ଏଥିପାଇଁ ରାଜାମାନେ ନିଷ୍କର ଜମି ଯୋଗାଇ ଦେଇଥିଲେ । ଇଂରେଜମାନେ ଓଡ଼ିଶା ଦଖଲ କଲାପରେ ଏହି ନିଷ୍କର ଜମିରୁ ଖଜଣା ଆଦାୟ କଲେ । ରାଜାଙ୍କ ଅମଳରେ ଲୋକମାନେ କଉଡ଼ି ଆକାରରେ ଖଜଣା ଦେଉଥିଲା ବେଳେ ଇଂରେଜ ଶାସନରେ ପାଇକମାନଙ୍କୁ ଟଙ୍କା ଆକାରରେ ଖଜଣା ଦେବାକୁ ବାଧ୍ୟ କରାଗଲା । ଏହା ପାଇକମାନଙ୍କ ମଧ୍ୟରେ ବିଦ୍ରୋହର ନେତୃତ୍ୱ ନେଇଥିଲା ।

ଏହା ଗର୍ବ ଓ ଗୌରବର କଥା ଯେ, ସର୍ବଭାରତୀୟ ସ୍ତରରେ ୧୮୫୭ ମସିହାରେ ପ୍ରଥମେ ଭାରତରେ ଇଂରେଜ କବଳରୁ ମୁକ୍ତିଲାଭ ପାଇଁ ବିଦ୍ରୋହ ହୋଇଥିଲା କିନ୍ତୁ ୧୮୦୩ ମସିହାରେ ଆମ ଓଡ଼ିଶା ମାଟିରେ ବ୍ରିଟିଶ ଶାସନରୁ ମୁକ୍ତିପାଇଁ ଆନ୍ଦୋଳନ ଆରମ୍ଭ ହୋଇଥିଲା । ତନ୍ମଧ୍ୟରୁ ୧୮୦୪ ମସିହାରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ଖୋର୍ଦ୍ଧା ବିଦ୍ରୋହ ହୋଇଥିଲା । ସେତେବେଳେ ଗଜପତି ରାଜା ଥିଲେ ଦ୍ୱିତୀୟ ମୁକୁନ୍ଦଦେବ, ଜଣେ ନାବାଳକ । ତାଙ୍କର ଅଭିଭାବକ ରୂପେ କାର୍ଯ୍ୟ କରୁଥିବା ଜୟୀ ରାଜଗୁରୁ ଇଂରେଜ ସୈନ୍ୟଙ୍କ ବିରୋଧରେ ସଂଗ୍ରାମ କରି ଶେଷରେ ଫାଶି ପାଇଥିଲେ । ଏହି ଇଂରେଜ ବିରୋଧୀ ଆନ୍ଦୋଳନକୁ ମୁକ୍ତି ସଂଗ୍ରାମ ବୋଲି କୁହାଯାଏ । ତେବେ ଜୟୀ ରାଜଗୁରୁ ହୋଇଥିଲେ ଭାରତବର୍ଷର ପ୍ରଥମ ଶହୀଦ୍ । ଓଡ଼ିଶାରେ ଇଂରେଜ ଶାସନ ବିରୋଧରେ ଖୋର୍ଦ୍ଧାର ପାଇକ ବିଦ୍ରୋହ ଘୁମୁସର କନ୍ଧ ବିଦ୍ରୋହ ଏବଂ କେନ୍ଦୁଝରର ଭୂୟାଁ ବିଦ୍ରୋହ ବିଶେଷ ଭାବରେ ଉଲ୍ଲେଖନୀୟ ଘଟଣା ଅଟେ । ୧୮୧୭ ମସିହାରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଖୋର୍ଦ୍ଧା ଓ ତାର ଆଖପାଖ ଅଞ୍ଚଳରେ ପାଇକ ବିଦ୍ରୋହ ସଂଗଠିତ ହୋଇଥିଲା । ଏହାଦ୍ୱାରା ଇଂରେଜମାନେ ଭୟଭୀତ ହୋଇ ପଡ଼ିଥିଲେ । ବାଣପୁର ଓ ଖୋର୍ଦ୍ଧାର ଅନତି ଦୂରରେ ଡାପଙ୍ଗଠାରେ ମଧ୍ୟ ଯଥାକ୍ରମେ କୃତିବାସ ପାଟ୍ଟଶାହାଣୀ ଓ ଦଳବେହେରା ମାଧବ ରାଉତରାୟଙ୍କ ନେତୃତ୍ୱରେ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ ଘଟିଥିଲା । ବକ୍ସି ଜଗବନ୍ଧୁଙ୍କ ପୂର୍ବ ପୁରୁଷମାନେ ଚୋଡ଼ଙ୍ଗ ମଣ୍ଡଳକୁ ରାଜାଙ୍କଠାରୁ ଜାଗିରି ରୂପେ ପାଇଥିଲେ । ଇଂରେଜ ସରକାର ବକ୍ସି ଜଗବନ୍ଧୁଙ୍କୁ ଏହି ଜାଗିରିରୁ ଉଚ୍ଛେଦ କରିବାରୁ ସେ କ୍ଷୁବ୍ଧ ହୋଇ ପାଇକମାନଙ୍କ ନେତୃତ୍ୱ ନେଇ ଓଡ଼ିଶାରୁ ଇଂରେଜ ରାଜତ୍ୱ ଲୋପ କରିବା ପାଇଁ ସଶସ୍ତ୍ର ବିଦ୍ରୋହ ଆରମ୍ଭ କଲେ । ପରିଶେଷରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ୧୮୨୫ ଖ୍ରୀଷ୍ଟାବ୍ଦରେ କଟକଠାରେ ଆତ୍ମସମର୍ପଣ କଲେ ।

ଦକ୍ଷିଣ ଓଡ଼ିଶାର କନ୍ଧମାନଙ୍କ ଉପରେ ଇଂରେଜମାନଙ୍କର ପ୍ରଭୁତ୍ୱ ଜାରି ବିରୋଧରେ ବିଦ୍ରୋହ ହୋଇଥିଲା । ଏହା ଇତିହାସରେ ଘୁମୁସର ବିଦ୍ରୋହ ନାମରେ ଖ୍ୟାତ । କନ୍ଧ ସଂପ୍ରଦାୟର ଦୁଇଜଣ ମହାନ ନେତା ଉଭୟ କକା ପୁତୁରା ଦୋରା ବିଶୋଇ ଓ ତାଙ୍କ ପୁତୁରା ଚକରା ବିଶୋଇ ଇଂରେଜ ଶାସନ ବିରୋଧରେ ସଂଗ୍ରାମ କରି ଇଂରେଜ ଶାସନକୁ ଦୋହଲାଇ ଦେଇଥିଲେ । ରାଜତନ୍ତ୍ର ଓ ଇଂରେଜ ସରକାରଙ୍କ ବିରୋଧରେ ବିଦ୍ରୋହ ସଂଗଠିତ କରି ଭାରତ ତଥା ଓଡ଼ିଶାର ଇତିହାସକୁ ମହିମାନ୍ୱିତ ଓ ଗୌରବାନ୍ୱିତ କରିଥିବା ଅସାଧାରଣ ପ୍ରତିଭା ସମ୍ପନ୍ନ ଓ ମହନୀୟ କୃତିତ୍ୱ ଦ୍ୱାରା ବରେଣ୍ୟ

ବ୍ୟକ୍ତିମାନଙ୍କ ମଧ୍ୟରୁ ବିପ୍ଳବୀରୁ ଶହୀଦ୍ ହୋଇଥିବା ରତ୍ନା ନାୟକ ଓ ବିପ୍ଳବୀରୁ ସନ୍ନ୍ୟାସୀ ଧରଣୀଧର ନାୟକ ଥିଲେ ଅନ୍ୟତମ। ସେମାନେ ଥିଲେ ଉଭୟ ଯୋଗଜନ୍ମା ପୁରୁଷ । ସେମାନେ ଆହୁରି ମଧ୍ୟ ଥିଲେ ଭୂୟାଁ ସ୍ୱାଭିମାନର ପ୍ରଥମ ଜାଗ୍ରତ ପ୍ରହରୀ । ବେଠି ବେଗାରୀ ତଥା କୁଶାସନ ବିରୋଧରେ ଉତ୍‌କ୍ଷିପ୍ତ ହୋଇ ସେମାନଙ୍କର ନ୍ୟାଯ୍ୟ ଦାବି ହାସଲ କରିବା ପାଇଁ ଏକ ଗଣ ଆନ୍ଦୋଳନ କରିଥିଲେ । ଏହି ଗଣ ଆନ୍ଦୋଳନ କେନ୍ଦୁଝର ଜିଲ୍ଲା କାହିଁକି ସମଗ୍ର ଭାରତବର୍ଷରେ ମୁକ୍ତି ସଂଗ୍ରାମର ବିଦ୍ରୋହର ସୂତ୍ରପାତ କରିଥିଲା । କେଉଁଝରର ଭୂୟାଁ ସମ୍ପ୍ରଦାୟର ସୁନାମଧନ୍ୟ ବ୍ୟକ୍ତି ଥିଲେ ରତ୍ନା ନାୟକ ଓ ଧରଣୀଧର ନାୟକ । ସେମାନଙ୍କର ବିଦ୍ରୋହକୁ ଯଥାକ୍ରମେ ଗଡ଼ଜାତଗୁଡ଼ିକ ମଧ୍ୟରୁ ୧୮୬୮ ମସିହାରେ ରତ୍ନା ମେଳି ଓ ୧୮୯୧ ମସିହାରେ ଧରଣୀଧର ମେଳି ବା ଭୂୟାଁମେଳି ଭାବରେ ପରିଚିତ ହୁଏ ।

ଗାଂଗପୁର ରାଜ୍ୟରେ ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠିତ ହୋଇଥିଲା । ରାଜାଙ୍କ ପୋଲିସ ଓ ପ୍ରଜାଙ୍କ ମଧ୍ୟରେ ସଂଘର୍ଷ ଘଟି ୨୮ ଜଣ ପ୍ରଜା ନିହତ ଓ ୨୫ ଜଣ ଆହତ ହୋଇଥିଲେ । ସୁନ୍ଦରମଣି ପଟେଲ, ହରିହର ପଟେଲ, ନାରଦ ଗୋସ୍ୱାମୀ ଓ ଧନଞ୍ଜୟ ମହାନ୍ତି ପ୍ରମୁଖ ପ୍ରଜାମଣ୍ଡଳର ନେତୃତ୍ୱ ନେଇଥିଲେ । ଏବେକାର ସୁନ୍ଦରଗଡ଼ ଓ ପାନପୋଷ ସବ୍‌ଡ଼ିଭିଜନ ସେ ଦିନର ଗାଙ୍ଗପୁର ରାଜ୍ୟ ଥିଲା । ଗାଙ୍ଗପୁର ଓ ବଣାଇ ଏ ଦୁଇ ଗଡ଼ଜାତ ରାଜ୍ୟକୁ ନେଇ ଗଠିତ ସୁନ୍ଦରଗଡ଼ ଜିଲ୍ଲା । ଗାଙ୍ଗପୁର ରାଜ୍ୟର ନିରୀହ ଭୂୟାଁ ଆଦିବାସୀ ପ୍ରଜାମାନେ ଗୌନ୍ତିଆ ପ୍ରଥାର ଉଚ୍ଛେଦ, ଅଧିକ ଖଜଣା ଦେବୁ ନାହିଁ, ଅନ୍ୟାୟ ଭାବରେ ବେଠି–ବେଗାରି ଖଟିବୁ ନାହିଁ ତଥା କୁଶାସନ ବିରୋଧରେ ଉତ୍‌କ୍ଷିପ୍ତ ହୋଇ ସେମାନଙ୍କର ନ୍ୟାଯ୍ୟ ଦାବି ହାସଲ କରିବା ପାଇଁ ଏକ ଗଣ ଆନ୍ଦୋଳନ କରିଥିଲେ । ଏହି ଗଣ ଆନ୍ଦୋଳନ ଗାଙ୍ଗପୁର ରାଜ୍ୟ କାହିଁକି ସମଗ୍ର ଗଡ଼ଜାତ ରାଜ୍ୟକୁ ମୁକ୍ତି ସଂଗ୍ରାମର ବିଦ୍ରୋହର ସୂତ୍ରପାତ କରିଥିଲା । ଏହି ବିଦ୍ରୋହର ପୁରୋଧା ଥିଲେ ବିପ୍ଳବୀରୁ ହଜାରିବାଗ ଜେଲ ଯାଇଥିବା ମାଦ୍ରୀ କାଲୋ । ତାଙ୍କର ବିପ୍ଳବଟି ସାଧାରଣରେ 'ମାଦ୍ରୀ କାଲୋ ଆନ୍ଦୋଳନ' ନାମରେ ପରିଚିତ ।

୧୮୫୭ ମସିହାରେ ଓଡ଼ିଆମାନେ ସର୍ବଭାରତୀୟ ସ୍ତରରେ ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରିଥିବାର ଜଣାଯାଏ । ଏହି ସଂଗ୍ରାମକୁ ସିପାହୀ ବିଦ୍ରୋହ ବୋଲି ଐତିହାସିକମାନେ ଆଖ୍ୟା ଦେଇଥିଲେ। ତନ୍ମଧ୍ୟରୁ କଟକ ଜିଲ୍ଲାର ରାମକୃଷ୍ଣ ସାମନ୍ତ ସିଂହାର, ପୁରୀ ଜିଲ୍ଲାର ଚାଖି ଖୁଣ୍ଟିଆ ଓ ସମ୍ବଲପୁର ଜିଲ୍ଲାର ସୁରେନ୍ଦ୍ର ସାଏ, ମାଧୋ ସିଂ ତଥା ତାଙ୍କ ପୁତ୍ର ହାତୀ ସିଂଙ୍କ ନେତୃତ୍ୱରେ ସଂଗ୍ରାମ ସଂଗଠିତ ହୋଇଥିଲା ।

୧୮୫୮ ରୁ ୧୮୮୫ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା ପର୍ଯ୍ୟନ୍ତ ୨୭ ବର୍ଷର ସମୟ ଥିଲା ରାଜନୈତିକ ବା ଜାତୀୟ ଜାଗରଣ ସମୟ । ସେହି ସମୟରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରଥମ ଜାଗରଣ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହୋଇ ପାରିଥିଲା। ତନ୍ମମଧ୍ୟରୁ ସମ୍ବଲପୁର ଜିଲ୍ଲା ସ୍କୁଲ, ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ବାରିପଦାଠାରେ ଉଚ୍ଚ ଇଂରାଜୀ ବିଦ୍ୟାଳୟ, ୧୮୭୯ କଟକରେ ପ୍ୟାରିମୋହନ ଏକାଡ଼େମୀ, ବାଲେଶ୍ୱରରେ ବୈକୁଣ୍ଠନାଥ ଦେ ତଥା ଫକୀର ମୋହନ ସେନାପତିଙ୍କ ପ୍ରଚେଷ୍ଟାରେ ଉଚ୍ଚ ଇଂରାଜୀ ବିଦ୍ୟାଳୟ ଉଲ୍ଲେଖଯୋଗ୍ୟ। ଦ୍ୱିତୀୟତଃ ରାଜନୈତିକ ଜାଗରଣ ସୃଷ୍ଟି କରିବା ଦିଗରେ ଛାପାଖାନା ପ୍ରତିଷ୍ଠା ଥିଲା ମୁଖ୍ୟ ଭୂମିକା । ୧୮୬୬ରେ ବିଚିତ୍ରା ନନ୍ଦ ଦାସଙ୍କ ଦ୍ୱାରା କଟକ ପ୍ରିଣ୍ଟିଂ ପ୍ରେସ, ବାଲେଶ୍ୱରରେ ଫକୀରମୋହନଙ୍କ ଦ୍ୱାରା ଉତ୍କଳ ପ୍ରେସ, ବୈକୁଣ୍ଠନାଥ ଦେବଙ୍କ ଦ୍ୱାରା ଦେ ପ୍ରେସ, ବାମଣ୍ଡାର ରାଜା ବାସୁଦେବ ସୁଢ଼ଳ ଦେବଙ୍କ ଦ୍ୱାରା ସୁଢ଼ଳ ପ୍ରେସ ଓ ବାରିପଦାରେ ମୟୂରଭଞ୍ଜ ପ୍ରେସ ସ୍ଥାପିତ ହୋଇଥିଲା । ତୃତୀୟତଃ ସାମାଜିକ–ଆଧ୍ୟାତ୍ମିକ ଆନ୍ଦୋଳନ ମଧ୍ୟ ସହାୟକ ହୋଇଥିଲା । ବଙ୍ଗଳାର ରାଜା ରାମମୋହନ ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ରାହ୍ମ ସମାଜର ପ୍ରଭାବ ଓଡ଼ିଶାରେ ଅନୁଭୂତ ହୋଇଥିଲା। ସେହି ସମୟରେ ଓଡ଼ିଆ ଭାଷା ସମସ୍ୟା ତଥା ସେଥିପାଇଁ ଚାଲିଥିବା ଆନ୍ଦୋଳନ ମଧ୍ୟ ଜାତୀୟ ଚେତନା ସୃଷ୍ଟି କରିବା ଦିଗରେ ସହାୟକ ହୋଇଥିଲା ।

ସ୍ୱାଧୀନତା ସଂଗ୍ରାମ ୧୮୮୫ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠାଠାରୁ ବିଧିବଦ୍ଧ ଭାବେ ଆରମ୍ଭ ହୋଇଥିଲା। ଏଥିରେ ପ୍ରଥମ ଅଧିବେଶନ ବମ୍ବେଠାରେ ଉମେଶ ଚନ୍ଦ୍ର ବାନାର୍ଜିଙ୍କ ଅଧ୍ୟକ୍ଷତାରେ ୧୮୮୫ ମସିହାରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରୁ ବ୍ରହ୍ମପୁରର ଆଇନଜୀବୀ ବିଶ୍ୱେଶ୍ୱର ଆୟାର ଯୋଗ ଦେଇଥିଲେ। ୧୯୦୩ ମସିହା ଡ଼ିସେମ୍ବର ମାସ ୩୦ ତାରିଖ ଦିନ କଟକସ୍ଥିତ ଇଦ୍‌ଗା ପଡ଼ିଆଠାରେ ଉତ୍କଳ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ୧୯୦୫ ରୁ ୧୯୧୪ ପର୍ଯ୍ୟନ୍ତ ଓଡ଼ିଶାରେ ଇଂରେଜମାନଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ବିରୋଧରେ ସ୍ୱଦେଶୀ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଓଡ଼ିଶାରେ ସନ୍ତ୍ରାସବାଦୀ ଆନ୍ଦୋଳନ (୧୯୧୪–୧୯୧୫) ଚୈନପୁର ଡ଼କାୟତି (୧୯୧୪ ମସିହା ସେପ୍ଟେମ୍ବର ମାସ ୧୪ ତାରିଖ), ବାଘା ଯତୀନ ଓ ଚଷାଖଣ୍ଡ ସଂଘର୍ଷ (୧୯୧୫ ମସିହା ସେପ୍ଟେମ୍ବର ମାସ ୯ ତାରିଖ), ୧୯୧୬ ରୁ

୧୯୨୦ ମସିହା ମଧ୍ୟରେ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ଅଗ୍ରଗତି, ଅସହଯୋଗ ଆନ୍ଦୋଳନ (୧୯୨୦ ରୁ ୧୯୩୦), କନିକା ପ୍ରଜା ଆନ୍ଦୋଳନ, ଆଇନ ଅମାନ୍ୟ ଆନ୍ଦୋଳନ ମଧ୍ୟରେ ଥିଲା ଲବଣ ସତ୍ୟାଗ୍ରହ ଆଇନ ଭଂଗ । ମଦ, ଅଫିମ, ଗଂଜା ଓ ବିଦେଶୀ ଦ୍ରବ୍ୟ ବିକ୍ରୟ କରୁଥିବା ଦୋକାନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ । ୧୯୩୬ ମସିହା ଏପ୍ରିଲ ମାସ ୧ ତାରିଖ ଦିନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରାଯାଇଥିଲା । ୨୬ଟି ଗଡ଼ଜାତ ବ୍ୟତୀତ ନୂତନ ଓଡ଼ିଶା ପ୍ରଦେଶରେ ୬ଟି ଜିଲ୍ଲା ଥିଲା । ସେଗୁଡ଼ିକ ଥିଲା– କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ କୋରାପୁଟ ।

ଓଡ଼ିଶାରେ ଥିବା ଗଡ଼ଜାତଗୁଡ଼ିକ ମଧ୍ୟରୁ କେନ୍ଦୁଝରରେ ୧୮୬୮ ମସିହାରେ ରତ୍ନା ମେଳି ତଥା ୧୮୯୧ ମସିହାରେ ଧରଣୀଧର ମେଳି (ଭୂୟାଁ ମେଳି), ୧୮୮୨ ମସିହାରେ କଳାହାଣ୍ଡି ରାଜ୍ୟର କନ୍ଧମେଳି ପ୍ରଭୃତି ଘଟଣା ଊନବିଂଶ ଶତାବ୍ଦୀର ରାଜ ଶାସନ ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶ ଏକ ଜ୍ୱଳନ୍ତ ଉଦାହରଣ ଅଟେ । ୧୯୦୮ ମସିହାରେ ବାମଣ୍ଡା, ୧୯୧୪ ମସିହାରେ ଦଶପଲ୍ଲା, ୧୯୧୭ ମସିହାରେ ମୟୂରଭଞ୍ଜ, ୧୯୨୨ ମସିହାରେ ଢେଙ୍କାନାଳ, ୧୯୨୨ ଓ ୧୯୩୨ ମସିହାରେ ତାଳଚେର ପ୍ରଭୃତି ଗଡ଼ଜାତରେ ପ୍ରଜା ଆନ୍ଦୋଳନ ଦେଖା ଦେଇଥିଲା । ୧୯୩୧ ମସିହାରେ ଦେଶୀୟ ରାଜ୍ୟଗୁଡ଼ିକରେ ଜନଜାଗରଣ ସୃଷ୍ଟି ହୋଇ ଗଡ଼ଜାତ ପ୍ରଜା ସମ୍ମିଳନୀ ନାମରେ ଏକ କ୍ଷୁଦ୍ର ସଂଗଠନ ଗଠନ କରାଯାଇଥିଲା । ୧୯୩୭ ମସିହା ଜୁନ ୨୬ ତାରିଖରେ ସର୍ବଭାରତୀୟ ଷ୍ଟାଣ୍ଡିଂ କମିଟିର ଜନୈକ ଉଦ୍ୟୋକ୍ତା ଡ଼ଃ ପଟ୍ଟାଭି ସୀତାରାମାୟା ଓଡ଼ିଶା ପରିଦର୍ଶନରେ ଆସି ପ୍ରଜା ସମ୍ମିଳନୀର ଅଧ୍ୟକ୍ଷତା କରିଥିଲେ ଏବଂ ଉକ୍ତ ସମ୍ମିଳନୀର ନାମ 'ଓଡ଼ିଶା ଷ୍ଟେଟ୍ ପିପୁଲ୍ସ କନଫରେନ୍ସ' ରଖାଯାଇଥିଲା ଏବଂ ସ୍ୱର୍ଗତ ସାରଙ୍ଗଧର ଦାସ ଏହାର ସଂପାଦକ ଥିଲେ ।

ଓଡ଼ିଶାର ବିଭିନ୍ନ ଗଡ଼ଜାତଗୁଡ଼ିକରେ ୧୯୩୮ ମସିହାରେ ପ୍ରଜାମଣ୍ଡଳ ଗଠିତ ହେଲା । ଗଡ଼ଜାତଗୁଡ଼ିକ ଯଥାକ୍ରମେ– ରଣପୁର, ନୀଳଗିରି, ଢେଙ୍କାନାଳ, ତାଳଚେର, ସୋନପୁର, ଆଠଗଡ଼, ନୟାଗଡ଼, ପାଲଲହଡ଼ା, ତିଗିରିଆ, ମୟୂରଭଞ୍ଜ, କେନ୍ଦୁଝର ଓ ଗାଙ୍ଗପୁର ଥିଲା ଅନ୍ୟତମ । ରଣପୁର ଗଡ଼ଜାତରେ ବନମାଳୀ ରାମ, କୃପାସିନ୍ଧୁ ମିଶ୍ର, ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠିତ ହୋଇଥିଲା । ଏହି ଆନ୍ଦୋଳନରେ ପଲିଟିକାଲ ଏଜେଣ୍ଟ ମେଜର ବେଜେଲ୍‌ଗେଟ୍ ନୟାଗଡ଼ରୁ ଆସି ୧୯୩୯ ମସିହା ଜାନୁୟାରୀ ୫ ତାରିଖ ଦିନ ରଣପୁରରେ ପହଁଞ୍ଚି ଥିଲେ ଏବଂ ତାଙ୍କୁ ଗାଁ ଭିତରକୁ ନେଇ ବାଡ଼ିରେ ପିଟିପିଟି ମାରିଦେଲେ । ନୀଳଗିରି ଦେଶୀୟ ରାଜ୍ୟରେ କୈଳାସ ଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଜନସାଧାରଣଙ୍କ ରାଜନୈତିକ ଓ ସାମାଜିକ ଅଧିକାର ଲାଗି ଆନ୍ଦୋଳନ ହୋଇଥିଲା । ଢେଙ୍କାନାଳ ଆନ୍ଦୋଳନରେ ୧୨ ବର୍ଷର ବାଳକ ବାଜି ରାଉତଙ୍କ ସମେତ ୧୮ ଜଣ ସାଧାରଣ ଲୋକ ପୋଲିସ ଗୁଳିରେ ପ୍ରାଣ ହରାଇଥିଲେ । ସର୍ବଶ୍ରୀ ବ୍ରଜ କିଶୋର ଧଳ, ମହେଶ୍ୱର ସୁବାହୁ ସିଂହ, ସାରଙ୍ଗଧର ଦାସ ପ୍ରମୁଖ ଆନ୍ଦୋଳନରେ ଅଗ୍ରଣୀ ଥିଲେ । ବୈଷ୍ଣବ ଚରଣ ପଟ୍ଟନାୟକଙ୍କ ନେତୃତ୍ୱରେ ସଶସ୍ତ୍ର ସଂଘର୍ଷ ହୋଇ କାମାକ୍ଷ ନଗର ସବ୍‌ଡ଼ିଭିଜନକୁ ୧୦ ଦିନ ପାଇଁ ଦଖଲ କରିଥିଲେ । ତାଳଚେରରେ ପବିତ୍ର ମୋହନ ପ୍ରଧାନଙ୍କ ନେତୃତ୍ୱରେ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଆନ୍ଦୋଳନରେ ଯୋଗ ଦେଇ ଚନ୍ଦ୍ରବିଲ ଗ୍ରାମରେ ଦିବାକର ନାୟକ ପୋଲିସ ଗୁଳିର ଶିକାର ହୋଇଥିଲେ । ହିନ୍ଦୋଳରେ ବାଲୁକେଶ୍ୱର ଆଚାର୍ଯ୍ୟଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠିତ ହୋଇଥିଲା । ସେହିପରି ପାଟଣା ରାଜ୍ୟରେ ପ୍ରଜାମଣ୍ଡଳ କର୍ମୀମାନେ 'କୃଷକ ଦଳ' ନାମରେ ଏକ ରାଜନୈତିକ ସଂଗଠନ ସୃଷ୍ଟି କରି ଆନ୍ଦୋଳନ କରିଥିଲେ । ୧୯୩୮ ମସିହାରେ ଆଠଗଡ଼ରେ ରାଧାନାଥ ରଥଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠନ କରାଯାଇଥିଲା । ନୟାଗଡ଼ ରାଜ୍ୟରେ ଶ୍ରୀଧର ଦାଶ, ଲକ୍ଷ୍ମଣ ମହାରଣା ପ୍ରମୁଖଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠିତ ହୋଇଥିଲା । ୧୯୪୨ ମସିହାରେ ଭାରତ ଛାଡ଼ ଆନ୍ଦୋଳନରେ ନୟାଗଡ଼ ପ୍ରଜାମଣ୍ଡଳ ଓ ରାଜାଙ୍କ ସିପାହୀ ମଧ୍ୟରେ ସଂଘର୍ଷ ଘଟି କୋଷ୍ଟି ଡ଼ାକୁଆ ଶହୀଦ ହୋଇଥିଲେ । ସେହିପରି ଗାଙ୍ଗପୁର ରାଜ୍ୟରେ ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱରେ ମୁଣ୍ଡାମାନେ ସେଠାକାର ରାଣୀ ଓ ଇଂରେଜ ବିରୋଧରେ ଆନ୍ଦୋଳନ କରି ଆମକୋ–ସିମକୋ ସ୍ଥାନରେ ସଭା କରୁଥିବା ଅବସ୍ଥାରେ ପୋଲିସ ଗୁଳିରେ ପ୍ରାୟ ୪୦ ଜଣ ମୃତ୍ୟୁବରଣ କରିଥିଲେ । ବୌଦ୍ଧ ରାଜ୍ୟରେ ଦାମୋଦର ଷଣ୍ଢୁଆସୀ ଏବଂ ମୟୂରଭଞ୍ଜ ରାଜ୍ୟରେ ଶରତ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠିତ ହୋଇ ରାଜ ଶାସନ ବିରୋଧରେ ଆନ୍ଦୋଳନ ହୋଇଥିଲା ।

ପ୍ରତ୍ୟେକ ପ୍ରଜାମଣ୍ଡଳ ନାଗରିକ ଅଧିକାର, ଦାୟିତ୍ୱପୂର୍ଣ୍ଣ ସରକାର, ରାଜସ୍ୱ ବ୍ୟବସ୍ଥାର ଉନ୍ନତି ସାଧନ, ସମସ୍ତ ବେଆଇନ ଟିକସ, ବେଠି, ଭେଟି, ବେଗାରିର ଉଚ୍ଛେଦ ପାଇଁ ଦାବି କରିଥିଲେ । ଅନ୍ୟ ପକ୍ଷରେ ରାଜାମାନେ ପ୍ରଜାମାନଙ୍କ ବିଦ୍ରୋହକୁ ଦମନ କରିବା

ନିମନ୍ତେ ଭିତିର ଷଡ଼ଯନ୍ତ୍ର ତଥା ପୋଲିସ ଫୋର୍ସର ସାହାଯ୍ୟ ଇଂରେଜମାନଙ୍କଠାରୁ ପାଇଥିଲେ। କାରଣ ଇଂରେଜ ପ୍ରଶାସକମାନେ ସେମାନଙ୍କୁ ଘଣ୍ଟ ଘୋଡ଼ାଇ ରଖିଥିଲେ । ଇତିମଧ୍ୟରେ ୧୯୩୮ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ହରିପୁରା ଅଧିବେଶନରେ ଗୃହୀତ ପ୍ରସ୍ତାବରେ ଘୋଷଣା କରିଥିଲେ ଯେ ପୂର୍ଣ୍ଣସ୍ୱରାଜର ଆଭିମୁଖ୍ୟରେ ଗଡ଼ଜାତ ରାଜ୍ୟକୁ ସ୍ୱାଧୀନ କରିବା ଏକ କର୍ତ୍ତବ୍ୟ । ପ୍ରକୃତପକ୍ଷେ ସେହି ଅଧିବେଶନଠାରୁ ପ୍ରଜାମାନେ ଭାରତବର୍ଷର ସ୍ୱାଧୀନତା ସଂଗ୍ରାମ ପ୍ରତି ଆକୃଷ୍ଟ ହୋଇଥିଲେ। ପରବର୍ତ୍ତୀ ସମୟରେ ପ୍ରଜାମଣ୍ଡଳ ଆନ୍ଦୋଳନ ସ୍ୱାଧୀନତା ଆନ୍ଦୋଳନର ମହାସ୍ରୋତରେ ମିଶିଯାଇଥିଲା।

ଭାରତ ସ୍ୱାଧୀନତା ଆଇନ ଅନୁସାରେ ଦେଶର ସୀମା ଭିତରେ ଥିବା ୫୬୩ ଦେଶୀୟ ରାଜ୍ୟ ମଧ୍ୟ ସ୍ୱାଧୀନ ହେଲେ, ସେଗୁଡ଼ିକ ପାକିସ୍ଥାନ ବା ଭାରତ କେଉଁଥିରେ ମିଶିବେ କିମ୍ବା ସ୍ୱାଧୀନ ରହିବେ, ତାହା ସ୍ଥିର କରିବାର କ୍ଷମତା ସଂପୃକ୍ତ ରାଜ୍ୟମାନଙ୍କର ରାଜାମାନଙ୍କୁ ଦେଇଥିଲେ। ଭାରତର ଉପ ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ପ୍ରେରଣାରେ କେବଳ କାଶ୍ମୀର, ହାଇଦ୍ରାବାଦ୍ ଏବଂ ଜୁନାଗଡ଼ ବ୍ୟତୀତ ଭାରତ ସୀମା ଭିତରେ ଥିବା ସମସ୍ତ ଦେଶୀୟ ରାଜ୍ୟଗୁଡ଼ିକ ଭାରତ ସହିତ ମିଶିବାକୁ ନିଷ୍ପତ୍ତି ନେଲେ । ପରେ ବିଭିନ୍ନ ସମୟରେ ସେ ତିନୋଟି ରାଜ୍ୟ ମଧ୍ୟ ଭାରତ ସହିତ ମିଶିଥିଲେ । ୧୯୪୭ ମସିହା ଡ଼ିସେମ୍ବର ମାସ ୧୫ ତାରିଖରେ ମୟୂରଭଞ୍ଜ ବ୍ୟତୀତ ଓଡ଼ିଶାର ସମସ୍ତ ଦେଶୀୟ ରାଜ୍ୟ ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ଏବଂ ସର୍ଦ୍ଦାର ପଟେଲଙ୍କର ଉପସ୍ଥିତିରେ ଭାରତ ସହିତ ମିଶିଥିଲେ । ମୟୂରଭଞ୍ଜ ବର୍ଷେ ପରେ ୧୯୪୯ ମସିହା ଜାନୁୟାରୀ ପହିଲା ଦିନ ଓଡ଼ିଶା ରାଜ୍ୟ ସହିତ ମିଶି ଏହା ଏକ ଜିଲ୍ଲାଭାବରେ ପରିଗଣିତ ହେଲା। ସ୍ୱାଧୀନତା ପରେ ଗଡ଼ଜାତଗୁଡ଼ିକର ଓଡ଼ିଶାରେ ମିଶ୍ରଣ ଏହିପରି ଭାବରେ ହୋଇଥିଲା ।

ରାଜ୍ୟ ତଥା ଦେଶର ସ୍ୱାଧୀନତାକୁ ବଜାୟ ରଖିବା ପାଇଁ ଓଡ଼ିଶା ଗଡ଼ଜାତମାନଙ୍କର ଅବଦାନ ବାସ୍ତବରେ ଅତି ମହାନ୍ ଅଟେ। ବାସ୍ତବିକ୍ ଭାରତୀୟ ସ୍ୱାଧୀନତା ସଂଗ୍ରାମ ପାଇଁ ଓଡ଼ିଶାର ଗଡ଼ଜାତମାନଙ୍କର ଅବଦାନ ଅତୁଳନୀୟ ଅଟେ, ଏଥିରେ କୌଣସି ସନ୍ଦେହ ନାହିଁ।

ଗ୍ରାମ/ପୋ- ଖିଚିଂ, ଜିଲ୍ଲା–ମୟୂରଭଞ୍ଜ
ଓଡ଼ିଶା–୭୫୭୦୩୯


## ଅଗଷ୍ଟ ୧ ତାରିଖରୁ ୧୬ଟି ଜିଲ୍ଲାରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ

ରାଜ୍ୟ ସରକାରଙ୍କର ଯୁବନୀତି–୨୦୧୩ର ଆଧାରରେ ରାଜ୍ୟର ବିଭିନ୍ନ କଲେଜରୁ ଆସିଥିବା ଛାତ୍ରୀମାନେ ଭୁବନେଶ୍ୱରସ୍ଥ କଳିଙ୍ଗ ଷ୍ଟାଡିୟମ୍‌ରେ ରାଜ୍ୟସ୍ତରୀୟ ଶିବିରରେ ପ୍ରଶିକ୍ଷଣ ଗ୍ରହଣ କରିବା ପରେ ସେମାନଙ୍କ ଜିଲ୍ଲାର କଲେଜ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେବା ନିମନ୍ତେ ଅଗଷ୍ଟ ୧ ତାରିଖରୁ ୧୬ଟି ଜିଲ୍ଲାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛି । ପ୍ରଥମ ପର୍ଯ୍ୟାୟରେ ରାଜ୍ୟସ୍ତରୀୟ ଶିବିରରୁ ପ୍ରଶିକ୍ଷଣ ଲାଭ କରିଥିବା ୧୧୭ ଜଣ ଛାତ୍ରୀ ମାଷ୍ଟର ଟ୍ରେନର ରୂପେ ସେମାନଙ୍କ ଜିଲ୍ଲାର କଲେଜ ଛାତ୍ରୀମାନଙ୍କୁ ଅଗଷ୍ଟ ୧ ତାରିଖରୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଆରମ୍ଭ ହୋଇଛି । ବାଲେଶ୍ୱର, ଭଦ୍ରକ, ବଲାଙ୍ଗିର, କଟକ, ଗଞ୍ଜାମ, ଜଗତସିଂହପୁର, ଝାରସୁଗୁଡା, କନ୍ଧମାଳ, କେନ୍ଦ୍ରାପଡା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନୟାଗଡ, ସମ୍ବଲପୁର ଏବଂ ସୁନ୍ଦରଗଡ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟମାନଙ୍କରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଦାନ କରାଯାଉଛି ବୋଲି ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ ଦୁର୍ଗାପ୍ରସାଦ ବେହେରା ପ୍ରକାଶ କରିଛନ୍ତି । ଅବଶିଷ୍ଟ ୧୪ଟି ଜିଲ୍ଲା ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରୀମାନଙ୍କୁ ମାଷ୍ଟର ଟ୍ରେନର ରୂପେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ସେମାନଙ୍କ ପ୍ରଶିକ୍ଷଣ ସମ୍ପୂର୍ଣ୍ଣ ହେବା ପରେ ଏହି ଜିଲ୍ଲାମାନଙ୍କରେ ଅନ୍ୟ ଛାତ୍ରୀମାନଙ୍କୁ ପ୍ରଶିକ୍ଷିତ କରାଯିବ । ରାଜ୍ୟ ସରକାର ଚଳିତ ବର୍ଷ ମୋଟ ୩ଲକ୍ଷ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ କରିବାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି ।

# କବି ଗଙ୍ଗାଧର ଓ ଆଦର୍ଶବାଦ

ଡକ୍ଟର ବଶିଷ୍ଠ କୁମାର ବେହେରା

ବ୍ରହ୍ମାଙ୍କ ଭଳି କବିର ଗୋଟିଏ ସ୍ୱତନ୍ତ୍ର ସୃଷ୍ଟି ସାମ୍ରାଜ୍ୟ ଅଛି । ତେଣୁ କବିଙ୍କୁ ମଧ୍ୟ ସ୍ୱୟଂଭୂ କୁହାଯାଏ । କବି ହେଉଛି ସ୍ରଷ୍ଟା ଓ ଦ୍ରଷ୍ଟା । ଯିଏ ଦେଖେ ଅନୁଭବ କରେ ଓ ଲିପିରେ ପ୍ରକାଶ କରେ ସେ ହେଉଛି କବି । କବିର ଭାବକୁ ଆଶ୍ରୟ କରେ କବିତା ଏବଂ କବିତାକୁ ଭିତ୍ତି କରି ପ୍ରକଟିତ ହୁଏ ପ୍ରତିଭା । କବି ପ୍ରତିଭାର ସ୍ୱାତନ୍ତ୍ରତା ଅଛି । ଯେଉଁଠି ଦର୍ଶକ ଓ ବୈଜ୍ଞାନିକଙ୍କ ଚିନ୍ତା ପରିଧି ଶେଷ ହୁଏ, ସେଇଠୁ ଆରମ୍ଭ ହୁଏ କବିତା କଳ୍ପନାର ସଂସ୍କାର । କବି ମୁଖ୍ୟତଃ କଳ୍ପନାଶ୍ରୟୀ କବିତ୍ୱ ନୈସର୍ଗିକ । ଏହା ଇଚ୍ଛାକୃତ ବା ଚେଷ୍ଟାକୃତ ନୁହେଁ । କବି ନିଜର ସାମ୍ରାଜ୍ୟରେ ନିଜେ ଏକ ଚକ୍ରବର୍ତ୍ତୀ । ନିଜର ସ୍ନେହ ଶୋଣିତର ଆଲେଖ୍ୟ କରି ସେ ଯାହାକୁ ଗଢିଥାଏ, ତା' ଉପରେ ଅନ୍ୟର ଶାସନକୁ ସହ୍ୟ କରିପାରେନା । ନିଜର ସୃଷ୍ଟି ପ୍ରତି ସେ ଏକାନ୍ତ ଭାବେ ଦରଦୀ । କବିର ଚିତ୍ତବୃତ୍ତିରେ କୌଣସି ଭାବ ଗଭୀର ଭାବରେ ଆଲୋଚିତ ହୋଇ ବାଷ୍ପମୟ ରୂପ ଧାରଣ କଲେ ତାହା ହୁଏ କବିତା । ଏହା କବି ହୃଦୟର ନିଭୃତ ଗହ୍ୱରରୁ ଝରିଆସେ ଯେଉଁ କବିତାର ନିର୍ଝରିଣୀ ତାହା ସହୃଦୟ ମଣିଷର ହୃଦୟକୁ ଆପ୍ଲୁତ କରେ । ଅନ୍ୟ ଅର୍ଥରେ କବିର ବ୍ୟକ୍ତି ଚିତ୍ତ ନିଃସୃତ ବାଣୀ ଭାବଧାରା ଆଉ କବିର ସମ୍ପତ୍ତି ନହୋଇ ସମଗ୍ର ସାମାଜିକ ମଣିଷର ସମ୍ପତ୍ତି ହୋଇରହିଯାଏ । କବି ସେହି କାବ୍ୟକବିତା ମାଧ୍ୟମରେ ସାମାଜିକ ମଣିଷକୁ ପ୍ରେରଣା ଦିଏ ଜୀବନ ଗଠନ ସମ୍ପର୍କରେ । ସେ ସତ୍ୟ ଶିବ ସୁନ୍ଦରର ଉପାସକ । କବି ଜୀବନ ସଂଗ୍ରାମରେ କ୍ଷତବିକ୍ଷତ ହୋଇ ମଧ୍ୟ କାବ୍ୟ ସନ୍ଧାନରୁ ବିରତ ହୁଏନାହିଁ । ସମାଜ ଜୀବନରୁ ପାପତାପ ଓ ସଇତାନୀ ପ୍ରବୃତ୍ତିକୁ ନିରାଶ କରି ଏକ ପୂର୍ଣ୍ଣମୟ ଜୀବନଯାପନ ପାଇଁ କବି ଦିଏ ପ୍ରେରଣା । କବିର ଦୃଷ୍ଟି ସୁଦୂରପ୍ରସାରୀ । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସବୁ ତା'ର ଆପଣାର । ତେଣୁ ସେ ପୁରାଣ ପୃଷ୍ଠାରୁ ଚିତ୍ତ ଚମତ୍କାରୀ ଉପାଦାନ ନେଇ ତାକୁ ଅଭିନବ ରୂପ ଦିଏ ଏବଂ ସେଥିରେ ମାନବାତ୍ମାର ସ୍ୱଚ୍ଛ ସ୍ୱରୂପକୁ ଉତ୍କୀର୍ଣ୍ଣ କରାଇ ଦିଏ । କେବଳ ଏତିକି ନୁହେଁ, ସେ ପ୍ରକୃତିର ବିପୁଳ ଗ୍ରନ୍ଥକୁ ଅଧ୍ୟୟନ କରେ ଏବଂ ସେଥିରୁ ଉଦ୍‌ଘାଟନ କରେ ଅଭିନବ ଧାରା । ଓଡ଼ିଆ ସାହିତ୍ୟରେ ଏହି ଦୃଷ୍ଟିରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର କବିତ୍ୱକୁ ବିଚାର କରାଯାଇପାରେ । ତାଙ୍କର କବିତ୍ୱ ରୀତିକାବ୍ୟ ଭିତ୍ତିଭୂମିରେ ଗଢି ଉଠିଥିଲେ ହେଁ ତାହା କ୍ରମେ ସ୍ୱକୀୟ ଦୀପ୍ତିରେ ଦୀପ୍ତିମାନ ହୋଇଉଠିଛି । ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଓଡ଼ିଆ ସାହିତ୍ୟ ଆକାଶରେ ଯେଉଁ ନବଯୁଗର ବର୍ଣ୍ଣିଳ ମହୋତ୍ସବ ସୃଷ୍ଟି ହୋଇଥିଲା, ଗଙ୍ଗାଧର ତହିଁରେ ଏକ ପ୍ରତିଭାବନ୍ତ ଜ୍ୟୋତିଷ୍କ ଥିଲେ । ତାଙ୍କ ସାହିତ୍ୟିକ ବ୍ୟକ୍ତିତ୍ୱ ଓ ପ୍ରତିଭା ସହିତ ପରିଚିତ ହେବା ପୂର୍ବରୁ ତାଙ୍କ ଜୀବନ ସହ ପରିଚିତ ହେବା ଆବଶ୍ୟକ ।



## ଆତ୍ମ ଜୀବନୀ

୧୮୬୨ ମସିହା ଅଗଷ୍ଟ ୯ ତାରିଖରେ ସମ୍ବଲପୁର ଜିଲ୍ଲାର ବରପାଲିଠାରେ ଏକ ଦରିଦ୍ର ତନ୍ତୁବାୟ ପରିବାରରେ ଗଙ୍ଗାଧର ଜନ୍ମ ଗ୍ରହଣ କରିଥିଲେ । ସେହି ଦିନଟି ଥିଲା ଶ୍ରାବଣ ପୂର୍ଣ୍ଣିମା ବା ରାକ୍ଷୀ ପୂର୍ଣ୍ଣିମା । ଓଡ଼ିଆ ସାହିତ୍ୟକୁ ରକ୍ଷା କବଚ ପିନ୍ଧାଇବାକୁ ଯିଏ ପୂର୍ଣ୍ଣିମାର ଜ୍ୟୋତ୍ସ୍ନା ଧରି ଜନ୍ମ ଗ୍ରହଣ କରିଥିଲା, ସେ କିନ୍ତୁ ଅମାବାସ୍ୟାର ଅନ୍ଧକାରକୁ ସାଥୀ କରି ଚାଲିଗଲା ୧୯୨୪ ମସିହା ଏପ୍ରିଲ୍ ୪ ତାରିଖରେ । ଉତ୍କଳ ଜନନୀ କୋଳକୁ ସେ ହସି ହସି ଆସିଥିଲେ ସତ କିନ୍ତୁ ବିଦାୟ ନେଲେ କନ୍ଦାଇ କନ୍ଦାଇ । ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସାଧାରଣ ଶିକ୍ଷାଲାଭ କଲା ପରେ କୌଳିକ କର୍ମ ବସ୍ତ୍ରବୟନରେ ସେ ନିୟୋଜିତ ଥିଲେ । ଜୀବିକା ପାଇଁ ଏହି ପ୍ରତିଭାଧର କବିଙ୍କୁ କିନ୍ତୁ ବହୁ ବୟସ ଯାଏ କୌଳିକ ବସ୍ତ୍ରବୟନର ହିଁ ଆଶ୍ରୟ ନେବାକୁ ପଡିଥିଲା କେବଳ ନୁହେଁ, ନିଜ ବୁଣା ଲୁଗାର ବୋଝକୁ କାନ୍ଧରେ ନେଇ ସ୍ଥାନୀୟ ହାଟରେ ବିକିବାକୁ ମଧ୍ୟ ପଡିଥିଲା । ତାଙ୍କ ପିତାଙ୍କ ନାମ ଚୈତନ୍ୟ ମେହେର ଓ ମାତା ସେବତୀ । ପିଲାଦିନୁ ସେ ଧୀର ସ୍ୱଭାବର ପିଲା ଥିଲେ । ସେମାନେ ଏଭଳି ଏକ ସନ୍ତାନ ଜନ୍ମ ଲାଭ କରି ଧନ୍ୟ ହୋଇଉଠିଛନ୍ତି ।

ଗଙ୍ଗାଧରଙ୍କ ପିତା ଚୈତନ୍ୟ ମେହେର ଖୁବ୍ ଗରିବ ଓ ଧର୍ମପରାୟଣ ଥିଲେ । ପିଲାଦିନରୁ ପିତାଙ୍କର ବ୍ୟକ୍ତିତ୍ୱର ପ୍ରଭାବ ତାଙ୍କ ଉପରେ ପଡିଥିଲା । ଦାରିଦ୍ର୍ୟ ତାଙ୍କର ଚିର ସହଚର ଥିଲା । ଅଭାବ ଅନଟନ ମଧ୍ୟରେ ଥାଇ ମଧ୍ୟ ସେ ନୀତିନିଷ୍ଠ ଜୀବନରୁ ବିଚ୍ୟୁତ ହୋଇନଥିଲେ । ପରମ କାରୁଣିକ ଭଗବାନଙ୍କର କରୁଣାକୁ ସେ ସର୍ବତ୍ର ଉପଲବ୍ଧି କରୁଥିଲେ । ଯନ୍ତ୍ରଣା ତାଙ୍କର ଆତ୍ମାକୁ ସ୍ପର୍ଶ କରିପାରି ନଥିଲା । ମୋଟ ଉପରେ ଗଙ୍ଗାଧରଙ୍କୁ ଏକ କ୍ଷୁଦ୍ର କାଳିଦାସ କହିଲେ ଅତ୍ୟୁକ୍ତି ହେବନାହିଁ ।

କବି ଗଙ୍ଗାଧର ଭାରତୀୟ ସଂସ୍କୃତିର ସାର୍ଥକ ରୂପକାର, ସେ ନାରୀଙ୍କୁ ସମ୍ମାନ ଦେଇଛନ୍ତି । ନାରୀତ୍ୱକୁ ସେ ଦେଇଛନ୍ତି ମର୍ଯ୍ୟାଦା, ତାଙ୍କର ଜୀବନ ସରୋବର ଦାରିଦ୍ର୍ୟ ପଙ୍କପୂର୍ଣ୍ଣ ହେଲେ ହେଁ ମଧୁମୟ ଭାବଧାରାରେ ତାହା ସତେଯେପରି ନିର୍ମଳ ହୋଇଯାଇଥିଲା, ସେ ଚାହୁଁଥିଲେ ଏକ ନୀତିନିଷ୍ଠ ଧର୍ମାନୁମୋଦିତ ଜୀବନ । ସେ ସ୍ୱଭାବତଃ ପ୍ରକୃତିପ୍ରେମୀ କବି । ପ୍ରକୃତିକୁ ସେ ଭଲ ପାଇଛନ୍ତି, ପ୍ରକୃତି ଦେହରେ ମଣିଷର ସତ୍ତାକୁ ଖୋଜିଛନ୍ତି । ବହିଃପ୍ରକୃତି ସହିତ ଅନ୍ତଃପ୍ରକୃତିର ସମନ୍ୱୟ କରିଛନ୍ତି । ପ୍ରକୃତି ପ୍ରେମ ଦେଇ ସେ ଜୀବନର ସୂକ୍ଷ୍ମ ସତ୍ତାକୁ ଅନୁଧ୍ୟାନ କରିଛନ୍ତି । ତାଙ୍କରି ପ୍ରକୃତି ଜଡ ନୁହେଁ, ନିର୍ବେଦ ନୁହେଁ ମାତ୍ର ଗତିଶୀଳ ସମ୍ବେଦନଶୀଳ । ପ୍ରକୃତି ଉପାସନା ଦେଇ ସେ ଜୀବନର ଦୁଃଖ ଓ ଯନ୍ତ୍ରଣାକୁ ଭୁଲିବାକୁ ଚେଷ୍ଟା କରିଅଛନ୍ତି ।

ପ୍ରକୃତି ତାଙ୍କର ଜୀବନ । ପ୍ରକୃତି ତାଙ୍କର ପ୍ରାଣ । ପ୍ରକୃତି ତାଙ୍କର ପ୍ରେରଣା । ପ୍ରକୃତିକୁ ଭଲ ପାଇବା ଓ ପ୍ରକୃତି ବର୍ଣ୍ଣନା ଦେଇ ମାନବ ପ୍ରକୃତିକୁ ବିଶ୍ଳେଷଣ କରିବା ମଧ୍ୟ କବିଙ୍କର ଅନ୍ୟତମ ଦାର୍ଶନିକ ଅଭିବ୍ୟକ୍ତି । ଗଙ୍ଗାଧର ୧୮୮୫ ଖ୍ରୀଷ୍ଟାବ୍ଦରେ କର୍ମକ୍ଷେତ୍ରରେ ପ୍ରବେଶ କଲେ ମାସିକ ସାତ ଟଙ୍କା ଦରମାରେ । ୧୮୫୫ରୁ ୧୯୦୧ ମସିହା ପର୍ଯ୍ୟନ୍ତ ସେ ବରପାଲି ଜମିଦାରଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ । ତତ୍‌ପରେ ସେ ୧୯୦୧ରୁ ୧୯୧୨ ପର୍ଯ୍ୟନ୍ତ ସମ୍ବଲପୁର ଡେପୁଟି କମିଶନରଙ୍କ ଅଦାଲତରେ ଏବଂ ୧୯୧୩ରୁ ୧୯୧୪ ପର୍ଯ୍ୟନ୍ତ ବିଜେପୁର ଅନରାରୀ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ କାର୍ଯ୍ୟ କରିଥିଲେ । ଜୀବନର ଅବଶିଷ୍ଟ କାଳ ଅର୍ଥାତ୍ ୧୯୧୭ ମସିହା ପର୍ଯ୍ୟନ୍ତ ସେ ପଦ୍ମପୁରରେ ଚାକିରି କରିଥିଲେ । ତାଙ୍କର ଦରମା ସାତ ଟଙ୍କାରେ ଆରମ୍ଭ ହୋଇ କ୍ରମେ ବୃଦ୍ଧି ଲାଭ କରିଥିଲା ଓ ଶେଷ ବେଳକୁ ସେ ୩୫ ଟଙ୍କା ଦରମା ପାଉଥିଲେ । ଜୀବନର ନାନା ଘାତ ପ୍ରତିଘାତ ମଧ୍ୟରେ ଗଙ୍ଗାଧର ଭାଙ୍ଗି ପଡିନଥିଲେ, ତାଙ୍କର ଥିଲା ଅସୀମ ଧୈର୍ଯ୍ୟ । କର୍ତ୍ତବ୍ୟବୋଧ, ନିର୍ମଳତା, ପବିତ୍ରତା ଓ ଅନ୍ୟାୟର ବିରୋଧ ପାଇଁ ସେ ପ୍ରେରଣା ଦେଇଛନ୍ତି । ଏହାହିଁ ଗଙ୍ଗାଧରଙ୍କର 'ଜୀବନ ଦର୍ଶନ' ।

## ପ୍ରକୃତି

ଯୁଗେ ଯୁଗେ ପ୍ରକୃତି କବି ଓ ଭାବୁକଙ୍କର ଅନ୍ତରରେ ସୃଷ୍ଟି କରିଆସିଛି ନବନବ ଭାବସ୍ପନ୍ଦନ । ପ୍ରାଚୀନ ସାହିତ୍ୟରେ ପ୍ରକୃତିର ବହିଃରଙ୍ଗ ବିଶେଷ ଭାବରେ ପ୍ରାଧାନ୍ୟ ଲାଭ କରିଥିଲା ବେଳେ ଆଧୁନିକ ସାହିତ୍ୟରେ ପ୍ରକୃତିର ଅନ୍ତଃରଙ୍ଗ ପ୍ରାଧାନ୍ୟ ଲାଭ କରିଛି । ଓଡ଼ିଆ ସାହିତ୍ୟରେ ରାଧାନାଥ ଯୁଗରେ ପ୍ରକୃତି ଏକ ନୂତନ ରୂପରେଖ ନେଲା । ରାଧାନାଥ ପ୍ରଥମ ଥର ପାଇଁ ପ୍ରକୃତିଠାରେ ବ୍ୟକ୍ତିତ୍ୱ ଆରୋପ କରି ଏକ ନୂତନ କାବ୍ୟ ଚେତନା ସୃଷ୍ଟି କଲେ । ସ୍ୱଭାବ କବି ଗଙ୍ଗାଧର ରାଧାନାଥ ଯୁଗର ଏକ ଅମ୍ଳାନ ପ୍ରତିଭା । ସେ ଆଉ ଚିରାଚରିତ ଭାବରେ ପ୍ରକୃତି ବର୍ଣ୍ଣନା ନକରି ସମ୍ପୂର୍ଣ୍ଣ ଅଭିନବ ଭାବରେ ପ୍ରକୃତିକୁ ରୂପ ପ୍ରଦାନ କଲେ । ତାଙ୍କର ପ୍ରକୃତି ବ୍ୟକ୍ତିତ୍ୱମୟୀ ଓ ମଣିଷର ସୁଖ ଦୁଃଖ ପ୍ରତି ସମ୍ବେଦନଶୀଳ । ସମସ୍ତ କାବ୍ୟରେ ସେ ପ୍ରକୃତିକୁ ଅଙ୍ଗୀଭୂତ ଚରିତ୍ର ଭାବରେ ବର୍ଣ୍ଣନା କରିଅଛନ୍ତି । ତାଙ୍କର ପ୍ରକୃତି କେତେବେଳେ

ରାଜକୀୟ ଐଶ୍ୱର୍ଯ୍ୟରେ ଐଶ୍ୱର୍ଯ୍ୟବନ୍ତ, ବେଳେବେଳେ ଶାନ୍ତ ସୁନ୍ଦର ଧୀର ଲଳିତ, କେତେବେଳେ ବିରାଟ ଗମ୍ଭୀର କେତେବେଳେ ପ୍ରଳୟ ମୁଖର, କେତେବେଳେ ମଣିଷର ସୁଖଦୁଃଖ ପ୍ରତି ସମ୍ବେଦନଶୀଳ । ତେଣୁ କବିବର ରାଧାନାଥ ରାୟ 'କୀଚକବଧ' ସମ୍ପର୍କରେ ନିଜର ଅଭିମତ ଦେଇ ଯଥାର୍ଥରେ ଲେଖିଥିଲେ, 'ଗଙ୍ଗାଧର ଉଚ୍ଚ ଶ୍ରେଣୀର କବି । କି ବହିଃପ୍ରକୃତିର କି ଅନ୍ତଃପ୍ରକୃତି ଉଭୟର ଯଥାଯଥ ଚିତ୍ରାଙ୍କନରେ ଗଙ୍ଗାଧର ସିଦ୍ଧହସ୍ତ ଗ୍ରନ୍ଥାଧ୍ୟୟନ କରି ଲୋକ ପଣ୍ଡିତ ହୋଇପାରନ୍ତି, ମାତ୍ର କବି ହେବାକୁ ହେଲେ ଗ୍ରନ୍ଥାଧ୍ୟୟନ ମଧ୍ୟ ଅପରିହାର୍ଯ୍ୟ । ଗଙ୍ଗାଧର ଯେତେବେଳେ ଯାହା ଲେଖନ୍ତି, ପ୍ରକୃତିକୁ ସ୍ୱଚକ୍ଷୁରେ ଦେଖି ଲେଖନ୍ତି । ଏହି ହେତୁରୁ ତାଙ୍କର ଉକ୍ତିଗୁଡିକ ଭାବ ପ୍ରଧାନ ନୁହେଁ ରସ ପ୍ରଧାନ ହୁଏ ।'

**କାବ୍ୟ ଓ କବିତା**

କବି ଗଙ୍ଗାଧର ମେହେରଙ୍କ ଲେଖନୀରୁ ସୃଷ୍ଟି ହୋଇଥିବା କାବ୍ୟ କବିତାଗୁଡିକ ହେଲା– 'ଇନ୍ଦୁମତୀ' (୧୮୯୪), 'ଉତ୍କଳ ଲକ୍ଷ୍ମୀ' (୧୮୯୪–୧୯୧୪), 'କୀଚକ ବଧ' (୧୯୦୪), 'କବିତା କଲ୍ଲୋଳ' (୧୯୧୨), 'ତପସ୍ୱିନୀ' (୧୯୧୪), 'ପ୍ରଣୟବଲ୍ଲରୀ' (୧୯୧୫), 'ଅର୍ଘ୍ୟଥାଳୀ', 'ଅଯୋଧ୍ୟା ଦୃଶ୍ୟ', 'ମହିମା', 'ରସ ରତ୍ନାକର', 'ଅହଲ୍ୟାସ୍ତବ', 'ପଦ୍ମିନୀ' (୧୯୧୮)ରେ ରଚିତ ।

ଗଙ୍ଗାଧର ଥିଲେ ସଂସ୍କୃତ ସାହିତ୍ୟର ପରମ ପୂଜକ । ସେହି ସାହିତ୍ୟରୁ ସେ ଯାହା ଜ୍ଞାନାର୍ଜନ କରିଥିଲେ, ତାକୁ ହିଁ ଭିତ୍ତି କରି ଓଡ଼ିଆ କାବ୍ୟ କବିତା ରଚନା କରିବାକୁ ସେ ଚେଷ୍ଟା କରୁଥିଲେ । ପ୍ରଥମ ଅବସ୍ଥାରେ ପ୍ରାଚୀନ ରୀତିରେ କେତେକ କବିତା ରଚନା କରିବା ପରେ ଆଦ୍ୟପ୍ରାନ୍ତ 'ର' ଅକ୍ଷର ବିଶିଷ୍ଟ ସୁଲଳିତ କାବ୍ୟ 'ରସ ରତ୍ନାକର' ରଚନା କଲେ । ତାଙ୍କର ଦ୍ୱିତୀୟ ରଚନା 'ଅହଲ୍ୟାସ୍ତବ' (୧୮୯୨) ସଂସ୍କୃତ ବୃତ୍ତ ଅନୁସରଣରେ ରଚିତ ଏକ ଓଡ଼ିଆ ପଦ୍ୟ । ସେହି କବି ପ୍ରତିଭାର ବିକଚ ବିକାଶ ହେଉଛି ପରବର୍ତ୍ତୀ କାଳରେ 'ଇନ୍ଦୁମତୀ' କାବ୍ୟ । 'ଇନ୍ଦୁମତୀ' ଚିର ଆହ୍ଲାଦଦାୟିନୀରେ ବରମାଲ୍ୟରେ କେବଳ ବିଜୟୀ ହେଲେ ନାହିଁ, ସତେଯେପରି ବାଣୀ ବରମାଲ୍ୟ ଲାଭ କଲେ ସ୍ୱଭାବ କବି ଗଙ୍ଗାଧର । ସେହି ବରମାଲ୍ୟର ଜୟମାଲ୍ୟ ହେଉଛି ୧୯୦୪ ମସିହାରେ ରଚିତ 'କୀଚକ ବଧ' କାବ୍ୟ । ସଂସ୍କୃତ ମହାଭାରତ ଓ ସାରଦା ଦାସଙ୍କ ମହାଭାରତର କଥାବସ୍ତୁକୁ ଗ୍ରହଣ କରି କବି ଗଙ୍ଗାଧର 'କୀଚକ ବଧ' କାବ୍ୟର ପରିକଳ୍ପନା କରିଅଛନ୍ତି । ପୁରାତନରେ ନୂତନତା ଏବଂ ଆଦୃତରେ ମୌଳିକତା ପ୍ରତିଫଳିତ କରିବା ପ୍ରତିଭାର ବିଧି ପ୍ରତିପାଦିତ ଅଧିକାର ଅଟେ । କବି ଆଦର୍ଶବାଦୀ ଶିଳ୍ପୀ ସେ ନୀତିବାଦୀ । ପୁଣ୍ୟକୁ ସେ ପାପର କ୍ଳେଦମାନ ଗର୍ଭରେ ନିକ୍ଷେପ କରି ଶୁଦ୍ଧ ସୁବର୍ଣ୍ଣ ପରି ଉଦ୍ଧାର କରି ଆଣିଛନ୍ତି । ନୀତିବାଦୀ କବି ଗଙ୍ଗାଧରଙ୍କର ଆଦର୍ଶବୋଧ ଓ ଜୀବନ ଦର୍ଶନ ଅପୂର୍ବ କବିତ୍ୱ ମାଧ୍ୟମରେ ପ୍ରକାଶିତ ହୋଇଛି । 'କୀଚକ ବଧ' କବିଙ୍କର ବହୁମୁଖୀ ପ୍ରତିଭାର ପରିଚୟ ଦେଖିବାକୁ ମିଳିଥାଏ । 'କୀଚକ ବଧ' ପରେ କବି ଉତ୍କଳ ଜନନୀ ନିରାଜନା କଲେ 'ଉତ୍କଳଲକ୍ଷ୍ମୀ' କାବ୍ୟରେ । ଜାତିପ୍ରାଣ କବି ଗଙ୍ଗାଧରଙ୍କର ଅଭିବ୍ୟକ୍ତି ହେଉଛି ଏହି କାବ୍ୟ । ସେ ଉତ୍କଳଲକ୍ଷ୍ମୀଙ୍କର ଦୁର୍ଦ୍ଦଶାରେ ମ୍ରିୟମାଣ ହୋଇପଡିଛନ୍ତି ।

କାବ୍ୟ କବି ଜୀବନର ମୁକୁର । କବି ଜୀବନ ଓ ଜଗତ ସମ୍ପର୍କରେ ଯେଉଁ ଅଭିଜ୍ଞତା ଲାଭ କରେ, ତାକୁ ସେ ତାର କାବ୍ୟରେ କମନୀୟ ରୂପ ପ୍ରଦାନ କରେ । ସାମାଜିକ ଜୀବନର ଘାତ ପ୍ରତିଘାତ, ସଂଘାତ ଓ ସଂଘର୍ଷ କବିର ଚିତ୍ତବୃତ୍ତିରେ ଆଲୋଡନ ସୃଷ୍ଟି କରେ । ସେହି ଆଲୋଡନକୁ ସେ ତାର କବିତାରେ ରୂପ ନେଇ ସମନ୍ୱିତ ଜୀବନ ପ୍ରତିଷ୍ଠା ପାଇଁ ଇଙ୍ଗିତ ହୁଏ ।

**ଅର୍ଘ୍ୟଥାଳି**

ବିଶ୍ୱ ଦେଖ ମଧୁମୟରେ ଜୀବନ, ବିଶ୍ୱ ଦେଖ ମଧୁମୟ ମଧୁର ଝରଣ କରିବ ହରଣ ତୋ ପାପ, ମରଣ ଭୟରେ ଜୀବନ, ଜନନୀର ସ୍ନେହ, ଜାୟାର ପ୍ରଣୟ, ବନ୍ଧୁବନ୍ଧୁ ସଦାଳାପ ଜନକ ଆଦର ଏକ ଏକ ଝର, ତଡି ଦେଉଛନ୍ତି ତା'ପରେ ଜୀବନ, ନବ ନବ କର୍ମ, ନବ ନବ ମର୍ମ, ନବ ନବ ଜ୍ଞାନପଥ, ନବୀନ ଆଲୋକେ ଦେଖାନ୍ତି ଏ ଲୋକେ ମଧୁଝର ଶତଶତରେ ଜୀବନ । 'ତପସ୍ୱିନୀ' କବି ପ୍ରତିଭାର ଚୂଡାନ୍ତ ନିଦର୍ଶନ । ୧୯୧୩ ମସିହାରେ 'ତପସ୍ୱିନୀ' ରଚନା ଶେଷ ହେଲା ଏବଂ ୧୯୧୪ରେ ଏହା ପୁସ୍ତକ ଆକାରରେ ପ୍ରକାଶିତ ହେଲା । 'ତପସ୍ୱିନୀ' କବି ପ୍ରତିଭାର ଅମଳିନ ସାକ୍ଷର । ଏହାପୂର୍ବରୁ ସେ 'ପ୍ରଣୟ ବଲ୍ଲରୀ' ନାମକ କବିତା ଲେଖି ପ୍ରକାଶ କରିଥିଲେ ।

ପ୍ରକୃତରେ ବୈଚିତ୍ର ଓ ମାନବ ଚରିତ୍ରର ସ୍ୱର୍ଗୀୟ ସୁଷମା ବର୍ଣ୍ଣନାରେ ଗଙ୍ଗାଧର କାବ୍ୟ କବିତା ପ୍ରାଣବନ୍ତ ହୋଇପାରିଛି । ପ୍ରାଚୀନ ସାହିତ୍ୟ ସହିତ ସଂଯୋଗ ରକ୍ଷା କରି ନୂତନ ସାହିତ୍ୟ ସୃଷ୍ଟି କରିଛନ୍ତି ସେ । ରାଘବ ମିଶ୍ର ତେଣୁ ଯଥାର୍ଥରେ ଲେଖିଛନ୍ତି, ଗଙ୍ଗାଧରଙ୍କ ମାନସ ଚକ୍ଷୁ ବିଷୟ ବସ୍ତୁର ଅନ୍ତରତମ ପ୍ରଦେଶ ନିରୀକ୍ଷଣ କରି ସୁନ୍ଦର ଉନ୍ନତ ଭାବ ଗ୍ରହଣ କରିବାରେ ଯେପରି ବିଲକ୍ଷଣ ପାଟବ ଅର୍ଜନ କରିଥିଲା, ତାଙ୍କର ପ୍ରକାଶ ଶକ୍ତି ସେହିପରି

ତାହାକୁ ମଧୁର, ଉନ୍ନତ ପଦାବଳୀର ବିନ୍ୟାସରେ ଚିତ୍ତର ପ୍ରସାଦ ଜନ୍ମାଇବାକୁ ବିଶେଷ ସାମର୍ଥ୍ୟ ଥିଲା । ସେ କାବ୍ୟଗତ ନାୟକ, ନାୟିକାମାନଙ୍କର ସୁଖ, ଦୁଃଖ, ଅନୁରାଗ, ବିରାଗ, ଚିନ୍ତା–ଚାଞ୍ଚଲ୍ୟ, କ୍ରୀଡା–ବୈକଲ୍ୟ ସହିତ ମର୍ମେ ମର୍ମେ ସହଯୋଗିତା ସ୍ଥାପନ କରି ବର୍ଣ୍ଣନାରେ ସେସବୁକୁ ପ୍ରାଣବନ୍ତ କରି ଫୁଟାଇ ପାରିଛନ୍ତି । କବି ଗଙ୍ଗାଧରଙ୍କ କାବ୍ୟରେ ପ୍ରେମର ଗୁରୁତ୍ୱ ଚିତ୍ରଣ ଅଛି । ଏ ପ୍ରେମ ହେଉଛି ପ୍ରେମର ବହୁ ଉର୍ଦ୍ଧ୍ୱରେ । ଏ ପ୍ରେମ ସ୍ୱର୍ଗୀୟ । ତ୍ୟାଗରେ ମହିମାନ୍ୱିତ ।

### ରାଧାନାଥ ଯୁଗରେ ଗଙ୍ଗାଧର

ଯେତେବେଳେ କବିଙ୍କର ରାଧାନାଥ ରାୟଙ୍କ କାବ୍ୟିକ ପ୍ରତିଭା ସମଗ୍ର ଉତ୍କଳରେ ପ୍ରତିଭାତ, ଯେତେବେଳେ କବିବର ଏକ ଉଜ୍ଜଳ ଜ୍ୟୋତିଷ୍କ ଭାବରେ ଉତ୍କଳ ସାହିତ୍ୟାକାଶରେ ଭାସ୍କର, ସେତିକିବେଳେ କବି ଗଙ୍ଗାଧରଙ୍କର କାବ୍ୟିକ ପ୍ରତିଭାର ବିକରଣ ବିକାଶ ହୁଏ ସମ୍ବଲପୁରର ବରପାଲୀ ଗ୍ରାମର ଏକ ଦାରିଦ୍ର୍ୟ ତନ୍ତୁବାୟ ପରିବାରରେ । କବି ଗଙ୍ଗାଧର ରାଧାନାଥ ଯୁଗରେ ଆବିର୍ଭୂତ ହୋଇଥିଲେ ହେଁ ଗଙ୍ଗାଧରଙ୍କ ପ୍ରତିଭା ଅନନ୍ୟ ସାଧାରଣ। ଗଙ୍ଗାଧରଙ୍କ ସାହିତ୍ୟ ହେଉଛି ପ୍ରାଚୀନ ଓ ନବୀନର ଅପୂର୍ବ ସମନ୍ୱୟ । ରାଧାନାଥ ଅର୍ଥର ପ୍ରାଞ୍ଜଳତା ସଙ୍ଗେ ଭଞ୍ଜୀୟଛନ୍ଦ ମାଧୁର୍ଯ୍ୟର ମଧୁର ମିଳନ ହିଁ ଗଙ୍ଗାଧର ସାହିତ୍ୟକୁ ଶ୍ରବଣ ସୁଖଦାୟୀ ଗ୍ରନ୍ଥ ଭାବରେ ପ୍ରତିଷ୍ଠା ପ୍ରଦାନ କରିଛି ।

ଦାରିଦ୍ର୍ୟ ନିପୀଡିତ ସାଂସାରିକ ଜୀବନର ସକଳ ଜଞ୍ଜାଳ, ସକଳ ଲାଞ୍ଛନା, ସକଳ ଅଭାବ, ଅନଟନ, ଜୀବନରେ ସକଳ ବିଷକୁ ଯେଉଁ କବି ନୀଳକଣ୍ଠ ପରି ଆକଣ୍ଠ ପାନ କରି ଅମୃତର ବାଣୀକୁ ଉଦାର କଣ୍ଠରେ ବୈଦିକ ଋଷିଭଳି ଘୋଷଣା କରି ଯାଇଛନ୍ତି ଏବଂ ଜଗତର ପ୍ରତ୍ୟେକ ବସ୍ତୁରେ ଯିଏ ସେହି ସଚ୍ଚିଦାନନ୍ଦ ମଙ୍ଗଳମୟ ପରମାତ୍ମାଙ୍କର ପରିସ୍ଥିତିକୁ ମର୍ମେ ମର୍ମେ ଉପଲବ୍ଧ କରି ଦାରିଦ୍ର୍ୟର ପଙ୍କିଳ ମଧ୍ୟରେ ଅବିରଳ ଶୁଭ୍ରଶତ ଦଳ ପରି ବିକଶିତ ହୋଇ ନିଜର ଅଶାନ୍ତ କବି ପ୍ରତିଭାକୁ ପ୍ରକାଶ କରି ଯାଇଛନ୍ତି, ସେହି ବାଣୀ–ପାଦ–ପଦ୍ମ ବ–ବିସ–ଜୀବ–ରାଜହଂସ–ରଙ୍ଗଜୀବ ଗଙ୍ଗାଧର ଓଡ଼ିଆ ସାହିତ୍ୟରେ ଏକ ବାସ୍ତବିକ ବିସ୍ମୟ ଧୂଳି ମଳିନ ଧରଣୀର ମାଳିନ୍ୟ ତାଙ୍କୁ ସ୍ପର୍ଶ କରିପାରି ନାହିଁ । 'ମଧୁମୟ' ସନ୍ଧାନ ଲାଭ କରିଛନ୍ତି । ବନବଲ୍ଲରୀର ସ୍ନିଗ୍ଧ ସୁନ୍ଦର କାମ, କୃତି ତଳେ ସେ ଆବିଷ୍କାର କରିଛନ୍ତି ନିଜର ବ୍ୟକ୍ତିତ୍ୱକୁ ପ୍ରକୃତିର ଚାରୁ ଆଲେଖ୍ୟ ତାଙ୍କର ନୟନରେ ଭରି ଦେଇଛି ଅପରୂପ ଆନନ୍ଦ । ଗଙ୍ଗାଧରଙ୍କ ପ୍ରକୃତି ହୋଇଛି ଏକାଧାରାରେ ଜୀବନର ଦ୍ୟୋତନା, ଆତ୍ମାର ଚେତନା ଓ ପରମାତ୍ମାର ନିରାଜନା । ପାରମ୍ପରିକ ପ୍ରକୃତି ବର୍ଣ୍ଣନା କରି ନୂତନ ରୂପ ଦେଇ ଗଙ୍ଗାଧର ପ୍ରକୃତିକୁ ଜୀବନ୍ତ କରି ବର୍ଣ୍ଣନା କଲେ । ପ୍ରକୃତି ମଧ୍ୟରେ ସେ ଉପଲବ୍ଧି କଲେ ଜୀବନର ସତ୍ତା । ସେ ଅନୁଭବ କଲେ ମଣିଷର ସକଳ ପ୍ରକୃତି । ପ୍ରକୃତି ଏବଂ ମଣିଷର ଜୀବନ ମଧ୍ୟରେ ସେ କଳ୍ପନା କଲେ ଅଭେଦତା । ପ୍ରକୃତି... ଆଉ ମୂଳ ନୁହେଁ, ନିର୍ବେଦ ନୁହେଁ ନିଷ୍ପ୍ରାଣ ନୁହେଁ । ପ୍ରକୃତି ହେଲା ସ୍ଫୁର୍ତ୍ତିମୟୀ ଚଳଚଞ୍ଚଳ ବାକ୍‌ଦାୟିନୀ । ଏହି ହେତୁ ଗଙ୍ଗାଧର ଓଡ଼ିଆ ସାହିତ୍ୟରେ ନିଜର ଭୂମିକା ସ୍ଥିର କରିନେଲେ ।

ବରିଷ୍ଠ ଗବେଷକ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

❖ ❖ ❖

# ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ମହାନ୍ ଜ୍ୟୋତିଷ୍କ ଶହୀଦ୍ ମାଧୋସିଂହ

ଅମୃତଲାଲ ସାହୁ

ପୃଥିବୀ ଇତିହାସକୁ ଆଲୋଚନା କଲେ ଜଣାପଡେ ପ୍ରାୟ ପ୍ରତ୍ୟେକ ଦେଶ, ପ୍ରତ୍ୟେକ ଜାତି ସ୍ୱାଧୀନତା ପାଇଁ ରକ୍ତ ସ୍ନାନ କରିଛି । ସଂସ୍କୃତରେ କୁହାଯାଏ 'ବୀରଭୋଗ୍ୟା ବସୁନ୍ଧରା' ବୀର ହିଁ ଧରିତ୍ରୀକୁ ଭୋଗ କରେ । ଏଥିପାଇଁ ରକ୍ତାକ୍ତ ହୋଇ ଜୟ ଲକ୍ଷ୍ମୀଙ୍କୁ ଆଣିବାକୁ ପଡିଥାଏ, ନଚେତ ରଣ ଯଜ୍ଞରେ ନିଜକୁ ଆହୂତି ଦେବାକୁ ପଡିଥାଏ ।

ରକ୍ତପୀଠ ଘେଁସ । ଅଧୁନା ବରଗଡ ଜିଲ୍ଲାରେ ଅବସ୍ଥିତ ଏହି ଗ୍ରାମରେ ଆମ ଦେଶର ସ୍ୱାଧୀନତା ଯେଉଁ ଅଭୁତପୂର୍ବ ମୁକ୍ତି ସଂଗ୍ରାମ ସଂଗଠିତ ହୋଇଥିଲା, ତାହା ଓଡ଼ିଆ ଜାତି ପାଇଁ ଆଜି ଗର୍ବ ଓ ଗୌରବର ଇତିହାସ ରଚନା କରିଛି । ଏଠାରେ ୧୮୫୭ ମସିହାରେ ସ୍ୱାଧୀନତା ପାଇଁ ଆରମ୍ଭ ହୋଇଥିଲା ଏକ ରକ୍ତ ଯଜ୍ଞ । ଏହି ରକ୍ତ ଯଜ୍ଞର ପ୍ରଥମ ପୁରୋଧା ଥିଲେ ଜମିଦାର ବୀର ମାଧବ ସିଂହ ବରିହା । ତାଙ୍କର ଡାକ ନାମ ଥିଲା 'ମାଧ ସିଂହ' । ଇଂରେଜମାନେ ତାଙ୍କୁ 'ମାଧୋ ସିଂହ' ନାମରେ ଡାକୁଥିଲେ । ଐତିହାସିକ କାଗଜ ପତ୍ରରେ ମଧ ସେ 'ମାଧୋ ସିଂହ' ନାମରେ ପରିଚିତ ।

ମାଧୋ ସିଂହଙ୍କର ପିତାଙ୍କ ନାମ ଥିଲା 'ଅର୍ଜୁନ ସିଂହ ବରିହା' । ମାଧୋ ସିଂହ କିଶୋର ବୟସରୁ ତାଙ୍କ ପିତାଙ୍କ ନିକଟରୁ ଯୁଦ୍ଧ ବିଦ୍ୟା କୌଶଳ ଶିକ୍ଷା କରିଥିଲେ । ସେ ବୃଦ୍ଧ ହୋଇ ୭୨ ବର୍ଷ ବୟସରେ ସହିଦ୍ ହୋଇଥିଲେ ବୋଲି ଅନେକ ମତ ଦିଅନ୍ତି । ସେହି ଦୃଷ୍ଟିରୁ ସେ ସମ୍ଭବତଃ ୧୭୮୬ ମସିହାରେ ଜନ୍ମଲାଭ କରିଥିବେ । ତାଙ୍କର ଅସୀମ ପରାକ୍ରମ, ଦୁଃସାହସ, ସ୍ୱାଧୀନ ଚେତନା, ସର୍ବୋପରି ପ୍ରଜାମଙ୍ଗଳକାରୀ ମନୋଭାବ ତାଙ୍କୁ ବିପ୍ଳବୀ କରିଥିଲା ।

ମାଧୋ ସିଂହ ଯେତେବେଳେ ତାଙ୍କର ପିତା ଅର୍ଜୁନ ସିଂହଙ୍କଠାରୁ ଘେଁସ ଜମିଦାରୀ ଗ୍ରହଣ କଲେ, ସେତେବେଳେ ଘେଁସ ସମେତ ମାତ୍ର କୋଡିଏ ଖଣ୍ଡ ଛୋଟ ପଲ୍ଲୀ ତାଙ୍କର ଜମିଦାରୀର ଅନ୍ତର୍ଭୁକ୍ତ ଥିଲା । ସେଗୁଡିକ ହେଉଛି–

୧– ଘେଁସ, ୨– ପେଟୁପାଲି, ୩– ଘୁମୁନିପାଲି, ୪– ଝାଙ୍କରପାଲି, ୫– ତିଳେଇମାଲ, ୬– ବରପଦର, ୭– ତୁରୀମୁଣ୍ଡା, ୮– ବଡମାଲ, ୯– କଟାପାଲି, ୧୦– କୁଟିପାଲି, ୧୧– ସିଧିରା, ୧୨– କଲଙ୍ଗାପାଲି, ୧୩– ନୂଆପାଲି, ୧୪– ବୈଦେଶପାଲି, ୧୫– ବ୍ରାହ୍ମଣୀପଠା, ୧୬–ବାଲିପଟା, ୧୭– ବେହେରାପାଲି, ୧୮– ଡୁମେରପାଲି, ୧୯– ବନ୍ଧପାଲି ଓ ୨୦– ଚୁହାନପାଲି ।

ଏହି ଅଞ୍ଚଳକୁ 'ଖାଲସା' ବୋଲି କୁହାଯାଉଥିଲା । ମାଧୋ ସିଂହଙ୍କର ପାଞ୍ଚଟି ପୁତ୍ର ସନ୍ତାନ ଥିଲେ । ସେମାନେ ହେଉଛନ୍ତି ହାତୀ ସିଂହ(ହଟେ ସିଂହ), କୁଞ୍ଜଳ ସିଂହ, ବୈରୀସିଂହ, ଐରୀସିଂହ (ଉଦୟ ସିଂହ) ଓ ନାରାୟଣ ସିଂହ ।

ଦ୍ୱିତୀୟ ସନ୍ତାନ କୁଞ୍ଜଳ ସିଂହ ଯୌତୁକ ସ୍ୱରୂପ ପାଞ୍ଚଖଣ୍ଡି ଗ୍ରାମ ପାଇଥିଲେ । ପୂର୍ବେ ବିଂଝାଳ ଜମିଦାରମାନେ ଯୌତୁକକୁ ଫୁଲଖୁଚା, ହଳଦୀମଖା ଇତ୍ୟାଦି ନାମରେ କହୁଥିଲେ । ଏହି ପାଞ୍ଚଖଣ୍ଡ ଗ୍ରାମ ବର୍ତ୍ତମାନ ବରଗଡ ଜିଲ୍ଲା ଅନ୍ତର୍ଗତ ସୋହେଲା ଗ୍ରାମ ନିକଟରେ ରହିଅଛି । ସେଗୁଡିକ ହେଉଛି– ୧–ଗ୍ରୀଞ୍ଜେଳ, ୨–ବୁଡାମାଳ, ୩– କେନ୍ଦମୁଡି, ୪– ରେଙ୍ଗାଲି ଓ ୫– ବିରିପାଲି ।

ଇଂରେଜମାନଙ୍କର ସୁନାଖାନ ଆକ୍ରମଣ ଘଟଣା, ରାମପୁର ଘଟଣା, ବିଜେପୁର ବାଦୀବାହାଳ ଘଟଣାରୁ ମାଧୋ ସିଂହ ସ୍ପଷ୍ଟ ଜାଣିପାରିଥିଲେ ଯେ, ଇଂରେଜମାନଙ୍କ ସହିତ ତାଙ୍କର ଯୁଦ୍ଧ ଦିନେ

ନିଶ୍ଚୟ ଘଟିବ । ତେଣୁ ମାଧୋ ସିଂହ ନିଜକୁ ମୁକାବିଲା ପାଇଁ ପ୍ରସ୍ତୁତ କରି ରଖୁଥିଲେ । ଇଂରେଜମାନେ ରାଜା ଜମିଦାର ଗୌନ୍ତିଆମାନଙ୍କୁ ମାଧ୍ୟମ କରି ପ୍ରଜାମାନଙ୍କୁ ଶୋଷଣ କରୁଥିଲେ । ଦିନକୁ ଦିନ ରାଜସ୍ୱ ବୃଦ୍ଧି କରି ପ୍ରଜାମାନଙ୍କଠାରୁ ଆଦାୟ କରିବା ପାଇଁ ବାଧ୍ୟ କରୁଥିଲେ । ବାରମ୍ବାର ରାଜସ୍ୱ ପୈଠ ପାଇଁ ଚାପ ପକାଉଥିଲେ । ଏସବୁ ମାଧୋ ସିଂହଙ୍କ ପକ୍ଷେ ଅସହ୍ୟ ହୋଇପଡୁଥିଲା । ଆବହମାନ କାଳରୁ ଘେଁସର ପ୍ରତ୍ୟେକ ଜମିଦାର ପ୍ରଜାବତ୍ସଳ ଥିଲେ । ଅନ୍ୟାନ୍ୟ ଜମିଦାରମାନଙ୍କ ପରି ଘେଁସ ଜମିଦାର କେବେ ସୁଦ୍ଧା ପ୍ରଜାମାନଙ୍କ ଉପରେ ଉତ୍ପୀଡନ କରିନଥିଲେ । ବିଳାସ ବ୍ୟସନଠାରୁ ସମ୍ପୂର୍ଣ୍ଣ ଦୂରରେ ଥିଲେ । ମଦ୍ୟପାନ ସେମାନଙ୍କ ପାଇଁ ସ୍ୱପ୍ନ ଥିଲା ।

ଭାରତର ଅନ୍ୟାନ୍ୟ ରାଜା ଜମିଦାରମାନେ ଭବ୍ୟ ରାଜ ଗୃହ ତିଆରି କରି ରହୁଥିବା ବେଳେ ଘେଁସ ଜମିଦାର ଏକ ସାଧାରଣ ପ୍ରଜା ପରି ଜୀବନଯାପନ କରୁଥିଲେ । ମାଟି ତିଆରି ଘର । ଘର ଉପର ନଡା ଛପରରେ ତିଆରି । ପର୍ବ ଦିନ ବ୍ୟତୀତ ଅନ୍ୟାନ୍ୟ ଦିନଗୁଡିକରେ ମୋଟା ଧୋତି, ମୋଟା ଚାଦର, ମସ୍ତକରେ ରାଜ ମୁକୁଟ ପରିବର୍ତ୍ତେ ଏକ ସାଧାରଣ ପାଗ ଭିଡୁଥିଲେ । ପୂର୍ବକାଳରୁ ଘେଁସ ଭୂମିର ପ୍ରତ୍ୟେକ ଜମିଦାର ବିଳାସ ବ୍ୟସନ ଓ ପ୍ରଜାମାନଙ୍କ ଶୋଷଣକୁ ପାପ ବୋଲି ମନେ କରୁଥିଲେ । ଏଣୁ ପ୍ରଜାମାନଙ୍କଠାରେ ଅଧିକ ପ୍ରିୟ ଭାଜନ ହୋଇପାରୁଥିଲେ ।

ଇଂରେଜମାନେ ମାଧୋ ସିଂହଙ୍କୁ ଅଧିକ ରାଜସ୍ୱ ପୈଠ କରିବା ପାଇଁ ଯେତେବେଳେ ବାଧ୍ୟ କଲେ, ସେତେବେଳେ ସେ ପ୍ରଜାମାନଙ୍କଠାରୁ ରାଜସ୍ୱ ଆଦାୟ ବନ୍ଦ କରି ଦେଲେ । ତାଙ୍କୁ ଟ ୩୫୬-୦-୦ ପାହୁଲା ରାଜସ୍ୱ ଦେବାପାଇଁ କଡା ତାଗିଦ୍ ଆସିଲା । ମାଧୋ ସିଂହ ଏହାକୁ ଭୃକ୍ଷେପ କଲେ ନାହିଁ । ଦ୍ୱିତୀୟ ଥର ମଧ୍ୟ ଏକ ପରୱାନା ପଠାଇ ସମ୍ବଲପୁରକୁ ଡକାଇଲେ । ଏଥିରେ ଲେଖାଥିଲା ଯେ, ସେ ନିଜେ ଆସି ରାଜସ୍ୱ ପ୍ରଦାନ କରିବେ । ମାଧୋ ସିଂହ ସମ୍ବଲପୁର ଗଲେ ନାହିଁ କିମ୍ବା ରାଜସ୍ୱ ମଧ୍ୟ ଦେଲେ ନାହିଁ । ଇଂରେଜମାନଙ୍କ ପକ୍ଷରୁ ଘେଁସ ଜମିଦାରୀ ଖାସ୍ କରି ଦେବାର ଧମକ ଦିଆଗଲା । ତଥାପି ମାଧୋ ସିଂହ ଓ ଇଂରେଜ ପ୍ରଶାସକ ଉଭୟଙ୍କ ମଧ୍ୟରେ ଏକ ଶୀତଳ ଯୁଦ୍ଧ ଅବ୍ୟାହତ ରହିଥିଲା ।

ମାଧୋ ସିଂହ ସର୍ବଦା ଚାହୁଁଥିଲେ, କିପରି ଭାବରେ 'ବେନ୍ଦରା'ମାନଙ୍କୁ (ବେନ୍ଦରା ଏକ ନୀଚ ଶ୍ରେଣୀୟ ଜାତି । ବିଝାଳମାନେ ଗୋରା ସାହେବମାନଙ୍କୁ ବେନ୍ଦରା ବୋଲି ଉପହାସ କରୁଥିଲେ ।) ସମ୍ବଲପୁର ଜିଲ୍ଲାରୁ ବିତାଡିତ କରି ହେବ । କିନ୍ତୁ ବିଶାଳ ଇଂରେଜ ଶକ୍ତି ସହିତ ଏକାକୀ ସଂଗ୍ରାମ କରିବା ସୁବିଧାଜନକ ହେଉ ନଥିବାରୁ ମାଧୋ ସିଂହ ସୁଯୋଗ ଅପେକ୍ଷାରେ ରହିଲେ ।

୧୮୫୭ ମସିହା ଜୁଲାଇ ୩୦ ତାରିଖ ଦିନ ବିପ୍ଳବୀମାନେ ହଜାରୀବାଗ ଜେଲ ଭଗ୍ନ କରି ଦେବାରୁ ସୁରେନ୍ଦ୍ର ସାଏ ତାଙ୍କର ଭାଇମାନଙ୍କ ଓ ପୁତ୍ର ସହ ସମ୍ବଲପୁର ଆଡକୁ ଆସିଲେ । ଛୋଟ ନାଗପୁର କମିଶନର ଏହି ଘଟଣାଟି ସମ୍ବଲପୁର କମିଶନରଙ୍କୁ ଜଣାଇ ଦେଲେ । ସଙ୍ଗେ ସଙ୍ଗେ ତତ୍କାଳୀନ ସମ୍ବଲପୁର କମିଶନର ଆର୍.ଟି.ଲେ ସମସ୍ତ ରାଜା ଜମିଦାରମାନଙ୍କୁ ଲିଖିତ ପରୱାନା ପଠାଇ ସୁରେନ୍ଦ୍ର ସାଏ ଆଦିଙ୍କୁ ସାହାଯ୍ୟ ସହଯୋଗ ନକରିବା ପାଇଁ ଜଣାଇ ଦେଲେ । ମାଧୋ ସିଂହଙ୍କ ନିକଟକୁ ତା ୧୪.୮.୧୮୫୭ରିଖରେ ଏହି ପରୱାନା ପଠାଯାଇଥିଲା । ମାଧୋ ସିଂହ ଏହି ପରୱାନା ପାଇ ଜାଣିପାରିଲେ ଯେ, ସୁରେନ୍ଦ୍ର ସାଏ ଫେରି ଆସୁଛନ୍ତି । ସେ ଅଧିକ ଖୁସି ହୋଇଥିଲେ ଓ ବିପ୍ଳବ ଆରମ୍ଭ କରିଦେବା ପାଇଁ ପ୍ରସ୍ତୁତ ହୋଇରହିଲେ । ଇଂରେଜମାନେ ମାଧୋ ସିଂହଙ୍କୁ ସର୍ବଦା ସନ୍ଦେହ ଚକ୍ଷୁରେ ଦେଖୁଥିଲେ । ପ୍ରଥମ ପରୱାନା ପଠାଇବାର ଠିକ୍ ପାଞ୍ଚ ଦିନ ପରେ ପୁଣି ଏକ ଚିଠି ତା ୨୦.୮.୧୮୫୭ରିଖରେ ପଠାଇ ସତର୍କ କରି ଦେଲେ ଯେ, ସୁରେନ୍ଦ୍ର ସାଏ ଓ ତାଙ୍କ ଭାଇମାନଙ୍କୁ ସହଯୋଗ କରିପାରିବେ ନାହିଁ । ସୁରେନ୍ଦ୍ର ସାଏ କିମ୍ବା ଉଦନ୍ତ ସାଏଙ୍କୁ ଧରାଇ ଦେଲେ ୨୫୦-୦-୦ ପାହୁଲା ଇନାମ ଦିଆଯିବ ବୋଲି ମଧ୍ୟ ଘୋଷଣା କରାଯାଇଥିଲା ।

ବିଜେପୁର ଜମିଦାରଙ୍କର ଜଣେ ଗୁପ୍ତଚର ଥିଲା । ତାହାର ନାମ 'ଶ୍ରୀମତ୍' । 'ଶ୍ରୀମତ'ଠାରୁ ଇଂରେଜ ଶାସକ ସମ୍ବାଦ ପାଇଲେ ଯେ, ଘେଁସ ଜମିଦାର ମାଧୋ ସିଂହ ଏବଂ ତାଙ୍କ ପୁତ୍ରମାନଙ୍କର ପ୍ରରୋଚନାରେ ଅଧିକ ଗଣ୍ଡ ଓ ବିଂଝାଳ ଜମିଦାରମାନେ ଏକତ୍ରୀତ ହୋଇ ବିପ୍ଳବ ଆରମ୍ଭ କରିବା ପାଇଁ ଯୋଜନା କରୁଛନ୍ତି । ସେମାନେ ରାଜବୋଡା ସମ୍ବର, କେଶେଇପାଲି, ପାଟକୁଲୁଣ୍ଡା, ଭେଡେନ୍, ପଦ୍ମପୁର, ସୋନାଖାନ ଇତ୍ୟାଦି ସ୍ଥାନକୁ ଯାଇ ବିପ୍ଳବ ଆରମ୍ଭ କରିବା ପାଇଁ ମତାଉଛନ୍ତି ।

ଏହି ସମ୍ବାଦ ପାଇବା ପରେ ଆର.ଟି.ଲେ ପ୍ରତ୍ୟେକ ଜମିଦାରଠାରେ କେତେଜଣ ସୀବନ୍ଦୀ ରଖିବା ପାଇଁ ନିର୍ଦ୍ଦେଶ ଦେଲେ । ଉକ୍ତ ସୀବନ୍ଦୀମାନଙ୍କର ଖର୍ଚ୍ଚ ସେ ସ୍ଥଳର ଜମିଦାରମାନେ ବହନ କରିବେ । ପ୍ରତ୍ୟେକ ଜମିଦାର ନିକଟରେ ସୀବନ୍ଦୀ ରଖିବା ଉଦ୍ଦେଶ୍ୟ ଥିଲା ଯେ, ଇଂରେଜ ପ୍ରଶାସକ ସୀବନ୍ଦୀମାନଙ୍କଠାରୁ

ଜମିଦାରମାନଙ୍କ କାର୍ଯ୍ୟକଳାପ ସମସ୍ତ ଜାଣିପାରିବେ । କାରଣ ଇଂରେଜ ପ୍ରଶାସକ ସନ୍ଦେହ କରୁଥିଲେ ଯେ, ସମ୍ବଲପୁର ଜିଲ୍ଲାରେ ମଧ୍ୟ ବିପ୍ଳବ ହୋଇପାରେ । ଇତ୍ୟବସରରେ ସୁରେନ୍ଦ୍ର ସାଏ ସେପ୍ଟେମ୍ବର ଶେଷ ଆଡକୁ ସମ୍ବଲପୁରରେ ପହଞ୍ଚିଲେ ।

ସୁରେନ୍ଦ୍ର ଆସିବା ସମ୍ବାଦ ପାଇ ମାଧୋ ସିଂହ ୧୮୫୭ ଆଶ୍ୱିନ ଦଶମୀ ଦିନ ସମ୍ଭବତଃ ୧୯୧୪ରେ ନିଜ ସନ୍ତାନ ହାତୀ ସିଂହ, କୁଞ୍ଜଳ ସିଂହ ଓ ବୈରୀ ସିଂହ ପ୍ରମୁଖଙ୍କ ସହିତ ଦଳେ ଯୋଦ୍ଧା ସମ୍ବଲପୁର ପଠାଇଲେ । ସେଦିନ ମାଧୋ ସିଂହ ଘେଁସସ୍ଥିତ ନିଜ ଅଧିଷ୍ଠାତ୍ରୀ ଦେବୀ 'ପାଟମେଶରୀ'ଙ୍କ ନିକଟରେ ପୂଜା କରିଥିଲେ । ସେ ଅଗ୍ନି ଶପଥ ନେଇ କହିଥିଲେ ଯେ, 'ଛଅ କୋର ଚଉରାଶି' ଦେବୀ ପାଇଁ ଛଅକୋର ମୁଣ୍ଡ ପାଟମେଶରୀ ଗୁଡିଠାରେ ଅର୍ପଣ ନକରିବା ପର୍ଯ୍ୟନ୍ତ ଘେଁସରେ ଅନ୍ନ ସ୍ପର୍ଶ କରିବେ ନାହିଁ । ତା'ପରେ ଧୂପ ଦୀପର ପ୍ରମତ୍ତ ମହକରେ ଶହ ଶହ ମଶାଲ ଯାତ୍ରାରେ ନାରୀମାନଙ୍କର ହୁଳହୁଳି ଆଉ ଜୟ ଧ୍ୱନିରେ ସିନ୍ଦୂର ଚିତା ଓ କଳା ଦହନା ମାଳ ପିନ୍ଧାଇ ସନ୍ତାନମାନଙ୍କୁ ସମ୍ବଲପୁର ପ୍ରେରଣ କରି ରଣ ଯଜ୍ଞ ଆରମ୍ଭ କଲେ ।

ସମ୍ବଲପୁରଠାରେ ପ୍ରଥମେ ବିପ୍ଳବ ଅଗ୍ନି ଜଳି ଉଠିଲା । କରୋଣ୍ଡଲା ଗୌନ୍ତିଆ ଅରକ୍ଷିତ, ଖରମୁଣ୍ଡାର ମାର୍କଣ୍ଡ ବରିହା, ବାମଣ୍ଡାର ଶ୍ରୀକୃଷ୍ଣ ବେହେରା, ପାଟକୁଲୁଣ୍ଡାର ପୀତାମ୍ବର ସିଂହ, ଖରସଲ ଜମିଦାର ଦିଆର ସର୍ଦ୍ଦାର, କୁସେଇ କେଲାର ମନୋହର ସିଂହ, ଲୋଇସିଂହାର ଚନ୍ଦନ ଗଡତିଆ, ପାହାଡ ଶ୍ରୀଗିଡାର ଜନାର୍ଦ୍ଦନ ସିଂହ, ମୁଡୋମହୁଲର ଅନନ୍ତ ସିଂହ, କୋଡାବଗାର ଅଞ୍ଜାରୀ ସିଂହ, ମଚିଦାର ଧନସିଂହ, ଲଖନପୁରର କମଳ ସିଂହ, ନିଳାମ୍ବର ସିଂହ, ଖଗେଶ୍ୱର ସିଂହ, କୋଲାବିରାର ଗଣ୍ଡଜମିଦାର କର୍ଣ୍ଣ ଗଡତିଆ, ଚନ୍ଦ୍ରପୁର– ପଦ୍ମପୁରର ବଳଭଦ୍ର ରାଓ, ପତ୍ରାପାଲି (ରାମପୁର)ର ରାମଚନ୍ଦ୍ର ଗୌନ୍ତିଆ, ରଂଫେଲା ଅଡାପରା ଓ କୁମ୍ଭାରବନ୍ଧର ଗୌନ୍ତିଆ ଲୋକନାଥ, ବରଗାଁ ଗୌନ୍ତିଆ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ସୋନାଖାନର ଗୋବିନ୍ଦ ସିଂହ, ଟାନୁଟ ଜମିଦାର ଲାଲ ସାଏ, ଲଏଡାର ଜଏସିଂହ, ସିଂହାବଗାର ଗଣେଶ ଉପାଧ୍ୟାୟ ପ୍ରମୁଖ ବିପ୍ଳବ ଆରମ୍ଭ କଲେ । ପରୋକ୍ଷ ଭାବରେ ବେନ୍ଦରା– ନୂଆଁଗଡର ଉମରାଓ ସାଏ, ଖରିଆର ରାଜା କୃଷ୍ଣ ଚନ୍ଦ୍ର ଦେବ ପ୍ରମୁଖ ସହଯୋଗ କଲେ ।

ତା ୭.୧୦.୧୮୫୭ରିଖ ଦିନ ସମ୍ବଲପୁରସ୍ଥିତ ବରମପୁରା ମନ୍ଦିରରେ ସମସ୍ତ ମୁଖ୍ୟ ବିପ୍ଳବୀ ପ୍ରଦୀପ ଜାଳି ଇଂରେଜମାନଙ୍କୁ ଦେଶରୁ ତଡି ଦେବା ପାଇଁ ଓ ସୁରେନ୍ଦ୍ର ସାଏଙ୍କୁ ଗାଦି ଦେବା ପାଇଁ ଅଗ୍ନି ଶପଥ ନେଲେ । ପରେ ପରେ ହଜାର ହଜାର ବିପ୍ଳବୀ ବାହାରି ପ୍ରଥମେ ବିନା ରକ୍ତପାତରେ 'ଜୁହ୍ନାଜିଲ୍ଲା' ଅଧିକାର କରିନେଲେ । ଇଂରେଜ ଶାସକ ଏଥିରେ ଭୟ ବିହ୍ୱଳିତ ଓ ବ୍ୟତିବ୍ୟସ୍ତ ହୋଇପଡିଲେ ।

ସମ୍ବଲପୁର ଶାସକ କୁଟନୀତିର ଆଶ୍ରୟ ନେଲେ । ଛକୋଡି ମହାପାତ୍ରଙ୍କୁ ଏକ ଧଳା ପତାକା ସହିତ ଶାନ୍ତି ପ୍ରସ୍ତାବ ପାଇଁ ପଠାଇଲେ । ଏହା ଏକ ଛଳନା ଥିଲା । ଆର.ଟି.ଲେ ଜଣାଇ ଦେଲେ ଯେ, ସମ୍ବଲପୁର ଗଦି ସୁରେନ୍ଦ୍ର ସାଏଙ୍କୁ ଦିଆଯିବ । ଏଣୁ ସେ ତାଙ୍କର ଉପର ଅଫିସରଙ୍କୁ ଚିଠି ଲେଖିଛନ୍ତି । ସାହେବଙ୍କଠାରୁ ମଞ୍ଜୁର ହୋଇଆସିବା ପର୍ଯ୍ୟନ୍ତ ଧୈର୍ଯ୍ୟର ସହିତ ବିପ୍ଳବ ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ । ସୁରେନ୍ଦ୍ର ସାଏ ଏହି କୁଟନୀତି ବିଶ୍ୱାସ କରି ବିପ୍ଳବ ଅଳ୍ପ ଦିନ ପାଇଁ ବନ୍ଦ କଲେ । ଆର.ଟି.ଲେ ବିପ୍ଳବ ସମ୍ବନ୍ଧରେ ଉପରକୁ ଜଣାଇଦେଲେ । ସେ ଶୀଘ୍ର ସୈନ୍ୟ ଦଳ ପଠାଇବା ପାଇଁ ଅନୁରୋଧ କରିଥିଲେ ।

ବିଦ୍ରୋହୀମାନଙ୍କର ଦୃଷ୍ଟିକୁ କିଛିଦିନ ଏଡେଇ ଦେବା ପାଇଁ ସମ୍ବଲପୁରଠାରେ ଏକ କ୍ରୀଡା ସମ୍ମିଳନୀ ଆରମ୍ଭ କରିଦେଲେ । ଏହି କ୍ରୀଡା ସମ୍ମିଳନୀରେ କୁଞ୍ଜଳ ସିଂହ, ହାତୀ ସିଂହ ନିଜ ନିଜର ଖ୍ୟାତି ପ୍ରଦର୍ଶନ କରିଥିଲେ ।

ଇତିମଧ୍ୟରେ ସମ୍ବଲପୁରକୁ ଅଧିକ ପରିମାଣରେ ସୈନ୍ୟ ପହଞ୍ଚିବାକୁ ଲାଗିଲେ । ପ୍ରଥମେ କ୍ୟାପଟେନ ହାଡୋସନ ତିନୋଟି ସେନା ଦଳ ଧରି ପହଞ୍ଚିଲେ । ତା ୫.୧୨.୫୭ରିଖରେ ୪୦ତମ ମାନ୍ଦ୍ରାଜ ରେଜିମେଣ୍ଟର ଆହୁରି ଦୁଇ ଦଳ ସୈନ୍ୟ ସମ୍ବଲପୁରରେ ପହଞ୍ଚିଲେ । ଏଥିରେ ମେଜର ବେଟ୍ସ୍ ୧୪୦ଜଣ ସୈନ୍ୟଙ୍କୁ ନେଇ ଆସିଥିଲେ ।

ସମ୍ବଲପୁରଠାରେ ଅଧିକରୁ ଅଧିକ ସୈନ୍ୟ ପହଞ୍ଚୁଥିବାରୁ ବିପ୍ଳବୀମାନଙ୍କର ମନରେ ସନ୍ଦେହ ହେଲା । ଦିନେ ସେମାନେ ମହାନଦୀକୁ ସ୍ନାନ କରିବାକୁ ଯାଇଥିବା ସମୟରେ ହଠାତ୍ ଇଂରେଜ ସେନାଦଳ ତାଙ୍କ ଉପରକୁ ଗୁଳି ଚାଳନା କରିଦେଲେ । ଫଳରେ ବିପ୍ଳବୀମାନେ ଛିନ୍ନ ଛତ୍ର ହୋଇ ପଳାୟନ କଲେ । ବିପ୍ଳବୀମାନଙ୍କ ଅଧିକାଂଶ ଅସ୍ତ୍ରଶସ୍ତ୍ର ଇଂରେଜମାନେ କରାୟତ୍ତ କରିଥିଲେ । ବିପ୍ଳବୀମାନେ ସମ୍ବଲପୁରଠାରୁ ତିନି କି.ମି. ଦୂରସ୍ଥ ବୁଢାରଜା ପାହାଡ ଉପରେ ଏକତ୍ରୀତ ହେଲେ । ଲେପ୍ଟେନଣ୍ଟ ହାଡୋସନ ଚାଳିଶତମ ମାନ୍ଦ୍ରାଜ ଦେଶୀୟ ପଦାତିକ ବାହିନୀର ୧୦୦ଜଣ, ହରନାଥ ସିଂହ ଜମାଦାରଙ୍କର ଚାଳନାରେ ୩୦ଜଣ ରାମଗଡ

ସୈନ୍ୟ ଓ ନିଜେ ଆର୍.ଟି.ଲେ ସମ୍ବଲପୁର ସୈନ୍ୟ ସହ ଆକ୍ରମଣ କଲେ । ଆର୍.ଟି.ଲେଙ୍କ ମତ ଅନୁସାରେ ବୁଢାରଜା ପାହାଡରେ ୧୫୦୦ ବିପ୍ଳବୀ ଥିଲେ । ବିପ୍ଳବୀମାନେ ଏକ ତୁମୁଳ ଯୁଦ୍ଧ କରିଦେଲେ । ଇଂରେଜ ସେନାଦଳ ପୃଷ୍ଠ ଭଙ୍ଗ ଦେଲେ । କହିବାକୁ ଗଲେ, ଏହା ଥିଲା ସମ୍ବଲପୁରଠାରେ ସ୍ୱାଧୀନତା ପାଇଁ ପ୍ରଥମ ଯୁଦ୍ଧ । ଏହି ଯୁଦ୍ଧରେ ବିପ୍ଳବୀମାନେ ଜୟ ଲାଭ କରିଥିଲେ । ସେମାନଙ୍କର ମନୋବଳ ବଢିଗଲା । ପୂର୍ବରୁ ସୁରେନ୍ଦ୍ର ସାଏ ତା ୩୧.୧୦.୧୮୫୭ରିଖ ମଧ୍ୟରାତ୍ରରୁ ପଳାୟନ କରିଥିଲେ । ବିପ୍ଳବୀମାନେ ବିଭିନ୍ନ ଘାଟୀମାନଙ୍କର ଦାୟିତ୍ୱରେ ରହିଥିଲେ । ମାଧୋ ଘୋଡା ସିଂହ ଘାଟି ଦାୟିତ୍ୱରେ ଥିଲେ । ସମ୍ବଲପୁର–ନାଗପୁର ରାସ୍ତା ଇଂରେଜମାନଙ୍କର ମୁଖ୍ୟପଥ ଥିଲା । ଏହା ବର୍ତ୍ତମାନ ଛଅ ନମ୍ବର ରାଜପଥ । ସମ୍ବଲପୁରଠାରୁ ପ୍ରାୟ ୯୦କି.ମି. ଦୂରରେ ପଶ୍ଚିମକୁ ନିଶାଘାଟି ଓ ପୁଣି ୩ କିଲୋମିଟର ଗଲେ ସିଂଘୋଡା ଘାଟି ପଡେ । ଏହା ଘନ ଜଙ୍ଗଲ ଓ ବିରାଟ ବିରାଟ ପଥରରେ ପରିପୂର୍ଣ୍ଣ । ବାରପାହାଡର ଏହା ଏକ ଉପାନ୍ତଗିରି । ସିଂଘୋଡା ଘାଟିଠାରୁ ଘେଁସ ଆଡକୁ 'ବୁଢାଡଙ୍ଗର' ଉତ୍ତର– ଦକ୍ଷିଣ ହୋଇ ଅବସ୍ଥିତ ।

'ନିଶାଘାଟୀ' ଏତେ ଘନ ବୃକ୍ଷଲତାରେ ପରିପୂର୍ଣ୍ଣ ଥିଲା ଯେ, ଦିନବେଳା ମଧ୍ୟ ଅନ୍ଧକାର ଜଣାପଡୁଥିଲା । ଏଣୁ ଏହି ଅନ୍ଧାରିଆ ଘାଟିକୁ 'ନିଶାଘାଟି' କୁହାଯାଏ । ବୃକ୍ଷଗୁଡିକ କାଟି ଦିଆଯାଇଥିଲେ ମଧ୍ୟ ଏବେ ବି ଏଇ ଅଞ୍ଚଳ ଅନ୍ଧକାର ଜଣାପଡେ ।

ମାଧୋସିଂହ ତାଙ୍କର ପୁତ୍ର ହାତୀ ସିଂହ (ହଟ୍ଟେ ସିଂହ), କୁଞ୍ଜାଳ ସିଂହ, ବୈରୀସିଂହ ଐରୀ ସିଂହ ପ୍ରମୁଖଙ୍କ ସହିତ ଏହି ଦୁଇଘାଟିକୁ ଜଗି ରହିଲେ । ଫଳରେ ନାଗପୁର–ସମ୍ବଲପୁର ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା । ଉଭୟ ଅଞ୍ଚଳର ଯୋଗାଯୋଗ ବିଚ୍ଛିନ୍ନ ହୋଇ ଯିବା ଫଳରେ ଇଂରେଜମାନେ ଘୋର ଅସୁବିଧାର ସମ୍ମୁଖୀନ ହେଲେ । ଫଳରେ ସିଂଘୋଡା ଘାଟି ଉଦ୍ଧାର କରିବା ଅତି ଆବଶ୍ୟକ ହୋଇପଡିଲା । ଏଣୁ ସମ୍ବଲପୁରଠାରୁ ସୀବନ୍ଦୀ ସିଂଘୋଡା ଘାଟିକୁ ପଠାଗଲା । ଇଂରେଜ ସୈନିକ ନିଶାଘାଟି ଭିତରକୁ ପ୍ରବେଶ କଲାମାତ୍ରେ ବିରାଟ ବିରାଟ ପଥର ପକାଇ ପଛପଟରୁ ରାସ୍ତାବନ୍ଦ କରିଦେଲେ । ପରେ ଉଭୟ ସିଂଘୋଡା ଓ ନିଶାଘାଟି ଆଡରୁ ବିପ୍ଳବୀମାନେ ଆକ୍ରମଣ କଲେ । ଶତ୍ରୁସୈନ୍ୟ କୌଣସି ଦିଗକୁ ନଯାଇ ହତାହତ ହୋଇଥିଲେ । ଏହି ଗରିଲା ଯୁଦ୍ଧରେ ସୀବନ୍ଦୀ– ଦେଶୀୟ ସୈନିକ ବ୍ରିଟିଶ ଶାସକ କିଂକର୍ତ୍ତବ୍ୟବିମୂଢ ହୋଇପଡିଥିଲେ । ଅନେକଥର ସେମାନେ ପରାଜୟ ବରଣ କରି ଫେରୁଥିଲେ । ଫଳରେ ସମ୍ବଲପୁର ଆଡରୁ ଆଉ ଆକ୍ରମଣ ନକରି ନାଗପୁର ଆଡୁ ଆକ୍ରମଣ କରିବାର ଚିନ୍ତା କଲେ ।

କ୍ୟାପ୍ଟେନ ଇ.ଜି.ଉଡ ତା ୮.୧୨.୫୭ରିଖ ଦିନ ନାଗପୁରଠାରୁ ବାହାରି ଦୀର୍ଘ ୧୯ଦିନ ପରେ ୪୪୦ କି.ମି. ବାଟ ଅତିକ୍ରମ କରି ସିଂଘୋଡା ଘାଟିଠାରେ ପହଞ୍ଚିଲେ । ତା ୨୬.୧୨.୫୭ରିଖ ଦିନ ସିଂଘୋଡା ଘାଟିଠାରେ ମାଧୋ ସିଂହ ଓ ଇ.ଜି. ଉଡ ଉଭୟଙ୍କର ମଧ୍ୟରେ ଏକ ତୁମୁଳ ସଂଗ୍ରାମ ହେଲା । ବିପ୍ଳବୀମାନଙ୍କର ପ୍ରବଳ ଆକ୍ରମଣରେ ଅଧିକାଂଶ ଇଂରେଜ ସୈନ୍ୟ ନିହତ ହେଲେ । କ୍ୟାପ୍ଟେନ୍ ଇ.ଜି.ଉଡ୍ ବଣ ଜଙ୍ଗଲରେ ଲୁଚି କ୍ଷତବିକ୍ଷତ ହୋଇ ଅତି ଦୟନୀୟ ଅବସ୍ଥାରେ ତା ୨୯.୧୨.୫୭ରିଖ ଦିନ ସମ୍ବଲପୁରରେ ପହଞ୍ଚିଲେ । ଘଟଣାଟି ସମ୍ବଲପୁରଠାରେ ପ୍ରଚାର ହେବା ଫଳରେ ଇଂରେଜ ଶିବିରରେ ଭୟର ଏକ ବାଦଲ ଘୋଟିଗଲା । ସିଂଘୋଡା ଓ ନିଶାଘାଟି ଉଦ୍ଧାର କରିବାକୁ ସାହସ କଲେ ନାହିଁ ।

ତା ୩୦.୧୨.୫୭ରିଖ ଦିନ କ୍ୟାପ୍ଟେନ ଡାୟାର ସ୍ୱଦେଶୀ ସେନାଦଳ ସହିତ ସମ୍ବଲପୁରରେ ପହଞ୍ଚିଲେ । ପରେ ପରେ ଘୁମୁସର ସେନା ମଧ୍ୟ ସମ୍ବଲପୁର ଆସିବା ଯୋଗୁଁ ମନୋବଳ ବୃଦ୍ଧିପାଇଲା । ଇ.ଜି.ଉଡ ଆଉ ସିଂଘୋଡା ଘାଟି ନଯାଇ ସମ୍ବଲପୁର ନିକଟସ୍ଥ ଘାଟିମାନଙ୍କୁ ଚଢାଉ କଲେ । ସେ ଉଦନ୍ତ ସାଏଙ୍କୁ ଖୋଜିବା କାମରେ ବ୍ୟାପୃତ ରହିଲେ । ଇ.ଜି.ଉଡ ଓ କ୍ୟାପ୍ଟେନ୍ ଆର.ଟି.ଲେ ଉଭୟେ ଏକତ୍ରୀତ ହୋଇ ୧୫୦ ଜଣ ୪୦ତମ ମାନ୍ଦ୍ରାଜ ପଦାତିକ ବାହିନୀ, ୭୫ଜଣ ଅଶ୍ୱାରୋହୀ ସୈନିକ ଓ ୫୦ଜଣ ରାମଗଡ ବେଟାଲିଏନ୍ ସହିତ ସର୍ବମୋଟ ୨୭୫ଜଣ ସୈନିକ ନେଇ ଉଦନ୍ତ ସାଏଙ୍କର ସନ୍ଧାନରେ ରାତ୍ର ୩ ଘଟିକାରୁ ବାହାରି ଅନ୍ୱେଷଣ କରୁ କରୁ ଦୈବାତ୍ କୁଦୋପାଲିର ଏକ ଡୋଟାରେ ପହଞ୍ଚିଲେ । ବିପ୍ଳବୀମାନେ ପାହାଡ ଉପରୁ ପଥର ଆଡୁଆଳରେ ଲୁଚି ତୀର ମାରୁଥିଲେ । ଇଂରେଜମାନଙ୍କର ଗୋଳାବାରୁଦ ପଥର ଦେହରେ ବାଜି ବିଫଳ ହୋଇଯାଉଥିଲା । ଇ.ଜି.ଉଡ ଓ ଆର.ଟି.ଲେ ପାହାଡ ଉପରକୁ ଉଠିବାର ସାହସ କଲେ ନାହିଁ । ଶେଷରେ ଛତ୍ରଭଙ୍ଗ ଦେବାର ଛଳନା କରି ପଳାୟନ କଲେ । ବିପ୍ଳବୀମାନେ ମନେ କଲେ ଯେ, ବ୍ରିଟିଶ ସେନା ପରାଜୟ ହୋଇ ଭୟରେ ପଳାୟନ କରୁଛନ୍ତି । ଏଣୁ ସେମାନେ ଆନନ୍ଦରେ ଆତ୍ମବିଭୋର ହୋଇ ପାହାଡ ତଳକୁ ଚାଲି ଆସିଲେ ଓ ଖୋଲା

ପଡିଆରେ ଇଂରେଜ ସେନାକୁ ଗୋଡାଇଲେ । ଏହି ସୁଯୋଗ ନେଇ ଇଂରେଜ ସେନା ପାଲଟା ଗୁଳି ବର୍ଷଣ କଲେ । ଫଳରେ ୫୩ଜଣ ବିପ୍ଳବୀ ଘଟଣା ସ୍ଥଳରେ ନିହତ ହେଲେ । ୧୧ଜଣ ବନ୍ଦୀ ହେଲେ । ୧୧ଜଣଙ୍କ ମଧ୍ୟରୁ ୪ଜଣ ଫାଶୀ ପାଇଲେ । ଶତାଧିକ କ୍ଷତବିକ୍ଷତ ହେଲେ । କ୍ୟାପଟେନ୍ ଇ.ଜି.ଉଡ୍‌ଙ୍କ କାନ୍ଧରେ ଗଭୀର ଭାବେ ଶର ବାଜିଥିଲା । କ୍ୟାପଟେନ୍ ଉଇଣ୍ଡ. ହାମଙ୍କର ଅଶ୍ୱ ସମେତ ମୋଟ ୮ଗୋଟି ଅଶ୍ୱ ସାଙ୍ଘାତିକ ଭାବେ କ୍ଷତବିକ୍ଷତ ହେଲେ ।

ଛବିଳ ସାଏ ଗୋଳାବାରୁଦ ଓ ତୋପ ଦ୍ୱାରା ସୃଷ୍ଟି ହୋଇଥିବା ଧୂଆଁରେ ଲୁଚି କୁଦୋପାଲି ଗ୍ରାମ ଭିତରକୁ ପ୍ରାଣ ବିକଳରେ ପଳାୟନ କଲେ । କୁଦୋପାଲିର ଏକ ସଂକୀର୍ଣ୍ଣ ଗଳି ଭିତରେ ନିଜର ଘୋଡାକୁ ଧରିବା ଆଶାରେ ଦୌଡୁଥିବା ବେଳେ ତାଙ୍କ ପଛପଟରେ ପ୍ରବଳ ଗୁଳି ମାଡ ହେଲା । ତାଙ୍କ ପିଠିରେ ଗୁଳି ବାଜିବା ଯୋଗୁଁ ସେ କୁଦୋପାଲି ଗାଁ ଦାଣ୍ଡର ପଥର ଉପରେ କଚାଡି ପଡି ମୃତ୍ୟୁଲାଭ କଲେ ।

ଏହି ଦୁଃଖାନ୍ତ ଘଟଣାକୁ ଏବେ ମଧ ସ୍ମରଣ କରି କୁମାରୀମାନେ ଗାଁ ଦାଣ୍ଡରେ ହୁମବଉଳି ଗୀତ ଗାଇଥାନ୍ତି । ଏହି ଦିନ ସୁରେନ୍ଦ୍ର ସାଏ କୋଡାବଗାରେ ଥିଲେ । ଛବିଳ ସାଏଙ୍କ ମୃତ୍ୟୁ ଘଟଣା ଶୁଣି ସେ ଦୁଃଖରେ ମ୍ରିୟମାଣ ହୋଇପଡିଥିଲେ । ସୁରେନ୍ଦ୍ର ସାଏଙ୍କଠାରୁ ଅଧିକ ଦୁଃଖିତ ଓ ଅନୁତପ୍ତ ହୋଇଥିଲେ ମାଧୋସିଂହ । କୁଦୋପାଲିର ଏହି ମର୍ମନ୍ତୁଦ ଘଟଣା ପାଇଁ ସେ ନିଜକୁ ଦାୟୀ କରିଥିଲେ । ସେ ଯଦି ଇଂରେଜ ସେନାପତି ଇ.ଜି.ଉଡକୁ ସିଂଘୋଡା ଘାଟିଠାରେ ହତ୍ୟା କରିପାରିଥାନ୍ତେ ଛବିଳ ସାଏଙ୍କର ସମେତ ଅନ୍ୟାନ୍ୟ ସଂଗ୍ରାମୀମାନେ ଅଯଥା ଶିକାର ହୋଇନଥାନ୍ତେ । ମାଧୋସିଂହ ଅଧିକ କଡା କଡି ଭାବରେ ସିଂଘୋଡା ଘାଟି ଜଗି ରହିଲେ ।

ଜାନୁଆରୀ ମାସର ପ୍ରଥମ ସପ୍ତାହରେ ସେନାପତି ସେକ୍ସପିଅର ସିଂଘୋଡା ଘାଟି ନିକଟକୁ ପଶିବା ମାତ୍ରେ ଆଗରେ ଓ ପଛରେ ବିରାଟ ପଥରଗୁଡିକ ପାହାଡ ଉପରୁ ଖସାଇ ପଥରୁଦ୍ଧ କରିଦେଲେ । ବିପ୍ଳବୀମାନେ ପଥରଗୁଡିକ ଶିଆଳି ଲତାରେ ବାନ୍ଧି ଆଗରୁ ଝୁଲାଇ ରଖିଥିଲେ । ରାସ୍ତା ବନ୍ଦ ହେବାରୁ ସେକ୍ସପିଅର ପଛକୁ ଫେରିଗଲେ । ବିପ୍ଳବୀମାନେ ଗୋଳା ବାରୁଦ ଓ ଧନୁ ତୀରରେ ଆକ୍ରମଣ କରି ଅନେକ ଇଂରେଜମାନଙ୍କୁ ହତ୍ୟା କଲେ । ସେକ୍ସପିଅର ପରାଜିତ ହୋଇ ପଳାୟନ କଲେ । ଏହି ସଂଗ୍ରାମରେ ଅନେକ ଘୋଡା କ୍ଷତବିକ୍ଷତ ହୋଇଥିଲେ ।

ସେକ୍ସପିଅର ଅଧିକ ଆତ୍ମଗ୍ଳାନି ଓ ଅନୁଶୋଚନାରେ ଥିଲେ । କାରଣ ଏହି ପରାଜୟ ଇଂରେଜ ବଡଲାଟ୍‌ଙ୍କ ନିକଟରେ ତାଙ୍କୁ ଅପାରଗ ଓ ଦୁର୍ବଳ ବୋଲି ପ୍ରମାଣିତ କରିଥିଲା । ଏଣୁ ସେ ଦ୍ୱିତୀୟ ଥର ପୁଣି ସିଂଘୋଡା ଘାଟି ଆକ୍ରମଣ କରିଥିଲେ । ଏଥର ହାତୀ ସିଂହ ଘାଟି ଦାୟିତ୍ୱରେ ଥିଲେ । ଇଂରେଜମାନଙ୍କର ତୋପ ଚାଳନା ଦ୍ୱାରା ପଥର ଛିଟିକି ହାତୀ ସିଂହଙ୍କର ବାମ ଛାତିରେ ବାଜିଥିଲା । ଖରସଲ ଭୋଇ ହାତୀ ସିଂହଙ୍କୁ ବୋହି ନେଇ ଲୁଚାଇଥିଲା । ହାତୀ ସିଂହ ମରିଗଲେ ବୋଲି ଏକ ମିଥ୍ୟା ପ୍ରଚାର ହେଲା । ଏହି ଘଟଣା ଶୁଣି ମାଧୋସିଂହ ଅଧିକ ଭାଙ୍ଗିପଡିଲେ । କୁଞ୍ଜଳ ସିଂହ, କମଳ ସିଂହ, ଗୋବିନ୍ଦସିଂହ, ସାଲେଗ୍ରାମ ବରିହା ପ୍ରମୁଖ ପୁଣି ସିଂଘୋଡା ଘାଟି ଉଦ୍ଧାର କରିନେଲେ । ହାତୀ ସିଂହ ମରିଥିବା ଯୋଗୁଁ ଘେଁସ ଜମିଦାର ବିପ୍ଳବରୁ ଦୂରେଇ ଯିବ ବୋଲି ଇଂରେଜମାନେ ଆଶା କରିଥିଲେ । ମାତ୍ର ପୁଣି ସିଂଘୋଡା ଘାଟି ଘେଁସ ଭାଇମାନେ ଉଦ୍ଧାର କରିନେବା ଯୋଗୁଁ ବ୍ରିଟିଶମାନେ ମନୋବଳ ହରାଇଲେ । ମାଧୋ ସିଂହ ପ୍ରତିଶୋଧ ନେବା ପାଇଁ ଅଧିକ ବିକ୍ରମରେ ସଂଗ୍ରାମ ଚଳାଇଲେ । ସେ ଅସ୍ତ୍ର ଶସ୍ତ୍ର ଆଣିବା ପାଇଁ 'ଘନଘାଟି' ଯାଇଥିଲେ ।

ସିଂଘୋଡା ଘାଟୀକୁ ପୁଣି ଉଦ୍ଧାର କରିବା ପାଇଁ ବ୍ରିଟିଶ ପ୍ରଶାସକ ଏଥର କେପଟେନ୍ ଉଡ୍‌ବିଜ ଓ କେପ୍‌ଟେନ୍ ଉଡ୍‌ଙ୍କୁ ପଠାଇଲେ । କେପ୍‌ଟେନ୍ ଉଡବ୍ରିଜ ଓ କେପ୍‌ଟେନ୍ ଉଡ୍ ରାତ୍ରିର ଶେଷ ପ୍ରହରରେ ସମ୍ବଲପୁରଠାରୁ ବାହାରି ରେଙ୍ଗାଲିପାଲିଠାରେ ପହଞ୍ଚିବା ପରେ ଦୁଇଜଣ ଡାକ ହକରାଙ୍କଠାରୁ ଗୁପ୍ତ ସମ୍ବାଦ ପାଇଲେ ଯେ, ମାଧୋ ସିଂହ ପାହାଡ ଶ୍ରୀଗିଡାଠାରେ ଲୁଚିଛନ୍ତି ଓ ହଟ୍ଟେ ସିଂହ ମରିଥିବାରୁ ସେ ପୁତ୍ର ଶୋକରେ ଦୁର୍ବଳ ହୋଇପଡିଛନ୍ତି । ମାଧୋ ସିଂହଙ୍କୁ ଧରିବା ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ଭାବି ବ୍ରିଟିଶ ସେନାଦଳ ପାହାଡ ଶ୍ରୀଗିଡା ଘାଟି ଅବରୋଧ କଲେ । ବିପ୍ଳବୀମାନେ ଆଗରୁ ପ୍ରସ୍ତୁତ ହୋଇସାରିଥିଲେ । ଉଡ୍‌ବ୍ରିଜ ରାମଗଡ ବେଟେଲିଅନ୍ ସହିତ ଉପରକୁ ଉଠିଲେ । ପାହାଡ ଉପରୁ ବିରାଟ ପଥରଗୁଡିକ ଖସିଲା । ପଥର ମାଡରେ ଅନେକ ଇଂରେଜ ସୈନିକ ମଲେ । କେତେକ କ୍ଷତବିକ୍ଷତ ହେଲେ । ତଥାପି ଉଡବ୍ରିଜ ଅଧିକ ସାହସ ସହିତ ଉପରକୁ ଉଠିଲେ । ପଥର କୋଣରୁ ଓ ପ୍ରାଚୀରର ଛିଦ୍ର ମଧ୍ୟରୁ ବିପ୍ଳବୀମାନେ ଗୋଳା ବାରୁଦ ବର୍ଷଣ କଲେ । ଏଥିରେ ଉଡବ୍ରିଜଙ୍କର ଅଧିକାଂଶ ସୈନ୍ୟ ମୃତ୍ୟୁମୁଖରେ ପଡିଲେ । ଅନେକ ତ୍ରସ୍ତ ବିତ୍ରସ୍ତ ହୋଇ ତଳକୁ ଓହ୍ଲାଇ ପଳାୟନ କରିବା ସମୟେ ବିପ୍ଳବୀମାନଙ୍କର ହାବୁଡରେ

ପଡିମଲେ । ପ୍ରାୟ ସମସ୍ତ ସୈନିକ ହତା ହତ ଓ ବିକଳାଙ୍ଗ ଅବସ୍ଥାରେ ପଡିଯିବାରୁ ଉଡବ୍ରିଜ୍ ହତାଶ ଓ ଭୟଭୀତ ହୋଇପଡିଲେ । ବିପ୍ଳବୀମାନେ ୭ଫୁଟ ଉଚ୍ଚ ୩୦ ଫୁଟ୍ ଲମ୍ବ ଏକ ପଥର ଘେର ତିଆରି କରି ଜଗିଥିଲେ । ଉଡବ୍ରିଜ୍‌ଙ୍କୁ ଛାଡି ଅବଶିଷ୍ଟ ସୈନ୍ୟମାନେ ପଳାୟନ କରିବା ସମୟେ ଲୁଚିଥିବା ବିପ୍ଳବୀମାନେ ବାହାରି ଆସି ଆକ୍ରମଣ କଲେ । ଉଡବ୍ରିଜଙ୍କୁ କ୍ଷତବିକ୍ଷତ ଅବସ୍ଥାରେ ବନ୍ଦୀ କଲେ, ମାଧୋ ସିଂହ ସମ୍ପୂର୍ଣ୍ଣ ଉଲଂଗ୍ନ କରି ପାହାଡ ଶ୍ରୀଗିଡା ଘାଟି ଉପରେ ହତ୍ୟା କରି ମୁଣ୍ଡ ବିହୀନ ଶରୀରକୁ ଗଛଡାଳରେ ଝୁଲାଇ ଦେଲେ । ଏହା ୧୮୫୮ ଫେବୃଆରୀ ୧୨ ତାରିଖର ଘଟଣା ।

ଏହି ଯୁଦ୍ଧରେ ମାତ୍ର ୩ ଜଣ ବଞ୍ଚିଯାଇଥିଲେ । ସେମାନେ ହେଲେ କେପ୍‌ଟେନ୍ ଉଡ୍ ମଥୁରାପାଣ୍ଡେ ଓ ମାର୍ବତ ଖାଁ । ମଥୁରାପାଣ୍ଡେ ଓ ମାର୍ବତ ଖାଁ ଘନ କଣ୍ଟାବୁଦାରେ ଲୁଚିଥିବାରୁ ବଞ୍ଚି ଯାଇଥିଲେ । ଗଭୀର ରାତ୍ରିରେ ବିପ୍ଳବୀମାନେ ଅଧିକ ଆନନ୍ଦରେ ପାହାଡ ଶ୍ରୀଗିଡାଘାଟୀ ଛାଡି ଚାଲିଯିବାପରେ ସେହି ଦୁଇ ଜଣ ଲତା କୁଦାରୁ ବାହାରି କ୍ଷତାକ୍ତ ହୋଇ ରାତ୍ରିର ଶେଷ ପ୍ରହରରେ ପ୍ରୋକ୍ତ ଦାରୁଣ ସମ୍ବାଦଟି ସମ୍ବଲପୁରଠାରେ କକବର୍ଣ୍ଣଙ୍କୁ ଜଣାଇଥିଲେ । ଏଥିରେ ଇଂରେଜ ଶିବିରରେ ଆତଙ୍କ ଖେଳିଗଲା ଇଂରେଜମାନଙ୍କ ଶାସନ ସମ୍ପୂର୍ଣ୍ଣ ଦୋହଲି ଗଲା । ବିପ୍ଳବ ଦମନ କରିବା ଆଶା କ୍ଷୀଣରୁ କ୍ଷୀରତର ହୋଇଆସିଲା । ସେହିଦିନ ଅତି ଅଳ୍ପ ସୈନ୍ୟ ସମ୍ବଲପୁରଠାରେ ଥିବାରୁ ପାହାଡ ଶ୍ରୀଗିଡା ଘାଟୀକୁ ସେନା ପଠାଇବାର ସାହସ କଲେ ନାହିଁ । ତା'ପର ଦିନ ଅର୍ଥାତ୍ ତା ୧୪.୧୨.୧୮୫୮ ରିଖରେ କେପ୍‌ଟେନ୍ ଆଇନ ସିଂ ଓ୍ୱାର୍ଲୋ ଅଧିକ ପାହାଡିଆ ସୈନ୍ୟ ଓ ତୋପ ଧରି ପାହାଡ ଶ୍ରୀଗିଡା ଘାଟୀ ପୁଣି ଆକ୍ରମଣ କଲେ । ତିନି ଦିଗରୁ ପାହାଡକୁ ବେଷ୍ଟନ କରି ଉପରକୁ ଉଠିବା ବେଳେ କେହି ନଥିଲେ । ଓ୍ୱାରଲୋ ପାହାଡ ଉପରେ ଏକ ବୀଭତ୍ସ ଦୃଶ୍ୟ ଦେଖିଥିଲେ । ଗଛ ଡାଳଗୁଡିକରେ କଟାମୁଣ୍ଡଗୁଡିକ ଝୁଲୁଥିଲା । ସେମାନଙ୍କର ଜନନ ଇନ୍ଦ୍ରିୟଗୁଡିକ କାଟି ଶବଗୁଡିକର ମୁଖରେ ଭର୍ତ୍ତି କରାଯାଇଥିଲା । ପ୍ରତ୍ୟେକ ଶବଗୁଡିକ ଉଲଗ୍ନ ଅବସ୍ଥାରେ ଗଛ ଶାଖାରେ ଛିଡା ହେବା ପରି ବନ୍ଧା ହୋଇଥିଲା । ଓ୍ୱାରଲୋ ଏହି ଦୃଶ୍ୟରେ ଶିହରି ଉଠିଲେ । ପାହାଡ ଉପରୁ କେପ୍‌ଟେନ୍ ଉଡବ୍ରିଜଙ୍କ ମୁଣ୍ଡ ବିହୀନ ଶବ ଘୋଡା ପିଠିରେ ଲଦି ସମ୍ବଲପୁରକୁ କେପ୍‌ଟେନ୍ ଓ୍ୱାର୍ଲୋ ଫେରିଆସିଲେ ।

ଏହି ଘଟଣା ପରେ ସମସ୍ତ କ୍ରୋଧ ଘେଁସ ଜମିଦାର ମାଧୋ ସିଂହଙ୍କ ଉପରେ କେନ୍ଦ୍ରୀଭୂତ ହେଲା । ମେଜର ଫରଷ୍ଟର ବିଶାଳ ସୈନ୍ୟବଳ ନେଇ ଘେଁସ ଘେରାଉ କଲେ । ସେଦିନ ଘେଁସ ଗ୍ରାମରେ ଜନମାନବ ଚିହ୍ନ ନଥିଲା । ଏକ ବିପଦ ଘଟିପାରେ ବୋଲି ଆବାଳବୃଦ୍ଧ ବନିତା ପୂର୍ବରୁ ଘେଁସ ଛାଡି ତାଲଖୋଳ, ଜାନହଲସୀ, କୁକୁଡାମୁଣ୍ଡା, ଧନୁଗାଡ, ଗଞ୍ଜେଇଘୁଟା, ପାଟଗୁଡି ଇତ୍ୟାଦି ସ୍ଥାନରେ ସପରିବାର ଲୁଚିଥିଲେ । ଏପରିକି ଚୁହାନପାଲି, ପେଟୁପାଲି, କୁଚିପାଲି, ବଡମାଲ, ତୁରୀମୁଣ୍ଡା, ଝାଙ୍କରପାଲି ପ୍ରଭୃତି ଗ୍ରାମର ଗ୍ରାମବାସୀମାନେ ଭୟରେ ବଣ ଜଙ୍ଗଲକୁ ପଳାୟନ କଲେ । ଇଂରେଜ ସେନାଦଳ ଜନଶୂନ୍ୟ ଗ୍ରାମ ଦେଖି ଆହୁରି କ୍ରୋଧାନ୍ୱିତ ହୋଇ ଘେଁସକୁ ପୋଡି ଦେଲେ । ଘେଁସର ପ୍ରତ୍ୟେକ ଗୃହ ପାଉଁଶରେ ପରିଣତ ହୋଇଥିଲା ।

ଘେଁସ ପୋଡି ଯିବା ଯୋଗୁଁ ଗାଈ ବାଛୁରୀ, ଛେଳିମେଣ୍ଢା, କୁକୁଡା ଇତ୍ୟାଦି ଗୃହପାଳିତ ପଶୁ ବ୍ୟତୀତ କେହି ମରିନଥିଲେ । କେବଳ 'ପୁଟକି କୁତୁରି' ନାମ୍ନୀ ଜେନିକା ବିଧବା ପୋଡି ମରିଥିଲେ । 'ଜଟାଧାରୀ ବୈରାଗୀ' ନାମକ ଏକ ଭଣ୍ଡ ତପସ୍ୱୀ ସହ ତାର ଅବୈଧ ଯୌନ ସମ୍ପର୍କ ଥିଲା । ତା'ର ପାପ ଗର୍ଭପାତ ହେତୁ ସେ ଦୁର୍ବଳ ହୋଇ ଶଯ୍ୟାଶାୟୀ ଥିଲା । ଏଣୁ ସେ ପଳାୟନ କରିପାରିନଥିଲା । ତା'ପର ଦିନ ସିଧିରାଠାରୁ ମଦନ ସିଂହ ବରିହା ଆସି ପୋଡା ଶରୀର ଦେଖିଥିଲେ ।

ଘେଁସ ଶ୍ମଶାନ ହେବା ଯୋଗୁଁ ଘେଁସ ଭାଇମାନେ ଉତ୍‌କ୍ଷିପ୍ତ ହୋଇପଡି ଇଂରେଜ ସେନାଙ୍କୁ ଆକ୍ରମଣ କଲେ । ଏଥିରେ ଉଭୟ ପକ୍ଷ ଅନେକ ହତାହତ ହେଲେ ।

ମାଧୋ ସିଂହ ଏହି ସମୟେ ବୃଦ୍ଧ ହୋଇପଡିଥିଲେ । ଅନେକ ଦିନ ଜଙ୍ଗଲ ଭିତରେ ଜୀବନଯାପନ କରିବାରୁ ତାଙ୍କର ସ୍ୱାସ୍ଥ୍ୟ ବିପନ୍ନ ହୋଇପଡିଥିଲା । ବିପ୍ଳବ ସମୟେ କେବେ କେବେ ଅର୍ଦ୍ଧାହାର ତ କେବେ ଅନାହାରରେ କଟୁଥିଲା । ଅଧିକ ଶୀତ ଯୋଗୁଁ ସେ କିଛିଦିନ ବିଶ୍ରାମ ନେବା ପାଇଁ 'ମାଟିଆଭଟ୍ଟା' ଯାଉଥିବା ବେଳେ ବାଟରେ ଧରା ପଡିଥିଲେ । ବିନା ବିଚାରରେ ମାଧୋ ସିଂହଙ୍କୁ ଇଂରେଜ ପ୍ରଶାସକ ୧୮୫୮ ମସିହା ଡିସେମ୍ବର ଶେଷରେ ସମ୍ବଲପୁରଠାରେ ଫାଶି କାଠରେ ଝୁଲାଇ ଦେଲେ । ମାଧୋ ସିଂହଙ୍କର ମୃତ୍ୟୁବାର୍ତ୍ତା ସମସ୍ତ ବିପ୍ଳବୀମାନଙ୍କୁ ଦୁର୍ବଳ କରିଦେଲା । ଏପରିକି ସୁରେନ୍ଦ୍ର ସାଏ ମଧ୍ୟ ମର୍ମାହତ ହୋଇପଡିଥିଲେ । ସମସ୍ତଙ୍କଠାରୁ ବୟସ୍କ ଥିବାରୁ ବିପ୍ଳବ ପରିଚାଳନାରେ ମାଧୋ ସିଂହ ସୁରେନ୍ଦ୍ର ସାଏଙ୍କର ଉପଦେଷ୍ଟା ଭାବେ ଥିଲେ । ସେ ସହିଦ୍ ହୋଇ ଜାତି ଓ ଦେଶପାଇଁ ଅମର ହୋଇଛନ୍ତି ।

ମାଧୋ ସିଂହଙ୍କ ବୀରଗତି ପ୍ରାପ୍ତ ହେବା ପରେ ମଧ୍ୟ ସ୍ୱାଧୀନତା ସଂଗ୍ରାମର ମଶାଲକୁ ତାଙ୍କର ଚାରିପୁତ୍ର ଅନେକ ଦିନ ପର୍ଯ୍ୟନ୍ତ ପ୍ରଜ୍ୱଳିତ କରି ରଖିଥିଲେ । ତାଙ୍କର ପ୍ରଥମ ପୁତ୍ର ହାତୀ ବା ହଟ୍ଟେ ସିଂହ, ଦ୍ୱିତୀୟ ପୁତ୍ର କୁଞ୍ଜଲ ସିଂହ, ତୃତୀୟ ପୁତ୍ର ବୀର ବୈରୀ ସିଂହ ଏବଂ ଚତୁର୍ଥ ପୁତ୍ର ଐରୀ ସିଂହ ମଧ୍ୟ ଇଂରେଜମାନଙ୍କ ସହିତ ସଂଗ୍ରାମକରି ଶହୀଦ୍ ହୋଇଥିଲେ । ଶହୀଦ୍ ହାତୀ ସିଂହ ଆଣ୍ଡାମାନର ବନ୍ଦୀଶାଳାରେ କଳାପାଣି ସଜା ପ୍ରାପ୍ତ ହୋଇ ସେଠାରେ ବୀରଗତି ପ୍ରାପ୍ତ ହୋଇଥିଲେ । କଳାପାଣିରେ ଦେଶ ମାତୃକାର ସ୍ୱାଧୀନତା ପାଇଁ ପ୍ରାଣ ଉତ୍ସର୍ଗ କରିବାରେ ହାତୀ ସିଂହ ଥିଲେ ପ୍ରଥମ ଓଡ଼ିଆ ସ୍ୱାଧୀନତା ସଂଗ୍ରାମୀ । ତାଙ୍କର ଅନ୍ୟ ତିନିଜଣ ଭାଇ ଇଂରେଜମାନଙ୍କ ସହିତ ଲଢେଇ କରି ମୃତ୍ୟୁବରଣ କରି ଭାରତର ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାକୁ ଧନ୍ୟ କରି ଯାଇଛନ୍ତି । ଘେଁସର ଏହି ମହାନ୍ ଶହୀଦ୍ ପରିବାରର ପଞ୍ଚ ଶହୀଦ୍‌ଙ୍କୁ ଓଡ଼ିଶା ସ୍ୱାଧୀନତା ଦିବସର ଏହି ପବିତ୍ର ଦିବସରେ ସଲାମ୍ କରୁଅଛି ।

(ଉତ୍କଳ ପ୍ରସଙ୍ଗର ସମ୍ପାଦକ ଡକ୍ଟର ହୁସେନ ରବିଗାନ୍ଧୀ ଚଳିତ ବର୍ଷ ଫେବୃଆରୀ ୨୬ ତାରିଖରେ ଘେଁସ ଗ୍ରାମ ପରିଦର୍ଶନ କରି ଏଠାକାର ଜମିଦାର ସହିଦ୍ ମାଧୋ ସିଂହ, ସହିଦ୍ ହାତୀ ସିଂହ, ସହିଦ୍ କୁଞ୍ଜଲ ସିଂହ, ସହିଦ୍ ବୈରୀ ସିଂହ ଓ ସହିଦ୍ ଐରୀ ସିଂହଙ୍କ ସ୍ମୃତିସ୍ତମ୍ଭଠାରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।)

ଘେଁସ, ବରଗଡ଼

# ଆସିଛି ଅଗଷ୍ଟ ପନ୍ଦର

**ସୁଦାମ ଜେନା**

ହିମାଳୟଠାରୁ କନ୍ୟାକୁମାରୀ
ସୁନାର ଭାରତବର୍ଷ
ଆମ ଜନ୍ମଭୂମି ସଂସାରେ ମହାନ୍
କିଏ ତାର ସମକକ୍ଷ ।

ଆସିଲା ଦୁର୍ଦ୍ଦିନ ଦେଶ ପରାଧୀନ
ଭୋଗିଲା ଅନେକ କଷ୍ଟ
ଇଂରେଜ ଶାସନ ଦେଲାକ ଯାତନା
ଭୋଗିବାକୁ ଥିଲା କଷ୍ଟ ।

ବଣିଜ ନାଆଁରେ ଦେଶକୁ ଆସିଲେ
କଲେ ଯେ କେତେ ଅନୀତି
ସରଳିଆ ମୋର ଭାରତବାସୀ ଏ
ଛାତିରେ ମାରିଲେ କାତି ।

ଫିରିଙ୍ଗି ଶାସନ ଅତ୍ୟନ୍ତ ନିଷ୍ଠୁର
ଲୋକେ ହେଲେ କଲବଲ
କେତେବା ସହିବେ ଅନ୍ୟାୟ ଅକଥା
କାନ ଥାଇ ସର୍ବେ କାଲ ।

ଗୋରା ଶାସନରେ ଦେଶ ଥରି ଗଲା
କିଅବା ସହର ଗ୍ରାମ
ଗ୍ରାମେ ଗ୍ରାମେ ସଭା ସମିତି ହୋଇଲା
ଇଂରେଜ ହଟିବା କାମ ।

ବିଦେଶୀ ଶାସନେ ଖୋରଧା ପାଇକ
ରଣ ହୁଙ୍କାର ଦେଲେ
ଗୋରା ସରକାର ଦେଶରୁ ହଟିଯା
ଗର୍ବରେ ଓଡ଼ିଆ ବୋଲେ ।

ବିଦେଶୀ ଦ୍ରବ୍ୟକୁ ପରିତ୍ୟାଗ କଲେ
ସଂଗ୍ରାମୀ ଦେଲେ ଆହ୍ୱାନ
ଗାନ୍ଧୀ ଗୋପବନ୍ଧୁ ଦେଶ ମୁକ୍ତି ପାଇଁ
ସର୍ବସ୍ୱ କଲେ ଦାନ ।

କେତେ ଯୋଦ୍ଧା ମଲେ ସହିଦ୍ ହୋଇଲେ
ରଖିଲେ ଜାତିର ଟେକ
ବିଦେଶୀ ହାରିଲା ଲୁଚି ପଳାଇଲା
ରହିଲା ଦେଶର ଟେକ ।

ଆମ ଦେଶ ଆମ ପତାକା ଉଡିଲା
ତ୍ରିରଙ୍ଗା ଏ ଫରଫର
ସ୍ୱାଧୀନ ହେଲା ଭାରତ ଆମର
ଏଇ ଅଗଷ୍ଟ ପନ୍ଦର ।

ଉତ୍ତାରଣ, କସରଦା, କଟକ

# ଅମର ଶହୀଦ୍ ବାଜି ରାଉତ: ସ୍ୱାଧୀନତା ସଂଗ୍ରାମର ଅମ୍ଳାନ ଦୀପଶିଖା

**ଜୟନ୍ତୀ ନାୟକ**

୧୮୦୩ ମସିହାରେ ଓଡିଶାରେ ଇଂରେଜମାନେ ଅଧିକାର କରିଦେଲେ ୨୬ଟି ଗଡଜାତ ସମେତ ସମଗ୍ର ଉପକୂଳବର୍ତ୍ତୀ ଓଡିଶା ରାଜ୍ୟ । ସେତେବେଳେ ଓଡିଶାରେ ଦୁଇ ପ୍ରକାର ଶାସନ ପରିଚାଳିତ ହୋଇଥିଲା । ଯେଉଁ ଅଞ୍ଚଳରେ ଇଂରେଜମାନେ ସିଧାସଳଖ ଶାସନ କରୁଥିଲେ ସେ ଅଞ୍ଚଳକୁ ମୋଗଲବନ୍ଦୀ ଅଞ୍ଚଳ ଏବଂ ଯେଉଁ ଗଡ଼ର ରାଜାମାନେ ଇଂରେଜ ବଡଲାଟଙ୍କ ଦ୍ୱାରା ନିଯୁକ୍ତ ଏଜେଣ୍ଟମାନଙ୍କର ସହୟତାରେ ଶାସନ କରୁଥିଲେ, ସେ ଅଞ୍ଚଳକୁ ଗଡ଼ଜାତ ଶାସନାଞ୍ଚଳ କୁହାଯାଉଥିଲା । ଫଳରେ ଗଡ଼ଜାତରେ ରାଜାମାନେ ଅଖଣ୍ଡ କ୍ଷମତାର ଅଧିକାରୀ ହୋଇପାରିଥିଲେ । ପଲିଟିକାଲ ଏଜେଣ୍ଟକୁ ସନ୍ତୁଷ୍ଟ କରି ନିରଙ୍କୁଶ କ୍ଷମତା ପାଇବା ପାଇଁ ଗଡ଼ଜାତ ରାଜାମାନେ ବେଠି, ବେଗାରୀ, ଅତ୍ୟଧିକ କର ଆଦାୟରେ ମାତୁଥିଲେ ।

ଓଡିଶାର ତତ୍କାଳୀନ ୨୬ଟି ଗଡ଼ଜାତ ମଧ୍ୟରୁ ଢ଼େଙ୍କାନାଳ ଥିଲା ଅନ୍ୟତମ । ସେତେବେଳେ ଢ଼େଙ୍କାନାଳକୁ ଗଡ଼ ବା କିଲ୍ଲା କୁହାଯାଉଥିଲା । ଏହି କିଲ୍ଲା– ଢ଼େଙ୍କାନାଳ ସଦର ଓ ମଡ଼ି (କାମାକ୍ଷାନଗର) ଦୁଇଟି ସବ୍‌ଡିଭିଜନକୁ ନେଇ ଗଠିତ ହୋଇଥିଲା । ପ୍ରତ୍ୟେକ ସବ୍‌ଡିଭିଜନକୁ ତେତୋଟି ବିଷୟରେ (ଅଞ୍ଚଳରେ) ବିଭକ୍ତ କରାଯାଇଥିଲା । ସେହିପରି ଢ଼େଙ୍କାନାଳ ଗଡ଼ରେ ୨୪ଟି ବିଷୟ ରହିଥିଲା । ସେଥି ମଧ୍ୟରୁ ଗୋଟିଏ ବିଷୟ ଥିଲା ଭୁବନ । ଯେଉଁଠାରେ କି ସର୍ବରାକାର ଓ ପ୍ରଧାନମାନେ ଅଖଣ୍ଡ କ୍ଷମତାର ଅଧିକାରୀ ଥିଲେ । ଢେଙ୍କାନାଳ ଗଡ଼ଜାତ ଆନ୍ଦୋଳନ ଭାରତର ଜାତୀୟ ସଂଗ୍ରାମର ଅଂଶ ବିଶେଷ ହେଲେ ମଧ୍ୟ ଏହାର ଅଛି ଦୁର୍ଲଭ ବୈଶିଷ୍ଟ୍ୟ । ଢ଼େଙ୍କାନାଳ ଗଡ଼ଜାତର ରାଜା ଥିଲେ – ଶଙ୍କର ପ୍ରତାପ ମହେନ୍ଦ୍ର ବାହାଦୁର । ସେ ଥିଲେ ଅତ୍ୟନ୍ତ ଅତ୍ୟାଚାରୀ । ଇଂରେଜ ସରକାରଙ୍କ ସହିତ ସାଲିସ୍ ଓ ମାଲିସ୍ କରି ତାଙ୍କର ପ୍ରତିନିଧି ଭାବରେ ଶାସନ କରୁଥିଲେ । ରାଜାଙ୍କର କର୍ମଚାରୀ ଓ ଇଂରେଜ ପୋଲିସ୍‌ମାନେ ଗରିବ ଓ ନିରୀହ ପ୍ରଜାମାନଙ୍କ ଉପରେ ବିନା କାରଣରେ ଜୁଲମ, ଅସାମାଜିକ କାର୍ଯ୍ୟ କରୁଥିଲେ । ସଡ଼କ ମରାମତିଠାରୁ ଧାନ ଅମଳ ପର୍ଯ୍ୟନ୍ତ ମାଗଣାରେ କାମ କରିବା, ରାଜାଙ୍କ ନଅର ତିଆରି କରିବା ପ୍ରଭୃତିରେ ପ୍ରଜାମାନେ ନିଜ ହାତରୁ ଖାଇ ବେଠିରେ ଛଅ ମାସ ଖଟୁଥିଲେ । ରାଜା ଶଙ୍କର ପ୍ରତାପଙ୍କର ଦ୍ୱିତୀୟ ଭାଇ ପଞ୍ଚାୟତ ନୃସିଂହ ପ୍ରତାପ ନିଜର ସ୍ତ୍ରୀ ଯୋଧପୁରର ରାଜକନ୍ୟା ଯତନ କୁମାରୀଙ୍କ ନାମରେ ୧୯୩୨ ମସିହାରେ ଢ଼େଙ୍କାନାଳ ରାଜବାଟୀର ଉତ୍ତର ପାର୍ଶ୍ୱରେ ଥିବା ସିମିଳିଆ ପାହାଡ ଉପରେ ଯେଉଁ ଯତନ ନଗର ନିର୍ମାଣ କରିଥିଲେ, ତାହା ପ୍ରଜାପୀଡନର ନିରବ ମୂକସାକ୍ଷୀ । ରାଜାଙ୍କର ପ୍ରଜାପୀଡନ, ଅତ୍ୟାଚାର ଓ ଶୋଷଣରେ ଅତିଷ୍ଠ ହୋଇ ପ୍ରଜାମାନେ ବିଦ୍ରୋହ ଆରମ୍ଭ କରିଥିଲେ । ଇଂରେଜ ଶାସନ ପ୍ରତ୍ୟେକ୍ଷ ଭାବରେ ଗଡ଼ଜାତ ରାଜାମାନଙ୍କୁ ସହାୟତା ପ୍ରଦାନ କରୁଥିବା ହେତୁ ପ୍ରଜାମାନଙ୍କର ଏହି ଅସନ୍ତୋଷ ରାଜାମାନଙ୍କ ସମେତ ଇଂରେଜ ସରକାର ବିରୁଦ୍ଧରେ ଦୃଢଭାବେ ନିନାଦିତ ହେବାରେ ଲାଗିଲା ।

ଗଡଜାତମାନଙ୍କ ମଧ୍ୟରୁ – ୧୯୨୦ ମସିହାରେ ନୀଳଗିରିରେ ପ୍ରଜାମେଳି, ୧୯୨୧ରେ କେନ୍ଦୁଝରରେ ଭୂୟାଁ ମେଳି, ୧୯୨୮ରେ ବାମଣ୍ଡାରେ ପ୍ରଜା ବିଦ୍ରୋହ, ୧୯୧୩ ଦଶପଲ୍ଲା ମେଳି, ୧୯୧୭ରେ ମୟୂରଭଞ୍ଜରେ ପ୍ରଜା ବିଦ୍ରୋହ, ୧୯୩୨ରେ ତାଳଚେରରେ ବିଦ୍ରୋହ ସାଙ୍ଗକୁ ୧୯୩୮ରେ ଢ଼େଙ୍କାନାଳରେ ଗଡ଼ଜାତ ପ୍ରଜା ଆନ୍ଦୋଳନ ରାଜତନ୍ତ୍ର ବିରୁଦ୍ଧରେ ମୁଣ୍ଡ ଟେକିଥିଲା । ଓଡିଶାର ପ୍ରାୟ ସମସ୍ତ ଗଡଜାତରେ ସମସାମୟିକ ଭାବେ ଯେଉଁ ବିରାଟ ପ୍ରଜା ଆନ୍ଦୋଳନ ଆରମ୍ଭ

ହୋଇଥିଲା, ତାହା ଥିଲା – ଅତ୍ୟାଚାରୀ, ବିଭସ୍ତ ରାଜାମାନଙ୍କର ବିପକ୍ଷରେ ପ୍ରଜାମାନଙ୍କର ଗଣବିଦ୍ରୋହ । ଏଥିପୂର୍ବରୁ ସର୍ବଭାରତୀୟ ସ୍ତରରେ – ଭାରତୀୟ ଜାତୀୟ କଂଗ୍ରେସର ଉଦ୍ୟମକ୍ରମେ ପଣ୍ଡିତ ଜବାହରଲାଲ ନେହୁର, ଡକ୍ଟର ପଟ୍ଟାଭି ସୀତାରାମାୟା ଓ ଢେଙ୍କାନାଳ ମାଟିର ଗାନ୍ଧିଭାବେ ପରିଚିତ ବିପ୍ଳବୀ ସାରଙ୍ଗଧର ଦାସଙ୍କର ନେତୃତ୍ୱରେ ଗଡ଼ଜାତ ପ୍ରଜା ସମ୍ମିଳନୀ ଗଠନ କରାଯାଇଥିଲା । ଢେଙ୍କାନାଳ ଗଡ଼ଜାତର ନେତୃତ୍ୱ ନେଇଥାନ୍ତି ବୀର ବୈଷ୍ଣବ ପଟ୍ଟନାୟକ, ମହେଶ୍ୱର ସୁବାହୁ ସିଂ, କୃତିବାସ ପ୍ରଧାନ, ସାରଙ୍ଗଧର ଦାସ, ଭଗବତୀ ଚରଣ ପାଣିଗ୍ରାହୀ, ନବକୃଷ୍ଣ ଚୌଧୁରୀ, ମୂଷା ମଲ୍ଲିକ ଇତ୍ୟାଦି । ଏମାନଙ୍କ ଦୃଢ଼ ସାଙ୍ଗଠନିକ ନେତୃତ୍ୱ ଓ ପ୍ରଜାମାନଙ୍କର ଅସନ୍ତୋଷ ପରିପ୍ରକାଶ ଦ୍ୱାରା ୧୯୩୭ ମସିହାରେ ଢ଼େଙ୍କାନାଳରେ ଏହା ଜନ୍ମଲାଭ କରିଥିଲା ପ୍ରଜାମଣ୍ଡଳ ଆନ୍ଦୋଳନ ଭାବେ । ଢ଼େଙ୍କାନାଳ ଗଡ଼ଜାତ ଆନ୍ଦୋଳନରେ ଭୁବନ ଗ୍ରାମ ଥିଲା ଏହି ଆନ୍ଦୋଳନର କେନ୍ଦ୍ରସ୍ଥଳୀ ଓ ଏ ଅଞ୍ଚଳର ଏକ ବାଣିଜ୍ୟ କେନ୍ଦ୍ର । ଠାକୁର ଘର, କୋଠଘର, ଭାଗବତ ଟୁଙ୍ଗୀ ଆଦି ଏହି ପବିତ୍ର ପୀଠମାନଙ୍କରେ ଭାଗବତ ଚର୍ଚ୍ଚା କରୁଥିବା ଲୋକଙ୍କ ସହିତ ପ୍ରଜାମଣ୍ଡଳ ଆନ୍ଦୋଳନର ବିଭିନ୍ନ ରଣନୀତି ସମ୍ପର୍କରେ ଆଲୋଚନା କରାଯାଉଥିଲା । ଢ଼େଙ୍କାନାଳ ଗଡ଼ଜାତର ପ୍ରତ୍ୟେକ ଗ୍ରାମର ମୁଖିଆଙ୍କୁ ନେଇ ଭୁବନରେ ଆନ୍ଦୋଳନ କାର୍ଯ୍ୟକ୍ରମ ସ୍ଥିର କରାଯାଉଥିଲା ।

ଭୁବନ ଅଞ୍ଚଳରେ ମହନ୍ତ ପ୍ରଧାନ, ବଟ ସାହୁ, ରଙ୍ଗଲାଲ୍ ଅଗ୍ରୱାଲା, ଲକ୍ଷ୍ମଣ ସାହୁ, ଗୁରୀ ନାୟକ, ହୃଷିକେଷ ପ୍ରଧାନ, ବେଣୁଧର ଦେଓ ପ୍ରମୁଖ ସଭ୍ୟମାନେ ପ୍ରଜାମଣ୍ଡଳରେ ସକ୍ରୀୟ ଅଂଶ ଗ୍ରହଣ କରୁଥିଲେ । ଭୁବନ ପ୍ରଜାମଣ୍ଡଳ ଶାଖାର ସଭାପତି ଥିଲେ ପଣ୍ଡିତ ଗଙ୍ଗାଧର ମିଶ୍ର, ସମ୍ପାଦକ ବେଣୁଧର ଦେଓ, କୋଷାଧକ୍ଷ ଛବିର ଚାନ୍ଦ । ପ୍ରଜାମଣ୍ଡଳକୁ ସହଯୋଗ କରିବା ପାଇଁ ବଟ ସାହୁଙ୍କ ନେତୃତ୍ୱରେ ୧୧/୧୨ ବର୍ଷର ବାଳକମାନେ ଏକ ବାନର ସେନା କାର୍ଯ୍ୟ କରୁଥିଲା । ଗଙ୍ଗାଧର ରାଉତ, ଜାହାଙ୍ଗୀର ଖାନ୍, ଗୌରାଙ୍ଗ ମହାପାତ୍ର, ବୀରବର ବେହେରା, ବାଜିରାଉତ, ନଟବର ନାୟକ, ନିଧି ନନ୍ଦୀ, ନାରାୟଣ ବେହେରା, ନୃସିଂହ ଦାସ ପ୍ରମୁଖ ଏହି ବାନର ସେନାରେ ସାମିଲ ଥିଲେ । ପ୍ରଜାମଣ୍ଡଳରେ ବୈଠକମାନ ଲଗାତର ଅନୁଷ୍ଠିତ ହେଉଥିଲା । ବୀର ବୈଷ୍ଣବ ପଟ୍ଟନାୟକ, ମୂଷା ମଲ୍ଲିକ, ସାରଙ୍ଗଧର ଦାସ ପ୍ରମୁଖ ସଭାରେ ଯୋଗ ଦେଇ କର୍ମୀମାନଙ୍କୁ ଦିଗ୍‌ଦର୍ଶନ ଦେଉଥିଲେ । ନିଧି ନନ୍ଦୀ ନାମକ ଜଣେ ବଙ୍ଗାଳୀ ବ୍ୟକ୍ତି ପ୍ରଜାମଣ୍ଡଳର ସଭା ସମ୍ପର୍କରେ ଗାଁ ଗାଁରେ ବୁଲି ଟିଣ ବାଡେଇ ଡେଙ୍ଗୁରା ଦେଉଥିଲେ ।

୧୯୩୮ ମସିହା ସେପ୍ଟେମ୍ବର ମାସ ଶେଷ ସପ୍ତାହରେ ଭୁବନ ବଡହାଟଠାରେ ପ୍ରଜାମଣ୍ଡଳର ଏକ ବଡ ସଭା ଅନୁଷ୍ଠିତ ହେଉଥାଏ । ଏହି ସଭାରେ ପ୍ରାୟ ପାଞ୍ଚ ହଜାର କର୍ମୀ ଯୋଗ ଦେଇଥାନ୍ତି । ଢ଼େଙ୍କାନାଳ ପ୍ରଜାମଣ୍ଡଳ ଶାଖାର ସଭାପତିତ୍ୱରେ ଏହି ସଭା ଚାଲିଥାଏ । ଗଡ ମଧ୍ୟରେ ସଭାସମିତି ନକରାଇବା ପାଇଁ ରାଜା ୧୪୪ ଧାରା ଜାରି କରିଥିବାରୁ ଭୁବନ ଥାନାର ତତ୍‌କାଳୀନ ଦାରୋଗା ଗୁଣନିଧି ଥାନାରୁ ସାଇକେଲ ଯୋଗେ ଅରାସାହି, ବଙ୍ଗାଳି ସାହି ଦେଇ ସଭାସ୍ଥଳ ବଡହାଟରେ ପହଞ୍ଚି ଥିଲେ । ସଭା ବନ୍ଦ କରିବା ପାଇଁ ସଭାପତିଙ୍କ ନିକଟକୁ ଖବର ଦେବା ପାଇଁ ବାବାଜୀ ସାହୁ ନାମକ ଜଣେ କର୍ମୀଙ୍କୁ ପାଖକୁ ଡାକିଲେ । ଫଳରେ ଥାନାବାବୁଙ୍କ ସହ ବାବାଜୀ ସାହୁଙ୍କ ବଚସା ହେଲା । ବାଡିରେ ଦାରୋଗା ପିଟିବାରୁ ବାବାଜୀ ସାହୁଙ୍କ ମୁଣ୍ଡ ଫାଟି ରକ୍ତ ଝରିଲା । ପ୍ରଜାମଣ୍ଡଳ କର୍ମୀମାନେ ଏ ଘଟଣାରେ ଉତ୍ତେଜିତ ହୋଇ ଥାନା ଦାରୋଗାର ସାଇକେଲ ଭାଙ୍ଗିଦେଲେ । ଏ ଖବର ଢ଼େଙ୍କାନାଳ ଗଡରେ ପହଞ୍ଚି ଥିଲା । ସେଠାରୁ କେତେଜଣ ଗୋରା ଫଉଜ ଆସି ୧୩ ଜଣ ପ୍ରଜାମଣ୍ଡଳ କର୍ମୀଙ୍କୁ ଗିରଫ କରିନେଲେ । ତଥାପି ଭୁବନ ଅଞ୍ଚଳରେ ପ୍ରଜାମଣ୍ଡଳ ଆନ୍ଦୋଳନ ଶିଥିଳ ହୋଇ ନଥିଲା । ଗୋରା ଫଉଜମାନେ ରାଜାଙ୍କର ସର୍ବରାକାରଙ୍କୁ ଧରି ରାତି ଅଧରେ ପ୍ରଜାମଣ୍ଡଳର କର୍ମୀଙ୍କୁ ଚଢାଉ କରି ମୂଷା ସାହୁ, ନାରାୟଣ କବିରାଜ, ବଟ କବିରାଜ, ବାଞ୍ଛା ସାହୁ, ଗୁରୁବାରି ରାଉତ ପ୍ରମୁଖ ଆଠ ଜଣ କର୍ମୀଙ୍କୁ ଗିରଫ କରି ଭୁବନ ଥାନାକୁ ଆଣିଥିଲେ । ଏହି ସମୟରେ ଗୋପାଳ ଜୀଉ ମନ୍ଦିର ଭିତରୁ କବାଟ ଦେଇ ପ୍ରାଣବନ୍ଧୁ ଦାସ ଓ ସପନି ଦାସ ଶ୍ରୀଜୀଉଙ୍କୁ ପୂଜା କରୁଥିବା ବେଳେ ପ୍ରଜାମଣ୍ଡଳ କର୍ମୀ ଗିରଫ ହେବାର ସୂଚନା ପାଇଲେ । ସେମାନେ ଲୁଚି ଲୁଚି ଏ ଖବର ଗାଁ ସାରା ପ୍ରଚାର କରିଦେଲେ ।

ପ୍ରଜାମଣ୍ଡଳ କର୍ମୀଙ୍କୁ ଗିରଫ କରି ଥାନାରେ ଅମାନୁଷିକ ନିର୍ଯାତନା ଦିଆଗଲା । ସେମାନଙ୍କର ଚିତ୍କାରରେ ଗଗନ ପବନ ପ୍ରକମ୍ପିତ ହେଲା ପରେ ଶହ ଶହ ଲୋକେ ଥାନା ଘେରାଉ କଲେ, ଥାନା ଉପରକୁ ଟେକା ପଥର ଫିଙ୍ଗିଲେ । ପ୍ରଜାମଣ୍ଡଳକୁ ସମ୍ଭାଳିବା ପାଇଁ ଥାନା ଭିତରୁ କେହି ଜଣେ ସିପାହୀ ଉତ୍ତ୍ୟକ୍ତ ଲୋକଙ୍କ ଆଡକୁ ଗୁଳି ଫାୟାର କଲେ । ଥାନାର ପଶ୍ଚିମ ପାଖ ସେଣ ସାହିରେ ରୁଣ୍ଡ ହୋଇଥିବା ଉତ୍ତ୍ୟକ୍ତ ଜନତାଙ୍କ ମଧ୍ୟରୁ ରଘୁ ନାୟକଙ୍କ ମୁଣ୍ଡରେ ଗୁଳି ବାଜିବାରୁ ସେ ଘଟଣା ସ୍ଥଳରେ ମୃତ୍ୟୁବରଣ କଲେ । ଭୁବନର ପ୍ରଜାମଣ୍ଡଳ କର୍ମୀଙ୍କ ସହ ଚିକିତ୍ସିତ ହେଉଥିବା ଗୁରୀ

ନାୟକଙ୍କୁ କଟକ ନେବା ବାଟରେ ବେଳପୁର ଷ୍ଟେସନ୍‌ରେ ମୃତ୍ୟୁବରଣ କଲେ ।

ଇନ୍‌କିଲାବ ଜିନ୍ଦାବାଦ୍ ସ୍ଲୋଗାନରେ ପ୍ରକମ୍ପିତ ହେଉଥିବା ଜନତା ପ୍ରଜାମଣ୍ଡଳ କର୍ମୀଙ୍କ ତାଜାରକ୍ତ ଦେଖି ସ୍ପନ୍ଦନ ଶୂନ୍ୟ ହୋଇଗଲେ । ପ୍ରାଣ ବିକଳରେ ଯିଏ ଯୁଆଡେ ଲୁଚିଗଲେ । ଏହି ସୁଯୋଗରେ ରକ୍ତମୁଖା ଗୋରା ଫଉଜମାନେ ନିଜ ଜୀବନ ବଞ୍ଚାଇବା ପାଇଁ ଆଠ ଜଣ ବନ୍ଦୀକୁ ନେଇ ପୂର୍ବମୁଖା ଦେଇ ନୀଳକଣ୍ଠପୁର ନଦୀ ଘାଟ ଆଡକୁ ଦୌଡିଲେ । ଏହି ସମୟରେ ଭୁବନ ବଡପଣ୍ଡା ସାହିର ରାମ ନାୟକ, କହ୍ନେଇ ନାୟକ ନୀଳକଣ୍ଠପୁର ନଦୀ ଘାଟ ଜଗିଥିବା ପ୍ରଜାମଣ୍ଡଳ କର୍ମୀଙ୍କୁ ଜଣାଇ ଦେଇଥିଲେ । ପଛରୁ ଲୋକମାନଙ୍କର ଘୋ, ଘୋ ଗର୍ଜନ ଶୁଣି ଗୋରା ସିପାହୀମାନେ ବନ୍ଦୀ କରି ଆଣିଥିବା କର୍ମୀମାନଙ୍କୁ ରଙ୍ଗମାଟିଆ ନାଳ ପାଖରେ ଛାଡି ଦ୍ରୁତ ଗତିରେ ଘାଟ ଆଡକୁ ଦୌଡିଲେ ।

ସେତେବେଳେ ନୀଳକଣ୍ଠପୁର ଘାଟରେ ଦୁଇଟି ଡଙ୍ଗା ଥିଲା । କାରଣ ସେତେବେଳେ ନୀଳକଣ୍ଠପୁର ଘାଟ ହିଁ ଥିଲା ଢ଼େଙ୍କାନାଳ ଗଡ଼ ସହ ଭୁବନକୁ ଯୋଗାଯୋଗର ମାଧ୍ୟମ । ଏହି ଘାଟରେ ରାଜାଙ୍କ ପକ୍ଷରୁ ଗୋଟିଏ ଡଙ୍ଗା ଥିଲା । ରାଜା କର୍ମଚାରୀଙ୍କ ଯାତାୟାତ ପାଇଁ ଅନ୍ୟ ଡଙ୍ଗାଟି ଥିଲା ସାଧାରଣ ଲୋକଙ୍କର ଯାତାୟାତ ପାଇଁ । ପ୍ରଜାମଣ୍ଡଳର କର୍ମୀମାନେ ରାଜାଙ୍କର ଡଙ୍ଗାଟିକୁ ବୁଡାଇ ଦେଇଥିଲେ । ଅନ୍ୟ ଡଙ୍ଗାଟିକୁ ଧରି ବାନର ସେନାର କନିଷ୍ଠ ସୈନିକ ବୀର ବିପ୍ଳବୀ ବାଜିରାଉତ ନଦୀ ଘାଟ ଜଗିଥିଲେ । ନଦୀଘାଟରେ ଜଗି ରହିଛନ୍ତି ଲକ୍ଷ୍ମଣ ମଲ୍ଲିକ, ଫଗୁ, ନଟ, ପାଣ୍ଡୁ, ହୁରୁଷି ପ୍ରମୁଖ । ସେଠାରେ ସିପାହୀମାନେ ଫାଙ୍କା ଗୁଳିଚାଳନା କଲେ ଓ ବାଜିରାଉତଙ୍କୁ ଡଙ୍ଗା ଆଣିବାକୁ କହିଲେ । ସେ କହିଲା ପ୍ରଜାମଣ୍ଡଳର ହୁକୁମ ନାହିଁ । ଏହା ପରେ ଗୁଳିବର୍ଷଣ ହେଲା । ସେଠାରେ ଟଳି ପଡିଲେ ବାରବର୍ଷର ଅବୋଧ ବାଳକ ବାଜିରାଉତ । ତାଙ୍କୁ ମାଜିଷ୍ଟ୍ରେଟ୍ ବିନୟ ଘୋଷଙ୍କ ନିର୍ଦ୍ଦେଶରେ ସିପାହୀ ପଦ୍ମନାଭ ବିଶ୍ୱାଳ ଗୁଳି ଚାଳନା କରିଥିଲେ । ଏହି ସମୟରେ କର୍ମୀମାନେ ବାଧା ଦେଲା ପରେ ସିପାହୀଙ୍କ ନୃଶଂସତାର ଶିକାର ହୋଇ ଟଳି ପଡିଲେ ହୁରୁଷି ପ୍ରଧାନ, ନଟ ମଲ୍ଲିକ, ଲକ୍ଷ୍ମଣ ମଲ୍ଲିକ ସଂକଟାପନ୍ନ ମଧ୍ୟରେ କଟକରେ ମୃତ୍ୟୁବରଣ କଲେ ଫଗୁ ସାହୁ, ପ୍ରାଣବନ୍ଧୁ ଲେଙ୍କା ଓ ଆହତ ହେଲେ ଅନେକ । ଗୁଳିକାଣ୍ଡ ଖବର ଶୁଣି ନବକୃଷ୍ଣ ଚୌଧୁରୀ ବିଧାନସଭା ସଭ୍ୟ ପଦରୁ ଇସ୍ତଫା ଦେଲେ । ଶେଷରେ ତାଙ୍କୁ ଗିରଫ କରାଗଲା । ସଂଗ୍ରାମୀ ବୀର ବୈଷ୍ଣବ ପଟ୍ଟନାୟକ, ମୃଷା ମଲ୍ଲିକ, ସାରଙ୍ଗଧର ଦାସ ପ୍ରମୁଖ ସେମାନଙ୍କୁ ନେଇ ଜେନାପୁର ଓ ପରେ ଟ୍ରେନ୍ ଯୋଗେ କଟକ ଗଲେ । କଟକରେ ଏକ ଶ୍ମଶାନରେ ଶବ ଦାହ କରାଗଲା । ଶ୍ମଶାନରୁ ଫେରି କବି ସଚ୍ଚି ରାଉତରାୟ ରଚନା କଲେ ଖଣ୍ଡ କାବ୍ୟ 'ବାଜିରାଉତ'

ନୁହେଁ ବନ୍ଧୁ ନୁହେଁ ଏହା ଚିତା
ଏ ଦେଶ ତିମିର ତଳେ ଏ ଅଲିଭା ମୁକତି ସଳିତା
ନୁହେଁ ଏହା ଜଳିବା ପାଇଁ
ଏହାର ଜନମ ଏଥି ଜାଳିପୋଡି ଦେବାକୁ ଧସାଇ
ଏ ଶିଖା ଦେଇଛି ଆଜି
ଇତିହାସେ ହାତଟେକି ଦାନ
ଶତାବ୍ଦୀର ଶ୍ରେଷ୍ଠ ଫୁଲ
ମୁକୁଳିତ ମୃତ୍ୟୁହୀନ ପ୍ରାଣ ।

ଏହି ଘଟଣା ଥିଲା ୧୯୩୮ ମସିହା ଅକ୍ଟୋବର ୧୧ ତାରିଖ । ପରେ ବାଜିରାଉତଙ୍କ ସ୍ମୃତି ଉଦ୍ଦେଶ୍ୟରେ ଭୁବନରେ ଗଢ଼ି ଉଠିଛି ବାଜିରାଉତ ମେମୋରିଆଲ୍ କଲେଜ, ନୀଳକଣ୍ଠପୁରରେ ବାଜିରାଉତ ସ୍ମୃତି ସ୍ତମ୍ଭ ଓ ଢ଼େଙ୍କାନାଳରେ ବାଜିଛକ । ବ୍ରାହ୍ମଣୀ ନଦୀ ଉପରେ ଭୁବନ–ଢ଼େଙ୍କାନାଳ ସଂଯୋଗ ପାଇଁ ବାଜିରାଉତ ସେତୁ ନିର୍ମାଣ କାର୍ଯ୍ୟ ଚାଲୁଅଛି । ଏହି ସ୍ମୃତି ଉଦ୍ଦେଶ୍ୟରେ ଭୁବନର ନୀଳକଣ୍ଠପୁରଠାରେ ପାଳିତ ହେଉଛି ଜିଲ୍ଲାସ୍ତରୀୟ ସ୍ମୃତି ସଭା ଓ ରାଜ୍ୟସ୍ତରୀୟ ସ୍ମୃତି ସଭା ଏବଂ ପାଳନ ହେଉଛି ଓଡିଶା ସରକାରଙ୍କ ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ଭୁବନେଶ୍ୱରଠାରେ ।

ସା–ଶ୍ରୀରାମ ନିବାସ, ବଡହାଟ
ପୋ–ଭୁବନ–୭୫୯୦୧୭
ଜିଲ୍ଲା–ଢ଼େଙ୍କାନାଳ

❖ ❖ ❖

# ସ୍ୱାଧୀନତା ଆନ୍ଦୋଳନର ଅନନ୍ୟ ବରପୁତ୍ର: ମହମ୍ମଦ ହନିଫ୍

ଡକ୍ଟର ମହମ୍ମଦ୍ ଆୟୁବ୍

ଗାନ୍ଧିଜୀଙ୍କ ଦ୍ୱାରା ପ୍ରବର୍ତ୍ତିତ ୧୯୨୦ ମସିହାରେ ଅସହଯୋଗ ଆନ୍ଦୋଳନ, ୧୯୩୦ ମସିହାରେ ଆଇନ ଅମାନ୍ୟ ଆନ୍ଦୋଳନ, ଓଡ଼ିଆମାନଙ୍କର ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ପ୍ରେରଣା ଯୋଗାଇ ଥିଲା । ସେହି ଓଡ଼ିଆମାନଙ୍କ ମଧ୍ୟରୁ କିଛି ମୁସଲମାନ ସ୍ୱାଧୀନତା ସଂଗ୍ରାମୀ ଯଥା: ଏକ୍ରାମ ରସୁଲ, କମରୁଲ ହୋଦା ଆଜାଦ୍, ଅସଗର ଅଲ୍ଲି ଏବଂ ମହମ୍ମଦ ହନିଫ୍ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଜଣେ କବିଙ୍କ ଭାଷାରେ–

ବେଳେ ବେଳେ କିଛି ଭଲ<br>
ମଣିଷତ<br>
ସୃଷ୍ଟିର ଉପାଦାନ<br>
ସୃଷ୍ଟି ରଥରେ ସାରଥି ସେମାନେ<br>
ବିଧାତାର ଅବଦାନ ।



ସେହି ସୃଷ୍ଟିର ଉପାଦାନ ଏବଂ ବିଧାତାର ଅବଦାନ ହେଲେ ଓଡ଼ିଶାର ତ୍ୟାଗୀପୁତ୍ର ତଥା ସ୍ୱାଧୀନତା ଆନ୍ଦୋଳନର ମୁକ୍ତି ସଂଗ୍ରାମୀ ସହମ୍ମଦ ହନିଫ୍ ବାଲେଶ୍ୱର ଜିଲ୍ଲାର ଭଦ୍ରକ ସହରସ୍ଥିତ କାଜିମହଲ୍ଲା ଗ୍ରାମରେ ୧୨ ଜୁଲାଇ ୧୮୯୯ ମସିହାରେ ଏକ ସାଧାରଣ ପରିବାରରେ ସେ ଜନ୍ମ ଗ୍ରହଣ କରିଥିଲେ । ପିତା ଶେଖ୍ ଅବଦୁଲ ଦୟାନ୍ ଓ ମାତା ଅମିରୁନ୍ ବିବିଙ୍କର ଜ୍ୟେଷ୍ଠ ପୁତ୍ର ଥିଲେ ମହମ୍ମଦ ହନିଫ୍ । ତାଙ୍କର ମଝିଆ ଭାଇ ଶେଖ୍ ମହେମୁଦ୍ ପିତାଙ୍କର ଗୋରୁ ବ୍ୟବସାୟରେ ସହଯୋଗ କରୁଥିଲେ ଏବଂ କନିଷ୍ଠ ଭ୍ରାତା ଶେଖ୍ ଅସଗର ଅଲ୍ଲି ବୃତ୍ତିରେ ସାଇକେଲ ଓ ହାରମୋନିୟମ ମେକାନିକ ଥିଲେ ସତ କିନ୍ତୁ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇ ଜଣେ ସ୍ୱାଧୀନତା ସଂଗ୍ରାମୀ ରୂପେ ପରିଚିତ ଥିଲେ । ଏହା ବ୍ୟତୀତ ମହମ୍ମଦ ହନିଫ୍‌ଙ୍କର ଚାରି ଭଉଣୀ ଥିଲେ ।

ହନିଫ୍‌ବାବୁ ଭଦ୍ରକ ଜିଲ୍ଲା ସ୍କୁଲ ନାରାୟଣ ଚନ୍ଦ୍ର ମିଡିଲ ଭର୍ଣ୍ଣାକୁଲାର ବିଦ୍ୟାଳୟ ଯାହା ପରବର୍ତ୍ତୀ କାଳରେ ଅର୍ଥାତ୍ ୧୯୧୩ ମସିହାରେ ମାଇନର ସ୍କୁଲ ନାମରେ ନାମିତ ହେଲା, ସେଠାରେ ସେ ତାଙ୍କର ପ୍ରାଥମିକ ଶିକ୍ଷା ଆରମ୍ଭ କଲେ । ଏହି ବିଦ୍ୟାଳୟରୁ ହନିଫ୍‌ବାବୁ ମାଇନର (ସପ୍ତମ ଶ୍ରେଣୀ) ପାଶ୍ କରି କଟକସ୍ଥିତ ସୟଦ୍ ସେମିନାରୀ ବିଦ୍ୟାଳୟରେ ନାମ ଲେଖାଇଲେ । ଉଚ୍ଚଶିକ୍ଷା ପାଇଁ ହନିଫ୍‌ବାବୁଙ୍କର ପିତା ଶେଖ୍ ଅବଦୁଲ ଦୟାନ ବିରୋଧ କରୁଥିଲେ । ତେଣୁ ତାଙ୍କର ଆଈ ଚାନ୍ଦନି ବିବି ବାଉଁଶ ବିକ୍ରି କରି ନାତି ହନିଫ୍‌କୁ ଉଚ୍ଚ ଶିକ୍ଷା ଲାଭ ପାଇଁ ସାହାଯ୍ୟ କରୁଥିଲେ । ହନିଫ୍‌ବାବୁ କୌଣସି ବିଷୟ ଜାଣିବାକୁ ଚାହୁଁଥିଲେ, ସେହି ବିଷୟର ଶିକ୍ଷକଙ୍କ ଘର ବାହାରେ

ବସିଥାଆନ୍ତି । ଶିକ୍ଷକ ଘରୁ ବାହାରି ବିଦ୍ୟାଳୟକୁ ଚାଲି ଚାଲି ଯାଉଥିବା ସମୟରେ ସେ ତାଙ୍କ ପଛେ ପଛେ ରହି ବିନୟର ସହ ପ୍ରଶ୍ନ ପ୍ରଚାରି ଉତ୍ତର ପାଇ ଯାଉଥିଲେ । ଅର୍ଥ ଅଭାବରୁ ସେ ତାଙ୍କର ତଳ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଟିଉସନ କରି ଯାହା ଅର୍ଥ ଉପାର୍ଜନ କରୁଥିଲେ, ତାହା ତାଙ୍କର ଶିକ୍ଷା ଲାଭ ପାଇଁ ଖର୍ଚ୍ଚ କରୁଥିଲେ । ପରେ ସୟଦ ସେମିନାରୀ ବିଦ୍ୟାଳୟରୁ ସେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିଜ ଗ୍ରାମକୁ ଫେରି ଆସିଥିଲେ । ପରବର୍ତ୍ତୀ କାଳରେ ସେ ଅବକାରୀ ଇନିସ୍‌ପେକ୍ଟର ପଦବୀରେ ଚାକିରିରେ ଯୋଗଦେଲେ । ହନିଫ୍‌ବାବୁ ଥିଲେ ଜଣେ ସଚ୍ଚୋଟ ବ୍ୟକ୍ତିତ୍ୱ । ଥରେ ଜଣେ ଅସାମାଜିକ ଚୋରା ମଦ ବ୍ୟବସାୟୀକୁ ଧରି ସେ ଥାନାରେ ଭର୍ତ୍ତି କରି ଦେଇଥିଲେ । ତାର ଛୁଆପିଲା ହନିଫ୍‌ବାବୁଙ୍କ ଘରେ ଅଧିଆ ପଡିବାରୁ ସେମାନଙ୍କର ଦୁଃଖ ସହି ନପାରି ସେ ସରକାରୀ ଚାକିରି ଛାଡି ଦେଇଥିଲେ ।

ହନିଫ୍‌ବାବୁ ସରକାରୀ ଚାକିରି ଛାଡି ୧୯୨୧ ମସିହାରେ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଲେ । ହନିଫ୍‌ବାବୁଙ୍କ ସହ ଅନେକ ସହକର୍ମୀ ଯୋଗ ଦେଇଥିଲେ । ସେମାନେ ଗାଁଗାଁ ବୁଲି ଗାନ୍ଧିଜୀଙ୍କ ବାଣୀ ପ୍ରଚାର କଲେ । ପରବର୍ତ୍ତୀ କାଳରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ସହଯୋଗରେ ଜମିଦାର ପାଢୀବାବୁଙ୍କ କଚେରୀ ଘରେ ଗାନ୍ଧୀ ବିଦ୍ୟାଳୟ ପ୍ରତିଷ୍ଠା କଲେ । ଜାତୀୟ ଶିକ୍ଷା ପଦ୍ଧତିରେ ଏହି ବିଦ୍ୟାଳୟରେ ପାଠ୍ୟ କାର୍ଯ୍ୟ ଚାଲିଲା । କିଛି ଦିନ ପରେ ହନିଫ୍‌ବାବୁ ଲୋକ ପ୍ରିୟ ହୋଇଗଲେ । ସମସ୍ତେ ତାଙ୍କୁ 'ମାଷ୍ଟରଜୀ' ବୋଲି ଡାକିବା ଆରମ୍ଭ କଲେ । ଶିକ୍ଷା ମାଧ୍ୟମରେ ଜନଜାଗରଣ ସୃଷ୍ଟି କରିବା ଥିଲା ତାଙ୍କର ମୂଳ ଲକ୍ଷ୍ୟ । ଉକ୍ତ ବିଦ୍ୟାଳୟରେ ଅନେକ ଛାତ୍ର ସ୍ୱାଧୀନତା ବିଷୟରେ ବକ୍ତୃତା ଦେଉଥିଲେ । ଏହି ଛାତ୍ରମାନଙ୍କ ଭିତରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନୀଳମଣି ରାଉତରାୟ ଅଜସ୍ର ଭାଷଣ ଦେଉଥିଲେ । ଡକ୍ଟର ମହତାବ ନୀଳମଣି ବାବୁଙ୍କର ଭାଷଣ ଶୁଣି ହନିଫ୍‌ବାବୁଙ୍କୁ କହିଥିଲେ–'ଏ ପିଲାଟିକୁ ନଜର ରଖିଥିବେ ।' ସେହିଦିନଠାରୁ ନୀଳମଣି ବାବୁଙ୍କ ସହ ହନିଫ୍‌ବାବୁଙ୍କର ସୁସମ୍ପର୍କ ସ୍ଥାପନ ହୋଇଥିଲା । ପରବର୍ତ୍ତୀ କାଳରେ ହନିଫ୍‌ବାବୁଙ୍କ ମଧ୍ୟସ୍ଥତାରେ ବାଉଦପୁରର ନବୀନ ଚାନ୍ଦ ଓକିଲଙ୍କ ଘରେ ନୀଳମଣି ବାବୁଙ୍କର ବିବାହ ସମ୍ପନ୍ନ ହୋଇଥିଲା । ସେତେବେଳେ ନାରାୟଣ ଚନ୍ଦ୍ର ହାଇସ୍କୁଲ ନିକଟରେ ହନିଫ୍‌ବାବୁ ଘଡି ଓ ସାଇକେଲ ମରାମତି କାର୍ଯ୍ୟ କରି ନିଜର ପରିବାରର ଭରଣ ପୋଷଣ କରୁଥିଲେ । ଇଂରେଜମାନେ ଗାନ୍ଧୀ ବିଦ୍ୟାଳୟ ସମ୍ପର୍କରେ ଜାଣି ପୋଲିସ ଦ୍ୱାରା ଚଢାଉ କରି ସ୍କୁଲ ଗୃହଟିକୁ ଭାଙ୍ଗିଦେଲେ । କିନ୍ତୁ ହନିଫ୍‌ବାବୁ ପୁଣି ସଙ୍ଗଠନକୁ ଏକଜୁଟ କରି କୁଆଁଶରେ ଗୋକୁଳାନନ୍ଦ ମହାନ୍ତିଙ୍କ ସହଯୋଗରେ ଆଉ ଗୋଟିଏ ସତ୍ୟାଗ୍ରହ ଆଶ୍ରମ ସ୍ଥାପନ କଲେ । ଏହି ଆଶ୍ରମ ପରବର୍ତ୍ତୀ କାଳରେ 'ସଂଗ୍ରାମ ପୀଠ' ବୋଲି ପ୍ରସିଦ୍ଧି ଲାଭ କଲା । ହନିଫ୍‌ବାବୁଙ୍କର ଘନିଷ୍ଠ ବନ୍ଧୁ ଘନଶ୍ୟାମ ସାହୁ ଡକ୍ଟର ହରେକୃଷ୍ଣ ମହତାବ ଓ ଗୋକୁଳାନନ୍ଦ ମହାନ୍ତି ଏହି ପୀଠର ସୁପରିଚାଳନା ଦାୟିତ୍ୱ ନେଇଥିଲେ । ଆଶ୍ରମ ପରିଚାଳନା ପାଇଁ ପ୍ରତି ବୁଧବାର ହାଟରୁ ଭିକ୍ଷା ସଂଗ୍ରହ କରୁଥିଲେ । ଧୀରେ ଧୀରେ କୁଆଁଶ ଆଶ୍ରମର ଖବର ଚାରିଆଡେ ବ୍ୟାପିଗଲା । ଏହି ଆଶ୍ରମ ଇଂରେଜ ସରକାରଙ୍କ ଦୃଷ୍ଟିଗୋଚର ହେଲା । ସଙ୍ଗେ ସଙ୍ଗେ ଇଂରେଜ ସରକାର ଚଢଉ କରି ଆଶ୍ରମକୁ ବନ୍ଦ କରିଦେଲେ । ଏଥିରେ ହନିଫ୍‌ବାବୁ ହତାଶ ନହୋଇ ଗୋଟିଏ ସମବାୟ ବାଣିଜ୍ୟ ସଂସ୍ଥା ଖୋଲିଲେ । ଏହି ସଂସ୍ଥା ମାଧ୍ୟମରେ କୁଣ୍ଡା ଓ ଲୁଣ ଆମଦାନୀ ହୋଇ ବିକ୍ରି ହେଲା । ଇଂରେଜ ସରକାରଙ୍କର ଏହା ଦୃଷ୍ଟିଗୋଚର ହେବାରୁ ସଙ୍ଗେ ସଙ୍ଗେ ଏହାକୁ ବନ୍ଦ କରି ଦିଆଗଲା । ଏହାପରେ ବାସୁଦେବପୁରର ସମୁଦ୍ର କୂଳରୁ ମାଛଧରି ଶୁଖାଯାଇ ଶୁଖୁଆ କରି ତାହାକୁ ଟାଟା ଅଞ୍ଚଳକୁ ଅଧିକ ଲାଭରେ ବିକ୍ରି କରାଗଲା । ଇଂରେଜ ସରକାର ଏହା ଜାଣି ବ୍ୟବସାୟକୁ ପୂରାପୂରି ଅଚଳ କରିଦେଲେ । ଶେଷରେ ହନିଫ୍‌ବାବୁ ଟାଟା ପଳେଇ ଆସିଲେ । ଟାଟାରେ ଶ୍ରମିକ କଲୋନୀରେ ଶ୍ରମିକମାନଙ୍କର କଥା ବୁଝାବୁଝି କଲେ ଏବଂ ସେଥିରୁ ତାଙ୍କୁ କିଛି ପାରିଶ୍ରମିକ ମିଳିଲା ।

ଇତିମଧ୍ୟରେ ଇଂରେଜ ବଡଲାଟମାନଙ୍କ ଭିତରେ ଅନେକ ସଂସ୍କାର ଧର୍ମୀ ଥିଲେ । ସେମାନେ କିଛି କିଛି ପରିବର୍ତ୍ତନ କରି ଶାସନରେ ସଂସ୍କାର ଆଣିଲେ । ଲର୍ଡ ରିପନଙ୍କ ଶାସନ କାଳରେ ଲୋକମାନଙ୍କୁ ଶାସନ ଦାୟିତ୍ୱ ଦେବା ପାଇଁ ଜିଲ୍ଲାସ୍ତରରେ ଜିଲ୍ଲା ବୋର୍ଡ ଗଠନ କରାଗଲା । ସବ୍‌ଡିଭିଜନ ସଦର ମହକୁମାରେ ଲୋକାଲ ବୋର୍ଡ ଗଠନ କରାଗଲା । ଏହି ବୋର୍ଡଦ୍ୱୟ ଜନସାଧାରଣଙ୍କର ସୁବିଧା ଅସୁବିଧାରେ ସିଧାସଳଖ ସମ୍ପୃକ୍ତ ରହିଲେ । ୧୯୨୪ ମସିହାରେ ହନିଫ୍‌ବାବୁ ଭଦ୍ରକ ଲୋକାଲ ବୋର୍ଡର ଉପାଧ୍ୟକ୍ଷ ହେଲେ । ଗାଁ ଗାଁ ବୁଲି

ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସେ ସମସ୍ତଙ୍କର ଦୁଃଖରେ ସମଦୁଃଖୀ ହେଲେ ଏବଂ ଗାଁର ବିକାଶରେ ସେ ମୁଖ୍ୟ ନାୟକ ସାଜିଲେ । ଏଣୁ ସେ ହିନ୍ଦୁ ମୁସଲମାନ ସମସ୍ତ ସମ୍ପ୍ରଦାୟ ପାଖରେ ଚିରନମସ୍ୟ ହୋଇରହିଲେ ।

ଲବଣ ଆଇନ ଭାଙ୍ଗିବା ପାଇଁ ମହାତ୍ମା ଗାନ୍ଧୀ ସାବରମତୀ ଆଶ୍ରମଠାରୁ ଦାଣ୍ଡିଯାଏ ପଦଯାତ୍ରା କଲେ । ମହମ୍ମଦ ହନିଫ୍ ସମସ୍ତ ସମ୍ପ୍ରଦାୟର ଲୋକଙ୍କୁ ଡାକି ଏବଂ ସେମାନଙ୍କ ସାଙ୍ଗରେ ବିଚାର ବିମର୍ଶ କରି ଭଦ୍ରକରେ ଆନ୍ଦୋଳନର ବୀଜ ବପନ କଲେ । ଆନ୍ଦୋଳନକାରୀଙ୍କର ସୁଅ ଛୁଟିଲା । ପରିସ୍ଥିତିକୁ ଆୟତ୍ତ କରିବା ପାଇଁ ସରକାର ଲାଠି ଚାଳନା କଲେ । ଅନେକ ଆନ୍ଦୋଳନକାରୀ କ୍ଷତବିକ୍ଷତ ହେଲେ । ୧୯୩୪ ମସିହାରେ ହନିଫ୍‌ବାବୁ ଲୋକାଲ ବୋର୍ଡରୁ ବିଦାୟ ନେଲେ । କିନ୍ତୁ ଜନସାଧାରଣଙ୍କର ଅନୁରୋଧକ୍ରମେ ସେ ବାଲେଶ୍ୱର ଜିଲ୍ଲା ବୋର୍ଡର ଅଧ୍ୟକ୍ଷ ପଦ ପାଇଁ ପ୍ରାର୍ଥୀ ହୋଇ ବିଜୟୀ ହେଲେ । ସମଗ୍ର ବାଲେଶ୍ୱର ଜିଲ୍ଲା ପାଲଟି ଗଲା ତାଙ୍କର କର୍ମକ୍ଷେତ୍ର ।

ଗାନ୍ଧିଜୀଙ୍କ ଡାକରାରେ ଆରମ୍ଭ ହେଲା ଭାରତଛାଡ ଆନ୍ଦୋଳନ । ବିପ୍ଳବର ନିଆଁ ସମଗ୍ର ଭାରତବର୍ଷରେ ଜଳିଲା । ଭଦ୍ରକ ଅଞ୍ଚଳର ଭଣ୍ଡାରି ପୋଖରୀ ଥାନା ସଂଗ୍ରାମୀମାନେ ପୋଡିଦେଲେ । ପୋଲିସ ଆସିବା ପୂର୍ବରୁ ପୋଲରୁ ପଟା କାଢି ନେଲେ । ଧୁଷୁରିଠାରେ ସଂଗ୍ରାମୀମାନେ ସେ ଅଞ୍ଚଳ ସ୍ୱାଧୀନ ବୋଲି ଘୋଷଣା କରି ବିରାଟ ସଭା କଲେ । ଇଂରେଜମାନଙ୍କର ଗୁଳି ବର୍ଷଣରେ ଅନେକ ସଂଗ୍ରାମୀ ସହିଦ୍ ହେଲେ । ଆଜି ସେ ସ୍ଥାନ ସହିଦ୍‌ନଗର ନାମରେ ପରିଚିତ । ସେହିପରି ଇରମଠାରେ ହୋଇଥିବା ଗୁଳିକାଣ୍ଡ ସମଗ୍ର ଭାରତବର୍ଷ ପାଇଁ ଏକ ଜଘନ୍ୟ ନାରକୀୟ ଘଟଣା । ଏଣୁ କବି ଖାଁ ଅବଦୁଲ୍ ମଲିକ ଏ ସମ୍ବନ୍ଧରେ ତାଙ୍କର 'ଇରମ ଅତ୍ୟାଚାର' କବିତାରେ ଲେଖିଲେ–

'ସାରା ଭାରତରେ ନିଆଁ ଜଳୁଥିଲା । 'ଇରମ' ଉଠିଲା ଆଗ
ପଞ୍ଜାବ ପଛକୁ ଦ୍ୱିତୀୟ ଓଡ଼ିଶା । ହେଲା ଜାଲିଆନା ବାଗ
ମହତାବଜୀଙ୍କ ତ୍ୟାଗ । ଓଡ଼ିଆ ଯୁବକ ଆଗ ।'

ଇଂରେଜ ବିରୋଧୀ କାର୍ଯ୍ୟକଳାପ ପାଇଁ ହନିଫ୍‌ବାବୁ ଇଂରେଜ ସରକାରଙ୍କ ଦ୍ୱାରା ଗିରଫ ହୋଇ ବ୍ରହ୍ମପୁର ଜେଲ ଗଲେ । ହନିଫ୍‌ବାବୁ ଜେଲ୍‌ରେ ରହି ଅଶିକ୍ଷିତ ସଂଗ୍ରାମୀ ସାଥିଙ୍କୁ ଶିକ୍ଷାଦାନ କଲେ । ହନିଫ୍‌ବାବୁ ଜେଲ୍‌ରେ ଥିବା ଅବସ୍ଥାରେ ତାଙ୍କର ଧର୍ମପତ୍ନୀଙ୍କ ହେଦାତୁନ ବିବିଙ୍କର ପରଲୋକ ଗମନ ହେଲା । ଧର୍ମପତ୍ନୀକ ପରେ ପରେ ତାଙ୍କର ଜ୍ୟେଷ୍ଠପୁତ୍ର ମଧ୍ୟ ଦେହ ତ୍ୟାଗ କଲେ । ହନିଫ୍‌ବାବୁ ଦୁଃଖରେ ଭାଙ୍ଗି ପଡିଲେ ।

ହନିଫ୍‌ବାବୁ ଜେଲ୍‌ରୁ ମୁକୁଳିବା ପରେ ସେ ପ୍ରଥମେ ରାଜ୍ୟ କଂଗ୍ରେସ କମିଟିର ସଭ୍ୟ ଏବଂ ପରେ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଭାବରେ ନିର୍ବାଚିତ ହୋଇଥିଲେ । ହନିଫ୍‌ବାବୁ ଭଦ୍ରକ ଆଞ୍ଚଳିକ ବାଣିଜ୍ୟ ସହଯୋଗ ସମିତି (ଆର.ସି.ଏମ୍.ଏସ୍)ର ସଭାପତି ହେଲେ । ବାଲେଶ୍ୱର ଜିଲ୍ଲା ବୋର୍ଡରୁ ଇସ୍ତଫା ଦେଇ ସେ ଶ୍ରମିକ ୟୁନିୟନରେ ଯୋଗଦେଇ ସଭାପତି ପଦବୀରେ ଅଧିଷ୍ଠିତ ହେଲେ । ସେ ଜୟହିନ୍ଦ୍ ନାମରେ ବିଡି ୟୁନିୟନ ପ୍ରତିଷ୍ଠା କରି ମିରା ମହଲ୍ଲାର ଇସୁଫ୍‌ବାବୁଙ୍କୁ ପରିଚାଳନା ଦାୟିତ୍ୱ ଦେଇଥିଲେ । ଅଳ୍ପଦିନ ପାଇଁ ସେ ଥିଲେ ଖଦିବୋର୍ଡର ସଭାପତି । ପରେ ସେ ପୋଷ୍ଟାଲ ୟୁନିୟନର ଅଧ୍ୟକ୍ଷ ଭାବରେ ନିଯୁକ୍ତ ହୋଇଥିଲେ । ୧୯୪୧ ମସିହାରେ ପ୍ରଥମ କରି ହନିଫ୍‌ବାବୁ କଂଗ୍ରେସ ତରଫରୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ତାଙ୍କର ପ୍ରତିଦ୍ୱନ୍ଦ୍ୱି ଥିଲେ ମୁସ୍‌ଲିମ୍ ଲିଗର ଶୋଭାନ ଖାଁ । ସେତେବେଳେ ନାଲି ଭୋଟ ବାକ୍ସ ଥିଲା କଂଗ୍ରେସର ଏବଂ ସବୁଜ ଭୋଟ ବାକ୍ସ ଥିଲା ମୁସଲିମ୍ ଲିଗର । ଉକ୍ତ ନିର୍ବାଚନରେ ବିତ୍ତଶାଳୀମାନେ ମତଦାନ କରୁଥିଲେ ଏବଂ ଇଂରେଜ ସରକାର ତାହାକୁ ପରିଚାଳନା କରୁଥିଲେ । ହିନ୍ଦୁ– ମୁସଲମାନ୍ ସମ୍ପ୍ରଦାୟ ମଧ୍ୟରେ ଦୁଇଫାଟ କରିବା ଥିଲା ଇଂରେଜ ସରକାରଙ୍କର ମୂଳ ଲକ୍ଷ୍ୟ । ଅଳ୍ପ ଭୋଟ ବ୍ୟବଧାନରେ ହନିଫ୍‌ବାବୁ ପରାଜୟ ବରଣ କରିଥିଲେ । କିନ୍ତୁ ଶୋଭାନ ଖାଁ ବିଜୟୀ ହୋଇ ରାଜସ୍ୱ ମନ୍ତ୍ରୀ ହୋଇଥିଲେ । ୧୯୫୨ ମସିହାରେ ହନିଫ୍‌ବାବୁ ରାଜ୍ୟର ସାଧାରଣ ନିର୍ବାଚନରେ ଭାଗ ନେଇ ବିପୁଳ ମତରେ ବିଜୟୀ ହୋଇଥିଲେ ଏବଂ ଉପବାଚସ୍ପତି ପଦବୀରେ ଅଧିଷ୍ଠିତ ହୋଇଥିଲେ । ହନିଫ୍‌ବାବୁ ପଣ୍ଡିତ ଜାବାହରଲାଲ ନେହେରୁ ଓ ବିଜୁ ପଟ୍ଟନାୟକଙ୍କ ସହ ସୁସମ୍ପର୍କ ଥିଲା । ହନିଫ୍‌ବାବୁଙ୍କର ଆର୍ଥିକ ପରିସ୍ଥିତି ଦୁର୍ବଳ ଦେଖି ବିଜୁ ପଟ୍ଟନାୟକ 'କଳିଙ୍ଗ' ଅନୁଷ୍ଠାନରେ 'ଲିଆସନ୍ ଅଫିସର' ଭାବେ ତାଙ୍କୁ ନିଯୁକ୍ତି ଦେଇଥିଲେ । କିଛିଦିନ ପରେ ସେ ଚାକିରିରୁ ଅବସର ନେଲେ । ବିଜୁବାବୁ ହନିଫ୍‌ବାବୁ ପାଇଁ ବହୁତ ଚିନ୍ତିତ ଥିଲେ । ଚିନ୍ତାର ମୁଖ୍ୟ ଉଦ୍ଦେଶ୍ୟ ହେଲା ହନିଫବାବୁଙ୍କୁ ରାଜନୈତିକ ସମ୍ମାନ ଦେବା । ୧୯୬୭

ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ହନିଫ୍‌ବାବୁଙ୍କୁ ରାଜ୍ୟ ସଭା ସଦସ୍ୟ ରୂପେ ନିର୍ବାଚିତ କରାଇ ଓଡ଼ିଶା ରାଜନୀତି ଇତିହାସରେ ଏକ ନୂତନ ପୃଷ୍ଠା ଯୋଡି ଦେଲେ । ଅର୍ଥାତ୍ ଓଡ଼ିଶାରୁ ପ୍ରଥମ କରି ସଂଖ୍ୟାଲଘୁ ମୁସଲମାନ ସଂପ୍ରଦାୟରୁ ଜଣେ କେହି ସଦସ୍ୟ ରାଜ୍ୟସଭାକୁ ନିର୍ବାଚିତ ହେଲେ । ମହମ୍ମଦ୍ ହନିଫ୍‌ଙ୍କ ପରେ ଆଜି ପର୍ଯ୍ୟନ୍ତ ଅନ୍ୟ କେହି ସଂଖ୍ୟାଲଘୁ ମୁସଲମାନ ସମ୍ପ୍ରଦାୟ ତରଫରୁ ରାଜ୍ୟସଭାକୁ ନିର୍ବାଚିତ ହୋଇ ନାହାଁନ୍ତି । ଓଡ଼ିଶା ରାଜନୀତି କ୍ଷେତ୍ରରେ ଏହା ଏକ ବିଡମ୍ବନା କହିଲେ କିଛି ଅତ୍ୟୁକ୍ତି ହେବନାହିଁ । କିନ୍ତୁ ହନିଫ୍‌ବାବୁ ଛଅବର୍ଷ ପାଇଁ ନିର୍ବାଚିତ ହୋଇ ମଧ୍ୟ ୧୯୬୭ ମସିହା ଅକ୍ଟୋବର ୬ ତାରିଖରେ ଇହଲୀଳା ସମ୍ବରଣ କଲେ ।

ଥରେ ବିଜୁ ପଟ୍ଟନାୟକ ହନିଫ୍‌ବାବୁଙ୍କ ଘର ପଛପଟେ ଥିବା ତାଙ୍କ ସମାଧିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ତାଙ୍କର ପୁରୁଣା ଚାଳ ଘର ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଲୋକସଭା ସଦସ୍ୟ, ଉପବାଚସ୍ପତି ଓ ରାଜ୍ୟସଭା ସଦସ୍ୟ ଥାଇ ମଧ୍ୟ ହନିଫ୍‌ବାବୁ ପକ୍କା ଘରଟିଏ କରିପାରି ନଥିଲେ । ଧନ୍ୟ ହେ ! ଉତ୍କଳ ବୀର, ଧନ୍ୟ ତୋର ତ୍ୟାଗ । ଏହା ଥିଲା ବିଜୁ ପଟ୍ଟନାୟକଙ୍କ ହନିଫ୍‌ବାବୁଙ୍କ ପାଇଁ ଚିନ୍ତା ଓ ଚେତନା ।

ଓଡ଼ିଶା ବହୁ ତ୍ୟାଗୀ ପୁତ୍ର ତଥା ସ୍ୱାଧୀନତା ସଂଗ୍ରାମୀମାନଙ୍କର ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ବହୁ ଆଡମ୍ବରରେ ପାଳନ କରାଯାଇ ଆସୁଅଛି । କିନ୍ତୁ ମହମ୍ମଦ ହନିଫ୍ ପରି ବୀର, ତ୍ୟାଗୀ, ନିଃସ୍ୱାର୍ଥପର ଓ ସ୍ୱାଧୀନତା ସଂଗ୍ରାମୀଙ୍କର ରାଜ୍ୟ ସରକାରଙ୍କ ତରଫରୁ ଜୟନ୍ତୀ କିମ୍ବା ଶ୍ରାଦ୍ଧ ଦିବସ ପାଳନ କରାନଯିବା ଓଡ଼ିଶାବାସୀଙ୍କ ପାଇଁ ଦୁଃଖର ବିଷୟ । ଅନେକ ଉତ୍କଳୀୟ କବି ଯଥା– ଲକ୍ଷ୍ମୀକାନ୍ତ ମହାପାତ୍ର, ବୀର କିଶୋର ଦାସ, କୁନ୍ତଳା କୁମାରୀ ସାବତ, କୃଷ୍ଣଚନ୍ଦ୍ର ତ୍ରିପାଠୀ ଓ ଆହୁରି ଅନେକ କବି ଦେଶାତ୍ମବୋଧକ ଗୀତି କବିତାରେ ଐକ୍ୟତାର ବାର୍ତ୍ତା ପ୍ରଚାର କରିଛନ୍ତି । କବି ବୀର କିଶୋର ଦାସଙ୍କ ଭାଷାରେ–

'ଆମେ ହିନ୍ଦୁ ଆମେ ମୁସଲମାନ
ଭାରତ ଆମର ଜନ୍ମ ମାଟି
କବର ଆମର ହିନ୍ଦୁସ୍ଥାନ
ଆମେ ହିନ୍ଦୁ, ଆମେ ମୁସଲମାନ ।

X X X X

ମସ୍‌ଜିଦ୍ ଯେଉଁ ମାଟିରେ ଗଢା
ଗୀରିଜା, ମନ୍ଦିର ତହିଁରେ ଛିଡା
ଏକା ପାଣି ଏକା ପବନେ ବଞ୍ଚୁ
ଏକା ରକ୍ତରେ ଗଢା ଆମରି ଜାନ୍
ଆମେ ହିନ୍ଦୁ, ଆମେ ମୁସଲମାନ ।'

କିନ୍ତୁ ଜଣେ ମୁସଲମାନ ସଂପ୍ରଦାୟର ତ୍ୟାଗୀପୁତ୍ର ପାଇଁ ଏହା ନିରର୍ଥକ ମନେ ହୁଏ । ତେଣୁ ଓଡ଼ିଶାର ବୀର ପୁରୁଷ ହନିଫ୍‌ବାବୁ ଆଜି ଚିର ବିଶ୍ରାମ ନେଇଛନ୍ତି ସତ, ପ୍ରତିବର୍ଷ ରାଜ୍ୟ ସରକାରଙ୍କ ତରଫରୁ ତାଙ୍କର ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ଜନ୍ମ ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ପାଳନ କରାଗଲେ ହନିଫ୍‌ବାବୁଙ୍କ ପ୍ରତି ଏହା ହିଁ ହୁଅନ୍ତା ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

କର୍ପୋରେଟର
କଟକ ମହାନଗର ନିଗମ

❖ ❖ ❖

# ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ତ୍ରି–ଲକ୍ଷ୍ମୀ

**ବିନୋଦିନୀ ରାଉଳ**

ସ୍ୱାଧୀନ ଭାରତର ନାଗରିକ ଭାବେ ଆଜି ଆମେ ଦେଶମାତୃକାର ବନ୍ଦନାରେ ଶତମୁଖ । ଖୋଲା ଆକାଶ ବୁକୁରେ ଫରଫର ଉଡୁଥିବା ତ୍ରିରଙ୍ଗାକୁ ଚାହିଁ ଦେଖୁଛେ ଭବିଷ୍ୟତର ସୁନେଲୀ ସ୍ୱପ୍ନ । ସ୍ୱାଧୀନତା ପ୍ରାପ୍ତିର ଏ ପବିତ୍ର ମାସରେ ସେହି ବୀର ପୁଙ୍ଗବଙ୍କ ନିକଟରେ ମଥା ଆପେ ଆପେ ନଇଁଯାଉଛି । ସେମାନଙ୍କ ବଳିଦାନ ମନରେ ଶିହରଣ ଖେଳାଇ ଦେଉଛି । ମା' ମାଟିକୁ ଇଂରେଜଙ୍କ କବଳରୁ ମୁକ୍ତ କରିବା ପାଇଁ ପ୍ରାଣପାତ କରିଥିବା ଅଗଣିତ ସଂଗ୍ରାମୀଙ୍କ ଭିତରେ ରହିଥିଲେ ଅନେକ ବୀରାଙ୍ଗନା, ଯେଉଁମାନେ ଆଜି ପ୍ରାତଃ ସ୍ମରଣୀୟା । ଭାରତୀୟ ନାରୀର ବୀରତ୍ୱର ପ୍ରତୀକ ଭାବେ ବିବେଚିତ ସେହି ମହୀୟସୀଙ୍କୁ ବାଦ୍ ଦେଇ ଲେଖାଯାଇ ପାରିନି ଭାରତୀୟ ସ୍ୱାଧୀନତା ସଂଗ୍ରାମର ଗାଥା । ରାଣୀ ଲକ୍ଷ୍ମୀବାଈଙ୍କଠାରୁ ଆରମ୍ଭ କରି ଲକ୍ଷ୍ମୀ ଇନ୍ଦିରା ପଣ୍ଡାଙ୍କ ପର୍ଯ୍ୟନ୍ତ ହଜାର ହଜାର ବୀରାଙ୍ଗନାଙ୍କ ସାହସ ଓ ଶୌର୍ଯ୍ୟକୁ ନେଇ ଇତିହାସ ହୋଇଛି ସମୃଦ୍ଧ ଓ ଗୌରବୋଜ୍ଜ୍ୱଳ । ସେହି ହଜାର ହଜାର ମହୀୟସୀ ସ୍ୱାଧୀନତା ସଂଗ୍ରାମୀଙ୍କ ମଧ୍ୟରେ ରାଣୀ ଲକ୍ଷ୍ମୀବାଈ, କ୍ୟାପ୍‌ଟେନ୍ ଲକ୍ଷ୍ମୀ ସେହଗଲ ଓ ଲକ୍ଷ୍ମୀ ଇନ୍ଦିରା ପଣ୍ଡା ଅନ୍ୟତମ । ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଏହି ତ୍ରି– ଲକ୍ଷ୍ମୀ ନିଜସ୍ୱ ବଳିଦାନର ଅଭୁଲା ସ୍ୱାକ୍ଷର ଛାଡ଼ିଯାଇଛନ୍ତି ।

**ରାଣୀ ଲକ୍ଷ୍ମୀବାଈ**

ଭାରତୀୟ ମହିଳାଙ୍କ ସାହସ କଥା ଉଠିଲେ ପ୍ରଥମେ ଆସେ ରାଣୀ ଲକ୍ଷ୍ମୀବାଈଙ୍କ ନାମ । ଭାରତୀୟ ସ୍ୱାଧୀନତା ସଂଗ୍ରାମର ଭିତ୍ତିଭୂମି ପଡ଼ିଥିଲା ୧୮୫୭ ସିପାହୀ ବିଦ୍ରୋହରୁ । ଏହି ବିଦ୍ରୋହର ନେତୃତ୍ୱ ନେଇ ଯେଉଁ କତିପୟ ବୀର/ ବୀରାଙ୍ଗନା ଭାରତୀୟଙ୍କ ମନରେ ସ୍ୱଦେଶ ପ୍ରେମର ବୀଜ ବପନ କରିଥିଲେ, ସେମାନଙ୍କ ଭିତରେ ରାଣୀ ଲକ୍ଷ୍ମୀବାଈ ଥିଲେ ଅନ୍ୟତମ । ମାତ୍ର ୩୦ ବର୍ଷ ବଞ୍ଚିଥିଲେ ହେଁ ସେ ବୀରତ୍ୱର ଯେଉଁ ନିଦର୍ଶନ ଛାଡି ଯାଇଛନ୍ତି, ତାହା ଆଜି ବି ସବୁ ଭାରତୀୟ ଲଳନାଙ୍କୁ ବିମୋହିତ କରେ । ତାଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନରେ ଆପେ ଆପେ ମଥା ନଇଁଯାଏ ।

୧୮୨୮ ମସିହାରେ କାଶୀ (ବର୍ତ୍ତମାନର ବାରଣାସୀ)ର ଏକ ମରାଠୀ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଲକ୍ଷ୍ମୀବାଈ । ତାଙ୍କ ପିଲାଦିନର ନାମ ଥିଲା ମଣିକର୍ଣ୍ଣିକା । ପରିବାର ଲୋକେ ତାଙ୍କୁ ସ୍ନେହରେ 'ମାନୁ' ଡାକୁଥିଲେ । ଚାରି ବର୍ଷ ବୟସରେ ସେ ହୋଇଥିଲେ ମାତୃହରା । ମାତୃହରା ଶିଶୁ କନ୍ୟା ମାନୁର ସମ୍ପୂର୍ଣ୍ଣ ଦାୟିତ୍ୱ ପଡିଥିଲା ପିତା ମୋରୋପନ୍ତ ତାମ୍ବେଙ୍କ ଉପରେ । ମୋରୋପନ୍ତ ବିଥୁରର ପେଶୱାଙ୍କ ନିକଟରେ କାମ କରୁଥିଲେ । ସେ ତାଙ୍କର ଏହି କୁନି ଝିଅକୁ ପେଶୱାଙ୍କ ପାଖରେ ଛାଡିଦେଲେ । ପେଶୱା ଦମ୍ପତି ମାନୁକୁ ନିଜ ଝିଅ ଭଳି ପାଳିଲେ । ଗେହ୍ଲାରେ ସେମାନେ ତାକୁ ଛବିଳି (କଣ୍ଢେଇ) ବୋଲି ଡାକୁଥିଲେ । ଘରେ ତା'ର ଶିକ୍ଷା ବ୍ୟବସ୍ଥା କରାଗଲା । ତାଙ୍କ ବୟସର ଅନ୍ୟ ପିଲାଙ୍କ ତୁଳନାରେ ମାନୁକୁ ମିଳିଥିଲା ଅଧିକ ସ୍ୱାଧୀନତା । ପୋଥିଗତ ବିଦ୍ୟା ସହିତ ଧନୁର୍ବିଦ୍ୟା, ଅଶ୍ୱାରୋହଣ, ମାର୍ସଲ ଆର୍ଟ ଆଦି ଶସ୍ତ୍ରଶିକ୍ଷା ସେ କରିଥିଲେ ।

୧୪ ବର୍ଷ ବୟସରେ ୧୮୪୨ରେ ମାନୁଙ୍କର ବିବାହ ହେଲା ତତ୍କାଳୀନ ଝାନସୀର ରାଜା ଗଂଗାଧର ରାଓ ନିୱାଲକରଙ୍କ ସହିତ । ବିବାହ ପରେ ତାଙ୍କ ନାମ ହେଲା ଲକ୍ଷ୍ମୀବାଈ । ବିବାହର ୯ ବର୍ଷ ପରେ ଲକ୍ଷ୍ମୀବାଈ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଲେ । ଦୁର୍ଭାଗ୍ୟବଶତଃ ସେହି ପୁତ୍ରଟି ୪ମାସରୁ ଅଧିକ ସମୟ ବଂଚିଲା ନାହିଁ । ପୁତ୍ରଶୋକରେ ଅଧୀରା ଲକ୍ଷ୍ମୀବାଈଙ୍କ ପାଇଁ ଆଉ ଏକ ଦୁଃଖ ଯେମିତି ଅପେକ୍ଷା କରି ରହିଥିଲା । ୧୮୫୩ରେ ପତି ଗଂଗାଧର ରାଓ ଅସୁସ୍ଥ ହୋଇପଡିଲେ ଓ ଦିନକୁ ଦିନ ତାଙ୍କ

ସ୍ୱାସ୍ଥ୍ୟ ଭଙ୍ଗ ହୋଇଚାଲିଲା । ସେ ଅନୁଭବ କଲେ କି ଆଉ ବେଶୀ ଦିନ ବଂଚିବେ ନାହିଁ । ସେଥିପାଇଁ ସେ ପତ୍ନୀଙ୍କ ସହିତ ପରାମର୍ଶ କରି ଏକ ପୋଷ୍ୟ ସନ୍ତାନ ଗ୍ରହଣ କଲେ । ପୋଷ୍ୟ ସନ୍ତାନକୁ ନେଇ ବ୍ରିଟିଶ ଶାସନ ପକ୍ଷରୁ କାଳେ କୌଣସି ଆପତ୍ତି ଉଠିବ ସେଥିପାଇଁ ରାଜ ଦମ୍ପତି ସ୍ଥାନୀୟ ବ୍ରିଟିଶ ପ୍ରତିନିଧିଙ୍କ ଉପସ୍ଥିତିରେ ଦାମୋଦର ରାଓଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ। ସେହିବର୍ଷ ନଭେମ୍ବର ୨୧ରେ ମହାରାଜ ଗଂଗାଧର ରାଓ ଚିରଦିନ ପାଇଁ ଆଖି ବୁଜିଲେ ।

ଗଂଗାଧରଙ୍କ ପରେ ଦାମୋଦର ରାଓ ଥିଲେ ଝାନ୍‌ସୀ ସିଂହାସନର ଦାବିଦାର । ପତିଙ୍କ ମୃତ୍ୟୁ ପରେ ରାଣୀ ଲକ୍ଷ୍ମୀବାଈ ଚାହୁଁଥିଲେ ଶିଶୁ ପୁତ୍ରକୁ ସିଂହାସନାରୁଢ଼ କରାଇ ରାଜ ଶାସନ କରିବାକୁ । ସେପଟେ ଚତୁର ବ୍ରିଟିଶ ଶାସକ ଚାହୁଁଥିଲା ଝାନସୀକୁ ନିଜ ସାମ୍ରାଜ୍ୟରେ ମିଶାଇ ଦେବାକୁ । ତତ୍କାଳୀନ ବ୍ରିଟିଶ ଇଣ୍ଡିଆ ଗଭର୍ଣ୍ଣର ଜେନେରାଲ ଲର୍ଡ ଡେଲହାଉସୀ ଝାନସୀର ଉତ୍ତରାଧୀକାରୀ ଭାବେ ଦାମୋଦର ରାଓଙ୍କୁ ଗ୍ରହଣ କଲେ ନାହିଁ । ସେ ରାଜସ୍ୱ ଲୋପ ନୀତି ଆଇନ ବଳରେ ଝାନସୀକୁ ବ୍ରିଟିଶ ସାମ୍ରାଜ୍ୟରେ ମିଶାଇ ଦେବାକୁ ନିଷ୍ପତ୍ତି ନେଲେ । ଏଭଳି ସ୍ଥିତିରେ ଲକ୍ଷ୍ମୀବାଈ ଜଣେ ଇଂରେଜ ଆଇନଜୀବୀଙ୍କ ପରାମର୍ଶ ନେଇ ଲଣ୍ଡନରେ ତାଙ୍କ ମାମଲାର ବିଚାର ପାଇଁ ଆବେଦନ କଲେ । କିନ୍ତୁ ତାଙ୍କର ଆବେଦନ ଅଗ୍ରାହ୍ୟ ହୋଇଗଲା । ରାଜାଙ୍କର ସବୁ ଧନସମ୍ପଦ ଉପରେ ଇଂରେଜମାନେ ନିଜର ଅଧିକାର ସାବ୍ୟସ୍ତ କରି ରାଣୀଙ୍କୁ ଝାନ୍‌ସୀ ଦୁର୍ଗ ଓ ରାଣୀ ମହଲ ଛାଡି ଚାଲିଯିବାକୁ ନିର୍ଦ୍ଦେଶ ଦେଲେ । ମାତ୍ର ଝାନ୍‌ସୀର ରାଣୀଭାବେ ଲକ୍ଷ୍ମୀବାଈ ଏହାକୁ ବିରୋଧ କଲେ । ଇଂରେଜଙ୍କୁ ପ୍ରତିରୋଧ କରିବାକୁ ସେ ଦୃଢ଼ ସଂକଳ୍ପ ନେଲେ ।

ଅସ୍ତ୍ର ବିଦ୍ୟାରେ ପାରଙ୍ଗମ ରାଣୀ ଲକ୍ଷ୍ମୀବାଈ ଅନ୍ୟମାନଙ୍କର ସହାୟତାରେ ନିଜର ଏକ ସ୍ୱେଚ୍ଛାସେବୀ ସେନାବାହିନୀ ଗଠନ କଲେ। ସେହି ବାହିନୀରେ କେବଳ ପୁରୁଷ ନଥିଲେ, ମହିଳାମାନେ ବି ରହିଥିଲେ । ଇଂରେଜଙ୍କ ବିରୋଧରେ ଲଢ଼ିବା ପାଇଁ ପୁରୁଷଙ୍କ ଭଳି ମହିଳାମାନଙ୍କୁ ସାମରିକ ତାଲିମ ଦିଆଗଲା। ୧୮୫୭ ଯାହା ଭାରତୀୟ ସ୍ୱାଧୀନତା ସଂଗ୍ରାମର ମୂଳଭିତ୍ତି ବୋଲି ବିବେଚିତ, ତାହାର ପୁରୋଭାଗରେ ହିଁ ଥିଲେ ରାଣୀ ଲକ୍ଷ୍ମୀବାଈ। ଏହି ବିଦ୍ରୋହରେ ସେ ସର୍ବସମ୍ମୁଖରେ ନଥିଲେ ହେଁ ତାଙ୍କରି ଠାରୁ ଶକ୍ତି ପାଇଥିଲେ ବିଦ୍ରୋହୀ।

ଝାନ୍‌ସୀ ଦୁର୍ଗକୁ ଇଂରେଜଙ୍କଠାରୁ ରକ୍ଷା କରିବାକୁ ୧୮୫୭ ସେପ୍ଟେମ୍ବର–ଅକ୍ଟୋବରରେ ରାଣୀ ଇଂରେଜ ସେନାକୁ ବିରୋଧ କରିଥିଲେ । ପଡୋଶୀ ରାଜାଙ୍କଠାରୁ ଏଥିପାଇଁ ତାଙ୍କୁ ଅସ୍ତ୍ରଶସ୍ତ୍ର ସହାୟତା ମିଳିଥିଲା । ୧୮୫୮ ଜାନୁଆରୀ ବେଳକୁ ବ୍ରିଟିଶ ସେନା ଦୁର୍ଗର ନିକଟତର ହେଲେ । ଦୁଇ ସପ୍ତାହ ଧରି ରାଣୀ ନିଜର ସ୍ୱଳ୍ପ ସ୍ୱେଚ୍ଛାସେବୀ ସେନାବାହିନୀକୁ ନେଇ ସେମାନଙ୍କୁ ବିରୋଧ କଲେ । ମାତ୍ର ବ୍ରିଟିଶ ସେନା ଆଗକୁ ବଢି ଚାଲିଥିଲା । ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ଇଂରେଜଙ୍କ ନିକଟରେ ନତମସ୍ତକ ନହୋଇ ଅସୀମ ବୀରତ୍ୱର ପରାକାଷ୍ଠା ପ୍ରଦର୍ଶନ ସହିତ ନିଜର କିଛି ଅନ୍ତରଙ୍ଗଙ୍କ ସହାୟତାରେ ଶିଶୁପୁତ୍ରକୁ ଧରି ଦୁର୍ଗରୁ ଖସିଯିବାକୁ ସମର୍ଥ ହେଲେ ରାଣୀ । ଇଂରେଜ ସେନାଙ୍କୁ ଚକମା ଦେଖାଇ ଦୁର୍ଗରୁ ଖସିଯିବା ପରେ ସେ କାଲ୍‌ପିରେ ଶରଣାର୍ଥୀ ଭାବେ ରହିଲେ । ସେଠାରେ ମହାନ ଯୋଦ୍ଧା ତାନ୍ତିଆ ଟୋପେଙ୍କ ସହିତ ତାଙ୍କର ଭେଟ ହେଲା । ତାନ୍ତିଆଙ୍କ ସହଯୋଗ ଓ ସମର୍ଥନ ପାଇ ସେ ପୁଣି ଥରେ ଇଂରେଜଙ୍କୁ ବିରୋଧ କରିବାକୁ ଶକ୍ତି ସଂଚୟ କଲେ। ଏପଟେ ସେ ଇଂରେଜଙ୍କ ବିରୋଧରେ ନିଜକୁ ଶକ୍ତିଶାଳୀ କରାଉଥିବା ବେଳେ ସେପଟେ ଇଂରେଜମାନେ କାଲ୍‌ପି ଆକ୍ରମଣ କଲେ ଓ ରାଣୀଙ୍କୁ ପୁଣି ଥରେ ହରାଇଲେ । ବାରମ୍ବାର ପରାଜୟ ସତ୍ତ୍ୱେ ଧୈର୍ଯ୍ୟ ହରାଇନଥିଲେ ରାଣୀ । ତାଙ୍କ ସହିତ ଯେତିକି ସୈନ୍ୟ ରହୁଥିଲେ ସେତିକି ସୈନ୍ୟ ନେଇ ସେ ଇଂରେଜଙ୍କୁ ବିରୋଧ କରୁଥିଲେ । କାଲ୍‌ପିକୁ ଇଂରେଜମାନେ ଅଧିକାର କରିନେବା ପରେ ରାଣୀ ସେଠାରୁ ଖସିଯାଇ ସେମାନଙ୍କୁ ଗୋୱାଲିୟରରେ ବିରୋଧ କଲେ । ସେଠାରେ ମଧ୍ୟ ଇଂରେଜଙ୍କ ବିଜୟ ଧ୍ୱଜା ଉଡିଲା। ଗୋୱାଲିୟର ଯୁଦ୍ଧରେ ଆହତ ହୋଇଥିଲେ ରାଣୀ । ସେ ଜାଣି ପାରୁଥିଲେ ତାଙ୍କ ସମୟ ଆଉ ବେଶୀ ଦିନ ନୁହେଁ । ମାତ୍ର ମୃତ୍ୟୁ ପରେ ତାଙ୍କ ଶରୀରକୁ ଯେପରି ଇଂରେଜମାନେ ପାଇନପାରନ୍ତି ସେଥିପାଇଁ ତାଙ୍କ ମରଶରୀରକୁ ଦାହ କରିଦେବାକୁ ସେ ତାଙ୍କର କିଛି ଅନ୍ତରଙ୍ଗଙ୍କୁ କହିଥିଲେ। ୧୭ଜୁନ୍‌ରେ ତାଙ୍କ ମୃତ୍ୟୁ ପରେ ତାଙ୍କ ଇଚ୍ଛାନୁଯାୟୀ ତାଙ୍କ ମରଶରୀରକୁ ଦାହ କରିଦିଆଗଲା। ଏ ସମ୍ପର୍କରେ ଇଂରେଜମାନେ କିଛି ବି ସୁରାକ ପାଇଲେନି । ରାଣୀ ଲକ୍ଷ୍ମୀବାଈଙ୍କୁ ଜଣେ ଦୃଢ଼ ବ୍ୟକ୍ତିତ୍ୱର ଅଧିକାରିଣୀ, ଚତୁର ଓ ସୁନ୍ଦରୀ ରମଣୀ ଭାବେ ଇଂରେଜମାନେ ବର୍ଣ୍ଣନା କରନ୍ତି । ତତ୍କାଳୀନ ବ୍ରିଟିଶ ଜେନେରାଲଙ୍କ ଭାଷାରେ, 'ସବୁ ଭାରତୀୟ ନେତୃତ୍ୱଙ୍କ ମଧରେ ଭୟାନକ ହେଉଛନ୍ତି ରାଣୀ ଲକ୍ଷ୍ମୀବାଈ'।

ରାଣୀ ଲକ୍ଷ୍ମୀବାଈ ଚାହିଁଥିଲେ ଇଂରେଜଙ୍କ ରାଜସ୍ୱ ଲୋପ ନୀତିକୁ ଗ୍ରହଣ କରି ସେମାନଙ୍କ ଦ୍ୱାରା ଧାର୍ଯ୍ୟ ଭତ୍ତାରେ ନିଜେ ଓ

ନିଜର ଶିଶୁପୁତ୍ରକୁ ଭଲ ଭାବେ ଚଳାଇ ପାରିଥାନ୍ତେ । ମାତ୍ର ତାଙ୍କ ଦେହରେ ସବୁବେଳେ ଦେଶପ୍ରୀତିର ରକ୍ତ ପ୍ରବାହିତ ହେଉଥିଲା। ଶକ୍ତିଶାଳୀ ଇଂରେଜ ଶକ୍ତି ନିକଟରୁ ସେ ବାରମ୍ବାର ପରାଜିତ ହୋଇଥିଲେ ସୁଦ୍ଧା ବଶତା ସ୍ୱୀକାର କରିବାକୁ କେବେ ବି ମନରେ ଭାବିନଥିଲେ । ଜଣେ ନାରୀ ଭାବେ ସେ ନଥିଲେ ଦୁର୍ବଳମନା । ପରନ୍ତୁ ତାଙ୍କ ଭିତରେ ରହିଥିଲା ଧୈର୍ଯ୍ୟର ଅଫୁରନ୍ତ ଶକ୍ତି । ସ୍ୱାଧୀନଚେତା ମନୋଭାବ ଯୋଗୁଁ ସେ ଅଳ୍ପ ବୟସରେ ପ୍ରାଣ ହରାଇଥିଲେ ସତ, କିନ୍ତୁ ଇଂରେଜଙ୍କ ନିକଟରେ ଆତ୍ମସମର୍ପଣ କରିନଥିଲେ । ଏହି ବୀରାଙ୍ଗନାଙ୍କୁ କୋଟି କୋଟି ପ୍ରଣାମ ।

**କ୍ୟାପଟେନ୍ ଲକ୍ଷ୍ମୀ ସହଗଲ୍**

ଗାନ୍ଧିଜୀ ଅହିଂସା ଉପାୟରେ ସ୍ୱାଧୀନତା ହାସଲ ଚାହୁଁଥିବା ବେଳେ ସୁଭାଷ ବୋଷ ଥିଲେ ଗାନ୍ଧୀଙ୍କ ନୀତିର ବୀପରୀତ। ଅହିଂସା ନୁହେଁ, ଅସ୍ତ୍ରରେ ହିଁ ଇଂରେଜଙ୍କୁ ଭାରତରୁ ବିତାଡିତ କରାଯାଇପାରିବ ବୋଲି କହି ସେ ଗଢିଥିଲେ ଆଜାଦ ହିନ୍ଦ୍ ଫୌଜ। ତାଙ୍କର ଏହି ଫୌଜ ବର୍ମାରୁ ଦିଲ୍ଲୀ ଚଲୋ ଡାକରା ଦେଇ ଆଗକୁ ଅଗ୍ରସର ହୋଇଥିଲା । ନେତାଜୀଙ୍କ ଆଜାଦ ହିନ୍ଦ୍ ଫୌଜରେ ମହିଳାଙ୍କ ଏକ ସ୍ୱତନ୍ତ୍ର ରେଜିମେଣ୍ଟ ରାଣୀ ଝାନ୍‌ସୀ ରେଜିମେଣ୍ଟ ରହିଥିଲା । ଏହି ରେଜିମେଣ୍ଟର କ୍ୟାପ୍‌ଟେନ୍ ଥିଲେ ଲକ୍ଷ୍ମୀ ସହଗଲ । ପେସାରେ ଜଣେ ଡାକ୍ତର ଥିଲେ ମଧ୍ୟ ଭାରତକୁ ଇଂରେଜଙ୍କ କବଳରୁ ମୁକ୍ତ କରିବା ପାଇଁ ସେ ଧରିଥିଲେ ଅସ୍ତ୍ର। ନେତାଜୀଙ୍କ ଆଜାଦ ହିନ୍ଦ୍ ସରକାରରେ ତାଙ୍କୁ ମିଳିଥିଲା ମହିଳା ବ୍ୟାପାର ମନ୍ତ୍ରୀ ଦାୟିତ୍ୱ।

୧୯୧୪ ମସିହା ଅକ୍ଟୋବର ୨୪ ତାରିଖରେ ମାଡ୍ରାସରେ ଏସ୍ ସ୍ୱାମୀନାଥନ୍ ଓ ଏ ଭି ଅମ୍ମୁକୁଟ୍ଟୀଙ୍କ କୋଳ ମଣ୍ଡନ କରିଥିଲେ ଲକ୍ଷ୍ମୀ । ତାଙ୍କ ବାପା ମାଡ୍ରାସ ହାଇକୋର୍ଟରେ ଆଇନଜୀବୀ ଥିବା ବେଳେ ମା' ଥିଲେ ଜଣେ ସମାଜସେବୀ। ଜଣେ ମେଧାବୀ ଛାତ୍ରୀ ଭାବେ ପ୍ରାଥମିକ ଓ ଉଚ୍ଚଶିକ୍ଷା ଲାଭ ପରେ ଲକ୍ଷ୍ମୀ ମେଡିସିନ ପଢିଥିଲେ ଓ ୧୯୩୮ରେ ମାଡ୍ରାସ ମେଡିକାଲ କଲେଜରୁ ଏମବିବିଏସ୍ ଡିଗ୍ରୀ ହାସଲ କରିଥିଲେ। ଡିଗ୍ରୀ ହାସଲର ଗୋଟିଏ ବର୍ଷ ପରେ ସେ ସ୍ତ୍ରୀରୋଗ ଓ ପ୍ରସୂତି ବିଜ୍ଞାନରେ ଡିପ୍ଲୋମା ହାସଲ କଲେ। ଏହାପରେ ସେ ଚେନ୍ନାଇର କସ୍ତୁରବା ଗାନ୍ଧୀ ସରକାରୀ ଡାକ୍ତରଖାନାରେ ଡାକ୍ତର ଭାବେ କାମ କଲେ ।

ପାଇଲଟ୍ ପି.କେ.ଏନ. ରାଓଙ୍କ ସହିତ ବିବାହ ବିଫଳ ହେବା ପରେ ସିଙ୍ଗାପୁର ଚାଲିଗଲେ ଲକ୍ଷ୍ମୀ । ସେଠାରେ ସେ ଗରିବ ବିଶେଷକରି ଭାରତରୁ ଯାଇ ସେଠାରେ ଶ୍ରମଜୀବୀ ଭାବେ କାମ କରୁଥିବା ଲୋକଙ୍କ ପାଇଁ ସେ ଏକ କ୍ଲିନିକ୍ ଖୋଲିଲେ। ସେଠାରେ ଥିବାବେଳେ ସେ ନେତାଜୀଙ୍କ ଆଜାଦ ହିନ୍ଦ୍ ଫୌଜର ସୈନିକଙ୍କ ସଂସ୍ପର୍ଶରେ ଆସିଥିଲେ । ୧୯୪୨ରେ ଇଂରେଜ ସରକାର ଜାପାନ ନିକଟରେ ସିଙ୍ଗାପୁରକୁ ସମର୍ପଣ କରିଦେଇଥିଲା । ସେଥିରେ ଯୁଦ୍ଧାହତ ଲୋକଙ୍କୁ ଡାକ୍ତରୀ ସେବା ଯୋଗାଉ ଥିଲେ ଲକ୍ଷ୍ମୀ । ଆହତଙ୍କ ମଧ୍ୟରୁ ଅନେକ ଆଜାଦ ହିନ୍ଦ୍ ଫୌଜରେ ମିଶିବାକୁ ଚାହୁଁଥିବା ଲକ୍ଷ୍ମୀ ସେମାନଙ୍କୁ ଚିକିତ୍ସା କରୁଥିବା ସମୟରେ ଜାଣିବାକୁ ପାଇଥିଲେ । ୧୯୪୩ ଜୁଲାଇ ୨ ତାରିଖରେ ନେତାଜୀ ସିଙ୍ଗାପୁରରେ ପହଞ୍ଚିଲେ । ସେଠାରେ ପହଞ୍ଚିବା ପରେ ବିଭିନ୍ନ ସଭାସମିତିରେ ସେ ଇଂରେଜଙ୍କ ବିରୋଧରେ ଲଢେଇ କଥା କହିଲା ବେଳେ ଏକ ମହିଳା ରେଜିମେଣ୍ଟ ସ୍ଥାପନ କରିବାକୁ ଚାହୁଁଥିବା ପ୍ରକାଶ କରିଥିଲେ। ଏହି ରେଜିମେଣ୍ଟ ପୁରୁଷ ରେଜିମେଣ୍ଟ ଭଳି ଇଂରେଜଙ୍କ ବିରୋଧରେ ଲଢେଇ କରିବ । ନେତାଜୀଙ୍କ ଏହି କଥା ଲକ୍ଷ୍ମୀଙ୍କ କାନରେ ପଡିଲା। ସେ ନେତାଜୀଙ୍କୁ ଭେଟିଲେ । ନେତାଜୀଙ୍କ ଡାକରାରେ ଆହୁରି ଅନେକ ମହିଳା ମଧ୍ୟ ସ୍ୱତଃପ୍ରବୃତ୍ତ ଭାବେ ଆଗେଇ ଆସିଲେ। କେବଳ ମହିଳାଙ୍କୁ ନେଇ ଗଢା ହେଲା 'ରାଣୀ ଝାନ୍‌ସୀ ରେଜିମେଣ୍ଟ' । ଏହି ରେଜିମେଣ୍ଟର କ୍ୟାପ୍‌ଟେନ୍ ହେଲେ ଲକ୍ଷ୍ମୀ। ସେହିଦିନଠାରୁ ତାଙ୍କର ପରିଚୟ ଡକ୍ଟର ଲକ୍ଷ୍ମୀ ସ୍ୱାମୀନାଥନ୍‌ରୁ ହୋଇଗଲା କ୍ୟାପ୍‌ଟେନ୍ ଲକ୍ଷ୍ମୀ । ଏହି ନାମରେ ହିଁ ସେ ଜୀବନର ଶେଷ ପର୍ଯ୍ୟନ୍ତ ପରିଚିତ ହୋଇ ରହିଥିଲେ।

୧୯୪୪ ଡିସେମ୍ବରରେ ଜାପାନ ସୈନ୍ୟଙ୍କ ସହ ଆଜାଦ ହିନ୍ଦ୍ ଫୌଜ ବର୍ମାକୁ ମାଡ଼ି ଚାଲିଲେ। ଆଉ କେଇ ମାସ ଭିତରେ ସେମାନେ ଦିଲ୍ଲୀରେ ପହଞ୍ଚିଥାନ୍ତେ । ମାତ୍ର ୧୯୪୫ ମାର୍ଚ୍ଚ ବେଳକୁ ଯୁଦ୍ଧର ଗତି ବଦଳି ଯାଇଥିଲା । ଇଂରେଜ ହାତରେ ଜାପାନ ପରାସ୍ତ ହେଲା । ଇମ୍ଫାଲରେ ପ୍ରବେଶ ପୂର୍ବରୁ ଆଜାଦ ହିନ୍ଦ୍ ଫୌଜର ନେତାମାନେ ପଛଘୁଞ୍ଚା ଦେବାକୁ ନିଷ୍ପତ୍ତି ନେଲେ । ମେ' ମାସରେ ବ୍ରିଟିଶ ସେନା କ୍ୟାପ୍‌ଟେନ୍ ଲକ୍ଷ୍ମୀଙ୍କୁ ଗିରଫ କଲା । ତାଙ୍କୁ ୧୯୪୬ ମାର୍ଚ୍ଚ ପର୍ଯ୍ୟନ୍ତ ବର୍ମା ଜଙ୍ଗଲରେ ଗୃହବନ୍ଦୀ କରି ରଖାଗଲା। ପରେ ତାଙ୍କୁ ଯେତେବେଳେ ଭାରତ ପଠାଗଲା, ସେତେବେଳକୁ ଆଜାଦ ହିନ୍ଦ୍ ଫୌଜର ଲୋକପ୍ରିୟତା ଶୀର୍ଷରେ ପହଞ୍ଚି ସାରିଥିଲା। ଇଂରେଜ ଶାସନର ଶେଷ ଦୀପଶିଖା ମଧ୍ୟ ଲିଭି ଲିଭି ଆସୁଥିଲା ।

୧୯୪୭ ମସିହା ମାର୍ଚ୍ଚ ମାସରେ ଲକ୍ଷ୍ମୀ ଆଜାଦ ହିନ୍ଦ୍ ଫୌଜର ଖାତି ସମ୍ପନ୍ନ କର୍ଣ୍ଣେଲ ପ୍ରେମ କୁମାର ସେହଗଲଙ୍କୁ ବିବାହ

କଲେ। ବିବାହ ପରେ ସେହଗଲ ଦମ୍ପତି ଲାହୋରରୁ କାନପୁର ଚାଲିଆସିଲେ । ସେଠାରେ ଲକ୍ଷ୍ମୀ ପୁଣି ତାଙ୍କର କ୍ଲିନିକ୍ ଆରମ୍ଭ କରିଦେଲେ। ତାଙ୍କ କ୍ଲିନିକ୍‌ରେ ସେତେବେଳେ ଦେଶ ସ୍ୱାଧୀନତା ପରେ ପାକିସ୍ତାନରୁ ଭାରତ ଚାଲିଆସିଥିବା ଶରଣାର୍ଥୀଙ୍କ ଭିଡ଼ ଲାଗୁଥିଲା । ଉଭୟ ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟର ଲୋକମାନେ ତାଙ୍କ ନିକଟକୁ ଚିକିତ୍ସା ପାଇଁ ଆସୁଥିଲେ ।

୧୯୭୧ରେ ଲକ୍ଷ୍ମୀ ଭାରତୀୟ କମ୍ୟୁନିଷ୍ଟ ପାର୍ଟିରେ ଯୋଗଦେଇ ପରେ ଏହି ଦଳ ପକ୍ଷରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ବାଂଲାଦେଶ ଏକ ସ୍ୱତନ୍ତ୍ର ରାଷ୍ଟ୍ର ହେବା ପରେ ସେଠାରୁ ଚାଲି ଆସୁଥିବା ଶରଣାର୍ଥୀଙ୍କ ପାଇଁ କଲିକତାରେ ରିଲିଫ ଓ ମେଡିକାଲ କ୍ୟାମ୍ପର ଆୟୋଜନ କରି ସେମାନଙ୍କୁ ସହାୟତା ଦେଇଥିଲେ। ୧୯୮୪ ଭୋପାଳ ଗ୍ୟାସ ଦୁର୍ଘଟଣା ପରେ ମଧ ସେଠାକୁ ସେ ଡାକ୍ତରୀ ସହାୟତା ନେଇ ପହଞ୍ଚି ଥିଲେ । ଦେଶର ଯେଉଁଠି ବି ଦୈବୀ ଦୁର୍ବିପାକ ବା ଦୁର୍ଘଟଣାରେ ଲୋକମାନେ ସଂକଟରେ ପଡୁଥିଲେ ସେଠାକୁ ସେ ସେବା ଯୋଗାଇ ଦେବାକୁ ଦଉଡ଼ି ଯାଉଥିଲେ । ଯେଉଁଠି ସଂସ୍କୃତିର ଅବକ୍ଷୟ ହେଉଥିବା ତାଙ୍କ ମନକୁ ଆସିଛି, ସେଠି ସେ ବିରୋଧ କରିବାକୁ ପଛଘୁଞ୍ଚା ଦେଇନାହାନ୍ତି । ୧୯୯୬ରେ ବାଙ୍ଗାଲୋରରେ ଅନୁଷ୍ଠିତ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାକୁ ବିରୋଧ କରି ସେ ଗିରଫ ହୋଇଥିଲେ । ୨୦୦୨ରେ ଏ.ପି.ଜେ. ଅବଦୁଲ କଲାମଙ୍କ ବିରୋଧରେ ସେ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ରାଷ୍ଟ୍ରପତି ପଦ ପାଇଁ ଲଢି ହାରିଥିଲେ। ପରିଣତ ବୟସରେ ବି ତାଙ୍କ କ୍ଲିନିକ୍ ଅସହାୟ, ଗରିବ ଲୋକଙ୍କ ପାଇଁ ଖୋଲା ରହିଥିଲା। ଜୀବନର ଶେଷ ପର୍ଯ୍ୟନ୍ତ ଲୋକଙ୍କୁ ଡାକ୍ତରୀ ସେବା ଯୋଗାଇ ଦେବାରେ ତାଙ୍କ ହାତ ଅଟକି ନଥିଲା। ଏହି ମହାନ ସଂଗ୍ରାମୀ ତଥା ସମାଜସେବୀଙ୍କର ୨୦୧୨ ମସିହା ଜୁଲାଇ ୨୩ ତାରିଖରେ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁରେ ଦେଶ ଜଣେ ମହାନ ସଂଗ୍ରାମୀ ତଥା ସମାଜସେବୀଙ୍କୁ ହରାଇଲା ।

**ଲକ୍ଷ୍ମୀ ଇନ୍ଦିରା ପଣ୍ଡା**

ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ ରାଣୀ ଲକ୍ଷ୍ମୀବାଈ ଓ କ୍ୟାପ୍‌ଟେନ୍ ଲକ୍ଷ୍ମୀ ସେହଗଲଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଥିବା ବେଳେ ଓଡ଼ିଶାର ଜଣେ ଲକ୍ଷ୍ମୀଙ୍କ ବୀରତ୍ୱ ମଧ୍ୟ ସେହି ପୃଷ୍ଠାରେ ସମାନ ସ୍ଥାନ ଦାବି କରେ। ନେତାଜୀଙ୍କ ଆଜାଦ ହିନ୍ଦ୍ ଫୌଜ (ଆଇଏନଏ)ରେ ସାମିଲ ହୋଇ ଦେଶକୁ ଇଂରେଜଙ୍କ କବଳରୁ ମୁକ୍ତ କରିବା ପାଇଁ ଆଗକୁ କଦମ ବଢାଇ ଚାଲିଥିଲେ ଲକ୍ଷ୍ମୀ ଇନ୍ଦିରା ପଣ୍ଡା। ସୁଭାଷଙ୍କ ଆଜାଦ ହିନ୍ଦ୍ ଫୌଜରେ ଓଡ଼ିଶାର କିଛି ପୁରୁଷ ସାମିଲ ହୋଇଥିବା ବେଳେ ଲକ୍ଷ୍ମୀ ଥିଲେ ଏକମାତ୍ର ଓଡ଼ିଆ ମହିଳା । ସେ କିଶୋରୀ ବୟସରେ ଫୌଜରେ ସାମିଲ ହୋଇ ନେତାଜୀ ତଥା ନିଜର ସ୍ୱପ୍ନକୁ ସାକାର କରିବାକୁ ବଦ୍ଧପରିକର ଥିଲେ ।

ଶ୍ରମଜୀବୀ ଭାବେ ଲକ୍ଷ୍ମୀଙ୍କ ବାପା ମା' ବର୍ମାରେ କାମ କରୁଥିଲେ । ବାପା ମା'ଙ୍କ ସହିତ ଲକ୍ଷ୍ମୀ ଓ ତାଙ୍କ ଭାଇ ମଧ୍ୟ ସେଠାରେ ରହୁଥିଲେ। ବର୍ମାରେ ଶ୍ରମଜୀବୀ ଭାବେ କାମ କରୁଥିବା ବେଳେ ଇଂରେଜଙ୍କ ବୋମାମାଡ଼ରେ ତାଙ୍କ ବାପା ମା' ଚିରଦିନ ପାଇଁ ଆଖି ବୁଜିଥିଲେ। ନିଜ ଆଖି ସାମ୍ନାରେ ବାପା ମା'ଙ୍କ ମୃତ୍ୟୁ ଲକ୍ଷ୍ମୀଙ୍କ ମନରେ ଗଭୀର ରେଖାପାତ କରିଥିଲା । ସେ ଓ ତାଙ୍କ ଭାଇ ଅନାଥ ହୋଇଯାଇଥିଲେ । ସେତେବେଳେ ତାଙ୍କୁ ଖୁବ୍ କମ ବୟସ । ରୋଜଗାର କରିବାକୁ ସକ୍ଷମ ହୋଇନଥାନ୍ତି । ଇଂରେଜଙ୍କ ପ୍ରତି ତାଙ୍କ ମନରେ ସେହି ଘଟଣା ଖୁବ୍ ଘୃଣା ଭରି ଦେଇଥିଲା। ସେ ଚାହୁଥିଲେ ଇଂରେଜଙ୍କଠାରୁ ଏହାର ପ୍ରତିଶୋଧ ନେବାକୁ । ଏଭଳି ଏକ ସମୟରେ ସେ ଜାଣିବାକୁ ପାଇଲେ ସୁଭାଷ ବୋଷଙ୍କ ଆଜାଦ ହିନ୍ଦ୍ ଫୌଜ ସେଠାରେ କ୍ୟାମ୍ପ କରୁଛି । ଇଂରେଜଙ୍କୁ ଦେଶରୁ ବିତାଡିତ କରିବା ପାଇଁ ସୁଭାଷଙ୍କ ଏହି ସଶସ୍ତ୍ର ଆନ୍ଦୋଳନରେ ସାମିଲ ହେବାକୁ ଲକ୍ଷ୍ମୀ ଚାହିଁଲେ । ସେ ସେଠାକୁ ଯାଇ ଫୌଜର ନେତାଙ୍କୁ ଭେଟିଲେ। ତାଙ୍କୁ ଗୁହାରି କଲେ ଫୌଜରେ ତାଙ୍କୁ ସାମିଲ କରିବାକୁ । ଏତେ ଛୋଟ ଝିଅଟିକୁ ଫୌଜରେ ସାମିଲ କରିବାକୁ ନେତାଙ୍କ ମନ କହିଲା ନାହିଁ । ତେଣୁ ସେମାନେ ତାକୁ ଫେରେଇ ଦେଲେ । ମାତ୍ର ଲକ୍ଷ୍ମୀ ହାରିବାର ଝିଅ ନଥିଲେ । ସେ ବାରମ୍ବାର ସେମାନଙ୍କ ନିକଟରେ ଅନୁରୋଧ କଲେ । ଲକ୍ଷ୍ମୀଙ୍କ ଦୃଢ ଆତ୍ମବିଶ୍ୱାସ ନେତାଙ୍କ ହୃଦୟ ତରଳାଇ ଦେଲା । ସେତେବେଳକୁ ଲକ୍ଷ୍ମୀଙ୍କୁ ମାତ୍ର ୧୪ ବର୍ଷ ବୟସ ହୋଇଥିଲା। କ୍ୟାପ୍‌ଟେନ୍ ଲକ୍ଷ୍ମୀ ସେହଗଲଙ୍କ ଝାନ୍‌ସୀ ରେଜିମେଣ୍ଟରେ ତାଙ୍କୁ ନିଆଗଲା। ଖୁବ୍ ଅଳ୍ପ ଦିନରେ ଲକ୍ଷ୍ମୀ ସମସ୍ତଙ୍କ ହୃଦୟ ଜିତିବାକୁ ସମର୍ଥ ହୋଇପାରିଥିଲେ। ପ୍ରସିଦ୍ଧ ସଂଗ୍ରାମୀ ଜାନକୀ ଥେଭାର, ଗୌରୀ, ଶାହ ନୱାଜ ଖାନ, ଲକ୍ଷ୍ମୀ ସହଗଲ ଓ ଧୀଲୋନଙ୍କ ସହିତ ସେ କଦମ ତାଲ୍ କରି ଚାଲିଲେ। ତାଙ୍କ ମନରେ ଥାଏ କିଭଳି ଇଂରେଜଙ୍କୁ ଦେଶରୁ ହଟାଇବେ। କମାଣ୍ଡର ଓ ତାଙ୍କ ନାମ ସମାନ ଥିବାରୁ ଯେପରି ଭବିଷ୍ୟତରେ କିଛି ଅସୁବିଧା ନହୁଏ ସେଥିପାଇଁ ନିଜେ ନେତାଜୀ ତାଙ୍କୁ 'ଇନ୍ଦିରା' ନାମ ଦେଇଥିଲେ । ସେହିଦିନଠାରୁ ସେ ସମସ୍ତଙ୍କ ନିକଟରେ ଲକ୍ଷ୍ମୀ ଇନ୍ଦିରା ପଣ୍ଡା ଭାବେ ପରିଚିତ ହେଲେ। ବର୍ମାରେ ୬ ମାସର କଠିନ ଶସ୍ତ୍ର ଶିକ୍ଷା ପରେ ଲକ୍ଷ୍ମୀ ନିଜକୁ ପୂର୍ଣ୍ଣ ପ୍ରସ୍ତୁତ

କରିନେଇଥିଲେ ଇଂରେଜଙ୍କ ବିରୋଧରେ ଲଢିବାକୁ। ସେ ନିଜକୁ ଜଣେ କୁନି ସୈନିକ ବୋଲି ଭାବୁ ନଥିଲେ। ଇଂରେଜଙ୍କୁ ସାମ୍ନା କରିବାକୁ ତାଙ୍କ ଦେହରେ ଥିଲା ଅମାପ ବଳ। ଭାରତ–ବର୍ମା ସୀମାରେ ଆଜାଦ ହିନ୍ଦ୍ ଫୌଜ 'କଦମ୍ କଦମ୍ ବଢାଏ ଯା...' ଗୀତ ଗାଇ ଗାଇ ଆଗେଇ ଚାଲିଥିବା ବେଳେ ଝାନ୍‌ସୀ ରେଜିମେଣ୍ଟର ଅନେକ ମହିଳା ସୈନ୍ୟଙ୍କ ସହିତ ଆଗେଇ ଚାଲିଥିଲେ ଲକ୍ଷ୍ମୀ। ଇଂରେଜଙ୍କୁ ଚାରିଆଡୁ ସାମ୍ନା କରିବାର ଲକ୍ଷ୍ୟ ନେଇ ଝାନ୍‌ସୀ ରେଜିମେଣ୍ଟକୁ କେତୋଟି ଗ୍ରୁପରେ ବାଣ୍ଟି ଦେଇଥିଲେ ନେତାଜୀ । ଜାନକୀ ଥେଭାରଙ୍କ ନେତୃତ୍ୱାଧୀନ ଦ୍ୱିତୀୟ ଗ୍ରୁପରେ ଥିଲେ ଲକ୍ଷ୍ମୀ । ସେମାନେ ଯାତ୍ରା କରୁଥିବା ଟ୍ରେନ ଉପରେ ଇଂରେଜ ବୋମା ମାଡ କରିବା ଫଳରେ ସେମାନେ ଆଉ ଆଗକୁ ଯାତ୍ରା ନକରି ପଛକୁ ଫେରିଲେ । ସେ ଓ ଅନ୍ୟ ସୈନିକମାନେ ଚାଲି ଚାଲି ବ୍ୟାଙ୍କକ୍ ପଳାଇ ଆସିଲେ। ବ୍ରିଟିଶ ସେନାଙ୍କ ବୋମା ଓ ବଂଧୁକ ମାଡ ଭିତରେ ଦୀର୍ଘ ୨୬ ଦିନର ଅକ୍ଲାନ୍ତ ପରିଶ୍ରମ ପରେ ପାଦରେ ଚାଲି ଚାଲି ସେମାନେ ବ୍ୟାଙ୍କକ୍‌ରେ ପହଞ୍ଚିଥିଲେ । ବ୍ୟାଙ୍କକ୍‌ରୁ ସେମାନେ ପରେ ଆସିଥିଲେ ସିଙ୍ଗାପୁରକୁ । ସିଙ୍ଗାପୁରରେ ୧୯୪୫ ମସିହା ଅଗଷ୍ଟ ୧୨ ତାରିଖରେ ସେ ଭେଟିଥିଲେ ସୁଭାଷ ବୋଷଙ୍କୁ। ନେତାଜୀ ପୁଣି ସେମାନଙ୍କ ମଧ୍ୟରେ ଶକ୍ତି ସଂଚାର କରିଥିଲେ ଇଂରେଜଙ୍କ ବିରୋଧରେ ଲଢିବାକୁ । ତେବେ ଏହାର କିଛିଦିନ ପରେ ନେତାଜୀ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଶୁଣିବାକୁ ମିଳିଥିଲା ।

ଜାପାନ ସମର୍ଥନରେ ନେତାଜୀ ଆଜାଦ ହିନ୍ଦ୍ ଫୌଜ ସହିତ ଆଗେଇ ଚାଲିଥିବା ବେଳେ ଏହାର ଦୁଇ ପ୍ରମୁଖ ସହର ଉପରେ ଇଂଲଣ୍ଡର ବୋମା ମାଡ ଜାପାନକୁ ପଛକୁ ଘୁଞ୍ଚିବାକୁ ବାଧ୍ୟ କରିଥିଲା । ଜାପାନ ଆତ୍ମ ସମର୍ପଣ କରିଥିଲା । ଏହି ସମୟରେ ଲକ୍ଷ୍ମୀ ଅନ୍ୟ ସୈନ୍ୟଙ୍କ ସହିତ ସିଙ୍ଗାପୁରରେ ଥିଲେ। ଜାପାନର ଆତ୍ମ ସମର୍ପଣ ପରେ ଫୌଜର ଅନ୍ୟ କେତେକ ସୈନ୍ୟଙ୍କ ସହିତ ସେ ଏକ ଟ୍ରାମ୍ପ ଷ୍ଟିମରରେ ଭାରତ ଆସୁଥିଲେ । ଏ ସମ୍ପର୍କରେ ବ୍ରିଟିଶ ସୈନ୍ୟଙ୍କ ନିକଟରେ ଖବର ପହଞ୍ଚି ଯାଇଥିଲା । ଚିଟାଗଙ୍ଗ ବନ୍ଦରରେ ବ୍ରିଟିଶ ପୁଲିସ ଫୌଜର ସବୁ ସୈନ୍ୟଙ୍କୁ ଗିରଫ କରିଥିଲା। ଅନ୍ୟମାନଙ୍କ ସହିତ ଲକ୍ଷ୍ମୀ ମଧ୍ୟ ଗିରଫ ହୋଇଥିଲେ। ତେବେ ତାଙ୍କର ଦୁର୍ବଳ ସ୍ୱାସ୍ଥ୍ୟ ଓ କମ୍ ବୟସ ଯୋଗୁଁ ତାଙ୍କୁ ଛାଡି ଦିଆଯାଇଥିଲା । ଇଂରେଜଙ୍କ ଆଖିରୁ ନିଜକୁ ରକ୍ଷା କରିବା ପାଇଁ ଲକ୍ଷ୍ମୀ ନିଜ ପାଖରେ ଥିବା ଫୌଜ ପୋଷାକ, ପଦକ ଓ ବନ୍ଧୁକ ସମୁଦ୍ର ଭିତରକୁ ଫିଙ୍ଗି ଦେଇଥିଲେ । ଇଂରେଜମାନେ ତାଙ୍କୁ ବନ୍ଦୀ ନକରି ଛାଡି ଦେବା ପରେ ସେ ପୁଣି ବର୍ମାକୁ ଆସିଲେ । ସେ ବର୍ମାରେ ପାଦ ଦେଇ ଦେଖିଲେ ସେଠାରେ ତାଙ୍କର ଚିହ୍ନା ଜଣା କେହି ନାହାନ୍ତି । ଫୌଜର ସବୁ ସୈନ୍ୟଙ୍କୁ ଇଂରେଜ ସରକାର ବନ୍ଦୀ କରି ନେଇଯାଇଥିଲା । ତେଣୁ ସେ ଠିକ୍ କଲେ ଜନ୍ମଭୂମି ଓଡ଼ିଶାକୁ ଫେରି ଆସିବାକୁ । ବହୁ ବାଟ ପାଦରେ ଚାଲି ଚାଲି ଅନେକ ଦିନ ପରେ ସେ ପହଞ୍ଚିଲେ ଓଡ଼ିଶାରେ । ଏହା ଭିତରେ ଦେଶ ସ୍ୱାଧୀନତା ଲାଭ କରିଥିଲା । ଦେଶ ଯେଉଁଦିନ ସ୍ୱାଧୀନତା ଲାଭ କରିଥିବା ସେ ଶୁଣିବାକୁ ପାଇଲେ ସେଦିନ ଖୁସିରେ ତାଙ୍କ ପାଦ ତଳେ ଲାଗି ନଥିଲା । ତାହା ଥିଲା ତାଙ୍କ ଜୀବନର ସର୍ବଶ୍ରେଷ୍ଠ ଖୁସି ।

ଦେଶ ସ୍ୱାଧୀନ ପରେ ଫୌଜର ଜଣେ ସେନା ଖଗେଶ୍ୱର ପଣ୍ଡାଙ୍କୁ ସେ ୧୯୫୧ରେ ବିବାହ କଲେ। ପତିଙ୍କ ସହିତ ୨୫ବର୍ଷ ତାଙ୍କର ଜୀବନ ଖୁସିରେ କଟି ଯାଇଥିଲା । ତେବେ ୧୯୭୬ରେ ଖଗେଶ୍ୱରଙ୍କ ମୃତ୍ୟୁ ପରେ ତାଙ୍କ ଉପରକୁ ଦୁଃଖ ମାଡି ଆସିଥିଲା। ସେ ଖୁବ୍ କଷ୍ଟରେ କାଳାତିପାତ କରୁଥିଲେ। ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସଂଗ୍ରାମୀ ଭତ୍ତା ପ୍ରଦାନ କରାଯାଉଥିଲା । ମାତ୍ର ସେହି ଭତ୍ତା ଥିଲା ଖୁବ୍ କମ୍ ଓ ସେଥିରେ ତାଙ୍କ ପାଇଁ ଚଳିବା କଷ୍ଟକର ଥିଲା । ଅଗତ୍ୟା ସେ ବାଧ୍ୟ ହୋଇ ପର ଘରେ ପାଇଟି କରି ଜୀବିକା ନିର୍ବାହ କରୁଥିଲେ । କେନ୍ଦ୍ର ସରକାରଙ୍କ ନିକଟରେ ସବୁ ତଥ୍ୟ ଉପସ୍ଥାପନ ସତ୍ତ୍ୱେ ତାଙ୍କୁ ସଂଗ୍ରାମୀର ମାନ୍ୟତା ମିଳିପାରି ନଥିଲା । ତେବେ ମୃତ୍ୟୁର କିଛିଦିନ ପୂର୍ବରୁ ତତ୍କାଳୀନ ରାଷ୍ଟ୍ରପତି ପ୍ରତିଭା ଦେବୀ ସିଂ ପାଟିଲଙ୍କ ହସ୍ତକ୍ଷେପ ପରେ ତାଙ୍କୁ ସଂଗ୍ରାମୀର ମାନ୍ୟତା କେନ୍ଦ୍ର ସରକାର ଦେଇଥିଲେ ଓ ତାଙ୍କ ପାଇଁ ସ୍ୱତନ୍ତ୍ରତା ସୈନିକ ସମ୍ମାନ ଭତ୍ତା ବ୍ୟବସ୍ଥା କରାଯାଇଥିଲା । ତେବେ ଏହି ଭତ୍ତା ଗ୍ରହଣ କରି ସୁଖଦ ଜୀବନ ବିତାଇବାକୁ ସେ ବେଶୀଦିନ ବଂଚି ନଥିଲେ । ୮୩ ବର୍ଷ ବୟସରେ ୨୦୦୮ ଅକ୍ଟୋବର ୬ ତାରିଖରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ପ୍ରଥମ ଓ ଏକମାତ୍ର ଓଡ଼ିଆ ମହିଳା ଭାବେ ନେତାଜୀଙ୍କ ଆଜାଦ ହିନ୍ଦ୍ ଫୌଜରେ ସାମିଲ ହୋଇ ରାଜ୍ୟର ଗୌରବ ବଢାଇ ଥିବା ଏହି ସଂଗ୍ରାମୀଙ୍କୁ କୋଟି କୋଟି ପ୍ରଣାମ ।

ରାଧାଦେଈପୁର
ଢେଙ୍କାନାଳ– ୭୫୯୦୧୪

# ସ୍ୱାଧୀନତା ସଂଗ୍ରାମରେ ନୂଆପଡା ଜିଲ୍ଲାର ଅବଦାନ

**ଅଧ୍ୟାପକ ବିଜୟ କୁମାର ବାରିକ**

ସମଗ୍ର ଭାରତ ଯେତେବେଳେ ସ୍ୱାଧୀନତାର ନୂତନ ସୂର୍ଯ୍ୟାଲୋକକୁ ଦର୍ଶନ କରିବା ପାଇଁ ବ୍ୟାକୁଳ, ସେତେବେଳେ ଓଡ଼ିଶା ଭଲା ବାଦ୍ ଯାଆନ୍ତା କିପରି ? ଅବିଭକ୍ତ ଜିଲ୍ଲା କଳାହାଣ୍ଡି ଅନ୍ତର୍ଭୁକ୍ତ ତଥା ଆଜିର ଜିଲ୍ଲା ନୂଆପଡାର ଏହି ସ୍ୱାଧୀନତା ସଂଗ୍ରାମରେ ଦେଇଥିବା ଅବଦାନ ଅବିସ୍ମରଣୀୟ । ଭାରତର ସ୍ୱାଧୀନତା ସଂଗ୍ରାମରେ ନୂଆପଡା ଜିଲ୍ଲାର ସଂଗ୍ରାମୀ ଦେଶଭକ୍ତମାନେ ସର୍ବଭାରତୀୟ ସ୍ରୋତରେ ଉଦ୍‌ବୁଦ୍ଧ ହୋଇ ଯେଉଁ ବୀରତ୍ୱ ଓ ପରାକାଷ୍ଠା ଦେଖାଇ ଯାଇଛନ୍ତି, ତାହା ଚିନ୍ତା କଲେ ଶରୀରରେ ରୋମାଞ୍ଚ ସୃଷ୍ଟି ହୁଏ । ରାମାୟଣରେ ବର୍ଣ୍ଣିତ ସେତୁବନ୍ଧରେ ଗୁଣ୍ଡୁଚି ମୂଷାର ଭୂମିକା ପରି ନୂଆପଡା ଜିଲ୍ଲାର ଶ୍ରଦ୍ଧା, ବିଶ୍ୱାସ ଓ ତ୍ୟାଗର ଅବଦାନ ଏହି ଜାତୀୟ ବିପ୍ଳବ ପାଇଁ କମ୍ ଗୌରବ ନୁହେଁ ।

ନୂଆପଡା ଜିଲ୍ଲାର ସାହିତ୍ୟ ଓ ସଂସ୍କୃତି ସମ୍ପନ୍ନ ପୀଠ ତଥା କେନ୍ଦ୍ରବିନ୍ଦୁ ଥିଲା ଖଡିଆଳ । ରାଜା ଥିଲେ କୃଷ୍ଣ ଚନ୍ଦ୍ର ସିଂହଦେବ । ୧୮୫୮ରୁ ୧୮୬୧ ପର୍ଯ୍ୟନ୍ତ ବୀର ସୁରେନ୍ଦ୍ର ସାଏ ମାରାଗୁଡା ଉପତ୍ୟକାର ମାଣିକଗଡଠାରେ କେତେକ ସଂଗ୍ରାମୀ ସହଯୋଗୀ ସହିତ ଗୋପନରେ ରହି ଇଂରେଜ ବିରୁଦ୍ଧରେ ସଂଗ୍ରାମ ଚଳାଇ ଥିଲେ । ସୁରେନ୍ଦ୍ର ସାଏ ଯେପରି ଧରା ନପଡନ୍ତି ସେଥିପାଇଁ ରାଜା ନିଜ କର୍ମଚାରୀମାନଙ୍କୁ ଗୁପ୍ତ ନିର୍ଦ୍ଦେଶ ଦେଇଥିଲେ । ଏଥିପାଇଁ ୧୨.୧୧.୧୮୬୩ ମସିହାରେ ମେଜର ଇମ୍ପେ, ଯିଏକି ପଶ୍ଚିମ ଓଡ଼ିଶାରେ ସୁରେନ୍ଦ୍ର ସାଏଙ୍କ ଗଣବିପ୍ଳବକୁ ଦେଇଥିବା ପତ୍ରରେ ଲେଖିଥିଲେ ଯେ, ରାଜା କୃଷ୍ଣଚନ୍ଦ୍ର ଜଣେ ବିପଦ ଜନକ ରାଜ୍ୟ ମୁଖ୍ୟ । ତେଣୁ ଏହାଙ୍କ ପରିବର୍ତ୍ତେ ପଦ୍ମନ ସିଂହଙ୍କୁ ଅସ୍ଥାୟୀ ରାଜାଭାବେ ଦାୟିତ୍ୱ ଦେବା ପାଇଁ ପ୍ରସ୍ତାବ ଦେଇଥିଲେ । ଏପରିକି ରାଜା କୃଷ୍ଣଚନ୍ଦ୍ର ସିଂହଦେବ କୌଣସି ଗୋରା କର୍ମଚାରୀଙ୍କ ସହିତ କରମର୍ଦ୍ଦନ କଲାପରେ ଗଙ୍ଗାଜଳରେ ନିଜ ହାତକୁ ଧୋଇ ପବିତ୍ର କରୁଥିଲେ । ଏଥିରୁ ଅନୁମାନ କରାଯାଇପାରେ ବ୍ରିଟିଶମାନଙ୍କ ପ୍ରତି କି ପ୍ରକାର ମାନସିକ ଭାବ ରହିଥିଲା । ସଂଗ୍ରାମର ରୂପ କେବଳ ସେତିକି ନୁହେଁ । କୋମନା ନିକଟସ୍ଥ ତଣ୍ଡୁଳ ପାହାଡର ପରୋପକାରୀ ଦୁଇ ଦସ୍ୟୁ (ଲୁଣ୍ଠନ ସାମଗ୍ରୀକୁ ସାଧାରଣ ଜନତାଙ୍କ ମଧ୍ୟରେ ବାଣ୍ଟୁଥିବା) ଜଳାଶୟ ଖନନ ଏବଂ ଅନେକ ଜନହିତକର କାର୍ଯ୍ୟରେ ଲଗାଉଥିବା 'ମେଘନାଦ' ଓ ମେଦିନୀ ସିଂ କାରାଗୃହରୁ ମୁକ୍ତ କରି ଖଡିଆଳର ରାଜା ସୁରେନ୍ଦ୍ର ସାଏଙ୍କୁ ସାହାଯ୍ୟ ଓ ସୁରକ୍ଷା ଦେବାର ବ୍ୟବସ୍ଥା କରିଥିଲେ । ଯାହାଫଳରେ ବ୍ରିଟିଶ ଆକ୍ରମଣ ବେଳେ ମେଘନାଦର ମୃତ୍ୟୁ ହୋଇଥିଲା । ମେଦିନୀ ସିଂ ତାର ପ୍ରତିଶୋଧରେ ଦଶଜଣ ବ୍ରିଟିଶ ସୈନ୍ୟଙ୍କୁ ହତ୍ୟା କରିଥିଲେ । ସୁରେନ୍ଦ୍ର ସାଏ ଏମାନଙ୍କ ସାହାଯ୍ୟ ଓ ସହଯୋଗରେ ଅତ୍ୟନ୍ତ ପ୍ରୀତଥିଲେ । ୧୨.୧୦.୧୮୬୧ ମସିହାରେ ରାୟପୁରର ଅସ୍ଥାୟୀ ଡେପୁଟି କମିଶନରଙ୍କ ପତ୍ରାନୁଯାୟୀ ଖଡିଆଳର ରାଜା କୃଷ୍ଣଚନ୍ଦ୍ର ସିଂହ ଦେବ ଓ ବିନ୍ଦ୍ରାନଓ୍ୱାଗଡର ରାଜା ଓମ୍‌ରାଏ ବ୍ରିଟିଶ ସରକାରଙ୍କ ଦୃଷ୍ଟିରେ ହୀନତମ ଅପରାଧୀ ।

ସୁରେନ୍ଦ୍ର ସାଏଙ୍କ ଗରିଲା ଯୁଦ୍ଧରେ ତାନଓ୍ୱାଟର ଆଦିବାସୀ ନେତା ଜମିଦାର ବିରଲାଲ ସାଏ (ଲାଲ ସିଂ) ମୁଖ୍ୟ ଅଂଶ ଗ୍ରହଣ କରିଥିଲେ । ଶହ ଶହ ଗ୍ରାମବାସୀଙ୍କ ସାହାଯ୍ୟ ଓ ସହାନୁଭୂତି ରୂପକ ବିପ୍ଳବର ହାତ ବଢାଇଥିଲେ ସଂଗ୍ରାମୀମାନଙ୍କ ଆଡକୁ । ନୂଆପଡାର ଇରୁକୁ ଅଚ୍ୟୁତାରାମାୟା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ୧୯୨୮ ମସିହାରେ ସାଇମନ କମିଶନଙ୍କୁ କଳାପତାକା ଦେଖାଇଥିଲେ । ୧୯୩୦ ମସିହାରେ ସେ ପୁରୀ ବେଳାଭୂମିରେ ଲୁଣ ମାରି ୬ମାସ ପାଇଁ ଜେଲ୍ ଯାଇଥିଲେ ।

୧୯୩୦ ମସିହା ସେପ୍ଟେମ୍ବର ୩୦ ତାରିଖ ସାଲିହାଗୁଡା (ସାଲିହା)ଠାରେ ଆନ୍ଦୋଳନର ସୂତ୍ରପାତ ହୁଏ । ରାଜ୍ୟର ନୂତନ

କର ବିରୁଦ୍ଧରେ ସତ୍ୟାଗ୍ରହୀ ଓ ସାଧାରଣ ଜନତାଙ୍କ ସଭା ହେଲା । ଦେଶମତୀ ବାଈ, ପିତା କାର୍ତ୍ତିକ ଶବର ଓ ଲକ୍ଷ୍ମଣ ଶବରକୁ ରାୟପୁର ଜେଲକୁ ନିଆଯାଇଥିଲା । କେଜୁଦାସ ବାଗ, ରାମ ସାହୁ, ଲକ୍ଷ୍ମଣ ଦାସ, ରାମଲାଲ ଦେଓ୍ୱାଙ୍ଗନ୍, କେନ୍ଦୁଗଣ୍ଡା ପରି ଅନେକ ସଂଗ୍ରାମୀ ସଂଗ୍ରାମରେ ଝାସ ଦେଇଥିଲେ ।

୧୯୪୨ ଓ ୧୯୪୬ ମସିହା ପର୍ଯ୍ୟନ୍ତ ଖରିଆର ରୋଡର କଂଗ୍ରେସ ସଂଗଠକ ଯଦୁ ରାଉତ ଏବଂ ଗଙ୍ଗାରାମ ତୋଲିଙ୍କୁ ପୋଲିସର ଲାଠି ମାଡରେ ଲହୁଲୁହାଣ ହେବାପରେ ମଧ୍ୟ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିଥିଲା । ପରବର୍ତ୍ତୀ ସମୟରେ ତାଙ୍କ ଝିଅ ଗାୟତ୍ରୀ ଦେବୀ ଆନ୍ଦୋଳନକୁ ତୀବ୍ରତର କରାଇବା ପାଇଁ ଆପ୍ରାଣ ଚେଷ୍ଟା କରିଥିଲେ । ୧୯୪୬ ମସିହା ଜାନୁଆରୀ ୯ତାରିଖ ଦିନ ଖରିଆର ରୋଡ ଜୋଙ୍କନଦୀ ନିକଟରେ କଂଗ୍ରେସର ଏକ ସଭା ଅନୁଷ୍ଠିତ ହୋଇଥିଲା । ଯେଉଁ ସଭାରେ ଡଃ ହରେକୃଷ୍ଣ ମହତାବ ଯୋଗ ଦେଇଥିଲେ । ସଂଗ୍ରାମୀ ବନ୍ଧୁମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ଓଡ଼ିଶାର ଉପାନ୍ତ ଘନ ବଣ ଜଙ୍ଗଲ ଭିତରେ ଏପରି ସଂଗ୍ରାମୀ ବନ୍ଧୁମାନଙ୍କୁ ଦେଖି ମୁଁ ହତବାକ୍ ମନେ କରୁଛି । ଡୁକଲାର ଦୟାନିଧି ଦାସଙ୍କ ସହଯୋଗ, ଶିକ୍ଷକ ଭିକାରୀ ଦାସ ଡୁକଲା (ଖଡିଆଳଠାରୁ ୧୦ କିମି ଦୂରତାରେ ଥିବା ଗ୍ରାମ) ଅଞ୍ଚଳର ଲୋକଙ୍କ ନେତୃତ୍ୱ ନେଇ ଇଂରେଜ ପୋଲିସଙ୍କୁ ଗୋଲାମ ବୋଲି କହିଥିବାରୁ ତାଙ୍କୁ ତତ୍କାଳୀନ ସମୟରେ ୫୦୦ ଟଙ୍କା ଜୋରିମାନା ଦେବାକୁ ପଡିଥିଲା ।

ଏତଦ୍‌ବ୍ୟତୀତ ଭେଲାର ଜଗଦୀଶ ଯୋଷୀ (ଜନ୍ମ ୧୯୧୩ ଅକ୍ଟୋବର ୧୦)ଙ୍କ ନେତୃତ୍ୱରେ ଡାକଘର ପୋଡି ଓ ରେଲଲାଇନ ଓଲଟାଇବାରେ ଅସଫଳ ହେବା ସତ୍ତ୍ୱେ ଆଇନ ଅମାନ୍ୟ ଆନ୍ଦୋଳନ ଯୋଗୁଁ ତାଙ୍କୁ ଜେଲଦଣ୍ଡ ଭୋଗିବାକୁ ପଡିଥିଲା । ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ 'ତ୍ରିରଙ୍ଗା ପତାକା' ଧରି ଗାଁ ଗାଁ ବୁଲି ଅନ୍ୟାୟ, ଅନୀତି, କୁସଂସ୍କାର, ଛୁଆଁ ଅଛୁଆଁ ଭେଦଭାବ, ସ୍ୱଦେଶ ନୀତିର ବାର୍ତ୍ତା, ହରିଜନମାନଙ୍କ ମନ୍ଦିର ପ୍ରବେଶ ଇତ୍ୟାଦି କାର୍ଯ୍ୟରେ ନିୟୋଜିତ ଥିଲେ । ତାଙ୍କ ସହିତ ସହଯୋଗୀ ଥିଲେ ଲର୍କିର ନନ୍ଦଲାଲ ପଣ୍ଡା, କମ୍‌କେଡା ଗ୍ରାମର ରାମନାଥ ପଣ୍ଡା, କୁମୁଟି ମୁଣ୍ଡା ଗ୍ରାମର ଟିର୍ଲୁ ସିଂ ମାଝୀ, ବାଟିବାହାଲର ଆଦିବାସୀ ଯୁବକ ଯୋଷୀଙ୍କ ସହିତ ହାତକୁ ହାତ ମିଳାଇ ମେଳି ଆରମ୍ଭ କରିଥିଲେ । ପୋଲିସ ଭୟରେ ସାଧାରଣ ଲୋକେ ଘରଦ୍ୱାର ଛାଡି ବଣ ଜଙ୍ଗଲରେ ଥିବାବେଳେ ଏମାନେ ସାହସ ଦେଇ ଫେରାଇ ଆଣୁଥିଲେ । ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନରେ ମଧ୍ୟ ସକ୍ରିୟ ଭୂମିକା ନିଭାଇ ଥିଲେ କେବଳ ସେତିକି ନୁହେଁ, ୪୦ଟି ଗ୍ରାମ ଦାନ କରାଇବାରେ ସଫଳ ହୋଇଥିଲେ । ତାଙ୍କର ଉକ୍ତି ଥିଲା ଏ ଦେଶ ଗାନ୍ଧୀଙ୍କ ଦେଶ ।

ଜାତୀୟ ସଂଗ୍ରାମର ଅନ୍ୟ ଜଣେ ସାରଥି ଅଲୌକିକ ଶକ୍ତି ସମ୍ପନ୍ନ ଯୋଗଜନ୍ମା ସିଦ୍ଧପୁରୁଷ ଜନ୍ମଲାଭ କରନ୍ତି କରଙ୍ଗାମାଲ ଗ୍ରାମରେ ଖଡିଆଳବାସୀ ଚନ୍ଦ୍ରଶେଖର ପଙ୍ଚଯୋଷୀଙ୍କ ମଧ୍ୟମ ସନ୍ତାନ ରୂପେ । ସତ୍ୟାଗ୍ରହ ଆନ୍ଦୋଳନରେ ସେ ଥିଲେ ପ୍ରମୁଖ ନେତୃତ୍ୱ ନେଇଥିବା ବ୍ୟକ୍ତିତ୍ୱ । ୧୯୩୦ ମସିହା ଅକ୍ଟୋବର ୩୧ ତାରିଖରେ ଗିରଫ ହୋଇ ଏକବର୍ଷ କାରାଦଣ୍ଡ ଭୋଗିଥିଲେ । ଗାନ୍ଧୀ ଇରଉଇନ ଚୁକ୍ତି ଯୋଗୁଁ ୧୯୩୧ ମସିହା ଏପ୍ରିଲ୍ ୫ ତାରିଖରେ ସେ ମୁକ୍ତିଲାଭ କରି ପୁଣି ସ୍ୱାଧୀନତା ସଂଗ୍ରାମରେ ସାମିଲ ହେତୁ ତାଙ୍କ ପିତା ଓ ବଡଭାଇଙ୍କୁ ଚାକିରିରୁ ଅନ୍ତର କରାଗଲା । ୧୯୩୨ ମସିହାରେ ପୁଣି ୧ମାସ ପାଇଁ ତାଙ୍କୁ କାରାଦଣ୍ଡ ଭୋଗିବାକୁ ପଡିଥିଲା ।

୧୯୩୪ ମସିହାରେ ରାୟପୁର ଜିଲ୍ଲା ପରିଷଦ କଂଗ୍ରେସ ହାତକୁ ଆସିବାରୁ ସେ ଲରକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଖଡିଆଳ ଅଞ୍ଚଳକୁ ଓଡ଼ିଶାରେ ସାମିଲ କରିବା ପାଇଁ ଆନ୍ଦୋଳନ ଆରମ୍ଭ କରିଥିଲେ । କଂଗ୍ରେସର ଜଣେ ନିଷ୍ଠାପର କର୍ମୀଭାବେ ୧୯୫୫ରେ କରଙ୍ଗାମାଲ ଗ୍ରାମପଞ୍ଚାୟତର ସେ ପ୍ରଥମ ସରପଞ୍ଚ ଏବଂ ସ୍ୱାଧୀନତା ସଂଗ୍ରାମୀଭାବେ ଭାରତ ସରକାର ତାଙ୍କୁ ତାମ୍ର ଫଳକ ପ୍ରଦାନ କରିଥିଲେ ।

ଏତଦ୍‌ବ୍ୟତୀତ ଯୋଷୀଙ୍କ ବିଭିନ୍ନ ଧର୍ମକାର୍ଯ୍ୟ ସମାପନ ମୁଖ୍ୟତଃ ଗାୟତ୍ରୀ ଯଜ୍ଞ ଓ ଭିତ୍ତିପ୍ରସ୍ତର ସ୍ଥାପନ, ବହୁ କାବ୍ୟ କବିତାର ରଚୟିତା, ଜଣେ ନିଃସ୍ୱାର୍ଥ ସମାଜସେବୀ ଭାବରେ ସେ ପରିଚିତ । ତାଙ୍କରି ସମସାମୟିକ ବ୍ରଜମୋହନ ବାରିକ ପ୍ରୟାଗ ଦତ୍ତ ଯୋଷୀ, ଜଗଦୀଶ ପ୍ରସାଦ ଯୋଷୀ (କରଙ୍ଗାମାଲ) କେଜୁ ଦାସ, ମେଘନାଦ, ମେଦିନୀ ସିଂ, ଅମର ସିଂ ମାଝୀ ଆଜି ବି ନୂଆପଡା ଜିଲ୍ଲାର ଗର୍ବ ଓ ଗୌରବ ହୋଇ ରହିଥିବେ ।

ଓଡ଼ିଆ ବିଭାଗ
ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ
ଖଡିଆଳ, ଜି– ନୂଆପଡା

# ଓଡ଼ିଶାର ରତ୍ନ–ନୀଳମଣି ବିଦ୍ୟାରତ୍ନ

**ଶାରଦା ପ୍ରସାଦ ମହାନ୍ତି**

କଟକ ଜିଲ୍ଲାର ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ପୁରାଣ ପ୍ରସିଦ୍ଧ ଗ୍ରାମ ବୈଦ୍ୟେଶ୍ୱରର ବ୍ରଜବିହାରପୁର ଶାସନରେ ୧୮୬୬ ମସିହା ଡିସେମ୍ବର ମାସ ୧୪ ତାରିଖରେ ଭୂମିଷ୍ଠ ହୋଇଥିଲେ ନୀଳମଣି ବିଦ୍ୟାରତ୍ନ । ସେ କେବଳ ବାଙ୍କୀ ମାଟିର ମଣି ଓ ଗର୍ବଗୌରବ ନୁହନ୍ତି, ସେ ସମଗ୍ର ଓଡ଼ିଶାର ମଣି ଓ ଗର୍ବ–ଗୌରବ । ପଙ୍କରୁ ପଦ୍ମଫୁଲ ଜାତ ହେଲାପରି ୧୮୮୨ ମସିହାରେ ସେ ଭର୍ନାକୁଲାର ଶିକ୍ଷା ସମାପ୍ତି ପରେ ପିତା ସୌରୀଚରଣ କଟକରେ ରହୁଥିବା ଗୋବିନ୍ଦ ରଥଙ୍କ ନିକଟରେ ତାଙ୍କୁ ଛାଡି ଆସିଥିଲେ । ଗୋବିନ୍ଦ ରଥଙ୍କର ପିତା ସୌରୀଚରଣଙ୍କ ମାଉସୀପୁଅ ଭାଇ । ତେଣୁ ସେ ହିସାବରେ ଉଭୟ ପରିବାରର ସମ୍ପର୍କ ଥିଲା ଘନିଷ୍ଠ । ନୀଳମଣିଙ୍କର ହାତ ଅକ୍ଷର ଥିଲା ଅତି ସୁନ୍ଦର । କଚେରୀ ଦଲିଲ୍, ଦରଖାସ୍ତ, ଦସ୍ତାବିଜ୍ ଏପରିକି ପାଣ୍ଡୁଲିପି ପ୍ରସ୍ତୁତ କରିବାରେ ସେ ଥିଲେ ସିଦ୍ଧହସ୍ତ । ଥରେ ତାଙ୍କ ପ୍ରତିଭା ପରିଚୟକୁ ଜାଣିବା ପାଇଁ ରାଧାନାଥ ଏକ ଗୀତ ଲେଖିବାକୁ ନୀଳମଣିଙ୍କୁ କହିଥିଲେ । ବାଳକ ନୀଳମଣି 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଗୀତଟିକୁ ଲେଖିଦେଇ ନିଜର ପ୍ରତିଭାର ପରିଚୟ ଦେଇଥିଲେ । ଏଥିରେ ଖୁସି ହୋଇ ରାଧାନାଥ ରାୟ ତାଙ୍କୁ ୧୦ ଟଙ୍କା ଏବଂ ଏକ ଝରକଲମ ପୁରସ୍କାର ଦେଇଥିଲେ । ଏହାକୁ ପାଇ ନୀଳମଣି କବି ଭାବେ ଆତ୍ମସନ୍ତୋଷ ଲାଭ କରିଥିଲେ ।

ଏହାପରେ ସେ ବଡମ୍ବା ଗୋପୀନାଥପୁରଠାରେ ଶିକ୍ଷକ ଜୀବନ ଆରମ୍ଭ କରିଥିଲେ । ସେହିଠାରେ ହିଁ ଜଣେ ଆଦର୍ଶ ଶିକ୍ଷକ ଭାବେ ଏବଂ ତାଙ୍କର ଖ୍ୟାତି ଚତୁର୍ଦ୍ଦିଗରେ ବ୍ୟାପୀ ଯାଇଥିଲା । ତତ୍କାଳୀନ ରାଜା ଦାଶରଥି ମଙ୍ଗରାଜ ଏବଂ ତାଙ୍କର ରାଣୀ କୁସୁମବତୀ ତାଙ୍କୁ 'ବିଦ୍ୟାରତ୍ନ' ଉପାଧି ପ୍ରଦାନ କରିଥିଲେ । ରାତିରେ କରଞ୍ଜ ତେଲ ଏବଂ ପୋଲାଙ୍ଗ ତେଲର ବତୀ ଜାଳି ସେଇ ବତୀର ଆଲୋକରେ ନୀଳମଣି ଅନେକ ଗ୍ରନ୍ଥ ରଚନା କରିଥିଲେ । ତନ୍ମଧ୍ୟରୁ ଅନେକ ଦେଶାତ୍ମବୋଧକ ଲେଖା ଜାତୀୟତା ଭାବ ଉଦ୍ରେକ କରିପାରିଥିଲା । ୧୮୮୩ ମସିହାରେ ବାମଣ୍ଡା ରାଜା ବାସୁଦେବ ନିଜର ପ୍ରେସ୍‌ରେ ତାଙ୍କୁ ନିଯୁକ୍ତି ଦେଇଥିଲେ । ସେହିଠାରେ ହିଁ ତାଙ୍କର ପ୍ରତିଭାର ବିକାଶ ଘଟିଥିଲା । ୧୮୮୭ ମସିହାରେ ସମ୍ବଲପୁରଠାରେ 'ହିତୈଷିଣୀ' ପତ୍ରିକାର ସମ୍ପାଦନା ଦାୟିତ୍ୱରେ ରହି ସେ ଧରଣୀ ମିଶ୍ର, ଶ୍ରୀପତି ମିଶ୍ର, ବଳଭଦ୍ର ସୁଆର, ବୈକୁଣ୍ଠ ପୂଜାରୀ ଏବଂ ଉମାବଲ୍ଲଭ ଦାସଙ୍କ ସହାୟତାରେ ସମ୍ବଲପୁର କୋର୍ଟରେ ସାର୍ ଉଡ୍‌ବର୍ଣ୍ଣଙ୍କ ପ୍ରଚଳିତ ହିନ୍ଦୀଭାଷା ପରିବର୍ତ୍ତେ ୧୯୦୩ ଜାନୁଆରୀ ୧ ତାରିଖଠାରୁ ସେଠାରେ ଓଡ଼ିଆ ଭାଷା ପ୍ରଚଳନ କରିଥିଲେ ।

ତାଙ୍କର ଉଚ୍ଚକୋଟୀର ବାଗ୍ମୀତା ଏବଂ ନେତୃତ୍ୱରେ ସମ୍ବଲପୁର ଭାଷା ଆନ୍ଦୋଳନ ସଫଳ ହୋଇଥିଲା । ଭାରତ ସରକାରଙ୍କ ଗୃହ ସଚିବ ରିସେଲ୍ ମଧ୍ୟପ୍ରଦେଶର ଛତିଶଗଡ ଡିଭିଜନରୁ ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର, ବାମଣ୍ଡା, ରେଢାଖୋଲ, ସୋନପୁର ଏବଂ ଛୋଟନାଗପୁର ଡିଭିଜନରୁ ଗାଙ୍ଗପୁର ଏବଂ ବଣାଇ ଗଡଜାତ ଅଞ୍ଚଳକୁ ଓଡ଼ିଶାକୁ ହସ୍ତାନ୍ତର କରିବାକୁ ସର୍କୁଲାର ଜାରି କରିଥିଲେ । ତା ୩.୧୨.୧୯୦୨ରୁ ଅପରିବର୍ତ୍ତିତ ଥିବା ଏହି ନିଷ୍ପତ୍ତି ପରବର୍ତ୍ତୀ କାଳରେ ୧୯.୦୭.୧୯୦୫ରେ କାର୍ଯ୍ୟକାରୀ ହୋଇ ଓଡ଼ିଶା ଏକତ୍ରୀକରଣ ପର୍ବର ଅୟମାରମ୍ଭ ହୋଇଥିଲା । ଖଲିକୋଟଠାରେ ଅବସ୍ଥାପିତ କାଳରେ ରାଜା ହରିହର ମଙ୍ଗରାଜଙ୍କ ପୃଷ୍ଠପୋଷକତାରେ ପ୍ରକାଶିତ 'ପ୍ରଜାବନ୍ଧୁ' ପତ୍ରିକାର ସେ ହେଲେ ସମ୍ପାଦକ । ତାଙ୍କ ପ୍ରଚେଷ୍ଟାରେ ଗଞ୍ଜାମ ନାରୀକବି ଅନ୍ନପୂର୍ଣ୍ଣାଙ୍କର ପଦ୍ୟମାଳା ପୁସ୍ତକ ଗୋଧନବାହୁଡା, ବିଧବା ପ୍ରାର୍ଥନା ଇତ୍ୟାଦି ବହି ପ୍ରକାଶିତ ହୋଇଥିଲା ।

୧୯୦୩ ମସିହା ଜାନୁଆରୀ ୯ ତାରିଖରେ ରାଜା ହରିହର ମର୍ଦ୍ଦରାଜଙ୍କ ନେତୃତ୍ୱରେ ଗଞ୍ଜାମର ରମ୍ଭାଠାରେ ଗଞ୍ଜାମ ଜାତୀୟ ସଭା ଆରମ୍ଭ ହୋଇଥିଲା । ଏଥିରେ ମଧୁବାବୁ, ଗୌରୀଶଙ୍କର ରାୟ, ଧରାକୋଟ ରାଜା ମଦନମୋହନ ସିଂହଦେଓ, ମଞ୍ଜୁଷା ରାଜା ବାସୁଦେବ ରାଜାମଣି ଦେଓ, ରାଧାନାଥ ରାୟ ଏବଂ ବ୍ୟାସକବି ଫକିରମୋହନ ସେନାପତି ଯୋଗ ଦେଇଥିଲେ । ସ୍ୱାଗତ ଭାଷଣରେ ନୀଳମଣି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ସଂଗ୍ରାମ ହେବା ବିଧେୟ ବୋଲି ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ । ଜୟ ଉତ୍କଳ ଜନନୀ ଉଦ୍‌ଘୋଷଣା କରି ସେ ଓଡ଼ିଶା ପରିବର୍ତ୍ତେ ଉତ୍କଳ ନାମ ପ୍ରତିଷ୍ଠା ହେବା ପାଇଁ ଯୁକ୍ତି ଦର୍ଶାଇ ଥିଲେ । ଉତ୍କଳ ସଭା, ଉତ୍କଳ ସମ୍ମିଳନୀ, ଉତ୍କଳ ସମାରୋହ ଏବଂ ଉତ୍କଳ ସାହିତ୍ୟ ସମାଜର ନାମକରଣ ମୂଳରେ ବିଦ୍ୟାରତ୍ନଙ୍କର ଅଦ୍ୟମ ଚେଷ୍ଟା, ସାଧନା ଏବଂ ସ୍ୱପ୍ନ– ସଂକଳ୍ପ ହିଁ ନିହିତ ଥିଲା । ୧୯୦୩ ମସିହାରେ ଗଞ୍ଜାମର ବ୍ରହ୍ମପୁରଠାରେ ଯେଉଁ ବୈଠକ ଆହୂତ କରାଯାଇଥିଲା, ଏଥିରେ ପାରଳାଖେମୁଣ୍ଡିର ସାହିତ୍ୟିକ ଶ୍ୟାମସୁନ୍ଦର ରାଜଗୁରୁ ସଭାପତିତ୍ୱ କରିଥିଲେ । ପଣ୍ଡିତ ବିଶ୍ୱନାଥ କର, ମଧୁବାବୁ, ଗୋପବନ୍ଧୁ ଦାସ, ନନ୍ଦକିଶୋର ବଳ ଏବଂ ପ୍ରାବନ୍ଧିକ ଦେଶପ୍ରେମୀ କୃଷ୍ଣ ପ୍ରସାଦ ଚୌଧୁରୀଙ୍କ ସହାୟତାରେ ଏହି ସମ୍ମିଳନୀ ପ୍ରାଦେଶିକ ସ୍ତରରେ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ନିଆଯାଇଥିଲା ।

ବଙ୍ଗଳା, ବିହାର ଏବଂ ତେଲୁଗୁମାନଙ୍କର ଓଡ଼ିଆ ଭାଷା ପ୍ରତି ଯେଉଁ ଅସୂୟା ଭାବ ଥିଲା, ତାହାକୁ ତାଙ୍କରି ଆଗରେ ହିଁ ବୀରଦର୍ପରେ ବଖାଣିବା ପାଇଁ ସେ ଓଡ଼ିଆ ଭାଷାର ସ୍ଥାୟୀତ୍ୱ ଏବଂ ଅବିନଶ୍ୱର ରୂପକୁ ପ୍ରତିଷ୍ଠିତ କରିଥିଲେ । କେବଳ ଦେଶଗଠନ ପାଇଁ ତାଙ୍କର ଭୂମିକା ଯେ ଥିଲା ଗୁରୁତ୍ୱପୂର୍ଣ୍ଣ ତାହା ନୁହେଁ, କବିତା, ଗଳ୍ପ, ପ୍ରବନ୍ଧ ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରିବା ଥିଲା ତାଙ୍କର ପ୍ରଧାନ ଲକ୍ଷ୍ୟ । କବିତା ଲେଖାର ପ୍ରଭାବ ହିଁ 'ପ୍ରଜାବନ୍ଧୁ'ରେ ତାଙ୍କୁ ଶ୍ରେଷ୍ଠ ସମ୍ପାଦକ ରୂପେ ମର୍ଯ୍ୟାଦା ପ୍ରଦାନ କରିଥିଲା । ପ୍ରତିଟି ଓଡ଼ିଆ ପ୍ରାଣରେ ଉତ୍କଳ ସମ୍ମିଳନୀ ପାଇଁ ସେ ଏକ ନୂଆ ମନ୍ତ୍ରର ଦୀକ୍ଷା ପ୍ରଚାର କରିଥିଲେ । ତେଣୁ 'ଉତ୍କଳ ସମ୍ମିଳନୀ' ହିଁ ବିଦ୍ୟାରତ୍ନଙ୍କର ମାନସପ୍ରସୂତ ଥିଲା ।

ସମ୍ପାଦକ ଏବଂ ପ୍ରକାଶକ ବ୍ୟତୀତ ସେ ବିଭିନ୍ନ ରୋଗର ଔଷଧୀୟ ଉପଚାର ବିଧି ସମ୍ବଳିତ ପୁସ୍ତକ ମଧ୍ୟ ରଚନା କରିଥିଲେ । ସେସବୁ ହେଲା– ଜଳ ଚିକିତ୍ସା, ଶିରରୋଗ ଚିକିତ୍ସା, ଗଣ୍ଠିବାତ ଚିକିତ୍ସା, ଦୁବବଟା ଲେପନ, ଆଳୁ ଚିକିତ୍ସା, ପିତା ସେବନରୁ ରୋଗ ଆରୋଗ୍ୟ, ପ୍ରାଣାୟାମ ଯୋଗପଦ୍ଧତି, ବ୍ରହ୍ମ ସଂସ୍କାର, ପଇତା ମନ୍ତ୍ର, ଗୋ–ଚିକିତ୍ସା, ପଶୁ ଚିକିତ୍ସା, ତମାଖୁର ଅପକାରିତା ଇତ୍ୟାଦି ୨୩ଖଣ୍ଡ ଚିକିତ୍ସା ସମ୍ବନ୍ଧରେ ଗ୍ରନ୍ଥ ପ୍ରକାଶ କରିଥିଲେ ।

ଜାତୀୟତା ପ୍ରାଣରେ ଉଦ୍‌ବୁଦ୍ଧ, ଉତ୍କଳୀୟ ସଂସ୍କୃତିର ପ୍ରତୀକ, ଓଡ଼ିଆ ଭାଷା ଏବଂ ସାହିତ୍ୟର ସ୍ରଷ୍ଟା ଏବଂ ସନ୍ତକ ଏହି ବରପୁତ୍ରଙ୍କର ୧୯୨୩ ମସିହା ଜୁଲାଇ ୨୬ ତାରିଖ ମଙ୍ଗଳବାର ଦିନ କଟକଠାରେ ଦେହାବସାନ ଘଟିଥିଲା ।

ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ,ବାଙ୍କୀ
ପ୍ଲଟ୍ ନଂ– ଏଫ୍–୩୭୨,
ସେକ୍ଟର–୮, ସିଡିଏ, କଟକ

❖ ❖ ❖

# ଦେଶର ମୁକ୍ତି ଆନ୍ଦୋଳନରେ ଓଡ଼ିଆ ନାରୀମାନଙ୍କ ଭୂମିକା

ଅଧ୍ୟାପକ ବିକ୍ରମ କେଶରୀ ବର୍ମା

ବ୍ରିଟିଶ ସରକାରଙ୍କ ପରାଧୀନତାର ନାଗଫାଶରୁ ଭାରତମାତାକୁ ମୁକ୍ତ କରିବା ପାଇଁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୨୧ ମସିହା ଅସହଯୋଗ ଆନ୍ଦୋଳନଠାରୁ ଲବଣ ସତ୍ୟାଗ୍ରହ ଓ ୧୯୪୨ ମସିହାର ଭାରତଛାଡ଼ ଆନ୍ଦୋଳନ ପର୍ଯ୍ୟନ୍ତ ଯେତେସବୁ ଆନ୍ଦୋଳନ ହୋଇଥିଲା, ସେସବୁ ଆନ୍ଦୋଳନରେ ଓଡ଼ିଶାରେ ନାରୀମାନେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ ।

ରମାଦେବୀ, ସରଳା ଦେବୀ, ମାଳତୀ ଚୌଧୁରୀ, ରତ୍ନାଦେବୀ, ଅନ୍ନପୂର୍ଣ୍ଣା ମହାରଣା, ସୁଭଦ୍ରା ମହତାବ, ନନ୍ଦିନୀ ଶତପଥୀ ପ୍ରମୁଖ ମୁକ୍ତି ଆନ୍ଦୋଳନରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି କାରାବରଣ କରିଥିଲେ ।

### ରମାଦେବୀ

ମାତୃସ୍ଥାନୀୟ ରମାଦେବୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଜନନେତା ଗୋପବନ୍ଧୁ ଚୌଧୁରୀଙ୍କ ଧର୍ମପତ୍ନୀ ଥିଲେ ଓ ଉତ୍କଳଗୌରବ ମଧୁବାବୁ (ମଧୁସୂଦନ ଦାସ) ଙ୍କ ଭ୍ରାତା ଭୀମାଭୂଆଁ ଉପନ୍ୟାସର ଲେଖକ ଗୋପାଳବଲ୍ଲଭ ଦାସଙ୍କ କନ୍ୟା ଥିଲେ । ଗୋପବନ୍ଧୁ ଚୌଧୁରୀ ଯାଜପୁରର ଡ଼େପୁଟି କଲେକ୍ଟର ପଦ ପରିତ୍ୟାଗ କରି ୧୯୨୧ ମସିହା ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ ଓ ତାଙ୍କ ଧର୍ମପତ୍ନୀ ରମାଦେବୀ ନାରୀମାନଙ୍କୁ ସଂଗଠିତ କରି ଆନ୍ଦୋଳନର ମହାସ୍ରୋତରେ ସାମିଲ କରିବାର ଦାୟିତ୍ୱ ନେଇଥିଲେ । ସେ ଲବଣ ସତ୍ୟାଗ୍ରହ ଓ ଭାରତଛାଡ଼ ଆନ୍ଦୋଳନରେ ଝାସ ଦେଇ କାରାବରଣ କରିଥିଲେ । ଭାରତ ସ୍ୱାଧୀନ ହେବା ପରେ ସେ ନିଜ ସ୍ୱାମୀ ଗୋପବନ୍ଧୁ ଚୌଧୁରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କ୍ଷମତା ରାଜନୀତିକୁ ଯାଇନଥିଲେ ଓ ରଚନାତ୍ମକ କାର୍ଯ୍ୟରେ ନିଜକୁ ସଂପୃକ୍ତ କରିଥିଲେ । ବିନୋବା ଭାବେଙ୍କ ସର୍ବୋଦୟ ଆନ୍ଦୋଳନରେ ସେ ଯୋଗଦାନ କରି ରାଜ୍ୟରେ ସର୍ବୋଦୟ ଆନ୍ଦୋଳନକୁ ଲୋକପ୍ରିୟ କରାଇପାରିଥିଲେ । ସ୍ୱାମୀ ଗୋପବନ୍ଧୁ ଚୌଧୁରୀଙ୍କ ସହ ଭୂଦାନ ପାଇଁ ସମଗ୍ର ରାଜ୍ୟ ଗସ୍ତ କରି ହଜାର ହଜାର ଏକର ଜମି ସଂଗ୍ରହ କରି ଗରିବ ଭୂମିହୀନମାନଙ୍କୁ ବଣ୍ଟନ କରିଥିଲେ । ବନ୍ୟା ଅଧ୍ୟୁଷିତ ବରୀ ରାମଚନ୍ଦ୍ରପୁରଠାରେ ଆଶ୍ରମ ପ୍ରତିଷ୍ଠା କରିଥିଲେ । ଗୋପବନ୍ଧୁ ଚୌଧୁରୀଙ୍କ ଦେହତ୍ୟାଗ ପରେ ଆଶ୍ରମର ସଂପୂର୍ଣ୍ଣ ଦାୟିତ୍ୱ ସେ ବହନ କରିଥିଲେ । ଅରଟରେ ସୂତା କଟାଠାରୁ ଢ଼ିଙ୍କିରେ ଧାନ କୁଟିବା ପର୍ଯ୍ୟନ୍ତ ସବୁ କାମ ସେ କରୁଥିଲେ । କଟକ ଥୋରିଆସାହି ଭୂଦାନ ଅଫିସ୍ ପରିଚାଳନା ଦାୟିତ୍ୱରେ ସେ ବହୁଦିନ ଥିଲେ । ମୁକ୍ତି ସଂଗ୍ରାମରେ ରମାଦେବୀ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ । ସେ ସମଗ୍ର ରାଜ୍ୟରେ ମା' ରମାଦେବୀ ରୂପେ ପରିଚିତ ଅଟନ୍ତି ।

### ସରଳା ଦେବୀ

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ସାଧାରଣ ସଂପାଦିକା ଓ ଭାଗିରଥି ମହାପାତ୍ରଙ୍କ ଧର୍ମପତ୍ନୀ ସରଳା ଦେବୀ ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେ ଏକାଧିକବାର କାରାବରଣ କରିଥିଲେ । ତାଙ୍କ ନେତୃତ୍ୱରେ ଶହଶହ ନାରୀ ମୁକ୍ତି ଆନ୍ଦୋଳନରେ ଭାଗ ନେଇଥିଲେ । ସେ ଜମିଦାର ଘର ବୋହୂ ହୋଇଥିଲେ ମଧ୍ୟ ଗାଁ ଗାଁ ବୁଲି ମୁକ୍ତି ଆନ୍ଦୋଳନର ବାର୍ତ୍ତା ପ୍ରଚାର କରିଥିଲେ । ସେ ଅଳକାଶ୍ରମ ଦାୟିତ୍ୱରେ ଥିଲେ । ସେ ସୁଲେଖିକା ଓ ନାରୀ କବି ମଧ୍ୟ ଥିଲେ । ସେ ମଧ୍ୟ ସ୍ୱାଧୀନତା ପରେ କ୍ଷମତା ରାଜନୀତିରୁ ଦୂରତା ରଖି ରଚନାତ୍ମକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ ।

### ମାଳତୀ ଦେବୀ

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀଙ୍କ ଧର୍ମପତ୍ନୀ ମାଳତୀ ଚୌଧୁରୀ

ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ୧୯୪୨ ଭାରତଛାଡ଼ ଆନ୍ଦୋଳନରେ ଯୋଗଦେଇ କାରାବରଣ କରିଥିଲେ । ନବବାବୁ ମୁଖ୍ୟମନ୍ତ୍ରୀ ହେବାପରେ ସେ ଅନୁଗୁଳରେ ବାଜି ରାଉତ ଆଶ୍ରମ ପ୍ରତିଷ୍ଠା କରିଥିଲେ ଓ ସର୍ବୋଦୟ ଆନ୍ଦୋଳନରେ ଯୋଗ ଦେଇଥିଲେ । ନବବାବୁ ୧୯୫୬ ମସିହାରେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ପରେ ସର୍ବୋଦୟ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଅନୁଗୁଳରେ ଏକାଧିକ ଅନୁଷ୍ଠାନ ଗଢ଼ି ସେସବୁର ଦାୟିତ୍ୱରେ ଥିଲେ । ୧୯୭୫ରେ ଜରୁରିକାଳୀନ ପରିସ୍ଥିତି ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଘୋଷଣା କରିବାରୁ ସେ ନବବାବୁଙ୍କ ସହ ମିଶି ତାର ବିରୋଧ କରିଥିଲେ । ଓଡ଼ିଶାରେ ବୈଷୟିକ ଶିକ୍ଷା ପ୍ରଚାରରେ ମାଳତୀ  ଦେବୀଙ୍କ ମୁଖ୍ୟ ଅବଦାନ ଥିଲା ।

**ସୁଭଦ୍ରା ମହତାବ**

ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଓ ସ୍ୱାଧୀନତା ସଂଗ୍ରାମୀ  ଡଃ ହରେକୃଷ୍ଣ ମହତାବଙ୍କ ଧର୍ମପତ୍ନୀ ସୁଭଦ୍ରା ମହତାବ ସ୍ୱାଧୀନତା ସଂଗ୍ରାମରେ ସଂପୂର୍ଣ୍ଣ ଭାଗ ନେବାପାଇଁ ନିଜ ସ୍ୱାମୀଙ୍କୁ ସବୁବେଳେ ସାହାଯ୍ୟ କରିଆସିଥିଲେ । ତାଙ୍କର ପ୍ରେରଣା ଓ ସହଯୋଗ ପାଇ ନଥିଲେ ଡଃ ମହତାବ ଏତେ ଉପରକୁ ଉଠିବା ସମ୍ଭବ ହୋଇ ନଥାନ୍ତା । ତେଣୁ ସେ ପରୋକ୍ଷ ଭାବରେ ସ୍ୱାଧୀନତା ସଂଗ୍ରାମରେ ସାହାଯ୍ୟ କରିଥିଲେ । ଭାରତ ସ୍ୱାଧୀନତା ଲାଭ କରିବା ପରେ ସେ ୧୯୬୭ ମସିହାରେ ଭୁବନେଶ୍ୱରରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ ।

**ଅନ୍ନପୂର୍ଣ୍ଣା ମହାରଣା**

ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀଙ୍କ କନ୍ୟା ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶରତ ଚନ୍ଦ୍ର ମହାରଣାଙ୍କ ଧର୍ମପତ୍ନୀ ଅନ୍ନପୂର୍ଣ୍ଣା ମହାରଣା ପିତାମାତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମୁକ୍ତି ଆନ୍ଦୋଳନରେ ଯୋଗଦେଇଥିଲେ । ଭାରତ ସ୍ୱାଧୀନତା ଲାଭପରେ ସେ ରଚନାତ୍ମକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ ଓ ସର୍ବୋଦୟ ଆନ୍ଦୋଳନରେ ଯୋଗଦେଇଥିଲେ । ତାଙ୍କର ତ୍ୟାଗପୂତ ଜୀବନ ସମଗ୍ର ନାରୀ ଜାତିର ଅନୁକରଣୀୟ । ଚୁନୀ ଅପା ଏବେବି ଜୀବିତ ରହି ଦେଶ ମାତୃକା ସେବାରେ କାମ କରି ଚାଲିଛନ୍ତି ।

**ରମ୍ଭାଦେବୀ**

ରମ୍ଭାଦେବୀ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଏକାଧିକ ଥର କାରାବରଣ କରିଥିଲେ । ରମ୍ଭାଦେବୀ, ରମାଦେବୀ ଓ ସରଳା ଦେବୀଙ୍କ ସହ ସେ ରାଜ୍ୟର ବିଭିନ୍ନ ଅଂଚଳ ଗସ୍ତକରି ନାରୀମାନଙ୍କୁ ମୁକ୍ତି ଆନ୍ଦୋଳନର ବାଣୀରେ ଅନୁପ୍ରାଣିତ କରିଥିଲେ । ସ୍ୱାଧୀନତା ଲାଭ ପରେ ହରିଦାଶପୁର ଆଶ୍ରମ ଓ ସେବା ଚିକିତ୍ସାଳୟ ପ୍ରତିଷ୍ଠା କରି ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ ।

**ନନ୍ଦିନୀ ଶତପଥି**

ବିଶିଷ୍ଟ କବି କାଳିନ୍ଦୀ ପାଣିଗ୍ରାହୀଙ୍କ କନ୍ୟା ଓ ଦେବେନ୍ଦ୍ର ଶତପଥିଙ୍କ ଧର୍ମପତ୍ନୀ ନନ୍ଦିନୀ ଦେବୀଙ୍କ ଦାଦା ଭଗବତୀ ଚରଣ ପାଣିଗ୍ରାହୀ ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀ ଥିଲେ ଓ ଓଡ଼ିଶାର କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା ଥିଲେ । ତାଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ନନ୍ଦିନୀଦେବୀ ମୁକ୍ତି ଆନ୍ଦୋଳନରେ ଓ କମ୍ୟୁନିଷ୍ଟ ଆନ୍ଦୋଳନରେ ଭାଗ ନେଇଥିଲେ । ପରେ କଂଗ୍ରେସ ଦଳରେ ଯୋଗଦେଇ ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହେବାର ଗୌରବ ଲାଭ କରିଥିଲେ । କୁଜଙ୍ଗର ସ୍ୱାଧୀନତା ସଂଗ୍ରାମୀ ବୀରବର ସାମନ୍ତଙ୍କ ଧର୍ମପତ୍ନୀ ରତ୍ନମଣୀ ଜେନା ମୁକ୍ତି ଆନ୍ଦୋଳନରେ ଭାଗ ନେଇଥିଲେ ଓ ସ୍ୱାଧୀନତା ଲାଭପରେ ଏରସମା ନିର୍ବାଚନ ମଣ୍ଡଳୀରୁ ଏକାଧିକ ବାର ବିଧାୟକ ରୂପେ ନିର୍ବାଚିତ ହୋଇଥିଲେ ।

କେନ୍ଦ୍ରାପଡ଼ାର ସ୍ୱାଧୀନତା ସଂଗାମୀ ପୁରୁଷୋତ୍ତମ ନାୟକଙ୍କ ଧର୍ମପତ୍ନୀ ଧୀରାମଣୀ ଦେବୀ ମଧ୍ୟ ମୁକ୍ତି ଆନ୍ଦୋଳନରେ ଭାଗ ନେଇଥିଲେ ଓ ସ୍ୱାଧୀନତା ଲାଭ ପରେ ଜନ ସଂପର୍କ ରକ୍ଷା କରି ପଞ୍ଚାୟତ ଅଧକ୍ଷ୍ୟା ପଦ ମଣ୍ଡନ କରିଥିଲେ ।

ଏହିଭଳି ଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶତଶତ ନାରୀ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ କାରାବରଣ କରିଥିଲେ । ଆଜି ପବିତ୍ର ସ୍ୱାଧୀନତା ଦିବସରେ ସେମାନଙ୍କୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ ଅଟେ ।

ପୂର୍ବତନ ବିଧାୟକ,
ମାହାଙ୍ଗା

# ଯାଜପୁରରେ ମୁକ୍ତି ସଂଗ୍ରାମର ପଦଧ୍ୱନି

**ବିଜୟ କିଶୋର ସାମଲ**

**ଅସହଯୋଗ ଆନ୍ଦୋଳନରୁ ଭାରତଛାଡ ଆନ୍ଦୋଳନ**

ଗୋଲଟେବୁଲ ବୈଠକରୁ ଗାନ୍ଧୀ ଶୂନ୍ୟ ହସ୍ତରେ ଫେରିଲା ବେଳେ ଇଂରେଜ ସରକାର ତାଙ୍କ ଗଳାରେ ସାମ୍ପ୍ରଦାୟିକତାର ମାଳାଟିଏ ପିନ୍ଧାଇ ବିଦାୟ ଦେଲେ । ଏଣେ ଭାରତରେ ପାଦଦେଲା ମାତ୍ରେ ଭାଇସ ରାଏ ପାଛୋଟି ନେଇଥିଲେ କାରା ପ୍ରକୋଷ୍ଠକୁ । ହିନ୍ଦୁ, ମୁସଲମାନ, ଉଚ୍ଚ ନୀଚ ବର୍ଣ୍ଣ ଭେଦରେ ଭାରତର ସମାଜ ବ୍ୟବସ୍ଥାକୁ ତଳିତଳାନ୍ତ କରି ଏ ମହାଜାତିକୁ ବିଭାଜିତ କରିବାର ଇଂରେଜ ସରକାରର ଚକ୍ରାନ୍ତ ଗାନ୍ଧୀଙ୍କୁ ବ୍ୟଥିତ କଲା । ପ୍ରଥମେ ଆରମ୍ଭ କଲେ କାରାକକ୍ଷରେ ଅନଶନ । ମୁକ୍ତ ହେବା ପରେ ଦୀର୍ଘ ପଦଯାତ୍ରା । ଆଇନ ଅମାନ୍ୟ ଆନ୍ଦୋଳନର ଉତ୍ତାପ ସମାଜରୁ ପ୍ରଶମିତ ହେବା ପୂର୍ବରୁ ଏ ପଦଯାତ୍ରା ଥିଲା ସମାଜରୁ ଅସ୍ପୃଶ୍ୟତା ବିଲୋପ ପାଇଁ ଏକ ସଫଳ ପଦକ୍ଷେପ । ୧୯୩୩ ନଭେମ୍ବରରୁ ୧୯୩୪ ଅଗଷ୍ଟ ଯାଏଁ ସମଗ୍ର ଦେଶରେ ୧୨,୩୦୦ ମାଇଲ ଯାତ୍ରା କରି ଅସ୍ପୃଶ୍ୟମାନଙ୍କୁ ହରିଜନ ଭାବରେ ପରିଚିତ କରାଇ ଲୋକଙ୍କ ମନରୁ ସେମାନଙ୍କ ପ୍ରତି ଥିବା ଘୃଣା ଅପସାରିତ କରିବା ଦିଗରେ ଏହା ଥିଲା ଅଭିପ୍ରେତ ।

ଓଡ଼ିଶା ଗସ୍ତ କାଳରେ ୧୯୩୪ ମେ ୩୦ରୁ ଜୁନ୍ ୨ ତାରିଖ ଥିଲା ଯାଜପୁରରେ ପଦଯାତ୍ରାର ସମୟ । ଏହା ଥିଲା ଯାଜପୁରକୁ ଗାନ୍ଧୀଙ୍କର ପ୍ରଥମ ଆଗମନ । ଏହା ପୂର୍ବରୁ ୧୯୨୧ ମାର୍ଚ୍ଚ, ୧୯୨୭ ଡିସେମ୍ବରରେ ଗାନ୍ଧିଜୀ ଓଡ଼ିଶା ଆସି ଅସହଯୋଗ ଆନ୍ଦୋଳନକୁ ପ୍ରେରଣା ଯୋଗାଇ ଥିଲେ । ୧୯୨୧ ଜାନୁଆରୀ ୨୪ ତାରିଖରେ କାଠଯୋଡି ନଦୀ ବାଲିରେ ଗୋପବନ୍ଧୁ ଦାଶ ଏକ ବିରାଟ ସଭାରେ ଓଡ଼ିଶାରେ ଅସହଯୋଗ ଆନ୍ଦୋଳନର ଶୁଭାରମ୍ଭ କରି ସାରିଥିଲେ । ଏହା ପରେ ଯାଜପୁର ସବ୍‌ଡିଭିଜନର ବିଭିନ୍ନ ଅଞ୍ଚଳରେ କଂଗ୍ରେସର ବାର୍ତ୍ତା ପହଞ୍ଚିଗଲା । କଂଗ୍ରେସର ଚାରିଅଣିଆ ସଭ୍ୟ ସଂଗ୍ରହ ବ୍ୟାପକ ଭାବରେ ଚାଲିଲା, ସ୍ୱଦେଶୀ ଆନ୍ଦୋଳନର ବାର୍ତ୍ତା ଚାରିଆଡେ ପହଞ୍ଚିଲା । ଲୋକେ ବିଦେଶୀ ବସ୍ତ୍ର ବଦଳରେ ହାତ ବୁଣା ଲୁଗା ପରିଧାନ କରିବାକୁ ଲାଗିଲେ । ଖଦୀର ପ୍ରସାର ପାଇଁ ସୁକିନ୍ଦା, ହରିପୁର, ଯାଜପୁରର ନରସିଂହପୁର ଆଦି ସ୍ଥାନରେ ବୟନ ଶିକ୍ଷା କେନ୍ଦ୍ରମାନ ଆରମ୍ଭ ହୋଇଗଲା । ବରୀ, ଛତ୍ରପଡା, ଯାଜପୁରର ହରିପୁର, କଦଳା, ଖଣ୍ଡିତର, ସିଂହପୁର, ନନ୍ଦୀପୁର କଲ୍ୟାଣପୁର, ଚିକ୍‌କଣା ଆଦି ବିଭିନ୍ନ ସ୍ଥାନରେ ସ୍ୱରାଜ ଆଶ୍ରମମାନ ଖୋଲିଲା । ଯାଜପୁରର ତାରାମଦନ ଓ ବଡଚଣାର ଖଡଗପୁରଠାରେ ପ୍ରତିଷ୍ଠିତ ଆଶ୍ରମ ଅସହଯୋଗର ଆଦର୍ଶର ବାସ୍ତବ ରୂପାୟନ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଚାଲିଲା । ବଡଚଣାର କୃଷ୍ଣ ମୋହନ ରାଉତରାୟଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନ ପରିଚାଳିତ ହେଉଥିବାରୁ ତାଙ୍କୁ ଜେଲକୁ ନିଆଯାଇଥିଲା । ସେ ଥିଲେ ମୁକ୍ତି ସଂଗ୍ରାମର ଯାଜପୁରର ପ୍ରଥମ ରାଜନୀତିକ ବନ୍ଦୀ । ବୀରକୃଷ୍ଣ ନଗରରେ 'ସତ୍ୟ ସମାଜ' ଗଠିତ ହୋଇଥିଲା । ଏହି ଆଶ୍ରମଗୁଡିକରେ ୧୭ ବର୍ଷରୁ କମ୍ ପିଲାଙ୍କୁ ତାଲିମ ଦିଆଯାଇ ମଦ, ଗଞ୍ଜେଇ ଦୋକାନ ଓ ବିଦେଶୀ ଲୁଗା ଓ ଅନ୍ୟ ଜିନିଷ ବିକ୍ରୟ ଦୋକାନ ଆଗରେ ପିକେଟିଂ ପାଇଁ ପଠାଯାଉଥିଲା । ୧୯୩୦ମସିହା ପର୍ଯ୍ୟନ୍ତ ଅସହଯୋଗ ଆନ୍ଦୋଳନ ବିଭିନ୍ନ କାର୍ଯ୍ୟକ୍ରମ ନିଶା ନିବାରଣ, ଅସ୍ପୃଶ୍ୟତା ଦୂରୀକରଣ, ବିଦେଶୀ ଲୁଗା ପୋଡା, ବିଦ୍ୟାଳୟ, ମହାବିଦ୍ୟାଳୟ ଓ ସରକାରୀ ଚାକିରି ବର୍ଜନ ଆଦି ଚାଲିଲା । ୧୯୩୦ ମସିହାରେ ସୁରେନ୍ଦ୍ର ଦ୍ୱିବେଦୀ ଓ ବିନୋଦ କାନୁନ୍‌ଗୋ ପାଠପଢା ଛାଡି ଯାଜପୁରକୁ ଆସି ଯାଜପୁରରେ ଉଚ୍ଚ ବିଦ୍ୟାଳୟର ପିଲାଙ୍କୁ ଆନ୍ଦୋଳନରେ ସାମିଲ କରିଥିଲେ । ଅସହଯୋଗ ଆହ୍ୱାନରେ ଯାଜପୁର ସବ୍‌ଡିଭିଜନର ବହୁ ଛାତ୍ର ବିଦ୍ୟାଳୟ ଓ ମହାବିଦ୍ୟାଳୟ ବର୍ଜନ କରିଥିଲେ । ଏମାନଙ୍କ ମଧ୍ୟରେ ବରୀର

ଉମାଚରଣ ମହାନ୍ତି, ଗୁରୁଚରଣ ଜେନା, ବ୍ରଜମୋହନ ସିଂ, କାର୍ତ୍ତିକ ଚନ୍ଦ୍ର ମହାନ୍ତି, ପ୍ରୀତିପୁରର ବଳରାମ ପତି, ଅରଙ୍ଗାବାଦର ବିପିନ ବିହାରୀ ମହାନ୍ତି, ଚିଙ୍କଣାର ବୈଦ୍ୟନାଥ ଦାଶ, ବରହଟାର ଶାନ୍ତନୁ କୁମାର ଦାସ, ଧର୍ମଶାଳାର ଭକ୍ତ ଚରଣ ମହାନ୍ତି ଓ କୃପାସିନ୍ଧୁ ଖୁଣ୍ଟିଆ ସୁପରିଚିତ । ସରକାରୀ ଚାକିରି ଛାଡିଥିବା ବ୍ୟକ୍ତିମାନେ ଥିଲେ ବରୁହାଁର ଗଦାଧର ଦତ୍ତ, ଧର୍ମଶାଳାର ରାମଚନ୍ଦ୍ର ମିଶ୍ର, କଲ୍ୟାଣପୁରର ଲାଲମୋହନ ପଟ୍ଟନାୟକ, କୋରେଇର ବୈଷ୍ଣବ ଚରଣ ଦାସ ଆଦି ଅନେକ ।

ଯାଜପୁରର ଅହିୟାସ, ସୁକିନ୍ଦା, କଂସାଳଡିହ, ସିଦ୍ଧେଶ୍ୱର କଲ୍ୟାଣପୁର, ହରିପୁର, ବଡଚଣାର ଖଡଗପୁର ଆଦି ସ୍ଥାନରେ ବୁଣାକାର କେନ୍ଦ୍ର ଖୋଲି ଦେଶୀ ଲୁଗା ବୁଣା ହେଲା । ରାମବାଗର ଦୟାନିଧି ସ୍ୱାଇଁ ଓ ଜଗନ୍ନାଥ ନାୟକ ବାହାରୁ ତାଲିମ ନେଇ ଯାଜପୁରର ବିଭିନ୍ନ ସ୍ଥାନ ବୁଲି ଛାତ୍ର ଶିକ୍ଷକଙ୍କୁ ସୂତାକାଟିବା ଶିକ୍ଷା ଦେଇଥିଲେ ।

୧୯୩୦ ମାର୍ଚ୍ଚ ୧୨ ତାରିଖରେ ଲବଣ ଆଇନ ଅମାନ୍ୟ କରିବା ପାଇଁ ଗାନ୍ଧୀ ଆରମ୍ଭ କରିଥିବା ଐତିହାସିକ ଦାଣ୍ଡିଯାତ୍ରା ପ୍ରଭାବରେ ଓଡ଼ିଶାରେ ଗୋପବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହରଙ୍କ ନେତୃତ୍ୱରେ ଏକ ଦଳ କଟକ ସ୍ୱରାଜ ଆଶ୍ରମରୁ ବାଲେଶ୍ୱର ଇଞ୍ଚୁଡିକୁ ଲବଣ ଆଇନ ଅମାନ୍ୟ ପାଇଁ ଯାତ୍ରା କଲେ । ଏହି ଦଳରେ ଯାଜପୁରର ବଳରାମ ପତି, ସାଧୁ ଚରଣ ପାତ୍ରୀ, ଶ୍ରୀଧର ମହାରଣା ଓ ଉଦୟନାଥ ମହାନ୍ତି ଆଦି ଯୋଗ ଦେଇଥିଲେ । ଏହି ଅଭିଯାତ୍ରୀ ଦଳ କେନ୍ଦ୍ରାପଡାରୁ ଯାଜପୁର ଦେଇ ଇଞ୍ଚୁଡି ଯାଇଥିଲେ । ରମାଦେବୀଙ୍କ ନେତୃତ୍ୱରେ ଇଞ୍ଚୁଡି ଯାଇଥିବା ମହିଳା ଲବଣ ସତ୍ୟାଗ୍ରହୀମାନଙ୍କ ମଧ୍ୟରେ ଯାଜପୁର ବରୀର ଆଦରମଣି ଓ ହାରାମଣି ଦେବୀ ଜେଲ ଦଣ୍ଡ ଭୋଗ କରିଥିଲେ । ଲବଣ ଆଇନ ଭଙ୍ଗରେ ଯାଜପୁରରେ ଅନ୍ୟ ଯେଉଁମାନେ ସତ୍ୟାଗ୍ରହରେ ଯୋଗ ଦେଇଥିଲେ, ସେମାନଙ୍କ ମଧ୍ୟରେ ବଡଚଣାର ଶଶିଭୂଷଣ ଦାସ, ବରୀର ବଂଶୀଧର, ଭାଗୀରଥି ଦାସ, ରାଜକିଶୋର ମହାନ୍ତି, କୃପାସିନ୍ଧୁ ଖୁଣ୍ଟିଆ, ବିଂଝାରପୁର ବୈଦ୍ୟନାଥ ଦାସ, ଧର୍ମଶାଳାର ଇନ୍ଦ୍ରମଣି ଜେନାଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଲବଣ ସତ୍ୟାଗ୍ରହଠାରୁ ଭାରତଛାଡ ଆନ୍ଦୋଳନ ମଧ୍ୟରେ କାଳଖଣ୍ଡ ଥିଲା ଏକ ବୃହତ୍ତର ଆନ୍ଦୋଳନ ଓ ଚରମ ସଂଗ୍ରାମ ପାଇଁ ପ୍ରସ୍ତୁତି ପର୍ବ । ଏ ସମୟରେ ଯାଜପୁରରେ ଗ୍ରାମ ପୁନର୍ଗଠନ, ଖଦୀ ପ୍ରସାର, ବିଦେଶୀ ଜିନିଷ ବର୍ଜନ, ଟିକସ୍ ବନ୍ଦ, ସ୍ୱାଧୀନତାର ଶପଥ ପାଠ ଆଦି କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦିତ ହୋଇଥିଲା । ୧୯୩୫ ମସିହା ଜାନୁଆରୀ ୨୬ ତାରିଖରେ ପ୍ରିୟମ୍ବଦା ଦେବୀ, ଗୋବର୍ଦ୍ଧନ ପୁହାଣ, ଇନ୍ଦ୍ରମଣି ମହାନ୍ତି, ଗୋଲୋକ ବିହାରୀ ମହାନ୍ତି, କ୍ଷେତ୍ରବାସୀ ପଣ୍ଡା ବରୀଠାରେ କୃଷ୍ଣ କାମିନୀ ଦେବୀ ଓ ଲାଲ ମୋହନ ପଟ୍ଟନାୟକ କଲ୍ୟାଣପୁରଠାରେ ପୂର୍ଣ୍ଣ ସ୍ୱରାଜ ସଂକଳ୍ପ ପାଠ କରି ଜାତୀୟ ପତାକା ଉତ୍ତୋଳନ କରି କାରାବରଣ କରିଥିଲେ ।

ମା’ ରମାଦେବୀ ଏ ସମୟ ମଧ୍ୟରେ ଯାଜପୁରର କଲ୍ୟାଣ ପୁର, କଣ୍ଟାପାରୀ, ଅହିୟାସ, କୋରେଇ, ବରୀ ଆଦି ସ୍ଥାନରେ ପହଞ୍ଚି ମହିଳାମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିଥିଲେ । ଯାଜପୁର ଜନତାଙ୍କ ମଧ୍ୟରେ ଦେଶପ୍ରେମର ଭାବନା ଏହା ଫଳରେ ବଳିଷ୍ଠ ହୋଇ ଉଠୁଥିବା ବେଳେ ମହାତ୍ମା ଗାନ୍ଧୀଙ୍କର ଆଗମନ ଏହାକୁ ଆହୁରି ଅଧିକ ଶାଣିତ କରିଥିଲା । ଅସ୍ପୃଶ୍ୟତା ନିବାରଣ ଓ ରଚନାତ୍ମକ କାର୍ଯ୍ୟ ମାଧ୍ୟମରେ ସମାଜ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ତାଙ୍କର ଦରଦୀ ଆହ୍ୱାନ ଲୋକଙ୍କ ମନରେ ଗଭୀର ରେଖାପାତ କଲା । ଗାନ୍ଧୀଙ୍କର ବିଦାୟର ଅଳ୍ପଦିନ ପରେ ଆଇନ ଅମାନ୍ୟ ଆନ୍ଦୋଳନ ପ୍ରତ୍ୟାହୃତ ହେବାପରେ ଯାଜପୁରର ବହୁ ସ୍ଥାନରେ ପ୍ରତିଷ୍ଠିତ ହୋଇଗଲା କଂଗ୍ରେସ ସେବାଶ୍ରମ । ଏଗୁଡିକ ହେଲା ଗାନ୍ଧୀ ଆଦର୍ଶର ପ୍ରୟୋଗ ଶାଳା । ଏଇଠୁ ଆରମ୍ଭ ହେଲା ସ୍ୱାଧୀନତାର ଚରମ ସଂଗ୍ରାମ ପାଇଁ ପ୍ରସ୍ତୁତି ପର୍ବ ଦେଶ ମୁକ୍ତି ପାଇଁ ନିରବ ବିପ୍ଳବ ।

ବରେଣ୍ୟ ଗାନ୍ଧିବାଦୀ ଗୋପବନ୍ଧୁ ଚୌଧୁରୀ ଯାଜପୁରର ଅନାଗତ ବିପ୍ଳବର ପ୍ରଥମ ଶୁଭଶଙ୍ଖ ବଜାଇ ବରୀରେ ୧୩.୮.୩୪ରେ ଆରମ୍ଭ କଲେ ‘ସେବାଘର’ । ସେବା ଓ ସଂଗ୍ରାମର କର୍ମ କେନ୍ଦ୍ର । ପରବର୍ତ୍ତୀ ସଂଗ୍ରାମ ପାଇଁ ଯାଜପୁରର ଜନଚେତନାର ଅନବଦମିତ ଉତ୍ତେଜନା ସୃଷ୍ଟି ପାଇଁ ଏବଂ ଦେଶ ମାତୃକା ପ୍ରତି ଉତ୍ସର୍ଗୀକୃତ ସୁଦକ୍ଷ ବିପ୍ଳବୀ ସୃଷ୍ଟି କରିବା ଥିଲା ଏ ଆଶ୍ରମର ମୁଖ୍ୟ ଲକ୍ଷ୍ୟ । ଗାନ୍ଧୀ ଆଦର୍ଶନିଷ୍ଠ ରଚନାତ୍ମକ କାର୍ଯ୍ୟ ଥିଲା ଏସବୁର ମାଧ୍ୟମ । ମାତ୍ର ଅଳ୍ପ କେତେବର୍ଷ ମଧ୍ୟରେ ଏହି ଆଶ୍ରମ ଯାଜପୁର ବ୍ୟାପକ ଅଞ୍ଚଳର ଜନମାନସରେ ସ୍ୱାଭିମାନ, ସ୍ୱଦେଶ ପ୍ରେମର ଭାବନା ଦୃଢ କରିବା ସଙ୍ଗେ ସଙ୍ଗେ ଜାତି, ଧର୍ମ, ବର୍ଣ୍ଣ ପ୍ରତି ବିଦ୍ୱେଷ ଭାବମୁକ୍ତ ଏକ ଉଦାର ସମାଜ ଚେତନା ସଂଜାତ କଲା ।

ଏହା ମଧ୍ୟରେ ଭାରତର ରାଜନୀତିର ଦୃଶ୍ୟପଟରେ ବହୁ ପରିବର୍ତ୍ତନ ଘଟିଗଲା । ୧୯୩୫ ମସିହାରେ ସରକାର ନୂତନ

ଆଇନ ପ୍ରଣୟନ କରି ପ୍ରତ୍ୟେକ ପ୍ରଦେଶ ପାଇଁ ନିର୍ବାଚିତ ମନ୍ତ୍ରିମଣ୍ଡଳ ବ୍ୟବସ୍ଥା କଲେ । ୧୯୩୬ ମସିହାରେ ବିହାରରୁ ପୃଥକ ହୋଇ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ସ୍ୱୀକୃତ ହେଲା । ନୂତନ ଆଶା ଉନ୍ମାଦନା ଭିତରେ ୧୯୩୭ରେ ପ୍ରଥମ ନିର୍ବାଚନ ଅନୁଷ୍ଠିତ ହୋଇ ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଠିତ ହେଲା । ଏଥିରେ ଯାଜପୁରର ପ୍ରତିନିଧିତ୍ୱ କଲେ ବୀରବର ନାରାୟଣ ଚନ୍ଦ୍ର ଧିରନରେନ୍ଦ୍ର, ଦ୍ୱାରକାନାଥ ଦାସ, ସାଧୁଚରଣ ଦାସ, ମୋହନ ଦାସ ଓ ବୀର କିଶୋର ବେହେରା । ଓଡ଼ିଶାରେ ପ୍ରଥମେ ଏକ ଜନପ୍ରିୟ ସରକାର ଗଠିତ ହେବାପରେ ପ୍ରଗତିଶୀଳ ସଚେତନ କର୍ମୀମାନେ ଯୁଗ ଯୁଗ ଧରି ରାଜା ରାଜୁଡ଼ା ଅପଶାସନ ଅନ୍ୟାୟ, ଉତ୍ପୀଡନ ଓ ଅତ୍ୟାଚାରରୁ ଜନସାଧାରଣଙ୍କୁ ମୁକ୍ତ କରିବା ପାଇଁ ଆନ୍ଦୋଳନ ଆରମ୍ଭ କଲେ । ଏଥିରେ ଉତ୍ସାହିତ ହୋଇ ମୋଗଲବନ୍ଦୀ ଅଞ୍ଚଳରେ କୃଷକମାନେ ଜମିଦାରୀ ଶୋଷଣ ବିରୁଦ୍ଧରେ ଗଣ ଆନ୍ଦୋଳନ ଗଢି ତୋଳିଲେ । ଅବିଭକ୍ତ ଗଞ୍ଜାମ ଓ କଟକ ଜିଲ୍ଲାରେ କୃଷକ ଆନ୍ଦୋଳନ ଅଧିକ ଅନୁଭୂତ ହୋଇଥିଲା । ଇଂରେଜ ସାମ୍ରାଜ୍ୟବାଦକୁ ସମର୍ଥନ କରୁଥିବା ଯୁଗ ଯୁଗର ସାମନ୍ତବାଦର ଦିନ ଶେଷ ହୋଇଆସିଲା ।

ଯାଜପୁରର ସୁକିନ୍ଦା, ଗଡମଧୁପର, ପଛିକୋଟ, ଦର୍ପଣୀ ଓ ବଳରାମପୁର ଇଷ୍ଟେଟରେ କୃଷକ ଆନ୍ଦୋଳନ ଭୟଙ୍କର ରୂପ ନେଇଥିଲା । ସୁକିନ୍ଦାରେ ଡାକ୍ତର ଫନୀ ପାଲ୍‌ଙ୍କ ନେତୃତ୍ୱରେ ଆଦିବାସୀ ଓ କୃଷକମାନେ ଅତ୍ୟାଚାର ପ୍ରତିବାଦରେ ସଶସ୍ତ୍ର ସଂଗ୍ରାମ କରି ଗିରଫ ହୋଇଥିଲେ । ଧର୍ମଶାଳାର ପରମାନନ୍ଦ ମହାନ୍ତି, ବଳଦେବ ଲାଲ, ଭଗବାନ ରଥ ଓ ବଡଚଣାର କୃଷ୍ଣ ମୋହନ ରାଉତରାୟ, ଶଶିଭୂଷଣ ଦାସ, ବୃନ୍ଦାବନ ତ୍ରିପାଠୀ ଆଦି କଂଗ୍ରେସ ନେତୃବୃନ୍ଦ ଗଡମଧୁପୁର, ଦର୍ପଣୀ ଓ ବଳରାମପୁର ଅଞ୍ଚଳରେ କୃଷକ ଆନ୍ଦୋଳନକୁ ପରିଚାଳନା କରୁଥିଲେ । ୧୯୩୮ ସେପ୍ଟେମ୍ବର ୧/୨ ତାରିଖ ଦୁଇଦିନ ଧରି ଜେନାପୁରଠାରେ ନିଖିଳ ଭାରତ କୃଷକ ଦିବସ ପାଳନ ପାଇଁ କୃଷକ ସଭା ତରଫରୁ ଏକ ଐତିହାସିକ କୃଷକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏଥିରେ ଏକ ଲକ୍ଷ ଲୋକ ଯୋଗ ଦେଇଥିଲେ । ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ସୁରେନ୍ଦ୍ର ନାଥ ଦ୍ୱିବେଦୀ ସାରଙ୍ଗଧର ଦାସ ଆଦି ନେତାଗଣ ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେଇଥିଲେ । ଏ ସଭା ଢେଙ୍କାନାଳ ପ୍ରଜା ଆନ୍ଦୋଳନ ଚାଲୁଥିବା ବେଳେ ଅନୁଷ୍ଠିତ ହୋଇଥିବାରୁ ଏଥିରେ ଢେଙ୍କାନାଳର ୧୦ ହଜାର ଲୋକ ଯୋଗ ଦେଇଥିଲେ । ଏ ସମ୍ମିଳନୀ ଢେଙ୍କାନାଳ ପ୍ରଜା ଆନ୍ଦୋଳନକୁ ଅଧିକ ଶକ୍ତିଶାଳୀ କରିବା ଦିଗରେ ଏକ ବଳିଷ୍ଠ ଭୂମିକା ନିର୍ବାହ କରିଥିଲା ।

ଜମିଦାରୀ ଶୋଷଣରେ ପୂର୍ଣ୍ଣଚ୍ଛେଦ ପାଇଁ ବିଶ୍ୱନାଥ ଦାସ ମନ୍ତ୍ରିମଣ୍ଡଳ Orissa Tenancy Amendment Bill ଆଣି ଆଇନ୍‌ରେ ପରିଣତ କରିଥିଲେ ।

୧୯୩୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଇଂଲଣ୍ଡର ଯୋଗଦାନ ଭାରତରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା ଓ ଭାରତର ଜନଗଣଙ୍କ ଇଚ୍ଛା ବିରୋଧରେ ଏ ଦେଶର ସୈନ୍ୟ ଓ ସମ୍ବଳ ଯୁଦ୍ଧରେ ବିନିଯୋଗ କରାଯିବା ପ୍ରତିବାଦରେ ଦେଶର ସମସ୍ତ ମନ୍ତ୍ରୀ କଂଗ୍ରେସ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ । ଦେଶ ପୁଣି ଏକ ଅଶାନ୍ତ ବାୟୁମଣ୍ଡଳ ମଧ୍ୟକୁ ଟାଣିହୋଇ ଗଲା । ବିଦେଶୀ ଶାସନରୁ ମୁକ୍ତି ପାଇଁ ସ୍ୱପ୍ନ ଦେଖୁଥିବା ଭାରତର ଜନଗଣଙ୍କ ଆଗରେ ଏକ ଅନାକାଙ୍‌କ୍ଷିତ ଯୁଦ୍ଧ ଲଦି ଦିଆଗଲା । ଭାରତର ରାଜନୀତିକ ଭାଗ୍ୟାକାଶରେ ଏକ ଅଶୁଭ ଧୂମକେତୁର ଉଦୟ ହେଲା । ଏକ ବୃହତ୍ତର ଆନ୍ଦୋଳନର ଏହା ଥିଲା ସ୍ପଷ୍ଟ ପୂର୍ବାଭାସ ।

ଆଇନ ଅମାନ୍ୟ ଆନ୍ଦୋଳନ ଓ ଭାରତଛାଡ ଆନ୍ଦୋଳନ ମଧ୍ୟରେ ବ୍ୟବଧାନ ମାତ୍ର ଦଶବର୍ଷ । ଏହି ସମୟ ମଧ୍ୟରେ ଭାରତର ଜନମାନସରେ ସାମ୍ରାଜ୍ୟବାଦୀ ଶୋଷଣ ଅତ୍ୟାଚାର ବିରୋଧରେ ଏକ ଶକ୍ତିଶାଳୀ ଧାରଣା ବଦ୍ଧମୂଳ ହୋଇଯାଇଥିଲା । ଆଇନ ଅମାନ୍ୟ ଆନ୍ଦୋଳନ ଭାରତର ଜନଚେତନାରେ ଭୟମୁକ୍ତ ଆନ୍ଦୋଳନର ବୀଜ ବପନ କରିଥିଲା ଓ ଏ ମାଟିର ମଣିଷକୁ ଆତ୍ମବିଶ୍ୱାସ ଓ ଆତ୍ମତ୍ୟାଗର ମହାନ ଆଦର୍ଶରେ ଅଭିମନ୍ତ୍ରିତ କରିଦେଲା । ବୈଦେଶିକ ସରକାରର ଯେକୌଣସି ଅନ୍ୟାୟର ପ୍ରତିରୋଧ ଯେ ଜନତାର ଅଧିକାର, ଏହା ଶିକ୍ଷା ଦେଲା । ଭାରତୀୟ ମହିଳାମାନେ ଯେ ଅଗ୍ରଗାମୀ ଚେତନାରେ ସମୃଦ୍ଧ ଓ ବିପ୍ଳବର ରଣଯଜ୍ଞରେ ଆତ୍ମାହୂତି ଦେବାରେ ତତ୍ପର ଏକଥା ସମଗ୍ର ବିଶ୍ୱ ଦେଖି ଚମତ୍କୃତ ହେଲା । ଏକ ଅନ୍ତିମ ସଂଗ୍ରାମ ପାଇଁ ଏହି ସମୟ ଥିଲା ଅତ୍ୟାବଶ୍ୟକ ପ୍ରସ୍ତୁତି ପର୍ବ । ଏଇ ଦଶକର ଘଟଣାବଳୀ ଏକ କ୍ରାନ୍ତିକାରୀ ମହାନ୍ ସଂଗ୍ରାମ ପାଇଁ ଭାରତର ଜନଚେତନାକୁ ବହୁ ଭାବରେ ଅନୁପ୍ରେରିତ କଲା ଓ ଢେଙ୍କାନାଳରେ ପ୍ରଜାମଣ୍ଡଳର ବିଜୟ ଓ ଯାଜପୁରରେ କୃଷକ ଆନ୍ଦୋଳନର ସଫଳତା ପରେ ଇଂରେଜମାନଙ୍କର ସମର୍ଥନରେ ସଗର୍ବରେ ମଥା ତୋଳିଥିବା ସାମନ୍ତବାଦର ଶେଷ ଦୁର୍ଗଗୁଡିକର ପତନ ହେଲା । ସେଇ ସମାଧି ଉପରେ ମୁକ୍ତି ସଂଗ୍ରାମର ହେଲା ତୂର୍ଯ୍ୟନାଦ ।

### ଭାରତ ଛାଡ ଆନ୍ଦୋଳନ

ଭାରତ ଛାଡ ଆନ୍ଦୋଳନ ଥିଲା ବ୍ରିଟିଶ ସରକାର ବିରୋଧରେ ଭାରତୀୟମାନଙ୍କର ଶେଷ ସଂଗ୍ରାମ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଇଂଲଣ୍ଡ ଯେତେବେଳେ ଚରମ ବିପର୍ଯ୍ୟୟର ସମ୍ମୁଖୀନ ସେତିକିବେଳେ କଂଗ୍ରେସର ଅଧିବେଶନ ୧୯୪୨ ଅଗଷ୍ଟ ୭ ଓ ୮ ତାରିଖରେ ବମ୍ବେରେ ଅନୁଷ୍ଠିତ ହେଲା । ଯୁଦ୍ଧ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ବ୍ୟକ୍ତିଗତ ଆଇନ ଅମାନ୍ୟ କରି ହଜାର ହଜାର କଂଗ୍ରେସ କର୍ମୀ କାରାବରଣ କରିଥିଲେ ବି ସରକାରଙ୍କ ଉପରେ ତାହାର କୌଣସି ପ୍ରଭାବ ପଡି ନଥିଲା । ଯୁଦ୍ଧ କାଳରେ ଏକ ଅସ୍ଥାୟୀ ଜାତୀୟ ସରକାର ପ୍ରତିଷ୍ଠା ଦାବିକୁ ସରକାର ପ୍ରତ୍ୟାଖାନ କରି ସାରିଥିଲେ । ଏହିଭଳି ସଙ୍କଟଜନକ ପରିସ୍ଥିତିରେ ବମ୍ବେରେ ଅନୁଷ୍ଠିତ ହେଲା କଂଗ୍ରେସ ଅଧିବେଶନ । ଅଧିବେଶନର ଶେଷ ଅଗଷ୍ଟ ୮ ତାରିଖ ମଧରାତ୍ରିରେ ଇଂରେଜ ସରକାରଙ୍କୁ ଭାରତ ଛାଡିବା ପାଇଁ ଚରମ ପତ୍ର ଦେବାକୁ ନିଷ୍ପତ୍ତି ଗୃହୀତ ହୋଇଥିଲା । ଗାନ୍ଧୀଙ୍କ ଶେଷ ଆହ୍ୱାନ ଥିଲା 'କର ବା ମର' । ୯ତାରିଖ ମଧ୍ୟାହ୍ନ ପୂର୍ବରୁ ଭାରତର କୋଣ ଅନୁକୋଣରେ ସବୁ ନେତାଙ୍କୁ ଗିରଫ କରି ନିଆଗଲା । ନେତାଶୂନ୍ୟ ଭାରତର ଜନତା ସଂଗ୍ରାମକୁ ବୀର ଦର୍ପରେ ଲମ୍ଫ ପ୍ରଦାନ କଲା । ଗାନ୍ଧୀଙ୍କ ମହାନ ବାଣୀ ନିଜେ ନିଜର ନେତା ହୁଅକୁ ସ୍ମରଣ କରି ଆରମ୍ଭ ହୋଇଯାଇଥିଲା ସମଗ୍ର ଭାରତବର୍ଷର ସ୍ୱାଧୀନତାର ଶେଷ ସଂଗ୍ରାମ ।

ଓଡ଼ିଶା ଏଥିରେ ପଛରେ ପଡି ନଥିଲା । ପଛରେ ପଡିନଥିଲା ମଧ୍ୟ ଯାଜପୁର ଜିଲ୍ଲା । ଯାଜପୁରର ବାୟୁମଣ୍ଡଳରେ କୃଷକ ଆନ୍ଦୋଳନର ତାତି ଲିଭି ନଥିଲା । ବରୀ ସେବାଘରର କର୍ମୀମାନଙ୍କର ସଂଗ୍ରାମ ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିଲା । ସଂଗ୍ରାମୀ ଗଦାଧର ଦତ୍ତ ଓ ବିପିନ ବିହାରୀ ମହାନ୍ତିଙ୍କ ନେତୃତ୍ୱରେ ଲୋକାଲ ବୋର୍ଡର ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ ଜନତା ମନରେ କଂଗ୍ରେସ ଆଦର୍ଶ ପ୍ରତି ଶ୍ରଦ୍ଧା ଓ ସମ୍ମାନ ସଂଚାର କରିଥିଲା । ଯାଜପୁର ସବୁଠାରୁ ଅଧିକ ପ୍ରଭାବିତ ହୋଇଥିଲା ଗାନ୍ଧିଜୀଙ୍କ ହରିଜନ ପଦଯାତ୍ରାରେ ।

ଓଡ଼ିଶାରେ ସବୁନେତା ଜେଲରେ । ସୁରେନ୍ଦ୍ର ନାଥ ଦ୍ୱିବେଦୀ ଗୋପନରେ ପରିଚାଳନା କଲେ ସଂଗ୍ରାମ । କଟକ ହେଲା ତାଙ୍କର ଗୁପ୍ତ ନିବାସ । ଜାତୀୟ ସ୍ତରର ଗୁପ୍ତ ସଂଗଠନ ସହିତ ସମ୍ପର୍କ ରଖି 'କଂଗ୍ରେସ ବାର୍ତ୍ତା' 'ସତ୍ୟ ସମାଚାର' ନାମରେ ଦୁଇଟି ଲିଫଲେଟ ଲିଥୋ କରି ବିଭିନ୍ନ ଅଞ୍ଚଳକୁ କ୍ରମାଗତ ଭାବରେ ପଠାଗଲା । ସୁରେନ୍ଦ୍ର ବାବୁ ୧୩.୧୦.୪୨ରେ ଗିରଫ ହେବା ପର୍ଯ୍ୟନ୍ତ ଏ କାର୍ଯ୍ୟ ଥିଲା ଧାରାବାହିକ । ଏହି ଗୁପ୍ତ ଆନ୍ଦୋଳନାତ୍ମକ କାର୍ଯ୍ୟରେ ତାଙ୍କର ମୁଖ୍ୟ ସହଯୋଗୀ ଥିଲେ ରେଭେନ୍ସା କଲେଜର ଛାତ୍ର ଯାଜପୁର କଲ୍ୟାଣପୁରର ବାଙ୍କ ବିହାରୀ ଦାସ । ସେ ଏଥିପାଇଁ ଧରା ହୋଇ ୪ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ ହୋଇଥିଲେ । କଟକରୁ ଯାଜପୁର ଅଞ୍ଚଳରେ ଏ ଗୁପ୍ତ ପ୍ରଚାରପତ୍ର ଓ ନିର୍ଦ୍ଦେଶନାମା ପହଞ୍ଚୁଥିଲା ବଡଚଣାର କୃଷ୍ଣ ମୋହନ ରାଉତରାୟ, ବରୀର ଭଗୀରଥି ଦାସ, ପୂର୍ବ ଯାଜପୁରର ପଦ୍ମନାଭ ରାୟ ଓ ସୁକିନ୍ଦାର ଫନିପାଲ ଆଦି ଅନେକ ଆଗୁଆ କର୍ମୀଙ୍କ ନିକଟରେ ।

ଯାଜପୁରର ମୁଖ୍ୟ ଆଶ୍ରମ ବରୀ ସେବାଘରକୁ ୯ ତାରିଖରେ ଓ ତାରାମଦନ ଆଶ୍ରମକୁ ୧୦ ତାରିଖରେ ପୋଲିସ ସିଲ୍ କରିଦେଲେ । ବରୀ ଆଶ୍ରମର ଜିନିଷ ପତ୍ରକୁ ଫିଙ୍ଗି ଦିଆଗଲା । କେତେକ ଆସବାବପତ୍ର ପୂର୍ତ୍ତ ବିଭାଗ ଡାକ ବଙ୍ଗଳାକୁ ନିଆଗଲା । ଆଶ୍ରମରେ ଥିବା ଗୁଣନିଧି ମହାନ୍ତି ଓ ମଙ୍ଗଳା ସେନଗୁପ୍ତଙ୍କୁ ଗିରଫ କରାଯାଇ ଯାଜପୁର ଜେଲକୁ ପଠାଗଲା ।

ସେହି ୯ ତାରିଖରେ ବଡଚଣାର କର୍ମୀମାନେ ରାମଦାସପୁର ଜମିଦାରଙ୍କ କଚେରୀ ପୋଡି ଦେଇଥିଲେ । ୧୦ ତାରିଖ ଦିନ ଯାଜପୁର କଂଗ୍ରେସ୍ କର୍ମୀ ଓ ଓକିଲମାନେ ଏକ ସଭା କରି ଜାତୀୟ ନେତାମାନଙ୍କ ଖଲାସ ଓ ଜାତୀୟ ସରକାର ଗଠନ ପାଇଁ ଦାବି କରିଥିଲେ । ଯାଜପୁରରେ ହରତାଳ ପାଳନ କରାଯାଇଥିଲା । ଏହିଦିନ ଗୋପାଳପୁର ଡାକ ବଙ୍ଗଳାଠାରେ ଗୁପ୍ତରେ ମିଳିତ ହୋଇ ବଡଚଣା, ଧର୍ମଶାଳା, ବରୀର କେତେକ ଯୁବ ମରଣ ସେନା ବାହୀନୀ ଗଠନ କରିଥିଲେ । କଂଗ୍ରେସ କର୍ମୀମାନେ ୧୨ ତାରିଖ ଦିନ ଯାଜପୁର ଉଚ୍ଚ ବିଦ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ । ଏଥିରେ ଛାତ୍ରମାନେ ଯୋଗ ଦେଇଥିଲେ । ଏଥିରେ ତିନିଜଣ ଛାତ୍ର ଗିରଫ ହୋଇଥିଲେ । ଏହାପରେ ୧୩ ତାରିଖରେ ଅହିୟାସରେ ଥିବା ବିଦ୍ୟାଳୟକୁ ପୋଡି ଦେବାର ଉଦ୍ୟମ ହୋଇଥିଲା । ଅଗଷ୍ଟ ୧୬ ତାରିଖରେ ବରୀର ଧାରପୁର, ବାଲିଆ, ହଳଦୀବସନ୍ତ, କାଇପଡା ଅଞ୍ଚଳରେ ଏକାଧିକ ଶୋଭାଯାତ୍ରା ବାହାର କରାଯାଇଥିଲା । ଆନ୍ଦୋଳନକାରୀମାନେ ବରୀ ଜଳକର ଅଫିସ୍, ଚୌକିଦାର ଓ ଦଫାଦାରଙ୍କ ପୋଷାକ ପୋଡି ଦେଇଥିଲେ । ବରୀ ଆଶ୍ରମର ଜଗୁଆଳ ପୋଲିସଙ୍କୁ ଆକ୍ରମଣ କରି ଜିନିଷପତ୍ର ନେଇ ନିଆଁ ଲଗାଇ ଦେଇଥିଲେ ।

ଅଗଷ୍ଟ ୧୭ ତାରିଖ ଦିନ କାଇପଡା ପୋଷ୍ଟ ଅଫିସର କାଗଜପତ୍ର ବେଣୁଧର ବଳିଆର ସିଂ, ବସୁଦେବ ସାମଲ, ରାଧାକୃଷ୍ଣ

ସାମଲ, ରଷି ବେହେରା ଓ ଅନ୍ୟମାନେ ପୋଡି ଦେଇଥିଲେ । ପୋଷ୍ଟମାଷ୍ଟର ଏ ବିଷୟରେ ବିଂଝାରପୁର ଥାନାକୁ ଜଣାଇ ଦେଇଥିଲେ । ଏହିଦିନ ବାଲିଚନ୍ଦ୍ରପୁର ପୋଷ୍ଟ ଅଫିସ୍‌ରେ ନିଆଁ ଲଗାଇ ଦିଆଯାଇଥିଲା ଓ ହରିପୁର ହାଟଠାରେ ପର୍ଶୁରାମ ମହାନ୍ତିଙ୍କ ନେତୃତ୍ୱରେ ଦଳେ କଂଗ୍ରେସ ଲୋକ ପୋଲିସ ଅଫିସରଙ୍କୁ ଆକ୍ରମଣ କରି ତାଙ୍କର ପୋଷାକ ପୋଡି ଦେଇଥିଲେ । (ମହତାବ)

ଅଗଷ୍ଟ ୧୮ ତାରିଖ ଦିନ ଯାଜପୁର ଉଚ୍ଚ ବିଦ୍ୟାଳୟ ଉପରେ କେତେକ ଆନ୍ଦୋଳନକାରୀ ଛାତ୍ର ଚଢାଉ କରି ଆସବାବପତ୍ର ଭାଙ୍ଗି ଦେଇଥିଲେ । ଏହିଦିନ ରମ୍ଭା ଡାକବଙ୍ଗଳା ଉତ୍ତ୍ୟକ୍ତ ଜନତା ଆକ୍ରମଣ କରିଥିଲେ ।

ଅଗଷ୍ଟ ୧୯ ତାରିଖରେ ମଧୁବନ ହାଟଠାରେ ଏକ ବିରାଟ ଜନସଭା ପରମାନନ୍ଦ ମହାନ୍ତି ଓ ରାମଚନ୍ଦ୍ର ମିଶ୍ରଙ୍କ ଆୟୋଜନରେ କରାଯାଇ ଆନ୍ଦୋଳନକୁ ତୀବ୍ର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହିଦିନ ଯାଜପୁର ଉଚ୍ଚ ବିଦ୍ୟାଳୟର ଛାତ୍ରମାନେ ବିଦ୍ୟାଳୟ ପରିତ୍ୟାଗ କରି ଏକ ଶୋଭାଯାତ୍ରାରେ ଯାଇ ସାଧାରଣ ଲୋକଙ୍କ ଶୋଭାଯାତ୍ରା ସହିତ ସହର ପରିକ୍ରମା କରି କଚେରୀ ନିକଟରେ ସଭା କରିଥିଲେ । ଅଗଷ୍ଟ ୨୪ ତାରିଖରେ ଯାଜପୁର ଉଚ୍ଚ ବିଦ୍ୟାଳୟ ଓ ବିରଜା ଉଚ୍ଚ ବିଦ୍ୟାଳୟରେ ଧର୍ମଘଟ କରାଯାଇଥିଲା । ଧର୍ମଶାଳା ଅଞ୍ଚଳରେ ବିପ୍ଳବୀମାନେ ଜଳକର ଅଫିସ୍ ପୋଡି ଦେଇଥିଲେ । ଅଗଷ୍ଟ ୨୧ ତାରିଖରେ ବରୀ ସେବାଘରେ ବଳପୂର୍ବକ ପ୍ରବେଶ କରିଥିବା ହେତୁ ଭଗୀରଥି ଦାସ, ପ୍ରିୟମ୍ବଦା ଦେବୀ, ଗୋଦାବରି ଦେବୀ ଆଦିଙ୍କୁ ଗିରଫ କରାଯାଇଥିଲା । ଗୋପାଳପୁର ଡାକବଙ୍ଗଳାକୁ ପୋଡି ଦିଆଯାଇଥିଲା । ଯାଜପୁର ନିକଟରେ କେତେକ କଂଗ୍ରେସ କର୍ମୀ ଡାକବ୍ୟାଗ୍‌କୁ ନେଇଯାଇ ନିଆଁ ଲଗାଇ ଦେବା ସଙ୍ଗେ ସଙ୍ଗେ ୪୦୧ ଟଙ୍କା ନେଇଯାଇଥିଲେ । ବରୀ ମାଇନର ସ୍କୁଲରେ ହରତାଳ ପାଳନ କରାଯାଇଥିଲା । ଅଗଷ୍ଟ ୨୨ ତାରିଖ ଦିନ ବାଲିଚନ୍ଦ୍ରପୁର ତହସିଲ ଅଫିସ୍ ଓ ପୋଷ୍ଟ ଅଫିସ କାଗଜପତ୍ର ପୋଡାଯାଇଥିଲା । ସେଦିନ ନେଉଳପୁର, ଅରେଇର ରେଭିନ୍ୟୁ ଅଫିସ୍ ପୋଡି ଦିଆଗଲା ଓ ଆଖୁଆପଦା କେନାଲ କାଟି ଦିଆଯାଇଥିଲା ।

ଅଗଷ୍ଟ ୨୫ ତାରିଖରେ ପଦ୍ମନାଭ ରାୟ ଓ ଭଗବାନ ସାହୁଙ୍କ ନେତୃତ୍ୱରେ ଲୋକମାନେ ଦଶରଥପୁର ଜଳକର ଅଫିସ, ପୂର୍ତ୍ତ ବିଭାଗ ଡାକବଙ୍ଗଳା, ଇ.ଟି. ସ୍କୁଲ ଛତ୍ରପଡା ଡାକବଙ୍ଗଳା, ଜୟନ୍ତରା ଫାଣ୍ଡି ଆଦି ନିଆଁ ଲଗାଇ ପୋଲିସ ପୋଷାକ ପୋଡି ଦେଇଥିଲେ । କେତେକ ଲୋକ ଭଗବାନ ସାହୁଙ୍କ ନେତୃତ୍ୱରେ ଯାଇ ମନ୍ଦାରଖଣ୍ଡ ପଙ୍କଜ ଦେବତାଙ୍କ ଧାନ ଅମାର ଲୁଟ୍ କରି ସାଧାରଣ ଲୋକଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ ।

ଅଗଷ୍ଟ ମାସର ଶେଷ ଆଡକୁ ଯାଜପୁରରେ ଜନଆନ୍ଦୋଳନ ଉଗ୍ରରୂପ ଧାରଣ କରିଥିଲା । ପ୍ରତ୍ୟେକ ଅଞ୍ଚଳରେ ପୋଲିସର ନିର୍ମମ ଅତ୍ୟାଚାରର ପ୍ରତିବାଦ କରାଯାଇଥିଲା । ଭଦ୍ରକର ଭଣ୍ଡାରୀପୋଖରୀଠାରେ ୧୬/୮/୪୨ରେ ଘଟିଯାଇଥିବା ଥାନା ପୋଡି ଓ ପୋଲିସଙ୍କ ଉପରେ ନିର୍ମମ ଅତ୍ୟାଚାର ଓ ମୁଖ୍ୟ ରାସ୍ତାର ପୋଲ ଆଦି ଭାଙ୍ଗିବା କାମରେ ଯୋଗଦେଇ ଯାଜପୁରର ଭଗବାନ ସାହୁ, ପଦ୍ମନାଭ ରାୟ ଆଦି କଂଗ୍ରେସ କର୍ମୀ ଏଠାକୁ ଫେରି ପୂର୍ବ ଯାଜପୁରରେ ଆନ୍ଦୋଳନକୁ ତୀବ୍ରତର କରିଥିଲେ ।

ଅଗଷ୍ଟ ୨୫ ତାରିଖ ଦିନ କଟକର ଡି.ଏସ୍.ପି ଓ ଯାଜପୁର ମାଜିଷ୍ଟ୍ରେଟ ପୋଲିସ ଫୌଜ ସହିତ ପହଞ୍ଚିଲେ କାଇପଡାରେ । କାଇପଡା ପୋଷ୍ଟ ଅଫିସ ଘଟଣାରେ ଅଭିଯୁକ୍ତଙ୍କୁ ଧରିବା ଉଦ୍ଦେଶ୍ୟରେ ସେମାନେ ସେଠାରେ ବହୁ ସ୍ଥାନରେ ଅନୁସନ୍ଧାନ କଲେ । ୨୬ ତାରିଖ ସକାଳେ କାଇପଡାରେ ଏକ ସରକାର ବିରୋଧୀ ସଭା ପୂର୍ବ ନିର୍ଦ୍ଧାରିତ ମତେ ଆୟୋଜିତ ହୋଇଥିଲା । ଏହାକୁ ବେଆଇନ କହି କେତେକ ମୁଖ୍ୟ ଲୋକଙ୍କୁ ଗିରଫ କରି ଡିଏସ୍‌ପି ଓ ମାଜିଷ୍ଟ୍ରେଟ୍ ଯାଜପୁର ଫେରିବା ବେଳେ କଳାମାଟିଆଠାରେ ପ୍ରାୟ ୩ ହଜାର ଲୋକଙ୍କ ଘେରାଉର ସମ୍ମୁଖୀନ ହୋଇଥିଲେ । ନିରୀହ ଲୋକଙ୍କ ମୁକ୍ତିପାଇଁ ଲୋକେ ଦାବି କରି ପଥ ଅବରୋଧ କରିବାରୁ ପୋଲିସ୍ ଓ ଜନତା ମଧ୍ୟରେ ଦଙ୍ଗା ସୃଷ୍ଟି ହୋଇଥିଲା । ଲୋକଙ୍କୁ ଘଉଡାଇବା ପାଇଁ ପୋଲିସକୁ ୨୧ ରାଉଣ୍ଡ ଗୁଳି ଚଳାଇବାକୁ ପଡିଥିଲା । ଏଥିରେ ହାଟସାହିର ମାୟାଧର ଭୂୟାଁ, ହାଡିବନ୍ଧୁ ପଣ୍ଡା, ଶ୍ରୀରାମପୁରର ସାଉଁଟି ମଳିକ ଓ କୃଷ୍ଣ ନଗରର ସାନନ୍ଦ ସ୍ୱାଇଁ ପୁଲିସ ଗୁଳିରେ ନିହତ ହୋଇ ସହିଦ୍ ହୋଇଥିଲେ । ଏହା କଳାମାଟିଆ ହତ୍ୟାକାଣ୍ଡ ଭାବରେ ପରିଚିତ । ଏହି ଗୁଳିକାଣ୍ଡ ସମଗ୍ର ଯାଜପୁର ଅଞ୍ଚଳରେ ବିପ୍ଳବକୁ ଅଧିକ ପ୍ରଜ୍ୱଳିତ କରିଦେଲା । ଫଳରେ ଉତ୍ତେଜନା ବଢିବାକୁ ଲାଗିଲା ।

ଏହିଦିନ ଅପରାହ୍ନରେ ଅହିୟାସଠାରେ ପଦ୍ମନାଭ ରାୟଙ୍କ ନେତୃତ୍ୱରେ ବିରାଟ ଜନସଭାରେ ୨୭.୮.୪୨ରେ ଯାଜପୁର କଚେରୀ ଦଖଲ ପାଇଁ ନିଷ୍ପତ୍ତି ନିଆଗଲା । ଗୁପ୍ତରେ ଯାଜପୁରର ଚାରିଆଡକୁ ଖବର ଦିଆଗଲା ।

ଏହିଦିନ ଧାନମଣ୍ଡଳଠାରେ ବଡଚଣାର ନେତା କୃଷ୍ଣମୋହନ ରାଉତରାୟଙ୍କ ନେତୃତ୍ୱରେ ଏକ ସଭା କରାଯାଇ ମରଣ ସେନା ଦଳ ବଡଚଣା ଥାନା ପୋଡିବା ପାଇଁ ଠିକ୍ କଲେ ।

ଅଗଷ୍ଟ ୨୭ ତାରିଖ ଦିନ ଯାଜପୁରରେ ଅଗଷ୍ଟ ବିପ୍ଳବ ଚରମ ସୀମାରେ ପହଞ୍ଚିଲା । କାଇପଡା କଳାମାଟିଆ ଘଟଣାରେ ଗିରଫ ହୋଇଥିବା ସତ୍ୟାଗ୍ରହୀମାନେ ଯାଜପୁରରେ ପହଞ୍ଚିବା ପରେ ବାତାବରଣ ଉତ୍ତେଜନାପୂର୍ଣ୍ଣ ହୋଇଉଠିଲା । ସମସ୍ତ ଶୋଭାଯାତ୍ରା ଓ ସମାବେଶ ଉପରେ ୧୪୪ ଧାରା ପୋଲିସ ଜାରି କରିଦେଲା । ପୂର୍ବ ଯାଜପୁର ଆଡୁ ପଦ୍ମନାଭ ରାୟଙ୍କ ନେତୃତ୍ୱରେ ବୈଦ୍ୟନାଥ ଦାସ, ଶାନ୍ତନୁ କୁମାର ଦାସ, ନୃସିଂହ ଚରଣ ପଣ୍ଡା, ଭଗବାନ ସାହୁ, ଗୋପୀନାଥ ରାଉତ, ଦୁର୍ଯ୍ୟୋଧନ ରାଉତ, ଭାଗୀରଥି ରାୟ ଆଦିଙ୍କ ତତ୍ତ୍ୱାବଧାନରେ ଏକ ବିଶାଳ ଶୋଭାଯାତ୍ରା ସୁନ୍ଦରେଇମୁହଁଠାରୁ କଚେରୀ ଆଡକୁ ଆଗେଇ ଚାଲିଲା । ପୂର୍ବରୁ ଗୁପ୍ତ ଖବର ପାଇ ବରୀ, କୋରାଇ, ଧର୍ମଶାଳା ଅଞ୍ଚଳର ଶହ ଶହ ସଂଗ୍ରାମୀ ଯାଜପୁର ସହରରେ ସମବେତ ହୋଇସାରିଥିଲେ । ଏହାଥିଲା କାଇପଡା ଗୁଳିକାଣ୍ଡର ଯଥାର୍ଥ ପ୍ରତିବାଦ ।

୩୦ ହଜାର ଲୋକଙ୍କ ଏ ବିଶାଳ ସମାବେଶ ଓ ଶୋଭାଯାତ୍ରା ସେଦିନର ଅନୁବିଭାଗ ପ୍ରଶାସନକୁ ହତବାକ୍ କରି ଦେଇଥିଲା । ସମସ୍ତ ପ୍ରବେଶ ଦ୍ୱାର ରୁଦ୍ଧ, ଟେଲିଗ୍ରାଫ୍ ଓ ତାର ସବୁ ଅଚଳ । ଉପାୟ ନପାଇ ଏସ୍.ଡି.ଓ ରତ୍ନାକର ଷଡଙ୍ଗୀ ନେତା ପଦବାବୁଙ୍କ ହାତରୁ ଖଦଡ ପୋଷାକ ନେଇ ପିନ୍ଧିଲେ । ଅଫିସରୁ ବାହାରି ଆସିଲେ । ଅବଶ୍ୟ ପାରା ସାହାଯ୍ୟରେ ଆଗରୁ ସରକାରଙ୍କୁ ଖବର ଦିଆସରିଥିଲା । ଏଣେ ଆକାଶରୁ ହଠାତ୍ ଏକ ଉଡାଜାହାଜ ଆସି ଯାଜପୁର ସହରର କେତେକ ସ୍ଥାନରେ ନିଆଁହୁଳା ପକାଇବାରୁ ବିଶାଳ ଜନତା ବୋମାମାଡ ଭୟରେ ଛତ୍ରଭଂଗ ଦେଇ ପଳାଇଗଲେ । ସମଗ୍ର ଓଡ଼ିଶାରେ ଏହାଥିଲା ଅଗଷ୍ଟ ବିପ୍ଳବର ସବୁଠାରୁ ବଡ ଜନସମାବେଶ । ତାଳଚେରକୁ ଛାଡିଦେଲେ ବିପ୍ଳବ ଦମନ କରିବା ପାଇଁ ଯାଜପୁରକୁ କେବଳ ଯୁଦ୍ଧ ଉଡାଜାହାଜ ଆସିଥିଲା ।

ଆନ୍ଦୋଳନକାରୀମାନେ ଫେରିବା ବାଟରେ ରାମବାଗ ପୋଷ୍ଟ ଅଫିସ୍ ପୋଡି ଦେଇଥିଲେ । ତା'ପରଦିନ ଜେନାପୁରଠାରେ ଟେଲିଗ୍ରାଫ୍ ଖୁଣ୍ଟି ଓପାଡି ତାର କାଟି ଦିଆଯାଇଥିଲା ।

ଆନ୍ଦୋଳନର ବେଗ କମି ଯାଇଥିଲେ ମଧ ଏହା ସମ୍ପୂର୍ଣ୍ଣ ବନ୍ଦ ହୋଇ ନଥିଲା । ଅକ୍ଟୋବର ମାସରେ ଯାଜପୁର ରୋଡ ଓ ଜେନାପୁର ମଧ୍ୟରେ ରେଳଲାଇନରୁ ୪୦ଟି ଫିସ୍‌ପ୍ଲେଟ ଓ ୪୦ଟି ଚାବି ଲୋକେ କାଢି ନେଇଥିଲେ । ନଭେମ୍ବର ମାସରେ ବିଂଝାରପୁରର କୁଶୁନପୁରଠାରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ଉପରେ ଆକ୍ରମଣ ଓ ନପଙ୍ଗ ତହସିଲ ଉପରେ ଆକ୍ରମଣ କରାଯାଇଥିଲା ।

ଯାଜପୁର ଆନ୍ଦୋଳନ ଏପରି ଭୟଙ୍କର ହୋଇଥିଲା ଯେ ସରକାରୀ ରିପୋର୍ଟ କହେ, ଅଗଷ୍ଟ ଶେଷ ସପ୍ତାହରେ ଯାଜପୁରରେ ଘଟିଥିଲା ସର୍ବମୋଟ ୭୧ ବିପ୍ଳବାତ୍ମକ ଘଟଣା । ସେଥି ମଧ୍ୟରେ ଥିଲା ୨୬ ପୋଲିସ ପୋଷାକ ପୋଡି, ୫ଟି ଅବକାରୀ ଦୋକାନ ଲୁଟ୍, ୬ଟି ଜମିଦାର କଚେରୀ ପୋଡି, ୪ଟି ଡାକଘର ପୋଡି ଇତ୍ୟାଦି ।

ଏ ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ସରକାର ଅତ୍ୟନ୍ତ କଠୋର ପଦକ୍ଷେପ ଗ୍ରହଣ କରିଥିଲେ ଓ ବହୁ ଲୋକ ଗିରଫ ହୋଇଥିଲେ । ବରୀ ଅଞ୍ଚଳରେ ପୋଲିସ ମୃତୟନ କରାଯିବା ସହିତ କେତେକ ଗ୍ରାମରୁ ପୁନିଟିଭ୍ ଟ୍ୟାକ୍ସ ୬୦୦ ଟଙ୍କା ଆଦାୟ କରିଥିଲେ । ଯାଜପୁର ଆନ୍ଦୋଳନର ନେତା ପଦ୍ମନାଭ ରାୟ ଆତ୍ମଗୋପନ କରିବା ଫଳରେ ତାଙ୍କ ଗ୍ରାମ ଉପରେ ଅକଥନୀୟ ଅତ୍ୟାଚାର କରାଯାଇ ତାଙ୍କ ଘର ଭାଙ୍ଗି ଦିଆଯାଇ ଜିନିଷସବୁ ପୋଲିସ ଲୁଟି ନେଇଥିଲେ । ସେ ୨ବର୍ଷ ପରେ ଆତ୍ମସମର୍ପଣ କରିଥିଲେ । ସବୁଠାରୁ ଅଧିକ ଅତ୍ୟାଚାରିତ ହୋଇଥିଲେ ଭଗବାନ ସାହୁ । ସେ ସଂଗ୍ରାମର ଅଗ୍ରଭାଗର ନେତା ନଥିଲେ ମଧ ତାଙ୍କର ଅବଦାନ ଇତିହାସରେ ଅମ୍ଳାନ ରହିବ । ଅବିଭକ୍ତ କଟକ ବାଲେଶ୍ୱର ଉଭୟ ଜିଲ୍ଲାର ପୋଲିଙ୍କ ପାଇଁ ସେ ଥିଲେ ମୁଣ୍ଡ ବ୍ୟଥାର କାରଣ । ଯାଜପୁରରେ କାହିଁକି ସମଗ୍ର ଓଡ଼ିଶାରେ ସେ ହୋଇଥିଲେ ଅଗ୍ରଗଣ୍ୟ ସଂଗ୍ରାମୀ । ସେଇଭଳି ଜଣେ ସଂଗ୍ରାମୀ ଥିଲେ ବଡଚଣାର କୃଷ୍ଣମୋହନ ରାଉତରାୟ । ସମଗ୍ର ଓଡ଼ିଶାରେ ଯାଜପୁରରେ ଅଧିକ ସଂଖ୍ୟକ ମହିଳା ସଂଗ୍ରାମରେ ଅଂଶଗ୍ରହଣ କରିଥିଲେ ।

ଅବସରପ୍ରାପ୍ତ ପ୍ରାଧ୍ୟାପକ
ମଙ୍ଗଳପୁର, ଯାଜପୁର–୭୫୫୦୧୧

# କଳାପାଣି ପୁଣି ବୈଚିତ୍ର୍ୟମଣି

**ସଂଘମିତ୍ରା ଦେଓଭଞ୍ଜ**

ଭାରତର ସ୍ୱାଧୀନତା ପ୍ରାପ୍ତିର ଛଅଷଠି ବର୍ଷ ବିତିଯାଇଛି । ଅନେକ କଷ୍ଟ ସହି ବିଭିନ୍ନ ବାଧାବିଘ୍ନକୁ ସାମ୍ନା କରି ଭାରତୀୟମାନେ ଏହି ସ୍ୱାଧୀନତା ଲାଭ କରିଛନ୍ତି । ସ୍ୱାଧୀନତା ସଂଗ୍ରାମୀମାନଙ୍କର ଚେଷ୍ଟା, ତପସ୍ୟା ଓ ବଳିଦାନ ସର୍ବଦା ଆମ ସମସ୍ତଙ୍କର ସ୍ମରଣୀୟ । ଇଂରେଜ ଶାସନ ସମୟରେ ଭାରତୀୟମାନଙ୍କୁ ଅନେକ ସ୍ଥାନରେ ଅକଥନୀୟ ଅତ୍ୟାଚାର କରୁଥିବାର ନଜିର୍ ରହିଛି । ସେହିପରି ଏକ ବହୁଚର୍ଚ୍ଚିତ ସ୍ଥାନ ହେଉଛି ସୁଦୂର ଆଣ୍ଡାମାନ୍ ଓ ନିକୋବର ଦ୍ୱୀପପୁଞ୍ଜରେ ଅବସ୍ଥିତ ସେଲୁଲାର ଜେଲ୍ ବା ଏକକ–କୋଠରୀ କାରାଗାର । ଏହି କୁଖ୍ୟାତ ସ୍ଥାନଟି ସେତେବେଳେ 'କଳାପାଣି' ନାମରେ ପରିଚିତ ଥିଲା । ଯେଉଁମାନଙ୍କୁ ଏହି କଳାପାଣି ପଠାଯିବାର ଦଣ୍ଡରେ ଦଣ୍ଡିତ କରି ଆଣ୍ଡାମାନ ଦ୍ୱୀପପୁଞ୍ଜକୁ ପଠାଯାଉଥିଲା, ସେମାନଙ୍କ ମଧ୍ୟରେ ଭାଳେଣୀ ପଡ଼ିଯାଉଥିଲା । କଳାପାଣି ପ୍ରତି ସର୍ବସାଧାରଣଙ୍କ ମନରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହେଉଥିଲା । ସେଠାକୁ ଗଲେ ଜାହାଜରେ ବସି ସମୁଦ୍ର ପାରି ହୋଇ ଯିବାକୁ ପଡୁଥିଲା । ଯେଉଁଥିରେ ଜାତିରୁ ବାସନ୍ଦର ଭୟ ଥିଲା । ଆହୁରି ବେଶୀ ଭୟଥିଲା ଏଥିପାଇଁ ଯେ କଳାପାଣିରୁ କ୍ୱଚିତ୍ କେହି ବନ୍ଦୀ ସ୍ୱଗୃହକୁ ସକୁଶଳରେ ଫେରୁଥିଲେ । ସେଠାରେ ପ୍ରାୟତଃ ବନ୍ଦୀମାନଙ୍କର କଠିନ ଶାରୀରିକ ପରିଶ୍ରମ, ଉପଯୁକ୍ତ ଖାଦ୍ୟ ଓ ପାନୀୟର ଅଭାବ ଓ ନିଭୃତ କାରାଗାର କୋଠରୀମାନଙ୍କରେ ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ମୃତ୍ୟୁ ହୋଇଯାଉଥିଲା । ସେଠାରୁ ଲୁଚି ପଳାୟନ କରିବାର ବାଟ ମଧ୍ୟ ଆଦୌ ସହଜ ନଥିଲା । ମଝିରେ ଥିବା ଏକ କେନ୍ଦ୍ରୀୟ ଜଗୁଆଳୀ କୋଠାରୁ ଚକର ଦଣ୍ଡାଭଳି ସାତ ଦିଗକୁ ସାତଟି ଅଣଓସାରିଆ କୋଠା ଲମ୍ୱାରେ ନିର୍ମାଣ ହୋଇଥିଲା । ସେଥିମଧ୍ୟରୁ ଏବେ ମାତ୍ର ତିନୋଟି ରହିଛି । ବନ୍ଦୀମାନଙ୍କ ଲାଗି ଉଦ୍ଦିଷ୍ଟ ଏକକ–କୋଠରୀ ବା ସେଲ୍‌ଗୁଡ଼ିକରେ ତିନି ପାଖରେ କାନ୍ଥ ଥାଇ ସମ୍ମୁଖରେ ଲୁହା କବାଟ ଲାଗିଥିଲା । କୋଠରୀଗୁଡ଼ିକରେ କୌଣସି ଝରକା ନଥିଲା । ଅନ୍ୟ ବନ୍ଦୀଙ୍କ ସହ ଯେପରି କିଛି ଯୋଗାଯୋଗ ହୋଇ ନପାରିବ, ସେଥିଲାଗି କୋଠରୀଗୁଡ଼ିକର ସମ୍ମୁଖ ଭାଗରେ ଅନ୍ୟ କୋଠାଟିର କେବଳ ପଛପାଖ କାନ୍ଥ ରହିଥିଲା ।



ସରକାରୀ ରେକର୍ଡ଼ରୁ ଜଣାଯାଏ ଯେ ୧୯୦୬ ମସିହାରେ ଏହି କାରାଗାରର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା । ତାପରେ ଆରମ୍ଭ ହୋଇଯାଇଥିଲା ଇଂରେଜ ଶାସକମାନଙ୍କ ଦ୍ୱାରା ସେଠାକୁ ଅନ୍ୟାନ୍ୟ ଭାରତୀୟ ବନ୍ଦୀଙ୍କ ସହିତ ରାଜନୈତିକ ବନ୍ଦୀ ପ୍ରେରଣ । କଳାପାଣି ଯାଇଥିବା ରାଜନୈତିକ ବନ୍ଦୀମାନଙ୍କ ମଧ୍ୟରୁ କେତେଜଣ ପ୍ରମୁଖ ବ୍ୟକ୍ତି ହେଲେ– ବିନାୟକ ଦାମୋଦର ସଭରକର ଓ ତାଙ୍କ ଭାଇ ଗଣେଶ ଦାମୋଦର ସଭରକର, ନାନି ଗୋପାଲ ମୁଖାର୍ଜୀ, ବରିନ୍ଦ୍ର କୁମାର ଘୋଷ, ହେମଚନ୍ଦ୍ର ଦାସ, ଅଲତାନା ଫଜଲୁଲ୍ ହକ୍, ନନ୍ଦ କୁମାର ଇତ୍ୟାଦି । ଓଡ଼ିଶାରୁ ବରଗଡ଼ ଘେଁସର ଜମିଦାର ହଟେ ସିଂ କଳାପାଣିରେ ବନ୍ଦୀ ଅବସ୍ଥାରେ ମୃତ୍ୟୁବରଣ କରି ସହିଦ୍ ହୋଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆଣ୍ଡାମାନ୍ ଓ ନିକୋବର ଦ୍ୱୀପପୁଞ୍ଜ ଜାପାନ ଅଧୀନକୁ ଆସିଥିଲା । ୧୯୪୩

ମସିହାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏଠାକୁ ଆସି ଆଜାଦ୍ ହିନ୍ଦ୍ ଫୌଜର ସଂଗଠନକୁ ଆହୁରି ସକ୍ରିୟ କରି ‘ଦିଲ୍ଲୀ ଚଲୋ’ ଡାକରା ଦେଇଥିଲେ । ଏଠାକାର ଅଧିବାସୀ ଓ ବନ୍ଦୀମାନେ ତାଙ୍କୁ ସହଯୋଗ କରିଥିଲେ । ସାଧୀନତା ଆନ୍ଦୋଳନ ଓ ଅନେକ ଅତ୍ୟାଚାରର ମୂକସାକ୍ଷୀ ଏହି କୁଖ୍ୟାତ କାରାଗାର । ୧୯୭୯ ମସିହା ଫେବୃୟାରୀ ମାସ ୧୧ ତାରିଖ ଦିନ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ମୋରାର୍‌ଜୀ ଦେଶାଇ ଆଣ୍ଡାମାନ୍ ଓ ନିକୋବର ଦ୍ୱୀପପୁଞ୍ଜର ପୋର୍ଟବ୍ଲେୟାର୍‌ଠାରେ ଥିବା ଏହି ସେଲୁଲାର୍ ଜେଲ୍‌କୁ ଏକ ଜାତୀୟ ସ୍ମାରକୀ ପୀଠ ରୂପେ ଘୋଷଣା କରିଥିଲେ ।

କଳାପାଣି ରୂପେ ପରିଚିତ ଭାରତର ଏହି କେନ୍ଦ୍ରଶାସିତ ଆଣ୍ଡାମାନ୍ ଓ ନିକୋବର ଦ୍ୱୀପପୁଞ୍ଜର ଗ୍ରେଟ୍ ନିକୋବର ଦ୍ୱୀପ ନିକଟରେ ୨୦୧୩ ମଇ ମାସରେ ବିଶ୍ୱର ଏକ ପ୍ରମୁଖ ଜୈବ–ବିବିଧତା ଅଞ୍ଚଳ ହିସାବରେ ମାନ୍ୟତା ଲାଭ କରିଛି । ଜାତିସଂଘର ଶିକ୍ଷା, ବିଜ୍ଞାନ ଓ ସଂସ୍କୃତି ସଂସ୍ଥା ୟୁନେସ୍କୋର ପ୍ୟାରିସ୍‌ଠାରେ ଅନୁଷ୍ଠିତ ବିଶ୍ୱ ସମ୍ମିଳନୀରେ ଏହା ଘୋଷଣା କରାଯାଇଛି । ବିଶ୍ୱର ‘ମାନବ ଓ ଜୈବମଣ୍ଡଳ’ କାର୍ଯ୍ୟକ୍ରମରେ ଏହି ଅଞ୍ଚଳ ବର୍ତ୍ତମାନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ୧୦୩, ୮୭୦ ହେକ୍ଟର ଅଞ୍ଚଳ ବିଶିଷ୍ଟ ଏହି ଗ୍ରେଟ୍ ନିକୋବର ଦ୍ୱୀପ ଭାରତର ମୁଖ୍ୟ ସ୍ଥଳଭାଗଠାରୁ ପ୍ରାୟ ୧୩୦୦ କି.ମି. ଦକ୍ଷିଣ–ପୂର୍ବ ଦିଗରେ ଅବସ୍ଥିତ । ଭାରତର ସବୁଠାରୁ ଦକ୍ଷିଣତମ ସ୍ଥାନ ‘ଇନ୍ଦିରା ପଏଣ୍ଟ’ ଏହି ଦ୍ୱୀପରେ ଅବସ୍ଥିତ । ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପର ଉତ୍ତରକୁ ମାତ୍ର ୧୫୦ କି.ମି. ଦୂରତାରେ ଏହି ଗ୍ରେଟ୍ ନିକୋବର ଦ୍ୱୀପ ଅବସ୍ଥିତ । ଏଠିକାର କ୍ରାନ୍ତୀୟ ଆର୍ଦ୍ର ଚିରହରିତ୍ ଅରଣ୍ୟରେ ୧୮୦୦ ପ୍ରଜାତିର ପ୍ରାଣୀ ରହୁଥିବାର ଅନୁସନ୍ଧାନରୁ ଜଣାପଡ଼ିଛି । ବିଭିନ୍ନ ଉଦ୍ଭିଦ, ଗୁଳ୍ମ, ସ୍ଥଳଚର, ଜଳଚର ଓ ଉଭୟଚର ପ୍ରାଣୀଙ୍କ ସହିତ ଏଠାରେ ଅନେକ ପ୍ରକାର ସାମୁଦ୍ରିକ ଜୀବ ଓ ଉଦ୍ଭିଦ ମଧ୍ୟ ଦେଖାଯାଆନ୍ତି । ଶିକାର ଓ ଫଳମୂଳ ଉପରେ ନିର୍ଭର କରି ବଞ୍ଚୁଥିବା ମୂଳ ଆଦିମ ଅଧିବାସୀ ସମ୍ପେନ୍ ଓ ନିକୋବରୀ ସଂପ୍ରଦାୟର ଯାଯାବର ଶ୍ରେଣୀର ଲୋକମାନେ ଏହି ଦ୍ୱୀପରେ ବସବାସ କରନ୍ତି । ଏଠାରେ ଦେଖାଯାଉଥିବା କେତେକ ବିଶେଷ ପ୍ରଜାତି ହେଲେ, ‘ମେଗାପୋଡ଼’ ଯାହା କୁକୁଡ଼ା ପରି ଦେଖିବାକୁ କିନ୍ତୁ ସେ ମାଟି ଭିତରେ ଅଣ୍ଡା ଦେଇ ଉଷୁମ୍ କରିବା ଲାଗି ଉପରେ ମାଟି ଓ ପତ୍ର ଘୋଡ଼ାଇ ଦିଏ । ଏଠାରେ ନିର୍ଦ୍ଦିଷ୍ଟ ପ୍ରଜାତିର ଝିଟିପିଟି ଓ ପାଣି ଗୋଧି ମଧ୍ୟ ଦେଖାଯାଆନ୍ତି । ଜ୍ୟାଣ୍ଟ ରବର କ୍ରାବ ବା କଙ୍କଡ଼ା ଏଠାରେ ଦେଖାଯାଉଥିବା ଆଉ ଏକ ବିରଳ ଜୀବ । ଏହା ତାର ଶକ୍ତ ଗୋଡ଼ ସାହାଯ୍ୟରେ ନଡ଼ିଆ ଗଛ ଚଢ଼ି ନଡ଼ିଆ ତୋଳି, ତା ଚୋପା ଛଡ଼ାଇ ଭିତର ନରମ ଅଂଶ ଖାଇପାରେ । ଗ୍ରେଟ୍ ନିକୋବରରେ ଏକ ପ୍ରକାର କଙ୍କଡ଼ାଖିଆ ଲମ୍ବା ଲାଞ୍ଜ ଥିବା ମାଙ୍କଡ଼ ମଧ୍ୟ ଦେଖାଯାଆନ୍ତି, ଯେଉଁମାନେ ଉପକୂଳବର୍ତ୍ତୀ ହେନ୍ତାଳ ବଣରେ ରହିବାକୁ ପସନ୍ଦ କରନ୍ତି । ଲୁଣା ପାଣି କୁମ୍ଭୀର ଓ ଚମଡ଼ା ପିଠିଆ କଇଁଛ ମଧ୍ୟ ଏ ଅଞ୍ଚଳରେ ଦେଖାଯାଉଥିବା ସ୍ଥାନିକ ଜାତୀୟ ପ୍ରାଣୀ ।

ଏହିପରିଭାବେ ଗ୍ରେଟ୍ ନିକୋବର ଅଞ୍ଚଳଟି ପ୍ରକୃତିର ବିଭିନ୍ନ ବୈଚିତ୍ର୍ୟରେ ପରିପୂର୍ଣ୍ଣ । ଏହା ପୂର୍ବରୁ ଓଡ଼ିଶାର ଶିମିଳିପାଳ, ମେଘାଳୟର ନୋକରେକ୍, ମଧ୍ୟପ୍ରଦେଶର ପଞ୍ଚମାଢ଼ୀ, ତାମିଲ୍‌ନାଡୁର ନୀଳଗିରି ଓ ମୁନାର ଅଞ୍ଚଳ, ପଶ୍ଚିମବଙ୍ଗର ସୁନ୍ଦରବନ, ଛତିଶଗଡ଼ର ଅମରକଣ୍ଟକ, ନନ୍ଦାଦେବୀ ପର୍ବତ ଇତ୍ୟାଦି ଭାରତର ଆଠଟି ସ୍ଥାନ ୟୁନେସ୍କୋ ଜୈବ ବିବିଧ ମଣ୍ଡଳ ତାଲିକାରେ ସ୍ଥାନ ପାଇଥିଲା । ଗ୍ରେଟ୍ ନିକୋବରର ଯୋଗଦାନ ଫଳରେ ଏବେ ନଅଟି ସ୍ଥାନ ତାଲିକାରେ ରହିଲା । ବର୍ତ୍ତମାନ ସୁଦ୍ଧା ବିଶ୍ୱରେ ୧୧୭ଟି ଦେଶର ମୋଟ ୬୨୧ଟି ସ୍ଥାନ ଜୈବ ବିବିଧତା ମଣ୍ଡଳ ଶ୍ରେଣୀଭୁକ୍ତ ହେଇଛି । ଏହି ପଦକ୍ଷେପ ଦ୍ୱାରା ବିଶ୍ୱବ୍ୟାପୀ ଧାରଣୀୟ ବିକାଶ ନିମନ୍ତେ ସଚେତନତା ଆହୁରି ଜାଗ୍ରତ ହେବ । ଲକ୍ଷ ଲକ୍ଷ ବର୍ଷ ଧରି ଆଣ୍ଡାମାନ୍ ଓ ନିକୋବର ଦ୍ୱୀପପୁଞ୍ଜ ମୁଖ୍ୟ ଭୂଖଣ୍ଡଠାରୁ ପୃଥକ୍ ହୋଇ ରହିବା ଫଳରେ ଏଠାରେ ବିକାଶ ଲାଭ କରିଥିବା ପ୍ରାଣୀ ଓ ଉଦ୍ଭିଦ ଅନ୍ୟ ସ୍ଥାନରେ ପ୍ରାୟ ଦେଖାଯାଆନ୍ତି ନାହିଁ । ସ୍ଥାନୀୟ ପ୍ରଜାତିଙ୍କ ଉପରେ ଅଧିକ ଗବେଷଣା ହେଲେ ଆହୁରି ନୂଆ ନୂଆ ତଥ୍ୟ ଲୋକଲୋଚନକୁ ଆସିପାରିବ ।

ସ୍ୱାଧୀନତା ପୂର୍ବରୁ କଳାପାଣି ରୂପେ ମନରେ ଶିହରଣ ଜଗାଉଥିବା ଏହି ଅଞ୍ଚଳ ଏବେ ଜୈବ ବିବିଧତା ମଣ୍ଡଳ ହିସାବରେ ବିଶ୍ୱରେ ମାନ୍ୟତା ପାଇଛି । ଜାତିସଂଘର ଧାରଣୀୟ ବିକାଶ ନିମନ୍ତେ ଶିକ୍ଷା ଦଶନ୍ଧି (୨୦୦୫–୨୦୧୪) ପାଳନ ଅବସରରେ ଏହି ପଦକ୍ଷେପ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ । ପ୍ରାକୃତିକ ପରିବେଶ ତଥା ଐତିହ୍ୟର ସୁରକ୍ଷା ଓ ଉନ୍ନତି କରିବା ଏବଂ ଜୀବମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ ଅଟେ । ଏହି ଜୈବ ବିବିଧତା ସମ୍ବଳ ପ୍ରତି ଆମର ଦାୟିତ୍ୱବୋଧ, ଆମର ଚିନ୍ତା ଓ କାର୍ଯ୍ୟରେ ପ୍ରତିଫଳିତ ହେବା ଏକାନ୍ତ ଆବଶ୍ୟକ । ଜନସାଧାରଣ ଏହି ଦିଗରେ ସଚେତନ ହେଲେ ତାହା ବିଶ୍ୱ ଭ୍ରାତୃତ୍ୱ, ବିଶ୍ୱ ଐତିହ୍ୟ ଓ ପରିବେଶ ସୁରକ୍ଷା ଦିଗରେ ସହାୟକ ହେବ ।

୯୪୫, ମହାନଦୀ ବିହାର, କଟକ

# ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଗଡ଼ଜାତ

**ସତ୍ୟବାଦୀ ବଳିଆରସିଂହ**

'ଗଡ଼ଜାତ' କହିଲେ ଅନେକ ତାହା ଠିକ୍ ଭାବେ ବୁଝିପାରନ୍ତି ନାହିଁ । ଗଡ଼ଜାତ ମିଶ୍ରଣ ଯୋଗୁଁ ଓଡ଼ିଶା ରାଜ୍ୟର କଳେବର ବୃଦ୍ଧି ପାଇଥିଲା ଓ ଜିଲ୍ଲା ସଂଖ୍ୟା ୬ ରୁ ୧୩ ହୋଇଥିଲା । ତାହା ମଧ୍ୟ ଅନେକ ଅବଗତ ନୁହନ୍ତି । ପରବର୍ତ୍ତୀ ସମୟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଉଦ୍ୟମକ୍ରମେ ୧୯୯୨ରେ ଜିଲ୍ଲା ସଂଖ୍ୟା ୧୩ରୁ ୧୭, ୧୯୯୩ ରେ ଜିଲ୍ଲା ସଂଖ୍ୟା ୧୭ ରୁ ୨୭ ଏବଂ ୧୯୯୪ରେ ଏହା ୩୦କୁ ବୃଦ୍ଧି ପାଇଥିଲା । ପରାଧୀନ ଭାରତରେ ଓଡ଼ିଶାରେ ଥିବା ବ୍ରିଟିଶ ଶାସିତ ଅଂଚଳ ଭଳି ଗଡ଼ଜାତମାନଙ୍କରେ ସ୍ୱାଧୀନତା ଆନ୍ଦୋଳନର ଝଲକ ଦେଖିବାକୁ ମିଳିଥିଲା ।

ବ୍ରିଟିଶ ଶାସିତ ଭାରତରେ ୬୫୪ଟି କ୍ଷୁଦ୍ର, ମଧ୍ୟମ ଓ ବୃହତ ଗଡ଼ଜାତ ରାଜ୍ୟମାନଙ୍କରେ କରଦ ରାଜା–ମହାରାଜା, ଶାହା–ବାଦଶାହମାନଙ୍କର ଶାସନ ଚାଲୁଥିଲା । ଓଡ଼ିଶାରେ ୨୬ଟି ଗଡ଼ଜାତ ମଧ୍ୟରୁ ୨୨ଟିରେ ରାଜା ଏବଂ କଳାହାଣ୍ଡି, ପାଟଣା, ସୋନପୁର (ସୁବର୍ଣ୍ଣପୁର) ଓ ମୟୂରଭଞ୍ଜରେ ମହାରାଜା ଶାସନ କରୁଥିଲେ । ଏହି ଗଡ଼ଜାତମାନଙ୍କ ମଧ୍ୟରୁ ଷଢ଼େଇକଳା ଓ ଖରସୁଆଁ ଝାଡ଼ଖଣ୍ଡରେ ଥିବାବେଳେ ଅବଶିଷ୍ଟ ୨୪ଟି ଗଡ଼ଜାତ ଓଡ଼ିଶାରେ ସାମିଲ ହୋଇଛି । ଗଡ଼ଜାତ ଶାସନରେ ଶାସିତ ହୋଇ ବେଠି, ବେଗାରି, ମାଗଣ, ରସଦ, ଶୋଷଣ, ପେଷଣ, ଉତ୍ପୀଡ଼ନ ଏବଂ ନିଷ୍ପୀଡ଼ନ ଦ୍ୱାରା ପ୍ରଜାକୁଳ ହନ୍ତସନ୍ତ ଓ ତଳିତଳାନ୍ତ ହେଉଥିଲେ । ରାଜ୍ୟରେ ରାଜାଙ୍କ ମୁଖନିସୃତ ବାଣୀ ଆଇନ ରୂପେ ଗଣ୍ୟ ହେଉଥିଲା । କୌଣସି ପ୍ରଜା ଏହି ଅନ୍ଧାରି ଶାସନ ବିରୋଧରେ ପ୍ରତିବାଦ କଲେ ତାଙ୍କୁ ଜେଲ ଜୋରିମାନା ଆଦି ଦଣ୍ଡ କିଂବା ରାଜ୍ୟରୁ ବିତାଡ଼ିତ କରି ଦିଆଯାଉଥିଲା । ଏହା ସତ୍ତ୍ୱେ ପ୍ରଜାମାନଙ୍କ ଅସନ୍ତୋଷ ସମୟେ ସମୟେ ଅତ୍ୟାଚାରୀ ଶାସକମାନଙ୍କ ବିରୋଧରେ ବିଦ୍ରୋହ ରୂପେ ପ୍ରକାଶ ପାଉଥିଲା । କିନ୍ତୁ ରାଜାମାନେ ନିଜ ରାଜ୍ୟର ପୁଲିସ ଏବଂ ଆବଶ୍ୟକ ସ୍ଥଳେ ବ୍ରିଟିଶ ଅଧିକୃତ ଅଞ୍ଚଳର ପୁଲିସମାନଙ୍କ ସାହାଯ୍ୟରେ ଆନ୍ଦୋଳନକାରୀଙ୍କୁ ନିର୍ମମ ଭାବରେ ଦମନ କରୁଥିଲେ ।

ଓଡ଼ିଶାରେ ଥିବା ଗଡ଼ଜାତମାନଙ୍କ ମଧ୍ୟରୁ କେନ୍ଦୁଝରରେ ୧୮୬୩ ମସିହାର ରତ୍ନାମେଳି ଓ ୧୮୮୧ ମସିହାରେ ଧରଣୀଧର ଭୂୟାଁମେଳି ଏବଂ ୧୮୮୨ ମସିହାରେ କଳାହାଣ୍ଡି ରାଜ୍ୟର କନ୍ଧମେଳି ପ୍ରଭୃତି ଘଟଣା ଉନବିଂଶ ଶତାବ୍ଦୀର ରାଜ ଶାସନ ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶର ଜ୍ୱଳନ୍ତ ଉଦାହରଣ ଅଟେ । ୧୯୦୮ ମସିହାରେ ବାମଣ୍ଡା, ୧୯୧୪ରେ ଦଶପଲ୍ଲା, ୧୯୧୬ରେ ମୟୂରଭଞ୍ଜ, ୧୯୨୨ରେ ଢେଙ୍କାନାଳ, ୧୯୨୨ ଓ ୧୯୩୨ରେ ତାଳଚେର ପ୍ରଭୃତି ଗଡ଼ଜାତମାନଙ୍କର ପ୍ରଜା ଆନ୍ଦୋଳନ ହୋଇଥିଲା ।

ବ୍ରିଟିଶ ଶାସିତ ଅଂଚଳଗୁଡ଼ିକରେ ସ୍ୱାଧୀନତା ହାସଲ ନିମନ୍ତେ ୧୯୨୦ ମସିହାରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା । ଗଡ଼ଜାତ ଅଂଚଳର ସ୍ୱେଚ୍ଛାଚାରୀ ରାଜା ମହାରାଜାଙ୍କ ବିରୋଧରେ ଆନ୍ଦୋଳନ ହେବା ପାଇଁ ସ୍ଥିର ହେବାରୁ 'ଷ୍ଟେଟ୍ସ ପିପୁଲ୍ସ ଷ୍ଟାଣ୍ଡିଂ କମିଟି' ନାମକ ଏକ କମିଟି ଗଠନ କରାଯାଇଥିଲା । ସର୍ବଭାରତୀୟ ସ୍ତରରେ ୧୯୩୧ ମସିହାରେ ପଟ୍ଟାଭି ସୀତାରାମେୟା ଏହାର ଦାୟିତ୍ୱ ନେବାବେଳେ ଓଡ଼ିଶାରେ ଡଃ ହରେକୃଷ୍ଣ ମହତାବ ଓ ସାରଙ୍ଗଧର ଦାସ ଏହାର ଦାୟିତ୍ୱ ନେଲେ । ଗଡ଼ଜାତମାନଙ୍କରେ ହେଉଥିବା ଅନ୍ୟାୟ ଅତ୍ୟାଚାର ସମ୍ବନ୍ଧରେ ତଥ୍ୟ ସଂଗ୍ରହ ପାଇଁ 'ଓଡ଼ିଶା ଦେଶୀୟ ରାଜ୍ୟ ଅନୁସନ୍ଧାନ କମିଟି 'ଡଃ ହରେକୃଷ୍ଣ ମହତାବଙ୍କ ଅଧ୍ୟକ୍ଷତାରେ ଗଠିତ ହେଲା । ଲୋକସେବକ ମଣ୍ଡଳରେ ସଦସ୍ୟ ବଳବନ୍ତରାୟ ମେହେଟ୍ଟା ଓ ଲାଲମୋହନ ପଟ୍ଟନାୟକ ଏହି କମିଟିର ସଦସ୍ୟ ଥିଲେ ।

ଅନୁସନ୍ଧାନ କମିଟି ବିଭିନ୍ନ ବୈଠକରେ ପ୍ରାୟ ଦୁଇ ହଜାର ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରି ଦୁଇଖଣ୍ଡ ପୁସ୍ତକରେ ଏହି ରିପୋର୍ଟ ଦେଇଥିଲେ । ସମ୍ଭବତଃ ପ୍ରଥମଥର ପାଇଁ ଗଡ଼ଜାତ ଶାସନର ଦୋଷ ଦୁର୍ବଳତା ଜନସାଧାରଣରେ ପ୍ରକାଶ କରାଯାଇଥିଲା ।

୧୯୩୮ ମସିହାରେ ଓଡ଼ିଶାର ବିଭିନ୍ନ ଗଡ଼ଜାତରେ ପ୍ରଜାମଣ୍ଡଳ ଗଠିତ ହୋଇଥିଲା । ଏହି ଗଡ଼ଜାତଗୁଡ଼ିକ ହେଲା– ନୀଳଗିରି, ରଣପୁର, ଢେଙ୍କାନାଳ, ତାଳଚେର, ସୋନପୁର, ଆଠଗଡ଼, ନୟାଗଡ଼, ପାଲଲହଡ଼ା, ହିନ୍ଦୋଳ, ଆଠମଲ୍ଲିକ, ଖଣ୍ଡପଡ଼ା, ତିଗିରିଆ, ମୟୂରଭଞ୍ଜ, କେନ୍ଦୁଝର, ଗାଙ୍ଗପୁର, ବଡ଼ମ୍ବା ଓ ନରସିଂହପୁର । ପ୍ରତ୍ୟେକ ପ୍ରଜାମଣ୍ଡଳ ନାଗରିକ ଅଧିକାର, ଦାୟିତ୍ୱପୂର୍ଣ୍ଣ ସରକାର, ରାଜସ୍ୱ ବ୍ୟବସ୍ଥାର ଉନ୍ନତିବିଧାନ, ସମସ୍ତ ବେଆଇନ୍ ଟିକସ ଏବଂ ବେଠି ବେଗାରିର ଉଚ୍ଛେଦ ପ୍ରଭୃତି ଦାବି କରିଥିଲେ । ଅନ୍ୟ ପକ୍ଷରେ ରାଜାମାନେ ପ୍ରଜାମାନଙ୍କ ବିଦ୍ରୋହକୁ ଦମନ କରିବା ନିମନ୍ତେ ଷଡ଼ଯନ୍ତ୍ର ତଥା ପୁଲିସ ଫୋର୍ସର ଆଶ୍ରୟ ନେଇଥିଲେ ।

ନୀଳଗିରି ଦେଶୀୟ ରାଜ୍ୟରେ ବନମାଳୀ ଦାସ ଓ କୈଳାସ ଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଜନସାଧାରଣଙ୍କର ରାଜନୈତିକ, ନାଗରିକ ଓ ସାମାଜିକ ଅଧିକାର ପୂରଣ ଲାଗି ଆନ୍ଦୋଳନ ହୋଇଥିଲା । ରାଜା କିଶୋର ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ମହାପାତ୍ର ଏହି ଆନ୍ଦୋଳନକୁ ଦମନ କରିବା ପାଇଁ ବାଲେଶ୍ୱରରୁ ଫୋର୍ସ ମଗାଇ ଆନ୍ଦୋଳନ ଦମନ କରିବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ଆନ୍ଦୋଳନ ତୀବ୍ରତର ହୋଇଥିଲା । ସୂଚନାଯୋଗ୍ୟ ଯେ ସାରା ଭାରତରେ ନୀଳଗିରି ଗଡ଼ଜାତ ମିଶ୍ରଣରେ ପ୍ରଥମ କରି ଓଡ଼ିଶା ବା ଭାରତରେ ମିଶି ଥିଲା । ୧୯୪୭ ମସିହା ନଭେମ୍ବର ୧୭ ତାରିଖରେ ଏହା ଓଡ଼ିଶାରେ ମିଶିଥିବା ବେଳେ ଓଡ଼ିଶାର ମୟୂରଭଞ୍ଜକୁ ଛାଡ଼ି ଅନ୍ୟ ଗଡ଼ଜାତ ରାଜ୍ୟଗୁଡ଼ିକର ୧୯୪୮ ଜାନୁଆରୀ ୧ ତାରିଖରେ ଓଡ଼ିଶା ସହ ମିଶ୍ରଣ ହୋଇଥିଲା । ମୟୂରଭଞ୍ଜ ରାଜ୍ୟର ୧୯୪୯ ଜାନୁଆରୀ ୧ ତାରିଖରେ ମିଶ୍ରଣ ହୋଇଥିଲା । ମୟୂରଭଞ୍ଜର ଏହି ବିଳମ୍ବଜନିତ ମିଶ୍ରଣ ଯୋଗୁଁ ଷଢ଼େଇକଳା ଓ ଖରସୁଆଁ ଓଡ଼ିଶାରୁ ଚାଲିଯାଇଥିଲା ।

ରଣପୁର ଗଡ଼ଜାତରେ ବନମାଳୀ ରାମ, କୃପାସିନ୍ଧୁ ମିଶ୍ର, ରଘୁନାଥ ମହାନ୍ତି, ଦିବାକର ପରିଡ଼ା, ଅଗାଧୁ ବରାଡ଼, ମଦନ ମୋହନ ଦାଶ ଓ ମୁରଲୀଧର ଦାସଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠିତ ହୋଇଥିଲା । ୧୯୩୮ ମସିହା ଜାନୁଆରୀ ୫ ତାରିଖ ଦିନ ୨୬ଟି ଗଡ଼ଜାତ ଦାୟିତ୍ୱରେ ଥିବା ପଲିଟିକାଲ ଏଜେଣ୍ଟ ମେଜର ଆର୍. ଏଲ୍. ବେଜଲଗେଟ୍ ରଣପୁର ଆସି ପ୍ରଜାଙ୍କ ଠେଙ୍ଗା ମାଡ଼ରେ ନିହତ ହେଲେ । ସେ ମଧ୍ୟ ଅର୍ଜୁନ ରାଉତଙ୍କୁ ଗୁଳିକରି ହତ୍ୟା କରିଥିଲେ । ବେଜଲଗେଟ୍ ହତ୍ୟାକାଣ୍ଡରେ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା ଫାଶୀ ପାଇଲେ ।

ଢେଙ୍କାନାଳ ଗଡ଼ଜାତରେ ବାର ବର୍ଷର ନାଉରୀ ପିଲା ବାଜି ରାଉତଙ୍କ ସମେତ ୧୮ ଜଣ ସାଧାରଣ ଲୋକ ପୁଲିସ ଗୁଳିର ଶିକାର ହୋଇଥିଲେ । ସାରଙ୍ଗଧର ଦାସ, ବୀର ବୈଷ୍ଣବ ଚରଣ ପଟ୍ଟନାୟକ, ବ୍ରଜକିଶୋର ଧଳ, ମହେଶ ଚନ୍ଦ୍ର ସୁବାହୁ ସିଂହ ଓ ହରମୋହନ ପଟ୍ଟନାୟକ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ବୈଷ୍ଣବ ଚରଣ ପଟ୍ଟନାୟକଙ୍କ ନେତୃତ୍ୱରେ ସଂଗ୍ରାମ ହୋଇ ସେ ୧୫ଦିନ ପାଇଁ କାମାକ୍ଷାନଗର ସବ୍‌ଡିଭିଜନକୁ ନିଜ ଦଖଲକୁ ନେଇପାରିଥିଲେ । ସେଇଥିପାଇଁ ଲୋକେ ତାଙ୍କୁ ସମ୍ମାନ ଜଣାଇ ବୀର ବୈଷ୍ଣବ ପଟ୍ଟନାୟକଭାବେ ଅଭିହିତ କରିଥିଲେ । ଢେଙ୍କାନାଳରେ ମାଳତୀ ଚୌଧୁରୀଙ୍କ ନେତୃତ୍ୱରେ ସତ୍ୟାଗ୍ରହ ଆରମ୍ଭ ହୋଇଥିଲା ।

ତାଳଚେର ଗଡ଼ଜାତରେ ପବିତ୍ରମୋହନ ପ୍ରଧାନ ଓ ମଦନମୋହନ ପ୍ରଧାନଙ୍କ ନେତୃତ୍ୱରେ ଆନ୍ଦୋଳନ ତୀବ୍ରତର ହୋଇଥିଲା । ଏହି ଆନ୍ଦୋଳନରେ ଯୋଗଦେଇ ଚନ୍ଦ୍ରବିଲ ଗ୍ରାମର ବିକା ନାୟକ ପୁଲିସ ଗୁଳିର ଶିକାର ହୋଇଥିଲେ । ତାଳଚେରରେ ପ୍ରଜା ଆନ୍ଦୋଳନକୁ ଦମନ କରିବା ପାଇଁ ଜନସାଧାରଣଙ୍କ ଉପରକୁ ଆକାଶମାର୍ଗରୁ ବୋମା ଓ ମେସିନ୍‌ଗନରୁ ଗୁଳି ବର୍ଷଣ କରାଯାଇଥିଲା ।

ସୋନପୁର ରାଜ୍ୟରେ ଗୌରୀଶଙ୍କର ରାୟଗୁରୁ ଓ ଲକ୍ଷ୍ମଣ ଶତପଥୀଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠିତ ହୋଇଥିଲା । ବଲାଙ୍ଗୀର ରାଜ୍ୟରେ ପ୍ରଜାମଣ୍ଡଳର କର୍ମୀମାନେ କୃଷକ ଦଳ ନାମରେ ଏକ ରାଜନୈତିକ ସଂଗଠନ ସୃଷ୍ଟି କରି ଆନ୍ଦୋଳନ କରିଥିଲେ । କପିଳେଶ୍ୱର ନନ୍ଦ, ଯୁଧିଷ୍ଠିର ମିଶ୍ର, ନିରଞ୍ଜନ ପ୍ରସାଦ ପୁରୋହିତ ଓ ଦିବାକର ବହିଦାର ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ । ନୟାଗଡ଼ ରାଜ୍ୟରେ ଶ୍ରୀଧର ଦାଶ, ଶୁକ୍ରୁ ବେହେରା, ଲକ୍ଷ୍ମଣ ମହାରଣା, ବାଞ୍ଛାନିଧି ସେନାପତି, ନରସିଂହ ନନ୍ଦ ପ୍ରମୁଖଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠିତ ହୋଇଥିଲା । ଭାରତଛାଡ଼ ଆନ୍ଦୋଳନ ବେଳେ ପ୍ରଜାମଣ୍ଡଳ ଓ କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟି କଷ୍ଟି ଡାକୁଆ ଶହୀଦ ହୋଇଥିଲେ । ଖଣ୍ଡପଡ଼ା ରାଜ୍ୟରେ ଅନ୍ତର୍ଯ୍ୟାମୀ ସାହୁ ଓ ରଘୁନାଥ ସିଂହସାମନ୍ତ, ବଡ଼ମ୍ବା ରାଜ୍ୟରେ

ବୃନ୍ଦାବନ ସାହୁ ଓ ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ତିଗିରିଆ ରାଜ୍ୟରେ ବିପିନ ବିହାରୀ ପଟ୍ଟନାୟକ ଏବଂ ନରସିଂହପୁର ରାଜ୍ୟରେ ଆର୍ତ୍ତତ୍ରାଣ ରାଉତ ପ୍ରମୁଖ ପ୍ରଜାମଣ୍ଡଳର ନେତୃତ୍ୱ ନେଇଥିଲେ ।

ଗାଙ୍ଗପୁର ରାଜ୍ୟରେ ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠିତ ହୋଇଥିଲା । ରାଜାଙ୍କ ଫୋର୍ସ ଓ ପ୍ରଜାକର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟି ୨୮ ଜଣ ଗୁଳିମାଡ଼ରେ ନିହତ ହେଲେ ଓ ୨୫ ଜଣ ଆହତ ହେଲେ । ନିର୍ମଳ ମୁଣ୍ଡାଙ୍କ ବ୍ୟତୀତ ପ୍ରଜାମଣ୍ଡଳରେ ସୁନ୍ଦରମଣି ପଟେଲ, ହରିହର ପଟେଲ, ନଟବର ରାୟ, ନିରଦ ଗୋସ୍ୱାମୀ, ଧନଞ୍ଜୟ ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ । ବୌଦ୍ଧ ରାଜ୍ୟରେ ଦାମୋଦର ଦଣ୍ଡଆସି, ମୟୂରଭଞ୍ଜ ରାଜ୍ୟରେ ଶରତଚନ୍ଦ୍ର ଦାସ, ଆଠଗଡ଼ ରାଜ୍ୟରେ ରାଧାନାଥ ରଥ ଓ ହିନ୍ଦୋଳ ରାଜ୍ୟରେ ବାଲୁଙ୍କେଶ୍ୱର ଆଚାର୍ଯ୍ୟ ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ବାମଣ୍ଡା ରାଜ୍ୟରେ ପ୍ରଜାମଣ୍ଡଳ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଦୟାନନ୍ଦ ଶତପଥୀ ।

ସ୍ୱାଧୀନତା ପରେ ଗଡ଼ଜାତି ଶାସନ ଲୋପ ପାଇଛି । ରାଜା ରାଜୁଡ଼ାର ଅନ୍ୟାୟ ଜୁଲୁମ ଆଉ ନାହିଁ । ତତ୍କାଳୀନ ରାଜା ଓ ରାଜ କର୍ମଚାରୀମାନଙ୍କ ମଧ୍ୟରୁ ଅନେକ ମରିହଜି ଗଲେଣି । ସ୍ୱାଧୀନତା ସଂଗ୍ରାମୀମାନେ ସେମାନଙ୍କ ସଂଗ୍ରାମ କାହାଣୀ ବର୍ଣ୍ଣନା କରିବାକୁ ଆଉ ଆମ ପାଖରେ ନାହାନ୍ତି, କିନ୍ତୁ ସେମାନଙ୍କର ନିଃସ୍ୱାର୍ଥପର ଦେଶସେବାର ଫଳ ଆମେ ଆଜି ଉପଭୋଗ କରୁଛେ । ସେମାନଙ୍କ ସଂଗ୍ରାମର କାହାଣୀ ଯୁଗ ଯୁଗ ଧରି ଆଧୁନିକ ସମାଜକୁ ନୂତନ ପ୍ରେରଣାରେ ଉଦ୍‌ବୁଦ୍ଧ କରିବ ।

ଏମ୍–୨୩,
ଖୋର୍ଦ୍ଧା ବି.ଡି.ଏ. କଲୋନୀ
ଖୋର୍ଦ୍ଧା–୭୫୨୦୫୫

# ଆଜିର ଶପଥ

**ହରିହର ଶତପଥୀ**


ବରଷକେ ଥରେ ଅଗଷ୍ଟ ପନ୍ଦର
ପାଳୁଥାଉ ଆମେ ମିଶି
ପଲ୍ଲୀଠାରୁ ଦିଲ୍ଲୀ ଗୁଣ ଗାଉଥାଉ
ଆମେ ସବୁ ହସି ହସି ।
ତ୍ରିରଙ୍ଗା ପତାକା ଉଡେ ଫରଫର
ଫୁଲ ପଡୁଥାଏ ଝରି
ପୂରୁବ ସୂରିଙ୍କ ପୂରୁବ ଗରିମା
ନେଉସବୁ ମନେ ଧରି ।
ଅହିଂସା ଅସ୍ତ୍ରକୁ ବଡ କରି ଆମେ
ନେଲେ ଆମ ସ୍ୱାଧୀନତା
ନେହରୁ ହୋଇଲେ ପ୍ରଧାନମନ୍ତ୍ରୀ
ଗାନ୍ଧୀ ଜାତିର ପିତା ।
ସଂଗ୍ରାମୀ ବିପ୍ଳବୀ ଶହୀଦ ହୋଇଲେ
ଭାରତ ମାଆର ପାଇଁ
ରକ୍ତ ବୁନ୍ଦେ ଦିଅ ସ୍ୱାଧୀନତା ଦେବି
ଥିଲେ ତ ନେତାଜୀ କହି ।
ଭଗତ ଆଜାଦ ପ୍ରାଣ ଦେଲେ ପଛେ
ନୁଆଁଇଲେ ନାହିଁ ଶିର
ତାଙ୍କ ପାଇଁ ଆମେ ଗର୍ବିତ ସଦା
ଲାଗେ କେତେ ଆପଣାର ।
ଆଜିର ଦିବସେ ଶପଥ କରିବା
ରଖିବା ଦେଶର ଟେକ
ବିଶ୍ୱ ଦରବାରେ ହେବା ଆମେ ଠିଆ
ଥିବ ଭାରତୀୟ ରୂପ ।

କ୍ୱାର୍ଟର ନଂ ୨ଆର୍‌ବି(ଏଫ୍) ୫୮/୬
ୟୁନିଟ୍–୯, ଭୁବନେଶ୍ୱର

# ରଣପୁର ପ୍ରଜା ବିଦ୍ରୋହର ବିସ୍ମୃତ ସଂଗ୍ରାମୀ ପରିବାର

**ବ୍ରଜ ପାଇକରାୟ**

ନ୍ୟାୟ ପାଇଁ ଲଢେଇ କରିବା ଥିଲା ବିଷୋୟୀ ହରିହର ପରିଡାଙ୍କ ଜନ୍ମଗତ ସ୍ୱଭାବ। ତାଙ୍କ ସାହସ, ଦେଶପ୍ରୀତି ଏବଂ ଜାତୀୟତାବୋଧରେ ଉଦ୍‌ବୁଦ୍ଧ ଓ ଅନୁପ୍ରାଣିତ ହୋଇଥିଲେ ତାଙ୍କର କନିଷ୍ଠ ଭ୍ରାତା, ପୁତ୍ର, କନ୍ୟା ଓ ପରିବାରର ସମସ୍ତ ସଦସ୍ୟଗଣ । ପରାଧୀନ ଭାରତବର୍ଷର ଗଡଜାତ ରାଜ୍ୟ ରଣପୁର ଅନ୍ତର୍ଗତ ଗଡବାଣିକିଲୋ ଗ୍ରାମରେ ବିଷୋୟୀ ସାମନ୍ତ (ରାଜଦତ୍ତ ଉପାଧି) ହରିହର ପରିଡା ଜନ୍ମ ଗ୍ରହଣ କରିଥିଲେ ପିତା ରଘୁନାଥ ସୁନ୍ଦରାୟଙ୍କ ଜ୍ୟେଷ୍ଠପୁତ୍ରଭାବେ । ଓଡ଼ିଆ ଭାଷା ବ୍ୟତୀତ ବଙ୍ଗଳା ଓ ହିନ୍ଦୀ ଭାଷାରେ ତାଙ୍କର ଦଖଲ ଓ ପାରଦର୍ଶିତା ଥିଲା । ରଣପୁର ରାଜଦରବାର ତରଫରୁ ବିଷୋୟୀ ସାମନ୍ତ ହରିହରଙ୍କୁ ସର୍ବରାକାର ପଦବୀରେ ନିଯୁକ୍ତି ମିଳିଥିଲା । ରାଜ୍ୟ ଶାସନ ସହ ଅଙ୍ଗାଙ୍ଗୀଭାବେ ଜଡିତ ଥାଇ ମଧ୍ୟ ସେ ଅନ୍ୟାୟ, ଶୋଷଣ ଓ ଭ୍ରଷ୍ଟାଚାର ବିରୁଦ୍ଧରେ ସଂଗ୍ରାମ କରିବା ଭଳି ଭିନ୍ନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ତତ୍କାଳୀନ ଗଡଜାତ ରାଜ୍ୟ ରଣପୁରର ଦାରୋଗା (ପୁଲିସ୍ ଅଫିସର) ଦୀନବନ୍ଧୁ ମହାନ୍ତିଙ୍କ ଖୋର୍ଦ୍ଧା ଖାସ୍‌ମାହାଲ ଅଞ୍ଚଳକୁ ବେଆଇନଭାବେ ଚୋରା ଚାଉଳ ଚାଲାଣ ବିରୁଦ୍ଧରେ ବିଷୋୟୀ ସାମନ୍ତ ହରିହର ପ୍ରମାଣ ସହ ରାଜାଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ହେଲେ ଦେବାନ୍ ଜଗନ୍ନାଥ ମହାନ୍ତିଙ୍କ ହସ୍ତକ୍ଷେପ ଓ ମଧ୍ୟସ୍ଥତାରେ ବିଷୋୟୀ ସାମନ୍ତ ହରିହର ଏବଂ ଦାରୋଗା ଦୀନବନ୍ଧୁଙ୍କ ମଧ୍ୟରେ ମିଳାମିଶା ହୋଇଥିଲା । ୧୮୯୮ ମସିହାରେ ସଙ୍ଗଠିତ ରଣପୁର ପ୍ରଜା ଆନ୍ଦୋଳନର ବିଷୋୟୀ ସାମନ୍ତ ହରିହର ଅନ୍ୟତମ ନେତା ଥିଲେ । ପିତାଙ୍କ ନିର୍ଭୀକତା ଏବଂ ଦେଶପ୍ରୀତି ତରୁଣ ଦିବାକରଙ୍କ ବ୍ୟକ୍ତିତ୍ୱକୁ ଗଭୀର ପ୍ରଭାବିତ କରିଥିଲା । ମାତ୍ର ୪୨ବର୍ଷ ବୟସରେ ବିଷୋୟୀ ସାମନ୍ତ ହରିହରଙ୍କ ଅକାଳ ବିୟୋଗ ଫଳରେ ମାଟ୍ରିକ୍ ଶିକ୍ଷା ପରେ ତରୁଣ ଦିବାକରଙ୍କୁ ପରିବାରର ଦାୟିତ୍ୱ ସମ୍ଭାଳିବାକୁ ପଡିଥିଲା ।



୧୯୧୧ ମସିହା ନଭେମ୍ବର ମାସ ୩୦ ତାରିଖରେ ଜନ୍ମିତ ଦିବାକର ଏକାଧାରରେ ଥିଲେ ମେଧାବୀ ଛାତ୍ର, ସୃଜନଶୀଳ କବି, ବାଗ୍ମୀ, ଜ୍ୟୋତିଷ ଶାସ୍ତ୍ର ପ୍ରବୀଣ, ନିର୍ଭୀକ ଓ ବେସାଲିସ୍ ବିଦ୍ରୋହୀ । ଜୀବନ ଓ ଜୀବିକା ପାଇଁ ରଣପୁର ରାଜାଙ୍କ ନରେନ୍ଦ୍ର ପ୍ରେସ୍‌ର ସହକାରୀ ପରିଚାଳକ ଭାବେ ଚାକିରି କରୁଥିଲେ ମଧ୍ୟ ରଣପୁର ରାଜ୍ୟରେ ପ୍ରଚଳିତ ବେଠି, ଭେଟି, ମାଗଣ, ରସଦ, ନଜରାନା ଓ ନରବଳି ଇତ୍ୟାଦି ନାରକୀୟ ପ୍ରଥା ତାଙ୍କ ବିପ୍ଳବୀ ଆତ୍ମାକୁ ବ୍ୟଥିତ ଓ ବିକ୍ଷୁବ୍ଧ କରୁଥିଲା । ନରେନ୍ଦ୍ର

ପ୍ରେସ୍ ଚାକିରିରୁ ଇସ୍ତଫା ପ୍ରଦାନ କରି ବିଦ୍ରୋହୀ ଦିବାକର ଶୋଷିତ, ଦଳିତ ଓ ଅତ୍ୟାଚାରିତ ପ୍ରଜାମାନଙ୍କୁ ସଂଗଠିତ କରିବା ସହ ଅତ୍ୟାଚାରୀ ରାଜା ଓ ବ୍ରିଟିଶ ସରକାରଙ୍କ କୁଶାସନରୁ ସେମାନଙ୍କୁ ମୁକ୍ତ କରିବା ନିମିତ୍ତ ରଣପୁର ପ୍ରଜାମଣ୍ଡଳ ଗଠନ କରି ସଂଗଠନ ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ । ବିପ୍ଳବୀ ଦିବାକରଙ୍କ ସଂଗ୍ରାମୀ ଆହ୍ୱାନ ବନାଗ୍ନି ଭଳି ରଣପୁର ରାଜ୍ୟର କୋଣ ଅନୁକୋଣକୁ ବ୍ୟାପୀ ଯାଇଥିଲା ଏବଂ ହଜାର ହଜାର ମୁକ୍ତିକାମୀ ଜନତା ପ୍ରଜା ଆନ୍ଦୋଳନରେ ଝାସ ଦେଇଥିଲେ ।

୧୯୩୮ ମସିହାରେ ଯେତେବେଳେ ଜ୍ୟେଷ୍ଠଭ୍ରାତା ଦିବାକରଙ୍କ ନେତୃତ୍ୱରେ ପ୍ରଜା ଆନ୍ଦୋଳନ ଭୀଷଣ ଆକାର ଧାରଣ କରିଥିଲା ଠିକ୍ ସେହି ସମୟରେ ଭାଇଙ୍କ ପଦାଙ୍କ ଅନୁସରଣ କରି ସଂଗ୍ରାମୀ ରତ୍ନାକର ଓ ସଂଗ୍ରାମୀ ଚକ୍ରଧର ରାଜ ବିରୋଧୀ ପ୍ରତିବାଦ ସଭା ଆୟୋଜନ କରିବା, ଅତ୍ୟାଚାରୀ ଅମଲା ଓ ରାଜଭକ୍ତ ପ୍ରଜାମାନଙ୍କ ଗତିବିଧି ଏବଂ କାର୍ଯ୍ୟକଳାପ ସମ୍ପର୍କୀୟ ଗୁପ୍ତ ସମ୍ବାଦ ଖୋର୍ଦ୍ଧା ଖାସ୍‌ମାହାଲ ଅଞ୍ଚଳର କଂଗ୍ରେସ ନେତୃବୃନ୍ଦଙ୍କ ନିକଟକୁ ପ୍ରେରଣ କରୁଥିଲେ । ବିପ୍ଳବୀ ଦିବାକରଙ୍କ କନିଷ୍ଠା ଭଗ୍ନୀ ଇନ୍ଦୁମତୀ ଏବଂ କକାପୁଅ ଭାଇ ଅନନ୍ତ ଚରଣ 'ବାନରସେନା' ଗଠନ କରି ଆନ୍ଦୋଳନ ଓ ସଭା ସମିତି ପାଇଁ ପାଣ୍ଠି ସଂଗ୍ରହ କାର୍ଯ୍ୟ କରୁଥିଲେ । ପ୍ରଜା ଆନ୍ଦୋଳନକୁ ଦମନ କରିବା ପାଇଁ ରାଜ ଦରବାର ତରଫରୁ ବିପ୍ଳବୀ ଦିବାକରଙ୍କ ପିତୃବ୍ୟ ସଂଗ୍ରାମୀ ବାଞ୍ଛାନିଧି ପରିଡା, କନିଷ୍ଠ ଭ୍ରାତା ସଂଗ୍ରାମୀ ରତ୍ନାକର, ସଂଗ୍ରାମୀ ଚକ୍ରଧରଙ୍କ ନାଁରେ ଗିରଫ ପରୱାନା ଜାରି କରାଗଲା । ଗିରଫ ଏଡାଇବା ପାଇଁ ସଂଗ୍ରାମୀ ରତ୍ନାକର ତତ୍କାଳୀନ କଲିକତା ମହାନଗରୀକୁ ଚାଲିଯାଇ ଛଦ୍ମଭାବରେ ଅବସ୍ଥାନ କଲେ । ସଂଗ୍ରାମୀ ଚକ୍ରଧର କଲିକତାଠାରୁ ପାଣି ଜାହାଜ ଯୋଗେ ତତ୍କାଳୀନ ବର୍ମା ଦେଶକୁ ଚାଲିଗଲେ ।

ବିପ୍ଳବୀ ଦିବାକରଙ୍କୁ ଗିରଫ କରିବା ପାଇଁ ରାଜାଙ୍କ ସିପାହୀମାନେ ତାଙ୍କ ଗଡବାଣିକିଲୋସ୍ଥିତ ପୈତୃକ ଗୃହକୁ ବାରମ୍ବାର ଚଢାଉ କରୁଥିଲେ । ଦିବାକର ଘନ ଜଙ୍ଗଲ ମଧ୍ୟକୁ ଚାଲିଯାଇ ଆତ୍ମରକ୍ଷା କରୁଥିଲେ । ଘଟଣାକ୍ରମେ ଥରେ ପ୍ରାତଃ କାଳରେ ରଣପୁର ରାଜାଙ୍କ ୫୦ ଜଣ ସିପାହୀ ବିପ୍ଳବୀ ଦିବାକରଙ୍କ ବାସଗୃହ ଚତୁଃପାର୍ଶ୍ୱକୁ ଘେରାଉ କରି ଦାଣ୍ଡ ଦରଜା କବାଟକୁ ବାଡେଇଲେ । ବିପ୍ଳବୀ ଦିବାକରଙ୍କ ୧୩ବର୍ଷ ବୟସ୍କା କନିଷ୍ଠା ଭଗ୍ନୀ ଇନ୍ଦୁମତୀ କବାଟ ଖୋଲି ଲାଠି ଓ ବନ୍ଧୁକ ଧାରୀ ନାଲିଟୋପି ପରିହିତ ସିପାହୀମାନଙ୍କୁ ସାମ୍ନା କରିବାରୁ ସେମାନେ ଧମକପୂର୍ଣ୍ଣ ସ୍ୱରରେ କହିଲେ, 'ଏ ପିଲା ତୋ ଭାଇକୁ କୁହ ଏଇ ମୁହୂର୍ତ୍ତରେ ଶୀଘ୍ର ଘରୁ ବାହାରି ଆସୁ । ନଚେତ୍ ତୁମ ଘର ଭିତରକୁ ବାଧ୍ୟ ହୋଇ ପ୍ରବେଶ କରିବୁ ।' ଇନ୍ଦୁମତୀ ତାଙ୍କ ପିତା ଓ ଭ୍ରାତାମାନଙ୍କ ଭଳି ନିର୍ଭୀକା ଓ ସାହସୀ ଥିଲେ । ସେ ସିପାହୀମାନଙ୍କ ଧମକରେ ଟିକିଏ ବି ଡରିନଯାଇ କହିଲେ, 'ନନା (ବଡଭାଇ) ଗତକାଲିଠାରୁ କଟକ ଚାଲି ଯାଇଛନ୍ତି । ଘରେ କେବଳ ମୋ ବୋଉ ଓ ମୋ ଛଡା ଆଉ କେହି ନାହାନ୍ତି । ତୁମେମାନେ ଯଦି ଆମ ଘର ଭିତରକୁ ଜବରଦସ୍ତି ପ୍ରବେଶ କରିବା ପାଇଁ ଚେଷ୍ଟାକର ମୁଁ ତୁମମାନଙ୍କୁ ଖଣ୍ଡାରେ ହାଣି ଟିକି ଟିକି କରିଦେବି' । ଇନ୍ଦୁମତୀଙ୍କ ତେଜ ଓ କଥାକୁ ବିଶ୍ୱାସ କରି ସିପାହୀମାନେ ସେଦିନ ରଣପୁର ଫେରିଯାଇଥିଲେ । ଇନ୍ଦୁମତୀଙ୍କ ସାହସ ଓ ସମୟୋପଯୋଗୀ ବୁଦ୍ଧିମତ୍ତା ଯୋଗୁଁ ବିପ୍ଳବୀ ଦିବାକର ଗିରଫରୁ ରକ୍ଷା ପାଇ ଘନ ଜଙ୍ଗଲରେ ଆତ୍ମଗୋପନ କରିଥିଲେ ।

୧୯୩୮–୩୯ ମସିହାରେ ରଣପୁର ପ୍ରଜା ଆନ୍ଦୋଳନ ଭୀଷଣ ରୂପ ଧାରଣ କରିଥିଲା । ପ୍ରଜା ଆନ୍ଦୋଳନକୁ ଦମନ କରିବା ପାଇଁ ରାଜାଙ୍କଠାରୁ ବାର୍ତ୍ତା ପାଇ ବ୍ରିଟିଶ ପଲ୍‌ଟିକାଲ ଏଜେଣ୍ଟ ମେଜର ଆର.ଏଲ୍. ବେଜେଲଗେଟ୍ ରଣପୁର ଆସି ଘଟଣାକ୍ରମେ ୧୯୩୯ ମସିହା ଜାନୁଆରୀ ମାସ ୫ତାରିଖରେ ନିହତ ହୋଇଥିଲା । ମେଜର ବେଜେଲଗେଟ୍ ହତ୍ୟା ଅପରାଧରେ ଅଭିଯୁକ୍ତ ହୋଇ ବିପ୍ଳବୀ ଦିବାକର ପରିଡା ଓ ସଂଗ୍ରାମୀ ରଘୁନାଥ ମହାନ୍ତି ବିହାର ରାଜ୍ୟର ଭାଗଲପୁର ଜେଲ୍‌ରେ ୧୯୪୧ ମସିହା ଅପ୍ରେଲ ୪ ତାରିଖ ପ୍ରାତଃ କାଳରେ ଫାଶୀ ପାଇ ଶହୀଦ୍ ହେଲେ । ବିପ୍ଳବୀ ଦିବାକରଙ୍କ କକା ସଂଗ୍ରାମୀ ବାଞ୍ଛାନିଧି ପରିଡା ରଣପୁର ଜେଲ୍‌ରେ ଦେଢବର୍ଷ ସଶ୍ରମ କାରାଦଣ୍ଡ ଭୋଗ କରି ଜେଲ୍‌ରୁ ଖଲାସ ହେଲେ । ସେଇ ସମୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧର କରାଳ ଛାୟାରେ ବିଶ୍ୱବାସୀ ଆତଙ୍କିତ ଜୀବନ କଟାଉଥାନ୍ତି ।

ଇଂରେଜମାନଙ୍କ ପରମଶତ୍ରୁ ଜାପାନୀ ସୈନିକମାନେ ବ୍ରିଟିଶ ଶାସିତ ତତ୍କାଳୀନ ବର୍ମାଦେଶ ଅନ୍ତର୍ଗତ ତଭେଇ ଡୈଲଟାଙ୍କି ଉପରେ ୧୯୪୧ ମସିହା ଡିସେମ୍ବର ମାସ ୧୧ ତାରିଖରେ ବୋମା ବର୍ଷଣ କରି ଡୈଲଟାଙ୍କିକୁ ଧୂଳିସାତ୍ କରି ଦେଇଥାଆନ୍ତି । ସଂଗ୍ରାମୀ ଚକ୍ରଧର ସେସମୟରେ ବର୍ମାରେ ଅବସ୍ଥାନ କରୁଥାଆନ୍ତି । ତଭେଇ ଡୈଲଟାଙ୍କିର ଧ୍ୱଂସଲୀଳା ଚକ୍ରଧରଙ୍କ ମନକୁ ବ୍ୟଥିତ କରିଥିଲା ଏବଂ ସେ 'ହେଣ୍ଡା ମାଇନ ଗୀତ' ନାମକ ପୁସ୍ତିକା

ରଚନା କରି ପ୍ରକାଶିତ କରିଥିଲେ । ବର୍ମାର ରାଜଧାନୀ ରେଙ୍ଗୁନ ଅଭିମୁଖେ ଯାଉଥିବା ସମୟରେ ସଂଗ୍ରାମୀ ଚକ୍ରଧର ଜାପାନୀ ସୈନ୍ୟମାନଙ୍କ ହାବୁଡରେ ପଡିଥିଲେ ଏବଂ ସେମାନଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କ ସହ ମିଆଁନ ମିଉ ସହର ଓ ପେଗୁ ସହର ବାଟ ଦେଇ ରେଙ୍ଗୁନ୍‌ଠାରେ ପହଞ୍ଚିଥିଲେ । ଭାରତୀୟ ବୋଲି ଜାଣି ସେମାନେ ଚକ୍ରଧରଙ୍କର କୌଣସି କ୍ଷତି କରିନଥିଲେ । ରେଙ୍ଗୁନ ଅବସ୍ଥାନ କାଳରେ ସଂଗ୍ରାମୀ ଚକ୍ରଧର ଭାରତର ସ୍ୱାଧୀନତା ପାଇଁ କାର୍ଯ୍ୟ କରୁଥିବା ସଙ୍ଗଠନ Indian Independence Leagueରେ ସାମିଲ ହୋଇଥିଲେ । ୧୯୪୩ ମସିହାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ Indian National Army ବା ଆଜାଦ୍ ହିନ୍ଦ୍ ଫୌଜ ଗଠନ କରିଥିଲେ । ୧୯୪୪ ମସିହା ଜାନୁଆରୀ ମାସ ୭ତାରିଖରେ ସଂଗ୍ରାମୀ ଚକ୍ରଧର କାମ୍ପେଇ ସହରଠାରେ ନେତାଜୀ ସୁଭାଷଙ୍କ ସହ ସାକ୍ଷାତ୍ କରି ନିଜର ପରିଚୟ ପ୍ରଦାନ କଲେ । ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସଂଗ୍ରାମୀ ଚକ୍ରଧରଙ୍କୁ ଆଜାଦ୍ ହିନ୍ଦ୍ ଫୌଜ୍‌ରେ ଓଡ଼ିଆ ରିକ୍ରୁଟିଂ ଅଫିସର ଭାବେ ନିଯୁକ୍ତି ଦେଇଥିଲେ ଏବଂ କାମ୍ପେଇ ମିଲିଟାରୀ ସେଣ୍ଟରଠାରେ ଚକ୍ରଧର ସାମରିକ ତାଲିମ ଗ୍ରହଣ କରିଥିଲେ । ଦେଶ ମାତୃକାକୁ ବ୍ରିଟିଶ ଶାସନରୁ ମୁକ୍ତ କରିବା ପାଇଁ ନେତାଜୀ 'ଦିଲ୍ଲୀଚଲୋ' ଏବଂ 'ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି' ଆହ୍ୱାନ ଦେଇଥିଲେ । ନେତାଜୀଙ୍କ ଦେଶ ଭକ୍ତିର ମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇ ଆଜାଦ୍‌ହିନ୍ଦ୍ ଫୌଜର ବୀର ସୈନିକମାନେ ବର୍ମାରୁ ଭାରତ ଅଭିମୁଖେ ଯୁଦ୍ଧ ଯାତ୍ରା କଲେ । ବ୍ରିଟିଶ ସୈନ୍ୟମାନଙ୍କ ବିରୁଦ୍ଧରେ ସାହସର ସହ ଲଢେଇ କରି ପୂର୍ବ ଭାରତ ଅନ୍ତର୍ଗତ ନାଗାଲାଣ୍ଡର କୋହିମା, ବିମାପୁର, ମଣିପୁରର ଇମ୍ଫାଲ ଓ ଡିଡିମ ଖଣି ଅଞ୍ଚଳ (ଆସାମ) ଇତ୍ୟାଦି ଆଜାଦ୍ ହିନ୍ଦ୍ ଫୌଜ ଦଖଲ କରି ଭାରତରେ ବ୍ରିଟିଶ ଶାସନର ମୂଳଦୁଆକୁ ଦୋହଲାଇ ଦେଇଥିଲେ । ସଂଗ୍ରାମୀ ଚକ୍ରଧର 'ନେତାଜୀ ବ୍ରିଗେଡ'ର ମେଜର ପ୍ରେମ ସିଂହଙ୍କ ନେତୃତ୍ୱରେ ବ୍ରିଟିଶ ସୈନିକମାନଙ୍କ ବିରୁଦ୍ଧରେ ଲଢେଇ କରି ଯୁଦ୍ଧବନ୍ଦୀ ଭାବେ ୧୯୪୫ ମସିହା ମାର୍ଚ୍ଚ ୧୮ ତାରିଖଠାରୁ ୧୯୪୬ ମସିହା ମାର୍ଚ୍ଚ ୨୪ ତାରିଖ ପର୍ଯ୍ୟନ୍ତ ରେଙ୍ଗୁନ ସେଣ୍ଟ୍ରାଲ ଜେଲରେ ବନ୍ଦୀ ଜୀବନ କଟାଇ ଜେଲରୁ ମୁକ୍ତି ପାଇବା ପରେ ଜଳ ଜାହାଜ ଯୋଗେ ସ୍ୱଦେଶକୁ ଫେରି ଆସିଲେ ।

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହେଲା । ହେଲେ ଜୀବନକୁ ବାଜି ଲଗାଇ ରଣପୁର ପ୍ରଜା ବିଦ୍ରୋହ ଓ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଲଢେଇ କରିଥିବା ରଣପୁର ଗଡବାଣିକିଲୋ ପରିଡା ବଂଶର ଶହୀଦ୍ ଦିବାକର, ସଂଗ୍ରାମୀ ରତ୍ନାକର, ସଂଗ୍ରାମୀ ଚକ୍ରଧର, ସଂଗ୍ରାମୀ ଇନ୍ଦୁମତୀ, ସଂଗ୍ରାମୀ ବାଞ୍ଛାନିଧି, ସଂଗ୍ରାମୀ ଅନନ୍ତ ଚରଣ ସ୍ୱାଧୀନ ଭାରତବର୍ଷରେ ଅଲୋଡା ହୋଇଗଲେ । ନିହାତି ଅଜଣା ଅଶୁଣାଭାବେ ରଣପୁର ମାଟିରୁ ବିଦାୟ ନେଇଥିବା ପିତୃବ୍ୟ ଏବଂ ଜ୍ୟେଷ୍ଠ ଭ୍ରାତାମାନଙ୍କୁ ଅନୁସରଣ କରି ୨୦୧୨ ମସିହା ଫେବୃଆରୀ ମାସ ୧୫ ତାରିଖ ଦିନ ରଣପୁର ବିଦ୍ରୋହର ବହ୍ନିକନ୍ୟା ଇନ୍ଦୁମତୀ ମଧ୍ୟ ଖୋର୍ଦ୍ଧା ଅନ୍ତର୍ଗତ ଗଡମାଣତୀର ଗ୍ରାମ୍ୟ ଶ୍ମଶାନରେ ମୁଠାଏ ପାଉଁଶରେ ପରିଣତ ହୋଇଯାଇଛନ୍ତି । ହେଲେ ରଣପୁର ମାଟିକୁ ପବିତ୍ର ଓ ଗୌରବାନ୍ୱିତ କରିଥିବା ପରିଡା ବଂଶର ବିସ୍ମୃତ ସଂଗ୍ରାମୀମାନଙ୍କ ଦେଶପ୍ରେମ ଓ ଜାତିପ୍ରୀତି ସାମ୍ନାରେ ଓଡ଼ିଆ ଜାତି ସଦାସର୍ବଦା କୃତଜ୍ଞ ରହିଥିବ ।

ଆଡଭୋକେଟ୍
କ୍ୟାପିଟାଲ ବାର୍ ଆସୋସିଏସନ୍
ଭୁବନେଶ୍ୱର–୧୪

❖ ❖ ❖

# ଐତିହାସିକ ପଣ୍ଡିତ କୃପାସିନ୍ଧୁ ମିଶ୍ର

**ଦେବଚନ୍ଦ୍ର ମହାପାତ୍ର**

ସେ ଥିଲେ ଜଣେ ନିରଳସ ମଣିଷ । କର୍ମକୁ ଯିଏ ଜୀବନ ବୋଲି ଧରି ନେଇଥିଲେ ନିଜର ଶ୍ରମ, ସାଧନା ଉପରେ ସମାଜର ଭବିଷ୍ୟତ ଗଢାଯାଏ ବୋଲି, ଯାହାଙ୍କ ମତ ଦେଶର ସ୍ୱାଧୀନତା ପାଇଁ ସକଳ ଶକ୍ତି ଖଟାଇ ଯିଏ ପ୍ରାଣଢାଳି ଦେଇଥିଲେ, ସିଏ ହେଉଛନ୍ତି ଆଦର୍ଶ ଶିକ୍ଷକ, ପ୍ରସିଦ୍ଧ ଐତିହାସିକ ପଣ୍ଡିତ କୃପାସିନ୍ଧୁ ମିଶ୍ର ।

ପୁରୀ ସହରର ଅଦୂରବର୍ତ୍ତୀ ବୀର ହରେକୃଷ୍ଣପୁର ଶାସନରେ ୧୮୮୭ ମସିହା ଆଷାଢ କୃଷ୍ଣପକ୍ଷ ଗଜଷଷ୍ଠୀ ଦିନ ତାଙ୍କର ଜନ୍ମ । ତାଙ୍କ ପିତା ଥିଲେ ଜନାର୍ଦ୍ଦନ ରଥ ଓ ମାତା ଚନ୍ଦ୍ରମଣି ଦେବୀ । ଜନାର୍ଦ୍ଦନ କୁଳୀନ ସାମନ୍ତ ବ୍ରାହ୍ମଣ ଥିଲେ । ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା । ଚାରି ଭାଇ, ଦୁଇ ଭଉଣୀଙ୍କ ମଧ୍ୟରେ କୃପାସିନ୍ଧୁ ଥିଲେ ଦ୍ୱିତୀୟ ସନ୍ତାନ । ଜନାର୍ଦ୍ଦନ ପୁରୀରେ କର୍ମକର୍ମାଣି କରି ସ୍ୱଳ୍ପ ଆୟରେ ବଡ କଷ୍ଟରେ ପିଲାମାନଙ୍କୁ ଲାଳନପାଳନ କରିପାରିଥିଲେ । ବୀରପ୍ରତାପପୁର ନିବାସୀ ତାଙ୍କ ପିଉସୀ ବିମଳା, କୃପାସିନ୍ଧୁଙ୍କୁ ପୋଷ୍ୟପୁତ୍ର ଭାବରେ ଗ୍ରହଣ କରିଥିଲେ । ବିଧିର ବିଡମ୍ବନା, କୃପାସିନ୍ଧୁ ଯେତେବେଳେ ମାତ୍ର ଏଗାର ଦିନର ଶିଶୁ, ସେତେବେଳେ ତାଙ୍କ ମଉସା ଭିକାରୀ ମିଶ୍ର ଦେହ ଛାଡିଲେ ।

ବାଳଶ୍ରୀ ବିଧବା ବିମଳାଙ୍କ ଉପରେ ପଡିଲା ସମସ୍ତ ଦାୟିତ୍ୱ । କୃପାସିନ୍ଧୁ ପିଲାବେଳୁ ଖୁବ୍ ଚତୁର ଓ ବୁଦ୍ଧିମାନ ଥିଲେ । ପଢାରେ ସେ ଥିଲେ ଗଭୀର ମନୋଯୋଗୀ । କୃପାସିନ୍ଧୁଙ୍କ ବଡମାମୁଁ ଥିଲେ ଆର୍ତ୍ତତ୍ରାଣ ଦାସ । ବିମଳାଙ୍କ ଅଭାବ ଅବସ୍ଥା ଦେଖି ସେ ସାନଭଉଣୀ ବିମଳାଙ୍କୁ ଖବର ପଠାଇଲେ– କୃପାସିନ୍ଧୁଙ୍କୁ ସାଙ୍ଗରେ ଘେନି ଘରେ ତାଲା ପକାଇ ମୋର ଶ୍ରୀରାମଚନ୍ଦ୍ରପୁରସ୍ଥ ଗୃହକୁ ଶୀଘ୍ର ଚାଲିଆସ । କୁରୁପା ଆମ ଘରେ ରହି ପଢିବ । ଆମେ ଥାଉଁ ଥାଉଁ ବୁଦ୍ଧିଆ ପିଲାଟା କଣ ମୂର୍ଖ ହୋଇରହିବ । ଜିନିଷପତ୍ର ଯାହା ଦିଖଣ୍ଡ ଥିଲା, ତା' ସହିତ କୁରୁପାକୁ ସାଙ୍ଗରେ ନେଇ ବିମଳା ଚାଲିଲେ ଶ୍ରୀରାମଚନ୍ଦ୍ରପୁର ।

ମାମୁଁ ଆର୍ତ୍ତତ୍ରାଣ ଦାସ ଥିଲେ ଜଣେ ବିଦ୍ୱାନ ପଣ୍ଡିତ । ତାଙ୍କ ତତ୍ତ୍ୱାବଧାନରେ ରହି କୃପାସିନ୍ଧୁ ଶ୍ରୀରାମଚନ୍ଦ୍ରପୁର ମିଡିଲ ଭର୍ଣ୍ଣାକ୍ୟୁଲାର ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ଲାଭ କଲେ । ବର୍ଷକ ପରେ ସାନଭାଇ ହରିହର ସେଇ ବିଦ୍ୟାଳୟରେ ଯୋଗଦେଲେ । ହେଡ୍ ପଣ୍ଡିତ ଥାଆନ୍ତି ମଧୁସୂଦନ ମିଶ୍ର । ସେ ଜଣେ ଆଦର୍ଶବାଦୀ ଶିକ୍ଷକ । ଛାତ୍ରମାନଙ୍କ ଆଚାର ଶୁଦ୍ଧି, ଉଚିତ୍ ବ୍ୟବହାର ଓ ଉତ୍ତମ ଚରିତ୍ର ପ୍ରତି ତାଙ୍କର ଥିଲା ତୀକ୍ଷ୍ଣ ଦୃଷ୍ଟି । ଏହି ସ୍କୁଲରେ ଆଚାର୍ଯ୍ୟ ହରିହର ଓ ପଣ୍ଡିତ ନୀଳକଣ୍ଠ ଛାତ୍ର ଥିଲେ । ବିଦ୍ୟାଳୟରେ କୃପାସିନ୍ଧୁ ଓ ହରିହର ଦୁଇ ଭାଇ ଥିଲେ ମେଧାବୀ । ଉଭୟ ଯେଝା ଶ୍ରେଣୀରେ ପ୍ରଥମ ହେଉଥିଲେ । ପିଲାଦିନର ଚାଲିଚଳନ ଓ ଶିକ୍ଷାପ୍ରତି ଆଗ୍ରହ ଦେଖି ଉଭୟ ଶିକ୍ଷକ ଓ ସହଧ୍ୟାୟୀମାନେ ସେହି ଦୁଇ ଭାଇଙ୍କ ଉଜ୍ଜ୍ୱଳ ଭବିଷ୍ୟତ କଳ୍ପନା କରିଥିଲେ ।

୧୯୦୧ ମସିହାରେ ଶ୍ରୀରାମଚନ୍ଦ୍ରପୁର ସ୍କୁଲରୁ ଭର୍ଣ୍ଣାକ୍ୟୁଲାର ପରୀକ୍ଷାରେ କୃତିତ୍ୱ ହାସଲ କରି ମାସିକ ଚାରିଟଙ୍କା ସରକାରୀ ବୃତ୍ତି ପାଇ ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାଇଲେ । ନିଜର ଅଧ୍ୟବସାୟ ଓ ବିଚକ୍ଷଣତା ଯୋଗୁ ଦୋହରା ଶ୍ରେଣୀ ଅର୍ଥାତ୍ ୫ମରୁ ୭ମ ଶ୍ରେଣୀକୁ ସେ ଉତ୍ତୀର୍ଣ୍ଣ ହୋଇଥିଲେ । ତାଙ୍କ ସାନଭାଇ ହରିହର ମଧ୍ୟ ଭଲ ଫଳ ଦେଖାଇବାରୁ ୧୯୦୨ରେ ତାଙ୍କୁ ମଧ୍ୟ ୭ମ ଶ୍ରେଣୀରୁ ଉଠାଇ ଦିଆଗଲା ।

ମାସିକ ଚାରି ଟଙ୍କାରେ ସମସ୍ତ ଖର୍ଚ୍ଚ ତୁଲାଇବା କୃପାସିନ୍ଧୁଙ୍କ ପକ୍ଷେ ସମ୍ଭବ ହେଉନଥାଏ । ମାମୁଁ ଆର୍ତ୍ତ ଦାସ କୃପାସିନ୍ଧୁଙ୍କ ପଢା ଦାୟିତ୍ୱ ନେଇଥିଲେ ମଧ୍ୟ ମାସିକ ଖର୍ଚ୍ଚ ପାଇଁ କିଛି ଚାଉଳ ମାତ୍ର

ପଠାଉ ଥିଲେ । ଦିନ ଆସିଲା ମାମୁଁଙ୍କ ଉପରେ ଅଧିକ ବୋଝ ହେବାକୁ କୃପାସିନ୍ଧୁ ଉଚିତ୍ ମଣିଲେ ନାହିଁ । ଯେତେବେଳେ ତାଙ୍କର ୮ମ ଶ୍ରେଣୀ ସେ ପୁରୀରେ ସ୍ୱର୍ଗତଃ ଜମିଦାର ମିଛୁ ମିଶ୍ରଙ୍କ ଘରେ ଘରୋଇ ଶିକ୍ଷକ ଭାବେ ତାଙ୍କ ପୁଅଝିଅଙ୍କୁ ପଢାଇବା ସହିତ କିଛି ରୋଜଗାର କରି ନିଜର ପଢା ଖର୍ଚ୍ଚ ତୁଲାଉଥିଲେ ।

କୃପାସିନ୍ଧୁ ପୁରୀଜିଲ୍ଲା ସ୍କୁଲର ୯ମ ଶ୍ରେଣୀରେ ପଢୁଥାଆନ୍ତି। ଗୋପବନ୍ଧୁ ସେତେବେଳେ ସେହି ସ୍କୁଲରେ ୧୦ମ ଶ୍ରେଣୀର ଛାତ୍ର । ପଣ୍ଡିତ ନୀଳକଣ୍ଠ ମଧ ଅନ୍ୟତମ ସାଥୀ । ଏତିକିବେଳେ ମେଧାବୀ କୃପାସିନ୍ଧୁଙ୍କ ଜୀବନରେ ଘଟିଗଲା ଏକ ଦୁଃଖାବହ ଘଟଣା । ଦିନେ ସ୍କୁଲ ଆରମ୍ଭ ହେବା ଆଗରୁ କେତେଜଣ ଦୁଷ୍ଟ ଛାତ୍ରଙ୍କ କୁଶିକ୍ଷାରେ ପଡି ଅଫିସ୍ କାଛଘଣ୍ଟାକୁ ସେ ଅଧଘଣ୍ଟାଏ ବିଳମ୍ବ କରାଇ ଦେଲେ । ଫଳରେ ସ୍କୁଲ କାର୍ଯ୍ୟରେ ଏହା ବିଶୃଙ୍ଖଳା ସୃଷ୍ଟି କଲା । ସେତେବେଳେ ଜିଲ୍ଲାସ୍କୁଲ ପ୍ରଧାନ ଶିକ୍ଷକ ଥାଆନ୍ତି ଚନ୍ଦ୍ରମୋହନ ମହାରଣା । ସେ ଅନୁସନ୍ଧାନ କରି ଜାଣିପାରିଲେ ଯେ କୁରୁପା ହେଉଛି ଏହାର ମୂଳ । କିନ୍ତୁ ସେ ମେଧାବୀ ଛାତ୍ର ଥିବାରୁ ପ୍ରଧାନ ଶିକ୍ଷକ ତାଙ୍କୁ ସ୍ନେହ କରୁଥିଲେ । ସମସ୍ତ ଛାତ୍ରଙ୍କ ସମ୍ମୁଖରେ ଦୋଷୀ କିଏ ବୋଲି ପ୍ରଶ୍ନ କଲାରୁ କୁରୁପା ନିଜ ଦୋଷ ମାନିଗଲା । ମାତ୍ର ଶାସ୍ତି ସ୍ୱରୂପ ଦିନତମାମ୍ ତାଙ୍କୁ ବେଞ୍ଚ ଉପରେ ଠିଆ ହେବାକୁ ପଡିଲା । ଫଳରେ ତାଙ୍କ ଗୋଡ ଫୁଲିଗଲା । ଘରେ ଆସି ସେ ପ୍ରଥମ ଥର ପାଇଁ ବାତଜ୍ୱରରେ ପୀଡିତ ହେଲେ । ସେହିଦିନଠାରୁ ତାଙ୍କର ଗୋଦର ଗୋଡ ହୋଇଥିଲା ।

ପ୍ରଧାନ ଶିକ୍ଷକ ଚନ୍ଦ୍ରମୋହନ ବାବୁ ଏ ଖବର ପାଇ ଢେର ଅନୁତାପ କଲେ । ଏ ବିଷୟ କେହି ତାଙ୍କ ଆଗରେ ଚର୍ଚ୍ଚା କଲେ ତାଙ୍କ ଆଖି ଛଳ ଛଳ ହୋଇଯାଉଥିଲା । ସେହି ଘଟଣା ପରଠାରୁ ଚନ୍ଦ୍ରମୋହନ ବାବୁ କୃପାସିନ୍ଧୁଙ୍କୁ ଯେତେବେଳେ ଦେଖନ୍ତି, ସେତେବେଳେ ଟିକିଏ ତାଙ୍କ ଗୋଡ ଆଉଁସି ଦିଅନ୍ତି । ଶିକ୍ଷକ ଓ ଛାତ୍ର ଉଭୟଙ୍କ ଆଖି ଲୁହରେ ଭରିଯାଏ । ଦୁହେଁ ଯେପରି ଦୁହିଁଙ୍କ ନିକଟରେ ଘୋର ଅପରାଧୀ । କେବଳ ସେତିକି ନୁହେଁ, କୃପାସିନ୍ଧୁ ଯେତେବେଳେ ବାତଜ୍ୱରରେ ପଡୁଥିଲେ, ସେତେବେଳେ ଶିକ୍ଷକ ତାଙ୍କ ବାସକୁ ପ୍ରାୟ ୨/୩ଥର ଆସି ତାଙ୍କୁ ଦେଖିଯାଉଥିଲେ । ନିଜ ଦୋଷ ପାଇଁ ଢେର ପଶ୍ଚାତ୍ତାପ କରୁଥିଲେ । ପ୍ରାୟଶ୍ଚିତ ପାଇଁ ନିଜର ଗୋଟିଏ ଫଟୋ କୃପାସିନ୍ଧୁଙ୍କୁ ଦେଇ କହୁଥିଲେ ଯେତେବେଳେ ବାତଜ୍ୱରରେ ପଡିବୁ ମୋ ଫଟୋ ଦେଖି ଢେର ଗାଳିଦେବୁ । ତେବେ ଏ ପାପରୁ ମୁଁ ମୁକ୍ତି ପାଇବି । ଆଜିକାଲି ଗୁରୁଶିଷ୍ୟଙ୍କର ଏଭଳି ମଧୁର ସମ୍ପର୍କ ଦେଖିବାକୁ ମିଳେ ନାହିଁ । ଏପରି ଜଣେ ଉଦାରମନା ଶିକ୍ଷକଙ୍କ ସଂସ୍ପର୍ଶରେ ଆସି କୃପାସିନ୍ଧୁ ତାଙ୍କଠାରୁ ଯଥେଷ୍ଟ ପ୍ରେରଣା ପାଇଥିଲେ ।

ମାତ୍ର ପ୍ରଧାନ ଶିକ୍ଷକଙ୍କ ଏହି କଠୋର ବ୍ୟବହାର ଯୋଗୁଁ ସେ ଓ ତାଙ୍କ ସାନଭାଇ ହରିହର କଟକ ଆସି ରେଭେନ୍ସା କଲିଜିଏଟ୍ ସ୍କୁଲରେ ପଡିଲେ । ସେହି ସ୍କୁଲରେ ଦୁଇବର୍ଷ ପଢି ୧୯୦୮ ମସିହା ପ୍ରବେଶିକା ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାସ୍ କରି ଦୁହେଁ ଡିଭିଜିନାଲ୍ ସ୍କଲାରସିପ୍ ମାସିକ ପନ୍ଦରଟଙ୍କା ଲେଖାଏଁ ପାଇ ରେଭେନ୍ସା କଲେଜରେ ଏଫ୍–ଏ–ଶ୍ରେଣୀରେ ଯୋଗଦେଲେ । କୃପାସିନ୍ଧୁ ଥିଲେ କଳା ଓ ହରିହର ଥିଲେ ବିଜ୍ଞାନ ବିଭାଗର ଛାତ୍ର । ସେ ଶ୍ରୀରାମଚନ୍ଦ୍ରପୁରର କେତେଜଣ ଛାତ୍ରଙ୍କ ସହ ଗୋଟିଏ ମେସ୍‌ରେ ରହୁଥିଲେ । ମେସ୍‌ର ନାମ ଥିଲା ଆଚାର୍ଯ୍ୟ ହରିହର ମେସ୍ । ଗୋପବନ୍ଧୁ ସାମୟିକ ଏହି ମେସ୍‌କୁ ବୁଲିଆସନ୍ତି । କୃପାସିନ୍ଧୁଙ୍କ ମେଧା ଚତୁରତା ଓ ନିର୍ଭୀକତା ଦେଖି ଭାବନ୍ତି– ଏପରି ସ୍ୱାର୍ଥତ୍ୟାଗୀ ଯୁବକକୁ ଭବିଷ୍ୟତରେ ଦେଶ ହିତକର କାର୍ଯ୍ୟରେ ଲଗାଇ ପାରିଲେ ଦେଶର ନାମ କାଳକାଳକୁ ଅମର ରହିବ । ସେଥିପାଇଁ ଗୋପବନ୍ଧୁ ତାଙ୍କୁ କିଛି କିଛି ଆର୍ଥିକ ସାହାଯ୍ୟ ମଧ ଦିଅନ୍ତି । ବାସ୍ତବରେ କୃପାସିନ୍ଧୁଙ୍କର ପ୍ରଥମ ଉନ୍ମେଷ ହୋଇଥିଲା କଟକ ସହରରେ । ତାଙ୍କ ମାନବିକ ଗୁଣର ବିକାଶ କଟକ ରେଭେନ୍ସା କଲେଜରୁ ହିଁ ଘଟିଛି । ସେଠାରୁ ସେ ନୂଆ ଜୀବନ ଓ ପ୍ରେରଣା ନେଇ ତ୍ୟାଗ, ସେବା ଓ ଐତିହାସିକ ଗବେଷଣାରେ ନିଜକୁ ଉତ୍ସର୍ଗ କରିଥିଲେ । କଟକ ଥିଲା ତାଙ୍କ କର୍ମମୟ ଜୀବନରେ ପୁଣ୍ୟପୀଠ । ବାରବାଟୀ ଦୁର୍ଗର ଧ୍ୱଂସାବଶେଷ ଓ କାଠଯୋଡି ପଥର ବନ୍ଧ ତାଙ୍କ ଯୁବକ ପ୍ରାଣରେ ଆଣିଥିଲା ଉଦ୍‌ବେଳନ । ସେହିଦିନଠାରୁ ତାଙ୍କ ମନରେ ଉତ୍କଳୀୟ ଗୌରବକାହାଣୀ ଲେଖିବାର କୌତୁହଳ ସୃଷ୍ଟି ହେଲା ।

୧୯୧୦ ମସିହାରେ ସେ ଅସାଧାରଣ କୃତିତ୍ୱର ପରିଚୟ ଦେଲେ, ଯେଉଁ ସମୟର ସେ ରେଭେନ୍ସା କଲେଜରୁ ଆଇ.ଏ.ପ୍ରଥମ ଶ୍ରେଣୀରୁ ସଫଳତାର ସହ ଉତ୍ତୀର୍ଣ୍ଣ ହେଲେ । ସେ ରେଭେନ୍ସା କଲେଜରେ ବି.ଏ. ପଢିଲେ । ହରିହର ଆଇ.ଏସ୍.ସି.ରେ ପ୍ରଥମଶ୍ରେଣୀ ପାଇ କଲିକତା ପ୍ରେସିଡେନ୍ସି କଲେଜରେ ପଢିବା ପାଇଁ ଗଲେ । ୧୯୧୨ ମସିହାରେ ବି.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଦର୍ଶନ ଶାସ୍ତ୍ରରେ ଦ୍ୱିତୀୟ ଶ୍ରେଣୀ ଅନର୍ସ ପାଇ କୃପାସିନ୍ଧୁ ବିଶ୍ୱବିଦ୍ୟାଳୟରେ ମାସିକ ତିରିଶିଟଙ୍କା ବୃତ୍ତି ପାଇଲେ ଓ କଲିକତାରେ ଏକ ସମୟରେ ପଢିଲେ ଏମ୍.ଏ. ଏବଂ ଓକିଲାତି । ଗୋପବନ୍ଧୁ ସେତେବେଳେ ତରୁଣ ଉତ୍କଳ ସଂଘ

ଗଠନ କରିଥାଆନ୍ତି । ଯୁବକମାନଙ୍କ ମନରେ ଜାତୀୟ ଜାଗରଣ ଓ ବଢି ମରୁଡିର ସାଥୀ ଓଡ଼ିଶାବାସୀଙ୍କ ଦୁଃଖ ଦୂର ପାଇଁ ଅଣ୍ଟା ଭିଡିଥାଆନ୍ତି । କୃପାସିନ୍ଧୁଙ୍କ ପ୍ରାଣରେ ଦେଶସେବାର ମହାନ ଭାବ ଜାତହେଲା । ଏମ୍.ଏ. ପଢିବା ବେଳୁ ବାରବାଟୀ ଦୁର୍ଗର ଜୀବନଚରିତ ପର୍ଯ୍ୟାଲୋଚନା କରିବାରେ ସେ ଲାଗି ପଡିଥିଲେ । ୧୯୧୩ ମସିହାଠାରୁ ତାଙ୍କ ରଚିତ ଐତିହାସିକ ପ୍ରବନ୍ଧମାନ ବ୍ରଜସୁନ୍ଦର ଦାଶଙ୍କ ମୁକୁର ପତ୍ରିକାରେ ପ୍ରକାଶ ପାଉଥିଲା । ପରେ ତାଙ୍କ ଲେଖନୀରୁ ବାରବାଟୀ କୋଣାର୍କ, ସତ୍ୟବାଦୀ ଓ ଉତ୍କଳ ଇତିହାସ ପ୍ରଭୃତି ଐତିହାସିକ ଗବେଷଣାମୂଳକ ପ୍ରବନ୍ଧ ସୃଷ୍ଟି ହେଲା । ଓଡ଼ିଶାର ପ୍ରଥମ ପ୍ରସିଦ୍ଧ ଐତିହାସିକ ଭାବେ ସେ ପରିଚିତ ହେଲେ ।

୧୯୧୪ ମସିହାରେ ୨୩ ବର୍ଷୀୟ ଯୁବକ କୃପାସିନ୍ଧୁ ସତ୍ୟବାଦୀ ବନ ବିଦ୍ୟାଳୟରେ ହେଲେ ଶିକ୍ଷକ । ୧୯୦୯ରେ ଆରମ୍ଭ ହୋଇ ୧୯୧୧ ବେଳକୁ ଭଲ ଭାବରେ ଚାଲିଥିଲା ସତ୍ୟବାଦୀ ବିଦ୍ୟାଳୟ । ଦର୍ଶନ ଶାସ୍ତ୍ରରେ କଲିକତା ବିଶ୍ୱବିଦ୍ୟାଳୟରୁ ଏମ୍.ଏ.ପାସ୍ କରିଥିବାରୁ ରେଭେନ୍ସା କଲେଜରେ ସେ ଅଧ୍ୟାପକ ହୋଇପାରିଥାନ୍ତେ । ମାତ୍ର ତ୍ୟାଗ, ସେବା ଓ ଶିକ୍ଷା ବିକାଶକୁ ଯିଏ ଜୀବନ ବ୍ରତ କରିଥିଲେ, ସେ ଏପରି ପଦ ପଦବୀ ପଛରେ ଗୋଡାଇବେ କାହିଁକି ? ମାସିକ ପଚାଶ ଟଙ୍କା ବେତନରେ ସତ୍ୟବାଦୀ ସ୍କୁଲରେ ଶିକ୍ଷକ ହେବା ପାଇଁ ସେ ଅଧିକ ପସନ୍ଦ କଲେ । ପଣ୍ଡିତ କୃପାସିନ୍ଧୁଙ୍କର ଓଡ଼ିଆ, ଇଂରାଜୀ ଓ ସଂସ୍କୃତରେ ଥିଲା ଅଗାଧ ପାଣ୍ଡିତ୍ୟ । ଗୋପବନ୍ଧୁଙ୍କର ସେ ଥିଲେ ଅନ୍ତରଙ୍ଗ ବନ୍ଧୁ । ଗୋପବନ୍ଧୁ ବିହାର ଓଡ଼ିଶା ଆସେମ୍ବ୍ଲିରେ ସଭ୍ୟ ଥିଲାବେଳେ ଯାହା ତାଙ୍କର ପ୍ରଶ୍ନାବଳୀ ଓ ବକ୍ତୃତା ତାହା ପଣ୍ଡିତ କୃପାସିନ୍ଧୁ ହିଁ ଲେଖୁଥିଲେ । ବନ ବିଦ୍ୟାଳୟ ଓ ସତ୍ୟବାଦୀ ବିହାରରେ କୃପାସିନ୍ଧୁଙ୍କ ବୁଦ୍ଧି, ବିଚକ୍ଷଣତା ଓ କର୍ମନିଷ୍ଠା ଦେଖି ସମସ୍ତେ ବିସ୍ମିତ ହେଉଥିଲେ ।

୧୯୨୧ରେ ହେଲା ଅସହଯୋଗ ଆନ୍ଦୋଳନ । ପୂର୍ବରୁ ପଣ୍ଡିତ କୃପାସିନ୍ଧୁ ବନ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଉଥିଲେ । ଏହା ପୂର୍ବରୁ ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ ଏହି ବିଦ୍ୟାଳୟକୁ ଜୀବନର ସାଧନା କ୍ଷେତ୍ର ରୂପେ ବାଛି ନେଇଥିଲେ ଓ ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଇ ଥିଲେ । କୃପାସିନ୍ଧୁଙ୍କ ନିଷ୍ଠା ଓ ଛାତ୍ର ଗଠନ ଉଦ୍ୟମ ଦେଖି ଲୋକେ ଅଭିଭୂତ ହୋଇପଡିଲେ । ମାତ୍ର ହଠାତ୍ ସତ୍ୟବାଦୀ ଜାତୀୟ ବିଦ୍ୟାଳୟ ଜୀବନରେ ଦେଖାଦେଲା ଘୋର ଦୁର୍ଦ୍ଦିନ । ଗୋଦାବରୀଶ ଚକ୍ରଧରପୁର ଓଡ଼ିଆ ହାଇସ୍କୁଲର ପ୍ରଧାନଶିକ୍ଷକ ହୋଇ ଚାଲିଗଲେ । ନୀରକଣ୍ଠ କଲିକତା ବିଶ୍ୱବିଦ୍ୟାଳୟରେ ବିଶିଷ୍ଟ ଓଡ଼ିଆ ଅଧ୍ୟାପକ ହୋଇ ସତ୍ୟବାଦୀ କର୍ମକ୍ଷେତ୍ରରୁ ଅପସରି ଗଲେ । ମାତ୍ର ବକୁଳ ଛୁରିଆନା, କେତକୀ ବଣର ସ୍ନିଗ୍ଧ ଆକର୍ଷଣ କୃପାସିନ୍ଧୁଙ୍କୁ ବାନ୍ଧି ରଖିଲା । ଜୀବନର ଶେଷ ସମୟ ଯାଏ ସତ୍ୟବାଦୀର ପବିତ୍ର ମାଟିକୁ ସେ ଛାଡିପାରିଲେ ନାହିଁ । ତାହାଥିଲା ତାଙ୍କର ସାଧନା ଓ କର୍ମପୀଠ । ପଣ୍ଡିତ କୃପାସିନ୍ଧୁ ପୂର୍ବପରି ପ୍ରଧାନଶିକ୍ଷକ ଥାଇ କିଛିଦିନ ନିଜ ଗାଁରୁ ବିଦ୍ୟାଳୟ ସାଇକେଲରେ ଯିବା ଆସିବା କଲେ । ମାତ୍ର ବିବାହ ପରେ ତାଙ୍କ ଭରଣପୋଷଣ ପାଇଁ ସମସ୍ତେ ମାସିକ ୮୦ଟଙ୍କା ଦେବା ପାଇଁ ସ୍ଥିର କରିଥିଲେ ହେଁ କୃପାସିନ୍ଧୁ କହିଲେ ମୋର ମାସିକ ଟ ୫୦ ହେଲେ ଚଳିଯିବ । ଅଧିକ କାହିଁକି ନେବି ? ତାହା ହିଁ ହେଲା । ଏଫ୍.ଏ.ପାଶ୍ କରିବା ପୂର୍ବରୁ ବୀରବଳଭଦ୍ରପୁର ଶାସନର ସଦାଶିବ ମିଶ୍ରଙ୍କ କନ୍ୟା ସାବିତ୍ରୀ ଦେବୀଙ୍କ ସହ ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା । କୃପାସିନ୍ଧୁ ଗରିବ ଥିଲେ ମାତ୍ର ବୀରବଳଭଦ୍ରପୁରର ଧନାଢ୍ୟ ଶ୍ୱଶୁର ଶ୍ରୀ ସଦାଶିବ ମିଶ୍ର ତାଙ୍କ ଆଚରଣ ଶୁଦ୍ଧି ଓ କୃତିତ୍ୱ ଦେଖି ନିଜ ଜାମାତା କରିବା ନିମନ୍ତେ ମନ ବଳାଇଥିଲେ । ଭାଙ୍ଗିଯାଇଥିବା ତାଙ୍କ ଘରର ମାଟିଗଦା ଉପରେ ଚାଞ୍ଚରା ବନ୍ଧାଗଲା । ବିବାହର ସବୁଖର୍ଚ୍ଚ ଶ୍ୱଶୁର ବହନ କରିଥିଲେ । ଏହାପରେ କୃପାସିନ୍ଧୁ ବୀରପ୍ରତାପପୁରରେ ବଖରାଏ ଘର କରି ସାବିତ୍ରୀଙ୍କ ସହ ବିବାହିତ ଜୀବନ ବିତାଇଥିଲେ ।

ସତ୍ୟବାଦୀ କର୍ମୀ ସଂଘ ଅସହଯୋଗ ଆନ୍ଦୋଳନରେ ଯୋଗଦେଇଥିବାରୁ ବିଦ୍ୟାଳୟକୁ ବୋଲାଯାଉଥିଲା ସତ୍ୟବାଦୀ ଜାତୀୟ ବିଦ୍ୟାଳୟ । ସତ୍ୟବାଦୀ ଜାତୀୟ ବିଦ୍ୟାଳୟର ଉପର ଶ୍ରେଣୀରେ କୃପାସିନ୍ଧୁ ଇତିହାସ ପଢାଉଥିଲେ, ଏଣେ ସତ୍ୟବାଦୀ ବଜାରରେ ଛୁଟି ସମୟରେ ଭଡାଘରେ ରହି ଐତିହାସିକ ଗବେଷଣା ଚାଲୁ ରଖିଥିଲେ । ଛାତ୍ରଛାତ୍ରୀଙ୍କୁ ପଢାଇବା ପାଇଁ ଶ୍ରେଣୀକୁ ଯିବା ଆଗରୁ ନିଜକୁ ପ୍ରସ୍ତୁତ କରୁଥିଲେ । ଏହି ଅଭ୍ୟାସ ତାଙ୍କୁ ଦେଇଥିଲା ପ୍ରବୀଣ ଶିକ୍ଷକର ସମ୍ମାନ ।

ସେତେବେଳେ ପୁରୀ ଜିଲ୍ଲା ବୋର୍ଡର ଚେୟାର୍‌ମ୍ୟାନ୍ ପଦ ପାଇଁ କୃପାସିନ୍ଧୁଙ୍କ ନାମ ସ୍ଥିର ହେଲା । କିନ୍ତୁ କୃପାସିନ୍ଧୁ ଜାତୀୟ ବିଦ୍ୟାଳୟରୁ ସମ୍ପର୍କ ତୁଟାଇଲେ ତାହା କାଳେ ଭାଙ୍ଗିଯିବ, ଏହି ଆଶଙ୍କା ନେଇ ପୁରୀର ଓକିଲ ଗଣେଶ୍ୱରପୁର ନିବାସୀ ଶ୍ରୀ ବନମାଳୀ ଦାଶକୁ ଚେୟାରମ୍ୟାନ କରାଗଲା ଓ କୃପାସିନ୍ଧୁ ଜିଲ୍ଲାବୋର୍ଡର ସଭ୍ୟ ଥାଇ ଶିକ୍ଷା କମିଟିରେ ରହିଲେ ।

ସେସମୟରେ ପଣ୍ଡିତ ନୀଳକଣ୍ଠଙ୍କ ସମାଜ ସଂସ୍କାରମୂଳକ ନିଶା ଆନ୍ଦୋଳନ ରକ୍ଷଣଶୀଳ ଶାସନୀ ବ୍ରାହ୍ମଣଙ୍କ ମନରେ ଗଭୀର ଅସନ୍ତୋଷ ଆଣିଦେଲା । ବିଦ୍ରୋହର ଫଳସ୍ୱରୂପ ସତ୍ୟବାଦୀ ବିଦ୍ୟାଳୟ ପୋଡି ଦେବା ଓ ଏହି ମଣିଷ ଗଢା କାରଖାନା ସତ୍ୟବାଦୀ ଜାତୀୟ ବିଦ୍ୟାଳୟର ଉନ୍ନତି ପଥରେ ବାଧା ସୃଷ୍ଟି ପାଇଁ ଅନ୍ୟ ଏକ ସମାନ୍ତରାଳ ମାଇନର ସ୍କୁଲ ଦାମୋଦରପୁର ବଜାରରେ ଏକଗୋଷ୍ଠୀ କରାଇଥିଲେ । ମାତ୍ର ଏହି ଚକ୍ରାନ୍ତକାରୀ ଗୋଷ୍ଠୀଙ୍କ ଉଦ୍ଦେଶ୍ୟ ମନ୍ଦ ଥିବାରୁ ଏହି ଅନୁଷ୍ଠାନ ଦୀର୍ଘଦିନ ଚାଲିବା ସମ୍ଭବ ହେଲାନି । ଏହା ଦେଖି ପଣ୍ଡିତ ଗୋପବନ୍ଧୁ କୃପାସିନ୍ଧୁଙ୍କୁ ନିର୍ଦ୍ଦେଶ ଦେଲେ ପ୍ରତିଦ୍ୱନ୍ଦୀ ବିଦ୍ୟାଳୟ ଦେଲେ ମଧ୍ୟ ଅସଂଖ୍ୟ ଛାତ୍ରଛାତ୍ରୀଙ୍କୁ ଏହି ଅନୁଷ୍ଠାନ ଆଲୋକ ଦେଖାଇବ । ତୁମେ ଏହାକୁ ପୁନର୍ଗଠନ କର । ସେ ଏହି ବିଦ୍ୟାଳୟର ସମ୍ପାଦକ ଦାୟିତ୍ୱ ତୁଲାଇ ଏହାକୁ ବଞ୍ଚାଇ ରଖିଥିଲେ । ପରେ ଏହା ଭାର୍ଗବୀ ହାଇସ୍କୁଲରେ ପରିଣତ ହେଲା ।

୧୯୨୦ ସେପ୍ଟେମ୍ବର ୪ ତାରିଖ ଲାଲା ଲଜ୍‌ପତ ରାୟଙ୍କ ସଭାପତିତ୍ୱରେ କଲିକତା କଂଗ୍ରେସ୍ ଅଧିବେଶନ ବସିଲା । ଇଂରେଜ ବିରୋଧରେ ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନରେ ଯୋଗଦେବା ପାଇଁ ଡକାଇଲେ । ଏହି ସଭାରେ ଗୋପବନ୍ଧୁଙ୍କ ସହ କୃପାସିନ୍ଧୁ ଯୋଗ ଦେଇଥିଲେ ।

ଉତ୍କଳ ସମ୍ମିଳନୀ ପୁରୀ ଅଧିବେଶନରେ ମଧୁବାବୁ ଯୁବକମାନଙ୍କ ମନରେ ନବ ଉନ୍ମାଦନା ଆଣିଦେଲେ । ପରାଧୀନ ଭାରତର ମୁକ୍ତି ପାଇଁ ଛାତ୍ରମାନଙ୍କ ସଭାରେ ସେ କୃପାସିନ୍ଧୁଙ୍କୁ ପାଇବା କଥା ସ୍ୱୀକାର କଲେ । ସତକୁ ସତ ୧୯୨୮ ମସିହା ଗାନ୍ଧିଜୀଙ୍କ ନେତୃତ୍ୱରେ ଜଳନ୍ତା ନିଆଁପରି ଅସହଯୋଗ ଆନ୍ଦୋଳନ ଭାରତ ସାରା ବ୍ୟାପିଗଲା ।

କୃପାସିନ୍ଧୁଙ୍କ ନେତୃତ୍ୱରେ ଜାତୀୟ ବିଦ୍ୟାଳୟର ଛାତ୍ରମାନେ କଂଗ୍ରେସ ବାର୍ତ୍ତା ପ୍ରଚାର ଓ ଇଂରେଜ ବିରୋଧୀ ଆନ୍ଦୋଳନ ପାଇଁ ଦଳଦଳ ହୋଇ ଗାଁକୁ ଗାଁ ଖେଦି ଗଲେ । ଶିକ୍ଷକ ଓ ଛାତ୍ରମାନେ ଆନ୍ଦୋଳନରେ ମାତିବାରୁ ଜାତୀୟ ବିଦ୍ୟାଳୟ ଭାଙ୍ଗିବାକୁ ବସିଲା । କେତେ ଛାତ୍ର ବାଷ୍ପାକୁଳ କଣ୍ଠରେ କୃପାସିନ୍ଧୁଙ୍କୁ ପଚାରିଲେ– ମହାଶୟ, ଆମେ ଏବେ କ'ଣ କରିବୁ, ବିଦ୍ୟାଳୟତ ଭାଙ୍ଗିଗଲା । କୃପାସିନ୍ଧୁ ଉତ୍ତର ଦେଲେ– ଆମେ ସ୍ୱାଧୀନତା ପାଇଁ ଲଢୁଥାଏଁ । ନିଜ ଜୀବନ ସ୍ୱାଧୀନ ଭାବେ ଗଢ । ସତ୍ୟବାଦୀ ବିନବିଦ୍ୟାଳୟ ଲୋପ ପାଇବାପରେ ମାତ୍ର ସ୍ୱାଧୀନତା ଲଢେଇର ଇତିହାସ ଅମର ରହିବ ।

କୃପାସିନ୍ଧୁ ଦର୍ଶନ ଶାସ୍ତ୍ରରେ ଏମ୍.ଏ. କରିଥିଲେ ମଧ୍ୟ ଐତିହାସିକ ଗବେଷଣାରେ ଅଧିକ ମନୋନିବେଶ କରି ତିନିଗୋଟି ଉପାଦେୟ ପୁସ୍ତକ ରଚନା କରିଥିଲେ । ସେଗୁଡିକ ହେଲା– ବାରବାଟୀ ଦୁର୍ଗ, କୋଣାର୍କ ଓ ଉତ୍କଳ ଇତିହାସ । ୩୩୪ ପୃଷ୍ଠାବ୍ୟାପୀ ଉତ୍କଳ ଇତିହାସ ପଣ୍ଡିତ କୃପାସିନ୍ଧୁଙ୍କ ହାତଲେଖା ତାଙ୍କ ମୃତ୍ୟୁର ୩ଦିନ ପୂର୍ବରୁ ରୋଗାକ୍ରାନ୍ତ ହୋଇ ମଧ୍ୟ ସେ ପାଣ୍ଡୁଲିପିଗୁଡିକ ଛାପିବା ପାଇଁ କଟକ ଟ୍ରେଡିଂ କମ୍ପାନୀର ପ୍ରକାଶକଙ୍କ ନିକଟକୁ ପଠାଇଲେ । ଓଡ଼ିଶାର ଇତିହାସ ଓ ସାହିତ୍ୟ ଉଭୟ କ୍ଷେତ୍ରକୁ ସେ ଋଦ୍ଧିମନ୍ତ କରିପାରିଛନ୍ତି । ସେ କେବଳ ଜଣେ ଐତିହାସିକ ନଥିଲେ, ସେ ଥିଲେ ବିଶିଷ୍ଟ ଦାର୍ଶନିକ । ତାଙ୍କ ଦର୍ଶନତତ୍ତ୍ୱ ସମ୍ବଳିତ ଅଦୃଷ୍ଟବାଦ ଓ କା' ପ୍ରବନ୍ଧ ପାଠକମାନଙ୍କ ମନରେ ଗଭୀର ଛାପ ପକାଇଛି । ଓଡ଼ିଶାର ବିଶାଳ ଇତିହାସ ସେ ଇଂରାଜୀରେ ଲେଖିବା ପାଇଁ କଳ୍ପନା କରିଥିଲେ । ମାସିକ ସତ୍ୟବାଦୀ ପତ୍ରିକାରେ ସାକ୍ଷୀଗୋପାଳ ବିଷୟ ସେ ଧାରାବାହିକ ଇତିହାସଭାବେ ଲେଖିଥିଲେ । ସେସମୟରେ ସ୍କୁଲମାନଙ୍କରେ ପାଠ୍ୟ ପୁସ୍ତକ ରୂପେ ପ୍ରଚଳିତ ଇଂଲଣ୍ଡର ଇତିହାସ ପାଇଁ ସେ ସରଳ ଭାଷାରେ ଖଣ୍ଡିଏ ପାଠ୍ୟପୁସ୍ତକ ଲେଖିଥିଲେ । ତାଙ୍କ ପ୍ରବନ୍ଧଗୁଡିକ ଓଡ଼ିଶା ସାରସ୍ୱତ ଭଣ୍ଡାରର ଅମୂଲ୍ୟ ରତ୍ନ ।

କୃପାସିନ୍ଧୁ ଉତ୍କଳ ଇତିହାସର ପାଣ୍ଡୁଲିପି ନେଇ କଟକ ପଠାଇବା ପାଇଁ ପୁରୀ ଗଲେ । ପୁରୀ ଜିଲାବୋର୍ଡ କମିଟିରେ ମଧ୍ୟ ଯୋଗଦେଲେ । ପୁରୀରେ ଥାଇ ଖବର ପାଇଲେ ପାଟେଳି ଗାଁର ତାଙ୍କ ଭଣଜାକୁ ବସନ୍ତ ହୋଇଛି । ଜ୍ୱର ଦେହରେ ସେ ସେଠାକୁ ଗଲେ । ସେହିଦିନ ରାତିରେ ନିଜ ଗାଁକୁବି ଫେରିଲେ । ସହଜେ ବାତରୋଗୀ ଦେହରୁ ଜ୍ୱର କମିଲା ନାହିଁ ।

୧୯୨୬ ମସିହା ଫେବୃଆରୀ ୧୨ ତାରିଖ ଦିନ ୧୦ଟା ବେଳେ ସେ ତାଙ୍କ ପ୍ରିୟ ଓଡ଼ିଶା ମାଟି ଛାଡି ପରପାରିକୁ ଚାଲିଗଲେ । କୃପାସିନ୍ଧୁଙ୍କ ମୃତ୍ୟୁବେଳକୁ ତାଙ୍କ ମା' ଜୀବିତ ଥିଲେ । ପୁତ୍ରଶୋକ ତାଙ୍କୁ ଦେଇଥିଲା ଦାରୁଣ ଦୁଃଖ । ସେ ନିଃସନ୍ତାନ ଥିବାରୁ ତାଙ୍କ ସାନଭାଇଙ୍କ ପୁତ୍ର ଶ୍ରୀମାନ ଜଗନ୍ନାଥଙ୍କୁ ପୋଷ୍ୟପୁତ୍ର କରିଥିଲେ ।

ଗୋପବନ୍ଧୁ କୌଣସି କାମ ନେଇ କଟକ ଯାଇଥାନ୍ତି । ସେ ୧୧ ତାରିଖ ରାତିରେ ପୁରୀରେ ପହଞ୍ଚିଲେ । କୃପାସିନ୍ଧୁ ପୀଡିତ ଥିବା ଖବର ପାଇ ୧୨ ତାରିଖ ପ୍ରତ୍ୟୁଷରୁ ଏମାର ମଠ ମହନ୍ତଙ୍କ ମଟର ଗାଡି ମଗାଇ ପୁରୀର ବିଖ୍ୟାତ କବିରାଜ ମାଗୁଣି

ମିଶ୍ରଙ୍କୁ ସଙ୍ଗରେ ଘେନି ବୀରପ୍ରତାପପୁର ବାହାରିଲେ । ସାଙ୍ଗରେ ଥିଲେ ସମାଜ ସମ୍ପାଦକ ଶ୍ରୀଯୁକ୍ତ ରାଧାନାଥ ରଥ ।

ଚନ୍ଦନପୁରଠାରେ ପହଞ୍ଚିଛନ୍ତି, ଖବର ପାଇଲେ କୃପାସିନ୍ଧୁ ଚାଲିଗଲେ । ଦାସେ ଆପଣେ ଧୈର୍ଯ୍ୟ ଧରି ପାରିଲେ ନାହିଁ । କୃପାସିନ୍ଧୁଙ୍କ ବିୟୋଗରେ ସେ ଏପରି ଭାଙ୍ଗି ପଡିଲେ ଯେ, କାନ୍ଦି କାନ୍ଦି ପୁରୀ ବାହୁଡି ଗଲେ । ବାଟରେ ମଟର ଗାଡି ଭିତରେ କେବଳ ଚାଲିଗଲେ...ଚାଲିଗଲେ...ବୋଲି ଉଚ୍ଚାରଣ କରୁଥାନ୍ତି ।

ଉତ୍କଳ ଶିକ୍ଷାକାଶରୁ ଏକ ଉଜ୍ଜ୍ୱଳ ନକ୍ଷତ୍ର ଛିଡିପଡିଲା । ସବୁଦିନ ପାଇଁ ହଜିଗଲେ ଉତ୍କଳ ଇତିହାସ ଅନୁସନ୍ଧାନର ପ୍ରଧାନ ସାଧକ । କ୍ଷୋଭର ବିଷୟ ଏହି ଯେ, ପଣ୍ଡିତ କୃପାସିନ୍ଧୁଙ୍କ ଅମୂଲ୍ୟ କୃତିଗୁଡିକର ଏଯାଏଁ ଯତ୍ନ ନିଆଯାଇପାରିନାହିଁ । ମୂଲ୍ୟ ଦେବା ତ ଦୂରର କଥା ଅନୁବାଦ ପ୍ରତି ମଧ୍ୟ ଲେଖକ ଓ ପ୍ରକାଶକ ଉଦାସୀନ ଅଛନ୍ତି । ଏପରିକି ତାଙ୍କ କର୍ମମୟ ଜୀବନର ଆଲେଖ୍ୟ ବା ଜୀବନର ବିଭିନ୍ନ ସମୟର ଘଟଣାକୁ କେହି ହେଲେ କ୍ରମାନ୍ୱୟରେ ସଜାଇ ଲେଖିନାହାନ୍ତି । ତାଙ୍କ ବହୁମୂଲ୍ୟ ଜୀବନ ଚରିତ ଓ କୃତୀ ଉପରେ ଗବେଷଣା ମଧ୍ୟ କରାଯାଇପାରିନାହିଁ । ତାଙ୍କର କୃତୀ–ଛାତ୍ରମାନଙ୍କ ମଧ୍ୟରୁ କେହି ଜଣେହେଲେ ତାଙ୍କ ପୂର୍ଣ୍ଣାଙ୍ଗ ଜୀବନୀ ପୁସ୍ତକ ଲେଖିନାହାନ୍ତି । ସେହି ଐତିହାସିକ, ସାହିତ୍ୟ ସାଧକ ତଥା ପ୍ରବୀଣ ଲେଖକଙ୍କ ପୂର୍ଣ୍ଣାଙ୍ଗ ଜୀବନ ଚରିତ ଲେଖାଗଲେ, ଏହା ପରବର୍ତ୍ତୀ ପିଢିର ଯୁବକମାନଙ୍କୁ ମାର୍ଗଦର୍ଶନ କରାଇବା ସହିତ ତାଙ୍କ ଭଳି ନିରଭିମାନ ବ୍ୟକ୍ତିତ୍ୱ ପ୍ରତି ତାହା ହେବ ଶ୍ରେଷ୍ଠ ସମ୍ମାନ ।

ମରିଚି କୋଟ ଲେନ୍
ପୁରୀ–୧

# ଅଗଷ୍ଟ ପନ୍ଦର

ଅଧ୍ୟାପିକା ଗୀତାଶ୍ରୀ ପ୍ରିୟମ୍ବଦା

ଫିରିଙ୍ଗି ହଟାଇ ଜାତିର ପିତାଜୀ
ଗଢିଲେ ସୁନାର ଦେଶ
ସ୍ୱାଧୀନତା ପାଇଁ କେତେ ବିପ୍ଳବୀ
ଦେଇଥିଲେ ରଣେ ଝାସ ।
ନେହରୁ ଶାସ୍ତ୍ରୀଜୀ ଭଗତ ଆଜାଦ
ନେତାଜୀ ପରିକା ବୀର
ଦେଶ ଜାତି ପାଇଁ କାମ କରିଯାଇ
ରହିଲେ ସଦା ଅମର ।
ଉଣେଇଶ ଶହ ସତଚାଳିଶି
ଅଗଷ୍ଟ ପନ୍ଦର ଦିନ
ତ୍ରିରଙ୍ଗା ଉଡିଲା ସ୍ୱାଧୀନ ହୋଇଲେ
ରହିଲା ସଭିଙ୍କ ମନ ।
ଦେଶ ଜାତି ପାଇଁ ପରାଣ ଦେଇକି
ଯେଉଁମାନେ କଲେ କାମ ।
ଶାନ୍ତି ଅହିଂସା ମିତ ପଣିଆରେ
ବିଶ୍ୱେ ରଖିଲେ ନାମ ।
ଭାରତ ମାତାର ସନ୍ତାନ ଆମେରେ
ଭାରତ ଆମରି ଦେଶ
ତା ପାଇଁ କରିବା ମିଳିମିଶି କାମ
ରଖିବା ତାହାରି ଯଶ ।
ଅଗଷ୍ଟ ପନ୍ଦର ଜାନୁଆରୀ ମାସ
ଛବିଶି ତାରିଖ ଦିନ
ଶ୍ରଦ୍ଧା ସୁମନ ଢାଳି ଦେଉ ବସି
ଘେନ ଆହେ ସୂରିଗଣ ।

ଶିକ୍ଷା ବିଭାଗ
ଖଡିଆଳ କଲେଜ, ଖଡିଆଳ, ନୂଆପଡା

# ରମଜାନ୍‌ର ସାମାଜିକ ମୂଲ୍ୟବୋଧ

**ଶକୀଲ ଅହମଦ**

ରମଜାନ ମାସ ଆସିଲେ ମୁସ୍‌ଲିମ୍ ବସତି ଚଳଚଞ୍ଚଳ ହୋଇଉଠେ । ଛୋଟ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୁଢ଼ାବୁଢ଼ୀ ପର୍ଯ୍ୟନ୍ତ ସମସ୍ତେ ରମଜାନ ପାଳନ ପାଇଁ ତତ୍ପର ହୋଇଉଠନ୍ତି । ରମଜାନର ଉପାସନା ଭକ୍ତଙ୍କର ସବୁ ପାପକ୍ଷୟ କରିଦିଏ ବୋଲି ଏହି ମାସରେ ଭକ୍ତମାନେ ଅବିଶ୍ରାନ୍ତ ଭାବରେ ବିଭିନ୍ନ ଉପାସନା କରି ନିଜ ସ୍ରଷ୍ଟାଙ୍କୁ ପ୍ରସନ୍ନ କରିବାକୁ ଚେଷ୍ଟା କରିଥାନ୍ତି । ମହାମାନ୍ୟ ମହମ୍ମଦ ଉପଦେଶ ଦେଇଛନ୍ତି –

'ଯିଏ ରମଜାନ ମାସରେ ବିଶ୍ୱାସର ସହ ନିଷ୍ଠାପର ଭାବେ ଉପବାସ ପାଳନ କରେ ଏବଂ ଅଲ୍ଲାହଙ୍କଠାରୁ ଏହାର ପ୍ରତିଦାନର ଆଶା ରଖେ, ତାର ପୂର୍ବ ପାପଗୁଡ଼ିକୁ କ୍ଷମା କରିଦିଆଯିବ ।' (ସହୀ ବୁଖାରୀ, ୧/୩୭)

ଈଶ୍ୱରଙ୍କଠାରେ ନିଜକୁ ସମର୍ପଣ କରିବା ଓ ତାଙ୍କର ଶରଣାଗତ ହୋଇଯିବା ହେଉଛି ଶ୍ରେଷ୍ଠଭକ୍ତି । ବୋଧହୁଏ କୌଣସି ଧର୍ମମତ ଏହାକୁ ଅସ୍ୱୀକାର କରେ ନାହିଁ । ଭାଗବତର ନବଧାଭକ୍ତିରେ ନଅ ପ୍ରକାର ଭକ୍ତିର ବର୍ଣ୍ଣନା କରାଯାଇଛି –

ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋଃ ସ୍ମରଣଂ ପାଦସେବନମ୍

ଅର୍ଚ୍ଚନଂ ବନ୍ଦନଂ ଦାସ୍ୟ ସଖ୍ୟମାତ୍ମନିବେଦନମ୍ ।

ଈଶ୍ୱରଙ୍କ ନାମ ଶ୍ରବଣ, କୀର୍ତ୍ତନ, ସ୍ମରଣ, ତାଙ୍କ ସେବା, ବନ୍ଦନା-ଅର୍ଚ୍ଚନା, ତାଙ୍କ ପ୍ରତି ଦାସ୍ୟଭାବ ଓ ସଖ୍ୟଭାବ ଏବଂ ତାଙ୍କ ନିକଟରେ ଆତ୍ମ ସମର୍ପଣ ହେଉଛି ଭକ୍ତି । ଭକ୍ତର ଏହି 'ଆତ୍ମ ସମର୍ପଣ' ବା 'ଈଶ୍ୱରଶରଣ'ର ଆରବୀ ଅନୁବାଦ ଇସଲାମ । 'ଈଶ୍ୱରଶରଣ' ଏବଂ 'ଇସଲାମ' ଦୁଇଟି ଭିନ୍ନ ଭିନ୍ନ ଅର୍ଥବୋଧକ ଶବ୍ଦ ନୁହନ୍ତି । ଅବଶ୍ୟ ବିଭିନ୍ନ ଯୁଗର ମାନବ ଜାତିର ଭାଷାରେ ଏହାର ଅନ୍ୟ ନାମ ଥାଇପାରେ, କିନ୍ତୁ ଈଶ୍ୱରଶରଣର ମାର୍ଗ ବିଶ୍ୱର ପ୍ରାଚୀନତମ ଭକ୍ତିମାର୍ଗ । ଈଶ୍ୱରଙ୍କର ଲକ୍ଷାଧିକ ପ୍ରତିନିଧି ବିଶ୍ୱର ପ୍ରତ୍ୟେକ ସଂପ୍ରଦାୟରେ ନିଜ ନିଜ ମାତୃ ଭାଷାରେ ଏହି ମାର୍ଗର ପ୍ରଚାର କରିଛନ୍ତି ବୋଲି କୁରଆନ କହେ । ମହାମାନ୍ୟ ମହମ୍ମଦ ଏହି ଆଦିସ୍ରୋତର ପୁନଃସ୍ଥାପକ ଏବଂ ସେହି ଜଗତକର୍ତ୍ତାଙ୍କ ପ୍ରତିନିଧି ଭାବେ ଯାହାଙ୍କୁ ବେଦ ଓ ବେଦାନ୍ତରେ 'ବ୍ରହ୍ମ' ଏବଂ କୁରଆନରେ 'ଅଲ୍ଲାହ୍' କୁହାଯାଇଛି । ସେ କୌଣସି ନୂତନ ଧର୍ମ ପ୍ରତିଷ୍ଠା କରି ନାହାନ୍ତି ବା କୌଣସି ନୂତନ ତତ୍ତ୍ୱ ପ୍ରଚାର କରି ନାହାଁନ୍ତି । ତେଣୁ ତାଙ୍କର ମୌଳିକ ଶିକ୍ଷାଗୁଡ଼ିକ ଅନ୍ୟ ଈଶ୍ୱରଦୂତଙ୍କ ଶିକ୍ଷାଠାରୁ ଭିନ୍ନ ନୁହେଁ ।

**ଉପାସନାର ଲକ୍ଷ୍ୟ –** ମଣିଷ ଓ ସ୍ରଷ୍ଟା ମଧ୍ୟରେ ସଂପର୍କଟିଏ ଗଢ଼ିବା ଏବଂ ତାକୁ ଧର୍ମନିଷ୍ଠ କରିବା ପୂଜା-ଉପାସନାର ଲକ୍ଷ୍ୟ । ଉପାସନା ମଣିଷ ମଧ୍ୟରେ ଏଭଳି ଏକ ଶକ୍ତି ସଂଚାର କରେ, ଯାହା ତାକୁ ବାସନା ଓ ଅପକର୍ମର ନିରୋଧ ପାଇଁ ମନୋବଳ ଯୋଗାଇ ଥାଏ । ନିଷ୍ଠାର ସହ ଉପାସନା କରିବା ଦ୍ୱାରା ମଣିଷ କ୍ରମେକ୍ରମେ ଶୃଂଖଳିତ ହୁଏ ଏବଂ ତା' ମଧ୍ୟରେ ଗୋଟିଏ ଶୃଂଖଳାବୋଧ ଉତ୍ପନ୍ନ ହୁଏ ଯାହାକୁ ଆରବୀ ଭାଷାରେ 'ତକ୍‌ୱା' କୁହାଯାଏ । ଏହି ଶୃଂଖଳାବୋଧ ଆସିଲେ ମଣିଷ ଈଶ୍ୱରଙ୍କ ଅବଜ୍ଞା କରେ ନାହିଁ । ଏହା ହିଁ ପୂଜା ଉପାସନାର ଲକ୍ଷ୍ୟ ।

**ରମଜାନର ମୁଖ୍ୟ ଉପାସନା –** ରମଜାନ କେବଳ ଉପବାସର ମାସ ନୁହେଁ । ଏହା ଉପାସନାର ମାସ । ଉପବାସ ସହିତ ଭକ୍ତର ଜପ, ପ୍ରାର୍ଥନା, ନମାଜ, ଗ୍ରନ୍ଥପାଠ ଓ ଦାନପୁଣ୍ୟ ଆଦି କର୍ମ ଏହି ମାସରେ ବହୁତ ବଢ଼ିଯାଏ । ଏହି ଉପାସନାର ଲହରୀ ଭକ୍ତର ସଂପୂର୍ଣ୍ଣ ଜୀବନକୁ ଭକ୍ତିମୟ କରିଦିଏ । ନମାଜ (ଦୈନିକ ପ୍ରାର୍ଥନା), ରୋଜା (ଉପବାସ) ଏବଂ ଜକାତ୍ (ଦାନ) ଏହି ତିନୋଟି ଇସଲାମର ମୁଖ୍ୟ ଉପାସନା ଏବଂ ଧର୍ମର

ପଂଚସ୍ତମ୍ଭର ଅନ୍ତର୍ଭୁକ୍ତ । ଏଗୁଡିକ କେବଳ ଉପାସନା ନୁହେଁ, ବରଂ ତିନିଗୋଟି ମହାନ ସାଧନା । ଆସନ୍ତୁ, ଏହି ଉପାସନାଗୁଡିକର ଉପାଦେୟତା ସଂପର୍କରେ କିଛି ଆଲୋଚନା କରିବା ।

**ନମାଜ –** ଦିନକୁ ପାଂଚଥର ନିର୍ଦ୍ଧାରିତ ସମୟରେ ନମାଜ ସ୍ଥାପନ କରିବା ପ୍ରତ୍ୟେକ ପ୍ରାପ୍ତ ବୟସ୍କ ମୁସଲମାନ ପାଇଁ ଅନିବାର୍ଯ୍ୟ କରାଯାଇଛି । ବିଭିନ୍ନ ଆସନ ବିଶିଷ୍ଟ ଏହି ଉପାସନାଟି ସ୍ତୁତି, ବନ୍ଦନା, ଜପ, ପ୍ରାର୍ଥନା, ଧ୍ୟାନ, ଚିନ୍ତନ , ଗ୍ରନ୍ଥପାଠ ଓ ସାଷ୍ଟାଙ୍ଗ ପ୍ରଣ ।ମର ଏକ ସୁନ୍ଦର ସମାହାର । ଏହା ଈଶ୍ୱରଙ୍କ ସହ ମଣିଷର ଏକ ଆତ୍ମୀୟତାର ସମ୍ବନ୍ଧ ଗଢିଥାଏ ଏବଂ ଧୀରେଧୀରେ ଏହାକୁ ମଜବୁତ କରିଥାଏ । ଏହାଦ୍ୱାରା ମଣିଷକୁ ଏଭଳି ଆତ୍ମଶାନ୍ତି ମିଳେ ଯାହା କୌଣସି ସାଂସାରିକ ଭୋଗ୍ୟ ବସ୍ତୁରୁ ମିଳେ ନାହିଁ ।

ବ୍ୟସ୍ତବହୁଳ ଜୀବନରେ ନମାଜ ମଣିଷ ଓ ଈଶ୍ୱରଙ୍କ ସମ୍ବନ୍ଧକୁ ସଦା ସତେଜ ରଖିଥାଏ । ନମାଜ ମାଧ୍ୟମରେ ନିରନ୍ତର ତାଙ୍କର ସାନ୍ନିଧ ଲାଭ ହୁଏ । ଯେଉଁମାନେ ନମାଜ କରନ୍ତି ନାହିଁ, ସେମାନଙ୍କ ସହ ଈଶ୍ୱରଙ୍କର ସମ୍ବନ୍ଧ ସ୍ଥାପନ ହୁଏ ନାହିଁ ଏବଂ ଯେଉଁମାନେ ନମାଜ ପରିତ୍ୟାଗ କରି ଦିଅନ୍ତି, ସେମାନଙ୍କ ସହ ସ୍ରଷ୍ଟାଙ୍କ ସମ୍ପର୍କ ବିଛିନ୍ନ ହୋଇଯାଏ । ତେଣୁ କୁରଆନ କହେ– ଆମ୍ଭକୁ ସ୍ମରଣ ରଖିବା ପାଇଁ ନମାଜ ସ୍ଥାପନା କର । (କୁରଆନ ୨୦/୧୪) ନମାଜ ଈଶ୍ୱରଙ୍କ ଦରବାରରେ ଭକ୍ତର ଦୈନିକ ଉପସ୍ଥାନ । ଏହା ଭକ୍ତ ପାଇଁ ତା ସ୍ରଷ୍ଟାଙ୍କର ପ୍ରଥମ ଆଦେଶ ଏବଂ ଭକ୍ତର ବିଶ୍ୱାସ ଓ ଦାସତ୍ୱର ପ୍ରତୀକ । ଯିଏ ଈଶ୍ୱରଙ୍କ ସମ୍ମୁଖରେ ଦୈନିକ ପାଞ୍ଚଥର ଉପସ୍ଥାନ ଦିଏ, ସେ ଈଶ୍ୱରଙ୍କ ପ୍ରତି ନିଜ ଆସ୍ଥା ଓ ଆନୁଗତ୍ୟର ପ୍ରମାଣ ଦେଇଥାଏ ଏବଂ ତାରିଠାରୁ ଆଶା କରାଯାଏ ଯେ ସେ ତାଙ୍କର ଅବଶିଷ୍ଟ ଆଜ୍ଞାଗୁଡିକ ପାଳନ କରିବ । ତେଣୁ ନମାଜକୁ ସତକର୍ମର ପ୍ରବେଶଦ୍ୱାର ମଧ କୁହାଯାଏ । ନମାଜର ଅନ୍ୟ ଗୋଟିଏ ବୈଶିଷ୍ଟ୍ୟ ହେଉଛି ଯେ ଏହା ସତ୍‌କର୍ମର ପ୍ରେରଣା ଦେବା ସହିତ ଅଶ୍ଲୀଳତା ଓ ଅପକର୍ମରୁ ନିବୃତ୍ତ ରହିବାରେ ସାହାଯ୍ୟ କରେ । ମଣିଷର ଚରିତ୍ର ଗଠନରେ ଯେଉଁ ଧର୍ମାଚାରଟିର ମୁଖ୍ୟ ଭୂମିକା ରହିଛି, ତାହା ହେଉଛି ନମାଜ । ଏହା ଭକ୍ତକୁ ଆତ୍ମବଳ ଯୋଗାଇଥାଏ ଯାହାଦ୍ୱାରା ସେ ଅନୀତି ଓ ଅପକର୍ମ ବିରୋଧରେ ସଂଘର୍ଷ କରିବାକୁ ସମର୍ଥ ହୁଏ । ଈଶ୍ୱର କୁର୍‌ଆନରେ କୁହନ୍ତି–

'ଅବଶ୍ୟ ନମାଜ ଅଶ୍ଳୀଳତା ଓ ଅପକର୍ମରୁ ନିବୃତ୍ତ ରଖେ ଏବଂ ଅଲ୍ଲାହଙ୍କ ସ୍ମରଣ ସର୍ବଶ୍ରେଷ୍ଠ କର୍ମ ।' (କୁର୍‌ଆନ ୨୯–୪୫)

ମାନବ ସଭ୍ୟତାର ଶୃଙ୍ଖଳିତ ଜୀବନ ନିର୍ବାହ ପାଇଁ ନମାଜ ଏକ ଉତ୍କୃଷ୍ଟ ସାଧନ ରୂପେ ବିଶ୍ୱର ଧର୍ମଶାସ୍ତ୍ରଗୁଡିକରେ ବିଭିନ୍ନ ନାମରେ ସ୍ଥାନ ପାଇ ଆସିଛି । ବୈଦିକ ଭକ୍ତିମାର୍ଗରେ ଉଷା ଓ ଗୋଧୂଳି କାଳରେ ସନ୍ଧ୍ୟା–ଉପାସନା ନାମକ ଏକ କର୍ମର ବ୍ୟବସ୍ଥା ରହିଛି । ଦିନ ଓ ରାତି ତଥା ରାତି ଓ ଦିନର ସନ୍ଧି ସମୟରେ ଏହା ହେଉଥିବାରୁ ଏହାକୁ ସନ୍ଧ୍ୟା ଉପାସନା କୁହାଯାଏ । ଏହାକୁ ଯୋଗ– ଉପାସନା ମଧ କୁହାଯାଇ ଥାଏ । ଏଥିରେ ଯୋଗର ଆଠଗୋଟି ଅଙ୍ଗ ସମାହିତ ହୋଇଛି । ନମାଜ ପରି ଏଥିରେ ଜପ, ଧ୍ୟାନ, ପ୍ରାର୍ଥନା ଆଦି ହେଉଥିଲା ଏବଂ ବୈଦିକ ଆର୍ଯ୍ୟମାନେ ବ୍ୟକ୍ତିଗତ ଓ ସମଷ୍ଟିଗତ ରୂପେ ଏହା କରୁଥିଲେ । ଆର୍ଯ୍ୟଧର୍ମର ଦୈନିକ ଚର୍ଯ୍ୟାରେ ସନ୍ଧ୍ୟାପୂଜାର ପ୍ରମୁଖ ସ୍ଥାନ ଥିଲା । ସେହିପରି ବାଇବଲର ପୁରାତନ ନିୟମରେ 'ଶେମା' ନାମକ ଏକ ପ୍ରାର୍ଥନାର ଆଦେଶ ଦିଆଯାଇଛି, ଯାହାକି ୟହୁଦୀ ସଂପ୍ରଦାୟରେ ଏବେବି ପ୍ରଚଳିତ । ଏହା ମଧ ନମାଜ ଏବଂ ଏକା ଉଦ୍ଦେଶ୍ୟରେ କୁରଆନରେ ଏହାର ଆଦେଶ ଦିଆଯାଇଛି ।

ଇସଲାମ୍‌ରେ ଭେଦଭାବ, ଛୋଟବଡ ବା ଛୁଆଁ–ଅଛୁଆଁର ପାଚେରୀ ନାହିଁ । କୁରଆନ ସ୍ୱଷ୍ଟ ଘୋଷଣା କରିଛି ଯେ ମାନବ ଜାତି ଗୋଟିଏ ସଂପ୍ରଦାୟ– ଓ କାନନ୍ନାସୁ ଉମ୍ମତଉଁ ୱାହିଦାଃ । ତେଣୁ ସାମୂହିକ ନମାଜ ପାଳନ ସମୟରେ ସମସ୍ତେ ମିଶି ଠିଆ ହୁଅନ୍ତି । ରାଜା କଡରେ ପ୍ରଜା ଠିଆ ହୁଏ ଏବଂ ଧନୀ ପାଖରେ ଗରିବ ଠିଆ ହୁଏ । ତେଣୁ ନମାଜକୁ ବିଶ୍ୱ ଭ୍ରାତୃତ୍ୱର ପ୍ରତୀକ ରୂପେ ବିବେଚନା କରାଯାଏ ।

ନମାଜରେ ଯେତେ ଅଧିକ ନିଷ୍ଠା ଆସେ, ମନରେ ସେତେ ରସ ଉତ୍ପନ୍ନ ହୁଏ, ହୃଦୟ ସେତେ ଆର୍ଦ୍ର ହୁଏ ଏବଂ ଭକ୍ତ ସେତେ ଅଧିକ ଶୁଦ୍ଧ ଓ ଧାର୍ମିକ ହୋଇଥାଏ । ବ୍ୟକ୍ତି ଯେତେ ଅଧିକ ଧର୍ମନିଷ୍ଠ ହେବ, ସମାଜରେ ସେତେ ଅଧିକ ଶାନ୍ତି ଆସିବ ଏବଂ ଏହା ସେତେ ଅଧିକ ଅପରାଧମୁକ୍ତ ହେବ । ତେଣୁ ନମାଜ କେବଳ ବ୍ୟକ୍ତିର ଆଧାତ୍ମିକ ବିକାଶ କରେ ନାହିଁ ବରଂ ପରୋକ୍ଷରେ ଏହା ସମାଜକୁ ଅନୀତି, ଅଶ୍ଳୀଳତା ଓ ଅପକର୍ମରୁ ରକ୍ଷା କରିବାର କାର୍ଯ୍ୟ କରିଥାଏ ।

**ରୋଜା–** ଖାଦ୍ୟପେୟ ଓ ଆଚରଣରେ ନିୟମାନୁଯାୟୀ ସଂଯମତା ରକ୍ଷା କରି ଉପାସ୍ୟର ସନ୍ତୋଷ ବିଧାନ ପାଇଁ ସଂକଳ୍ପବଦ୍ଧ ରୂପେ ସଂପାଦିତ ଏକ ଧର୍ମକୃତ୍ୟକୁ ରୋଜା ବା ଉପବାସ କୁହାଯାଏ । ଉପବାସର ତାତ୍ପର୍ଯ୍ୟ ବର୍ଣ୍ଣନା କରି କୁରଆନ କହେ– 'ହେ ବିଶ୍ୱାସକାରୀମାନେ ! ତୁମ ପାଇଁ ଉପବାସ ପାଳନ ସେହିପରି

ଅପରିହାର୍ଯ୍ୟ କରିଦିଆଯାଇଛି, ଯେପରି ତୁମ ପୂର୍ବଜଙ୍କ ପାଇଁ ଏହା ଅପରିହାର୍ଯ୍ୟ କରାଯାଇଥିଲା, ଯଦ୍ଦ୍ୱାରା ତୁମେ ଧର୍ମପରାୟଣ ହେବ ।' (କୁରଆନ ୨/୧୮୩) । ସାରା ବିଶ୍ୱର ମୁସଲମାନ ଭକ୍ତ ରମଜାନ ମାସରେ ସମାନ ନୀତି ନିୟମ ଅବଲମ୍ବନ କରି ଉପବାସ ପାଳନ କରିଥାନ୍ତି । ରମଜାନ ମାସରେ ବ୍ରାହ୍ମମୁହୂର୍ତ୍ତଠାରୁ ସୂର୍ଯ୍ୟାସ୍ତ ହେବା ପର୍ଯ୍ୟନ୍ତ ଭକ୍ତ ଖାଦ୍ୟ, ପାନୀୟ ଏବଂ ସ୍ତ୍ରୀ ସଂସର୍ଗ ତ୍ୟାଗ କରିଥାଏ । ଏହା ସଂପୂର୍ଣ୍ଣ ନିର୍ଜଳ ଉପବାସ । ଏହା ଭକ୍ତର ସର୍ବଦର୍ଶୀ ଅଲ୍ଲାହଙ୍କ ପ୍ରତି ଅଟଳ ବିଶ୍ୱାସ ଓ ଅସୀମ ଭକ୍ତିର ପ୍ରତୀକ । ଭକ୍ତର ଉପବାସ କିନ୍ତୁ ଗ୍ରୀଷ୍ମର ପ୍ରଚଣ୍ଡ ତାତିରେ ତା' ତଣ୍ଟି ଶୁଖିଯାଏ । ଫ୍ରିଜ୍ ମଧ୍ୟରେ ଥଣ୍ଡା ପାଣି ଥାଏ କିନ୍ତୁ ସେ ଟୋପାଏ ପାଣି ପିଏ ନାହିଁ । ତା' ସମ୍ମୁଖରେ ସୁସ୍ୱାଦୁ ବ୍ୟଞ୍ଜନ ଥାଏ, କିନ୍ତୁ ସେ ଖାଏ ନାହିଁ । ସ୍ତ୍ରୀ ସହବାସର ଇଚ୍ଛା ମଧ୍ୟ ହୁଏ, କିନ୍ତୁ ସେ ସଂଯମ ଆଚରଣ କରେ । ଏହା ବ୍ୟତୀତ ମିଥ୍ୟା, ଈର୍ଷା, କ୍ରୋଧ, ଲୋଭ, ପରନିନ୍ଦା, ପରଦ୍ରବ୍ୟ ହରଣ, ପରପୀଡା ଆଦି ଅପକର୍ମରୁ ସେ ଯଥାସାଧ୍ୟ ଦୂରେଇ ରହିବାକୁ ଚେଷ୍ଟା କରିଥାଏ, କାରଣ ସେ ଜାଣେ ଯେ ଏହି ପାପଗୁଡିକ ତା' ଅର୍ଜିତ ପୁଣ୍ୟକୁ ଖାଇଯିବ ।

ମଣିଷକୁ ନର୍କବାସୀ କରିବାରେ ଇନ୍ଦ୍ରିୟଗୁଡିକର ଭୂମିକା କମ୍ ନୁହେଁ । ଏଗୁଡିକ ତାକୁ ପ୍ରଲୁବ୍ଧ କରି ତା' ମନରେ ନାନା ପ୍ରକାର ଭୋଗ ଲାଳସା ଉତ୍ପନ୍ନ କରିଥାନ୍ତି, ଯାହା ଫଳରେ ମଣିଷ ଯେକୌଣସି ଉପାୟରେ ହେଉ ଭୋଗଇଚ୍ଛା ପୂରଣ କରିବା ଲାଗି ବ୍ୟାକୁଳ ହୁଏ । ସେ ଯେତେ ଅଧିକ ଇନ୍ଦିୟଭୋଗ କରେ, ତା' ଭୋଗଲାଳସା ସେତିକି ବଢିଯାଏ ଏବଂ ଇନ୍ଦିୟାଧୀନ ହୋଇ ସେ ପାପ ପରେ ପାପ କରିଚାଲେ । କାମନା ହେଉଛି ସାଧନା ପଥର ଏକ ବିରାଟ ପ୍ରତିବନ୍ଧକ । ଏହା ମଣିଷ ଓ ଈଶ୍ୱରଙ୍କ ମଧ୍ୟରେ ଗୋଟିଏ ପ୍ରାଚୀର ସୃଷ୍ଟି କରି ତାକୁ ଈଶ୍ୱରଙ୍କଠାରୁ ଅଲଗା କରିଦିଏ । ତେଣୁ ପବିତ୍ର କୁରଆନ କହେ–

'ଯିଏ (ଈଶ୍ୱରଙ୍କ) ବିରୁଦ୍ଧାଚରଣ କଲା ଏବଂ ସାଂସାରିକ ଜୀବନକୁ (ପରଲୋକ ତୁଳନାରେ) ପ୍ରାଧାନ୍ୟ ଦେଲା, ନର୍କ ତାର ନିବାସ ହେବ ଏବଂ ଯିଏ ନିଜ ପ୍ରଭୁଙ୍କ ସମ୍ମୁଖରେ ଉପସ୍ଥିତ ହେବ ବୋଲି ଭୟ କଲା ଏବଂ ବାସନାଠାରୁ ନିଜକୁ ଦୂରେଇ ରଖିଲା, ବୈକୁଣ୍ଠ ତାର ନିବାସ ହେବ ।' (କୁରଆନ ୩୯–୪)

ଚଞ୍ଚଳ ମନକୁ ସଂଯତ କରିବା ଏବଂ ଭୋଗଲାଳସାକୁ ଆୟତ୍ତ କରିବାର ସାଧନାକୁ ଇନ୍ଦ୍ରିୟନିଗ୍ରହ କୁହାଯାଏ । ଏହି ସାଧନା ଅନୁଯାୟୀ କୌଣସି ଭୋଗ୍ୟବସ୍ତୁ ପାଇଁ ମନ ବ୍ୟାକୁଳ ହେଲେ ସଂଯମ ଆଚରଣ କରିବା ଉଚିତ । ଏ ଦିଗରେ ସଂଯତ ହେଲେ ଭୋଗ ଇଚ୍ଛା ସ୍ୱତଃ ପରାସ୍ତ ହୋଇଯିବ । ଭଗବତ ଗୀତାରେ ଉପଦେଶ ଦିଆଯାଇଛି–

ଯତୋ ଯତୋ ନିଶ୍ଚଳତି ମନଶ୍ଚଂଚଳମସ୍ଥିରମ୍,<br>
ତତସ୍ତତୋ ନିୟମ୍ୟୈତଦାତ୍ମନ୍ୟେବ ବଶଂ ନୟେତ୍ (ଗୀତା, ୬/୨୬)

ଅର୍ଥାତ୍ ଚଞ୍ଚଳ, ଅସ୍ଥିର ମନ ଯେଉଁ ଦିଗକୁ ଧାବିତ ହେବ, ସେ ଦିଗରୁ ମନକୁ ସଂଯତ କରି ନିଜର ଆୟତ୍ତାଧୀନ କରିବ । ଅସ୍ଥିର ମନକୁ ଆୟତ୍ତ କରିବା ପାଇଁ ଉପବାସ ମାଧ୍ୟମରେ ସଂଯମର ପ୍ରଶିକ୍ଷଣ ଦିଆଯାଏ । ଇନ୍ଦ୍ରିୟଗୁଡିକୁ ବାରମ୍ବାର ବିରୋଧ କରାଯିବା ଫଳରେ ସେଗୁଡିକ କ୍ରମେ କ୍ରମେ ଦୁର୍ବଳ ହୋଇପଡନ୍ତି । ଏକମାସ କାଳ ବୈଧ କାମନାଗୁଡିକରୁ ବିରତ ରହିବାର ସାଧନା ପରବର୍ତ୍ତୀ ଦିନଗୁଡିକରେ ଅବୈଧ ଇଚ୍ଛାଗୁଡିକୁ ଦମନ କରିବା ସହଜ କରିଦିଏ । ଯିଏ ମାସେ କାଳ ବିଭିନ୍ନ ଭୋଗଇଚ୍ଛାକୁ ଦମନ କରିପାରିଛି, ତା ପାଇଁ ଏହା କଷ୍ଟକର ହୁଏ ନାହିଁ । ସମାଜରେ ଯେତେ ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାର, ଭ୍ରଷ୍ଟାଚାର, ଦୁର୍ନୀତି ହୁଏ, ସେସବୁର ମୂଳରେ ରହିଛି ମଣିଷର ଭୋଗଲାଳସା । ଯିଏ ସଂଯମ ରକ୍ଷା କରେ, ସେ ପରୋକ୍ଷରେ ସମାଜର ନୈତିକ ବିକାଶ ପାଇଁ ସାହାଯ୍ୟ କରେ ।

ଉପବାସର ଅନ୍ୟ ଗୋଟିଏ ତାତ୍ପର୍ଯ୍ୟ ହେଉଛି ଗରିବ ଲୋକମାନଙ୍କର କ୍ଷୁଧାର କଷ୍ଟ ଧନୀମାନେ ଅନୁଭବ କରନ୍ତୁ । ଯେଉଁମାନଙ୍କର ଧନର ଅଭାବ ନାହିଁ, ସେମାନେ ବା ଭୋକ ଉପାସରେ ରହିବେ କାହିଁକି ? ଯାହାକୁ କ୍ଷୁଧା ସ୍ପର୍ଶ କରି ନାହିଁ, ସେ ଏହାର କଷ୍ଟ କିପରି ଅନୁଭବ କରିପାରିବ ? ତେଣୁ ଇସଲାମ ଧନୀ ଓ ଗରିବ ସମସ୍ତଙ୍କ ପାଇଁ ଉପବାସକୁ ଅନିବାର୍ଯ୍ୟ କରି ଗରିବମାନଙ୍କର କ୍ଷୁଧାର କଷ୍ଟ କିପରି, ଏହା ଅନୁଭବ କରାଇବାର ବ୍ୟବସ୍ଥା କରିଛି । ଏହା ମନରେ ଦୀନ ଦୁଃଖୀମାନଙ୍କ ପ୍ରତି ଦୟା ଉତ୍ପନ୍ନ କରେ ଏବଂ ସେମାନଙ୍କୁ ଉଦାର ଚିତ୍ତରେ ଦାନ କରିବା ପାଇଁ ପ୍ରବର୍ତ୍ତାଇ ଥାଏ ।

**ଜକାତ–** ଜକାତ୍ ମଧ୍ୟ ଇସଲାମର ଏକ ମୌଳିକ ନୀତି । ଏହା ଏକ ଅନିବାର୍ଯ୍ୟ ଦାନ ଯାହା ସମାଜର ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତିମାନଙ୍କୁ ଦୀନଦୁଃଖୀଙ୍କର ସହାୟତା ତଥା ଅନ୍ୟ କେତେକ ସାମାଜିକ କଲ୍ୟାଣ ପାଇଁ ଦିଆଯାଏ । ବଳକା ଧନରାଶି ଉପରେ ଭକ୍ତକୁ ବାର୍ଷିକ ଶତକଡା ଅଢେଇ ଭାଗ ହାରରେ ଦାନ ଅନିବାର୍ଯ୍ୟ ରୂପେ ଦେବାକୁ ହୁଏ । ଏହା ବ୍ୟତୀତ କୃଷିଜାତ ଦ୍ରବ୍ୟ ଓ

ଗୃହପାଳିତ ପଶୁମାନଙ୍କ ଉପରେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ହାରରେ ଦାନ ଦେବାକୁ ପଡେ । ଇସ୍‌ଲାମ ଚାହେଁ ଯେ ଗ୍ରାମାଞ୍ଚଳରୁ ସହରାଞ୍ଚଳ ଯାଏଁ ସ୍ୱଚ୍ଛଳ ବ୍ୟକ୍ତିମାନେ ଆର୍ଥିକ ଦୁର୍ବଳମାନଙ୍କର ସହାୟ ହୁଅନ୍ତୁ, ଅନାଥ ଓ ବିଧବାଙ୍କର ଖବର ନିଅନ୍ତୁ, କ୍ଷୁଧାର୍ଥ ପାଇଁ ଭୋଜନ, ବସ୍ତ୍ରହୀନ ପାଇଁ ବସ୍ତ୍ର ଏବଂ ବାସହୀନ ପାଇଁ ଆଶ୍ରୟ ବ୍ୟବସ୍ଥା କରନ୍ତୁ । ପ୍ରକାଶ୍ୟରେ ଓ ଅପ୍ରକାଶ୍ୟରେ ସେମାନଙ୍କୁ ସାହାଯ୍ୟ କରନ୍ତୁ । ଈଶ୍ୱର ଦେଇଥିବା ଧନକୁ କେବଳ ନିଜ ବ୍ୟବହାରରେ ଖର୍ଚ୍ଚ ନ କରନ୍ତୁ । ସେମାନଙ୍କ ଧନ ଜଗତର କଲ୍ୟାଣ ପାଇଁ ମଧ୍ୟ ବିନିଯୋଗ ହେଉ ।

ଭାରତରେ ୨୦ କୋଟିରୁ ଅଧିକ ଦରିଦ୍ର ବ୍ୟକ୍ତି ବାସ କରନ୍ତି । ଓଡିଶାରେ ମଧ୍ୟ ଅଧାରୁ କମ୍ ମାତ୍ର ପରିବାରକୁ ବର୍ଷ ସାରା ପେଟପୂରା ଖାଇବାକୁ ମିଳେ । ଯଦି ଆମେ ପ୍ରତିବର୍ଷ ନିଜ ସଂଚିତ ଧନର ମାତ୍ର ଶତକଡା ଅଢେଇ ଭାଗ ସମାଜର ଦୀନଦୁଃଖୀ, ଅନାଥ, ବିଧବା, ଉପାର୍ଜନ ପାଇଁ ଅକ୍ଷମ, ଦରିଦ୍ର ଓ ବିକଳାଙ୍ଗମାନଙ୍କୁ ଦାନ କରନ୍ତେ, ତେବେ ଆମ ସମାଜରୁ ଦାରିଦ୍ର୍ୟ ଖୁବ୍ ଶୀଘ୍ର ଲୋପ ପାଇଯାଆନ୍ତା । ଯଦି ପ୍ରତ୍ୟେକ ସମାଜରେ ଏହି ନିୟମ ପାଳନ ହୁଅନ୍ତା, ତେବେ ଦାରିଦ୍ର୍ୟ ବିଶ୍ୱରୁ ଲୋପ ପାଇ ଯାଆନ୍ତା ।

ଅବଶ୍ୟ ବିଶ୍ୱର ବିଭିନ୍ନ ଧର୍ମଗ୍ରନ୍ଥମାନଙ୍କରେ ଏହି ଧର୍ମାଚାରଗୁଡିକ ରହିଛି, କିନ୍ତୁ କେବଳ କୁରଆନ ଏଗୁଡିକୁ ବିଧିବଦ୍ଧ ଭାବରେ ଅନିବାର୍ଯ୍ୟ ଘୋଷଣା କରିଛି ଯାହାଦ୍ୱାରା ବ୍ୟକ୍ତି ଓ ସମାଜ ଉଭୟ ସ୍ଥାୟୀ ରୂପେ ଉପକୃତ ହୋଇପାରିବେ । ସୁତରାଂ ପବିତ୍ର ରମଜାନ ମଣିଷର ନୈତିକ ବିକାଶ କରିବା ସହିତ ସୁସ୍ଥ ସମାଜ ଗଠନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ।

ରମଜାନ୍‌ର ଏକମାସ ବ୍ୟାପୀ ଉପବାସ ପାଳନ ପରେ ଇଦ୍–ଉଲ୍–ଜୁହା ବା 'ଇଦ୍' ଉତ୍ସବ ପାଳନ କରାଯାଏ । 'ଇଦ୍'ର ଅର୍ଥ ଉତ୍ସବ । ଏଥିରେ ଦାନ ଦେବା ଅନିବାର୍ଯ୍ୟ ହୋଇଥିବାରୁ ଏହା ଦାନ (ଫିତ୍‌ରା)ର ମହୋତ୍ସବଭାବେ ପାଳନ କରାଯାଏ । ଏହି ଉତ୍ସବ ମଧ୍ୟ ଉପବାସର ଉଦ୍‌ଯାପନ ଉତ୍ସବ ଭାବେ ଗଣ୍ୟ ହୁଏ । ଏହି ଉତ୍ସବରେ ଧନୀ, ଦରିଦ୍ର ନିର୍ବିଶେଷରେ ସମସ୍ତେ ପରସ୍ପରକୁ କୋଳାଗ୍ରତ କରି ଦ୍ୱେଷ ଭାବ ଭୁଲି, ବନ୍ଧୁତ୍ୱ ଓ ଭ୍ରାତୃତ୍ୱର ବନ୍ଧନରେ ବାନ୍ଧି ହୋଇ ଯିବାର ପରମ୍ପରା ପ୍ରଚଳିତ ଅଟେ । ଭାରତବର୍ଷ ପରି ଏକ ବହୁଧର୍ମ ଓ ବହୁ ମତର ଦେଶରେ 'ଇଦ୍' ଉତ୍ସବ ସର୍ବଧର୍ମ ଭ୍ରାତୃତ୍ୱ ଦିବସ ଭାବେ କାହିଁ କେଉଁ ଦିନରୁ ପାଳିତ ହେଉଅଛି ।

ତେଣୁ ରମ୍‌ଜାନ ଓ ଇଦ୍ ଉତ୍ସବର ଗୁରୁତ୍ୱ କେବଳ ମୁସଲମାନ୍‌ମାନଙ୍କ ପାଇଁ ନୁହେଁ, ସମସ୍ତ ଭାରତୀୟମାନଙ୍କ ପାଇଁ ଗୁରୁତ୍ୱ ବହନ କରେ ।

'ସର୍ବେ ସୁଖୀନଃ ଭବନ୍ତୁ, ସର୍ବେ ସନ୍ତୁ ନିରାମୟା,
ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ, ମାକଶ୍ଚିଦ୍ ଦୁଃଖ ଭାଗ ଭବେତ୍ ।

ସଭାପତି, ଇକ୍‌ରା ରିସର୍ଚ୍ଚ ଏକାଡେମୀ
ଦିୱାନ ବଜାର, କଟକ

❖ ❖ ❖

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁଃ

# ଆମେ ବି ସକ୍ଷମ

ଭିନ୍ନକ୍ଷମମାନଙ୍କୁ ମୁଖ୍ୟସ୍ରୋତକୁ ଆଣିବା ପାଇଁ ସରକାର ଅନେକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ସେମାନଙ୍କ ପାଇଁ ଶିକ୍ଷା, ତାଲିମ ସହିତ ଜୀବନଜୀବିକା ଯୋଗାଇ ଦେବା ଉପରେ ସବୁବେଳେ ସରକାର ପ୍ରାଥମିକତା ଦେଇ ଆସିଛନ୍ତି । ସେମାନଙ୍କ ଭିତରେ ଅନେକ ସମ୍ଭାବନା ଭରି ରହିଛି । କେବଳ ଦରକାର କିଛିଟା ପ୍ରୋତ୍ସାହନ । ତାହା ସେମାନଙ୍କ ଭିତରେ ଆତ୍ମପ୍ରତ୍ୟୟ ଭରି ଦେଇଥାଏ ।

ଭିନ୍ନକ୍ଷମମାନଙ୍କ ସମସ୍ୟା ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ସହାନୁଭୂତିଶୀଳ ମନୋଭାବ ପୋଷଣ କରିଆସିଛନ୍ତି । ସେମାନେ ଯେପରି କାହା ଉପରେ ବୋଝ ନହୋଇ ନିଜ ଗୋଡରେ ନିଜେ ଠିଆ ହୋଇ ସାମାଜିକ ବିକାଶର ଅଂଶ ହୋଇପାରିବେ, ସେଥିପାଇଁ ଅନେକ ଯୋଜନା ମଧ୍ୟ କାର୍ଯ୍ୟକାରୀ କରାଯାଉଛି । ଭିନ୍ନକ୍ଷମମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମଧ୍ୟ ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛି । ଗତ ଜୁଲାଇ ୮ ତାରିଖ ଦିନ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଭିନ୍ନକ୍ଷମମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ଯୋଗାଇ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ।

ଗଞ୍ଜାମ ଜିଲ୍ଲା ନାରାୟଣପୁର ଗାଁର ନାରାୟଣ ସ୍ୱାଇଁଙ୍କ ପୁଅ ସୁନୀଲ କୁମାର ସ୍ୱାଇଁ । ଯୁବକ ଜଣକ ଜନ୍ମରୁ ସମ୍ପୂର୍ଣ୍ଣ ଦୃଷ୍ଟିହୀନ । ଗ୍ରାଜୁଏସନ ପରେ ବେକାର ହୋଇ ବସିଥିଲେ । ଗାଁରେ ଏକ ତେଜରାତି ଦୋକାନ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତାଙ୍କୁ ୨୫ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଛି ।

ସେହିପରି ଯାଜପୁର ଜିଲ୍ଲା ବଡଚଣା ବ୍ଲକ୍‌ର ବାଲିଚନ୍ଦ୍ରପୁର ଗାଁର ଉତ୍ତମ ସିଂହଙ୍କ ପତ୍ନୀ ପୂର୍ଣ୍ଣିମା ସିଂହ ଜଣେ ଭିନ୍ନକ୍ଷମ ମହିଳା । ସ୍ୱାମୀଙ୍କ ସ୍ୱଳ୍ପ ରୋଜଗାରରେ ଘର ଚଳାଇବା ମୁସ୍କିଲ । ଭିନ୍ନକ୍ଷମ ହେଲେ ମଧ୍ୟ ନିଜେ କିଛି କରି ସ୍ୱାମୀଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଛନ୍ତି ପୂର୍ଣ୍ଣିମା ସିଂହ । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ କରିଥିବା ତାଙ୍କ ଆବେଦନକୁ ବିଚାର କରି ମୁଖ୍ୟମନ୍ତ୍ରୀ ତାଙ୍କୁ ୨୦ ହଜାର ଟଙ୍କା ସହାୟତା ମଞ୍ଜୁର କରିଛନ୍ତି । ଏଥିରେ ଏକ ପାନ ଦୋକାନ ଖୋଲି ଘର ଚଳାଇବାରେ ସ୍ୱାମୀଙ୍କୁ ସାହାଯ୍ୟ କରିବା ପାଇଁ ଆଶା ବାନ୍ଧିଛନ୍ତି ପୂର୍ଣ୍ଣିମା ।

ଗଞ୍ଜାମ ଜିଲ୍ଲା ବୁଗୁଡା ଥାନା ଅନ୍ତର୍ଗତ ଆଦିପୁରର ସ୍ୱର୍ଗତ ଗୌର ବିଶୋଇଙ୍କ ପତ୍ନୀ ରାଜୁ ବିଶୋଇ । ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାର ଚଳାଇବା ତାଙ୍କ ପକ୍ଷରେ ଅସମ୍ଭବ ଥିଲା । ବେଢି ଉପରେ କୋରଡା ପରି ତାଙ୍କର ବେକାର ପୁଅଟି ମଧ୍ୟ ଭିନ୍ନକ୍ଷମ । ତେଣୁ ରାସ୍ତାକଡରେ ଥିବା ଏକ ହୋଟେଲରେ କାମ କରି ରାଜୁ ବଡ କଷ୍ଟରେ ତାଙ୍କର ପରିବାର ପୋଷଣ କରୁଥିଲେ । ନିଜ ଗାଁରେ ପୁଅ ପାଇଁ ଗୋଟିଏ ସ୍ନାକ୍ସ ଦୋକାନ ଖୋଲିବା ପାଇଁ ଗତ ୮ ତାରିଖ ଦିନ ସେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆବେଦନ କରିଥିଲେ । ମୁଖ୍ୟମନ୍ତ୍ରୀ ତାଙ୍କ ଆବେଦନକୁ ବିଚାର କରି ଏକ ସ୍ନାକ୍ସ ଦୋକାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୨୦,୦୦୦ ଟଙ୍କା ମଞ୍ଜୁର କରିଛନ୍ତି । ରାଜୁ ବର୍ତ୍ତମାନ ତାଙ୍କ ପୁଅର ଜୀବନଜୀବିକା ପାଇଁ ଦୋକାନଟି ଆରମ୍ଭ କରିବାକୁ ଲାଗି ପଡିଛନ୍ତି ।

ଆଉ ଜଣେ ଭିନ୍ନକ୍ଷମ ମହିଳା ହେଲେ ଜଗତସିଂହପୁର ଜିଲ୍ଲାର ହଳଦିଆପଡା ଗାଁର ପଞ୍ଚାନନ ଜେନାଙ୍କ ପତ୍ନୀ ମଞ୍ଜୁଲତା ଜେନା । ସ୍ୱାମୀ ବେକାର । ରୋଜଗାରର କିଛି ପନ୍ଥା ନାହିଁ । ଭିନ୍ନକ୍ଷମ ହେଲେ ମଧ୍ୟ ମଞ୍ଜୁଲତା ନିଜେ କିଛି କାମ କରି ନିଜ ପରିବାର ଦାୟିତ୍ୱ ନେବା ପାଇଁ ଆଗେଇ ଆସିଛନ୍ତି । ନିଜର ଏକ କସ୍‌ମେଟିକ୍ ସପ୍ ଖୋଲିବା ପାଇଁ ଗତ ଜୁଲାଇ ୮ ତାରିଖ ଦିନ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଆବେଦନ କରିଥିଲେ । ଏହାର ବିଚାର କରି ଏକ କସ୍‌ମେଟିକ୍ ଦୋକାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ମଞ୍ଜୁଲତାଙ୍କ ପାଇଁ ୧୫,୦୦୦ ଟଙ୍କା ମଞ୍ଜୁର କରାଯାଇଛି ।

ଭୁବନେଶ୍ୱର ଗଜପତି ନଗରର ବି. ତ୍ରିନାଥ ପାତ୍ରଙ୍କ ପୁଅ ବି. ସନ୍ତୋଷ କୁମାର ପାତ୍ରଙ୍କ ବାପା, ମା', ସ୍ତ୍ରୀ ଓ ପୁଅଙ୍କୁ ମିଶାଇ ପାଞ୍ଚ ପ୍ରାଣୀ କୁଟୁମ୍ବଙ୍କ ପରିବାର । ବୃଦ୍ଧ ବାପା ମାଙ୍କ ଯତ୍ନ, ପିଲାର ପାଠପଢା ସବୁ ଦାୟିତ୍ୱ ତାଙ୍କ ଉପରେ । ଭିନ୍ନକ୍ଷମ ହେଲେ ମଧ୍ୟ ଛୋଟ ଦୋକାନ କରି ବଡ କଷ୍ଟରେ ପରିବାର ପୋଷଣ କରିଆସୁଛନ୍ତି । ଯାହା ଆୟ ତାହା ସମୁଦ୍ରକୁ ଶଙ୍ଖେ । ଦୋକାନଟିକୁ ଟିକେ ବଡ କରିବା ଆଶା ନେଇ ସହାୟତା ପାଇଁ ଦଉଡି ଆସିଥିଲେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ । ତାଙ୍କ ଆଶା ବୃଥା ଯାଇନହିଁ । ସହୃଦୟ ମୁଖ୍ୟମନ୍ତ୍ରୀ ସନ୍ତୋଷଙ୍କ ଅସୁବିଧାକୁ ବିଚାର କରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨୦,୦୦୦ ଟଙ୍କା ମଞ୍ଜୁର କରିଛନ୍ତି । ଏ ଖବର ପାଇବା ପରେ ସନ୍ତୋଷଙ୍କ ଆତ୍ମବିଶ୍ୱାସ ବହୁତ ବଢିଯାଇଛି ଏବଂ ସେ ତାଙ୍କର ପରିବାର ଉଚିତ ଭାବରେ ପାଳନପୋଷଣ କରିବାର ଦମ୍ଭ ବାନ୍ଧିଛନ୍ତି ।

❖ ❖ ❖

# ପାପଡାହାଣ୍ଡି ଗୁଳିକାଣ୍ଡ: ଦୂର ଦିଗନ୍ତର ଅକୁହା କାହାଣୀ

ନାରାୟଣ ପଣ୍ଡା

ଭାରତଛାଡ ଆନ୍ଦୋଳନ (୧୯୪୨) କୋରାପୁଟ ପରି ଏକ ନିଘଞ୍ଚ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସମୁଦ୍ରର ଉତ୍ତାଳ ଜୁଆର ପରି ମାଡିଗଲା । ଏହି ଜିଲ୍ଲାର ଅଧିକାଂଶ ଅଧିବାସୀ ଥିଲେ ଆଦିବାସୀ । ସେମାନେ ନିରୀହ ଥିଲେ ମଧ୍ୟ ସଂକଳ୍ପରେ ଥିଲେ ଦୃଢ଼। ଯୁଗ ଯୁଗର ଅତ୍ୟାଚାରର ଶୀକାର ହୋଇଥିଲେ ସେମାନେ । ରାଜା, ଜମିଦାର ଓ ଅମଲାମାନେ ସେମାନଙ୍କୁ ଭାରବାହୀ ପଶୁ ରୂପେ ବ୍ୟବହାର କରୁଥିଲେ । ଗାନ୍ଧିଜୀଙ୍କ ଡାକରା କର ବା ମର ସେମାନଙ୍କ ଭିତରେ ଶୋଇଥିବା ସିଂହ ଶିଶୁକୁ ଜାଗ୍ରତ କରିଦେଲା । କୋରାପୁଟର କୋଣେ ଅନୁକୋଣେ– ମାଲକାନଗିରି, ମାଥିଲି, ଜୟପୁର, ନନ୍ଦପୁର, ପଟାଙ୍ଗୀ, କୋରାପୁଟ, ଦଶମନ୍ତପୁର, ଲକ୍ଷ୍ମୀପୁର, ରାୟଗଡା, ନବରଙ୍ଗପୁର, ପାପଡାହାଣ୍ଡି, ଉମରକୋଟ, ମଇଦଳପୁର ସର୍ବତ୍ର ବିଦ୍ରୋହ ଅଗ୍ନିର ଲେଲିହାନ ଶିଖା ପ୍ରଜ୍ୱଳିତ ହେଲା । ଜାତୀୟ ସ୍ତରରେ ମହାତ୍ମା ଗାନ୍ଧୀଙ୍କ ସମେତ ପ୍ରମୁଖ ନେତାମାନେ ବନ୍ଦୀ ହୋଇଥିବା ବେଳେ କୋରାପୁଟର ପ୍ରମୁଖ ଆନ୍ଦୋଳନକାରୀ ରାଧାକୃଷ୍ଣ ବିଶ୍ୱାସରାୟ, ସଦାଶିବ ତ୍ରିପାଠୀ, ରାଧାମୋହନ ସାହୁଙ୍କୁ ମଧ୍ୟ କାରାରୁଦ୍ଧ କରାଗଲା । ଆପାତତଃ ନେତୃତ୍ୱ ନେବା ପାଇଁ କୌଣସି ନେତା ଜେଲ୍ ବାହାରେ ନଥିଲେ । ତଥାପି ଆନ୍ଦୋଳନ ଚାଲିଲା । ମୁକ୍ତି ସଂଗ୍ରାମର ଏହି ଶେଷ ରଣାଙ୍ଗନରେ ଏହି ଜିଲ୍ଲାର ଅଧିବାସୀମାନେ ନିଜ ଜୀବନକୁ ବାଜି ଲଗାଇ ଦେଲେ । ଅବିଭାଜିତ କୋରାପୁଟ, ମାଲକାନଗିରି ମାଥିଲି ଓ ନବରଙ୍ଗପୁରର ପାପଡାହାଣ୍ଡିରେ ଆନ୍ଦୋଳନ ଚରମ ସୀମାରେ ପହଞ୍ଚିଥିଲା । ଅଗଷ୍ଟ ୨୧ ତାରିଖରେ ମାଥିଲି ଗୁଳିକାଣ୍ଡ ସଂଗଠିତ ହୋଇଥିବା ବେଳେ ୨୪ ଅଗଷ୍ଟ ପାପଡାହାଣ୍ଡିର ଟୁରୀନଦୀ କୂଳରେ କୁଖ୍ୟାତ ଜାଲିଆନାୱାଲାବାଗ୍ ଗୁଳିକାଣ୍ଡ ପରି ଏକ ବର୍ବର ଗୁଳିକାଣ୍ଡ ବ୍ରିଟିଶରାଜର ଚରମ ପ୍ରତିହିଂସାମୂଳକ କାର୍ଯ୍ୟାନୁଷ୍ଠାନ ସମଗ୍ର ଦେଶବାସୀଙ୍କୁ ବିସ୍ମୟଚକିତ କରିଥିଲା । ନବରଙ୍ଗପୁରର ମୁକ୍ତି ସଂଗ୍ରାମୀ ଆଦିବାସୀମାନେ ଡାବୁଗାଁରେ ଏକ ସଂଗ୍ରାମୀ ବୈଠକରେ ସମ୍ମିଳିତ ହେବାକୁ ଯାଉଥିବା ଅବସରରେ ଶ୍ରାବଣର ପୂର୍ଣ୍ଣାଗର୍ଭା ଟୁରୀନଦୀ କାଠପୋଲ ଉପରେ ଉଭୟପଟୁ ଇଂରେଜ ପୋଲିସ ସେମାନଙ୍କ ଉପରେ ଗୁଳି ବର୍ଷଣ କରିଥିଲା । ଘଟଣା ସ୍ଥଳରେ ଏଗାରଜଣ ସଂଗ୍ରାମୀମାନଙ୍କ ଛାତି ରକ୍ତରେ ଲାଲ୍ ହୋଇଥିଲା ଟୁରୀନଦୀ । ଗୁରୁତର ଆହତମାନଙ୍କ ମଧ୍ୟରୁ ୮ଜଣ ନବରଙ୍ଗପୁର ଡାକ୍ତରଖାନାରେ ଆଖି ବୁଜିଲେ । କେତେକ ଆହତମାନଙ୍କର ଅଣ୍ଟା, ଛାତି, କାନ୍ଧ ଓ ଗୁପ୍ତାଙ୍ଗରେ ଗୁଳି କରାଯାଇଥିଲା ।

ଏଠାରେ ପ୍ରଶ୍ନ ଉଠେ, ସେଦିନ ଗୁଳିକାଣ୍ଡରେ କେବଳ ୧୧ଜଣ ମରିଥିଲେ ନା ଅଧିକ ? ପୋଲିସ୍ ମାଡ ଭୟରେ ନଦୀ ଗର୍ଭକୁ ଡେଇଁ ପଡିଥିବା ସଂଗ୍ରାମୀମାନଙ୍କୁ କ'ଣ ଉଦ୍ଧାର କରାଯାଇ ପାରିଥିଲା । ପାହାଡି ନଦୀର ପ୍ରବଳ ସ୍ରୋତକୁ ଲମ୍ଫ ପ୍ରଦାନ କରିଥିବା ମୁକ୍ତି ସୈନିକମାନେ କେତେଜଣ କୂଳରେ ଲାଗିଥିଲେ, ଇତିହାସ ଏ ସମ୍ପର୍କରେ ନିରବ ରହିଛି । ଗବେଷକମାନେ ଏବେବି ସନ୍ଦେହର କୁହେଳିକାରେ । ଏହି ଆଦିବାସୀ ଇଲାକାର ଦୁର୍ଗମ ଅଞ୍ଚଳକୁ କେହି ପ୍ରଖ୍ୟାତ ଗବେଷକ, ଐତିହାସିକ ଘଟଣାର ଅନୁସନ୍ଧାନ ପାଇଁ ଆସି ନଥିଲେ । କେବଳ ସ୍ଥାନୀୟ ସଂଗ୍ରାମୀ ନେତାଙ୍କର ଏ ସମ୍ପର୍କିତ ଅସମ୍ପୂର୍ଣ୍ଣ ଆକଳନକୁ ନେଇ ପାପଡାହାଣ୍ଡି ଗୁଳିକାଣ୍ଡର ଇତିହାସ ଲେଖାଯାଇଛି ମାତ୍ର । ଏପରିକି କେତେକ ଐତିହାସିକ ଅତି ବିକୃତ ଓ ଅସତ୍ୟ ଭାବରେ ଗୁଳିକାଣ୍ଡର ବିବରଣୀକୁ ନିଜ ପୁସ୍ତକରେ ସ୍ଥାନିତ କରି ଏହି ଜାତୀୟ ସଂଗ୍ରାମର ଗାରିମା ଇଚ୍ଛାକୃତ କିମ୍ବା ଅନିଚ୍ଛାକୃତ ଭାବରେ ହ୍ରାସ କରିଛନ୍ତି । ୧୯୪୬ ମସିହା ଡିସେମ୍ବର ମାସରେ ନବରଙ୍ଗପୁରର ତତ୍କାଳୀନ ବିଧାୟକ ମାନ୍ୟବର ସଦାଶିବ ତ୍ରିପାଠୀ, ତାଙ୍କର ୭୬ନଂ. ପ୍ରଶ୍ନ ମାଧ୍ୟମରେ

ରାଜ୍ୟ ସରକାରଙ୍କୁ ପାପଡାହାଣ୍ଡି ଗୁଳିକାଣ୍ଡ ସମ୍ପର୍କରେ ୫ଗୋଟି ପ୍ରଶ୍ନ ପଚାରି ଥିଲେ । ଏଥିରେ ଚତୁର୍ଥ ଓ ପଞ୍ଚମ ପ୍ରଶ୍ନଟି ଥିଲା ଏହିପରି, ଚତୁର୍ଥ ପ୍ରଶ୍ନ– The Names and the number of persons of any, Killed on the spot and the name and number of persons, if any wounded. ପଞ୍ଚମ ପ୍ରଶ୍ନ– How many out of the wounded died in hospitals.ଚତୁର୍ଥ ପ୍ରଶ୍ନର ଉତ୍ତରରେ କୁହାଯାଉଥିଲା: ଘଟଣାସ୍ଥଳରେ ୧୨ଜଣ ମରିଥିଲେ ଏବଂ ସେମାନଙ୍କ ଶରୀର ଚିହ୍ନଟ କରାଯାଇନାହିଁ । ଏଠାରେ ପ୍ରଶ୍ନ ଉଠେ, ୧୯୪୬ ମସିହା ଡିସେମ୍ବର ମାସ ସୁଦ୍ଧା ମୃତକମାନଙ୍କର ପରିଚୟ ସରକାରଙ୍କ ପାଖରେ ଅଜ୍ଞାତ ଥିଲା । ଏହା ଏକ ସାଂଘାତିକ ସତ୍ୟ । ପରବର୍ତ୍ତୀ କାଳରେ କେଉଁ ସୂତ୍ରକୁ ଆଧାର କରି ସେମାନେ ସରକାରୀ ସ୍ତରରେ ସେମାନଙ୍କ ପରିଚୟ ପ୍ରକାଶ କରାଗଲା, ଇତିହାସ ଏ ସମ୍ପର୍କରେ ନିରବ । ମୃତକମାନଙ୍କ ମଧ୍ୟରୁ କେତେକଙ୍କୁ ନଦୀରେ ଭସାଇ ଦିଆଯାଇ ମାତ୍ର ୧୨ଜଣ ମରିଛନ୍ତି କହିବା ଏକ ସରକାରୀ ଅପଚେଷ୍ଟା ନୁହେଁ ତ ? ତତ୍କାଳୀନ ସରକାର ପ୍ରକୃତ ସହିଦମାନଙ୍କର ସଂଖ୍ୟାକୁ ଲୁଚାଇ ନାହାନ୍ତି ତ ?

ସେହିପରି ପଞ୍ଚମ ପ୍ରଶ୍ନର ଉତ୍ତରରେ ଆଘାତପ୍ରାପ୍ତ ୧୪ଜଣଙ୍କର ନାମ ପ୍ରକାଶିତ ହୋଇଛି ଏବଂ ସେମାନଙ୍କ ମଧ୍ୟରୁ ୮ଜଣ ମୃତ୍ୟୁବରଣ କରିଥିବା ବିଷୟ ଜଣାଯାଇଛି । ଏହିପରି ଘଟଣାସ୍ଥଳ ଓ ଡାକ୍ତରଖାନାର ମୃତ୍ୟୁକୁ ୧୯ଜଣ ବୋଲି ଗ୍ରହଣ କରାଯାଇଛି । ସେବେଠୁଁ ଇତିହାସ ପୃଷ୍ଠାରେ ପାପଡାହାଣ୍ଡି ଗୁଳିକାଣ୍ଡର ସହିଦଙ୍କ ସଂଖ୍ୟା ୧୯ ବୋଲି ଗ୍ରହଣ କରାଯାଉଛି ।

ଏଠାରେ ଉଲ୍ଲେଖନୀୟ ଏହି ଗୁଳିକାଣ୍ଡ ଘଟିଥିବା ସମୟରେ ନବରଙ୍ଗପୁରର ପ୍ରମୁଖ ସଂଗ୍ରାମୀମାନେ ଜେଲରେ ଥିଲେ । ଗ୍ରାମାଞ୍ଚଳର ସାଧାରଣ କର୍ମୀମାନେ ଏହି ଜାତୀୟ ଆନ୍ଦୋଳନରେ ସ୍ୱତସ୍ଫୂର୍ତ୍ତ ଭାବେ ଅଂଶଗ୍ରହଣ କରିଥିଲେ । ପ୍ରକୃତରେ କେତେ ମରିଛନ୍ତି, ତାହା ତତ୍କାଳୀନ ଆନ୍ଦୋଳନ ବିରୋଧୀ ସରକାରୀ କର୍ମଚାରୀ, ବିଶେଷତଃ ପୋଲିସ୍ ଅଧିକାରୀଙ୍କ ବିବରଣୀକୁ ସରକାରୀ ହିସାବ ରୂପେ ଗ୍ରହଣ କରାଯାଇଛି । ସେହିମାନଙ୍କ ବିବରଣୀକୁ ଗ୍ରହଣ କରିନେବା କେବଳ ସତ୍ୟର ଅପଳାପ ନୁହେଁ, ନବରଙ୍ଗପୁର ବନବାସୀ ସଂଗ୍ରାମୀମାନଙ୍କ ପ୍ରତି ନିର୍ମମ ତାସଲ୍ୟ ।

ଓଡ଼ିଶା ସରକାରଙ୍କ କୋରାପୁଟ ଗେଜେଟ୍‌ର ଇଂରେଜ ପ୍ରଶାସନର ପରିସଂଖ୍ୟାନକୁ ଆଧାର କରି ମୃତ୍ୟୁ ସଂଖ୍ୟା ୧୯ ବୋଲି ଗ୍ରହଣ କରିଛନ୍ତି । ପାପଡାହାଣ୍ଡି ଗୁଳିକାଣ୍ଡ ସମ୍ପର୍କରେ କୋରାପୁଟ ଗେଜେଟିୟର ବିବରଣୀ ଏହିପରି: On 24th August a Large precession proceeded to Dabugaon to decide the course of action of the national Movement. As soon as the precession reached the bridge on the papadahandi river, then flooded, a police party stopped the procession and resorted to lethi charge and firing, The aoad was narrow to either side and fields were inundoded by flood water, A large number of people jumped into the overflowing river to swim accross for lafely. As a result of this attack, 19 persons were killed and about one hundred were injured where 140 were but under arrest. ସର୍ବାପେକ୍ଷା ଲଜ୍ଜାଜନକ ବିଷୟ, ପାପଡାହାଣ୍ଡି ଗୁଳିକାଣ୍ଡ ସମ୍ପର୍କରେ ଓଡ଼ିଶାର ପ୍ରଖ୍ୟାତ ଐତିହାସିକ ଜଗନ୍ନାଥ ପଟ୍ଟନାୟକ 'ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମ' ପୁସ୍ତକରେ ଦେଇଥିବା ତଥ୍ୟ । ଏଥିରେ ଥିବା ତଥ୍ୟ ସମ୍ପୂର୍ଣ୍ଣ, ଅସତ୍ୟ ଓ ବାସ୍ତବ ତଥ୍ୟଠାରୁ ବହୁ ଦୂରରେ । ତାଙ୍କ ତଥ୍ୟକୁ ଏଠାରେ କିଛି ତର୍ଜମା କରାଯାଇପାରେ। (୧) 'ଅଗଷ୍ଟ ୨୪ରେ ପାପଡାହାଣ୍ଡି ନିକଟସ୍ଥ ଆମ୍ବ ବଗିଚାରେ ୫୦୦୦ ଆଦିବାସୀ ଏକତ୍ରିତ ହୋଇ ନବରଙ୍ଗପୁର ଥାନାକୁ ଆକ୍ରମଣ କରି ଧ୍ୱଂସବିଧ୍ୱଂସ କରିଦେବା ପାଇଁ ସ୍ଥିର କଲେ' । ପ୍ରକୃତରେ ସେଦିନ ଏଭଳି ସଭାହୋଇ ନଥିଲା କିମ୍ବା ନବରଙ୍ଗପୁର ଥାନା ଧ୍ୱଂସ କରିବାର ଆନ୍ଦୋଳନକାରୀଙ୍କ ଯୋଜନା ନଥିଲା । ସେମାନଙ୍କ ଲକ୍ଷ୍ୟସ୍ଥଳ ଥିଲା ଡାବୁଗାଁ । ଏହା ନବରଙ୍ଗପୁରର ୩୦କି.ମି ଉତ୍ତରକୁ । ପାପଡାହାଣ୍ଡି ନିକଟବର୍ତ୍ତୀ ଟୁରୀ ନଦୀର କାଠପୋଲ ଅତିକ୍ରମ କରି ସେମାନଙ୍କର ଡାବୁଗାଁ ଯିବାର ଥିଲା । (୨) 'ସେମାନଙ୍କ ରାସ୍ତାରେ କୁଳୁକୁଳୁ କରି ଟୁରୀନଦୀ ନାମକ ଏକ ନଦୀ ବହି ଯାଉଥିଲା' । ପାପଡାହାଣ୍ଡିରୁ ନବରଙ୍ଗପୁର ମଧ୍ୟରେ ଟୁରୀନଦୀ ପଡେ ନାହିଁ । ଅପର ପକ୍ଷରେ ନବରଙ୍ଗପୁର ରାସ୍ତାରେ ଚିକିଲିଠାରେ ଗୁଣ୍ଡାଟ ନଦୀ ପଡେ ଏବଂ ଏହାର କାଠପୋଲ ୨୪ତାରିଖ ପୂର୍ବରୁ ଆନ୍ଦୋଳନକାରୀମାନେ ଭାଙ୍ଗି ଦେଇଥିଲେ । (୩) 'ସତ୍ୟାଗ୍ରହୀମାନେ ସେହି ୨୪ତାରିଖ ଦିନ କାଠପୋଲ ଭାଙ୍ଗି ଦେଇଥିଲେ ଏବଂ ପୋଲିସ୍ ଫୌଜ ସହ ସେମାନଙ୍କର ମୁହାଁମୁହିଁ ହୋଇଥିଲା ।' ଏହା ମଧ୍ୟ ସତ୍ୟ ନୁହେଁ । ସେଦିନ ସଂଗ୍ରାମୀମାନେ ନବରଙ୍ଗପୁର ଆସୁନଥିଲେ, ତାଙ୍କ ବାଟରେ ଟୁରୀନଦୀ ପଡୁନଥିଲା କିମ୍ବା ସେମାନେ କାଠପୋଲ ଭାଙ୍ଗି ନଥିଲେ । (୪) 'ସର୍ବମୋଟ ୩୦ ରାଉଣ୍ଡ ଗୁଳି ମାଡ ହୋଇଥିଲା । ସେହିଠାରେ ୧୯ଜଣ ସତ୍ୟାଗ୍ରହୀ ମୃତ୍ୟୁବରଣ କରିଥିଲେ ଓ ୧୭ଜଣ ଆହତ ହୋଇଥିଲେ'– କିନ୍ତୁ ପ୍ରକୃତରେ ୧୯୪୬ ମସିହାରେ ଥିବା କୋରାପୁଟର ଜିଲ୍ଲା ମାଜିଷ୍ଟ୍ରେଟ୍

ଏ.ଜି.ବୃନ୍ ସେକ୍ରେଟାରୀଙ୍କ ଶ୍ରୀଯୁକ୍ତ ସଦାଶିବ ତ୍ରିପାଠୀଙ୍କ ଆସେମ୍ବ୍ଲି ପ୍ରଶ୍ନ ଉତ୍ତରରେ, ୧୨ଜଣ ଘଟଣାସ୍ଥଳରେ ଓ ଗୁରୁତର ଆହତ ୧୪ଜଣଙ୍କ ମଧ୍ୟରୁ ୭ଜଣ ଡାକ୍ତରଖାନାରେ ମୋଟ ୧୯ଜଣ ମରି ଥିବା କଥା ଦର୍ଶାଇଛନ୍ତି । ସ୍ୱାଧୀନ ଭାରତର ଗେଜେଟ୍‌ରେ ଏହା ପ୍ରକାଶିତ ହୋଇଛି । ତେବେ ପାପଡାହାଣ୍ଡି ଗୁଳିକାଣ୍ଡ ସମ୍ପର୍କିତ ଏଯାବତ୍ ଯେତିକି ତଥ୍ୟ ପ୍ରକାଶିତ ହୋଇଛି, ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ତଥ୍ୟ ଏସବୁର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ । ଏହା ଏକ ମନଗଢା କପୋଳକଳ୍ପିତ କାହାଣୀର ରୂପାୟନ ପରି ମନେ ହୁଏ ।

ସେହିପରି ଡକ୍ଟର ହରେକୃଷ୍ଣ ମହତାବଙ୍କ 'ଓଡ଼ିଶା ଇତିହାସର ବିବରଣୀ' ଏ ସମ୍ପର୍କରେ ମଧ୍ୟ ଭିନ୍ନ କଥା କହେ । '୨୪ ତାରିଖ ଦିନ ୪/୫ ହଜାର ଲୋକ ଏକତ୍ର ହୋଇ ପାପଡାହାଣ୍ଡିଠାରେ ଥିବା ଥାନା ଓ ପୋଲମାନ ଧ୍ୱଂସ କରିବାକୁ ଯାଇଥିଲେ । ପୋଲିସ୍ ଏ ସମ୍ବାଦ ପାଇ ରାସ୍ତାରେ ସେମାନଙ୍କର ସମ୍ମୁଖୀନ ହେଲେ ଓ ଛତ୍ରଭଙ୍ଗ ଦେବାକୁ ଅନୁରୋଧ କଲେ । ଉତ୍ତ୍ୟକ୍ତ ଜନତା କିଛି ନଶୁଣି ସୁବାଦାର ଏବଂ କନେଷ୍ଟବଳ ଉପରେ ଆକ୍ରମଣ କଲେ ଏବଂ ତଦ୍ୱାରା ଗୁଳିଚାଳନା କରାଯାଇଥିଲା । ସମୁଦାୟ ୩୨ଜଣ ଆଘାତପ୍ରାପ୍ତ ହୋଇଥିଲେ ।' ଏଠାରେ ମଧ୍ୟ ଏକ ଗୋଳମାଳିଆ ଓ ବିଭ୍ରାନ୍ତକର ତଥ୍ୟ ଦିଆଯାଇଛି । ପ୍ରକୃତରେ ୨୪ ତାରିଖ ଦିନ ୪/୫ ହଜାର ଲୋକ ଏକତ୍ର ହୋଇଥିଲେ ମଧ୍ୟ ସେଦିନ ସେଠାକାର ଥାନା ଓ ପୋଲ ଧ୍ୱଂସ କରିବାର ଯୋଜନା ହିଁ ନଥିଲା । ସେଠାକାର ପୋଲ ଅତିକ୍ରମ କରି ସେମାନଙ୍କର ଡାବୁଗାଁ ଯିବାର ଥିଲା । ଅପରପକ୍ଷରେ ସେହି ସମୟରେ ପାପଡାହାଣ୍ଡିର ଆଉଟ ପୋଷ୍ଟ (ମଇଦଲପୁର ଥାନା ଅନ୍ତର୍ଗତ) ପାପଡାହାଣ୍ଡି ଛକଠାରୁ ଦକ୍ଷିଣକୁ ଲମ୍ବି ଯାଇଥିବା ପ୍ରାୟ ଏକ କି.ମି. ଦୂରସ୍ଥ ଶିବମନ୍ଦିର ନିକଟରେ ଅବସ୍ଥିତ ଥିଲା । ପାପଡାହାଣ୍ଡି ପୂର୍ବରୁ ଚମ୍ପାବଣ ଦେଇ ଆଉଟ୍ ପୋଷ୍ଟ ନିକଟକୁ ରାସ୍ତା ଥିଲା । ଯଦି ସେମାନଙ୍କର ଥାନା ଧ୍ୱଂସ କରିବାର ଲକ୍ଷ୍ୟ ଥିଲା ସେମାନେ ସେହି ରାସ୍ତା ଦେଇ ସେଠାକୁ ତ ଯାଇପାରିଥାନ୍ତେ ଏବଂ ଗୁଳିକାଣ୍ଡ ସେହିଠାରେ ହିଁ ଘଟିଥାନ୍ତା । ପ୍ରକୃତ ଘଟଣା ହେଉଛି ଡାବୁଗାଁ ଗାମୀ ସଂଗ୍ରାମୀମାନଙ୍କୁ ଫୌଜମାନେ ଟୁରୀ ନଦୀ ପୋଲ ଉପରେ ସାମନା କରି ଏହି ନାରକୀୟ ନରସଂହାର ରଚନା କରିଥିଲେ । ଏହିସବୁ ବିବରଣୀ ହୁଏତ ପରବର୍ତ୍ତୀ ସମୟରେ ସରକାରୀ ଦପ୍ତରଗୁଡ଼ିକରୁ ସଂଗ୍ରହ କରାଯାଇ ଲେଖାଯାଇଛି । ତେବେ ଏସବୁ ଠାରୁ ବହୁ ଦୂରରେ ପ୍ରକୃତ ବାସ୍ତବତା ।

ବର୍ତ୍ତମାନ ଆମେ କୋରାପୁଟ ଏସ୍.ଆର୍ ନଂ.–୭୦/୪୨ (ପାପଡାହାଣ୍ଡି Roting case) ସରକାରୀ ପ୍ରସ୍ତୁତ ଫାଇଲ୍‌ରୁ ଅଳ୍ପ ଆଲୋଚନା କରିବା । କୋରାପୁଟ ଏସ୍.ପି. ୭ ଅକ୍ଟୋବର ୧୯୪୨ରେ ଆଇ.ଜି. ପୋଲିସ୍ ଓଡ଼ିଶାଙ୍କ ନିକଟକୁ ଏବଂ ୨୭.୧୦.୪୨ରେ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ପାପଡାହାଣ୍ଡି ଗୁଳିକାଣ୍ଡ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ । ସେଥିରେ ସେ ଲେଖିଛନ୍ତି ନବରଙ୍ଗପୁର ସବ୍‌ଡିଭିଜନର ବିଭିନ୍ନ ସ୍ଥାନରେ କଂଗ୍ରେସ ଗୁଣ୍ଡାମାନେ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ବିଧ୍ୱସ୍ତ କରିଦେବା ଚେଷ୍ଟାରେ ଘଟାଇ ଚାଲିଥିବା ଘଟଣା ହିଁ ପରୋକ୍ଷ ଭାବରେ ପାପଡାହାଣ୍ଡିଠାରେ ଘଟି ଯାଇଥିବା ଗୁଳିଚାଳନା ଘଟଣା ପାଇଁ ଦାୟୀ । ତାଙ୍କ ଭାଷାରେ ଏମ୍.ଏଲ୍.ଏ ସଦାଶିବ ତ୍ରିପାଠୀ, କଂଗ୍ରେସ ସଭାପତି ଅମାଜି ରାଓ, କଂଗ୍ରେସ ନେତା ଲକ୍ଷ୍ମୀଚନ୍ଦ୍ର ଦାସଙ୍କୁ ଭାରତ ସୁରକ୍ଷା ଆଇନ ଅନୁସାରେ ଗିରଫ କରାଯାଇଥିଲା । ଅନ୍ୟ ପ୍ରମୁଖ ନେତା ମାଧବ ପ୍ରଧାନୀ, ମହମ୍ମଦ ବାଜି, ସୋନୁ ମାଝୀ, ନାଡୁ ଚଲାଣ, ମିରୁ ଘାସି ପରି ଜଙ୍ଗଲରେ ଆତ୍ମଗୋପନ କରିଥିଲେ ।

ଏମାନେ ତ ଥିଲେ ପ୍ରମୁଖ ନେତା । ଏମାନଙ୍କ ଅନୁପସ୍ଥିତିରେ ବିଭିନ୍ନ ଗ୍ରାମାଞ୍ଚଳରୁ ଆସି ଡାବୁଗାଁ ଅଭିମୁଖେ ଯାଉଥିବା ସାଧାରଣ ନିରୀହ ଜନତା କିପରି ଇଂରେଜ ପୋଲିସ୍‌ଙ୍କ ପାଖରେ ଆହ୍ୱାନ ସୃଷ୍ଟି କରିପାରିଥିଲେ । ବିବରଣୀରେ ଅନ୍ୟ ଏକ ସ୍ଥାନରେ ରହିଛି– 'ଏସ୍.ଡି.ଏସ୍.ଙ୍କ ତଦନ୍ତ କାର୍ଯ୍ୟ ସମାପ୍ତ ପରେ ଚିହ୍ନିତ ହେଉପାରୁ ନଥିବା ଶବଗୁଡ଼ିକୁ ନଷ୍ଟ କରି ଦିଆଗଲା।' ଏଠି ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠେ, ଅଚିହ୍ନା ଶବଗୁଡ଼ିକୁ (ସଂଖ୍ୟା କେତେ ଜଣାନାହିଁ) ନଷ୍ଟକରି ଦିଆଗଲା ପରେ କେଉଁ ଆଧାରରେ ପରବର୍ତ୍ତୀ ସମୟରେ ଏମାନଙ୍କୁ ଚିହ୍ନଟ କରାଗଲା । ସେହି ଫାଇଲ୍‌ରୁ ଆଉ ଗୋଟିଏ ସତକଥା ପଦାକୁ ବାହାରିବା ପାଇଁ ସତେ କି ବ୍ୟଗ୍ର ହୋଇପଡିଛି । ଗବେଷଣାରୁ ସେ ସମ୍ପର୍କରେ ଅଧିକ ତଥ୍ୟ ଉଦ୍‌ଘାଟନ କରିବା ପାଇଁ ପ୍ରୟାସ କଲେ ପାପଡାହାଣ୍ଡି ଗୁଳିକାଣ୍ଡର ଏକକ ନୂତନ ଦିଗନ୍ତ ସର୍ବ ସମ୍ମୁଖକୁ ଆସିବ । ତାହା ହେଉଛି: '୨୨ ତାରିଖ ରାତିରେ ମେସର୍ସ ଏଚ୍.ଡିଅର ଏଣ୍ଡ କମ୍ପାନୀର ମ୍ୟାନେଜର, ମିଃ.ଏ.ବି. ସ୍ମାର୍ଟ ନିଜ ବ୍ୟକ୍ତିଗତ କାର୍‌ରେ ଡାବୁଗାଁ ଅଭିମୁଖେ ଯାଉଥିବା ସମୟରେ ଚିକିଲି ପାପଡାହାଣ୍ଡି ମଝିରେ ଉତ୍ତ୍ୟକ୍ତ ଲୋକ ତାଙ୍କ କାରକୁ ଆକ୍ରମଣ କଲେ । ଏ ଖବର ପାଇବା ମାତ୍ରେ ପୋଲିସ ଦଳ ଘଟଣା ସ୍ଥଳରେ ପହଞ୍ଚି ଘଟଣା ସହ ସମ୍ପୃକ୍ତ ଥିବା ପ୍ରାୟ ୧୨ଜଣ ଲୋକ ତାରାଗାଁରେ ଆତ୍ମଗୋପନ କରିଛନ୍ତି ବୋଲି, ସେଠି ଖବର ପାଇଲେ ।' ସେତେବେଳେ ନବରଙ୍ଗପୁର ଜିଲ୍ଲାର ଜଙ୍ଗଲଗୁଡିକ ଅତି ମୂଲ୍ୟବାନ

କାଠରେ ପୂର୍ଣ୍ଣ ଥିଲା । ଇଂରେଜ କାଠ ମାଫିଆମାନଙ୍କର ଲୋଲୁପ ଦୃଷ୍ଟିରୁ ବର୍ତ୍ତି ପାରିନଥିଲା ଏ ଜଙ୍ଗଲ ସମ୍ପଦ । ବିଭିନ୍ନ ଠିକାଦାର ଓ କମ୍ପାନୀମାନେ ସରକାରଙ୍କଠାରୁ ନାମମାତ୍ର ମୂଲ୍ୟରେ ଜଙ୍ଗଲ ଠିକା ନେଇ ଏ ମୂଲ୍ୟବାନ୍ କାଠକୁ ପୋଲିସ୍‌ମାନଙ୍କର ସହଯୋଗ ଓ ସୁରକ୍ଷା ବଳୟ ମଧ୍ୟରେ ବାହାରକୁ ଅନାୟାସରେ ଚାଲାଣ କରିପାରୁଥିଲେ । ସ୍ଥାନୀୟ ଅଧିବାସୀ ଆଦିବାସୀ ନିଜ ମାଟି ମା'ର ଛାତିରୁ ସେମାନଙ୍କର ଏହି କାଠ ଚାଲାଣକୁ ହୁଏତ ବିରୋଧ କରି ଆସୁଥିଲେ, ଯା'ର ପରିଣତି ସ୍ୱରୂପ କାଠ କମ୍ପାନୀର ମ୍ୟାନେଜରଙ୍କ ସହିତ ୨୨ ଅଗଷ୍ଟରେ ତାଙ୍କର ମୁହାଁମୁହିଁ ହୋଇଥିଲା । ସ୍ଥାନୀୟ ପୋଲିସ୍ ଏହି ପ୍ରତିବାଦର ପ୍ରତିଶୋଧ ନେବା ନିମନ୍ତେ କାଠ ମାଫିଆଙ୍କ ଦ୍ୱାରା ପ୍ରରୋଚିତ ହୋଇ ସ୍ୱାଧୀନତା ସଂଗ୍ରାମୀ ନିରୀହ କଂଗ୍ରେସ କର୍ମୀଙ୍କର ଡାବୁଗାଁ ଅଭିମୁଖେ ଯାତ୍ରାକୁ ଏକ ସୁଯୋଗ ମନେ କରି ଏତାଦୃଶ ନାରକୀୟ କାଣ୍ଡର ପରିକଳ୍ପନା କରିଥାଇପାରନ୍ତି । ଏଭଳି ଆଶଙ୍କାକୁ ଏଡାଇ ଦିଆଯାଇନପାରେ । ଚଞ୍ଚକତାପୂର୍ଣ୍ଣ ଭାବରେ ପ୍ରସ୍ତୁତ କେତେକ ସରକାରୀ ଦଲୀଲକୁ ଛାଡିଦେଲେ ପାପଡାହାଣ୍ଡି ଗୁଳିକାଣ୍ଡର ପ୍ରକୃତ କାରଣ ଓ ମୃତାହତଙ୍କ ସଂଖ୍ୟା ଜଣାପଡିବ ନାହିଁ । ମୃତାହତ ସଂଗ୍ରାମୀ କିମ୍ବା ଅନ୍ୟ କଂଗ୍ରେସ କର୍ମୀମାନଙ୍କ ପରିବାରରୁ କୌଣସି ତଥ୍ୟ ମିଳିବାର ସମ୍ଭାବନା ନାହିଁ । ବର୍ତ୍ତମାନ ସେମାନଙ୍କର ପଞ୍ଚମ ପୁରୁଷ ସେ ଇତିହାସ ବିଷୟରେ ଅଜ୍ଞ । ପ୍ରକୃତ ତଥ୍ୟ ପଦାକୁ ଆଣିବାକୁ ହେଲେ ଏ ଅଞ୍ଚଳର ପଲ୍ଲୀମାନଙ୍କରେ ସଂଗ୍ରାମ ସମ୍ପର୍କିତ କାହାଣୀ, ଲୋକକଥା, ଲୋକ ବିଶ୍ୱାସ ଉପରେ ନିର୍ଭର କରିବାକୁ ପଡିବ । ତେବେ ଯାଇ ଏହି ଜିଲ୍ଲାର ସଂଗ୍ରାମୀମାନେ ନ୍ୟାୟ ପାଇବେ । ବ୍ରିଟିଶ ସରକାରଙ୍କୁ ସନ୍ତ୍ରସ୍ତ କରିପାରୁନଥିବାର ସାମର୍ଥ୍ୟ ରଖିଥିବା ଏହି ବଣ ଜଙ୍ଗଲର ପାହାଡି ମଣିଷମାନଙ୍କ ତ୍ୟାଗ ଓ ସାହସ ସେତେବେଳେ ଭାରତ ଜାଣିବ ।

ସହାୟକ ଗ୍ରନ୍ଥ:

୧. କୋରାପୁଟ ଗେଜେଟ୍ ।

୨. ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ (ଜଗନ୍ନାଥ ପଟ୍ଟନାୟକ) ।

୩. ଓଡ଼ିଶା ଇତିହାସ (ଡକ୍ଟର ହରେକୃଷ୍ଣ ମହତାବ) ।

୪. ସେହି କେତୋଟି ଅପଢା ଫାଇଲ୍ (ଅଶୋକ ମିଶ୍ର ଓ ନଗେନ୍ଦ୍ରନାଥ ପଟ୍ଟନାୟକ) ।

ନୂଆବନ୍ଧ ସାହି, ନବରଙ୍ଗପୁର

# ଦୁକେଇମୁଣ୍ଡା ଗାଁର ଭାଗ୍ୟ ବଦଳିଲା

ଫୁଲବାଣୀ ସହରର ଅନତି ଦୂରରେ ଚାଷ ବହୁଳ ଗାଁ ଦୁକେଇମୁଣ୍ଡା । ଗାଁର ସମସ୍ତ ପରିବାର ଚାଷ ଉପରେ ନିର୍ଭର କରନ୍ତି । କିନ୍ତୁ ଭାଗ୍ୟ ତାଙ୍କ ସପକ୍ଷରେ ନଥିଲା । ଇଚ୍ଛାନୁଯାୟୀ ଫସଲ ଅମଳ କରିବାରେ ସେମାନେ ସକ୍ଷମ ହେଉ ନଥିଲେ । ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ନିର୍ଦ୍ଦେଶରେ ଫୁଲବାଣୀସ୍ଥିତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସେହି ଅଞ୍ଚଳର ବିକାଶ ପାଇଁ କିଛି କାର୍ଯ୍ୟକ୍ରମ ନେଉଥିବାର ଖବର ଦୁକେଇମୁଣ୍ଡା ଗାଁ ଲୋକଙ୍କ ପାଖରେ ପହଞ୍ଚିଲା । ଜଳସେଚନ ବିଷୟରେ ସେମାନେ ନିଜର ଦୁଃଖ ଫୁଲବାଣୀସ୍ଥିତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅଧିକାରୀଙ୍କୁ ଜଣାଇଲେ । ଗ୍ରାମବାସୀଙ୍କ ଅସୁବିଧାକୁ ଦୂର କରିବା ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ଆଦିବାସୀ ଉପଯୋଜନା ଅନୁଦାନରୁ ସେହି ଗାଁରେ ଏକ କଂକ୍ରିଟ୍ ଆଡିବନ୍ଧ ନିର୍ମାଣ କରିବାକୁ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସ୍ଥିର କଲେ । ସେଥିଲାଗି ୧୮ଲକ୍ଷ ୬୧ ହଜାର ଟଙ୍କାର ମଧ୍ୟ ଅଟକଳ ପ୍ରସ୍ତୁତ କରାଗଲା । ୧୦ ମିଟର ଲମ୍ବ, ୯ ମିଟର ପ୍ରସ୍ଥ ଓ ୨ ମିଟର ଉଚ୍ଚତା ବିଶିଷ୍ଟ ଏକ କଂକ୍ରିଟ ଆଡିବନ୍ଧ ଓ ତାହା ସହିତ ୧୦୫ ମିଟର ଦୈର୍ଘ୍ୟ ଏକ କଂକ୍ରିଟ୍ କେନାଲ ମଧ୍ୟ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହେଲା । ସବୁଠାରୁ ଉଲ୍ଲେଖନୀୟ ବିଷୟ ଯେ, କେନାଲଟିକୁ ଏକ ଖାଲ ଜାଗାକୁ ପାର କରି ନିର୍ମାଣ କରିବାକୁ ପଡିଲା । ଏହି ଆଡିବନ୍ଧ ଯୋଗୁଁ ଡୁଡିପାଜୁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦୁକେଇମୁଣ୍ଡା ଗାଁର ୪୦ ଏକର ଜମି ଜଳସେଚିତ ହେବା ସଙ୍ଗେ ସଙ୍ଗେ ୨୫ଟି ପରିବାରର ଭାଗ୍ୟ ମଧ୍ୟ ବଦଳିଗଲା । ଓଡ଼ିଶା ସରକାରଙ୍କ ଅଧୀନସ୍ଥ ଫୁଲବାଣୀ ସମନ୍ୱିତ ଆଦିବାସୀ ସଂସ୍ଥାର ଆନ୍ତରିକତାରୁ ଏହା ସମ୍ଭବ ହେଲା ଓ ଆଜି ସେମାନେ ପୂର୍ବ ଚିନ୍ତାରୁ ମୁକ୍ତି ପାଇଛନ୍ତି ବୋଲି ଗ୍ରାମବାସୀ ସେମାନଙ୍କର ଖୁସି ଓ ଧନ୍ୟବାଦ ଜଣାଇଥିଲେ ।

ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଫୁଲବାଣୀ

# ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶା ଓ ଖୋରଧାର ଗୌରବମୟ ଇତିହାସ

ଉମାଶଙ୍କର ପ୍ରସାଦ

ଭାରତର ଐତିହାସିକ ସ୍ୱାଧୀନତା ସଂଗ୍ରାମ ଶୌର୍ଯ୍ୟ, ବିକ୍ରମ ଓ ତ୍ୟାଗର ଏକ ଗୌରବ ଗାରିମାମୟ କାହାଣୀ । ମହାତ୍ମା ଗାନ୍ଧୀଙ୍କ ପରିଚାଳିତ ସ୍ୱାଧୀନତା ସଂଗ୍ରାମର ଦ୍ୱିତୀୟ ପର୍ଯ୍ୟାୟ ଲବଣ ସତ୍ୟାଗ୍ରହ ଓ ଆଇନ୍ ଅମାନ୍ୟ ଆନ୍ଦୋଳନ ପରେ ପୂର୍ଣ୍ଣ ସ୍ୱାଧୀନତା ପାଇଁ ଅନ୍ତିମ ସଂଗ୍ରାମ ଲକ୍ଷ୍ୟରେ ଦେଶବାସୀଙ୍କୁ ସଂଗଠିତ ଓ ପ୍ରସ୍ତୁତ କରାଇବାକୁ ମହାତ୍ମା ଗାନ୍ଧୀ ରଚନାତ୍ମକ କାର୍ଯ୍ୟକ୍ରମ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ଏଥିରେ ଭାରତର ଅନ୍ୟାନ୍ୟ ଅଂଚଳ ପରି ଓଡ଼ିଶା ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ସ୍ୱାଧୀନତା ସଂଗ୍ରାମକୁ ବୃଦ୍ଧିମନ୍ତ କରିବା ସଙ୍ଗେ ସଙ୍ଗେ ସର୍ବଭାରତୀୟ ସ୍ତରରେ ଓଡ଼ିଶାବାସୀଙ୍କୁ ମହିମାନ୍ୱିତ କରିଛି ।

ଏହା ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ ଯେ, ସର୍ବଭାରତୀୟ ସ୍ତରରେ ୧୮୫୭ ଖ୍ରୀଷ୍ଟାବ୍ଦରୁ ସ୍ୱାଧୀନତା ସଂଗ୍ରାମର ସୂତ୍ରପାତ ହୋଇଥିବା ସ୍ଥଳେ ଓଡ଼ିଶାର ଅଧିବାସୀ ୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜମାନଙ୍କ ଅଧିକାରଠାରୁ ସେମାନଙ୍କ ଶାସନ କବଳରୁ ମୁକ୍ତି ପାଇବା ପାଇଁ କେତୋଟି ବିଦ୍ରୋହର ଆଶ୍ରୟ ନେଇଥିଲେ । ତନ୍ମଧ୍ୟରୁ ୧୮୦୪ ମସିହାରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ଖୋରଧା ବିଦ୍ରୋହ ଥିଲା ଅନ୍ୟତମ । ସେହି ସମୟରେ ମୁକୁନ୍ଦଦେବ ଗଜପତି ନାବାଳକ ରାଜା ଥିଲେ । ତାଙ୍କର ଅଭିଭାବକ ଭାବେ ମହାନ ସ୍ୱାଧୀନତା ସଂଗ୍ରାମୀ ଜୟୀ ରାଜଗୁରୁ ଇଂରେଜମାନଙ୍କ ବିରୁଦ୍ଧରେ ସଂଗ୍ରାମ କରି ଶେଷରେ ଫାଶୀ ପାଇଲେ ଏବଂ ମୁକ୍ତିସଂଗ୍ରାମର ପ୍ରଥମ ସହିଦ୍ ଭାବେ ଆଜି ଜୟୀରାଜଗୁରୁ ସମସ୍ତଙ୍କର ନମସ୍ୟ । ଖୋରଧା ବିଦ୍ରୋହ ପରେ ୧୮୧୭ ମସିହାରେ ବକ୍ସି ଜଗବନ୍ଧୁ ପାଇକମାନଙ୍କ ନେତୃତ୍ୱ ନେଇ ଇଂରେଜମାନଙ୍କ ବିରୁଦ୍ଧରେ ଏକ ବିଦ୍ରୋହ ଘୋଷଣା କରିଥିଲେ । ଏହା ପାଇକ ବିଦ୍ରୋହ ନାମରେ ବିଦିତ । ଏହି ବିଦ୍ରୋହ କେବଳ ଖୋରଧାରେ ସୀମିତ ନହୋଇ ରାଜ୍ୟର ବିଭିନ୍ନ ସ୍ଥାନକୁ ପ୍ରସାରିତ ହୋଇ ଇଂରେଜମାନଙ୍କୁ ଭୀତତ୍ରସ୍ତ କରି ପକାଇଥିଲା । ଏହିପରି ଭାବରେ ଦୀର୍ଘ ୮ ବର୍ଷ କାଳ ବକ୍ସି ଜଗବନ୍ଧୁ ଲୁଚି ଛପି ବିଦ୍ରୋହାତ୍ମକ କାର୍ଯ୍ୟରେ ଲିପ୍ତ ରହିଥିଲେ । ତାଙ୍କର ଏହି ପ୍ରଚଣ୍ଡ ବାଗ୍ମିତା ଓ ବୀରତ୍ୱରେ ଉଦ୍‌ବୁଦ୍ଧ ହୋଇ ଇଂରେଜ ପ୍ରଶାସକ ନୟାଗଡ଼ ରାଜାଙ୍କ ସହାୟତାରେ ତାଙ୍କୁ ସସମ୍ମାନେ କଟକରେ ଏକ ଭଡ଼ା ଘରେ ରଖିଥିଲେ ଏବଂ ସେହିଠାରେ ଏହି ମହାନ୍ କ୍ରାନ୍ତିକାରୀ ପୁରୁଷଙ୍କର ମହାସମାଧି ରଚିତ ହୋଇଥିଲା । ଏହି ପାଇକ ବିଦ୍ରୋହ ଏପରି ଭୟାବହ ଥିଲା ଯେ, ଏହା ଉପରେ ମତ ଦେଇ ଐତିହାସିକ ଜଜ୍ ଟୟନବି ଲେଖିଛନ୍ତି, ପାଇକ ବିଦ୍ରୋହକୁ ଦମନ କରାଯାଇଥିଲେ ମଧ୍ୟ ଏହା ଓଡ଼ିଶାରେ ଇଂରେଜମାନଙ୍କ ସ୍ଥିତିକୁ ଦୋହଲାଇ ଦେଇଥିଲା । ଏହାପରେ ଯେଉଁ ବିଦ୍ରୋହ ଦେଖାଦେଇଥିଲା, ତାହାର ରଙ୍ଗମଞ୍ଚ ଥିଲା ଖୋରଧାର ତାପଙ୍ଗଗଡ଼ । ଏହି ତାପଙ୍ଗଗଡ଼ର ଦଳବେହେରା ମାଧବ ରାଉତରାୟ ଇଂରେଜମାନଙ୍କ ବିରୁଦ୍ଧରେ ସଂଗ୍ରାମ କରିଥିଲେ । ସେ ଏଭଳି ରଣକୁଶଳୀ ଥିଲେ, ଯାହାଙ୍କ ଯୋଗୁଁ ଇଂରେଜମାନେ ଅଣାୟତ୍ତ ହୋଇ ତାଙ୍କୁ ଧରିବା ବ୍ୟକ୍ତିଙ୍କୁ ୧୦୦୦ ଟଙ୍କା ପୁରସ୍କାର ଘୋଷଣା କରିଥିଲେ । ମାତ୍ର ଦଳବେହେରା ନିଜକୁ ଧରାଦେଇ ଭୋକ ଉପାସରେ ରହିଥିବା ଏକ ଧୀବରକୁ ଦାନ ଦେଇ ଇଂରେଜ ସେନାପତିଙ୍କର ପ୍ରଶଂସା ଭାଜନ ହୋଇଥିଲେ ।

ଏହି ମୁକ୍ତି ଆନ୍ଦୋଳନର ଅନ୍ୟ ଏକ ବିନ୍ଧାଣୀ ଥିଲେ ପୁରୀର ଚନ୍ଦନ ହଜୁରୀ । ସେ ମଧ୍ୟ ଚାଖି ଖୁଣ୍ଟିଆ ନାମରେ ପରିଚିତ । ମଣିକର୍ଣ୍ଣିକା ସାହିର ହଜୁରୀ ରଘୁନାଥ ବଡ଼ପଣ୍ଡାଙ୍କର ପୁତ୍ର । ୧୮୭୫ ମସିହା କାର୍ତ୍ତିକ ମାସ ଶୁକ୍ଳ ଏକାଦଶୀ ଦିନ ଜଗନ୍ନାଥ

ମହାପ୍ରଭୁଙ୍କର ଚନ୍ଦନ ଲାଗି ସମୟରେ ତାଙ୍କର ଜନ୍ମ ହୋଇଥିବାରୁ ପିତାମାତା ତାଙ୍କ ନାମ ଦେଇଥିଲେ ଚନ୍ଦନ ହଜୁରୀ । ଛୋଟବେଳୁ ମହାପ୍ରସାଦ ବିକ୍ରେତାଙ୍କଠାରୁ ଡାଲି, ତରକାରୀ ପ୍ରଭୃତି ଝାମ୍ପି ନେଇ ଚାଖିବା ଅଭ୍ୟାସ ଥିବାରୁ ତାଙ୍କୁ ଲୋକେ ଚାଖି ଖୁଣ୍ଟିଆ ବୋଲି କହୁଥିଲେ । ସେ ନିଜର ପ୍ରଚଣ୍ଡ ବୁଦ୍ଧିମତା ଯୋଗୁଁ ଝାନ୍‌ସୀର ରାଣୀ ଲକ୍ଷ୍ମୀବାଈଙ୍କର ପାରିବାରିକ ପଣ୍ଡା ରୂପେ କାର୍ଯ୍ୟ କରିଥିଲେ । ଯାହାର ସୂଚନା ଲକ୍ଷ୍ମୀବାଈ ଚାଖି ଖୁଣ୍ଟିଆଙ୍କ ପାଖକୁ ଲେଖିଥିବା ଏକ ଚିଠିରୁ ସୂଚିତ ହୁଏ । ୧୮୫୭ ବିଦ୍ରୋହରେ ତାଙ୍କର ବିଦ୍ରୋହାତ୍ମକ କାର୍ଯ୍ୟକଳାପ ଅତ୍ୟନ୍ତ ସ୍ମରଣୀୟ ଥିଲା । ମହାରାଣୀ ଭିକ୍ଟୋରିଆଙ୍କ ଘୋଷଣାପତ୍ର ଅନୁଯାୟୀ ତାଙ୍କୁ ମୁକ୍ତି କରାଯିବା ସହ ସେ ଆଉ କୌଣସି ବିଦ୍ରୋହାତ୍ମକ କାର୍ଯ୍ୟରେ ରହିବେ ନାହିଁ ବୋଲି ସର୍ତ୍ତ ରଖାଯାଇଥିଲା । ଏହାପରେ ସେ ଆଉ ପୁରୀ ଫେରି ନଥିଲେ ଏବଂ ସେହି ସମୟରେ ଏକ ଗୁଜବ ପ୍ରଚାର ହୋଇଥିଲା ଝାନ୍‌ସୀର ସେନାପତି ଘଞ୍ଚ ଜଙ୍ଗଲରେ ବୁଲୁଥିବା ସମୟରେ ଚାଖି ଖୁଣ୍ଟିଆଙ୍କର ମୃତ୍ୟୁ ହୋଇଛି । ସେଥିପାଇଁ ତାଙ୍କ ପତ୍ନୀ ଦୁଃଖରେ ମ୍ରିୟମାଣ ହୋଇ ବୈଧବ୍ୟ ସାଜିଥିଲେ । ମାତ୍ର ଜଗନ୍ନାଥଙ୍କର ଅପାର କରୁଣାରୁ ୧୮୬୩ ମସିହା କୁମାର ପୂର୍ଣ୍ଣମୀ ଦିନ ସେ ପୁନର୍ବାର ପୁରୀ ଫେରିବା ପରେ ତାଙ୍କ ପତ୍ନୀ ପୁନରାୟ ସଧବା ବେଶରେ ସଜ୍ଜିତ ହୋଇ ଶଙ୍ଖା ସିନ୍ଦୂର ପିନ୍ଧିଥିଲେ ।

ସେହିପରି ବାଣପୁର ଅଂଚଳର ପାଇକ ବୀର କୃତିବାସ ପାଟ୍ଟଶାଣୀ ୧୮୩୫ ଖ୍ରୀଷ୍ଟାବ୍ଦରେ ପାଇକମାନଙ୍କ ସହାୟତାରେ ତିନିଦିନ ପାଇଁ ବାଣପୁର ଥାନା ଦଖଲ କରି ସ୍ୱାଧୀନତା ଘୋଷଣା କରିଥିଲେ । ବହୁ ପ୍ରକାର ଉଦ୍ୟମ ସତ୍ତ୍ୱେ ଇଂରେଜମାନେ ତାଙ୍କୁ ଧରିପାରୁ ନଥିଲେ । ଶେଷରେ ନିଜ ଶ୍ୱଶୁର ପଦପଦବୀ ଓ ଅର୍ଥପ୍ରାପ୍ତି ଲାଳସାର ବଶବର୍ତ୍ତୀ ହୋଇ ନିଜ ଜ୍ୱାଇଁଙ୍କୁ ଧରାଇ ଦେଇଥିଲେ । ପରିଶେଷରେ ଯାବତ୍‌ଜୀବନ ଦ୍ୱୀପାନ୍ତର ଦଣ୍ଡବିଧାନ ବରଣ କରି ତାଙ୍କ ଦେଶଭକ୍ତର ଜୀବନଦୀପ ନିର୍ବାପିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ସ୍ୱାଧୀନତା ଆନ୍ଦୋଳନର ତାଳେ ତାଳେ ୨୬ଟି ଗଡ଼ଜାତର ପ୍ରଜାମାନେ ଏକତ୍ରିତ ହୋଇ ଏକ ବିଦ୍ରୋହାତ୍ମକ ମନୋଭାବ ଘୋଷଣା କରିଥିଲେ । ଏପରି ସମୟରେ ୧୯୩୧ ମସିହାରେ କଟକରେ ଆହୂତ ଓଡ଼ିଶା ଗଡ଼ଜାତ ପ୍ରଜା ସମ୍ମିଳନୀ ସେମାନଙ୍କ ମନରେ ସାହସିକ ପଦକ୍ଷେପ ନେବା ପାଇଁ ପ୍ରୋତ୍ସାହନ ଯୋଗାଇଥିଲା । ଠିକ୍ ଏହି ସମୟରେ ରଣପୁର ରାଜ୍ୟରେ ପ୍ରଜାମଣ୍ଡଳ ଆନ୍ଦୋଳନ ଏକ ଭୟାବହ ରୂପ ନେଇଥିଲା । ସେଠାରେ ପ୍ରଜାମଣ୍ଡଳର ସମ୍ପାଦକ ଓ ସହସମ୍ପାଦକ ରୂପେ କାର୍ଯ୍ୟ କରି ଜୀବନର ମାତ୍ର ୩୦ଟି ବସନ୍ତ ବିତାଇଥିବା ଦୁଇଜଣ ଯୁବକ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା ଆନ୍ଦୋଳନର ନେତୃତ୍ୱ ନେଇ ଓଡ଼ିଶାରେ ଚାଞ୍ଚଲ୍ୟ ସୃଷ୍ଟି କରିବା ସହ ତତ୍କାଳୀନ ପଲିଟିକାଲ୍ ଏଜେଣ୍ଟ ମେଜର୍ ବେଜେଲଗେଟ୍‌ଙ୍କ ନୟାଗଡ଼ରୁ ରଣପୁର ଗସ୍ତକାଳରେ ୧୯୩୯ ଜାନୁଆରୀ ୫ ତାରିଖ ଦିନ ରାଜବାଟି ସମ୍ମୁଖରେ ପ୍ରଜାମଣ୍ଡଳର ଏକ ସଭା ଅନୁଷ୍ଠିତ ହେବା ସମୟରେ ବେଜେଲ୍ ଗେଟ୍ ସେଠାରେ ପହଞ୍ଚିବା ପରେ ବୁଝାମଣାର ଅଭାବ ଯୋଗୁଁ ଗାଁ ଲୋକଙ୍କର ଆକ୍ରୋଶର ଶିକାର ହୋଇ ପ୍ରାଣ ହରାଇଥିଲେ । ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା ଏହି ଘଟଣା ଘଟିଥିବା ସମୟରେ ଉପସ୍ଥିତ ନଥାଇ ମଧ ଉଭୟଙ୍କୁ ପକ୍ଷଭୁକ୍ତ କରାଯାଇ ବିଚାରରେ ସେମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇ ଭାଗଲପୁର ଜେଲ୍‌ରେ ଫାଶୀ ଦିଆଯାଇଥିଲା । ଇଂଲଣ୍ଡ ପାର୍ଲିଆମେଣ୍ଟରେ ଏ ବିଷୟ ଆଲୋଚନା କରାଯାଇ ବେଜେଲ୍‌ଗେଟ୍‌ଙ୍କୁ ମରାଯାଇଥିବା ଅସ୍ତ୍ର ଦେଖିବାକୁ ଚାହିଁବାରୁ ଜଙ୍ଗଲରୁ କେତେ ଖଣ୍ଡ ବାଡ଼ି ଜାହାଜରେ ଇଂଲଣ୍ଡ ପ୍ରେରଣ କରାଯାଇଥିଲା । ଏହିପରି ଭାବରେ ପ୍ରଜାମଣ୍ଡଳ ଆନ୍ଦୋଳନ ସ୍ୱାଧୀନତା ଆନ୍ଦୋଳନର ମହାସ୍ରୋତରେ ମିଶି ଯାଇଥିଲା । ଯଦି ସ୍ୱାଧୀନତାର ଇତିହାସ ପୃଷ୍ଠା ମନ୍ଥନ କରାଯାଏ, ତେବେ ଏହା ସ୍ପଷ୍ଟ ଅନୁମେୟ ହୁଏ ଯେ, କନ୍ଧମାନେ ମଧ ଘୁମୁସରର ରାଜା ଧନଞ୍ଜୟ ଭଞ୍ଜଙ୍କ ପ୍ରତି ଇଂରେଜମାନଙ୍କ ଅନ୍ୟାୟ ଅନୀତି ବିରୁଦ୍ଧରେ ସଂଗ୍ରାମ କରିଥିଲେ । ଏହାର କିଛି ବର୍ଷ ପରେ ଦୋରା ବିଶୋଇଙ୍କ ପୁତୁରା ଚକରା ବିଶୋଇ ସଂଗ୍ରାମକୁ ଅବ୍ୟାହତ ରଖି ସେମାନଙ୍କ ମେରୁଦଣ୍ଡ ଦୋହଲାଇ ଦେଇଥିଲେ । ଯଥାକ୍ରମେ ୧୮୬୮ ଓ ୧୮୯୧ ମସିହାରେ କେନ୍ଦୁଝରର ଭୂୟାଁ ସମ୍ପ୍ରଦାୟର ରତନା ନାୟକ ଓ ଧରଣୀଧର ନାୟକ ଓଡ଼ିଶାର ଇତିହାସକୁ ମହିମାନ୍ୱିତ କରିଥିଲେ । ଯାହାଙ୍କ ମେଳିର ନାମ ଥିଲା ରତ୍ନାମେଳି ଓ ଧରଣୀମେଳି । ରତ୍ନାମେଳିର ପ୍ରାୟ ୩୩ ବର୍ଷ ପରେ ଭୂୟାଁ ସମ୍ପ୍ରଦାୟର ଅନ୍ୟତମ ମଉଡ଼ମଣି ଧରଣୀଧର ଭୂୟାଁ ରାଜା ଓ ଇଂରେଜ ସରକାରଙ୍କ ବିରୁଦ୍ଧରେ ଅନ୍ୟ ଏକ ବିଦ୍ରୋହର ନେତୃତ୍ୱ ନେଇ ଓଡ଼ିଶା ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ଆଉ ଏକ ପ୍ରଜା ଆନ୍ଦୋଳନ ଯାହା ୧୯୨୨ ମସିହାରେ କନିକା ପ୍ରଜା ଆନ୍ଦୋଳନ ନାମରେ ପ୍ରସିଦ୍ଧି ଥିଲା । ସେଠାକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କ ମନୋମୁଖୀ ଶାସନ ଓ ଅତ୍ୟାଚାର ବିରୁଦ୍ଧରେ ଚକ୍ରଧର ବେହେରାଙ୍କ ନେତୃତ୍ୱରେ ଏକ ପ୍ରଜା ଆନ୍ଦୋଳନ ସଂଗଠିତ ହୋଇଥିଲା । ଓଡ଼ିଶାର କଂଗ୍ରେସ କର୍ମୀ ତା'ପ୍ରତି ସହାନୁଭୂତି ପ୍ରକାଶ କରି ରାଜାଙ୍କର ଅତ୍ୟାଚାର ବିଷୟରେ ତଦନ୍ତ କରିବା ପାଇଁ ଏକ ପ୍ରସ୍ତାବ ଗ୍ରହଣ କରିଥିଲେ ମଧ ଇଂରେଜମାନଙ୍କ ରାଜା ପ୍ରିୟପାତ୍ର ହୋଇଥିବାରୁ ଏହାକୁ

ଭ୍ରୂକ୍ଷେପ ନକରି ୧୯୨୨ରେ ବାସୁ ସେଠୀ ଓ ବିଶୁନି ମଙ୍ଗୁଆଳଙ୍କ ଉପରେ ଗୁଳି ଚାଳନା କରିବା ଫଳରେ ସେମାନେ ହୋଇଥିଲେ କନିକା ପ୍ରଜା ଆନ୍ଦୋଳନର ପ୍ରଥମ ସହିଦ୍। ଏହାର ଅବଲମ୍ବନରେ ଇରମର ପ୍ରସିଦ୍ଧ କବି ଦୁଃଖିନୀ କନିକା ନାମରେ ଏକ କବିତା ରଚନା କରିଥିଲେ । ଯାହାର ପ୍ରଥମ ଦୁଇ ପଂକ୍ତି ହେଲା–

କେତେଦିନ ଆଉ ଦୁଃଖିନୀ କନିକା
ଅନୀତି ଯାତନା ସହିବ
ଦୁଃଖ ସହିବାକୁ ଦୁଃଖିନୀ ଲଲାଟେ
ଲେଖିଥିଲା କିବା ଦଇବ ।

ଏହିପରି ଭାବରେ ସମଗ୍ର ଦେଶରେ ଓ ରାଜ୍ୟରେ ସ୍ୱାଧୀନତା ଆନ୍ଦୋଳନ ମୁଣ୍ଡ ଟେକି ଏହା ଏକ କ୍ରାନ୍ତିକାରୀ ଆନ୍ଦୋଳନରେ ପରିଣତ ହୋଇଥିଲା । ଓଡ଼ିଶାରେ ଏହି ଆନ୍ଦୋଳନ ପ୍ରତିଧ୍ୱନିତ ହୋଇ କଂଗ୍ରେସ, ସମାଜବାଦୀ, ଫରୱାଡ଼ ବ୍ଲକ ଓ କମ୍ୟୁନିଷ୍ଟମାନେ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ । ବିଶେଷ ଭାବରେ ଖୋରଧା ତଥା ଖୋରଧା ଅଞ୍ଚଳର ସ୍ୱାଧୀନତା ଆନ୍ଦୋଳନ ଐତିହାସିକ ଦୃଷ୍ଟିକୋଣରୁ କୌଣସି ଗୁଣରେ ନ୍ୟୂନ ନଥିଲା । ଯେତେଦିନ ପର୍ଯ୍ୟନ୍ତ ଇତିହାସ ଥିବ ଓଡ଼ିଶା ତଥା ଖୋରଧାର ସ୍ୱାଧୀନତା ଆନ୍ଦୋଳନର ଗୌରବମୟ ଇତିହାସକୁ କେହି କେବେ ହେଲେ ଭୁଲିପାରିବେ ନାହିଁ ।

ସମ୍ପାଦକ, ମାର୍ଗଦର୍ଶୀ
ଖୋର୍ଦ୍ଧା

# ମୁକ୍ତି ଗୀତି

**ଚନ୍ଦ୍ରମଣି ସେଠୀ**

ସତ୍ୟର ମହକ ଛୁଟିଲା ମୂଳକ
ଅହିଂସାର ଗୁଣଗାନ
ପ୍ରେମ ସ୍ରୋତେ ପୁଣ୍ୟ ଭାରତ ପବିତ୍ର
ସ୍ୱୟଂ ବାପୁଜୀ ମହାନ୍ ।

ଫିରିଙ୍ଗି ଶାସନ ମହା ଭୟଙ୍କର
ବନ୍ଧୁକ ଗୁଳି କମାଣ
ଅନଳର ଜିହ୍ୱା ଘୂରି ଲହ ଲହ
ଜନଜୀବନ ବିପନ୍ନ ।

ହିଂସା ତରବାରୀ ଘୂରେ ଘୂରିଘୂରି
ସଂହାର ଲୀଳା ଆଚରି
ହଜାର ହଜାର ସହିଦ୍ ହୋଇଲେ
ମାତୃଭୂମି ଯଶ ସ୍ମରି ।

କିଏ ଚାଲିଗଲା ବନ୍ଧୁକ କମାଣେ
କିଏ ଗଲା ଫାଶିଖୁଣ୍ଟେ
କିଏ ହୋଇ ବନ୍ଦୀ କାରାଗାରେ କଷ୍ଟ
କିଏ କଳାପାଣି କଷ୍ଟେ ।

ଅହିଂସାର ଅସ୍ତ୍ର ଅହିଂସାର ମନ୍ତ୍ର
ବାପୁଜୀ ମହାତ୍ମା ବଳ
ଏକ ସୂତ୍ରେ ବାନ୍ଧି ତ୍ରିରଙ୍ଗା ପତାକା
ଉଡି ରଚିଲା ଚହଳ ।

ହୋଇଲା ସ୍ୱାଧୀନ ଏ ଭାରତବର୍ଷ
ପୁଣ୍ୟ ଭାରତ ମହାନ
ଅଗଷ୍ଟ ପନ୍ଦର ସ୍ୱାଧୀନ ଦିବସ
ଯୁଗେ ଯୁଗେ ଗୁଣଗାନ ।

ସହକାରୀ ନିର୍ଦ୍ଦେଶକ,
ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନ ନିର୍ଦ୍ଦେଶାଳୟ
ମଧୁପାଟଣା, କଟକ

# ସ୍ୱାଧୀନତା ସଂଗ୍ରାମୀ ଧନୀ ବାରିକ

ଅଧ୍ୟାପକ ପବିତ୍ର ମୋହନ ବାରିକ

୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ଓଡ଼ିଶା ଅଧିକାର କଲେ । ତତ୍କାଳୀନ ସମୟରେ ଓଡ଼ିଶା 'ମୋଗଲ ବନ୍ଦୀ' ଓ 'ଗଡଜାତ' ନାମକ ଦୁଇ ଭାଗରେ ବିଭକ୍ତ ଥିଲା । ମୋଗଲବନ୍ଦୀ ଅଞ୍ଚଳ ଇଂରେଜମାନଙ୍କର ପ୍ରତ୍ୟକ୍ଷ ଶାସନାଧୀନ ଥିବା ସମୟରେ ଗଡଜାତ ବା ଦେଶୀୟ ରାଜ୍ୟ ସ୍ଥାନୀୟ ରାଜାମାନଙ୍କ ଦ୍ୱାରା ଶାସିତ ହେଉଥିଲା । ଇଂରେଜ ସରକାରଙ୍କର ବାହୁଛାୟା ତଳେ ଆଶ୍ରୟ ନେଇ ସ୍ଥାନୀୟ ରାଜାମାନେ ନିରଙ୍କୁଶ କ୍ଷମତାର ଅଧିକାରୀ ଥିଲେ । ସେହି ସମୟରେ ଓଡ଼ିଶାରେ ୨୬ଟି ଗଡଜାତ ରାଜ୍ୟ ପ୍ରତିଷ୍ଠିତ ଥିଲା । ରାଜାମାନଙ୍କର ପଦମର୍ଯ୍ୟାଦା, ସମ୍ମାନ ଓ ଶକ୍ତିକୁ ଭିତ୍ତିକରି ଇଂରେଜ ସରକାର ସେମାନଙ୍କୁ 'କ', 'ଖ' ଓ 'ଗ' ଶ୍ରେଣୀରେ ଅନ୍ତର୍ଭୁକ୍ତ କରିଥିଲେ । ଦେଶୀୟ ରାଜାମାନେ ଥିଲେ କୁଶାସନର ମୂର୍ତ୍ତିମନ୍ତ ଅବତାର । ନିଷ୍ପେଷିତ ଓ ଅବହେଳିତ ପ୍ରଜାମାନଙ୍କର ଦୁଃଖ ଓ ଦୁର୍ଦ୍ଦଶାର କାହାଣୀ ଅବର୍ଣ୍ଣନୀୟ । ନିରୀହ ପ୍ରଜାମାନଙ୍କର ମାନବିକ ଅଧିକାର ସମ୍ପୂର୍ଣ୍ଣ ରୂପେ ଅବଦମିତ କରାଯାଇଥିଲା । ରାଜୁଡା ସ୍ୱେଚ୍ଛାଚାରୀ ଶାସନରେ ପ୍ରଜାକୁଳ ଆତଙ୍କ ଓ ଭୟରେ ସମୟ ଅତିବାହିତ କରୁଥିଲେ । ନିରପରାଧ ପ୍ରଜାମାନେ ରାଜନବର୍ଗଙ୍କର ଅର୍ଥନୈତିକ ଶୋଷଣର ଶିକାର ହେଉଥିଲେ । କ୍ଷୁଧା ଓ ଦାରିଦ୍ର୍ୟରେ ସାଧାରଣ ପ୍ରଜା ବଞ୍ଚିବାର ରାହା ହରାଇ ବସିଥିଲେ । ନିୟମିତ କର ପ୍ରଦାନ ସହିତ ପ୍ରଜାମାନଙ୍କଠାରୁ ଅନ୍ୟାନ୍ୟ ପାଉଣା ଓ ଶ୍ରମ ଆଦାୟ କରାଯାଉଥିଲା । ସେଗୁଡିକ ମଧ୍ୟରୁ ବେଠି, ବେଗାରି, ମାଗଣ, ରସଦ, ଭେଟି ଓ କର ସାମଗ୍ରୀ ପ୍ରଭୃତି ଗଡଜାତ ରାଜ୍ୟମାନଙ୍କରେ ପ୍ରଚଳିତ ଥିଲା । ରାଜା ଓ ରାଜ କର୍ମଚାରୀମାନଙ୍କର ଅତ୍ୟାଚାରରେ ଅତିଷ୍ଠ ହୋଇ ପ୍ରଜାମାନେ ଗଡଜାତ ରାଜ୍ୟ ପରିତ୍ୟାଗ କରି ନିକଟସ୍ଥ ଇଂରେଜ ଶାସିତ ଅଞ୍ଚଳକୁ ପଳାୟନ କରୁଥିଲେ । ସେମାନଙ୍କର ଅଧିକାଂଶ ଆୟ ରାଜାଙ୍କୁ ଦେୟ ରୂପେ ପ୍ରଦାନ କରି ଆସୁଥିଲେ । ପ୍ରଜାମାନଙ୍କର ଶୋଚନୀୟ ଅବସ୍ଥା ଅବର୍ଣ୍ଣନୀୟ । ଅବିବେକି ଓ ହୃଦୟହୀନ ରାଜାମାନେ ପ୍ରଜାମାନଙ୍କ ଅର୍ଥରେ ବିଳାସବେଶନରେ ରାଜକୀୟ ଜୀବନ ଅତିବାହିତ କରୁଥିଲେ । ଜନମଙ୍ଗଳ ଓ ପ୍ରଜାକଲ୍ୟାଣ ପ୍ରତି ଅତ୍ୟାଚାରୀ ରାଜାମାନଙ୍କର ତିଳେମାତ୍ର ଆଗ୍ରହ ନଥିଲା । ଇଂରେଜ ସରକାର ରାଜାମାନଙ୍କଠାରୁ ବାର୍ଷିକ ଦେୟ ଗ୍ରହଣ କରି ନିରବ ଦ୍ରଷ୍ଟା ସାଜିଥିଲେ । ପରବର୍ତ୍ତୀ ସମୟରେ ପ୍ରଜାମାନଙ୍କ ମନରେ ସୃଷ୍ଟି ହୋଇଥିବା ଅସନ୍ତୋଷ ପ୍ରଜାମେଳିର ରୂପ ନେଲା । ନିଜର ନ୍ୟାଯ୍ୟ ଅଧିକାର ଓ ଦାବି ପାଇଁ ବିଭିନ୍ନ ଗଡଜାତର ପ୍ରଜାମାନେ ପ୍ରଜାମଣ୍ଡଳ ଗଠନ କରିବା ପାଇଁ ଆଗେଇ ଆସିଥିଲେ । ସର୍ବଭାରତୀୟ ଦେଶୀୟ ରାଜ୍ୟ ସହାୟତାରେ 'ଓଡ଼ିଶା ଗଡଜାତ ରାଜ୍ୟ ପ୍ରଜା ସମ୍ମିଳନୀ' ୧୯୩୧ ମସିହାରେ କଟକଠାରେ ଗଠିତ ହେଲା । ଏହି ସମ୍ମିଳନୀରେ ସଭାପତି ପଦ ଅଳଙ୍କୃତ କରିଥିଲେ ଭୁବନାନନ୍ଦ ଦାସ । ଏହାର ଛଅବର୍ଷ ପରେ ୧୯୩୭ ମସିହା ଜୁନ ମାସ ୨୩ ତାରିଖରେ ଓଡ଼ିଶା ଗଡଜାତ ରାଜ୍ୟ ପ୍ରଜା ସମ୍ମିଳନୀର ଦ୍ୱିତୀୟ ଅଧିବେଶନ କଟକଠାରେ ପଟାଭି ସୀତାରାମାୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଲା । ଏହି ସମ୍ମିଳନୀ ମାଧ୍ୟମରେ ଗଡଜାତ ରାଜ୍ୟମାନଙ୍କର ପ୍ରଜାମାନଙ୍କୁ ସେମାନଙ୍କର ମୌଳିକ ଅଧିକାର ପ୍ରଦାନ ନିମନ୍ତେ ଆହ୍ୱାନ କରାଗଲା । ଦେଶୀୟ ରାଜ୍ୟର ଅଧିବାସୀ ଓ ବ୍ରିଟିଶ ଶାସିତ ଅଞ୍ଚଳର ନାଗରିକମାନେ ପରସ୍ପର ସହଯୋଗ କରି ଜାତୀୟ ଆନ୍ଦୋଳନକୁ ଆଗେଇ ନେବା ପାଇଁ ମତ ପ୍ରକାଶ ପାଇଲା । ଅତ୍ୟାଚାରୀ ରାଜତନ୍ତ୍ର କୁଶାସନ ବିରୁଦ୍ଧରେ ଗଡଜାତ ରାଜ୍ୟମାନଙ୍କରେ ପ୍ରଜା ଆନ୍ଦୋଳନ ଉଗ୍ରରୂପ ଧାରଣ କଲା । ଜାତୀୟ ଆନ୍ଦୋଳନ ସହିତ ଗଡଜାତ ପ୍ରଜା ଆନ୍ଦୋଳନ ସମାନ୍ତରାଳ ଭିତ୍ତିରେ ଆଗେଇ ଚାଲିଲା ।

ଓଡ଼ିଶାର ୨୬ଟି ଗଡଜାତ ରାଜ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ 'କ' ଶ୍ରେଣୀୟ ଗଡଜାତ ରାଜ୍ୟ ରୂପେ ଇଂରେଜ ସରକାରଙ୍କଠାରୁ ମାନ୍ୟତା ଲାଭ କରିଥିଲା । ଏହି ସମୟରେ ଢେଙ୍କାନାଳର ରାଜା ଶଙ୍କର ପ୍ରତାପ ମହେନ୍ଦ୍ର ବାହାଦୂରଙ୍କ ଅତ୍ୟାଚାର ଓ ପ୍ରଜା ପୀଡନକର କାହାଣୀ ଅନ୍ୟ ସବୁ ରାଜାମାନଙ୍କ କୁଶାସନଠାରୁ ବଳି ଯାଇଥିଲା । ତାଙ୍କର ଶାସନ ଅଦ୍ୟପି ଲୋକ ମୁଖରେ ଶୁଣିବାକୁ ମିଳେ । ଢେଙ୍କାନାଳ ପ୍ରଜା ଆନ୍ଦୋଳନର ବିଧିବଦ୍ଧ ଶୁଭାରମ୍ଭ ହେଲା ସାରଙ୍ଗଧର ଦାସଙ୍କ ନେତୃତ୍ୱରେ ଆୟୋଜିତ ଜେନାପୁରଠାରେ ବିରାଟ ଜନସମାବେଶରେ । ସବୁ ଅଞ୍ଚଳର ପ୍ରତିନିଧିମାନେ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ପ୍ରଜାମଣ୍ଡଳ ସଂଗଠନର ସଭାପତି ହରମୋହନ ପଟ୍ଟନାୟକ, ମହେଶ ଚନ୍ଦ୍ର ସିଂ ଉପସଭାପତି, ଲକ୍ଷ୍ମୀଧର ସାହୁ ସମ୍ପାଦକ ଓ ଭଜମନ ସାହୁ କୋଷାଧ୍ୟକ୍ଷ ରୂପେ ନିର୍ବାଚିତ ହେଲେ । ପନ୍ଦର ଜଣଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ଏବଂ ଶହେ ଜଣଙ୍କୁ ନେଇ ଏକ କେନ୍ଦ୍ରୀୟ କମିଟି ଗଠନ କରାଗଲା । ଏହି ସଭାରେ ଗୃହୀତ ପ୍ରଜାମଣ୍ଡଳ ଦାବିଗୁଡିକ ଗ୍ରାମେ ଗ୍ରାମେ ବାଣ୍ଟି ଦିଆଗଲା । ଏହାର କପି ଢେଙ୍କାନାଳ ରାଜା ଓ ପଲିଟିକାଲ ଏଜେଣ୍ଟଙ୍କ ପାଖକୁ ପଠାଇ ଦିଆଗଲା । ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନର ଜଣେ ଧନୁର୍ଦ୍ଧର ବୀର ଥିଲେ ଧନୀ ବାରିକ । ଅତ୍ୟାଚାରୀ ରାଜତନ୍ତ୍ର ବିରୁଦ୍ଧରେ ଧନୀ ବାରିକଙ୍କର ବୀରତ୍ୱପୂର୍ଣ୍ଣ ସଂଗ୍ରାମ ଥିଲା ସ୍ମରଣୀୟ । ପ୍ରଜାମଣ୍ଡଳର ଦାବିପତ୍ରକୁ ଲୋକମାନଙ୍କ ପାଖରେ ପହଞ୍ଚାଇ ଥିବାରେ ତାଙ୍କର ଭୂମିକା ପ୍ରଶଂସନୀୟ । ଜଣେ ନିଷ୍ଠାପର ସଂଗ୍ରାମୀ ଭାବରେ ଧନୀ ବାରିକଙ୍କ ତ୍ୟାଗ ଓ ବଳିଦାନ ଢେଙ୍କାନାଳ ପ୍ରଜାମଣ୍ଡଳ ଇତିହାସର ଇତି କଥାର ଉଲ୍ଲେଖନୀୟ ଘଟଣା । ପ୍ରଜାମଣ୍ଡଳ କର୍ମୀମାନଙ୍କ ପ୍ରତି ରାଜତନ୍ତ୍ରର ଅତ୍ୟାଚାର ଓ ଦମନ ଲୀଳାକୁ ବେଖାତିର କରି ଧନୀ ବାରିକ ସଂଗ୍ରାମରେ ଯୋଗ ଦେବା ପାଇଁ ଆଗେଇ ଆସିଥିଲେ । ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନର ଯଶସ୍ୱୀ ସଂଗ୍ରାମୀ ମହେଶ୍ୱର ସୁବାହୁ ସିଂହ, ବ୍ରଜ କିଶୋର ଧଳ, ବୈଷ୍ଣବ ଚରଣ ପଟ୍ଟନାୟକ ଓ ସାରଙ୍ଗଧର ଦାସଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ଓ ନେତୃତ୍ୱରେ ଅନୁପ୍ରାଣିତ ହୋଇ ଧନୀ ବାରିକ ଆନ୍ଦୋଳନରେ ସାମିଲ ହେଲେ । ଧନୀ ବାରିକ ୧୯୧୨ ମସିହା ଫେବୃଆରୀ ମାସ ୧ ତାରିଖରେ ଢେଙ୍କାନାଳର ସିମିଳେଇ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ପିତା ଗଦେଇ ବାରିକ ଓ ମାତା କଇଁତା ଦେବୀଙ୍କର ସେ ଜଣେ ସୁଯୋଗ୍ୟ ସନ୍ତାନ ଥିଲେ । ତାଙ୍କର ଶିକ୍ଷାଗତ ଯୋଗ୍ୟତା ୫ମ ଶ୍ରେଣୀ କିନ୍ତୁ ତାଙ୍କର ଜ୍ଞାନ, ପ୍ରଜ୍ଞା, ବୁଦ୍ଧି, ବିଚାରଧାରା, ସ୍ୱାଧୀନ ଚିନ୍ତାଧାରା, ଧର୍ମ, ଦର୍ଶନ ଓ ପୁରାଣରେ ସେ ବିଶେଷ ଦକ୍ଷତା ଅର୍ଜନ କରିପାରିଥିଲେ । ଯୁବକ ଅବସ୍ଥାରେ ଗାନ୍ଧୀ ଓ ଗୋପବନ୍ଧୁଙ୍କର ଚିନ୍ତାଧାରା ତାଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ପ୍ରଜାମାନଙ୍କ ପ୍ରତି ଢେଙ୍କାନାଳ ରାଜତନ୍ତ୍ରର ଅବିବେକି ଶାସନ ଓ ହୃଦୟହୀନ ନିର୍ଯ୍ୟାତନା ତାଙ୍କୁ ଗଭୀର ଭାବରେ ମର୍ମାହତ କରିଥିଲା । ତେଣୁ ଏହାର ପ୍ରତିବାଦ କରି ସେ ପ୍ରଜାମଣ୍ଡଳର ସକ୍ରିୟ କର୍ମୀ ରୂପେ ଯୋଗଦାନ କରିଥିଲେ । ୧୯୩୮–୩୯ ମସିହାର ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନ ଉଗ୍ରରୂପ ଧାରଣ କରିଥିଲା । ସେସମୟରେ ଧନୀ ବାରିକଙ୍କର ବୟସ ଥିଲା ମାତ୍ର ୨୬ ବର୍ଷ । ଜଣେ ନିସ୍ୱାର୍ଥପର ଓ ନିର୍ଭୀକ କର୍ମୀ ରୂପେ ସେ ପ୍ରଜାମଣ୍ଡଳରେ ଝାସ ଦେଇଥିଲେ । ପ୍ରଜାମଣ୍ଡଳର ନିଷ୍ପତ୍ତି ଅନୁଯାୟୀ ସେ ବିଭିନ୍ନ ଗ୍ରାମ ବୁଲି ଗ୍ରାମ କମିଟି ଗଠନ ପାଇଁ ପ୍ରଜାମାନଙ୍କୁ ପରାମର୍ଶ ଦେଉଥିଲେ । ପ୍ରଜାମଣ୍ଡଳ ସ୍ୱେଚ୍ଛାସେବକ ବାହିନୀରେ ମଧ୍ୟ ସେ ଜଣେ ସଦସ୍ୟ ଥିଲେ । ସାଧାରଣ ଲୋକଙ୍କ ମନରୁ ରାଜତନ୍ତ୍ର ପ୍ରତି ଥିବା ଅହେତୁକ ଭୟ ଦୂର କରିବା ପାଇଁ ଧନୀ ବାରିକ ସେମାନଙ୍କ ମନରେ ଆସ୍ଥା ଓ ବିଶ୍ୱାସ ସୃଷ୍ଟି କରିପାରିଥିଲେ । ପ୍ରଜାମଣ୍ଡଳ ଆନ୍ଦୋଳନକୁ ଆଗେଇ ନେବା ପାଇଁ ସେ ଚାନ୍ଦା ଓ ମୁଠି ଚାଉଳ ସଂଗ୍ରହରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଶଙ୍ଖ ଓ ବିଗୁଲ୍ ବଜାଇ ସେ ରାଜତନ୍ତ୍ର  ପୋଲିସର ଆଗମନର ସୂଚନା ପ୍ରଜାମାନଙ୍କୁ ଦେଉଥିଲେ । ପ୍ରଜାମଣ୍ଡଳର ମୁଖପତ୍ର 'ରଣଭେରୀ', ଯେଉଁଥିରେ ରାଜତନ୍ତ୍ର କୁଶାସନର କାହାଣୀ ପ୍ରକାଶିତ ହେଉଥାଏ, ତାକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବାରେ ଧନୀ ବାରିକ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲେ । 'ସମାଜ', 'ଲୋକମତ' ଓ 'କୃଷକ' ପ୍ରଭୃତି ସମ୍ବାଦପତ୍ର ଓ ପତ୍ରିକା ସେ ନିଜେ ପଢି ଅନ୍ୟମାନଙ୍କୁ ସଚେତନ କରାଉଥିଲେ । ୧୯୩୮–୩୯ ପ୍ରଜାମଣ୍ଡଳ ଆନ୍ଦୋଳନରେ ଧନୀ ବାରିକ ସକ୍ରିୟଭାବେ ଅଂଶଗ୍ରହଣ କରିଥିଲେ । ତେଣୁ ସେ ରାଜତନ୍ତ୍ରର ବିଷଦୃଷ୍ଟିରେ ପଡିଥିଲେ । ଥରେ ରାଜାଙ୍କ ପୋଲିସ୍ ତାଙ୍କ ଗ୍ରାମରେ ପ୍ରବେଶ କରିବା ବେଳେ ଧନୀ ବାରିକ ଓ ତାଙ୍କର ସାଥୀମାନେ ମିଛ ଅଭିନୟ କରି ଜଣେ ବ୍ୟକ୍ତିଙ୍କୁ କୋକେଇରେ ଶୁଆଇ ମୁର୍ଦ୍ଦାର କରି ଓ ରାମ–ନାମ ସତ୍ୟ ହେ ଉଚ୍ଚାରଣ କରି ଗ୍ରାମରୁ ବାହାରି ଯାଇଥିଲେ । ନିକଟସ୍ଥ ମଶାଣିରେ କେବଳ କାଠ ଜାଳି ଏକ ଭ୍ରମ ସୃଷ୍ଟି କରିଥିଲେ । ପୋଲିସ ଆଖିରେ ଧୂଳି ଦେଇ ଧନୀ ବାରିକ ଓ ତାଙ୍କର ସାଥୀ ପ୍ରଜାମଣ୍ଡଳ ଆନ୍ଦୋଳନକୁ ନିଜ ଅଞ୍ଚଳରେ ଆଗେଇ ନେଇଥିଲେ । ଧନୀ ବାରିକଙ୍କର ସହକର୍ମୀ ପ୍ରଜାମଣ୍ଡଳ ସଦସ୍ୟମାନେ ଥିଲେ ଗର୍କୁ ମହାନ୍ତି, ହୃଷିକେଶ ମହାରଣା, ଜମେଶ୍ୱର ପୃଷ୍ଟି, ଗୌରା

ବେହେରା, ଗାଣ୍ଡୁ ରାଉତ ଓ ଅନ୍ୟମାନେ । ପରିଶେଷରେ ଢେଙ୍କାନାଳ ରାଜାଙ୍କ ପୋଲିସ୍ ଦ୍ୱାରା ଧନୀ ବାରିକ ଗିରଫ ହେଲେ । ରାଜଦ୍ରୋହ ଅପରାଧରେ ତାଙ୍କୁ ୬ମାସ ୧୫ ଦିନ ସଶ୍ରମ କାରାବରଣ କରିବାକୁ ପଡିଥିଲା । ଦେଶ, ଜାତି, ଓ ମାଟି ପାଇଁ କାମ କରିଥିବାରୁ କାରାଦଣ୍ଡକୁ ସେ ତିଳେମାତ୍ର ଭୃକ୍ଷେପ କରିନଥିଲେ । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଭାରତ ତା'ର କଷ୍ଟଲବ୍ଧ ସ୍ୱାଧୀନତା ଲାଭ କଲା ଓ ୨୬ଟି ଗଡଜାତ ଓଡିଶା ପ୍ରଦେଶ ସହିତ ମିଶି ବୃହତ୍ତର ଓଡ଼ିଶା ପ୍ରଦେଶ ଗଠିତ ହେଲା । ଯେଉଁ ସ୍ୱପ୍ନ ଓ ଆଶା ନେଇ ଧନୀ ବାରିକ ସଂଗ୍ରାମରେ ଯୋଗ ଦେଇଥିଲେ, ତାହା ସଫଳ ହେଲା । ସ୍ୱାଧୀନତାର ୨୫ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀ ତାଙ୍କୁ ତାମ୍ର ଫଳକ, ମାନପତ୍ର ଓ ଉପାୟନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଦେଶ, ଜାତି ପ୍ରତି ତାଙ୍କର ଶ୍ରଦ୍ଧା, ସେବା, ଭକ୍ତି ଓ ତ୍ୟାଗ ପାଇଁ ତାଙ୍କୁ ସରକାରଙ୍କ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ପ୍ରଦାନ କରାଯାଉଥିଲା । ସଂଗ୍ରାମୀ ଭାଗୀରଥି ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ଶ୍ରୀବଲ୍ଲଭ ପାଣିଗ୍ରାହୀଙ୍କ ଦ୍ୱାରା ଧନୀ ବାରିକଙ୍କୁ ମରଣୋତ୍ତର ମାନପତ୍ର ପ୍ରଦାନ କରାଯାଇ ଜାନୁଆରୀ ୨୦୦୫ରେ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ୱାଧୀନତା ସଂଗ୍ରାମ ଓ ପ୍ରଜାମଣ୍ଡଳ ଆନ୍ଦୋଳନର ଅବସାନ ପରେ ଧନୀ ବାରିକଙ୍କର ସଂଗ୍ରାମୀ ଜୀବନର ଅବସାନ ଘଟିନଥିଲା । ପରେ ସମାଜସେବା ଓ ରଚନାତ୍ମକ କାର୍ଯ୍ୟରେ ସେ ନିଜକୁ ହଜାଇ ଦେଇଥିଲେ । ସେ ନିରବଚ୍ଛିନ୍ନ ଭାବରେ ନିଶା ଓ ଅସ୍ପୃଶ୍ୟତା ନିବାରଣ ପାଇଁ ସଂଗ୍ରାମ କରି ଆସୁଥିଲେ । ସାମାଜିକ ମୂଲ୍ୟବୋଧର ପ୍ରତିଷ୍ଠା, ଗ୍ରାମ୍ୟ ସଂସ୍କୃତିର ବିକାଶ, ସାମାଜିକ ଏକତା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରୁଥିଲେ । ସଂକୀର୍ଣ୍ଣ ଚିନ୍ତାଧାରା ତାଙ୍କୁ ସ୍ପର୍ଶ କରିନଥିଲା । ଯୌତୁକ ପ୍ରଥାର ସେ ବିରୋଧ କରିବା ସହିତ ନାରୀ ଶିକ୍ଷାପ୍ରତି ସେ ଆଗ୍ରହ ପ୍ରକାଶ କରିଥିଲେ । ତାଙ୍କର ବ୍ୟକ୍ତିଗତ ଜୀବନ ଥିଲା ସରଳ, ସୁନ୍ଦର ଓ ନିରାମୟ । ସେ ଥିଲେ ଜଣେ ଉତ୍ତମ କଳାକାର । ଧର୍ମ ଓ ସାହିତ୍ୟ ପ୍ରତି ତାଙ୍କ ମନରେ ଥିଲା ଗଭୀର ଅନୁରାଗ । ଜଣେ ସଂକୀର୍ତ୍ତନ ଗାୟକ ଭାବରେ ଧନୀ ଧାର୍ମିକ ଚରିତ୍ରଗୁଡିକୁ ଲୋକମାନଙ୍କ ନିକଟରେ ଉପସ୍ଥାପନ କରି ନୈତିକ ମୂଲ୍ୟବୋଧ ସୃଷ୍ଟି ପାଇଁ ଉଦ୍ୟମ କରିଥିଲେ । ସେ ଥିଲେ ତାଙ୍କ ଗ୍ରାମ ଓ ପାର୍ଶ୍ୱବର୍ତ୍ତୀ ଗ୍ରାମ ବାରିକ ସମାଜର ମୁଖ୍ୟ ତଥା ଭଲ ଭାଇ ବେହେରା । ତାଙ୍କ ବ୍ୟକ୍ତିତ୍ୱର ଅନ୍ୟ ଏକ ଦିଗ ଥିଲା ସେ ଗରିବ ଓ ଅସହାୟମାନଙ୍କୁ କେବେ ନିରାଶ କରୁନଥିଲେ । ଶେଷରେ ୧୬.୮. ୧୯୮୮ ତାରିଖରେ ତାଙ୍କ ସଂଗ୍ରାମୀ ଜୀବନର ଅବସାନ ଘଟିଥିଲା ।

ଇତିହାସ ବିଭାଗ
ସନାତନ ହରିଚନ୍ଦନ ମହାବିଦ୍ୟାଳୟ
ମଦନପୁର, ଖୋର୍ଦ୍ଧା

# ପିପିଲିଠାରେ ପର୍ଯ୍ୟଟନ ପ୍ରକଳ୍ପର ଶିଳାନ୍ୟାସ

ପିପିଲି ଓରକଳ ମଉଜା ଅନ୍ତର୍ଗତ ଘାସଫାର୍ମ ନିକଟରେ ଆର୍ଟିସାନ୍ ଭିଲେଜ୍, ଇଣ୍ଟରପିଟେସନ୍ ସେଣ୍ଟର ଶିଶୁ ଉଦ୍ୟାନ୍, ଅଭ୍ୟର୍ଥନା ପ୍ରକୋଷ୍ଠ ଓ ଆଲୋକିକରଣ ଇତ୍ୟାଦି ନିମନ୍ତେ ନିର୍ମିତ ହେବାକୁ ଥିବା ପର୍ଯ୍ୟଟନ ପ୍ରକଳ୍ପର ମାନ୍ୟବର ପର୍ଯ୍ୟଟନ, ସଂସ୍କୃତି, ଯୋଜନା ସମନ୍ୱୟ ମନ୍ତ୍ରୀ ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତି ଶିଳାନ୍ୟାସ କରିଛନ୍ତି । ପିପିଲି ବିଧାୟକ ଶ୍ରୀ ପ୍ରଦୀପ ମହାରଥୀ, ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ଦେବରାଜ ବେହେରା, ପିପିଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ, ପର୍ଯ୍ୟଟନ ନିର୍ଦ୍ଦେଶକ ଶ୍ରୀ ମନୋରଞ୍ଜନ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରୀ ଏ.କେ. ଜେନା, ବିଭାଗୀୟ ସୂଚନା ଅଧିକାରୀ ଶ୍ରୀ ବରଦା ପ୍ରସନ୍ନ ଦାସ ଉପସ୍ଥିତ ଥିଲେ । ୪.୮୨୯ କୋଟି ଟଙ୍କା ବିନିଯୋଗରେ ଏହି ପ୍ରକଳ୍ପର ନିର୍ମାଣ ହେବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ । ଏହି ଆର୍ଟିସାନ ଭିଲେଜ୍କୁ ଉଭୟ ଧଉଳିଗିରି ଓ ଜାତୀୟ ରାଜପଥ ବାଟ ଦେଇ ପର୍ଯ୍ୟଟକମାନେ କଳାତ୍ମକ ସାମଗ୍ରୀମାନ କ୍ରୟ କରିବା ନିମନ୍ତେ ସୁବିଧା ପାଇବେ । ଏହାଦ୍ୱାରା ଆର୍ଟିସାନ ଭିଲେଜର ଶିଳ୍ପୀମାନେ ସେମାନଙ୍କ ଦ୍ୱାରା କଳାକୃତି ବିକ୍ରୀ କରିବାର ସୁଯୋଗ ପାଇପାରିବେ ।

# କୋହିନୁର ହୀରା

**ଅଧ୍ୟାପକ ଦାମୋଦର ବେହେରା**

ସେ ଦେଖିବାକୁ ଯେତିକି ଆକର୍ଷଣୀୟ ଶୁଣିବାକୁ ଖୁବ୍ ପବିତ୍ର ତାର ନାଁ । ତା'ର ଚିତ୍ତାକର୍ଷକ ନାମଟି ହେଉଛି କୋହିନୁର ହୀରା । ପୁରାଣ ପୃଷ୍ଠାରେ ଲେଖା ହୋଇଛି ଯେ ପାଣ୍ଡବ କୁଳରେ ଜନ୍ମଲାଭ କରିଥିବା ମହାଦାନୀ କର୍ଣ୍ଣ ନିଜ ଡାହାଣ ହାତର ବାହୁରେ ଦିନେ ଏହି କୋହିନୁରକୁ ଧାରଣ କରୁଥିଲେ । ବିଚାର କଲେ ଜଣାଯାଏ ଏହା କେବଳ ଗୋଟିଏ ହୀରା ନୁହେଁ, ଏହାକୁ ଅନେକ ପବିତ୍ର ଆଲୁଅ ଭାବରେ ବିଶ୍ୱାସ କରନ୍ତି । ପବିତ୍ର ଗୋଦାବରୀ ନଦୀର ନିମ୍ନ ଉପତ୍ୟକାରୁ ଆଜକୁ ପ୍ରାୟ ପାଞ୍ଚହଜାର ବର୍ଷ ପୂର୍ବେ ଏହି ଲୋଭନୀୟ ମୂଲ୍ୟବାନ କୋହିନୁର ହୀରାର ସନ୍ଧାନ ମିଳିଥିଲା ବୋଲି ଐତିହାସିକ ପ୍ରମାଣ ମିଳେ ।

କୁହାଯାଏ ଦିନେ ଆମର ଜନ୍ମଭୂମି ପବିତ୍ର ଭାରତବର୍ଷ ତାର ବିଶାଳ ସଂସ୍କୃତି, ଧନଧାନ୍ୟ, ରତ୍ନରାଜୀ ଐଶ୍ୱର୍ଯ୍ୟରେ ଭରପୂର ଥିଲା । ଶକମାନେ ଏଥିରେ ଆକୃଷ୍ଟ ହୋଇ ଏ ଦେଶକୁ ଆସି ଆମକୁ ଶାସନ କରୁଥିଲେ । ଘଟଣାକ୍ରମେ ଉଜ୍ଜୟିନୀର ସୁଯୋଗ୍ୟ ରାଜା ସମ୍ରାଟ ବିକ୍ରମାଦିତ୍ୟ ଖ୍ରୀପୂ: ୫୭ରେ ଶକମାନଙ୍କୁ ଭାରତରୁ ବିତାଡିତ କରି ଏହି ପବିତ୍ର କୋହିନୁରର ଅଧିକାରୀ ହୋଇଥିଲେ । କେବଳ ସେତିକି ନୁହେଁ ଅଦ୍ଭୁତ ଭାଗ୍ୟ ଏ ହୀରା ଖଣ୍ଡଟିର । କାଳେ ସୁଲତାନ୍ ଆଲ୍ଲାଉଦ୍ଦିନ୍ ଖିଲିଜ୍ ୧୨୯୬ରୁ ୧୩୧୨ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏହାକୁ କୌଶଳରେ ଅପହୃତ କରି ନେଇ ନିଜର ଅଧୀନକୁ ନେଇଆସିଲେ । ସମୟାନୁକ୍ରମେ ଏହା ଖାଲି ରୂପ ନେଲା ହସ୍ତାନ୍ତରର । ହାତକୁ ହାତ, ସ୍ଥାନକୁ ସ୍ଥାନ ଭିଡି ହୋଇଗଲା ଭାରତର ଏହି ସର୍ବବୃହତ୍ ସଂପତ୍ତିଟି । ଯେତେବେଳେ ଖିଜିର୍‌ଖାନ୍ ଗୋଆଲିୟର ଏକ ଜେଲରେ ଇହଲୀଳା ସଂବରଣ କଲେ ଗୋଆଲିୟର୍ ସାଇତି ରଖିଲା ନିଜର ସଂପତ୍ତି ଭାବରେ ଏହାକୁ । ଧୀରେ ଧୀରେ ଏହା ସମ୍ରାଟ ବାବର , ତାଙ୍କ ପୁତ୍ର ହୁମାୟୁନ୍‌ଙ୍କ ବୃହତ୍ ଭାଗ୍ୟ ସହିତ ଯୋଡି ହୋଇଗଲା । ଶୁଣାଯାଏ ଏହି କୋହିନୁର୍ କାଳେ ହୁମାୟୁନ୍‌ଙ୍କ ଭାଗ୍ୟକୁ ପରିବର୍ତ୍ତନର ପଥରେ ଗଗନଚୁମ୍ବୀ କରିଦେଇଥିଲା । ହୁମାୟୁନ ଭାବପ୍ରବଣ ହୋଇ କହିଥିଲେ ଏହା କେବେ ସାଧାରଣ ହୀରାଟିଏ ନୁହେଁ, ଏହା ହେଉଛି ଭାଗ୍ୟହୀରା ନସିବ୍-ଏ-ନୂର୍ । ଯୋଡି ହୋଇଗଲା ନାନା ମୁନିଙ୍କର ନାନା ମତ ଏହା ସହିତ । ଅନେକ ଚମତ୍କାରିତା ପ୍ରସଙ୍ଗ । ସେତେବେଳକୁ ହୋଇଥାଏ ୧୬୫୬ ଖ୍ରୀଷ୍ଟାବ୍ଦ । କ୍ରିଷ୍ଣା ନାମକ ଏକ ନଦୀର ତୀରରୁ ଏହି ଚର୍ଚ୍ଚିତ ହୀରାଖଣ୍ଡଟିର ଆବିଷ୍କାର ହୋଇ ମୀରା ଜୁମଲାଙ୍କ ଦ୍ୱାରା ମୋଗଲ ସମ୍ରାଟ ଶାହାଜାହାନ୍‌ଙ୍କୁ ପ୍ରଦାନ କରାଗଲା ଏହାକୁ ।

ଜଣେ ଥିଲେ ଫରାସୀ ସ୍ୱର୍ଣ୍ଣକାର । ତାଙ୍କ ନାମ ଜନ୍ ବାପତିସ୍ତେ ଶଭେନିୟର । ସେକାଳେ ଏହି କୋହିନୁରର ମୂଳ ରୂପକୁ କାଟି ଅତି ସୁନ୍ଦର ମନୋରମ ଆକୃତିର ଗଢ଼ଣ ଦେଲେ । ଗଡି ଚାଲିଲା ସମୟର ସ୍ରୋତ । ହାତକୁ ହାତ ଘୂରିବୁଲି କେତେକଥା କେତେ ବ୍ୟଥା - ଯୋଜନା ଓ କଳ୍ପନାର ଚମତ୍କାରିତାରେ ମୋଗଲ ସମ୍ରାଟ ଆଉରଙ୍ଗଜେବ୍‌ଙ୍କ ପ୍ରସିଦ୍ଧ ମୟୂର ସିଂହାସନକୁ ଅଳଙ୍କୃତ କରିଥିଲା ଏହି କୋହିନୁର, ଯେତେବେଳେ ନାଦିରଶାହା ଭାରତ ଆକ୍ରମଣ କରିଥିଲେ । ଅନେକ କିଛି ମୂଲ୍ୟବାନ୍ ସଂପତ୍ତି ସହିତ ଚିତ୍ତାକର୍ଷକ କୋହିନୁର ହୀରାକୁ ସେ ପାରସ୍ୟ ନେଇଗଲେ । ଘଟଣାର ପରିବର୍ତ୍ତନରେ ଦିନେ ପଂଜାବର ରାଜା ରଣଜିତ୍‌ସିଂହ ଏହାକୁ ପ୍ରାପ୍ତ ହେଲେ ଏବଂ ଜୀବନରେ ବଡ଼ ଇଛା କରିଥିଲେ ଯେ ଓଡ଼ିଶାର ବଡ଼ଠାକୁର ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଶ୍ରୀମନ୍ଦିରକୁ ଏହାକୁ ପ୍ରଦାନ କରିବେ ମାତ୍ର ବିଧି ବାମ ହେଲା । ରଣଜିତ୍ ସିଂହଙ୍କର ଏ ଇଛା ପୂରଣ ହୋଇପାରିଲା ନାହିଁ । ହୁଏତ ରଣଜିତ୍‌ସିଂହ ଆଉ କିଛିଦିନ ବଂଚିଥିଲେ କଥା ଅନ୍ୟପ୍ରକାର

ହୋଇଥାନ୍ତା ।ଖାଲି ହସ୍ତାନ୍ତର ଓ ସ୍ଥାନ ପରିବର୍ତ୍ତନ ଯାହାର ଭାଗ୍ୟ ତାକୁ କିଏ ବା କେତେଦିନ ନିଜର କରି ଗୋଟିଏ ସ୍ଥାନରେ ବାନ୍ଧି ରଖିବ ? ଶୁଣାଯାଏ ରଣଜିତ୍ ସିଂହଙ୍କର ମୃତ୍ୟୁ ପରେ ଏହା କାଳେ ଖଡ଼ଗସିଂ, ନାଓନିହଲ୍ ସିଂ ଓ ଶେର ସିଂହଙ୍କ ମାଲିକାନାରେ ରହିଲା । ଯେତେବେଳେ ଯୁଦ୍ଧଖୋର ଇଂରେଜ ଜାତି ୧୮୪୦ ମସିହାରେ ପଞ୍ଜାବ ଦଖଲ କଲେ ଲର୍ଡ ଡେଲହାଉସୀ ଅଚାନକ ପ୍ରକାଶ କରିଦେଲେ ଯେ କୋହିନୁର ହୀରା ହେଉଛି ଇଂରେଜ ରାଜପରିବାରର ବ୍ୟକ୍ତିଗତ ସଂପତ୍ତି ।

ସେଦିନ ଥିଲା ୧୮୫୦ ମସିହା ଅପ୍ରେଲ ୬ ତାରିଖ । ଭାରତର ମହାନଗରୀ ବର୍ତ୍ତମାନର ମୁମ୍ବାଇ (ବମ୍ବେ) ରୁ ଆମର ସ୍ମରଣୀୟ ସଂପତ୍ତି କୋହିନୁର ହୀରା ଦରିଆପାର ହୋଇ ଇଂଲଣ୍ଡ ଚାଲିଗଲା । ସେହି ୧୮୫୦ ମସିହା ଏପ୍ରିଲ ୬ ତାରିଖରେ ଡେଲହାଉସୀ ବର୍କିଂମ୍‌ହାମ୍ ରାଜପ୍ରାସାଦ ମଧ୍ୟରେ ରାଣୀ ଭିକ୍ଟୋରିଆଙ୍କୁ ଏହାକୁ ଭେଟି ସ୍ୱରୂପ ପ୍ରଦାନ କରିଦେଲେ । ଏହି କୋହିନୁରକୁ ଦେଖି ଚମକି ପଡିଲେ ରାଣୀ ଭିକ୍ଟୋରିଆ । ଜୀବନର ସକଳ ବୃହତ୍ତମ ପ୍ରାପ୍ତିର ଊର୍ଦ୍ଧ୍ୱରେ ଥିଲା କୋହିନୁର । ସତରେ ଆଖି ଆଗରେ କଣ ସେ ଦେଖୁଛନ୍ତି । ସେ ଚିନ୍ତା କଲେ ଏହି ଅପୂର୍ବ ପ୍ରାପ୍ତିଟିକୁ ସମସ୍ତ ଚେଷ୍ଟା ବଳରେ ଆହୁରି କମନୀୟ ରୂପ ଦେବେ । ଯାହା ଫଳରେ କି ୧୮୧.୯ କ୍ୟାରେଟ୍ ଓଜନର କୋହିନୁର ୧୦୬.୯ କ୍ୟାରେଟକୁ ରୂପାନ୍ତରିତ ହୋଇଗଲା ।

୧୯୩୭ ମସିହାରେ ଇଂଲଣ୍ଡର ରାଣୀ ଏଲିଜାବେଥ୍ ପ୍ରଥମଙ୍କ ମୁକୁଟରେ ଏହା ଖଚିତ ହୋଇ ରହିଗଲା । କୋହିନୁର ଭାରତର ସଂପତ୍ତି । ସମୟ ସ୍ରୋତରେ ଏହା ଆଜି ଆମଠାରୁ ବହୁ ଦୂରରେ । ଏହାକୁ ନେଇ ସତରେ କେତେକଥା କେତେବ୍ୟଥା ।

ସାଧାରଣ ସଂପାଦକ, ଆରୋଗ୍ୟ ସେବା ନିକେତନ
ରାଣୀରାମଚନ୍ଦ୍ର ପୁର, ଯାଜପୁର ଟାଉନ୍–୭୫୫୦୦୧

# ଜଙ୍ଗଲ ଅଧିକାର ଆଇନର ଚମତ୍କାରିତା

ଜଙ୍ଗଲ ସମ୍ବଳର ସରକ୍ଷଣ ନିମନ୍ତେ ବହୁ ପୂର୍ବରୁ ଆଇନ ପ୍ରଣୟନ କରାଯାଇଥିଲା । କିନ୍ତୁ ୨୦୦୬ ମସିହାରେ ଅଧିକାର ଶବ୍ଦଟିକୁ ବ୍ୟବହାର କରି ଜଙ୍ଗଲ ଅଧିକାର ଆଇନ–୨୦୦୬ ଭାରତ ସମ୍ବିଧାନ ଦ୍ୱାରା ପ୍ରଣୟନ କରାଗଲା । ଆଇନଟି ହେଲା– 'ଯେଉଁ ଜଙ୍ଗଲ ସହିତ ଜଙ୍ଗଲ ଅଧିବାସୀଙ୍କର ଜୀବନ ଜୀବିକା, ସଂସ୍କୃତି ତଥା ପ୍ରଥା, ପରମ୍ପରା ଏବଂ ଧର୍ମ ଘନିଷ୍ଠ ଭାବରେ ସଂଶ୍ଳିଷ୍ଟ, ଯାହାର ବିନା ସେମାନଙ୍କର ପରିଚୟ ନାହିଁ ତଥା ଅସ୍ତିତ୍ୱ ନାହିଁ, ସେହି ଜଙ୍ଗଲ ଉପରେ ସେମାନଙ୍କର ଅଧିକାର ସ୍ୱତଃସିଦ୍ଧ । ଜଙ୍ଗଲର ଚିରସ୍ଥାୟୀ ପରିଚାଳନା କ୍ଷେତ୍ରରେ ସେମାନଙ୍କର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ଏବଂ ବର୍ତ୍ତମାନ ସେମାନଙ୍କର ସକ୍ରିୟ ସମ୍ପୃକ୍ତି ଓ ସହଯୋଗ ବିନା ଏହା ଅସମ୍ଭବ' । ଆଇନର ପ୍ରାକ୍ କଥନରେ ଏହା ମଧ୍ୟ ଅତି ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି ଯେ, ଜଙ୍ଗଲ ଅଧିବାସୀଙ୍କୁ ସେମାନଙ୍କର ଜଙ୍ଗଲ ଉପରେ ପ୍ରତିଷ୍ଠିତ ପାରମ୍ପରିକ ନିର୍ଭରଶୀଳତାଗୁଡ଼ିକୁ (ପଶୁ ଶିକାର ବ୍ୟତୀତ) ସ୍ୱୀକୃତି ପ୍ରଦାନ ନକରି ସେମାନଙ୍କ ପ୍ରତି ଏକ ଐତିହାସିକ ଅନ୍ୟାୟ କରାଯାଇଛି । ତେଣୁ ଏସବୁକୁ ଦୂର କରି ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଏହି ଆଇନ ଏକ ବଳିଷ୍ଠ ମାଧ୍ୟମ ରୂପେ ପ୍ରଣୟନ କରାଯାଇଛି । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ–ତଥା– ଜିଲ୍ଲା ସ୍ତରୀୟ ଜଙ୍ଗଲ ଅଧିକାର ଆଇନ କମିଟିର ସଭ୍ୟ ସମ୍ପାଦକଙ୍କ ସରକାରୀ ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା କନ୍ଧମାଳ ଜିଲ୍ଲାରେ ୫୭ ହଜାର ୬୫୭ ଜଣ ଜଙ୍ଗଲ ଅଧିବାସୀଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି । ସେହିପରି ଜିଲ୍ଲାର ୨ହଜାର ୪୧୫ଟି ଗ୍ରାମ ମଧ୍ୟରୁ ୧ହଜାର ୯୦୭ଟି ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଦାବି ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ଅନୁମୋଦିତ ହୋଇଛି । ଏଥିମଧ୍ୟରୁ କେତେକ ଗ୍ରାମକୁ ଶିରୋନାମା ପ୍ରଦାନ କରାଯାଇଛି, ଯାହାକି ଏକ ଉଲ୍ଲେଖନୀୟ ଘଟଣା କହିଲେ ଅତ୍ୟୁକ୍ତି ହେବ ନାହିଁ । ଜଙ୍ଗଲ ଅଧିକାର ଆଇନରେ ଅନ୍ତର୍ନିହିତ ଥିବା ମୌଳିକ ଚେତନାଟି ଧୀରେ ଧୀରେ ଜଙ୍ଗଲ ଅଧିବାସୀମାନଙ୍କୁ ଅନୁପ୍ରାଣିତ କରୁଛି, ଜଙ୍ଗଲ ସହିତ ସେମାନଙ୍କର ହଜି ଯାଇଥିବା ପରିଚୟର ପୁନଃ ପ୍ରତିଷ୍ଠା କରୁଛି । ଏବେ ଜଙ୍ଗଲ ହସି ଉଠୁଛି ଜଙ୍ଗଲ ଅଧିବାସୀଙ୍କ ସୁରକ୍ଷା ବଳୟ ମଧ୍ୟରେ । ବନ୍ୟ ଜନ୍ତୁଙ୍କ ସୁରକ୍ଷା ପାଇଁ କଠୋର ପଦକ୍ଷେପ ନିଆଯିବ ବୋଲି କହୁଛନ୍ତି ଏହିସବୁ ଗ୍ରାମର ଅଧିବାସୀ । ଏବେ ଜଙ୍ଗଲକୁ ନେଇ ଅନେକ ସ୍ୱପ୍ନ । ଏସବୁ ହେଉଛି, ଜଙ୍ଗଲ ଅଧିକାର ଆଇନର ଚମତ୍କାରିତା ।

ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଫୁଲବାଣୀ

# ଭାରତର ଜନଗଣନା – ୨୦୧୧

ବିଷ୍ଣୁପଦ ସେଠୀ

୨୦୧୧ ଜନଗଣନା ଭାରତର ପଞ୍ଚଦଶତମ ଜନଗଣନା ଓ ସ୍ୱାଧୀନତା ପ୍ରାପ୍ତି ପରର ସପ୍ତମ ଜନଗଣନା ଅଟେ । ବର୍ତ୍ତମାନର ଜନଗଣନା କେବଳ ମୁଣ୍ଡ ଗଣତିରେ ସୀମିତ ନରହି ଗୋଟିଏ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ପ୍ରତ୍ୟେକ ଅଞ୍ଚଳର ଲୋକସଂଖ୍ୟା ତଥା ସେମାନଙ୍କର ସାମାଜିକ-ଆର୍ଥିକ ସ୍ଥିତି ବିଷୟରେ ଏକ ସ୍ୱଷ୍ଟ ଚିତ୍ର ପ୍ରଦାନ କରିଥାଏ ।

୨୦୧୧ ଜନଗଣନା ଆମ ରାଜ୍ୟରେ ୨୦୧୧ ମସିହା ଫେବୃୟାରୀ ମାସ ୯ ତାରିଖରୁ ଆରମ୍ଭ ହୋଇ ୨୮ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଏହାପରେ ମାର୍ଚ୍ଚ ମାସ ୧ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ପୁନର୍ଗଣନା ବା ସଂଶୋଧନ କରାଯାଇଥିଲା । ୨୦୧୧ ମସିହା ମାର୍ଚ୍ଚ ମାସ ୧ ତାରିଖର ଶୂନ୍ୟକାଳ ଥିଲା ୨୦୧୧ ମସିହା ଜନଗଣନାର ନିର୍ଦ୍ଦିଷ୍ଟ ମୁହୂର୍ତ୍ତ, ଅର୍ଥାତ୍ ଏହି ସମୟରେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ଲୋକସଂଖ୍ୟା କେତେ ତାହାର ଏକ ସ୍ୱଷ୍ଟ ଚିତ୍ର ବାହାର କରାଯାଇଅଛି ।

ଜନଗଣନା ସରିବାର ଠିକ୍ ପରେ ପରେ ୨୦୧୧ ମସିହା ଏପ୍ରିଲ୍ ମାସ ୭ ତାରିଖ ଦିନ ଓଡ଼ିଶାର ଲୋକସଂଖ୍ୟା ୦-୬ ବର୍ଷର ପିଲାମାନଙ୍କ ସଂଖ୍ୟା ଓ ସାକ୍ଷର ସଂଖ୍ୟା କେତେ ତାହାର ଏକ ପ୍ରାରମ୍ଭିକ ଫଳାଫଳ ପ୍ରକାଶ କରାଯାଇଥିଲା । ଏହାପରେ ଜନଗଣନା ସମୟରେ ପ୍ରତ୍ୟେକ ବ୍ୟକ୍ତିଙ୍କର ତଥ୍ୟଗୁଡ଼ିକ ଯେଉଁ ପାରିବାରିକ ତଫସିଲ ମାଧ୍ୟମରେ ସଂଗ୍ରହ କରାଯାଇଥିଲା ସେଗୁଡ଼ିକୁ ଅତ୍ୟାଧୁନିକ ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ସ୍କାନ୍ ତଥା ବିଶ୍ଳେଷଣ କରାଯାଇ ଫାଇନାଲ ରିପୋର୍ଟ ପ୍ରସ୍ତୁତ କରାଯାଇଅଛି।

ଏହି ଫାଇନାଲ ରିପୋର୍ଟର କିଛି ତଥ୍ୟ ନିମ୍ନରେ ପ୍ରଦାନ କରାଯାଇଅଛି ।

୨୦୧୧ ଜନଗଣନା ଅନୁସାରେ ଓଡ଼ିଶାର ଜନସଂଖ୍ୟା ହେଉଛି ୪,୧୯,୭୪,୨୧୮ । ଏଥିମଧ୍ୟରୁ ଗ୍ରାମାଞ୍ଚଳର ଜନସଂଖ୍ୟା ହେଉଛି ୩,୪୯,୭୦,୫୬୨ ଏବଂ ସହରାଞ୍ଚଳର ଜନସଂଖ୍ୟା ୭୦,୦୩,୬୫୬ । ଗତ ଦଶନ୍ଧିରେ ବୃଦ୍ଧି ପାଇଥିବା ମୋଟ ୫୧,୬୯,୫୫୮ ଜନସଂଖ୍ୟାରୁ ଗ୍ରାମାଞ୍ଚଳରେ ୩୬,୮୩,୧୪୦ ଏବଂ ସହରାଞ୍ଚଳରେ ୧୪,୮୬,୪୧୮କୁ ବୃଦ୍ଧି ଘଟିଛି । ଗଞ୍ଜାମ ଜିଲ୍ଲାରେ ଗ୍ରାମାଞ୍ଚଳ ଜନସଂଖ୍ୟା ସର୍ବାଧିକ ୨୭,୬୧,୦୩୦ (ରାଜ୍ୟର ମୋଟ ଗ୍ରାମାଞ୍ଚଳ ଜନସଂଖ୍ୟାର ୭.୯%) ଥିବାବେଳେ ଖୋର୍ଦ୍ଧା ଜିଲ୍ଲାରେ ସହରାଞ୍ଚଳ ଜନସଂଖ୍ୟା ସର୍ବାଧିକ ୧୦,୮୪,୩୧୬ (ରାଜ୍ୟର ମୋଟ ସହରାଞ୍ଚଳ ଜନସଂଖ୍ୟାର ୧୫.୫%) ଅଟେ ।

ଗତ ଦଶନ୍ଧିରେ ରାଜ୍ୟରେ ଜନସଂଖ୍ୟା ବୃଦ୍ଧି ହାର ହେଉଛି ୧୪.୦% (ଗ୍ରାମାଞ୍ଚଳ ୧୧.୮% ଓ ସହରାଞ୍ଚଳ ୨୬.୯%) । ଗତ ଦଶନ୍ଧିରେ ଗ୍ରାମାଞ୍ଚଳ ଜନସଂଖ୍ୟାରେ ବଲାଙ୍ଗିର ଜିଲ୍ଲାରେ ସର୍ବାଧିକ (୨୨.୭%) ବୃଦ୍ଧି ଘଟିଥିବା ବେଳେ ସହରାଞ୍ଚଳ ଜନସଂଖ୍ୟାରେ ସର୍ବାଧିକ (୧୧୫.୧%) ନୟାଗଡ ଜିଲ୍ଲାରେ ବୃଦ୍ଧି ଘଟିଛି ।

୨୦୧୧ ଜନଗଣନା ଅନୁସାରେ ରାଜ୍ୟ ଜନସଂଖ୍ୟାର ଘନତ୍ୱ ୨୦୦୧ ଜନଗଣନା ତୁଳନାରେ ୩୪ ପଏଣ୍ଟ ବୃଦ୍ଧି ପାଇ ୨୭୦ ହୋଇଛି । ଉଭୟ ୨୦୦୧ ଏବଂ ୨୦୧୧ ଜନଗଣନାରେ ଜିଲ୍ଲାମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାରେ ଜନସଂଖ୍ୟାର ଘନତ୍ୱ ସର୍ବାଧିକ (୮୦୦) ଥିବାବେଳେ ଏହା ତଳକୁ ରହିଛି ଜଗତସିଂହପୁର ଜିଲ୍ଲା (୬୮୨) । ସେହିପରି କନ୍ଧମାଳ ଜିଲ୍ଲାରେ ଜନସଂଖ୍ୟାର ଘନତ୍ୱ ସର୍ବନିମ୍ନ (୯୧) ରେକର୍ଡ କରାଯାଇଛି, ଯାହାକି ୨୦୦୧ ଜନଗଣନାରେ ମଧ୍ୟ ସର୍ବନିମ୍ନ (୮୧) ଥିଲା ।

ରାଜ୍ୟରେ ୮୩.୩% ଲୋକ ଗ୍ରାମାଞ୍ଚଳରେ ବାସ କରୁଥିବା ବେଳେ ୧୬.୭% ଲୋକ ସହରାଞ୍ଚଳରେ ବାସ କରନ୍ତି । ଗତ ଦଶନ୍ଧିରେ ସହରାଞ୍ଚଳ ଜନସଂଖ୍ୟାରେ ୧.୭% ବୃଦ୍ଧି ଘଟିଛି । ବୌଦ୍ଧ ଜିଲ୍ଲାରେ ସର୍ବାଧିକ ୯୫.୪% ଲୋକ ଗ୍ରାମାଞ୍ଚଳରେ ବାସ କରୁଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୪୮% ଲୋକ ସହରାଞ୍ଚଳରେ ବାସ କରୁଛନ୍ତି ।

ଓଡ଼ିଶାରେ ସ୍ତ୍ରୀ–ପୁରୁଷ ଅନୁପାତ (ପ୍ରତି ୧୦୦୦ ପୁରୁଷରେ ସ୍ତ୍ରୀଙ୍କ ସଂଖ୍ୟା) ୨୦୦୧ ମସିହାରେ ୯୭୨ ଥିଲାବେଳେ ୨୦୧୧ରେ ଏହା ୭ପଏଣ୍ଟ ବୃଦ୍ଧି ପାଇ ୯୭୯ ହୋଇଛି । ଗତ ଦଶନ୍ଧିରେ ଗ୍ରାମାଞ୍ଚଳରେ ଏହି ଅନୁପାତ ୯୮୭ରୁ ୯୮୯କୁ ବୃଦ୍ଧି ପାଇଛି । ସହରାଞ୍ଚଳରେ ଏହି ଅନୁପାତ ୩୭ ପଏଣ୍ଟ ବୃଦ୍ଧି ପାଇ ୮୯୫ରୁ ୯୩୨ ହୋଇଛି ।

ଜିଲ୍ଲାମାନଙ୍କ ମଧ୍ୟରେ ରାୟଗଡା ଜିଲ୍ଲାରେ ସ୍ତ୍ରୀ–ପୁରୁଷ ଅନୁପାତ ହେଉଛି ସର୍ବାଧିକ (୧୦୫୧) । ଗ୍ରାମାଞ୍ଚଳ ଜନସଂଖ୍ୟାରେ ସ୍ତ୍ରୀ–ପୁରୁଷ ଅନୁପାତ ରାୟଗଡା ଜିଲ୍ଲାରେ ସର୍ବାଧିକ (୧୦୬୪) ଥିବାବେଳେ ସହରାଞ୍ଚଳ ଜନସଂଖ୍ୟାରେ ଏହି ଅନୁପାତ ଗଜପତି ଜିଲ୍ଲାରେ ସର୍ବାଧିକ (୧୦୦୬) ରହିଛି । ଗ୍ରାମାଞ୍ଚଳରେ ସ୍ତ୍ରୀ–ପୁରୁଷ ଅନୁପାତ ନୟାଗଡ ଜିଲ୍ଲାରେ ସର୍ବନିମ୍ନ (୯୧୫) ରହିଥିବାବେଳେ ସହରାଞ୍ଚଳରେ ଏହି ଅନୁପାତ ଅନୁଗୁଳ ଜିଲ୍ଲାରେ ସର୍ବନିମ୍ନ (୮୮୯) ରହିଛି । ୨୦୧୧ ଜନଗଣନାରେ ୧୧ଟି ଜିଲ୍ଲା ଯଥା: ଦେବଗଡ, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଢେଙ୍କାନାଳ, ଅନୁଗୁଳ, ପୁରୀ, ନୟାଗଡ, ଖୋର୍ଦ୍ଧା, ଗଞ୍ଜାମ ଏବଂ ସୁବର୍ଣ୍ଣପୁରର ଗ୍ରାମାଞ୍ଚଳରେ ସ୍ତ୍ରୀ–ପୁରୁଷଙ୍କ ଅନୁପାତରେ ହ୍ରାସ ଘଟିଛି । କେବଳ ୨ଟି ଜିଲ୍ଲାରେ ଯଥା: ବରଗଡ ଓ ବାଲେଶ୍ୱର ଜିଲ୍ଲାର ଗ୍ରାମାଞ୍ଚଳରେ ଏହି ସ୍ତ୍ରୀ–ପୁରୁଷ ଅନୁପାତରେ କୌଣସି ପରିବର୍ତ୍ତନ ଘଟିନାହିଁ । ମାଲକାନଗିରି ଜିଲ୍ଲାର ସହରାଞ୍ଚଳ ଜନସଂଖ୍ୟାରେ ଏହି ସ୍ତ୍ରୀ–ପୁରୁଷ ଅନୁପାତ ଗତ ଦଶନ୍ଧିରେ ହ୍ରାସ ଘଟିଥିବା ପରିଲକ୍ଷିତ ହୋଇଛି ।

୨୦୧୧ ଜନଗଣନା ଅନୁଯାୟୀ ୦–୬ ବର୍ଷର ପିଲାମାନଙ୍କ ସଂଖ୍ୟା ହେଉଛି ୫,୨୭୩,୧୯୪ । ଏଥିମଧ୍ୟରୁ ୪,୫୨୫,୮୭୦ ପିଲା ଗ୍ରାମାଞ୍ଚଳରେ ବାସ କରୁଥିବା ବେଳେ ସହରାଞ୍ଚଳରେ ୭୪୭,୩୨୪ ଶିଶୁ ବାସ କରୁଛନ୍ତି । ୨୦୦୧ ମସିହା ଜନଗଣନା ତୁଳନାରେ ରାଜ୍ୟରେ ୦–୬ ବର୍ଷର ପିଲାମାନଙ୍କ ସଂଖ୍ୟାରେ ୮୫,୬୧୬ ହ୍ରାସ ଘଟିଛି । ୦–୬ ବର୍ଷର ପିଲାମାନଙ୍କ ସଂଖ୍ୟା ଗ୍ରାମାଞ୍ଚଳରେ ୧୭୦,୪୮୮ ହ୍ରାସ ପାଇଥିବାବେଳେ ସହରାଞ୍ଚଳରେ ଏହି ସଂଖ୍ୟାରେ ୮୪,୮୭୨ ବୃଦ୍ଧି ଘଟିଛି । ଗତ ଦଶନ୍ଧିରେ ମୋଟ ଜନସଂଖ୍ୟାରେ ୦–୬ବର୍ଷର ପିଲାମାନଙ୍କ ହାର ୨.୦ ପ୍ରତିଶତ ପଏଣ୍ଟ ହ୍ରାସ ପାଇଥିଲା ବେଳେ ଗ୍ରାମାଞ୍ଚଳରେ ଏହି ହାରରେ ୨.୧ ପ୍ରତିଶତ ଏବଂ ସହରାଞ୍ଚଳରେ ୧.୩ ପ୍ରତିଶତ ପଏଣ୍ଟ ହ୍ରାସ ଘଟିଛି । ମୋଟ ଶିଶୁ ସଂଖ୍ୟାରେ ଗତ ଦଶନ୍ଧିରେ ୧.୬ ପ୍ରତିଶତ ପଏଣ୍ଟ ହ୍ରାସ ଘଟିଛି । ଏହି ସଂଖ୍ୟା ପୁଅ ପିଲାଙ୍କ ମଧ୍ୟରେ ୧.୦% ହ୍ରାସ ପାଇଥିବା ବେଳେ ଝିଅ ପିଲାଙ୍କ କ୍ଷେତ୍ରରେ ୨.୨ ପ୍ରତିଶତ ପଏଣ୍ଟ ହ୍ରାସ ପାଇଛି ।

ଜନଗଣନା ୨୦୧୧ରେ ପିଲାମାନଙ୍କ ମଧ୍ୟରେ ସ୍ତ୍ରୀ–ପୁରୁଷ ଅନୁପାତରେ (୦–୬ ବର୍ଷ) ହ୍ରାସ ଘଟିଛି । ଏହା ୯୫୩ରୁ ୯୪୧ (–୧୨ ପଏଣ୍ଟ) ହୋଇଛି । ୧୯୬୧ ମସିହାଠାରୁ ଏପର୍ଯ୍ୟନ୍ତ ଏହି ଅନୁପାତ ହେଉଛି ସର୍ବନିମ୍ନ । ଗତ ଦଶନ୍ଧିରେ ଗ୍ରାମାଞ୍ଚଳରେ ଏହି ଅନୁପାତ ୯୫୫ରୁ ୯୪୬କୁ (୯ପଏଣ୍ଟ) ଏବଂ ସହରାଞ୍ଚଳରେ ଏହି ଅନୁପାତ ୯୩୩ରୁ ୯୧୩ (୨୦ପଏଣ୍ଟ)କୁ ହ୍ରାସ ପାଇଛି । ୨୦୧୧ ଜନଗଣନା ଅନୁଯାୟୀ ପିଲାମାନଙ୍କ ମଧ୍ୟରେ ସ୍ତ୍ରୀ–ପୁରୁଷ ଅନୁପାତ ଉଭୟ ଗ୍ରାମାଞ୍ଚଳ (୯୯୯) ଏବଂ ସହରାଞ୍ଚଳ (୯୭୧)ରେ ସର୍ବାଧିକ ନବରଙ୍ଗପୁର ଜିଲ୍ଲାରେ ହୋଇଥିବା ବେଳେ ସର୍ବନିମ୍ନ ପିଲାମାନଙ୍କର ଅନୁପାତ ନୟାଗଡ ଜିଲ୍ଲାର ଗ୍ରାମାଞ୍ଚଳରେ ୮୫୭ ଏବଂ ସହରାଞ୍ଚଳରେ ୮୩୫ ରେକର୍ଡ କରାଯାଇଛି ।

୨୦୧୧ ଜନଗଣନା ଅନୁସାରେ ଆମ ସହରରେ ଅନୁସୂଚିତ ଜାତିର ଲୋକମାନଙ୍କର ସଂଖ୍ୟା ହେଉଛି ୭,୧୮୮,୪୬୩ । ଏହି ସଂଖ୍ୟା ଗ୍ରାମାଞ୍ଚଳରେ ୬,୨୧୮,୬୪୨ ହୋଇଥିବା ବେଳେ ସହରାଞ୍ଚଳରେ ୯୬୯,୮୨୧ ଅଟେ ।

୨୦୧୧ ଜନଗଣନା ଅନୁସାରେ ରାଜ୍ୟରେ ମୋଟ ଲୋକସଂଖ୍ୟାର ୧୭.୧ ପ୍ରତିଶତ ଲୋକ ହେଉଛନ୍ତି ଅନୁସୂଚିତ ଜାତି । ଗତ ଜନଗଣନାରେ ଏହା ଥିଲା ୧୬.୫ ପ୍ରତିଶତ ଅର୍ଥାତ୍ ଅନୁସୂଚିତ ଜାତିର ଲୋକମାନଙ୍କ ମଧ୍ୟରେ ୦.୬ ପ୍ରତିଶତ ପଏଣ୍ଟ ବୃଦ୍ଧି ଘଟିଛି । ୨୦୧୧ ଜନଗଣନା ଅନୁସାରେ ଅନୁସୂଚିତ ଲୋକମାନଙ୍କ ହାର ସୁବର୍ଣ୍ଣପୁର ଜିଲ୍ଲାରେ ସର୍ବାଧିକ ୨୫.୬ ପ୍ରତିଶତ ହୋଇଥିବା ବେଳେ ଗଜପତି ଜିଲ୍ଲାରେ ସର୍ବନିମ୍ନ ୬.୮ ପ୍ରତିଶତ ରେକର୍ଡ କରାଯାଇଛି ।

୨୦୧୧ ଜନଗଣନା ଅନୁସାରେ ଅନୁସୂଚିତ ଜାତିର ଲୋକମାନଙ୍କ ସଂଖ୍ୟା ୭୧,୮୮,୪୬୩ ହୋଇଛି । ୨୦୦୧

ଜନଗଣନା ତୁଳନାରେ ଏହି ସଂଖ୍ୟାରେ ୧,୧୦୬,୪୦୦କୁ ବୃଦ୍ଧି ଘଟିଛି । ଏହି ବୃଦ୍ଧିର ହାର ହେଉଛି ୧୮.୨ ପ୍ରତିଶତ ।

ଗଞ୍ଜାମ ଜିଲ୍ଲାରେ ସର୍ବାଧିକ (୬୮୮,୨୩୫) ଏବଂ ଗଜପତି ଜିଲ୍ଲାରେ ସର୍ବନିମ୍ନ (୩୯,୧୭୫) ଅନୁସୂଚିତ ଜାତିର ଜନସଂଖ୍ୟା ରେକର୍ଡ କରାଯାଇଛି ।

ମୋଟ ଅନୁସୂଚିତ ଜାତିର ପୁରୁଷମାନଙ୍କ ସଂଖ୍ୟା ହେଉଛି ୩୬,୧୭,୮୦୮ (ଗ୍ରାମାଞ୍ଚଳ–୩,୧୨୭,୭୧୯ ଏବଂ ସହରାଞ୍ଚଳ–୪୯୦,୦୮୯) । ସ୍ତ୍ରୀମାନଙ୍କ ସଂଖ୍ୟା ହେଉଛି ୩୫,୭୦,୬୫୫ (ଗ୍ରାମାଞ୍ଚଳ– ୩୦,୯୦,୯୨୩ ଏବଂ ସହରାଞ୍ଚଳ–୪,୭୯,୭୩୨) ।

ଗତ ଦଶନ୍ଧି ମଧ୍ୟରେ ଅନୁସୂଚିତ ଜାତିର ସ୍ତ୍ରୀ–ପୁରୁଷ ଅନୁପାତ ୯୭୯ରୁ ୮ ପଏଣ୍ଟ ବୃଦ୍ଧି ପାଇ ୨୦୧୧ ଜନଗଣନା ଅନୁସାରେ ୯୮୭ ହୋଇଛି ।

୨୦୧୧ ଜନଗଣନା ଅନୁସାରେ ଅନୁସୂଚିତ ଜନଜାତିର ମୋଟ ଲୋକସଂଖ୍ୟା ହେଉଛି ୯୫,୯୦,୭୫୬ । ଏଥିମଧ୍ୟରୁ ୮୯,୯୪,୯୬୭ ଜଣ ଗ୍ରାମାଞ୍ଚଳରେ ବାସ କରୁଥିବା ବେଳେ ୫,୯୫,୭୮୯ ଜଣ ସହରାଞ୍ଚଳରେ ବାସ କରୁଛନ୍ତି ।

ଆମ ରାଜ୍ୟରେ ମୋଟ ଜନସଂଖ୍ୟାର ୨୨.୮% ହେଉଛନ୍ତି ଅନୁସୂଚିତ ଜନଜାତିର । ଗତ ଜନଗଣନାରେ ଏହି ହାର ୨୨.୧ ପ୍ରତିଶତ ଥିଲା । ଅର୍ଥାତ୍ ବିଗତ ଦଶନ୍ଧିରେ ଅନୁସୂଚିତ ଜନଜାତିର ବୃଦ୍ଧି ହାରରେ ୦.୭% ବୃଦ୍ଧି ଘଟିଛି । ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୫୮.୭% ଅନୁସୂଚିତ ଜନଜାତି ହୋଇଥିବା ବେଳେ ପୁରୀ ଜିଲ୍ଲାରେ ସର୍ବନିମ୍ନ ୦.୪% ଅନୁସୂଚିତ ଜନଜାତି ଅଛନ୍ତି ।

୨୦୦୧ ଜନଗଣନାରେ ଅନୁସୂଚିତ ଜନଜାତିର ଲୋକସଂଖ୍ୟା ୮୧,୪୫,୦୮୧ ହୋଇଥିବା ବେଳେ ୨୦୧୧ ଜନଗଣନାରେ ଏହା ୯୫,୯୦,୯୫୬ ହୋଇଛି । ଏହି ବୃଦ୍ଧି ହାର ହେଉଛି ଗତ ଦଶନ୍ଧିରେ ୧୭.୭ ପ୍ରତିଶତ ।

ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୧,୪୭୯,୫୭୬ ଓ ପୁରୀ ଜିଲ୍ଲାରେ ସର୍ବନିମ୍ନ ୬,୧୨୯ ସଂଖ୍ୟକ ଅନୁସୂଚିତ ଜନଜାତିର ଲୋକ ଥିବା ରେକର୍ଡ କରାଯାଇଛି ।

ଅନୁସୂଚିତ ଜନଜାତିର ମୋଟ ଲୋକମାନଙ୍କ ମଧ୍ୟରୁ ପୁରୁଷମାନଙ୍କ ସଂଖ୍ୟା ୪,୭୨୭,୭୩୨ (ଗ୍ରାମାଞ୍ଚଳ– ୪,୪୨୮,୫୨୨ ଏବଂ ସହରାଞ୍ଚଳ–୨,୯୯,୨୧୦) ହୋଇଥିବା ବେଳେ ସ୍ତ୍ରୀମାନଙ୍କ ସଂଖ୍ୟା ୪,୮୬୩,୦୨୪ (ଗ୍ରାମାଞ୍ଚଳ– ୪,୫୬୬,୪୪୫ ଏବଂ ସହରାଞ୍ଚଳ–୨,୯୬,୫୭୯) ଅଟେ ।

୨୦୧୧ ଜନଗଣନା ଅନୁଯାୟୀ ଓଡ଼ିଶାରେ ମୋଟ ସାକ୍ଷରଙ୍କ ସଂଖ୍ୟା ୨୬,୭୪୨,୫୯୫ । ଏଥିମଧ୍ୟରୁ ଗ୍ରାମାଞ୍ଚଳରେ ସାକ୍ଷରଙ୍କ ସଂଖ୍ୟା ୨,୧୩,୭୭,୯୧୫ ହୋଇଥିବା ସ୍ଥଳେ ସହରାଞ୍ଚଳରେ ଏହି ସଂଖ୍ୟା ୫୩,୬୪,୬୮୦ ଅଟେ । ୨୦୦୧–୨୦୧୧ ଦଶନ୍ଧିରେ ସାକ୍ଷରଙ୍କ ସଂଖ୍ୟାରେ ମୋଟ ୬,୯୦୫,୫୪୦ ବୃଦ୍ଧି ହୋଇଅଛି, ଯାହା ଗ୍ରାମାଞ୍ଚଳରେ ୫,୪୬୫,୩୧୧ ଏବଂ ସହରାଞ୍ଚଳରେ ୧୪,୪୦,୨୨୯ ଅଟେ ।

ଗ୍ରାମାଞ୍ଚଳରେ ସର୍ବାଧିକ ସାକ୍ଷରଙ୍କ ସଂଖ୍ୟା ଗଞ୍ଜାମ ଜିଲ୍ଲାରେ (୧,୬୩୫,୧୫୦) ରେକର୍ଡ କରାଯାଇଥିଲା ବେଳେ ଖୋର୍ଦ୍ଧା ଜିଲ୍ଲାରେ ସହରାଞ୍ଚଳରେ ସର୍ବାଧିକ ସାକ୍ଷର (୮,୯୦,୨୫୬) ରେକର୍ଡ କରାଯାଇଛି ।

ମୋଟ ସାକ୍ଷରଙ୍କ ମଧ୍ୟରୁ ୧,୫୦,୮୯,୬୮୧ (୫୬.୪୩%) ହେଉଛନ୍ତି ପୁରୁଷ । ପୁରୁଷ ସାକ୍ଷରଙ୍କ ମଧ୍ୟରେ ଗ୍ରାମାଞ୍ଚଳରେ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୯,୪୫,୭୧୨ ଥିଲାବେଳେ ଦେବଗଡ ଜିଲ୍ଲାରେ ସର୍ବନିମ୍ନ ୧,୦୩,୫୩୬ ସାକ୍ଷର ଅଟନ୍ତି । ସହରାଞ୍ଚଳରେ ପୁରୁଷ ସାକ୍ଷରଙ୍କ ସଂଖ୍ୟା ବୌଦ୍ଧ ଜିଲ୍ଲାରେ ସର୍ବନିମ୍ନ (୮,୭୮୪) ଓ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ (୪,୮୫,୮୨୬) ଅଟେ ।

୨୦୧୧ ଜନଗଣନା ଅନୁସାରେ ମହିଳା ସାକ୍ଷରଙ୍କ ସଂଖ୍ୟା ୧୧,୬୫୨,୯୧୪ (୪୩.୫୭%) ରେକର୍ଡ କରାଯାଇଛି । ଗ୍ରାମାଞ୍ଚଳରେ ସର୍ବାଧିକ ସଂଖ୍ୟକ ମହିଳା ସାକ୍ଷର ଗଞ୍ଜାମ ଜିଲ୍ଲା (୬୮୯,୪୩୮)ରେ ଥିବାବେଳେ ଦେବଗଡ ଜିଲ୍ଲାରେ ଏହି ସଂଖ୍ୟା ସର୍ବନିମ୍ନ (୭୭,୭୬୪) । ସେହିପରି ସହରାଞ୍ଚଳରେ ବୌଦ୍ଧ ଜିଲ୍ଲାରେ ସର୍ବନିମ୍ନ (୭,୧୧୨) ଏବଂ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ (୪୦୪,୪୩୦) ମହିଳା ସାକ୍ଷରଙ୍କ ସଂଖ୍ୟା ରେକର୍ଡ କରାଯାଇଛି ।

**ସାକ୍ଷରତା ହାର =**

$$\frac{\text{୭ବର୍ଷ ଏବଂ ତଦୂର୍ଦ୍ଧ୍ୱ ବୟସର ସାକ୍ଷରଙ୍କ ସଂଖ୍ୟା} \times \text{୧୦୦}}{\text{୭ବର୍ଷ ଏବଂ ତଦୂର୍ଦ୍ଧ୍ୱ ବୟସର ମୋଟ ଲୋକସଂଖ୍ୟା}}$$

୨୦୧୧ ଜନଗଣନା ଅନୁସାରେ ସାକ୍ଷରତା ହାର ୭୨.୯ ପ୍ରତିଶତ (ଗ୍ରାମାଞ୍ଚଳ ୭୦.୨%, ସହରାଞ୍ଚଳ ୮୫.୭%) ଅଟେ । ବିଗତ ଦଶନ୍ଧିରେ ସାକ୍ଷରତା ହାରରେ ୯.୮ ପ୍ରତିଶତ ପଏଣ୍ଟ

ବୃଦ୍ଧି ଘଟିଅଛି (୧୦.୪ ପ୍ରତିଶତ ପଏଣ୍ଟ ଗ୍ରାମାଞ୍ଚଳରେ ଏବଂ ୪.୯ ପ୍ରତିଶତ ପଏଣ୍ଟ ସହରାଞ୍ଚଳରେ) । ସର୍ବାଧିକ ସାକ୍ଷରତା ହାର ୮୬.୯ ପ୍ରତିଶତ ଖୋର୍ଦ୍ଧା ଜିଲ୍ଲାରେ ରେକର୍ଡ କରାଯାଇଥିବା ବେଳେ ସର୍ବନିମ୍ନ ୪୬.୪ ପ୍ରତିଶତ ନବରଙ୍ଗପୁର ଜିଲ୍ଲାରେ ରେକର୍ଡ କରାଯାଇଛି ।

ରାଜ୍ୟରେ ପୁରୁଷ ସାକ୍ଷରତା ହାର ହେଉଛି ୮୧.୬ ପ୍ରତିଶତ (ଗ୍ରାମାଞ୍ଚଳ ୭୯.୬ ପ୍ରତିଶତ, ସହରାଞ୍ଚଳ ୯୦.୭ ପ୍ରତିଶତ) । ଗ୍ରାମାଞ୍ଚଳରେ ସର୍ବାଧିକ ପୁରୁଷ ସାକ୍ଷରତା ହାର ଜଗତସିଂହପୁର ଜିଲ୍ଲାରେ (୯୨.୫%) ହୋଇଥିଲା ବେଳେ କୋରାପୁଟ ଜିଲ୍ଲାରେ (୫୪.୧%) ସର୍ବନିମ୍ନ ଅଟେ । ସହରାଞ୍ଚଳର ପୁରୁଷ ସାକ୍ଷରତା ହାର ଖୋର୍ଦ୍ଧା ଜିଲ୍ଲାରେ (୯୪.୨%) ସର୍ବାଧିକ ଥିଲାବେଳେ ମାଲକାନଗିରି ଜିଲ୍ଲାରେ (୮୩.୪%) ଏହା ସର୍ବନିମ୍ନ । ଏଠାରେ ଉଲ୍ଲେଖନୀୟ ଯେ ଓଡ଼ିଶାର ପୁରୁଷ ସାକ୍ଷରତା ହାର (୮୧.୬%) ଭାରତର ପୁରୁଷ ସାକ୍ଷରତା ହାର (୮୦.୯%) ଠାରୁ ଅଧିକ ।

ରାଜ୍ୟରେ ମହିଳା ସାକ୍ଷରତା ହାର ହେଉଛି ୬୪.୦% (ଗ୍ରାମାଞ୍ଚଳ ୬୦.୭%, ସହରାଞ୍ଚଳ ୮୦.୪%) । ଗ୍ରାମାଞ୍ଚଳର ସର୍ବାଧିକ ମହିଳା ସାକ୍ଷରତା ହାର ଜଗତସିଂହପୁର ଜିଲ୍ଲାରେ (୮୦.୪%) ହୋଇଥିଲା ବେଳେ କୋରାପୁଟ ଜିଲ୍ଲାରେ ଏହା ସର୍ବନିମ୍ନ (୩୧.୩%) ଅଟେ । ସେହିପରି ସହରାଞ୍ଚଳରେ ମହିଳା ସାକ୍ଷରତା ହାର ମାଲକାନଗିରି ଜିଲ୍ଲାରେ ସର୍ବନିମ୍ନ (୬୪.୯%) ଥିଲାବେଳେ ଖୋର୍ଦ୍ଧା ଜିଲ୍ଲାରେ ଏହା ସର୍ବାଧିକ (୮୭.୫%) ।

ବିଗତ ଦଶନ୍ଧିରେ ମହିଳା ସାକ୍ଷରତା ହାରରେ ୧୩.୫ ପ୍ରତିଶତ ପଏଣ୍ଟ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି (ଗ୍ରାମାଞ୍ଚଳରେ ୧୪.୦ ପ୍ରତିଶତ ପଏଣ୍ଟ ଏବଂ ସହରାଞ୍ଚଳରେ ୭.୫ ପ୍ରତିଶତ ପଏଣ୍ଟ) । ଅନ୍ୟ ପକ୍ଷରେ ପୁରୁଷ ସାକ୍ଷରତା ହାରରେ ମାତ୍ର ୬.୩ ପଏଣ୍ଟର ବୃଦ୍ଧି ହୋଇଛି (ଗ୍ରାମାଞ୍ଚଳ ୬.୭ ପ୍ରତିଶତ ପଏଣ୍ଟ ଏବଂ ସହରାଞ୍ଚଳ ୨.୮ ପ୍ରତିଶତ ପଏଣ୍ଟ) । ପୁରୁଷ ଏବଂ ମହିଳାମାନଙ୍କର ସାକ୍ଷରତା ହାରରେ ଥିବା ତାରତମ୍ୟରେ ହ୍ରାସ ଘଟିଛି । ୨୦୦୧ରେ ଏହା ୨୪.୮ ଥିଲାବେଳେ ୨୦୧୧ରେ ଏହା ୧୭.୬ ହୋଇଅଛି (ଗ୍ରାମାଞ୍ଚଳରେ ୨୦୦୧ରେ ୨୬.୨ରୁ ୨୦୧୧ରେ ୧୮.୯ ଏବଂ ସହରାଞ୍ଚଳରେ ୨୦୦୧ରେ ୧୫.୦ରୁ ୨୦୧୧ରେ ୧୦.୩) ।

୨୦୧୧ ଜନଗଣନା ଅନୁଯାୟୀ ଓଡ଼ିଶାରେ ମୋଟ କର୍ମୀ (ଯେଉଁମାନେ ବର୍ଷକ ମଧ୍ୟରେ ଅତି କମ୍‌ରେ ଗୋଟିଏ ଦିନ ପାଇଁ କାମ କରିଥିବେ) ମାନଙ୍କ ସଂଖ୍ୟା ହୋଇଛି ୧୭,୫୪୧,୫୮୯ । ଏଥିମଧ୍ୟରୁ ୧୧,୯୦୨,୬୫୫ ହେଉଛନ୍ତି ପୁରୁଷ ଏବଂ ୫,୬୩୮,୯୩୪ ହେଉଛନ୍ତି ମହିଳା । ୨୦୦୧–୨୦୧୧ ଦଶନ୍ଧିରେ ବୃଦ୍ଧି ପାଇଥିବା ମୋଟ ୩,୨୬୫,୧୦୧ କର୍ମୀଙ୍କ ମଧ୍ୟରୁ ୨,୧୦୦,୬୪୯ ହେଉଛନ୍ତି ପୁରୁଷ ଏବଂ ୧,୧୬୪,୪୫୨ ହେଉଛନ୍ତି ମହିଳା ।

ଗତ ଦଶନ୍ଧିରେ କର୍ମୀମାନଙ୍କ ସଂଖ୍ୟାରେ ୨୨.୯ ପ୍ରତିଶତ ବୃଦ୍ଧି ହୋଇଛି, ଯାହା ଜନସଂଖ୍ୟା ବୃଦ୍ଧି ହାର ୧୪.୦ ପ୍ରତିଶତଠାରୁ ଅଧିକ । ପୁରୁଷ କର୍ମୀମାନଙ୍କ ସଂଖ୍ୟାରେ ୨୧.୪ ପ୍ରତିଶତ ଏବଂ ମହିଳା କର୍ମୀମାନଙ୍କ ସଂଖ୍ୟାରେ ୨୬.୦ ପ୍ରତିଶତ ବୃଦ୍ଧି ହୋଇଛି।

ଗ୍ରାମାଞ୍ଚଳରେ କର୍ମୀମାନଙ୍କ ସଂଖ୍ୟା ୧୫,୧୦୩,୭୧୪ ହୋଇଥିବା ବେଳେ ସହରାଞ୍ଚଳରେ ୨,୪୩୭,୮୭୫ । ମହିଳା କର୍ମୀମାନଙ୍କ ସଂଖ୍ୟା ଗ୍ରାମାଞ୍ଚଳରେ ୫,୧୬୨,୧୪୦ ହୋଇଥିବା ବେଳେ ସହରାଞ୍ଚଳରେ ଏମାନଙ୍କ ସଂଖ୍ୟା ୪୭୬,୭୯୪ ଅଟେ ।

୨୦୧୧ ଜନଗଣନା ଅନୁସାରେ ରାଜ୍ୟର ୪୧.୮ ପ୍ରତିଶତ ହେଉଛନ୍ତି କର୍ମୀ । ୨୦୦୧ ଜନଗଣନା ଅନୁସାରେ ଏହି ହାର ଥିଲା ୩୮.୮ ପ୍ରତିଶତ । ପୁରୁଷମାନଙ୍କ ମଧ୍ୟରେ କର୍ମୀମାନଙ୍କ ହାର ୨୦୦୧ରେ ୫୨.୫ ପ୍ରତିଶତ ଥିଲାବେଳେ ୨୦୧୧ରେ ଏହା ବୃଦ୍ଧି ପାଇ ୫୬.୧ ପ୍ରତିଶତ ହୋଇଅଛି । ମହିଳା କର୍ମୀମାନଙ୍କ ହାର ୨୦୦୧ରେ ୨୪.୬ ପ୍ରତିଶତ ଥିଲାବେଳେ ୨୦୧୧ରେ ଏହା ୨୭.୨ ପ୍ରତିଶତକୁ ବୃଦ୍ଧି ପାଇଛି ।

କର୍ମୀମାନଙ୍କ ହାର ଦେବଗଡ ଜିଲ୍ଲାରେ (୫୨.୯ ପ୍ରତିଶତ) ସର୍ବାଧିକ ହୋଇଥିବା ବେଳେ ମହିଳାମାନଙ୍କ କ୍ଷେତ୍ରରେ ଏହି ଜିଲ୍ଲାରେ ଏହି ହାର (୪୭.୩ ପ୍ରତିଶତ) ମଧ୍ୟ ସର୍ବାଧିକ । ଯାଜପୁର ଜିଲ୍ଲାରେ କର୍ମୀମାନଙ୍କ ହାର ସର୍ବନିମ୍ନ (୩୦.୨ ପ୍ରତିଶତ) ହୋଇଥିବା ବେଳେ ମହିଳାମାନଙ୍କ କ୍ଷେତ୍ରରେ ମଧ୍ୟ ସର୍ବନିମ୍ନ ହାର (୭.୩ ପ୍ରତିଶତ) ଏହି ଜିଲ୍ଲାରେ ରେକର୍ଡ କରାଯାଇଛି । ପୁରୁଷମାନଙ୍କ ମଧ୍ୟରେ କର୍ମୀମାନଙ୍କ ହାର ବରଗଡ ଜିଲ୍ଲାରେ ୬୩.୨ ପ୍ରତିଶତ ହୋଇଥିବା ବେଳେ ଯାଜପୁର ଜିଲ୍ଲାରେ ଏହା ସର୍ବନିମ୍ନ ୫୨.୫ ପ୍ରତିଶତ ।

୨୦୧୧ ଜନଗଣନା ଅନୁଯାୟୀ ମୋଟ ୧୭,୫୪୧,୫୮୯ କର୍ମୀଙ୍କ ମଧ୍ୟରୁ ୧୦,୭୦୭,୫୪୩ ହେଉଛନ୍ତି ମୁଖ୍ୟ କର୍ମୀ, ଯେଉଁମାନେ କି ବର୍ଷକ ମଧ୍ୟରେ ୬ ମାସରୁ ଅଧିକ ଦିନ କାମ କରିଛନ୍ତି ଏବଂ ୬,୮୩୪,୦୪୬ ହେଉଛନ୍ତି ସାମୟିକ

କର୍ମୀ ଅର୍ଥାତ୍ ବର୍ଷକ ମଧ୍ୟରେ ୬ ମାସରୁ କମ୍ ସମୟ କାମ କରିଛନ୍ତି । ୨୦୦୧ ଜନଗଣନାରେ ମୋଟ କର୍ମୀମାନଙ୍କ ମଧ୍ୟରୁ ୬୭.୨ ପ୍ରତିଶତ ମୁଖ୍ୟ କର୍ମୀ ହୋଇଥିବା ବେଳେ ୨୦୧୧ ଜନଗଣନା ଅନୁଯାୟୀ ମୋଟ କର୍ମୀଙ୍କର ୬୧.୦ ପ୍ରତିଶତ ହେଉଛନ୍ତି ମୁଖ୍ୟ କର୍ମୀ ।

ମୋଟ ପୁରୁଷ କର୍ମୀଙ୍କ ମଧ୍ୟରେ ୭୩.୯ ପ୍ରତିଶତ ହେଉଛନ୍ତି ମୁଖ୍ୟ କର୍ମୀ ଏବଂ ମହିଳା କର୍ମୀଙ୍କ ମଧ୍ୟରେ ୩୩.୯ ପ୍ରତିଶତ ହେଉଛନ୍ତି ମୁଖ୍ୟ କର୍ମୀ । ଦଶବର୍ଷ ମଧ୍ୟରେ ଉଭୟ ପୁରୁଷ ଏବଂ ମହିଳା ମୁଖ୍ୟ କର୍ମୀଙ୍କ ପ୍ରତିଶତରେ ହ୍ରାସ ଦେଖାଦେଇଛି (ପୁରୁଷ ମୁଖ୍ୟ କର୍ମୀ ୮୧.୭ ପ୍ରତିଶତ ରୁ ୭୩.୯ ପ୍ରତିଶତ ଏବଂ ମହିଳା ମୁଖ୍ୟ କର୍ମୀ ୩୫.୪ ପ୍ରତିଶତରୁ ୩୩.୯ ପ୍ରତିଶତକୁ ହ୍ରାସ ପାଇଛି ) ।

୨୦୧୧ ଜନଗଣନାରେ ପ୍ରଥମ ଥର ପାଇଁ ସାମୟିକ କର୍ମୀ (ଯେଉଁମାନେ ବର୍ଷକ ମଧ୍ୟରେ ୬ମାସରୁ କମ୍ ସମୟ ପାଇଁ କାର୍ଯ୍ୟ କରିଛନ୍ତି)ମାନଙ୍କୁ ପୁନର୍ବାର ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇଛି । ଯଥା– ଯେଉଁମାନେ ୩ ମାସରୁ କମ୍ ସମୟ ପାଇଁ କାର୍ଯ୍ୟ କରିଛନ୍ତି ଏବଂ ଯେଉଁମାନେ ୩ମାସରୁ ଅଧିକ କିନ୍ତୁ ୬ମାସରୁ କମ୍ ସମୟ ପାଇଁ କାର୍ଯ୍ୟ କରିଛନ୍ତି ।

୬,୮୩୪,୦୪୬ ସାମୟିକ କର୍ମୀଙ୍କ ମଧ୍ୟରୁ ୫,୫୯୭,୧୪୩ କର୍ମୀ ୩ରୁ ୬ ମାସ ପାଇଁ କାର୍ଯ୍ୟ କରିଥିବା ବେଳେ ୧,୨୩୬,୯୦୩ କର୍ମୀ ୩ ମାସରୁ କମ୍ ସମୟ ପାଇଁ କାର୍ଯ୍ୟ କରିଛନ୍ତି, ଯାହାକି ମୋଟ ସାମୟିକ କର୍ମୀଙ୍କ ମଧ୍ୟରେ ଯଥାକ୍ରମେ ୮୧.୯ ପ୍ରତିଶତ ଓ ୧୮.୧ ପ୍ରତିଶତ । ୩ ରୁ ୬ ମାସ ପର୍ଯ୍ୟନ୍ତ କାର୍ଯ୍ୟ କରିଥିବା କର୍ମୀମାନଙ୍କ ପ୍ରତିଶତ ଗ୍ରାମାଞ୍ଚଳ (୮୧.୭ ପ୍ରତିଶତ) ଅପେକ୍ଷା ସହରାଞ୍ଚଳରେ (୮୫.୫ ପ୍ରତିଶତ) ସାମାନ୍ୟ ଅଧିକ । ଅପର ପକ୍ଷରେ ୩ମାସଠାରୁ କମ୍ ସମୟ ପାଇଁ କାର୍ଯ୍ୟ କରିଥିବା କର୍ମୀଙ୍କ ପ୍ରତିଶତ ଗ୍ରାମାଞ୍ଚଳରେ ୧୮.୩ ପ୍ରତିଶତ ଥିଲାବେଳେ ସହରାଞ୍ଚଳରେ ଏହା ୧୪.୫ ପ୍ରତିଶତ । ସାମୟିକ କର୍ମୀମାନଙ୍କ ମଧ୍ୟରେ ୩ରୁ ୬ ମାସ କାର୍ଯ୍ୟ କରିଥିବା ଶ୍ରେଣୀରେ ରାୟଗଡା ଜିଲ୍ଲାରେ ସର୍ବାଧିକ ୮୬.୪ ପ୍ରତିଶତ ଥିବାବେଳେ ବାଲେଶ୍ୱର ଜିଲ୍ଲାରେ ଏହା ସର୍ବନିମ୍ନ ୭୫.୫ ପ୍ରତିଶତ ।

### ଆର୍ଥିକ କାର୍ଯ୍ୟକଳାପର ଶ୍ରେଣୀ ବିଭାଗ

ଆର୍ଥିକ କାର୍ଯ୍ୟକଳାପର ଶ୍ରେଣୀ ବିଭାଗରେ ସମସ୍ତ କର୍ମୀମାନଙ୍କୁ ଚାରି ଗୋଟି ଶ୍ରେଣୀରେ ବିଭକ୍ତ କରାଯାଇଛି, ଯଥା– କୃଷକ, କୃଷି ଶ୍ରମିକ, ଘରୋଇ ଶିଳ୍ପରେ କର୍ମୀ ଏବଂ ଅନ୍ୟାନ୍ୟ କର୍ମୀ । କୃଷକ ଏବଂ କୃଷି ଶ୍ରମିକ ହେଉଛନ୍ତି ମୁଖ୍ୟତଃ କୃଷି କାର୍ଯ୍ୟରେ ନିୟୋଜିତ କର୍ମୀ ।

୨୦୧୧ ଜନଗଣନା ଅନୁଯାୟୀ ମୋଟ ୧୭,୫୪୧,୫୮୯ କର୍ମୀଙ୍କ ମଧ୍ୟରୁ ୪,୧୦୩,୯୮୯ ହେଉଛନ୍ତି କୃଷକ ଏବଂ ୬,୭୩୯,୯୯୩ ହେଉଛନ୍ତି କୃଷି ଶ୍ରମିକ । ଜନଗଣନା ଅନୁସାରେ ୨୦୦୧ ମସିହାରେ ୬୪.୮ ପ୍ରତିଶତ କର୍ମୀ କୃଷି କାର୍ଯ୍ୟରେ ନିୟୋଜିତ ଥିବାବେଳେ ୨୦୧୧ରେ ୬୧.୮ ପ୍ରତିଶତ କର୍ମୀ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି । ପ୍ରତି ଦୁଇ ଜଣ ପୁରୁଷରେ ଜଣେ ଏବଂ ପ୍ରତି ତିନିଜଣ ମହିଳାରେ ଦୁଇ ଜଣ ମହିଳା କୃଷକ କିମ୍ବା କୃଷି ଶ୍ରମିକ ଭାବରେ କୃଷି କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଅବଶିଷ୍ଟ କର୍ମୀମାନଙ୍କ ମଧ୍ୟରୁ ୭୮୩,୦୮୦ ଜଣ ଘରୋଇ ଶିଳ୍ପରେ କର୍ମୀ ହୋଇଥିବା ବେଳେ ୫,୯୧୪,୫୨୭ ହେଉଛନ୍ତି ଅନ୍ୟ କର୍ମୀ ।

ଜନଗଣନା ଫଳାଫଳରୁ ଜଣାଯାଏ ଯେ ୨୦୦୧–୨୦୧୧ ଦଶନ୍ଧିରେ କୃଷକମାନଙ୍କ ସଂଖ୍ୟାରେ ୧୪୩,୬୭୨ ହ୍ରାସ ଘଟିଥିବା ବେଳେ କୃଷି ଶ୍ରମିକମାନଙ୍କ ସଂଖ୍ୟାରେ ୧,୭୪୦, ୮୮୯ ବୃଦ୍ଧି ଘଟିଛି । ଘରୋଇ ଶିଳ୍ପରେ ମଧ୍ୟ ୮୧,୫୧୭ ଏବଂ ଅନ୍ୟ କର୍ମୀ ସଂଖ୍ୟାରେ ୧,୫୮୬, ୩୬୭ ବୃଦ୍ଧି ଘଟିଛି ।

୨୦୦୧–୨୦୧୧ ଦଶନ୍ଧିରେ କୃଷକମାନଙ୍କ ସଂଖ୍ୟାରେ ହ୍ରାସର କାରଣ ହେଉଛି ମହିଳା କୃଷକମାନଙ୍କ ସଂଖ୍ୟାରେ ହ୍ରାସ । ଜନଗଣନା ୨୦୧୧ରେ ମହିଳା କୃଷକମାନଙ୍କ ସଂଖ୍ୟା ୨୦୦୧ ଜନଗଣନା ତୁଳନାରେ ୮୯୯,୯୭୦ରୁ ୭୨୮,୬୩୯କୁ ହ୍ରାସ ପାଇଛି । ଅନ୍ୟପକ୍ଷରେ ପୁରୁଷ କୃଷକମାନଙ୍କ ମଧ୍ୟରେ ଏହି ସଂଖ୍ୟା ୨୦୦୧ରେ ୩,୩୪୭,୬୯୧ରୁ ବୃଦ୍ଧି ପାଇ ୨୦୧୧ ଜନଗଣନାରେ ୩,୩୭୫,୩୫୦ ହୋଇଛି ।

ଜିଲ୍ଲାମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ କୃଷକ (୨୮୮,୮୧୮) ଥିଲାବେଳେ ଗଞ୍ଜାମ ଜିଲ୍ଲାରେ ଅନ୍ୟ କର୍ମୀଙ୍କ ସଂଖ୍ୟା ସର୍ବାଧିକ (୫୯୫,୧୦୭) । ସେହିପରି ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ କୃଷି ଶ୍ରମିକ (୫୬୮,୭୫୫) ଏବଂ ଘରୋଇ ଶିଳ୍ପରେ ନିୟୋଜିତ କର୍ମୀ (୧୧୩,୮୦୮) ଥିବାର ରେକର୍ଡ କରାଯାଇଛି ।

ନିର୍ଦ୍ଦେଶକ, ଜନଗଣନା, ଓଡ଼ିଶା

# ବିଦ୍ୟୁତ୍ ସଂସ୍କାର ପଥେ ସେସୁର ଗ୍ରାହକ ସେବା

**ଗୋଲକ ବିହାରୀ ସାହୁ**

୧୯୬୧ ମସିହାରେ ଗଠିତ ହୋଇଥିବା ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ ଆଉ ନାହିଁ । ଓଡ଼ିଶାରେ ହେଉଥିବା ବିଦ୍ୟୁତ୍ ସଂସ୍କାର ଆଜି ଅଷ୍ଟାଦଶ ବର୍ଷରେ ପାଦ ଦେଇଛି । ଓଡ଼ିଶା ବିଦ୍ୟୁତ୍ ସଂସ୍କାର ଆଇନ ୧୯୯୫, ବିଦ୍ୟୁତ ଗ୍ରାହକମାନଙ୍କୁ ଉନ୍ନତ ମାନର ସେବା ଯୋଗାଇ ଦେବା ସହ ବିଦ୍ୟୁତ୍ ଉତ୍ପାଦନ ପରିବହନ ଓ ପରିବଣ୍ଟନ ସଂସ୍ଥାମାନର ଆର୍ଥିକ ଉନ୍ନତି ମଧ୍ୟ ହୋଇପାରିଛି । ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡର କିଛି ଅଂଶ ୧୯୯୭ ମସିହାର ସେସ୍କୋ ଏବଂ ପରବର୍ତ୍ତୀ ସମୟରେ 'ସେସୁ' ନାମରେ ନାମିତ ହୋଇ ଓଡ଼ିଶାର କେନ୍ଦ୍ରୀୟ ଭାଗରେ ଥିବା ୯ଟି ଜିଲ୍ଲା ଯଥା– କଟକ, ପୁରୀ, ଢେଙ୍କାନାଳ, ଜଗତସିଂହପୁର, କେନ୍ଦ୍ରାପଡା, ଅନୁଗୁଳ, ଖୋର୍ଦ୍ଧା, ନୟାଗଡ ଏବଂ ଯାଜପୁର ଅଂଶ ଇତ୍ୟାଦିର ସମୁଦାୟ ୨୯,୩୫୪ ବର୍ଗ କିଲୋମିଟର ଅଞ୍ଚଳରେ ପ୍ରାୟ ୧କୋଟି ୪୦ ଲକ୍ଷ ଲୋକ ସଂଖ୍ୟାକୁ ୧୬ ଲକ୍ଷରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ଗ୍ରାହକଙ୍କ ମଧ୍ୟରେ ବିଦ୍ୟୁତ୍ ସେବା ଯୋଗାଇ ଦେବାରେ ସକ୍ଷମ ହୋଇପାରିଛି । ବର୍ତ୍ତମାନ ଏମାନଙ୍କର ସଂଯୋଜିତ ଲୋଡ ପ୍ରାୟ ୩୩୨୦ ଏମ୍.ଭି.ଏ ଅଟେ । ସେସୁରେ ଉପଯୋଗ ହେଉଥିବା ବିଦ୍ୟୁତ୍ ଶକ୍ତିରୁ ୪୨% ଶିଳ୍ପ ପାଇଁ, ୧୭% ବ୍ୟବସାୟିକ ସଂସ୍ଥା ପାଇଁ, ୪୦% ଘରୋଇ ବ୍ୟବହାର ଏବଂ ୧% ଅନ୍ୟାନ୍ୟ ବ୍ୟବହାର ପାଇଁ ହୋଇଥାଏ । କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ସମସ୍ତେ ବିଦ୍ୟୁତ୍ କ୍ଷେତ୍ରରେ ଉନ୍ନତି ଆଣି ସମସ୍ତଙ୍କ ପାଇଁ ବିଦ୍ୟୁତ୍ ସେବା କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବାରେ ଚେଷ୍ଟିତ । ଏହାର ଫଳ ସ୍ୱରୁପ ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତକରଣ ଯୋଜନା, ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନା ଏବଂ ସହରାଞ୍ଚଳ ପାଇଁ ବିଜୁ ସହରାଞ୍ଚଳ ଜ୍ୟୋତି ଯୋଜନାମାନ କାର୍ଯ୍ୟକାରୀ କରାଯାଉଛି ଏବଂ ସମସ୍ତ ଗ୍ରାମ, ପଡା ଏବଂ ସହରାଞ୍ଚଳର ସମସ୍ତ ବସ୍ତିକୁ ମଧ୍ୟ ବିଦ୍ୟୁତ୍ ସଂଯୋଗ ଦିଆଯାଉଛି । ବିଦ୍ୟୁତ୍ ଆଇନ ୨୦୦୩କୁ ୨୦୦୭ ମସିହାରେ ସଂଶୋଧନ କରାଯାଇ ବିଦ୍ୟୁତ୍ ଚୋରି ଏବଂ ଅପଚୟକୁ ରୋକିବା ପାଇଁ କଠୋର ପଦକ୍ଷେପ ନିଆଯାଇ ଆଇନ ସମ୍ମତ ଦଣ୍ଡବିଧାନ ବ୍ୟବସ୍ଥାକୁ କଡାକଡି କରାଯାଇଛି । ବିଦ୍ୟୁତ୍ ଗ୍ରାହକ ସେବାରେ ଉନ୍ନତି ଆଣିବା ପାଇଁ କେନ୍ଦ୍ରୀୟ ବିଦ୍ୟୁତ୍ ଅଧିକାରୀ ଏବଂ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ବିଭିନ୍ନ ନୀତି ନିୟମମାନ ପ୍ରଣୀତ କରି ଏହାକୁ ଲାଗୁ କରାଇବାର ବ୍ୟବସ୍ଥା କରିଛନ୍ତି । ଅନ୍ୟ ବିଦ୍ୟୁତ୍ ବଣ୍ଟନ ସଂସ୍ଥା ପରି ସେସୁ ମଧ୍ୟ ସମସ୍ତ ନୀତି ନିୟମକୁ ପାଳନ କରି ବିଦ୍ୟୁତ୍ ସେବା କ୍ଷେତ୍ରରେ ଉନ୍ନତି ଆଣିପାରିଛି ।

### ବିଦ୍ୟୁତ୍ ଗ୍ରାହକ ସଂଖ୍ୟାରେ ବୃଦ୍ଧି

୧୯୯୯–୨୦୦୦ରେ ସେସୁର ସମୁଦାୟ ୬ଲକ୍ଷ ୨୭ ହଜାର ବିଦ୍ୟୁତ୍ ଗ୍ରାହକ ଥିବା ସମୟରେ ୩୧.୦୩.୨୦୧୩ ସୁଦ୍ଧା ତାହା ବଢି ୧୬,୭୧,୧୫୨ରେ ପହଞ୍ଚିଛି, ଯାହାକି ଅଢେଇ ଗୁଣାରୁ ଅଧିକ ହୋଇଛି । ୨୦୧୩ ଶେଷ ସୁଦ୍ଧା ଏହି ଗ୍ରାହକ ସଂଖ୍ୟା ଆଶାତୀତ ଭାବରେ ବଢି ପ୍ରାୟ ୨୦ ଲକ୍ଷରେ ପହଞ୍ଚିବାର ସମ୍ଭାବନା ଅଛି ।

### ବିଦ୍ୟୁତ୍ ଯନ୍ତ୍ରପାତି ସଂଖ୍ୟାରେ ବୃଦ୍ଧି

ବିଦ୍ୟୁତ୍ ଗ୍ରାହକମାନଙ୍କୁ ଉନ୍ନତ ସେବା ଯୋଗାଇ ଦେବା ପାଇଁ ନୂତନ ବିଦ୍ୟୁତ୍ ଲାଇନ୍, ବିଦ୍ୟୁତ୍ ସବ୍‌ଷ୍ଟେସନ୍, ଟ୍ରାନ୍ସଫରମର ଇତ୍ୟାଦି ସ୍ଥାପନ ହେବା ଯୋଗୁଁ ଗ୍ରାହକମାନଙ୍କର ଲୋ–ଭୋଲଟେଜ୍ ସମସ୍ୟାରେ ଅନେକ ସୁଧାର ହେବା ସହିତ ଟ୍ରାନ୍ସଫର୍ମର ପୋଡିବା ମଧ୍ୟ କମିଯାଇଛି । ୧୯୯୯–୨୦୦୦ରେ ଥିବା ୨୦୬୮ କିମି ୩୩ କେଭି ଏବଂ ୧୨,୪୭୬ କିମି ୧୧ କେଭି ବିଦ୍ୟୁତ୍ ଲାଇନ ବଢି ୨୦୧୩ ମାର୍ଚ୍ଚ ସୁଦ୍ଧା ଯଥାକ୍ରମେ ୨୯୦୧ କିମି ଏବଂ

୨୫୧୫୯ କିମିରେ ପହଞ୍ଚିପାରିଛି । ସେହିପରି ୧୭,୨୯୪ କିମି ଲୋ–ଟେନ୍‌ସନ ବିଦ୍ୟୁତ୍ ଲାଇନ୍ ବଢି ଆଜି ୩୯,୮୯୨ କିମିରେ ପହଞ୍ଚିପାରିଛି । ସେତେବେଳେ ଥିବା ମାତ୍ର ୨୫୫ଟି ଉଚ୍ଚ କ୍ଷମତା ବିଶିଷ୍ଟ ଟ୍ରାନ୍ସଫରମର ସଂଖ୍ୟା ଆଜି ବଢି ୪୪୫କୁ ଆସିଛି ଏବଂ ଏଗୁଡିକ ୧୯୧ଟି ପ୍ରାଇମେରି ସବ୍‌ଷ୍ଟେସନରେ ସଂସ୍ଥାପିତ ହୋଇଛି । ବିଦ୍ୟୁତ୍ ବଣ୍ଟନ ଟ୍ରାନ୍ସଫରମର ସଂଖ୍ୟା ୧୨,୩୮୪ରୁ ବଢି ୪୮,୧୮୪ରେ ପହଞ୍ଚିପାରିଛି । କ୍ୟାପେକ୍ସ ଯୋଜନା ମାଧ୍ୟମରେ ସେସୁ ଅଞ୍ଚଳରେ ୯୩୬ କୋଟି ଟଙ୍କା ଖର୍ଚ୍ଚ କରାଯାଇ ନୂତନ ପ୍ରାଇମେରି ସବ୍‌ଷ୍ଟେସନ, ଶକ୍ତିଭିତ୍ତିକ ଟ୍ରାନ୍ସଫରମର ନୂତନ ୩୩ କେଭି ଏବଂ ୧୧କେଭି ବିଦ୍ୟୁତ୍ ବଣ୍ଟନ ଟ୍ରାନ୍ସଫରମର, ୩୩ କେଭି ଏବଂ ୧୧ କେଭି ବିଦ୍ୟୁତ୍ ଲାଇନ ଇତ୍ୟାଦି ନିର୍ମାଣ କାର୍ଯ୍ୟ ଚାଲୁ ହୋଇଛି ।

## ବିଦ୍ୟୁତ୍ ବ୍ୟବସାୟିକ ସଫଳତା

୧୯୯୯–୨୦୦୦ରେ ଗ୍ରାହକମାନଙ୍କ ପାଇଁ ଗ୍ରୀଡ୍‌କୋଠାରୁ ୩୭୦୮.୧୦ ମିଲିୟନ ୟୁନିଟ୍ ବିଦ୍ୟୁତ୍ ଶକ୍ତି କିଣା ଯାଉଥିବା ସମୟରେ ୨୦୧୨–୧୩ରେ ଏହା ୭୪୦୧.୮୯ ମିଲିୟନ୍ ୟୁନିଟ୍‌କୁ ବୃଦ୍ଧି ପାଇଛି । ବିଦ୍ୟୁତ୍ ବିଲ୍ ଆଦାୟ କ୍ଷେତ୍ରରେ ୬୮%ରୁ ବଢି ଆଜି ପ୍ରାୟ ୯୨%ରେ ପହଞ୍ଚି ପାରିଛି । ୨୦୧୨–୧୩ରେ ବିଦ୍ୟୁତ୍ ଗ୍ରାହକମାନଙ୍କଠାରୁ ୨୨୦୧.୨୯ କୋଟି ଟଙ୍କାର ବିଦ୍ୟୁତ୍ ଦେୟ ଆଦାୟ କରାଯାଇଛି, ଯାହାଦ୍ୱାରା ବିଦ୍ୟୁତ୍ କ୍ଷେତ୍ରରେ ହେଉଥିବା ବ୍ୟବସାୟିକ ଏବଂ ପରିବଣ୍ଟନ କ୍ଷତିକୁ ୪୫%ରୁ ୩୭%କୁ ଏବଂ ସାମଗ୍ରୀକ ବୈଷୟିକ ଏବଂ ବ୍ୟବସାୟିକ କ୍ଷତିକୁ ୬୨%ରୁ ୪୨%କୁ କମାଇବାରେ ସଫଳତା ମିଳିପାରିଛି ।

ବିଦ୍ୟୁତ୍ ଗ୍ରାହକ ସେବା ପାଇଁ ଉନ୍ନତିମୂଳକ କାର୍ଯ୍ୟ

ବିଦ୍ୟୁତ୍ ଗ୍ରାହକ ସଂଖ୍ୟାରେ କ୍ରମ ବୃଦ୍ଧି ସହିତ ସେମାନଙ୍କୁ ନିରାପଦ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ସେସୁ ସର୍ବଦା ଚେଷ୍ଟିତ । ଗତ ୨୦୧୨–୧୩ ମସିହାରେ ସେସୁ ଅଞ୍ଚଳରେ ୨୯୫୬ଟି ଟ୍ରାନ୍ସଫରମର ଏବଂ ୨୧ଟି ଶକ୍ତିଭିତ୍ତିକ ଟ୍ରାନ୍ସଫରମର ପୋଡିଥିଲା, ଯାହାର ମୂଲ୍ୟ ପ୍ରାୟ ୭.୨୯କୋଟି ଟଙ୍କା ହେବ । ଏସବୁ ସତ୍ତ୍ୱେ ୨୦୦୭ରୁ ୨୦୧୩ ମାର୍ଚ୍ଚ ମାସ ଶେଷସୁଦ୍ଧା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ହୋଇଛି । ସମୁଦାୟ ୧୫୨ଟି ଶକ୍ତିଭିତ୍ତିକ ଏବଂ ୧୩୮୧ଟି ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫରମର କ୍ଷମତା ବୃଦ୍ଧି ହେବା ସହ ୨୮୨୬ଟି ନୂତନ ଟ୍ରାନ୍ସଫରମର ସ୍ଥାପନ କରାଯାଇଛି । ବୈଦ୍ୟୁତିକ ନିରାପତ୍ତା ପାଇଁ ୬୫୦ କି.ମି. ଏରିଅଲ୍ ବଞ୍ଚ କେବୁଲ ବ୍ୟବହାର କରାଯାଇଛି । ୧୪୬ଟି ୧୧କେଭି ଏବଂ ୯୮ଟି ୩୩ କେ.ଭି ବ୍ରେକର ଲଗାଯିବା ସହ ୬୧୭୬ଟି ଆର୍ଥିଙ୍ଗ୍ ଯାଞ୍ଚ କରାଯାଇଛି । ୪୨୦ଟି ସବ୍‌ଷ୍ଟେସନର ପାଚେରି ତିଆରି ସରିଛି ।

## ନୂତନ ପଦକ୍ଷେପ

କେନ୍ଦ୍ର ସରକାରଙ୍କ ଭାରତ ନିର୍ମାଣ ଯୋଜନା ଅନ୍ତର୍ଭୁକ୍ତ ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତ୍‌କରଣ ଯୋଜନା ମାଧ୍ୟମରେ ସେସୁର ସମସ୍ତ ଗ୍ରାମ ଏବଂ ପଡାକୁ ବିଦ୍ୟୁତ୍ ଯୋଗାଣ ସହ ସମସ୍ତ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରକୁ ମାଗଣାରେ ବିଦ୍ୟୁତ୍ ସଂଯୋଗ ଦେବା କାର୍ଯ୍ୟ ଆରମ୍ଭ ହୋଇଛି । ଏହାଦ୍ୱାରା ସେସୁ ଅଞ୍ଚଳରେ ବିଦ୍ୟୁତ୍ ଗ୍ରାହକ ସଂଖ୍ୟା ବଢି ଚାଲିଛି ।

ବିଦ୍ୟୁତ୍ ଗ୍ରାହକମାନଙ୍କୁ ଉପଯୁକ୍ତ ଉନ୍ନତମାନର ସେବା ଦେବା ଉଦ୍ଦେଶ୍ୟରେ ବିଭିନ୍ନ ଗ୍ରାମାଞ୍ଚଳର ବେସରକାରୀ ସଂସ୍ଥା, ମହିଳା ସଙ୍ଗଠନ, ଅବସରପ୍ରାପ୍ତ କର୍ମଚାରୀ ସଂଗଠନ ଇତ୍ୟାଦିର ସଭ୍ୟମାନଙ୍କୁ ବିଦ୍ୟୁତ୍ ବିତରଣ ପାଇଁ ଫ୍ରାଞ୍ଚାଇଜ୍ ଜରିଆରେ ଅନ୍ତର୍ଭୁକ୍ତ କରାଯାଇଛି । କେନ୍ଦ୍ର ସରକାରୀ ସଂସ୍ଥା ଆର.ଇ.ସି. ସହ ବନ୍ଧିତ ହୋଇ କାର୍ଯ୍ୟରତ ବିଦ୍ୟୁତ୍ କର୍ମଚାରୀ, ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ଇଚ୍ଛୁକ ବ୍ୟକ୍ତିମାନଙ୍କୁ ବିଦ୍ୟୁତ୍ ବିତରଣ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଉଛି । ଇତିମଧ୍ୟରେ ସେସୁରେ କାର୍ଯ୍ୟରତ ୨୨୦୦ରୁ ଊର୍ଦ୍ଧ୍ୱ କ୍ଷେତ୍ରୀୟ ବିଦ୍ୟୁତ୍ କର୍ମଚାରୀମାନଙ୍କୁ ଏ କ୍ଷେତ୍ରରେ ପ୍ରଶିକ୍ଷଣ ଦିଆଯାଇଛି । ସେସୁର ୨୦ଟି ବିଦ୍ୟୁତ୍ ଡିଭିଜନ ମଧ୍ୟରୁ ୧୫ଟି ବିଦ୍ୟୁତ୍ ଡିଭିଜନରେ ବର୍ତ୍ତମାନ ୪ଟି ଇନ୍‌ପୁଟଭିତ୍ତିକ କ୍ୟାପେକ୍ସ ମଡେଲ ଫ୍ରାଞ୍ଚାଇଜ ସଂସ୍ଥା ସେସୁ ଅଞ୍ଚଳରେ ବିଦ୍ୟୁତ୍ ସେବା କାର୍ଯ୍ୟରେ ନିୟୋଜିତ ରହି ପ୍ରାୟ ୧୩.୫୦ ଲକ୍ଷ ଗ୍ରାହକଙ୍କୁ ସେବା ଯୋଗାଉଛନ୍ତି । ଏହି ଫ୍ରାଞ୍ଚାଇଜ୍‌ମାନେ ସଫଳତାର ସହିତ ବିଦ୍ୟୁତ୍ ବ୍ୟବସାୟ କରି ଉନ୍ନତ ମାନର ଗ୍ରାହକ ସେବା ଦେବା ପାଇଁ ଚେଷ୍ଟା ଚଳାଇଛନ୍ତି । ଏସ୍‌ଏମ୍ ଏସ୍ ଏବଂ ଇ–ମେଲ ଦ୍ୱାରା ବିଲ୍ ସମ୍ବନ୍ଧୀୟ ସୂଚନା ଦିଆଯିବା ସହ ଇ.ସି.ଏସ୍. ସେବା ଦ୍ୱାରା ଘରେ ବସି ବିଦ୍ୟୁତ୍ ବିଲ୍ ପଇଠର ବ୍ୟବସ୍ଥା ହୋଇପାରିଛି । ଭୁବନେଶ୍ୱର ଅଞ୍ଚଳରେ ପାୱାର ହାଉସ୍ ଏବଂ ଖଣ୍ଡଗିରିଠାରେ ଦୁଇଟି ନୂଆ ବିଦ୍ୟୁତ୍ ସଂଯୋଗ ଆବେଦନ ପାଇଁ ସେସୁର ଗ୍ରାହକ ସେବା କେନ୍ଦ୍ର ଖୋଲାଯାଇଛି । ବିଦ୍ୟୁତ୍ ଚୋରି ଏବଂ ଅପ ବ୍ୟବହାରକୁ ରୋକିବା ପାଇଁ ପ୍ରତି ସବ୍‌ଡିଭିଜନ ସ୍ତରୀୟ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଛି । ବିଦ୍ୟୁତ୍ ଚୋରି ବିଷୟରେ ଖବର ଦେବା ପାଇଁ ୯୪୩୭୧୫୮୬୭୦ ଏବଂ powertheft@Gmail.comର ବ୍ୟବସ୍ଥା କରାଯାଇଛି ।

ଖବରଦାତାମାନଙ୍କ ପାଇଁ ପୁରସ୍କାର ବ୍ୟବସ୍ଥା ହୋଇଛି । ସେସୁ ଅଞ୍ଚଳରେ ୮ଟି ବିଦ୍ୟୁତ୍ ଥାନା କାର୍ଯ୍ୟ କରୁଛି । ପୂର୍ବର ପୁରୁଣା ଏବଂ ଖରାପ ମିଟରଗୁଡ଼ିକୁ ବଦଳାଯାଇ ଇଲେକଟ୍ରୋନିକ ମିଟର ବସାଯାଉଛି । ବିଦ୍ୟୁତ୍ ଗ୍ରାହକମାନଙ୍କ ବିଲ୍ ପଇଠ ସୁବିଧା ପାଇଁ 'ଜନ ସେବା କେନ୍ଦ୍ର'ରେ ବିଲ୍ ଗ୍ରହଣ କରାଯାଉଛି । ସମସ୍ତ ସରକାରୀ କାର୍ଯ୍ୟାଳୟରେ ପ୍ରିପେଡ୍ ମିଟର ବ୍ୟବସ୍ଥା କରାଯାଉଛି ।

## ଗ୍ରାମ୍ୟ ବିଦ୍ୟୁତିକରଣ

ସେସୁ ଅଞ୍ଚଳରେ ସମୁଦାୟ ୧୧୮୨୯ଟି ଗାଁ ଅଛି, ସେମାନଙ୍କ ମଧ୍ୟରୁ ୩୧.୧.୨୦୧୩ ସୁଦ୍ଧା ୮୩୦୯ଟି ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି । ଏହାଦ୍ୱାରା ୪,୦୪,୭୩୦ ଜଣ ବିପିଏଲ୍ ଶ୍ରେଣୀର ପରିବାର ସଂଯୋଗ ପାଇ ପାରିଛନ୍ତି । ବିଜୁ ଗ୍ରାମ୍ୟଜ୍ୟୋତି ଯୋଜନାରେ ୨୮.୦୨.୨୦୧୩ ସୁଦ୍ଧା ୩୭୨୩ଟି ଗ୍ରାମ ବିଦ୍ୟୁତ୍ ଶକ୍ତି ପାଇ ପାରିଛନ୍ତି ଏବଂ ୩୬,୧୯୪ ଜଣ ବିପିଏଲ୍ ପରିବାର ଉପକୃତ ହୋଇଛନ୍ତି ।

## ଗ୍ରାହକମାନଙ୍କ ଅଭିଯୋଗ ଶୁଣାଣି ବ୍ୟବସ୍ଥାରେ ଉନ୍ନତି

ବିଦ୍ୟୁତ୍ ଗ୍ରାହକମାନଙ୍କ ଦୈନନ୍ଦିନ ଅଭିଯୋଗ ଶୁଣାଣି ପାଇଁ ବିଭିନ୍ନ ବ୍ୟବସ୍ଥା ରହିଛି । ପ୍ରତି ମାସର ୭ ତାରିଖରେ ସମସ୍ତ ବିଦ୍ୟୁତ୍ ଡିଭିଜନର ନିର୍ବାହୀ ଯନ୍ତ୍ରୀ ନିଜେ ଉପସ୍ଥିତ ରହି ସେମାନଙ୍କ ଅଞ୍ଚଳର ବିଦ୍ୟୁତ୍ ଗ୍ରାହକମାନଙ୍କ ଅଭିଯୋଗ ଶୁଣାଣି କରି ସମସ୍ୟାର ସମାଧାନ କରନ୍ତି । ସମସ୍ତ ୫ଜଣ ବିଦ୍ୟୁତ୍ ମଣ୍ଡଳ ଅଧିକାରୀମାନେ ମାସରେ ଗୋଟିଏ ଦିନ ଅଭିଯୋଗ ଶୁଣାଣି ବ୍ୟବସ୍ଥା କରୁଛନ୍ତି । ସେସୁ ମୁଖ୍ୟ କାର୍ଯ୍ୟାଳୟର ଅଭିଯୋଗ ପ୍ରକୋଷ୍ଠ ଏବଂ ମୁଖ୍ୟ ନିର୍ବାହୀ ଅଧିକାରୀ ନିଜେ ଅଭିଯୋଗ ଗ୍ରହଣ କରି ସମାଧାନ କରିଥାନ୍ତି । ସେସୁ ତରଫରୁ ଖୋଲା ଯାଇଥିବା 'ଗ୍ରାହକ ସେବା କେନ୍ଦ୍ର' ୧୫୫୩୩୩ ଏବଂ ୦୬୭୪-୨୩୯୧୧୧୦ ଟେଲିଫୋନ୍ ଦ୍ୱାରା ସଂଯୁକ୍ତ । ସେସୁର ଗ୍ରାହକ ସେବା କେନ୍ଦ୍ରରେ ୨୦୧୨-୧୩ ବର୍ଷରେ ୧୫,୩୬୪ଟି ଫ୍ୟୁଜ୍ କଲ୍ ଗ୍ରହଣ କରାଯାଇ ୧୫,୨୮୮ଟିର ସମାଧାନ କରାଯାଇଛି । ସେହିପରି ୫୦୯୯ଟି ମିଟର ଏବଂ ବିଲ୍ ସମ୍ବନ୍ଧୀୟ ଅଭିଯୋଗ ଗ୍ରହଣ କରାଯାଇ ୫୦୨୮ଟିର ସମାଧାନ ହୋଇଛି । ୧୩୯୭୭ଟି ନୂତନ ବିଦ୍ୟୁତ୍ ସଂଯୋଗ ଆବେଦନ ପତ୍ର ଗ୍ରହଣ କରାଯାଇ ସଠିକ୍ କାଗଜ ପତ୍ର ଦେଇଥିବା ୮୭୮୩ଟି ସଂଯୋଗ ଦିଆଯାଇଛି ।

ବିଦ୍ୟୁତ୍ ଆଇନ ୨୦୦୩ ଏବଂ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗର ବିଦ୍ୟୁତ୍ ବଣ୍ଟନ କୋଡ୍ ୨୦୦୪ ଅନୁସାରେ, ସେସୁ ଅଞ୍ଚଳରେ ଭୁବନେଶ୍ୱର, ଖୋର୍ଦ୍ଧା, କଟକ, ଢେଙ୍କାନାଳ ଏବଂ ପାରାଦ୍ୱୀପଠାରେ ଅଭିଯୋଗ ପ୍ରତିବିଧାନ ବିଚାର କେନ୍ଦ୍ରମାନ ପ୍ରତିଷ୍ଠା ହୋଇ ବିଦ୍ୟୁତ୍ ଗ୍ରାହକମାନଙ୍କ ଅଭିଯୋଗ ଗ୍ରହଣ କରାଯାଇ ଶୀଘ୍ର ସମାଧାନ କରାଯାଇଛି । ଏହା ୨୦୦୪ ମସିହାରୁ ୨୦୧୩ ମସିହା ମାର୍ଚ୍ଚ ମାସ ସୁଦ୍ଧା ସମୁଦାୟ ୭୫୭୬ ମାମଲା ଗ୍ରହଣ କରି ୭୪୧୬ଟିର ସମାଧାନ ହୋଇଛି ।

ଆଜି ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ସବୁରି କ୍ଷେତ୍ରରେ ବଢ଼ିଯାଇଛି । ମାତ୍ର ବହୁ ସମୟରେ ଦେଖାଯାଉଛି ଯେ, ବିଦ୍ୟୁତ୍ ଗ୍ରାହକ ତଥା ଜନସାଧାରଣଙ୍କ ଦୃଢ ମାନସିକତାର ଅଭାବ ଯୋଗୁଁ ବିଦ୍ୟୁତ୍ ଶକ୍ତିର ଅପବ୍ୟବହାର, ଅପଚୟ ଏବଂ ଚୋରି କ୍ରମେ ବଢ଼ି ଚାଲିଛି । ଏହା ସାମାଜିକ ତଥା ଅର୍ଥନୈତିକ ଉନ୍ନତିରେ ବାଧା ସୃଷ୍ଟି କରୁଛି । ଗାଁ ଗଣ୍ଡା ଓ ସହର ବଜାର ସବୁରି ଅଞ୍ଚଳର ବିଦ୍ୟୁତ୍ ଗ୍ରାହକ ତଥା ଜନସାଧାରଣମାନଙ୍କୁ ଅନୁରୋଧ ସେମାନେ ସମସ୍ତେ ବିଦ୍ୟୁତ୍ ଶକ୍ତିର ଅପଚୟକୁ ରୋକିବା ସହ ବିଦ୍ୟୁତ୍ ସଞ୍ଚୟ ମନୋବୃତ୍ତି ଆଣି ପାରିଲେ ରାଜ୍ୟ ତଥା ଦେଶର ମଙ୍ଗଳ ହୋଇପାରିବ ।

ଜନସମ୍ପର୍କ ଅଧିକାରୀ, ସେସୁ

❖ ❖ ❖

# ଅତିବଡ଼ୀ ପୁରସ୍କାର ଓ ସମ୍ବର୍ଦ୍ଧନା ସମାରୋହ

**ମହେଶ୍ୱର ମହାନ୍ତି**

ବହୁ ଶାସ୍ତ୍ରଦର୍ଶୀ ସଂସ୍କାରବାଦୀ ପ୍ରାତଃ ସ୍ମରଣୀୟ ମହିମାବନ୍ତ ସାଧକ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପବିତ୍ର ସ୍ମୃତିକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ଓଡ଼ିଶାର ସର୍ବୋଚ୍ଚ ସାରସ୍ୱତ ଅନୁଷ୍ଠାନ ଓଡ଼ିଶା ସାହିତ୍ୟ ଏକାଡେମୀର ଶ୍ରେଷ୍ଠ ସମ୍ମାନ ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାରର ସୃଷ୍ଟି । ଅତିବଡ଼ୀ ଆଜକୁ ପ୍ରାୟ ୫୦୦ ବର୍ଷ ତଳେ ଷୋଡଶ ଶତାବ୍ଦୀରେ ସରଳ ସାବଲୀଳ ଭାଷାରେ ନବାକ୍ଷରୀ ଛନ୍ଦରେ ଓଡ଼ିଆ ଭାଗବତ ରଚନା କରି ଆମ ଜାତିର ଐତିହାସିକ ଆବଶ୍ୟକତାକୁ ପୂରଣ କରିଥିଲେ । ତାଙ୍କର ଏହି କାଳଜୟୀ ସୃଷ୍ଟି ନିମନ୍ତେ ଓଡ଼ିଆ ଜାତିର ଆଧ୍ୟାତ୍ମିକ ଚେତନାର ଉନ୍ମେଷ ଘଟିବା ସଙ୍ଗେ ସଙ୍ଗେ ସାଂସ୍କୃତିକ ଅଭିବୃଦ୍ଧି ଚରମ ସୀମା ସ୍ପର୍ଶ କରିଥିଲା । ସେହି ଯୁଗସ୍ରଷ୍ଟା ସିଦ୍ଧ ସାଧକ ମନ୍ତ୍ରକବି ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପାଦପଦ୍ମରେ ମୋର ଭକ୍ତିପୂତ ଅର୍ଘ୍ୟ ଅର୍ପଣ କରୁଅଛି । ଏକାଡେମୀ ପକ୍ଷରୁ ପ୍ରତ୍ୟେକ ବର୍ଷ ଓଡ଼ିଆ ଭାଷା ଓ ସାହିତ୍ୟର ଜଣେ ବରିଷ୍ଠ ସ୍ରଷ୍ଟାଙ୍କ ସାମଗ୍ରୀକ କୃତି ନିମନ୍ତେ ୧୯୯୩ ମସିହାଠାରୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇ ଆସୁଅଛି । ଏ ପର୍ଯ୍ୟନ୍ତ ଆମ ଭାଷାର ୧୭ଜଣ ବରପୁତ୍ର ଏହି ପୁରସ୍କାରରେ ସମ୍ମାନିତ ହୋଇ ସାରିଛନ୍ତି । ଆଜିର ଏହି ମନୋଜ୍ଞ ସାରସ୍ୱତ ଉତ୍ସବରେ ଏକାଡେମୀ ପକ୍ଷରୁ ୨୦୧୦, ୨୦୧୧ ଓ ୨୦୧୨ ମସିହା ପାଇଁ ତିନିଜଣ ବରିଷ୍ଠ ସାରସ୍ୱତ ସାଧକଙ୍କୁ ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାରରେ ସମ୍ମାନିତ କରାଯାଇଅଛି । ଇତ୍ୟବସରରେ ଆମ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିଥିବା ପ୍ରଥିତଯଶା ସାଧକଙ୍କୁ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି । ଓଡ଼ିଆ ସଂସ୍କୃତିର ମହାନ ପରମ୍ପରା ହେଉଛି ପୂଜ୍ୟପୂଜା । ଏହି ପୂଜ୍ୟପୂଜା ପରମ୍ପରାକୁ ଉଜ୍ଜୀବିତ କରି ରଖିବା କର୍ତ୍ତବ୍ୟ ହେଉଛି ଆମ ସମସ୍ତଙ୍କର । ଏକାଡେମୀ ପକ୍ଷରୁ ଏହି କ୍ରମରେ ଓଡ଼ିଆ ଭାଷା ଓ ସାହିତ୍ୟରେ ଲେଖନୀ ଚାଳନା କରି ଜୀବନବ୍ୟାପୀ ସାଧନା କରିଥିବା ୨୫ ଜଣ ବୟୋଜ୍ୟେଷ୍ଠ ସାରସ୍ୱତ ସାଧକଗଣଙ୍କୁ ସମ୍ବର୍ଦ୍ଧନା କରାଯାଉଅଛି । ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଏହି ସାରସ୍ୱତ ସ୍ରଷ୍ଟାଗଣଙ୍କୁ ମୋର ସମ୍ମାନ ଓ ଶୁଭେଚ୍ଛା । ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରତିଷ୍ଠା ଦିବସ ଉପଲକ୍ଷେ ସାରା ରାଜ୍ୟରେ ଆୟୋଜିତ ହୋଇଥିବା ପ୍ରବନ୍ଧ, ବକ୍ତୃତା ଓ କବିତା ଆବୃତ୍ତି ପ୍ରତିଯୋଗିତାରେ ଯେଉଁମାନେ କୃତିତ୍ୱ ଅର୍ଜନ କରି ଶ୍ରେଷ୍ଠ ବିବେଚିତ ହୋଇଛନ୍ତି, ସେମାନଙ୍କୁ ମୋର ଆଶୀର୍ବାଦ ତଥା ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ଅନେକ ଅନେକ ଶୁଭ କାମନା ଜଣାଉଅଛି ।

ଏବର୍ଷ ଶେଷ ସୁଦ୍ଧା ୨୦୧୩ ମସିହାର ଅତିବଡ଼ୀ ପୁରସ୍କାର ଘୋଷଣା କରି ଏହି ପୁରସ୍କାରକୁ ନିୟମିତ କରିବାରେ ଯତ୍ନଶୀଳ ଓଡ଼ିଶା ସାହିତ୍ୟ ଏକାଡେମୀ ହେବେ ବୋଲି ମୋର ଆଶା । ୨୦୧୧ ଓ ୨୦୧୨ ମସିହାର ଏକାଡେମୀ ପୁରସ୍କାର ମଧ୍ୟ ଯଥାଶୀଘ୍ର ଘୋଷଣା କରି ସମସ୍ତ ପୁରସ୍କାରକୁ ନିୟମିତ କରିବା ପାଇଁ ମୁଁ ଅନୁରୋଧ କରୁଅଛି । ସରକାରଙ୍କ ପକ୍ଷରୁ ଏକାଡେମୀଗୁଡ଼ିକ ପ୍ରତି ସମସ୍ତ ପ୍ରକାର ସହଯୋଗ ଜାରି ରହିବ ବୋଲି ମୁଁ ଭରଷା ଦେଉଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଉନ୍ନତି ଓ ବିକାଶ କକ୍ଷେ କାର୍ଯ୍ୟ କରିବାକୁ ସରକାର ଦୃଢ଼ ପରିକର । ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ଲାଗିବର୍ତ୍ତମାନର ସରକାର ଯେଉଁ ଉଦ୍ୟମ କରିଆସିଥିଲେ, ତାହା ଦୁଇଦିନ ତଳେ ସଫଳ ହୋଇଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଭାଷାବିଜ୍ଞାନୀଙ୍କୁ ନେଇ ଗଠିତ ବିଶେଷଜ୍ଞ କମିଟି ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ଲାଗି କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟକୁ ସୁପାରିଶ କରିଛନ୍ତି, ଯାହା ଆମ ପାଇଁ ଗର୍ବ ଓ ଗୌରବ ବିଷୟ । ଏହି ସୁପାରିଶକୁ କେନ୍ଦ୍ର କ୍ୟାବିନେଟ୍

ମଞ୍ଜୁର କରିବା ପାଇଁ ଆମ ସରକାର ଉଚିତ ପଦକ୍ଷେପ ଗ୍ରହଣ କରିବେ ଏବଂ ଆଉ ଅଳ୍ପଦିନ ପରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇବ ବୋଲି ମୁଁ ଆଶା କରୁଛି ।

ଆଜିକାଲିର ବ୍ୟସ୍ତ, କର୍ମବହୁଳ, ଅର୍ଥ ଚିନ୍ତାରେ ବିବ୍ରତ ସମାଜରେ ସାହିତ୍ୟ, କଳା, ସଂସ୍କୃତି ପ୍ରତି ସାଧାରଣରେ ରୁଚି କମିଯାଉଛି ବୋଲି ଅଭିଯୋଗ ହେଉଛି । ଓଡ଼ିଆ ଭାଷା କ୍ରମଶଃ ବିପନ୍ନ ହେଉଛି ବୋଲି ଆଶଂକା ମଧ୍ୟ ପ୍ରକାଶ ପାଉଛି । ଏଭଳି ସ୍ଥିତିରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ବଞ୍ଚେଇ ରଖିବା ପାଇଁ ଯେଉଁ ସାରସ୍ୱତ ସାଧକମାନେ ନିଷ୍ଠାର ସହିତ ଉଦ୍ୟମ କରିଛନ୍ତି ବା କରୁଛନ୍ତି, ସେଥିପାଇଁ ସେମାନେ ଚିରନମସ୍ୟ । ଆଜିକାଲି ପିଲା ଜନ୍ମ ହେବା ପରଠାରୁ ତାକୁ ଇଂରାଜୀ ଶିକ୍ଷା ଦେବା ପାଇଁ ଅଭିଭାବକମାନେ ଚେଷ୍ଟିତ ହେଉଛନ୍ତି । ଏହା ଯଦି ଆମର ପରମ୍ପରାରେ ପରିଣତ ହୁଏ, ତେବେ ଓଡ଼ିଆ ଭାଷା ଓ ସାହିତ୍ୟ ନିଶ୍ଚିତଭାବେ ବିପନ୍ନ ହେବ । ଏବେ ଆମେ ନିଷ୍ପତ୍ତି ନେଇଛୁ ସଂସ୍କୃତି ବିଭାଗରେ ପ୍ରତ୍ୟେକ ନଥିପତ୍ର ଓ ଚିଠି ଆଦି କାର୍ଯ୍ୟ ଓଡ଼ିଆ ଭାଷାରେ ସମ୍ପାଦନ କରିବା ପାଇଁ । ଏହାକୁ ଅନ୍ୟସବୁ ବିଭାଗରେ ମଧ୍ୟ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନିଆଯିବାକୁ ଚେଷ୍ଟା କରାଯିବ । ଏଥିପାଇଁ ସାର୍ବଜନୀନ ଓ ସାମୂହିକ ଉଦ୍ୟମ ଲୋଡ଼ା । ଯିଏ ଯେଉଁ ବୃତ୍ତି ବା କ୍ଷେତ୍ରରେ ଥାଆନ୍ତୁ ନା କାହିଁକି ନିଜ ଭାଷା ଓ ନିଜର ଅସ୍ମିତାକୁ ନେଇ ଆମ୍ଭ ସଚେତନ ନହେଲେ ଆମର ଅଗ୍ରଗତି ଅସମ୍ଭବ । ଓଡ଼ିଆ ଭାଷାରେ ପ୍ରକାଶିତ ଅଭିନବ ତଥା ଉଚ୍ଚକୋଟୀର ପୁସ୍ତକଗୁଡ଼ିକୁ ସମୀକ୍ଷା କରାଯାଇ ସେଗୁଡ଼ିକୁ ଅନ୍ୟ ଭାଷାରେ ଅନୁବାଦ କରାଯିବା ଦିଗରେ ଆମେ ଚେଷ୍ଟିତ ହେଲେ ଓଡ଼ିଆ ଭାଷା ଓ ସାହିତ୍ୟ ଅନ୍ୟାନ୍ୟ ପ୍ରଦେଶ ଓ ଦେଶରେ ଆଦୃତ ହୋଇପାରିବ ବୋଲି ମୋର ଆଶା ଓ ବିଶ୍ୱାସ । ଏ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ସମସ୍ତ ଚେଷ୍ଟା ଅବ୍ୟାହତ ରହିଛି ।

ପରିଶେଷରେ ଉତ୍ସବରେ ପରିସ୍ଥିତ ସୁଧୀମଣ୍ଡଳୀ, କବି, ଲେଖକ, ସାହିତ୍ୟିକ, ସାମ୍ବାଦିକ ଓ ସାହିତ୍ୟ ପ୍ରେମୀଙ୍କୁ ମୁଁ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରୁଅଛି । 'ବନ୍ଦେ ଉତ୍କଳ ଜନନୀ' ।

ଗତ ଜୁଲାଇ ୨୫, ୨୦୧୩ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ପ୍ରଦତ୍ତ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ପ୍ରଦାନ ତଥା ଏକାଡେମୀର ପ୍ରତିଷ୍ଠା ଦିବସ ସମାରୋହରେ ପ୍ରଦତ୍ତ ଭାଷଣ ।

ମାନ୍ୟବର ସଂସ୍କୃତି ମନ୍ତ୍ରୀ, ଓଡ଼ିଶା
ଭୁବନେଶ୍ୱର

❖ ❖ ❖

# ଚନ୍ଦକା ଅଞ୍ଚଳରେ ଇକୋ ଟୁରିଜିମ୍

ସଚିବାଳୟସ୍ଥ ପର୍ଯ୍ୟଟନ ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଚନ୍ଦକା ଅଞ୍ଚଳରେ ଇକୋ ଟୁରିଜିମ୍ ବ୍ୟବସ୍ଥା ପାଇଁ ଏକ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତି ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀଯୁକ୍ତ ବିଜୟଶ୍ରୀ ରାଉତରାୟ ପର୍ଯ୍ୟଟନ ବିଭାଗ ଏବଂ ଜଙ୍ଗଲ ବିଭାଗ ମିଳିତ ସହଯୋଗରେ ଚନ୍ଦକା ଅଞ୍ଚଳରେ ଇକୋ ଟୁରିଜିମ୍‌ର କିପରି ବିକାଶ ହୋଇପାରିବ, ସେ ସମ୍ପର୍କରେ ଆଲୋଚନା କରିଥିଲେ । ଅଗଷ୍ଟ ୧ ତାରିଖରେ ବିଭାଗୀୟ ସଚିବ, ଅଧିକାରୀମାନେ ମିଳିତ ଭାବେ କ୍ଷେତ୍ର ପରିଦର୍ଶନ କରି ବିହିତ ପଦକ୍ଷେପ ନେବେ । ବୈଠକରେ ବିଧାୟକ ଶ୍ରୀ ପ୍ରଭାତ ତ୍ରିପାଠୀ, ଜଙ୍ଗଲ ଓ ପରିବେଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଆର୍.କେ. ଶର୍ମା, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଶ୍ରୀ ମନୋରଞ୍ଜନ ପଟ୍ଟନାୟକ, ଜଙ୍ଗଲ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଶିକ୍ଷକ କୁଳ ତିଳକ, ଭାରତର ପୂର୍ବତନ ରାଷ୍ଟ୍ରପତି **ଭାରତରତ୍ନ ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ** ପବିତ୍ର ଜୟନ୍ତୀରେ ଉତ୍କଳ ପ୍ରସଙ୍ଗର ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି । ଗୁରୁଦିବସ ଅବସରରେ ଏ ଦେଶ ଓ ଜାତିର ନିର୍ମାତା ସମ୍ମାନନୀୟ ଗୁରୁମାନଙ୍କୁ ଆମର ପ୍ରଣାମ ।



ଆବିର୍ଭାବ – ୫ ସେପ୍ଟେମ୍ବର ୧୮୮୮

ତିରୋଧାନ – ୧୭ ଏପ୍ରିଲ ୧୯୭୫

# ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଲାଭ: ଏକ ଐତିହାସିକ ଉପଲବ୍ଧି

ଡକ୍ଟର ହୁସେନ ରବିଗାନ୍ଧୀ

ଓଡ଼ିଆ ଜାତି ତାର ଜୀବନ କାଳ ମଧ୍ୟରେ ବେଶ୍ କେତୋଟି ଐତିହାସିକ ସଂଗ୍ରାମରେ ବିଜୟୀ ହୋଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ନିଜର ସ୍ୱାଭିମାନର ବିଜୟ ବୈଜୟନ୍ତୀଙ୍କୁ ବିଶ୍ୱ ଦରବାରରେ ସଗୌରବେ ଉଡାଇ ଅଗ୍ରଗତିର ରାଜପଥରେ ବେଶ୍ ଦୃଢତାର ସହ ଆଗେଇ ଚାଲିଛି, ପଛକୁ ନଚାହିଁ ।

ଏକଦା ସମ୍ରାଟ୍ ଖାରବେଳଙ୍କ ନେତୃତ୍ୱରେ ଏ ଦେଶର ପ୍ରବଳ ପରାକ୍ରମୀ ସେନାନୀ ସମଗ୍ର ଜମ୍ବୁଦ୍ୱୀପ ଜୟ କରି ପ୍ରାଚୀନ ଭାରତରେ କଳିଙ୍ଗର ଗୌରବମୟ ଇତିହାସ ରଚନା କରିଥିଲେ, ଯାହାର ମୂକସାକ୍ଷୀ ଖଣ୍ଡଗିରିର ହାତୀଗୁମ୍ଫାରେ ଖୋଦିତ ଶିଳାଲିପି ଏବଂ ସଗୌରବେ ସେହି ଶିଳାଲିପି ଓଡ଼ିଆଙ୍କ ବୀରତ୍ୱର ଗାଥା ଆଜି ବି ବିଶ୍ୱରେ ଘୋଷଣା କରୁଛି ।

ତାହାର ପ୍ରାୟ ଏକ ସହସ୍ରାବ୍ଦ ପରେ ଗଙ୍ଗନରପତିମାନଙ୍କ ନେତୃତ୍ୱରେ ଏଜାତି ପୁନରାୟ କେବଳ ଆଗଙ୍ଗା–ଗୋଦାବରୀ ବିସ୍ତୃତ ଏକ ଓଡ଼ିଆ ସାମ୍ରାଜ୍ୟ ଗଠନ କରି ନଥିଲେ, ତା' ସହିତ ଶିଳ୍ପ, ବାଣିଜ୍ୟ, ସ୍ଥାପତ୍ୟ ଏବଂ ଏକ ବିଶ୍ୱ ଭ୍ରାତୃତ୍ୱର ମୂଳଦୁଆ ପକାଇ ଶ୍ରୀଶ୍ରୀ ଜଗନ୍ନାଥଙ୍କୁ ପ୍ରତୀକ କରି ଓଡ଼ିଆ ଜାତି ଓ ଭାଷାର ସମୃଦ୍ଧି ସାଧନ କରିଥିଲେ । ତା ପୂର୍ବରୁ ଭୌମକର ନରପତିମାନଙ୍କ ଶାସନ ଅଧୀନରେ ବିଶାଳ ଓଡ଼ିଆ ସାମ୍ରାଜ୍ୟର ଭିତ୍ତି ପକାଯାଇଥିଲା । ଭୌମକରମାନଙ୍କ ପରେ ସୋମବଂଶୀ (କେଶରୀ) ନରପତିମାନେ ଖଣ୍ଡବିଖଣ୍ଡିତ ସାଂସ୍କୃତିକ ଓଡ଼ିଶାକୁ ଏକତ୍ରିତ କରି ବିଶାଳ ତ୍ରିକଳିଙ୍ଗ (ଉତ୍କଳ–କଳିଙ୍ଗ–କୋଶଳ) ସାମ୍ରାଜ୍ୟ ଗଠନ କରିଥିଲେ । ସତ କହିବାକୁ ଗଲେ, କେଶରୀ (ସୋମବଂଶୀ) ନରପତି ମହାଶିବଗୁଣ୍ଡ ଚଣ୍ଡୀହର ଯଯାତି ୨ୟ ହିଁ ଆଧୁନିକ ଓଡ଼ିଶା (ଓଡ଼ିଆ ଭାଷାଭାଷୀ ଅଞ୍ଚଳ)ର ପ୍ରାଣ ପ୍ରତିଷ୍ଠାତା, ଯାହା ପୁଣି ଇତିହାସର କ୍ରୁର ଘଟଣାଚକ୍ରରେ ଖଣ୍ଡଖଣ୍ଡ ହୋଇ ବିଭିନ୍ନ ପଡୋଶୀ ପ୍ରଦେଶମାନଙ୍କର ଅଙ୍ଗ ହୋଇଯାଇଥିଲା ଏବଂ ଯାହାକୁ ବିଂଶ ଶତାବ୍ଦୀର ତୃତୀୟ ଦଶକ (୧୯୩୬)ରେ ଦେଶ ଗୌରବ ମଧୁବାବୁ ଓ ବହୁ ମନିଷୀଙ୍କ ନିଷ୍ପାପର ତ୍ୟାଗ ତପସ୍ୟା ବଳରେ ପୁଣି ଏକତ୍ରିତ କରାଯାଇଥିଲା । ଅବଶ୍ୟ ଯେଉଁ ଆଧୁନିକ ଓଡ଼ିଶାକୁ ଆମେ ପାଇଅଛୁଁ, ତାହା ଗଙ୍ଗ ଓ ସୂର୍ଯ୍ୟବଂଶୀ ଗଜପତିମାନଙ୍କ ସମୟର ଓଡ଼ିଶାର ଏକ ତୃତୀୟାଂଶ ଅଞ୍ଚଳ ମାତ୍ର ।

ଓଡ଼ିଶାର ଗୌରବମୟ ଇତିହାସର ଗାରିମାମୟ ଅଧ୍ୟାୟର ନାୟକ ସମ୍ରାଟ ଖାରବେଳଙ୍କ ପରେ ସମ୍ରାଟ କପିଳେନ୍ଦ୍ର ଦେବ, ଓଡ଼ିଶାର ଦ୍ୱିତୀୟ ସର୍ବଶ୍ରେଷ୍ଠ ସଫଳ ଦିଗ୍‌ବିଜୟୀ ସମ୍ରାଟ୍ । ସୂର୍ଯ୍ୟ ବଂଶର ଏହି ମହାନ୍ ପରାକ୍ରମୀ ସମ୍ରାଟ୍ ଗୋଦାବରୀର ଆହୁରି ଦକ୍ଷିଣକୁ ଦ୍ରାବିଡ ସଂସ୍କୃତିର କେନ୍ଦ୍ରାଞ୍ଚଳ ଅର୍ଥାତ୍ ତାମିଲ ଅଞ୍ଚଳ ଓ କନ୍ନଡ ଅଞ୍ଚଳ (ଯଥା: କୁଳବର୍ଗ ବା ଗୁଲବର୍ଗା) ଯାଏଁ ନିଜ ସାମ୍ରାଜ୍ୟକୁ ସଂପ୍ରସାରିତ କରିଥିଲେ ।

ହେଲେ ଏହାସବୁ ଅତୀତର ଇତିହାସ । ୧୮୦୩ରେ ଇଂରେଜମାନେ ଓଡ଼ିଶାକୁ ବିଭିନ୍ନ ସମୟରେ ଖଣ୍ଡିଏ ଖଣ୍ଡିଏ କରି ଅଧିକାର କରିଥିଲେ । ଫଳରେ ଓଡ଼ିଶାକୁ ସେମାନେ ବିଭିନ୍ନ ପଡୋଶୀ ପ୍ରଦେଶମାନଙ୍କର ଅଙ୍ଗ କରି ଓଡ଼ିଆ ଜାତି, ଭାଷା ଓ ସଂସ୍କୃତିକୁ ଚରମ ଦୁର୍ଗତି ଭିତରକୁ ନେଇ ଯାଇଥିଲେ । ତେଣୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ତୀବ୍ରତର ଦାବି ଓ ସଂଗ୍ରାମ ହୋଇଥିଲା, ଯାହାକି ୧୯୩୬ ଏପ୍ରିଲ୍‌ରେ ସାକାର ହୋଇଥିଲା ।

ରାଜନୈତିକ ଓଡ଼ିଶାର ଗଠନ ହୋଇଥିଲେ ସୁଦ୍ଧା ଏହାର ଭାଷା ଅର୍ଥାତ୍ ଓଡ଼ିଆ ଭାଷା ସର୍ବଭାରତୀୟ ସ୍ତରରେ ନିଜର ଯଥାଯଥ ସ୍ଥାନ ପାଇବାରୁ ବଞ୍ଚିତ ଥିଲା । ଭାରତର ସମ୍ବିଧାନ ଅବଶ୍ୟ ଓଡ଼ିଆ ଭାଷାକୁ ସ୍ୱୀକୃତି ଦେଇଥିଲା, ମାତ୍ର ହିନ୍ଦୀ, ତାମିଲ, ବଙ୍ଗଳା ବା ମରାଠି ଇତ୍ୟାଦି ଭାଷାର ସମତୁଲ୍ୟ ହେବାକୁ ଏହି ଭାଷା ପାଇଁ କଷ୍ଟକର ବ୍ୟାପାର ହୋଇପଡିଲା । ତେଣୁ ଓଡ଼ିଆ

ଭାଷାଭାଷୀମାନେ ଅନେକ ସମୟରେ ଅନ୍ୟାନ୍ୟ ଭାଷାଭାଷୀମାନଙ୍କ ତୁଳନାରେ ନିଜକୁ ନ୍ୟୂନ ବିଚାର କରୁଥିଲେ । ଏହି ହୀନମନ୍ୟତା ବିରୁଦ୍ଧରେ ପ୍ରଥମେ ନୃତ୍ୟ ଓ ସଂଗୀତ କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ଓଡ଼ିଶୀ ନୃତ୍ୟକୁ ସର୍ବଭାରତୀୟ ସ୍ତରରେ ଏକ ଶାସ୍ତ୍ରୀୟ ନୃତ୍ୟର ମର୍ଯ୍ୟାଦା ପ୍ରାପ୍ତ ହୋଇଥିଲା । ଏଥିପାଇଁ ଅନେକ ନୃତ୍ୟ-ସଂଗୀତ ବିଶାରଦ ପଣ୍ଡିତମାନଙ୍କର ବହୁ ଅବଦାନ ରହିଛି । ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ନୃତ୍ୟର ମାନ୍ୟତା ଦେବା ପାଇଁ ସବୁଠାରୁ ଅଧିକ ଅବଦାନ ରହିଛି ପ୍ରାତଃ ସ୍ମରଣୀୟ ନାଟ୍ୟକାର ତଥା ନୃତ୍ୟ-ସଂଗୀତ ବିଶାରଦ ସ୍ୱର୍ଗତ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କର । ଦୁଃଖର କଥା ଓଡ଼ିଶୀ ସଂଗୀତ ଅଦ୍ୟାବଧି ଶାସ୍ତ୍ରୀୟ ସଂଗୀତର ମର୍ଯ୍ୟାଦା ପ୍ରାପ୍ତ ହୋଇପାରିନାହିଁ । ତେବେ ଆଶ୍ୱାସନାର କଥା ଏହିକି ଯେ, ଏଥିପାଇଁ ସଙ୍ଗୀତ-ଶାସ୍ତ୍ରୀମାନେ ନିଜର ଉଦ୍ୟମ ଅବ୍ୟାହତ ରଖିଛନ୍ତି । ଆଶା କରାଯାଏ, ଓଡ଼ିଶୀ ସଂଗୀତ ମଧ୍ୟ ଅତିଶୀଘ୍ର ଶାସ୍ତ୍ରୀୟ ସଂଗୀତର ମର୍ଯ୍ୟାଦା ଲାଭ କରିପାରିବ । ସେଥିପାଇଁ ଆହୁରି ତୀବ୍ର ଓ ଶାଣିତ ସଂଗ୍ରାମର ଆବଶ୍ୟକତା ରହିଅଛି ।

ଏହାପରେ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମର୍ଯ୍ୟାଦା ପ୍ରାପ୍ତି ପାଇଁ ପ୍ରୟାସ ଆରମ୍ଭ ହୋଇଥିଲା । କିନ୍ତୁ ଏହି ପ୍ରୟାସ ସୁସଂଗଠିତ ଓ ଶାଣିତ ନଥିଲା । ହେଲେ ନିକଟରେ ତାମିଲ ଭାଷା, ତା'ପରେ ପରେ ତେଲୁଗୁ ଭାଷା ଏବଂ କନ୍ନଡ ଭାଷା କେନ୍ଦ୍ର ସରକାରଙ୍କ ଦ୍ୱାରା ଶାସ୍ତ୍ରୀୟ ମର୍ଯ୍ୟାଦା ଲାଭ କରିବା ପାଇଁ ଉଦ୍ୟମ କରି ସଫଳ ହେଲେ । ତତ୍‌ପରେ ମାଲାୟଲମ୍ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ ପାଇଁ କେରଳର ସରକାରୀ ଓ ବେସରକାରୀ ସ୍ତରରେ ସଂଗ୍ରାମ ଆରମ୍ଭ ହୋଇଗଲା । କେନ୍ଦ୍ର ସରକାରଙ୍କ ନିକଟରେ ନିଜର ପ୍ରାଚୀନତା ପ୍ରମାଣିତ କରି ମାଲାୟଲମ୍ ଭାଷା ମଧ୍ୟ ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିବାରେ ସଫଳ ହୋଇପାରିଲା ।

ଓଡ଼ିଆ ଭାଷାର ପ୍ରାଚୀନତା ଉପରେ ପ୍ରଥମେ ବେସରକାରୀ ଭାବେ ଉଦ୍ୟମ କିଛି ବର୍ଷ ତଳୁ ଆରମ୍ଭ ହୋଇଥିଲା ଏବଂ କିଛି ଭାଷାତତ୍ତ୍ୱବିଦ୍ ଏଥିପାଇଁ ଗବେଷଣାରତ ଥିଲେ । ମାତ୍ର ଓଡ଼ିଶା ସରକାର 'ଓଡ଼ିଆ ଭାଷା ପ୍ରତିଷ୍ଠାନ' ଗଠନ କରି ଏ କାର୍ଯ୍ୟପ୍ରତି ସରକାରୀ ପ୍ରୋତ୍ସାହନ ଯୋଗାଇ ଦେଲେ । 'ଓଡ଼ିଆ ଭାଷା ପ୍ରତିଷ୍ଠାନ'ର କାର୍ଯ୍ୟକୁ ଅଧିକ ସୁଗମ ଓ ସରଳ କରିବା ପାଇଁ ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ଏକ ବିଶେଷଜ୍ଞ ମଣ୍ଡଳୀ ଗଠନ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଓ ମାନ୍ୟବର ସଂସ୍କୃତିମନ୍ତ୍ରୀ ଶ୍ରୀ ମହେଶ୍ୱର ମହାନ୍ତି ଯେଉଁ ୧୬ ଜଣିଆ ଭାଷା ବିଶେଷଜ୍ଞ କମିଟି ଗଠନ କରି ଓଡ଼ିଆ ଭାଷାର ପ୍ରାଚୀନତାକୁ ପ୍ରମାଣିତ କରିବାକୁ ପଦକ୍ଷେପ ନେଲେ, ତାର ଫଳଶ୍ରୁତି ସ୍ୱରୂପ ଏବେଏବେ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ କେନ୍ଦ୍ର ସରକାରଙ୍କୁ ୨୩ ଜୁଲାଇ ୨୦୧୩ ତାରିଖରେ ସୁପାରିଶ କରିଛନ୍ତି ।

ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ଗଠିତ ୧୬ ଜଣିଆ କମିଟି ଓଡ଼ିଆ ଭାଷାର ପ୍ରାଚୀନତା ପ୍ରାୟ ଦୁଇହଜାର ବର୍ଷର ବୋଲି ଯୁକ୍ତି ତଥା ପ୍ରମାଣ ସହ କେନ୍ଦ୍ର ସାହିତ୍ୟ ଏକାଡେମୀ ନିକଟରେ ସମସ୍ତ ଦଲିଲ ଓ କାଗଜପତ୍ର ଉପସ୍ଥାପିତ କରିଥିଲେ । ସେହି ଦଲିଲ୍ ଓ କାଗଜପତ୍ରକୁ ଅନୁଧ୍ୟାନ, ଅନୁଶୀଳନ ଓ ପୁଙ୍ଖାନୁପୁଙ୍ଖ ଭାବେ ପରୀକ୍ଷା କରି କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଭାଷା ଯେ ପ୍ରାୟ ୨ହଜାର ବର୍ଷ ପ୍ରାଚୀନ, ତାହା ସ୍ୱୀକାର କରି ଏହି ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରିବାକୁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଛନ୍ତି, ଯେହେତୁ କେନ୍ଦ୍ର ସାହିତ୍ୟ ଏକାଡେମୀ ହିଁ ହେଉଛି ଏ କ୍ଷେତ୍ରର ବିଶେଷଜ୍ଞ କମିଟି । ତେଣୁ ଆଶା କରାଯାଏ, କେନ୍ଦ୍ରୀୟ କ୍ୟାବିନେଟ୍ ଅତିଶୀଘ୍ର ଏହି ସୁପାରିଶକୁ ଗ୍ରହଣ କରି ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତାକୁ ମୋହର ଦେବେ ।

ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତି ପାଇଁ ଯେଉଁ ଭାଷାତତ୍ତ୍ୱବିଦ୍‌ମାନେ ଓଡ଼ିଶା ସରକାରଙ୍କୁ ନିଜର ଅକ୍ଳାନ୍ତ ପରିଶ୍ରମ ଦ୍ୱାରା ଗବେଷଣା କରି ସେଥିରୁ ଲାଭ କରିଥିବା ଜ୍ଞାନ ଦ୍ୱାରା ସହାୟତା କରିଛନ୍ତି, ସେମାନେ ଧନ୍ୟବାଦାର୍ହ । ଏଥିପାଇଁ ଆନ୍ତର୍ଜାତିକ ସ୍ତରରେ ସୁଖ୍ୟାତି ଅର୍ଜନ କରିଥିବା ବିଶିଷ୍ଟ ଭାଷାତତ୍ତ୍ୱବିଦ୍ ପଦ୍ମଶ୍ରୀ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ ସର୍ବାଗ୍ରେ ସ୍ମରଣୀୟ ଓ ବଧେଇର ପାତ୍ର । ପ୍ରଫେସର ରାଜକିଶୋର ମିଶ୍ର ଓ ପ୍ରଫେସର ଯତୀନ ନାୟକ ତଥା ତରୁଣ ଗବେଷକ ବସନ୍ତ ପଣ୍ଡା ଏବଂ ସୁବ୍ରତ ପୃଷ୍ଟି ପ୍ରମୁଖଙ୍କର ଉଦ୍ୟମ ଏ କ୍ଷେତ୍ରରେ ମଧ୍ୟ ଅନବଦ୍ୟ ଓ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଲାଭ ପାଇଁ ଏହା ପଥ ସୁଗମ କରିପାରିଛି ।

ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଏ ଭାଷାକୁ ଲୋପ କରିବା ପାଇଁ ଆମର କିଛି ପଡୋଶୀ ଯେଉଁ ହୀନ ଉଦ୍ୟମ କରିଥିଲେ, ତାକୁ ମୁକାବିଲା କରିବା ପାଇଁ ଏ ଜାତିର ଭାଷା ଆନ୍ଦୋଳନର ସର୍ବଶ୍ରେଷ୍ଠ ସେନାପତି ଫକୀରମୋହନ, କର୍ମବୀର ଗୌରୀଶଙ୍କର, ଭକ୍ତକବି ମଧୁସୂଦନ ରାଓ, କବିବର ରାଧାନାଥ ରାୟ, ଆଚାର୍ଯ୍ୟ ପ୍ୟାରୀ ମୋହନ ଇତ୍ୟାଦି ସାରସ୍ୱତ ସ୍ରଷ୍ଟାମାନେ ଯେଉଁ ସଂଗ୍ରାମ ତତ୍କାଳୀନ ଇଂରେଜ ସରକାରଙ୍କ ସହିତ କରିଥିଲେ, ତାହା ଥିଲା ଆମ ଭାଷାର ଅସ୍ତିତ୍ୱ ରକ୍ଷା କରିବାର ପ୍ରଥମ ସଂଗ୍ରାମ ।

ଏବର ଶାସ୍ତ୍ରୀୟ ମର୍ଯ୍ୟାଦା ଲାଭର ସଂଗ୍ରାମ ହେଉଛି ଆମ ଅସ୍ମିତା ଓ ଆତ୍ମଗୌରବ ରକ୍ଷାର ସଂଗ୍ରାମ । ସେତେବେଳେ ଜନ୍‌ବୀମ୍ସଙ୍କ ପରି ଜଣେ ବିଦେଶୀ ଆମ ଭାଷା ପାଇଁ ନିଜ ସରକାର ସହିତ ତର୍କ କରିଥିଲେ । ଆଜି ଏ ମାଟିର ଭୂମିପୁତ୍ର ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁବାବୁଙ୍କ ସୁପୁତ୍ର ଶ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କର ସଂସ୍କୃତି ମନ୍ତ୍ରୀ ଶ୍ରୀମହେଶ୍ୱର ମହାନ୍ତିଙ୍କର କେନ୍ଦ୍ର ସରକାରଙ୍କ ନିକଟରେ ସମପରିମାଣର ତର୍କ ଓ ଚାପ ସେହିପରି ଏକ ଐତିହାସିକ ଘଟଣା । ଅନେକ ରାଜନେତା ମଧ୍ୟ ଏଥିରେ ସହଯୋଗ ଦେଇଛନ୍ତି । ସଂସଦ ଭବନ ଭିତରେ ଓ ବାହାରେ ସାଂସଦ ଶ୍ରୀ ଶଶୀଭୂଷଣ ବେହେରା ଓଡ଼ିଆ ଭାଷାର ପ୍ରାଚୀନତା ତଥା ଶାସ୍ତ୍ରୀୟତା ପାଇଁ ଯେଉଁ ଉଦ୍ୟମ କରିଛନ୍ତି, ତାହା ଖୁବ୍ ପ୍ରଶଂସନୀୟ । ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ଓ ଦିଲ୍ଲୀସ୍ଥିତ ପ୍ରବାସୀ ଓଡ଼ିଆ ସାମ୍ବାଦିକ ଶ୍ରୀରାମଚନ୍ଦ୍ର ନାଥଙ୍କର ଉଦ୍ୟମ ଯଥେଷ୍ଟ ପ୍ରଶଂସନୀୟ । 'ଓଡ଼ିଆ ଭାଷା ପ୍ରତିଷ୍ଠାନ'ର ନିର୍ଦ୍ଦେଶକ ଡକ୍ଟର ପ୍ରସନ୍ନ ମହାନ୍ତି ତଥା ପୂର୍ବତନ ନିର୍ଦ୍ଦେଶକ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତ ରାୟଙ୍କ ଉଦ୍ୟମ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଲାଭ ପାଇଁ ମଧ୍ୟ ଉଲ୍ଲେଖନୀୟ । ସବୁ ଶ୍ରେୟ ସେମାନେ ନେବା ପାଇଁ କିଛି ରାଜନୈତିକ ବ୍ୟକ୍ତି ଯେପରି ଗଳାଫଟାଇ ଚିତ୍କାର କରୁଛନ୍ତି, ତାହା ଠିକ୍ ନୁହେଁ । ଏହା ଓଡ଼ିଆଙ୍କର ଚିରାଚରିତ କଙ୍କଡା ପ୍ରକୃତିକୁ ପ୍ରମାଣିତ କରିବା ବ୍ୟତୀତ ଓଡ଼ିଆ ଜାତିର ଅନ୍ୟ କିଛି ଉପକାର କରିପାରିବ ନାହିଁ । ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଲାଭ ପାଇଁ ଉଦ୍ୟମ କରିବାକୁ ସର୍ବପ୍ରଥମେ 'ଓଡ଼ିଆ ଭାଷା ପ୍ରତିଷ୍ଠାନ'ର ଉଦ୍‌ଘାଟନ ଉତ୍ସବରେ (୧ ଏପ୍ରିଲ୍ ୨୦୦୯ରେ ଅନୁଷ୍ଠିତ) ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମତ ପ୍ରକାଶ କରି ଏ ଦିଗରେ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ଏହି ନବଜାତ ଅନୁଷ୍ଠାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ଓଡ଼ିଆ ଭାଷାର (ସାହିତ୍ୟ ସମେତ) ପ୍ରାମାଣିକ ଇତିହାସ ରଚନା କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ସେହି ସଭାରେ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ତାଙ୍କର ଏହି ନିର୍ଦ୍ଦେଶ ଆନୁଷ୍ଠାନିକଭାବେ ପ୍ରାପ୍ତ ହୋଇ ସଂସ୍କୃତି ବିଭାଗ ଓଡ଼ିଆ ଭାଷାର ଇତିହାସ ରଚନା କରିଅଛି, ଯାହାକି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଓଡ଼ିଆଭାଷା–ସାହିତ୍ୟ ପ୍ରତି ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି ।

ମୁଁ ସାହିତ୍ୟ ଏକାଡେମୀର ସଭାପତି ଥିବାବେଳେ ଓ ତା'ପରେ ମଧ୍ୟ ଓଡ଼ିଆ ଭାଷାର ପ୍ରାଚୀନତା ସମ୍ପର୍କରେ ବହୁ ସଭାସମିତିରେ ଯୁକ୍ତି ସହିତ ତର୍କ ଉପସ୍ଥାପିତ କରିଅଛି । ସାହିତ୍ୟ ଏକାଡେମୀର ଏକ ସମ୍ବର୍ଦ୍ଧନା ପ୍ରଦାନ ଉତ୍ସବରେ ମୋର ଏହି ବକ୍ତବ୍ୟ ଶୁଣି, ସଭାରେ ଉପସ୍ଥିତ ଥିବା ସମ୍ମାନନୀୟ କବି ପଦ୍ମଭୂଷଣ ରମାକାନ୍ତ ରଥ ମୋତେ ଫୋନ୍ କରି ସାଧୁବାଦ ଜଣାଇଥିଲେ ଓ ଏ ଦିଗରେ ସମ୍ମିଳିତ ଉଦ୍ୟମ କରିବାକୁ ମତ ଦେଇଥିଲେ ।

ସେ ଯା'ହେଉ, ଭାଷାକୁ ନେଇ ରାଜନୀତି ନକରି କେନ୍ଦ୍ର ସାହିତ୍ୟ ଏକାଡେମୀ କରିଥିବା ସୁପାରିଶକୁ କିପରି କେନ୍ଦ୍ର ସରକାର ଶ୍ରୀଘାତିଶୀଘ୍ର ଗ୍ରହଣ କରି ବିଜ୍ଞପ୍ତି ପ୍ରକାଶ କରିବେ, ସେଥିପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଦଳମତ ନିର୍ବିଶେଷରେ ସମସ୍ତେ ଏକଜୁଟ୍ ହୋଇପାରିଲେ, ପୁନରାୟ ଖାରବେଳ କପିଳେନ୍ଦ୍ରଙ୍କ ସମୟର ସାଂସ୍କୃତିକ, ଭାଷାଗତ ଓ ଅନ୍ୟାନ୍ୟ ଗୌରବମାନ ଓଡ଼ିଆଙ୍କ ପାଖକୁ ନିଶ୍ଚୟ ଫେରି ଆସିପାରିବ, ଏଥିରେ ଦ୍ୱିମତ ନାହିଁ । ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଲାଭ ସାମଗ୍ରିକ ଭାବେ ସମଗ୍ର ଓଡ଼ିଆ ଭାଷା–ଭାଷୀଙ୍କର ବିଜୟ, ଏହା ନିଃସନ୍ଦେହ । ହିନ୍ଦୀ, ବଙ୍ଗଳା, ମରାଠୀ ଇତ୍ୟାଦି ଭାଷା ପରି ଦୁର୍ଦ୍ଦଣ ପ୍ରଦେଶର ଅତି କ୍ଷମତାଶାଳୀ ବ୍ୟକ୍ତିମାନଙ୍କ ଉଦ୍ୟମ ଓଡ଼ିଆ ଭାଷାର ଦାବି ସାମ୍ନାରେ ନ୍ୟୂନ ହୋଇଯାଇଛି । ଏହାହିଁ ଓଡ଼ିଆ ଜାତିର ସଦ୍ୟତମ ଐତିହାସିକ ବିଜୟ । ସହସ୍ରାବ୍ଦର ଦୁଇଗୋଟି ଘଟଣା, ପ୍ରଥମଟି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ (୧୯୩୬) ଓ ଦ୍ୱିତୀୟଟି ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଲାଭ (୨୦୧୩) ଏହି ଗୌରବମୟ ଜାତିର ଶ୍ରେଷ୍ଠ ବିଜୟ । ଓଡ଼ିଆ ଜାତି, ଭାଷା, ସଂସ୍କୃତି ଓ ଏହାର ପରମ୍ପରାର ଚିର ବିଜୟ ଘଟୁ, ଏହାହିଁ ଏ ଶୁଭ ଅବସରରେ କାମନା । 'ବନ୍ଦେ ଉତ୍କଳ ଜନନୀ'

ସମ୍ପାଦକ
ଉତ୍କଳ ପ୍ରସଙ୍ଗ, ଓଡ଼ିଶା ସରକାର
ଲୋକ ସମ୍ପର୍କ ଭବନ, ଭୁବନେଶ୍ୱର–୧

❖ ❖ ❖

# ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ

**ଶିବରାମ ମହାପାତ୍ର**

ଶିକ୍ଷା ହେଉଛି ଏକ ଦିବ୍ୟାଲୋକ, ଯାହା ଅଜ୍ଞାନରୂପକ ଅନ୍ଧକାରକୁ ଦୂର କରେ । ଶିକ୍ଷା ହିଁ ହେଉଛି ସଭ୍ୟତାର ପରିମାପକ ଏବଂ ଏକ ସଂସ୍କୃତି, ଯାହାକି ପ୍ରତ୍ୟେକ ସଭ୍ୟତାର ଆଦର୍ଶ ଲକ୍ଷ୍ୟ ସାଧନକୁ ଆଖି ଆଗରେ ରଖି ପରବର୍ତ୍ତୀ ପିଢ଼ିକୁ ଏହା ପ୍ରଦାନ କରେ । ବ୍ୟକ୍ତିତ୍ୱ, ସାମାଜିକ, ଅର୍ଥନୈତିକ ତଥା ଜାତୀୟ ପ୍ରଗତିର ଭିତ୍ତିଭୂମି ଉପରେ ଏହା ପର୍ଯ୍ୟବସିତ । ସୁତରାଂ, ଏଜୁକେସନ୍ ଇଜ୍ ଦି ବ୍ୟାକ୍ ବୋନ୍ ଅଫ୍ ସୋସାଇଟି', ଅର୍ଥାତ୍ ଶିକ୍ଷା ହେଉଛି ସମାଜର ମେରୁଦଣ୍ଡ ସଦୃଶ । ଯଥାର୍ଥରେ କହିବାକୁ ଗଲେ ଏହା ହେଉଛି ସାମାଜିକ ପ୍ରଗତି ଉଦ୍ଦେଶ୍ୟରେ ଏକ ସ୍ଫୁର୍ତ୍ତିଶୀଳ, ଗତିଶୀଳ ଓ ଉଦାର ଏକନିଷ୍ଠ ଅଦମ୍ୟ ଅଧ୍ୟବସାୟର ପରିପ୍ରକାଶିତ ଉଜ୍ଜଳ ଆଭାସ । ମାତ୍ର ସେ କ୍ଷେତ୍ରରେ ଶିକ୍ଷା, ଶିକ୍ଷା ପଦବାଚ୍ୟ ନୁହେଁ ଯେଉଁ କ୍ଷେତ୍ରରେ କି ଶିକ୍ଷା ମନୁଷ୍ୟକୁ ପଶୁତ୍ୱରୁ ଦେବତ୍ୱ ଆଡକୁ ଅଗ୍ରସର ନକରାଏ । ତେଣୁ ଅନ୍ୟ ଅର୍ଥରେ କହିବାକୁ ଗଲେ 'ଏଜୁକେସନ୍ ଇଜ୍ ଦି ମୋଡିଫିକେସନ୍ ଅଫ୍ ବିହେବିହର', ଅର୍ଥାତ୍ ଚାରିତ୍ରିକ ପରିବର୍ତ୍ତନ ହେଉଛି ଶିକ୍ଷା ।

ଶିକ୍ଷା ଓ ଶିକ୍ଷକ ଏ ଦୁହେଁ ପରସ୍ପରର ପରିପୂରକ । ଶିକ୍ଷକଙ୍କ ବିନା ଶିକ୍ଷାର କଳ୍ପନା କରାଯାଇନପାରେ । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ମତରେ, 'ଶିକ୍ଷକଙ୍କର ଜୀବନ୍ତ ପ୍ରଭାବ ଫଳରେ ହିଁ ଶିକ୍ଷା ସମ୍ଭବପର ହୁଏ । ଏଣୁ ଶିକ୍ଷକଙ୍କର କାର୍ଯ୍ୟ ଓ ଚରିତ୍ର ଶିକ୍ଷାର୍ଥୀଙ୍କୁ ସମ୍ପୂର୍ଣ୍ଣ ରୂପେ ପ୍ରଭାବିତ କରେ । ଶିକ୍ଷାଦାନରେ ଶିକ୍ଷକଙ୍କର ଭୂମିକା ମାତୃତୁଲ୍ୟ । ମହାତ୍ମା ଗାନ୍ଧୀ 'ମାଇ ଭ୍ୟୁସ୍ ଅଫ୍ ଏଜୁକେସନ୍' ପୁସ୍ତକରେ କହିଛନ୍ତି, ଶିକ୍ଷକ ମାଆ ଭୂମିକା ଗ୍ରହଣ କରିବା ଦ୍ୱାରା ହିଁ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ସୁସମ୍ପର୍କ ସୃଷ୍ଟି ହୋଇପାରିବ । ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଶିକ୍ଷକ-ଛାତ୍ର ସମ୍ପର୍କରେ ଏକ ନୂତନ ସମ୍ବନ୍ଧର ଅବତାରଣା କରିବାକୁ ଯାଇ କହିଛନ୍ତି– ଶିକ୍ଷକ ନିଜର ଶିକ୍ଷାର୍ଥୀକୁ ବନ୍ଧୁଭାବେ ଗ୍ରହଣ କରିବା ଉଚିତ୍ । ଯେଉଁ ଶିକ୍ଷକ ଶିକ୍ଷାର୍ଥୀଙ୍କୁ ଠିକ୍‌ଭାବେ ସ୍ନେହ, ଶ୍ରଦ୍ଧା ଓ ଭଲପାଇ ପାରିବ, ସେ ହିଁ ପ୍ରକୃତ ତଥା ଆଦର୍ଶ ଶିକ୍ଷକ । ତେବେ ଏନେଇ ବହୁଜ୍ଞାନୀ ଓ ବିଦ୍ୱାନୀ ବ୍ୟକ୍ତିତ୍ୱ ନାନା ମତ ହେଇଛନ୍ତି । ତେବେ ସଂକ୍ଷିପ୍ତରେ ଶିକ୍ଷାର୍ଥୀ-ଶିକ୍ଷକ ସମ୍ପର୍କରେ ଏତିକି କୁହାଯାଇପାରେ ଯେ, ଶିକ୍ଷକ ଶିକ୍ଷାର୍ଥୀର ପିତା, ମାତା, ବନ୍ଧୁ, ଦାର୍ଶନିକ ଓ ପଥପ୍ରଦର୍ଶକ । ଶିକ୍ଷକ ଓ ଶିକ୍ଷାର୍ଥୀ ଉଭୟ ବିନୟୀ ଓ ନମ୍ର ହେବା ବିଧେୟ । ବିନମ୍ରତା ଶିକ୍ଷାର୍ଥୀ ଓ ଶିକ୍ଷକଙ୍କୁ ସଫଳତାର ଶୀର୍ଷ ସୋପାନରେ ଉପନୀତ କରାଏ । ଏଣୁ ଶାସ୍ତ୍ରରେ କୁହାଯାଇଛି–

'ବିଦ୍ୟା ଦଦାତି ବିନୟଂ, ବିନୟାତ୍ ଜାତି ପାତ୍ରତାଂ,
ପାତ୍ରତାତ୍ ଧନମାପ୍ନୋତି, ଧନାତ୍‌ଧର୍ମଃ ତତ୍‌ସୁଖଂ ।'

ଶିକ୍ଷାୟତନ ହେଉଛି ଏକ ସାମାଜିକ ଅନୁଷ୍ଠାନ । ଏହା ଶିକ୍ଷକ ଓ ଶିକ୍ଷାର୍ଥୀର ସମ୍ବନ୍ଧକୁ ସୁଦୃଢ କରେ ଏବଂ ଏକ ସୁଚିନ୍ତିତ ପ୍ରକ୍ରିୟାରେ ଶାରୀରିକ ଓ ମାନସିକ ବିକାଶ ସମ୍ଭବପର ହୁଏ । ଆନୁଷ୍ଠାନିକ ଶିକ୍ଷା ପ୍ରଣାଳୀରେ ଶିକ୍ଷାୟତନରେ ଶିକ୍ଷାର୍ଥୀ ଶୃଙ୍ଖଳିତ ଓ ସୁସଂଗଠିତ ବାତାବରଣ ଦେଇ ଶିକ୍ଷାଲାଭ କରେ । ଶିକ୍ଷକ ମଧ୍ୟ ଏ କ୍ଷେତ୍ରରେ ଆନୁଷ୍ଠାନିକ ଶିକ୍ଷା ପ୍ରଦାନ କରେ । ନିର୍ଦ୍ଦିଷ୍ଟ ଶିକ୍ଷାଦାନ ପ୍ରଣାଳୀ ମାଧ୍ୟମରେ ସେ ଶିକ୍ଷାର୍ଥୀର ଚରିତ୍ର ଗଠନ ଦିଗରେ ସହାୟକ ହୁଏ । ପାଠ୍ୟକ୍ରମ ଓ ପାଠ୍ୟନିର୍ଘଣ୍ଟ ମଧ୍ୟ ଏ କ୍ଷେତ୍ରରେ ସୁପରିକଳ୍ପିତ । ଏଣୁ ଏକ ଅନୁରୂପ ବାତାବରଣକୁ ଦୃଷ୍ଟିରେ ରଖି ଶିକ୍ଷାର୍ଥୀର ବିକାଶ ସାଧନ ଶିକ୍ଷାୟତନର ମୁଖ୍ୟ ଉଦ୍ଦେଶ୍ୟ । ତେଣୁ ଶିକ୍ଷା, ଶିକ୍ଷକ ଓ ଶିକ୍ଷାର୍ଥୀ ମଧ୍ୟରେ ସମ୍ବନ୍ଧ ଘନିଷ୍ଠ ଅଟେ ।

ସମ୍ପ୍ରତି ଶିକ୍ଷା–ଶିକ୍ଷକ ଓ ଶିକ୍ଷାୟତନର ସମ୍ବନ୍ଧରେ ତାରତମ୍ୟ ଦେଖାଦେଉଛି । କେଉଁଠି ସୁ–ଶିକ୍ଷାୟତନ ଅଛି କିନ୍ତୁ ସୁଶିକ୍ଷକ ନାହାନ୍ତି । ସୁଶିକ୍ଷକ ଅଛନ୍ତି କିନ୍ତୁ ସୁଶିକ୍ଷାୟତନ ନାହିଁ । ଦିନକୁ ଦିନ ଏଭଳି ଶିକ୍ଷା–ଶିକ୍ଷକ–ଶିକ୍ଷାୟତନର ସମ୍ପର୍କ ଏଭଳି ଅଧପତନ ଆଡକୁ କ୍ରମଶଃ ଗତି କରିବାରେ ଲାଗିଛି । ଶିକ୍ଷାର୍ଥୀ–ଶିକ୍ଷକଙ୍କ ମଧ୍ୟରେ ସମନ୍ୱୟର ଅଭାବ, ଶିକ୍ଷାୟତନରେ ଉପଯୁକ୍ତ ପରିବେଶର ଅଭାବ ହୁଏତ ଏହାର ଦୁଇଟି କାରଣ ହୋଇଥାଇ ପାରେ । ଏବେ ପ୍ରଶ୍ନ ଉଠୁଛି ଯେ, ଏଥିପାଇଁ ଦାୟୀ କିଏ ? ଶିକ୍ଷା, ଶିକ୍ଷକ ନା ଶିକ୍ଷାର୍ଥୀ ? ସେ ଯାହା ହେଉନା କାହିଁକି ଏସବୁର ପ୍ରତିଷେଧକ ହେଉଛି ଗୋଟିଏ । ଶିକ୍ଷା, ଶିକ୍ଷକ ଓ ଶିକ୍ଷାର୍ଥୀ ମଧ୍ୟରେ ନିବିଡ ସମ୍ପର୍କ ସ୍ଥାପନ । ସର୍ବଶେଷରେ ଏତିକି କୁହାଯାଇ ପାରେ ଯେ, ଏକ ସୁସ୍ଥ, ସୁଂସହତ ଓ ସୁସାମାଜିକ ରାଷ୍ଟ୍ର ଗଠନ ନିମିତ୍ତ 'ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନଶ୍ଚ ସ୍ୱର୍ଗାଦପୀ ଗରୀୟସୀ' ଆଦର୍ଶ ସଭିଙ୍କର ଧ୍ୟେୟ ହେବା ଏକାନ୍ତ କାମ୍ୟ ।

ମହୀଉମା, ପୋ–କୋରଡା
ଜି–ନୟାଗଡ–୭୫୨୦୮୩

❖ ❖ ❖




ଭୁବନେଶ୍ୱର ଜୟଦେବ ଭବନଠାରେ ନର୍ମଦା ଚାରିଟେବୁଲ୍ ଟ୍ରଷ୍ଟ ତରଫରୁ ଆୟୋଜିତ ଓଡ଼ିଆ ଭାଷା ସଂସ୍କୃତି ପାଇଁ ଜୀବନ ବ୍ୟାପୀ ସାଧନା ନିମନ୍ତେ 'ଉତ୍କଳ ପ୍ରସଙ୍ଗ'ର ସମ୍ପାଦକ କବି ଡକ୍ଟର ହୁସେନ୍ ରବିଗାନ୍ଧୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ସାଂସଦ ଶ୍ରୀ ଶଶୀଭୂଷଣ ବେହେରା ଓ ବରିଷ୍ଠ ଆଇନଜୀବୀ ଶ୍ରୀ ଶିବାନନ୍ଦ ରାୟ ।

# ରାଷ୍ଟ୍ରଗୁରୁ ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ୍

**ନିର୍ମଳା କୁମାରୀ ମହାପାତ୍ର**

ଆମ ଦେଶରେ ସର୍ବତ୍ର ସେପ୍ଟେମ୍ବର ୫ ତାରିଖରେ ଗୁରୁଦିବସ ପାଳନ କରାଯାଏ । ଏଇ ଦିନଟି ହେଲା ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କର ଜନ୍ମତିଥି । ସେ ବାର୍ତମାନିକ ତାମିଲନାଡୁ ରାଜ୍ୟର ଚେନ୍ନାଇ ନଗରଠାରୁ ପ୍ରାୟ ୪୦ କିଲୋମିଟର ଦୂରରେ ଅବସ୍ଥିତ ତିରୁଭାଣି ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପୂର୍ବଜମାନେ ସର୍ବପଲ୍ଲୀ ଗ୍ରାମରେ ବସବାସ କରୁଥିଲେ । ଦକ୍ଷିଣ ଭାରତର କେତେକ କୁଳାଚାର ଅନୁସାରେ ଗ୍ରାମର ନାମ ବା ଗୋତ୍ର ସାଙ୍ଗିଆ ପରି ପ୍ରତି ଗ୍ରାମବାସୀଙ୍କ ନାମର ପ୍ରାରମ୍ଭରେ ରହେ । ସେହି ନିୟମରେ ତାଙ୍କର ନାମ ହେଲା ସର୍ବପଲ୍ଲୀ ରାଧାକୃଷ୍ଣନ୍ । ଡକ୍ଟରେଟ୍ (ବିଦ୍ୟାବାରିଧି ଡିଗ୍ରୀ ସହ ସମାନ) ଉପାଧିଟି ସେ ନିବନ୍ଧ ଲେଖି ଅର୍ଜନ କରିଥିଲେ । ରାଧାକୃଷ୍ଣନଙ୍କର ନିବନ୍ଧ The Ethics of vedanta ତତ୍କାଳୀନ ଯୁଗର ବିଶିଷ୍ଟ ଦାର୍ଶନିକ A.G Hoggଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା ।



ରାଧାକୃଷ୍ଣନ୍‌ଙ୍କର ପିତା ବୀରସ୍ୱାମୀ ପୁରୋହିତ କାର୍ଯ୍ୟ ସହ ସାମୟିକ ଶିକ୍ଷକତା କରି ତାଙ୍କର ପାଞ୍ଚଗୋଟି ସନ୍ତାନକୁ ବଢାଇ ଥିଲେ । ସେମାନଙ୍କ ମଧ୍ୟରୁ ରାଧାକୃଷ୍ଣନ୍ ଥିଲେ ଖୁବ୍ ମେଧାବୀ, ଶ୍ରଦ୍ଧାଶୀଳ ଓ ଅଧ୍ୟୟନରତ ବିଦ୍ୟାର୍ଥୀ । ତାଙ୍କର ସ୍କୁଲ କଲେଜର ପାଠପଢା ଥିଲା ମିଶନାରୀ ଶିକ୍ଷାନୁଷ୍ଠାନମାନଙ୍କରେ । ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରୁ ଦର୍ଶନଶାସ୍ତ୍ରରେ ଏମ୍.ଏ. (୧୯୦୯ ଖ୍ରୀ.ଅ) ପାଶ୍ କରି ସେ ପ୍ରେସିଡେନ୍‌ସି କଲେଜ, ମାନ୍ଦ୍ରାଜ୍ (ବର୍ତ୍ତମାନର ଚେନ୍ନାଇ)ରେ ଅଧ୍ୟାପକ ଭାବେ କାମ କଲେ । ସେ ୧୯୧୦ ଖ୍ରୀ.ଅ.ରେ ସୌଦପେଟାସ୍ଥ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟରୁ B.L.T (ଶିକ୍ଷାଦାନର ଲାଇସେନ୍ସ ବା ସନନ୍ଦ) ଲାଭ କରିଥିଲେ । ସେ ୧୯୧୭ ଖ୍ରୀ.ଅ, ପର୍ଯ୍ୟନ୍ତ ପ୍ରେସିଡେନ୍ସି କଲେଜରେ ଅଧ୍ୟାପନା କଲେ । ମହୀଶୂର ରାଜ୍ୟର ଦେଓ୍ୱାନ୍ (ଭାରତରତ୍ନ) ବିଶ୍ୱେଶ୍ୱରାୟ ମୋକ୍ଷଗୁଣ୍ଡମ୍‌ଙ୍କ ଅନୁରୋଧକ୍ରମେ ସେ ମହୀଶୂର ବିଶ୍ୱବିଦ୍ୟାଳୟରେ ଯୋଗଦେଲେ । ସେ ଅବସର (୧୯୧୮–୧୯A.D)ରେ ସେ Philosophy of Rabindranath Tagore ରଚନା କଲେ । ତା'ପରେ ମହାରାଜା କଲେଜ ମହୀଶୂରରେ ଯୋଗ ଦେଲେ । ସେହି କାଳରେ ଲେଖିଲେ, The Reign of Religions in Contemporary Philosophy (1920A.D) ଓ The Reign of Religions on Absolute Idealism – ନାମକ ଦୁଇଖଣ୍ଡ ପୁସ୍ତକ । ତାହାଥିଲା ଅତି ମୂଲ୍ୟବାନ୍ ।

ରାଧାକୃଷ୍ଣନ୍‌ଙ୍କର ପାଣ୍ଡିତ୍ୟରେ ମୁଗ୍ଧ ହୋଇ କଲିକତା ବିଶ୍ୱବିଦ୍ୟାଳୟର କୁଳପତି ସାର୍ ଆଶୁତୋଷ ମୁଖାର୍ଜୀ ତାଙ୍କୁ ସେଇ ବିଶ୍ୱବିଦ୍ୟାଳୟର ଏକ ବିଶିଷ୍ଟ ଆସନ KING GEORGE V Chair of Mental & Moral Science ଅଳଙ୍କୃତ କରିବା ପାଇଁ ନିମନ୍ତ୍ରଣ କରିଥିଲେ । ସେହି ସୌଭାଗ୍ୟ ଓ ସୁଯୋଗକୁ ଉପଯୋଗ କରି ସେ ମହୀଶୂର ଛାଡି କଲିକତା ଆସିଲେ । ସନ ୧୯୨୧–୧୯୪୧ ପାଖାପାଖି କୋଡିଏ ବର୍ଷର ରହଣିରେ ରାଧାକୃଷ୍ଣନ୍ ଅଧ୍ୟୟନ, ଅଧ୍ୟାପନା, ପୁସ୍ତକ ପ୍ରଣୟନ, ବିଦେଶରେ ବକ୍ତୃତା ପ୍ରଦାନର ସୁଯୋଗ, ଦେଶରେ ଭିନ୍ନ ଭିନ୍ନ ବିଶ୍ୱବିଦ୍ୟାଳୟରେ ପରଦର୍ଶୀ ଅଧ୍ୟାପକ (Visiting Professor) ଭାବେ କାମ କରିବା ତଥା କୁଳପତି ଦାୟିତ୍ୱ ନେବା ଆଦି କାର୍ଯ୍ୟ ସମ୍ପନ୍ନ କରିଥିଲେ । କଲିକତା ବିଶ୍ୱବିଦ୍ୟାଳୟରେ ଥାଇ ସେ ଦେଶ–ବିଦେଶରେ କାର୍ଯ୍ୟ କରିବାର

ପର୍ଯ୍ୟାପ୍ତ ସୁଯୋଗ ଲାଭ କରିଥିଲେ । ସେ ୧୯୨୬ ମସିହାରେ ଇଂଲଣ୍ଡ ଯାଇ ମାଂଚେଷ୍ଟର କଲେଜରେ ଅପ୍‌ଟନ୍ ବକ୍ତୃତାମାଳା (Upton Lectures) ପ୍ରଦାନ କଲେ । ତାଙ୍କ ବକ୍ତବ୍ୟର କଥାବସ୍ତୁକୁ ନେଇ ଯେଉଁ ପୁସ୍ତକ ପ୍ରକାଶିତ ହେଲା ତା'ର ନାମ ହେଲା 'HINDU VIEW OF LIFE' ଯାହାକି ୧୯୨୭ ମସିହାରେ ଆତ୍ମପ୍ରକାଶ କରିଥିଲା । ଉପାଦେୟତା ଦୃଷ୍ଟିରୁ ଏଇ ଗ୍ରନ୍ଥର ପଞ୍ଚମ ସଂସ୍କରଣ ହୋଇଥିଲା ଅଳ୍ପ କେତେଦିନ ମଧ୍ୟରେ । ଏହି ଗ୍ରନ୍ଥ ମଧ୍ୟ ପୃଥିବୀର ବହୁ ଭାଷାରେ ଅନୁଦିତ ହୋଇଅଛି ।

ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ୍ ୧୯୨୬ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକା ଯାତ୍ରା କରି ଚିକାଗୋ (ସିକାଗୋ)ଠାରେ ହସ୍‌କେଲ୍ ବକ୍ତୃତାମାଳା ପ୍ରଦାନ କରିଥିଲେ । ଜଟିଳ ତଥ୍ୟର ସରଳ ତର୍ଜମା, ଶୁଦ୍ଧ ଇଂରାଜୀ ଓ ସାବଲୀଳ ଢଙ୍ଗରେ କଥାବସ୍ତୁର ଉପସ୍ଥାପନ ଥିଲା ତାଙ୍କ ବକ୍ତବ୍ୟର ବିଶେଷତ୍ୱ । ସେ ୧୯୨୯ ମସିହାରେ ଦ୍ୱିତୀୟବାର ଲଣ୍ଡନ ଯାତ୍ରା କରି 'Chair of Comparative Religions, Manchestar College', ଆସନ ଅଳଙ୍କୃତ କରିଥିଲେ । ସେଠାରେ ସେ ଯେଉଁ ବକ୍ତୃତା ପ୍ରଦାନ କରିଥିଲେ, ପରବର୍ତ୍ତୀ କାଳରେ ତାହା 'EAST AND WEST IN RELIGION' ନାମରେ ପୁସ୍ତକାକାରରେ ପ୍ରକାଶିତ ହେଲା । ସେହିବର୍ଷ ସେ ଇଂଲଣ୍ଡରେ ହିବର୍ଟ ବକ୍ତୃତାମାଳା ପ୍ରଦାନ କଲେ ଯାହାର ଲିଖିତ ପ୍ରକାଶିତ ରୂପ ହେଲା– 'AN IDEALISTIC VIEW OF LIFE' ନାମକ ଗ୍ରନ୍ଥ । ଭାରତ ପ୍ରତ୍ୟାବର୍ତ୍ତନ କରି ସେ ୧୯୩୧–୩୬ଯାଏଁ ଆନ୍ଧ୍ର ପ୍ରଦେଶ ବିଶ୍ୱବିଦ୍ୟାଳୟର କୁଳପତି ହେଲେ । ତାଙ୍କ ପ୍ରଜ୍ଞାର ମହକ କ୍ରମେ ଦିଗ୍‌ବିଦିଗକୁ ପରିବ୍ୟାପ୍ତ ହେବାକୁ ଲାଗିଲା । ସେ League Of Nations' Committee for Intellectual Co-operation ର ସକ୍ରିୟ ପରାମର୍ଶଦାତା ରୂପେ ନିଯୁକ୍ତି ପାଇଲେ । ସନ ୧୯୩୯ ମସିହା ପର୍ଯ୍ୟନ୍ତ ଏହା ଜାରି ରହିଲା ।

ଡକ୍ଟର ରାଧାକୃଷ୍ଣନ୍ ୧୯୩୬ ମସିହାରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟର କୁଳପତି ପଦ ପରିତ୍ୟାଗ କରି Splading Professorship of Eastern Religion and Ethics, Oxford ପଦବୀକୁ ଗ୍ରହଣ କରିଥିଲେ । ସେ ଉଭୟ କଲିକତା ଓ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରି ଚାଲିଲେ ୧୯୩୯ ମସିହା ଯାଏଁ । ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ଯୋଗୁଁ ଜଳଯାତ୍ରା ବ୍ୟାହତ ହେଲା । ସେ ମଦନମୋହନ ମାଳବ୍ୟଙ୍କ ପରି ମନିଷୀଙ୍କର ଅନୁରୋଧ ରକ୍ଷା କରି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (Benaras Hindu University= Bhu)ର କୁଳପତି ହେଲେ । ଏଇଠି ସେ ଗୀତାର ଭାଷ୍ୟ ରଚନା କଲେ । ସେଇ ସମୟର ଆଉ ଏକ ମୂଲ୍ୟବାନ୍ ରଚନା ତାଙ୍କର ଥିଲା– "Eastern Religions and Western Thought ଗ୍ରନ୍ଥ 'ଧର୍ମପଦ'ର ଅନୁବାଦ ମଧ୍ୟ ସେ କରିଥିଲେ ।

ଅକ୍ସଫୋର୍ଡରେ ରାଧାକୃଷ୍ଣନ୍ ଅଧ୍ୟାପନା କରୁଥିବା ବେଳେ ସେ ବ୍ରିଟିଶ ଏକାଡେମୀରୁ ବକ୍ତୃତା ପ୍ରଦାନ ପାଇଁ ନିମନ୍ତ୍ରଣ ପାଇଲେ । ନିମନ୍ତ୍ରକ ବକ୍ତୃତାର ବିଷୟ ରଖିଥିଲେ–Master Mind । ଡକ୍ଟର ରାଧାକୃଷ୍ଣନ୍ ସେଇ ଅବସରରେ 'ଗୌତମ ବୁଦ୍ଧ ଓ ବୌଦ୍ଧମତ' ବିଷୟର ଅବତାରଣା କରି ଉଚ୍ଚ ପ୍ରଶଂସିତ ହେଲେ । ତତ୍କାଳୀନ ଗଣମାଧ୍ୟମ ମତାମତ ଦେଲେ– On a master mind by a master mind ତା ପରବର୍ଷ ବ୍ରିଟିଶ୍ ଏକାଡେମୀ ତାଙ୍କୁ ଫେଲୋସିପ୍ ପ୍ରଦାନ କରିଥିଲା ।

ଗାନ୍ଧୀ ଜୟନ୍ତୀ ୧୯୩୯ ମସିହା ଡକ୍ଟର ରାଧାକୃଷ୍ଣନ୍‌ଙ୍କ ପାଇଁ ଥିଲା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ପ୍ରକାଶ ଥାଉ କି ମୋହନ ଦାସ କରମଚାନ୍ଦ ଗାନ୍ଧୀଙ୍କର ଜନ୍ମତିଥି ହେଲା ୨ ଅକ୍ଟୋବର ୧୮୬୯ ମସିହା । ଗାନ୍ଧୀଙ୍କର ୭୦ତମ ଜୟନ୍ତୀରେ ରାଧାକୃଷ୍ଣନ୍ ମୋହନଦାସଙ୍କ ଜୀବନୀ ଆଧାରିତ ପୁସ୍ତକ ରଚନା କରି ତାଙ୍କୁ ଉପହାର ଦେଇଥିଲେ । ଏଥିପାଇଁ ଲେଖକ ବହୁ ପ୍ରଶଂସାର ଅଧିକାରୀ ହେଲେ । ଏଥିଯୋଗୁଁ ଦକ୍ଷିଣଆଫ୍ରିକା ସରକାର ତାଙ୍କୁ ବକ୍ତୃତା ଦେବା ପାଇଁ ନିମନ୍ତ୍ରଣ କଲେ । ଆମନ୍ତ୍ରିତ ରାଧାକୃଷ୍ଣନ୍ ଦକ୍ଷିଣ ଆଫ୍ରିକାରେ ଭାରତୀୟ ଦର୍ଶନ ଓ ସଂସ୍କୃତି (Indian Philosophy and Culture) ଶୀର୍ଷକ ବକ୍ତୃତା ପ୍ରଦାନ କରିଥିଲେ ।

ଡକ୍ଟର ରାଧାକୃଷ୍ଣନ୍ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଛାଡି ୧୯୪୧ ମସିହାରେ ବରୋଦାର ଗୋୟଙ୍କାଙ୍କ ଦ୍ୱାରା ପ୍ରତିଷ୍ଠିତ ସାର୍ ସୟାଜୀ ରାଓ ଚେୟାର ଅଫ୍ ଇଣ୍ଡିଆନ୍ କଲ୍‌ଚର ଆଣ୍ଡ୍ ସିଭିଲାଇଜେସନ୍ (sir sayaji Rao chair of Indian Culture and Civilization) ପଦବୀ ଅଳଙ୍କୃତ କଲେ । ପ୍ରକାଶ ଥାଉ କି ଗୋୟଙ୍କାଙ୍କର ପୂର୍ବଜ ସୟାଜୀ ରାଓ ଥିଲେ ଜ୍ଞାନୀ–ଗୁଣୀ ତଥା ଭାରତର ବିକାଶକାମୀ ସଜ୍ଜନ । ଏଇ ପଦବୀ ପାଇଁ ରାଧାକୃଷ୍ଣନ୍ କଲିକତା ବିଶ୍ୱବିଦ୍ୟାଳୟ ଛାଡିଲେ । ତା' ପରବର୍ଷ ସେ କମଳା ସ୍ମାରକୀ ବକ୍ତୃତାମାଳାର ବକ୍ତାଭାବେ କଲିକତା ଗଲେ । ସେଇ କଥାବସ୍ତୁର ଅବତାରଣା କଲେ ବନାରସ ବିଶ୍ୱବିଦ୍ୟାଳୟରେ । ପରବର୍ତ୍ତୀ କାଳରେ (୧୯୪୭ରେ) ତାହା ପୁସ୍ତକରୂପେ ପ୍ରକାଶିତ

ହେଲା । ସନ ୧୯୪୪ରେ ସେ ଚୀନ୍ ଯାତ୍ରା କଲେ ଆକାଶ ପଥରେ । ଏଥିପୂର୍ବରୁ ତାଙ୍କର ସମସ୍ତଗସ୍ତ ଥିଲା ଜଳପଥରେ । ଭାରତ ଓ ଚୀନ୍ ଶୀର୍ଷକ ଭାଷଣ ଦେଲେ ଚୀନ୍‌ର ବିଭିନ୍ନ ସ୍ଥାନରେ ପ୍ରାୟ ଦୁଇ ସପ୍ତାହର ରହଣିରେ । ସନ ୧୯୪୬ ମସିହାରେ ତାଙ୍କର ଆମେରିକା ଗସ୍ତ ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ । ସେଇ ଅବସରରେ ସେ ହାର୍ଭାଡ୍, ୟେଲ୍, ଲସ୍ଏଞ୍ଜେଲସ୍, ମିଚିଗାନ୍, କରନେଲ୍ ପ୍ରଭୃତିର ଶିକ୍ଷାୟତନରେ ବକ୍ତୃତା ଦେଇଥିଲେ । ଭାରତର ପ୍ରତିନିଧି ଭାବେ ସେ UNESCOର ତିନିଗୋଟି ଅଧିବେଶନରେ ଯୋଗ ଦେଇଥିଲେ । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଅଧିବେଶନ ଯଥାକ୍ରମେ ଜେନେଭା, ମେକ୍ସିକୋ ଓ ବେରୁଟ୍‌ଠାରେ ଅନୁଷ୍ଠିତ ହୋଇଥିଲା । ସେ ୧୯୪୯ ମସିହାରେ ରାଷ୍ଟ୍ରଦୂତ ଭାବେ ସୋଭିଏତ୍ ଋଷିଆ ଯାଇଥିଲେ । ତତ୍କାଳୀନ ଋଷ ରାଷ୍ଟ୍ରପତି ଷ୍ଟାଲିନ୍‌ଙ୍କୁ ସେ ନିଜର ପ୍ରଜ୍ଞା ବଳରେ ମୁଗ୍ଧ କରାଇ ଥିଲେ ।

ଆମ ଦେଶ ସ୍ୱାଧୀନ (୧୯୪୭) ହେବା ପରେ ବିଶ୍ୱବିଦ୍ୟାଳୟ ଶିକ୍ଷା ଆୟୋଗ (୧୯୪୭-୪୯) ବସିଲା । ଏହାର ଅଧ୍ୟକ୍ଷ ହେଲେ ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ୍ । ଏଇ କମିଶନ-ରିପୋର୍ଟ ଶିକ୍ଷା ସମସ୍ୟା ସମାଧାନରେ ନବଦିଗନ୍ତର ସୂଚନା ଦିଏ । ଭାରତୀୟ ଦର୍ଶନ କଂଗ୍ରେସ ପ୍ରତିଷ୍ଠାରେ ତାଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ହୋଇଥିଲେ ଏହାର ପ୍ରଥମ ସଭାପତି । ଆନ୍ତର୍ଜାତିକ ଦର୍ଶନ କଂଗ୍ରେସରେ ରାଧାକୃଷ୍ଣନ୍ ଭାରତର ପ୍ରତିନିଧିତ୍ୱ କରିଥିଲେ । ଆଲ୍‌ଜେରିଆ ଦେଶ ସ୍ୱାଧୀନ ବେଳେ ଉପୁଜିଥିବା ସମସ୍ୟା ସମାଧାନ ନିମନ୍ତେ ସେ କଷ୍ଟ ସ୍ୱୀକାର କରିଥିଲେ ।

ଡକ୍ଟର ଏସ୍. ରାଧାକୃଷ୍ଣନ୍ ୧୯୫୨-୬୨ ଯାଏ ଦଶବର୍ଷ ଧରି ଦୁଇଥର ଆମର ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ତୁଲାଇଥିଲେ । ସନ ୧୯୬୨-୬୭ ଯାଏ ସେ ହେଲେ ଦେଶର ମହାମାନ୍ୟ ରାଷ୍ଟ୍ରପତି । ଦେଶର ପ୍ରଥମ ନାଗରିକ । ସେତେବେଳେ ଦେଶରେ ୪୮ କୋଟି ଜନସଂଖ୍ୟା । ଭାରତର ସର୍ବୋଚ୍ଚ ବେସାମରିକ ପୁରସ୍କାର ଭାରତରତ୍ନ ୧୯୬୮ରେ ତାଙ୍କୁ ପ୍ରଦତ୍ତ ହୋଇଥିଲା । ଏଥିପୂର୍ବରୁ ୧୯୬୪ରେ ଭଟିକାନ୍‌ର ପୋପ୍ ମହାମାନ୍ୟ ପର୍ଲ ମହାଶୟ ସ୍ୱୟଂ ବମ୍ବେ (ମୁମ୍ବାଇ) ଆସି ରାଧାକୃଷ୍ଣନ୍‌ଙ୍କୁ ସମ୍ମାନରେ ଭୂଷିତ କରିଥିଲେ । ଭାରତୀୟ ବିଦ୍ୟାଭବନ ତରଫରୁ ତାଙ୍କୁ ବ୍ରହ୍ମବିଦ୍ୟା ଭାସ୍କର ଉପାଧି ପ୍ରଦତ୍ତ ହୋଇଥିଲା ।

ଡକ୍ଟର ରାଧାକୃଷ୍ଣନ୍ କେନ୍ଦ୍ର ସାହିତ୍ୟ ଏକାଡେମୀର ଥିଲେ ପ୍ରଥମ ଫେଲୋ (୧୯୬୬ ମସିହା) । ଆନ୍ତର୍ଜାତିକ PEN ସଂସ୍ଥା (Playwrites, Poets, Essayists and Novelists)ର ଭାରତ ଶାଖା ବମ୍ବେଠାରେ ଅବସ୍ଥିତ । ଏହାର ପ୍ରଥମ ସଭାପତି ଥିଲେ ଡକ୍ଟର ଏସ୍. ରାଧାକୃଷ୍ଣନ୍ । ଏତଦ୍‌ବ୍ୟତୀତ ଇଂଲଣ୍ଡର ମହାରାଣୀଙ୍କଠାରୁ The Order of Merit ଉପାଧି, ପେନ୍‌ସିଲ୍‌ଭାନିଆ ବିଶ୍ୱବିଦ୍ୟାଳୟରୁ Doctor of Law, ମାଙ୍ଗୋଲିଆ ସରକାରଙ୍କଠାରୁ ଜ୍ଞାନଗୁରୁ ଉପାଧି ସେ ପ୍ରାପ୍ତ ହୋଇଥିଲେ । ଧର୍ମ ସମ୍ପର୍କିତ ସ୍ପଷ୍ଟୀକରଣଯୁକ୍ତ ରଚନା ପାଇଁ ସେ ପୃଥିବୀ ପ୍ରସିଦ୍ଧ Templeton Award (୧୯୭୫) ଲାଭ କରିଥିଲେ । ଟେମ୍ପଲ୍‌ଟନ୍ ଫାଉଣ୍ଡେସନ୍ ଦ୍ୱାରା ପରିଚାଳିତ ପ୍ରୋକ୍ତ ପୁରସ୍କାର/ସମ୍ମାନ ହେଲା ବିଶ୍ୱରେ ଧର୍ମ ସଂକ୍ରାନ୍ତରେ ଏକ ଓ ଅନନ୍ୟ ଶ୍ରେଷ୍ଠ ପୁରସ୍କାର । ରାଧାକୃଷ୍ଣନ୍ ଥିଲେ ଗୋଷ୍ଠୀ, ଦଳ ବା ସମ୍ପ୍ରଦାୟର ବହୁ ଉର୍ଦ୍ଧ୍ୱରେ । ସଂକୀର୍ଣ୍ଣତାରୁ ସମ୍ପୂର୍ଣ୍ଣମୁକ୍ତ । ତାଙ୍କର ଉଲ୍ଲେଖନୀୟ କୃତିତ୍ୱକୁ ଗଣନା କରି ବିଶ୍ୱର ଶ୍ରେଷ୍ଠ ନାଗରିକ ଭାବେ ତାଙ୍କୁ ବିବେଚନା କରାଯାଇପାରେ । ସମୟର ଡେଣାରେ ସେ ଉଡୁଥିଲେ ଅବା ।

ବାଗ୍ମୀ ତଥା ଲେଖକ ଭାବେ ଡକ୍ଟର ରାଧାକୃଷ୍ଣନ୍ ଥିଲେ ଅତୁଳନୀୟ ବ୍ୟକ୍ତିତ୍ୱ । ତାଙ୍କର ରଚନାଗୁଡିକ ମଧ୍ୟରୁ କେତେଗୋଟି ହେଲା– Indian Philosophy Vol i&ii, Present Crisis in Faith, Religion, Society and Recovery of Faith, Our Heritage ଇତ୍ୟାଦି । ପୂର୍ବରୁ ତାଙ୍କର କେତେଗୋଟି ରଚନା ସମ୍ପର୍କରେ ଆଲୋଚନା କରାଯାଇଛି । ତାଙ୍କର ଆତ୍ମଜୀବନୀ My Search for Truth ନାମରେ ବିଖ୍ୟାତ । ପ୍ରକାଶ ଥାଉକି ମହାତ୍ମା ଗାନ୍ଧୀଙ୍କର ଆତ୍ମଜୀବନୀର ନାମ ହେଲା My Experiments with Truth. ଏଥିରୁ ସ୍ପଷ୍ଟ ହୁଏ Truth ବା ସତ୍ୟ ଆଚରଣ ହିଁ ପ୍ରୋକ୍ତ ଦୁଇ ବ୍ୟକ୍ତିତ୍ୱଙ୍କୁ ଆକାଶର ସୀମା ସ୍ପର୍ଶ କରାଇବାର ଆସ୍ପର୍ଦ୍ଧା ପ୍ରଦାନ କରିଥିଲା । ଶ୍ରୀମଦ୍ ଭଗବଦ୍ ଗୀତାର ଜ୍ଞାନ-କର୍ମ-ଭକ୍ତିତତ୍ତ୍ୱ ସହ ବୌଦ୍ଧ ମତର ମୈତ୍ରୀବାଣୀ ପ୍ରଖ୍ୟାପନ ରାଧାକୃଷ୍ଣନ୍‌ଙ୍କ ବାଗ୍ମୀ ଜୀବନକୁ କରିଥିଲା ଉତ୍ସାହପ୍ରଦ । ତାଙ୍କର ମହାପ୍ରୟାଣ ଘଟିଥିଲା ୧୯୭୫, ଏପ୍ରିଲ୍ ୧୬ ତାରିଖରେ । ଶୋକବାର୍ତ୍ତାରେ The Statesman Many Splendoured Person ବା ବହୁମୁଖୀ ପ୍ରତିଭାଙ୍କର ଅନ୍ତ ବୋଲି ସ୍ପଷ୍ଟ କରିଥିଲେ । ତାଙ୍କର ଜନ୍ମତିଥିକୁ ଗୁରୁଦିବସ ରୂପେ ରାଷ୍ଟ୍ର ପାଳନ କରେ । ତାଙ୍କର ଇଚ୍ଛାକୁ ସମ୍ମାନ ଦେଇ ଶିକ୍ଷକ କଲ୍ୟାଣ ପାଣ୍ଠି ଗଠିତ । ସେହି କର୍ମଯୋଗୀ ରାଷ୍ଟ୍ରଗୁରୁଙ୍କ ପ୍ରତି ଆମ୍ଭର ଶ୍ରଦ୍ଧାସୁମନ ।

---

ସେକ୍ଟର-୨/୪୨୬, ନୀଳାଦ୍ରି ବିହାର
ଭୁବନେଶ୍ୱର-୨୧

# ଦୁଃଖିନୀ କନିକାର ବିପ୍ଳବୀ ଆନନ୍ଦଚନ୍ଦ୍ର

**ଶରତ କୁମାର ରାଉତ**

ମହାନ୍ ସ୍ୱାଧୀନତା ସଂଗ୍ରାମୀ ଆନନ୍ଦଚନ୍ଦ୍ର ଜେନା ପୂର୍ବତନ କନିକା ଜମିଦାରୀର ଏକ ଅନାମଧେୟ ଗ୍ରାମ ଡାଳିକାଏନ୍ଦାରେ ୧୮୮୪ ମସିହା ଜୁଲାଇ ୧୭ ତାରିଖରେ ଏକ ଖଣ୍ଡାୟତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ବାପା ଖଗେଶ୍ୱର ଜେନା ବେଙ୍ଗଲ୍‌ରେ ପୋଲିସ୍ ଏସ୍.ଆଇ. ପଦରୁ ବହିଷ୍କୃତ ହେବା ପରେ କଲିକତାର ଜଗଦ୍‌ଦଳ ବଜାରରେ ଗୋଟିଏ ଲୁହା ଲକଡର ଦୋକାନ କରି ରହୁଥିବାରୁ ଆନନ୍ଦଚନ୍ଦ୍ର ମଧ୍ୟ ଉଚ୍ଚ ଶିକ୍ଷା ନିମନ୍ତେ କଲିକତାରେ ରହୁଥିଲେ । ବାପାଙ୍କର କେତେକ ଘନିଷ୍ଠ ବନ୍ଧୁଙ୍କ ସହାୟତାରେ ଆଚାର୍ଯ୍ୟ ପ୍ରଫୁଲ ଚନ୍ଦ୍ର ରାୟ, ଅରବିନ୍ଦ ଘୋଷ, ଚିତ୍ତରଞ୍ଜନ ଦାସ, ରାସବିହାରୀ ବୋଷ ପ୍ରମୁଖଙ୍କ ସହ ଆନନ୍ଦଚନ୍ଦ୍ରଙ୍କର ସମ୍ପର୍କ ସ୍ଥାପନ ହେଲା । ୧୯୧୨ ମସିହା ବଙ୍ଗଭଙ୍ଗ ଆନ୍ଦୋଳନରେ ଆନନ୍ଦଚନ୍ଦ୍ର ସକ୍ରିୟ ଅଂଶ ଗ୍ରହଣ କରି ପ୍ରଥମ ଥର ପାଇଁ କାରାବରଣ କଲେ । ୧୯୧୪ରେ ଓଡ଼ିଶାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀରେ ଯୋଗଦେବା ପରେ ଗୋପବନ୍ଧୁ ଦାସ ଓ ମଧୁସୂଦନ ଦାସଙ୍କ ସହ ତାଙ୍କର ସମ୍ପର୍କ ଦୃଢ ହୋଇଥିଲା । ସେ ୧୯୧୭ରେ ପ୍ରଥମ ଥର ପାଇଁ ସାବରମତୀ ଆଶ୍ରମ ଯାଇ ୩ମାସ ସେଠାରେ ରହିବା ଭିତରେ ଗାନ୍ଧିଜୀ ଓ ଅନେକ ଜାତୀୟ ସ୍ତରର ନେତାଙ୍କ ସହିତ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ୧୯୧୯ରେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ଦ୍ୱାରା ଉତ୍କଳର ସର୍ବାଙ୍ଗୀନ ଉନ୍ନତି କରିଥିବା ଗୋପବନ୍ଧୁ ଓ ମଧୁସୂଦନଙ୍କୁ ଯେଉଁ ଉପାଧି ଯଥାକ୍ରମେ ଉତ୍କଳମଣି ଓ ଉତ୍କଳଗୌରବ ପ୍ରଦାନ କରାଯାଇଥିଲା, ସେଥିପାଇଁ ଆନନ୍ଦଚନ୍ଦ୍ରଙ୍କ ଭୂମିକା ଥିଲା ବେଶ୍ ଉଲ୍ଲେଖନୀୟ ।

୧୯୧୪ରେ ଓଡ଼ିଶାରେ ଦୁର୍ଭିକ୍ଷ ପଡିଲା । ଆବାଳ ବୃଦ୍ଧ ବନିତା ହା ହୁତାଶରେ ଭାଙ୍ଗି ପଡିଥିବା ବେଳେ ଇଂରେଜ ସରକାରର ଖଜଣା ଆଦାୟ କରିବାର ବିରାମ ନଥିଲା । ଓଡ଼ିଶାର ଦୁଃଖ ସହି ନପାରି ଗାନ୍ଧିଜୀ ନାଲି ଖୁଦ ବାଣ୍ଟିବା ପାଇଁ ଆହ୍ୱାନ ଦେବାରୁ ଆନନ୍ଦଚନ୍ଦ୍ର ଓ ଗୋପବନ୍ଧୁ ଦାସ ଦୁହେଁ ଆସି ଆଳିଠାରେ କରାଳ ଦୁର୍ଭିକ୍ଷଗ୍ରସ୍ତ ପ୍ରଜାଙ୍କୁ ଖୁଦ ବାଣ୍ଟିଥିଲେ । ସେତେବେଳେ ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ଗୋଟିଏ ସୂତାରେ ବନ୍ଧା ଆର୍ଯ୍ୟଭୂମି ଭାରତବର୍ଷ ବ୍ରିଟିଶ ଶାସନର ବାହୁଛାୟା ତଳେ ଥିଲା । ଜମିଦାର, ପୁଞ୍ଜିପତିମାନେ ଇଂରେଜ ସରକାରର ପଦାଙ୍କ ଅନୁସରଣ କରିଥାନ୍ତି । ରାଜ୍ୟରେ ସେମାନଙ୍କର ନିର୍ମମ ଅତ୍ୟାଚାର ଓ ଶୋଷଣରେ ପ୍ରଜାକୁଳ ତ୍ରାହୀ ତ୍ରାହୀ ଡାକ ଛାଡୁଥିଲେ । ପ୍ରଜାଙ୍କ ଦୁଃଖରେ ମ୍ରିୟମାଣ ହୋଇ ଆନନ୍ଦଚନ୍ଦ୍ର ପ୍ରଜାମଣ୍ଡଳ ଗଠନ କରି ରାଜାଙ୍କ ବିରୋଧରେ ଲଢିବାକୁ ପ୍ରଜାଙ୍କୁ ଆହ୍ୱାନ ଦେଲେ । କନିକାର ଦୁଃଖ ତତ୍କାଳୀନ ବିହାର– ଓଡ଼ିଶା ସରକାରଙ୍କୁ ମଧ୍ୟ ଜଣାଇଲେ ।

ଆନନ୍ଦଚନ୍ଦ୍ରଙ୍କ ନେତୃତ୍ୱରେ ଅନେକ ଥର ପ୍ରଜାମେଳି ହୋଇଥିଲା । ବହୁବାର କନିକା ରାଜପ୍ରାସାଦ, ଥାନା, କଚେରୀ ଆଦି ଘେରାଉ ହୋଇଥିଲା । ବହୁବାର ସେ ପୋଲିସ୍ ଓ ରାଜାଙ୍କ ମୁହଁରେ କଡା ଜବାବ ଦେଇଥିବା ବେଳେ ଅନେକ ଥର ନିର୍ଯ୍ୟାତନା ସହିଥିଲେ ଓ କାରାବରଣ କରିଥିଲେ । କନିକାର ଦୁଃଖ ବିଷୟରେ ସେ ଅନେକ ଥର କେନ୍ଦ୍ରୀୟ ନେତାମାନଙ୍କୁ ଜଣାଇଥିଲେ । କିନ୍ତୁ କିଛି ସୁଫଳ ନମିଳିବାରୁ କନିକାର ଅନ୍ୟାୟ, ଅତ୍ୟାଚାର ଓ ଶୋଷଣକୁ ଅନୁଭବ କରି ୧୯୨୨ ମସିହାରେ ୬୪ଟି ଅଭିଯୋଗ ଆକାରରେ ବର୍ଣ୍ଣିତ 'ଦୁଃଖିନୀ କନିକା' ନାମରେ ଏକ ପୁସ୍ତକ ଛପାଇ ସାରା ଓଡ଼ିଶାରେ ବଣ୍ଟନ କରିଥିଲେ । ଫଳତଃ ସମଗ୍ର ଓଡ଼ିଶା ତଥା ଭାରତର ଜାଗ୍ରତ ଜନମତ କନିକା ପ୍ରଜାମେଳି ପାଇଁ ସମ୍ବେଦନଶୀଳ ହୋଇପଡିଥିଲା । ପୁସ୍ତକଟି ପଣ୍ଡିତ ମଦନମୋହନ ମାଳବ୍ୟ, ଲାଲା ଲଜପତ୍ ରାୟ, ସ୍ୱୟଂ ଗାନ୍ଧିଜୀ ପ୍ରମୁଖ ନେତାମାନଙ୍କୁ ହତବାକ୍ କରିଦେଇଥିଲା । ଗାନ୍ଧିଜୀ ଏହାର ଇଂରାଜୀ ଅନୁବାଦ ପଢି ମର୍ମାହତ ହୋଇପଡିଥିଲେ ଓ 'ୟଙ୍ଗ ଇଣ୍ଡିଆ' ପତ୍ରିକାରେ ଏହାର ଅନୁବାଦ ପ୍ରକାଶ କରିବାରୁ

ସାରା ଭାରତରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଆଉ ସେହିଦିନୁ ସାରା ଭାରତରେ ଆନନ୍ଦଚନ୍ଦ୍ର ପରିଚିତ ହୋଇଥିଲେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ଭାବରେ । ଗୋପବନ୍ଧୁ ଆନନ୍ଦଚନ୍ଦ୍ରଙ୍କ ନିକଟକୁ ପତ୍ର ଲେଖିଥିଲେ, 'ତୁମେ ସାରା ଭାରତର ଗର୍ବ ଓ ଗୌରବ ! ଅତ୍ୟଧିକ କରପୀଡ଼ା ଓ ସାମନ୍ତବାଦୀ ଶୋଷଣର ଶିକାର କନିକା ଜମିଦାରୀକୁ 'ଦୁଃଖିନୀ କନିକା' ବୋଲି ସମ୍ବୋଦନ କରି ତୁମେ ଜନମାନସକୁ ଯେଭଳି ସ୍ପନ୍ଦିତ କରିଦେଲ, ସେଥିପାଇଁ ତ ତୁମେ କନିକାର ମୁକୁଟ ବିହୀନ ସମ୍ରାଟ ! ମୁଁ ଆଜିଠୁ ତୁମକୁ ସମ୍ବୋଧନ କରିବି 'ଦୁଖିନୀ କନିକା' ଭାବରେ ।'

ପୁସ୍ତକ ପ୍ରକାଶନ ପରେ ପରେ ପତରପୁର ଘାଟଠାରେ ଏକ ବିଶାଳ ପ୍ରଜାମେଳିରେ ଆନନ୍ଦଚନ୍ଦ୍ର ଭାଷଣ ଦେଉଥିବା ବେଳେ ହଠାତ୍ କଲେକ୍ଟର, ପୋଲିସ ଅଫିସର କୃଷ୍ଣ ମହାପାତ୍ର ଓ ୩୭ଜଣ ସଶସ୍ତ୍ର ପୋଲିସ୍ ଫୋର୍ସଙ୍କ ସହ ରାଜା ଉପସ୍ଥିତ ହୋଇ ପ୍ରଜାମେଳି ଉପରକୁ ଗୋଳା ବର୍ଷଣ କରିବାକୁ ଆଦେଶ ଦେଲେ । ଘଟଣା ସ୍ଥଳରେ ବାସୁ ସେଠୀ ଓ ବିସୁନି ମେଡୁଆଳ ନାମକ ଦୁଇଜଣ ପ୍ରଜା ଟଳି ପଡିଲେ । ଅନେକ ପ୍ରଜା ରକ୍ତାକ୍ତ ହେଲେ । ଆନନ୍ଦଚନ୍ଦ୍ରଙ୍କୁ ଗିରଫ କରାଯାଇ ନିର୍ମମ ନିର୍ଯ୍ୟାତନା ଦିଆଗଲା । ତାଙ୍କର ୪୨ ଏକର ଜମିକୁ ବାଜ୍ୟାପ୍ତ କରାଗଲା ଓ 'ଦୁଃଖିନୀ କନିକା' ବହିକୁ ବେଆଇନ ଘୋଷଣା କରାଗଲା । ଏହା ପରେ ଆନନ୍ଦଚନ୍ଦ୍ରଙ୍କୁ କନିକାରୁ ନିର୍ବାସିତ କରାଯିବାରୁ ନିଜକୁ ବଞ୍ଚାଇବା ପାଇଁ ରାତ୍ରିର ଅନ୍ଧକାରରେ ହିଂସ୍ର ଜଳଜନ୍ତୁ ପୂର୍ଣ୍ଣ ଖରସ୍ରୋତା ନଦୀ ପହଁରି ସେ ଆଳି ଅଞ୍ଚଳକୁ ପଳାଇ ଆସିଲେ । ରାଜା ତାଙ୍କ ବଦଳରେ ତାଙ୍କ ପରିବାର ଲୋକଙ୍କୁ ନାନା ନିର୍ଯ୍ୟାତନା ଦେଲେ । ଏ ଖବର ପାଇ ଗୋପବନ୍ଧୁ ଚୌଧୁରୀ, ଯଦୁମଣି ମଙ୍ଗରାଜ, ସନ୍ଥ ଚରଣ ବେହୁରା, ଡଃ ଅଟଳ ବିହାରୀ ଆଚାର୍ଯ୍ୟ, ରାମଦାସ ବାବାଜୀ, ଡଃ ଏକ୍ରାମ ରସୁଲ ପ୍ରମୁଖ ବିପ୍ଳବୀମାନେ କନିକା ଧାଇଁ ଯାଇ ରାଜାଙ୍କ ସହ ଯୁକ୍ତିତର୍କ କଲେ । ସେତେବେଳେ ଗୋପବନ୍ଧୁ ଦାସ ହଜାରିବାଗ୍ ଜେଲ୍‌ରୁ ତାଙ୍କର ପ୍ରିୟ ଶିଷ୍ୟ 'ଦୁଃଖିନୀ କନିକା'ଙ୍କ ଦୁଃଖରେ ମ୍ରିୟମାଣ ହୋଇପଡିଥିଲେ ।

ଆନନ୍ଦଚନ୍ଦ୍ର ହତୋତ୍ସାହ ହୋଇନଥିଲେ । ଉତ୍କଳମଣି ଓ ବହୁ ଜାତୀୟ ନେତାଙ୍କ ଉତ୍ସାହ-ପ୍ରେରଣା ତାଙ୍କୁ ଶତ ସିଂହର ବଳ ଦେଉଥିଲା । ଯେତେବେଳେ ଭାରତର ଭାଗ୍ୟ ଆକାଶରେ ନିରନ୍ଧ୍ର ଅନ୍ଧକାର ମାଡି ଆସିଥିଲା, ସେତେବେଳେ ସେ ଭାରତର ମୁକ୍ତି ପାଇଁ ଲୋକଙ୍କ କାନରେ ଇଂରେଜ ବିରୋଧୀ ଧ୍ୱନି ଶୁଣାଉଥିଲେ । କେବଳ କନିକା ନୁହେଁ, ଓଡ଼ିଶାର ବିଭିନ୍ନ ସ୍ଥାନକୁ ଯାଇ ଉତ୍ପୀଡ଼ିତ ଲୋକଙ୍କୁ ଇଂରେଜ ସରକାରଙ୍କ ବିରୋଧରେ ଏକଜୁଟ କରୁଥିଲେ ।

୧୯୨୫ ଚରଖା ଆନ୍ଦୋଳନରେ ଆନନ୍ଦଚନ୍ଦ୍ର ସକ୍ରିୟ ଅଂଶ ଗ୍ରହଣ କରି ଗାନ୍ଧିଜୀଙ୍କଠାରୁ ପ୍ରଶଂସା ପାଇଥିଲେ । ବିଭିନ୍ନ ସମୟରେ ଗାନ୍ଧିଜୀ ତାଙ୍କ ପାଖକୁ ସାନ୍ତ୍ୱନାମୂଳକ ପତ୍ର ଲେଖି ତାଙ୍କ ଭିତରେ ଉତ୍ସାହ ଭରି ଦେଉଥିଲେ । ତାଙ୍କର ନିର୍ବାସନ ସମୟରେ ଗାନ୍ଧିଜୀ ମଦନମୋହନ ମାଳବ୍ୟଙ୍କୁ କନିକା ପରିଦର୍ଶନରେ ପଠାଇଥିଲେ । ତାଙ୍କର ବହୁ ସାବରମତୀ ଆଶ୍ରମ ସାଥୀ ତାଙ୍କ ନିକଟକୁ ଆସି ଭଲମନ୍ଦ ବୁଝି ଯାଉଥିଲେ । ଶରତ ବୋଷ, ଆଚାର୍ଯ୍ୟ କୃପାଳିନୀ, ଚିତ୍ତରଞ୍ଜନ ଦାସ, ଡଃ ସାବରକର ଆଦି ବହୁ ନେତା ତାଙ୍କ ସହ ପତ୍ରାଳାପ କରୁଥିଲେ । ସତ୍ୟବାଦୀ ବନ ବିଦ୍ୟାଳୟ ଅନୁସରଣରେ ଆଳିକିଲା ବଡଆଙ୍କୋ ଗ୍ରାମରେ ପ୍ରତିଷ୍ଠା କରିଥିବା ଏକ ବିଦ୍ୟାଳୟରେ ଆନନ୍ଦଚନ୍ଦ୍ର ନିଜେ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଧୀନତାର ମନ୍ତ୍ର ଦାନ କରୁଥିବା ବେଳେ ଉତ୍କଳମଣିଙ୍କ ଦେହ ତ୍ୟାଗର ଦୁଃସମ୍ବାଦ ପାଇ ଏକ ବିରାଟ ପଥର ଉପରେ ମୁଣ୍ଡ ପିଟିଦେବା ଫଳରେ ବହୁଦିନ ଧରି ଶଯ୍ୟାଶାୟୀ ହୋଇ ରହିଥିଲେ ।

ଆନନ୍ଦଚନ୍ଦ୍ର ଦିନ ତମାମ ପ୍ରଜାମେଳି କରି ରାତିରେ ଖୁବ୍‌କମ୍ ସମୟ ବିଶ୍ରାମ ନେବା ପରେ କବିତା ଲେଖୁଥିଲେ । ୧୯୨୮ ମସିହା ବେଳକୁ ସେ ବହୁ କବିତା ଗ୍ରନ୍ଥ ରଚନା କରିଥିଲେ । ସେଗୁଡିକ ମଧ୍ୟରେ ଭକ୍ତ ପ୍ରହଲ୍ଲାଦ, ମାତୃଦେବୀ, ବାରକଥା, ମୃଢମତୀ, କନିକା ବନ୍ଧୁ, 'ଦୁଃଖିନୀ କନିକା' ଆଦି ଉଲ୍ଲେଖନୀୟ । ୧୯୩୦ ମସିହାରେ କୁଜଙ୍ଗର ଦାର୍ଦ୍ଦିଆ ଗାଁଠାରେ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ଚାଲିଥିବା ଲବଣ ସତ୍ୟାଗ୍ରହ ଆନ୍ଦୋଳନରେ ବିପ୍ଳବୀ ଆନନ୍ଦଚନ୍ଦ୍ର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେଠାରେ ସେ ଶହ ଶହ ସଂଖ୍ୟାରେ ୧୪/୧୫ ବର୍ଷ ବୟସର ପିଲାମାନଙ୍କୁ ଏକଜୁଟ କରାଇ ସେହିମାନଙ୍କ ଦ୍ୱାରା ଆନ୍ଦୋଳନକୁ ସଫଳ କରାଇଥିଲେ । ୧୯୩୬ରେ ବିହାର ଓଡ଼ିଶା ଅଲଗା ହୋଇ ସ୍ୱତନ୍ତ୍ର ପ୍ରଦେଶ ହେବା ପରେ ଆନନ୍ଦଚନ୍ଦ୍ର କଟକରେ ରହି ସନ୍ଥ ବିନୋବା ଭାବେଙ୍କ ବ୍ୟକ୍ତିଗତ ସତ୍ୟାଗ୍ରହ ଆନ୍ଦୋଳନକୁ ସଫଳ କରାଇବା ପାଇଁ ପ୍ରୟାସ କରୁଥିବାବେଳେ ତାଙ୍କୁ ଗିରଫ କରାଗଲା । ଦଲାଲ୍‌ମାନଙ୍କ ଦ୍ୱାରା ତାଙ୍କ ପରିବାରର ସଦସ୍ୟମାନଙ୍କୁ ପିଟିପିଟି ଆଣି ରାଜପ୍ରାସାଦରେ ହଜାର କରାଗଲା । ସେଠାରେ ସମସ୍ତଙ୍କୁ ଗିରଫ୍ କରାଯାଇ କଟକ ଜେଲ୍‌କୁ ପଠାଗଲା । ଖବର ପାଇ ବାଳକୃଷ୍ଣ କର, ଗୋପାଳ ପ୍ରହରାଜ, ବିଧାନ ପରିଷଦର ବାଚସ୍ପତି ଯଦୁମଣି ମଙ୍ଗରାଜ ଆଦି ବହୁ ନେତା ଆନନ୍ଦଚନ୍ଦ୍ର ଓ ତାଙ୍କ ପରିବାରକୁ ଜାମିନରେ ଖଲାସ କଲେ ଓ ଡାଳିକାଏନ୍ଦାସ୍ଥିତ ତାଙ୍କର ସମସ୍ତ ଜମିବାଡି ରାଜା ବାଜ୍ୟାପ୍ତି

କରିଦେଇଥିବା କଥା ନେତାମାନେ ଆନନ୍ଦଚନ୍ଦ୍ରଙ୍କୁ ଜଣାଇଲେ । ସେ ଆଉ ଆଳି କିମ୍ବା କନିକା ଫେରନ୍ତୁ ନାହିଁ ବୋଲି ପରାମର୍ଶ ଦେଲେ । କଟକସ୍ଥିତ ଗୋପାଳ ପ୍ରହରାଜଙ୍କ ଘରେ ଦୁଇଦିନ ରହିବା ଭିତରେ ଆନନ୍ଦଚନ୍ଦ୍ରଙ୍କ ଅନେକ ସଂଗ୍ରାମୀ ସାଥୀ ସାକ୍ଷାତ କରି ତାଙ୍କ ଦୁଃଖରେ ଭାଙ୍ଗି ପଡିଲେ । ଶେଷରେ ଯଦୁମଣି ମଙ୍ଗରାଜ କେନ୍ଦ୍ରାପଡା ନିକଟସ୍ଥ ହଜାରିବଗିଚା ଗାଁରେ ଚିର ବାସ କରି ରହିବା ପାଇଁ ଆନନ୍ଦଚନ୍ଦ୍ରଙ୍କ ପରିବାରର ସବୁ ପ୍ରକାର ବନ୍ଦୋବସ୍ତ କଲେ । ବାଳକୃଷ୍ଣ କର ଓ ଆଉ କେତେକ ବିପ୍ଳବୀ ତାଙ୍କ ପରିବାରର ଭରଣପୋଷଣ ବ୍ୟବସ୍ଥା କରିଦେଲେ ।

୧୯୪୨ରେ ଗାନ୍ଧିଜୀଙ୍କ ଆହ୍ୱାନରେ ଭାରତଛାଡ ଆନ୍ଦୋଳନକୁ ସଫଳ କରିବା ପାଇଁ ଆନନ୍ଦଚନ୍ଦ୍ର ବଦ୍ଧପରିକର ହେଲେ । ଡଃ ହରେକୃଷ୍ଣ ମହତାବ ତାଙ୍କୁ କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନର ଦାୟିତ୍ୱ ଦେଲେ । ଆନନ୍ଦଚନ୍ଦ୍ର ତାଙ୍କର ପ୍ରିୟ ସାଥୀ ରଘୁନାଥ ମହାନ୍ତି, ଘନଶ୍ୟାମ ମହାନ୍ତି, ବାଳକୃଷ୍ଣ ବୋଷ, ବ୍ରଜବନ୍ଧୁ ସିଂ, ଶ୍ରୀଧର ସାହୁ, ହରି ସାନ୍ତରା ଓ ନିଜର ତିନି ପୁଅଙ୍କୁ ସାଙ୍ଗରେ ନେଇ ଗାଁ ଗାଁ ବୁଲି ଇଂରେଜ ବିରୋଧୀ ଧ୍ୱନି ସହ ବିଭିନ୍ନ ପ୍ରକାର ସ୍ୱରଚିତ ଗୀତ ଗାଉଥିଲେ । ଓଡ଼ିଶାର ବହୁ ଅଞ୍ଚଳ ଘୂରି ଲୋକଙ୍କୁ ସ୍ୱାଧୀନତାର ମନ୍ତ୍ର ଶିଖାଉଥିଲେ । ସ୍ଥାନେ ସ୍ଥାନେ କର୍ମୀ ସମ୍ମିଳନୀରେ ଯୋଗ ଦେଇ ବ୍ରିଟିଶ ସରକାରଙ୍କ ଦୋଷ ଗୁଣ ବର୍ଣ୍ଣନା କରୁଥିଲେ ।

ଗାନ୍ଧିଜୀଙ୍କ ସହ ତାଙ୍କର ଶେଷ ସାକ୍ଷାତ ହୋଇଥିଲା ଶୁଦ୍ଧପୂତ ଆଶ୍ରମରେ । ସେଠାରେ ସେ ଗାନ୍ଧିଜୀଙ୍କ ଚରଣ ସ୍ପର୍ଶ କରିବା ମାତ୍ରେ ଗାନ୍ଧିଜୀ ତାଙ୍କୁ କୋଳାଗ୍ରତ କରିନେଇ ତାଙ୍କର ସର୍ବହରାଜନିତ କାରଣ ପାଇଁ ସାନ୍ତ୍ୱନା ଦେଇଥିଲେ । ଆଉ ତାଙ୍କ ହୃତ ସମ୍ପତ୍ତି ଫେରି ପାଇବାକୁ ସାହାଯ୍ୟ କରିବା ପାଇଁ ଭି.ଭି.ଗିରିଙ୍କୁ ଦାୟିତ୍ୱ ଦେଇଥିଲେ ।

ଗଡଜାତ ଆନ୍ଦୋଳନ ବେଳେ ଡଃ ମହତାବ ଓଡ଼ିଶାର ସବୁ ରାଜା–ଜମିଦାରଙ୍କ ନିଜସ୍ୱ ମୋଟ ଜମିର ଚିଠା ପ୍ରସ୍ତୁତ କଲାବେଳେ ଆନନ୍ଦଚନ୍ଦ୍ର କନିକା ରାଜାଙ୍କର ନିଜସ୍ୱ ଜମିଜମାର ନିଚ୍ଛକ ଚିତ୍ର ଉପସ୍ଥାପନ କରିଥିବାର ଖବର ପାଇ ରାଜା ତାଙ୍କ ଉପରେ ଉତ୍‌କ୍ଷିପ୍ତ ହୋଇଉଠିଲେ ଓ ତାଙ୍କୁ ଜୀବନରେ ମାରି ଦେବାକୁ ପୋଲିସ ଓ ରାଜକର୍ମଚାରୀଙ୍କ ସହ ମନ୍ତ୍ରଣା କଲେ । ଏତିକିବେଳେ ଡଃ ମହତାବ 'ପ୍ରଜାତନ୍ତ୍ର' ପ୍ରକାଶ କରିବା ପାଇଁ ଚିନ୍ତା କରୁଥାନ୍ତି । 'ପ୍ରଜାତନ୍ତ୍ର' ଦ୍ୱାରା ପ୍ରଜାମାନଙ୍କର ସ୍ୱାର୍ଥ ରକ୍ଷା ହୋଇପାରିବ ବୋଲି ଆନନ୍ଦଚନ୍ଦ୍ର ଦୃଢ ଭାବରେ ମହତାବଙ୍କୁ ପରାମର୍ଶ ଦେଇଥିଲେ । ଏହାର ତିନିଦିନ ପରେ ତାଙ୍କୁ ମାରିଦେବାର ଯୋଜନା କରି ରାଜା ବାଘବୁଦା ଗାଁର ଦୁଇଜଣ ପ୍ରଜାଙ୍କୁ କେନ୍ଦ୍ରାପଡା ପଠାଇଲେ । ଦୁହେଁ ବାହାନା କରି କାନ୍ଦିକାନ୍ଦି ଆନନ୍ଦଚନ୍ଦ୍ରଙ୍କୁ କହିଲେ ଯେ, ରାଜା ସେମାନଙ୍କର ସବୁ ଭୂ–ସମ୍ପତ୍ତି ଛଡାଇ ନେଇଛନ୍ତି । ଆନନ୍ଦଚନ୍ଦ୍ର ଏକଥା ଶୁଣି ରାଗରେ ଲାଲ୍ ପଡିଗଲେ । କେନ୍ଦ୍ରାପଡା କୋର୍ଟରେ ରାଜାଙ୍କ ବିରୋଧରେ ମୋକଦ୍ଦମା କରିବାର ବ୍ୟବସ୍ଥା କରି ସେଦିନ ରାତିରେ ସେ ସେମାନଙ୍କ ଭଡା ଘରେ ଆତିଥ୍ୟ ଗ୍ରହଣ କଲେ । ପ୍ରାୟ ରାତି ୧୨ଟାରେ ଘରକୁ ଫେରି ପୁଅମାନଙ୍କୁ ସେ ଦୁଇଜଣଙ୍କ ଦୁଃଖ କହୁ କହୁ ହଠାତ୍ ଅସୁସ୍ଥ ହୋଇଗଲେ । ଡାକ୍ତର ଅଟଳ ବିହାରୀ ଆଚାର୍ଯ୍ୟ ଓ କମ୍ପାଉଣ୍ଡର ବ୍ରଜବନ୍ଧୁ ସିଂ ଲଗାତାର ୧୪ଘଣ୍ଟା ଚିକିତ୍ସା କରିଥିଲେ ହେଁ କିଛି ଫଳ ହେଲାନାହିଁ । ଖାଦ୍ୟରେ ବିଷ ମିଶା ଯାଇଥିବା କଥା ପ୍ରଘଟ ହେବା ପରେ ସେ ଦୁହେଁ ଭଡା ଘରେ ନଥିଲେ । କିଛି ସମୟ ଭିତରେ ଆନନ୍ଦଚନ୍ଦ୍ରଙ୍କ ସଂଗ୍ରାମୀ ସାଥୀ, ଆତ୍ମୀୟ, ସମାଜସେବୀ, ଧନୀ, ଜ୍ଞାନୀ ଗୁଣୀ ସମସ୍ତେ ତାଙ୍କ ଭଗ୍ନ କୁଡିଆରେ ରୁଣ୍ଡ ହୋଇଯାଇଥିଲେ । ଉଦ୍ଦଣ୍ଡ କୀର୍ତ୍ତନ ଓ କରୁଣ ପରିବେଶ ଭିତରେ 'ବିଶ୍ୱ ତାରଣ ହେ... ବିଶ୍ୱ ମୋହନ ହେ...ନମୋଃ କ୍ରିଷ୍ଣାୟଃ...' କହୁ କହୁ ବିପ୍ଳବୀ ଆନନ୍ଦଚନ୍ଦ୍ର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ୧୯୪୬ ମସିହା ଜାନୁୟାରୀ ୨୭ ତାରିଖରେ କନିକା ତଥା ସାରା ଓଡ଼ିଶାରେ ଘୋଟି ଯାଇଥିଲା ଘନ ଅନ୍ଧକାର । ପ୍ରଜାମାନେ ମୁଣ୍ଡ କଚାଡି ରାହା ଧରି କାନ୍ଦିଥିଲେ । ଖବର ପାଇ ଯଦୁମଣି ମଙ୍ଗରାଜ ପହଞ୍ଚି ହତବାକ୍ ହୋଇ କହି ଉଠିଥିଲେ, 'ହାୟ ଦୁଃଖିନୀ କନିକା, ସତରେ ତୁମେ ଚାଲିଗଲ ? ଆଉ କିଏ କନିକାର ଦୁଃଖ ବୁଝିବ ? ରାଜାଙ୍କ ଅନ୍ୟାୟ, ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ପ୍ରତିବାଦ୍ କରିବ କିଏ ?...' ପରେ ପରେ ହଜାର ହଜାର ଲୋକଙ୍କର ଲମ୍ବାଧାଡି ଲାଗିଥିଲା ତାଙ୍କ ଭଗ୍ନ କୁଡିଆ ଅଭିମୁଖେ । ଓଡ଼ିଶାର ପ୍ରମୁଖ ନେତାମାନେ ପହଞ୍ଚି ଶୋକସଭା କରିଥିଲେ । ବହୁ ଜାତୀୟ ସ୍ତରର ନେତା ଶୋକ ସମ୍ବାଦ ପଠାଇ ଶୋକ ସନ୍ତପ୍ତ ପରିବାରକୁ ଆଶ୍ୱାସନା ଦେଇଥିଲେ ।

ଏତେ କଷଣ ସତ୍ତ୍ୱେ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବିପ୍ଳବର ବହ୍ନି ଶିଖା ତାଙ୍କ ଜୀବନରେ ଅନିର୍ବାଣ ହୋଇ ରହିଗଲା । ସେ ସର୍ବଦା ପ୍ରଜାଙ୍କ ମୁକ୍ତି ପାଇଁ ଚିନ୍ତା କରୁଥିଲେ । ସେ ଲଢୁଥିଲେ ରାଜାଙ୍କ ବିରୁଦ୍ଧରେ, ବ୍ରିଟିଶ ସରକାର ବିରୁଦ୍ଧରେ, କନିକା ପ୍ରଜାଙ୍କ ସୁଖ–ସମୃଦ୍ଧି ପାଇଁ–ଭାରତର ସ୍ୱାଧୀନତା ପାଇଁ । ସେ ମୋଟରେ ୭ଥର କାରାବରଣ କରି ୧୨ବର୍ଷ କାଳ କାରାବାସରେ କଟାଇଥିଲେ । ସେ ଇହଧାମ ତ୍ୟାଗ କରିଥିଲେ ମଧ୍ୟ ଆଜିବି ଆମ ପାଖରେ ଅମର ହୋଇରହିଛନ୍ତି । ଆଜି ତାଙ୍କର ପବିତ୍ର ଜନ୍ମ ତିଥିରେ ତାଙ୍କର ଅମ୍ଳାନ କୀର୍ତ୍ତି ସମସ୍ତଙ୍କ ସାମ୍ନାରେ ଭାସି ଉଠୁଛି ।

କ୍ୱାର୍ଟର୍ସ–୨ଆରଏ– ୩୨, ରୋଡ୍–୩
ୟୁନିଟ୍–୯, ଭୁବନେଶ୍ୱର–୭୫୧୦୨୨

# ନିରବ ସାରସ୍ୱତ ସାଧକ: ରାଜକିଶୋର

**ଦୁଃଖିଶ୍ୟାମ ଦାସ**

ଓଡ଼ିଆ ସାହିତ୍ୟର ଯୁଗପ୍ରବର୍ତ୍ତକ କଥାକାର ତଥା ଔପନ୍ୟାସିକ ରାଜକିଶୋର ପଟ୍ଟନାୟକ ଥିଲେ ଭିନ୍ନ ଏକ ବ୍ୟକ୍ତିତ୍ୱସମ୍ପନ୍ନ ପ୍ରତିଭାଦୀପ୍ତ ମୌଳିକ ସାହିତ୍ୟ ସ୍ରଷ୍ଟା । ଜଣେ ସଫଳ ସ୍ରଷ୍ଟା ଭାବରେ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ଅପରିମିତ ସୃଷ୍ଟି ସ୍ୱାକ୍ଷର ବହନ ପୂର୍ବକ ସେ ସାରସ୍ୱତ ଭଣ୍ଡାରକୁ ଯେପରି ରୁଦ୍ଧିମନ୍ତ କରିଛନ୍ତି, ତାହାର ପଟାନ୍ତର ନାହିଁ । ସ୍ୱାଧୀନଚେତା ସ୍ୱାଭିମାନୀ ଏକନିଷ୍ଠ ସାଧକପୁରୁଷ ରାଜକିଶୋର ପ୍ରଗାଢ଼ ଆତ୍ମପ୍ରତ୍ୟୟକୁ ପାଥେୟ କରି ସ୍ୱକୀୟ ଚିନ୍ତାଚେତନାରେ ଯେଉଁସବୁ ବାସ୍ତବଧର୍ମୀ ମୂଲ୍ୟବୋଧଭିତ୍ତିକ ପ୍ରସଙ୍ଗଗୁଡ଼ିକୁ ସ୍ୱତନ୍ତ୍ର ରଚନାତ୍ମକ ଶୈଳୀରେ ପରିପ୍ରକାଶ କରିଛନ୍ତି, ତାହା ଜଣେ ଉତ୍ସର୍ଗୀକୃତ ସଂସ୍କାରଧର୍ମୀ ସାହିତ୍ୟ ସାଧକର ଅମର କୃତିଭାବେ ଚିର ଭାସ୍ୱର ହୋଇରହିବ । ନିଜସ୍ୱ ରୁଚିବୋଧଭିତ୍ତିକ ସ୍ୱତନ୍ତ୍ର ପ୍ରକାଶନ ଭଙ୍ଗୀରେ ମାନବ ଜୀବନର ନାନାବିଧ ଲୌକିକ ବୈଚିତ୍ର୍ୟମୟ ରହସ୍ୟକୁ ଉଦ୍‌ଘାଟନ କରି ଯୁଗଯୁଗ ଲାଗି ଦିଗନ୍ତ ବିସ୍ତାରୀ ନିଦର୍ଶନ ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ ନିଜସ୍ୱ ନିର୍ବାଚିତ ଦୃଷ୍ଟିଭଙ୍ଗୀରେ କଥାବସ୍ତୁ ଚୟନ ତଥା ଶିଳ୍ପ–ନୈପୁଣ୍ୟର ଚାତୁର୍ଯ୍ୟପୂର୍ଣ୍ଣ ଶବ୍ଦ ବ୍ୟଞ୍ଜନାରେ ସେ ତାଙ୍କର ଲେଖନୀ ନିସୃତ ସୃଷ୍ଟି ସମ୍ଭାରକୁ ବହୁଭାବରେ ପରିପୁଷ୍ଟ କରିପାରିଛନ୍ତି । କେବଳ ସାରସ୍ୱତ ସାଧନା କ୍ଷେତ୍ରରେ କାହିଁକି ପେଶାଦାରୀ ଆଇନ ବ୍ୟବସାୟରେ ମଧ୍ୟ ସେ ଯେପରି ନିର୍ଭୀକତା ସ୍ପଷ୍ଟବାଦିତାର ପରିଚୟ ପ୍ରଦାନ କରିଛନ୍ତି, ତାହା ତାଙ୍କର ସ୍ୱର୍ଦ୍ଧିତ–ବ୍ୟକ୍ତିତ୍ୱ ବିକାଶର ସ୍ୱୀୟ ପରିପ୍ରକାଶ କହିଲେ ଅତ୍ୟୁକ୍ତି ହେବନାହିଁ । ସେ ଏକାଧାରରେ ଓଡ଼ିଶାର ଅନନ୍ୟ ସାରସ୍ୱତ ସ୍ରଷ୍ଟା, ସତ୍ୟନିଷ୍ଠ ସାମ୍ବାଦିକ ଓ ସମ୍ପାଦକ, ଲବ୍ଧ ପ୍ରତିଷ୍ଠ ଆଇନଜ୍ଞ, ସଫଳ କ୍ରୀଡ଼ାବିତ, ପୁସ୍ତକ ପ୍ରକାଶକ ଏବଂ ସମାଜସେବୀ ଭାବେ ଯଶ ଓ ଖ୍ୟାତି ଅର୍ଜନ କରିଛନ୍ତି । ଜଣେ ମନନଶୀଳ ସ୍ରଷ୍ଟା ଭାବରେ ରସୋତୀର୍ଣ୍ଣ ପ୍ରଗତିଶୀଳ କଥା ସାହିତ୍ୟ ତଥା ସାରସ୍ୱତ–ସୃଷ୍ଟି–ସମ୍ଭାରକୁ ସ୍ୱକୀୟ ସ୍ୱଚ୍ଛନ୍ଦ ଭଙ୍ଗୀ ଓ ଗଭୀର ଜୀବନାନୁଭୂତି ମାଧ୍ୟମରେ ପରିପ୍ରକାଶ କରିବାରେ ରାଜକିଶୋର ଥିଲେ ଜଣେ ଅନନ୍ୟ ଅନିନ୍ଦ୍ୟ ଭାବମୂର୍ତ୍ତି ସମ୍ପନ୍ନ ରକ୍ତମାଂସରେ ଗଢ଼ା ସ୍ୱତନ୍ତ୍ର ମଣିଷଟିଏ ।

ଯଶସ୍ୱୀ କଥାଶିଳ୍ପୀ ରାଜକିଶୋର ପିତାଙ୍କର ସରକାରୀ ଚାକିରିସ୍ଥଳୀ କଲିକତା ମହାନଗରୀରେ ଏପ୍ରିଲ ଆଠ ଉଣେଇଶ ସତର ମସିହାରେ ଭୂମିଷ୍ଠ ହୋଇଥିଲେ ମଧ୍ୟ ଐତିହାସିକ କଟକ ସହର ଥିଲା ତାଙ୍କ ବିଦ୍ୟା ଶିକ୍ଷାଲାଭର ମୁଖ୍ୟ କେନ୍ଦ୍ର । ସେ ଜଣେ ମେଧାବୀ ଛାତ୍ରଭାବରେ ରେଭେନ୍ସା କଲ୍‌ଜିଏଟ୍ ସ୍କୁଲ, ରେଭେନ୍ସା ମହାବିଦ୍ୟାଳୟ ଓ ମଧୁସୂଦନ ଆଇନ ମହାବିଦ୍ୟାଳୟର ଛାତ୍ର ଓ ଶିକ୍ଷକ ମହଲରେ ବେଶ୍ ଶ୍ରଦ୍ଧାଭାଜନ ହୋଇପାରିଥିଲେ । ତତ୍କାଳୀନ ସମାଜରେ ଉଚ୍ଚପଦସ୍ଥ ସରକାରୀ ଚାକିରି ତାଙ୍କ ପାଇଁ ସହଜ ସାଧ୍ୟ ଥିଲେ ମଧ୍ୟ ମୋହମୁକ୍ତି ସ୍ୱାଧୀନଚେତା ରାଜକିଶୋର ଆଇନ ବ୍ୟବସାୟକୁ ନିଜ ଜୀବନବର୍ଦ୍ଧନର ମାନ ଭାବେ ଗ୍ରହଣ କରି ସେଥିରେ ଉତ୍ତରୋତ୍ତର ଉନ୍ନତି ଲାଭ କରିଥିଲେ । ତାଙ୍କ ଜୀବନର ସବୁଠାରୁ ବଡ଼କଥା ହେଉଛି ଛାତ୍ରାବସ୍ଥାରୁ ଖେଳୁଆଡ଼ ମନୋବୃତ୍ତି ତାଙ୍କୁ ଜଣେ ସଫଳ କ୍ରୀଡ଼ାବିତ୍ ଭାବେ ପରିଚିତ କରାଇବା ସହ ତମାମ ଜୀବନ ଜଣେ କ୍ରୀଡ଼ାବିତ୍‌ର ଭୂମିକା ତାଙ୍କର ପ୍ରତି ପଦକ୍ଷେପରେ ପର୍ଯ୍ୟବସିତ ଥିଲା । ତେଣୁ ଯୁବକ–ସୁଲଭ ଖେଳୁଆଡ଼ ଅବହାୱାରେ ତାଙ୍କର ସାରସ୍ୱତ ଜୀବନର ଅୟମାରମ୍ଭ ହୁଏ ୧୯୩୪ ମସିହାରେ ରେଭେନ୍ସା ମହାବିଦ୍ୟାଳୟର ଅଧ୍ୟୟନରତ ଛାତ୍ରାବସ୍ଥାରୁ । ପ୍ରଥମ ଉପନ୍ୟାସଟି ତାଙ୍କର ଅସମ୍ପୂର୍ଣ୍ଣ ଓ ଅପ୍ରକାଶିତ ରହିଯାଇଥିଲେ ସୁଦ୍ଧା ତାଙ୍କ ନିର୍ଝର ଲେଖନୀ–ନିସୃତ ଗଳ୍ପ, ଉପନ୍ୟାସଗୁଡ଼ିକର ସୃଷ୍ଟି ଓ ପ୍ରକାଶନ ଦୀର୍ଘ ଅର୍ଦ୍ଧ ଶତାବ୍ଦୀ ଧରି ଧାରାବାହିକ ଭାବେ ସାରସ୍ୱତ ଜଗତକୁ ପ୍ରଭାବିତ କରି ରଖିଥିଲା ।

ତତ୍କାଳୀନ ସମାଜରୁ ପ୍ରଗାଢ ନିଷ୍ଠା ଓ ଗଭୀର ଆତ୍ମବିଶ୍ୱାସର ସହ ଚରିତ୍ରମାନ ସଂଗ୍ରହ କରି ସେ ଯେଉଁ ମୌଳିକ ସୃଷ୍ଟି ସମ୍ଭାରମାନ ପାଠକ ପାଠିକାମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଛନ୍ତି, ସେହି ଉପନ୍ୟାସ ଓ ଗଳ୍ପ ସମୂହ ନିଜର ଚଲାପଥରେ ଆବିଷ୍କାର କରିଥିବା ଗୋଟିଏ ଗୋଟିଏ ବାସ୍ତବ ତଥା ଜୀବନଧର୍ମୀ କାହାଣୀ ପ୍ରସୂତ ଅଭିଜାତ ଓ ଶିକ୍ଷିତଗୋଷ୍ଠୀ ବିରୋଧୀ ଅଭିଯୋଗର ସ୍ୱୀୟ ପ୍ରତିଫଳନରେ ସନ୍ନିବେଶିତ । କେବଳ ଯେ ସମାଜ ଜୀବନର ନିଖୁଣ ଚିତ୍ର କାହିଁକି, ଏଥିରେ ପୁଣି ନିହିତ ରହିଛି ନିଜକୁ ନିଜେ ଚିହ୍ନିବାର ତଥା ଆବିଷ୍କାର କରିବାର କାହାଣୀ । ଏପରି ଜଣେ ଆତ୍ମବିଶ୍ଳେଷଣାଧର୍ମୀ, ନିର୍ଭୀକ ତଥା ସ୍ୱାବଲମ୍ବୀ ବଳିଷ୍ଠ ସ୍ରଷ୍ଟା ଓ ରୂପକାର ଭାବରେ କୃତିତ୍ୱ ଅର୍ଜନ କରିଥିଲେ ମଧ୍ୟ ତାଙ୍କ ପ୍ରତିଭା ପ୍ରତି ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ ପୂର୍ବକ କୌଣସି ଗୋଟିଏ ବି ଉଲ୍ଲେଖନୀୟ ସାହିତ୍ୟ ପୁରସ୍କାର ବା ସ୍ୱୀକୃତି ପ୍ରଦାନ କରାଯାଇନାହିଁ । ତାଙ୍କ ବିରଚିତ 'ବିରହିଣୀ, ଚଲାବାଟ, ପ୍ରେମିକର ଡାଏରୀ ଓ ପ୍ରେମର ନିୟତି' ଆଦି ଉପନ୍ୟାସମାନ ପ୍ରଣିଧାନ କଲେ ପ୍ରାଞ୍ଜଳ ଭାବେ ହୃଦ୍‌ବୋଧ ହୁଏ ଯେ ପ୍ରତ୍ୟେକଟି ସୃଷ୍ଟି–ପୁଷ୍ପ ତାଙ୍କର ଭିନ୍ନ ଭିନ୍ନ ରୁଚିବୋଧର ମହକକୁ ବିତରଣ କରିବାରେ ସ୍ୱଚ୍ଛନ୍ଦ ଅଭିବ୍ୟକ୍ତି ଛଡ଼ା ଅନ୍ୟ କିଛି ନୁହେଁ । କଥାକାର ରାଜକିଶୋରଙ୍କର ଅନୁଭୂତି ପ୍ରସୂତ ବସ୍ତୁନିଷ୍ଠ ବାସ୍ତବ ଘଟଣାବଳୀକୁ ଭିତ୍ତିକରି ପ୍ରକାଶନଗୁଡ଼ିକ ସମୃଦ୍ଧହୋଇ ଠିକଣାବିହୀନ ଯାତ୍ରାରମ୍ଭ ଓ ପରିସମାପ୍ତିକୁ ଉପଜୀବ୍ୟ କରୁଥିଲେ ସୁଦ୍ଧା ତାଙ୍କ ଚଲାବାଟର ଅସ୍ତିତ୍ୱ ମଣିଷ–ମନ–ଗହନରେ ଏକ ନବ ପ୍ରେରଣାର ଭାବବୋଧକୁ ଉଦ୍‌ଜୀବିତ କରିଥାଏ । ତେଣୁ ସମାଲୋଚକ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତାଙ୍କ ମନ୍ତବ୍ୟ ହେଉଛି, ରାଜୁବାବୁଙ୍କର ଜାତୀୟ ରାଜପଥ ନିର୍ମିତ ହୋଇଛି ତରୁଣର ମନରେ । ହୃଦୟ ଭିତରେ–ତରୁଣର ମନରେ ନକହି ତରୁଣ ମନରେ କହିଲେ ହିଁ ଅଧିକ ସମୀଚୀନ ହେବ । ତାଙ୍କର ଉପନ୍ୟାସର କଳେବର ତେଣୁ ମନଃ ସମୀକ୍ଷାର ଇତିହାସ ଓ ଫଳାଫଳ ବର୍ଣ୍ଣନା । ନାୟକ ନାୟିକା ରୂପରେ ସେ ଯେଉଁମାନଙ୍କୁ ସୃଷ୍ଟି କରିଛନ୍ତି ସମସ୍ତେ ତାଙ୍କ ମାନସିକ ପରୀକ୍ଷାଗାରର ଗୋଟାଏ ବସ୍ତୁ ବା କେବଳ ପ୍ରେମର ପରିପ୍ରେକ୍ଷିତରେ ।

ସାହିତ୍ୟ ହେଉଛି ଶବ୍ଦର ଖେଳ । ତେଣୁ ଶବ୍ଦ–କ୍ରୀଡ଼ାର ନୈପୁଣ୍ୟ ମଧ୍ୟରେ ନିହିତ ଥାଏ କବି ବା ଲେଖକର ପ୍ରତିଭା । ରାଜକିଶୋରଙ୍କ ପ୍ରେମିକର ଡାଏରୀ ଉପନ୍ୟାସଟିକୁ ଏକ ଖେଳାଳୀ ମନୋଭାବର ଚାତୁର୍ଯ୍ୟମୟ ଖେଳ ଚାତୁରୀ ବୋଲି ଗ୍ରହଣ କରାଗଲେ ବୋଧହୁଏ ଯୁକ୍ତିଯୁକ୍ତ ହେବ । ଏହି ଖେଳ ହେଉଛି ପ୍ରେମର ଖେଳ ବୋଲି ଔପନ୍ୟାସିକ ସୂଚନା ପ୍ରଦାନ କରି ଉଲ୍ଲେଖ କରିଛନ୍ତି, ଗୋଟିଏ କବିକୁ ଭଲପାଇବା ଯେତେ ସୁନ୍ଦର କବି ପାଖରେ ଏମିତି ଯାଇ ଯାଚି ଗୁଞ୍ଜି ହୋଇ ଗଳି ପଶିବା ସେତିକି ଅଡୁଆ । ଖେଳରେ ଖେଳରେ ଆମେ କେତେ ଦୂରକୁ ଯାଉଛୁ, ଜାଣୁଛ ତ ! ସେହିପରି ରାଜକିଶୋରଙ୍କ ଶକ୍ତିଶାଳୀ ଲେଖନୀ ସ୍ପର୍ଶରେ ଉଭୟ ମାଟି ଓ ମଣିଷଙ୍କୁ ଚିହ୍ନିବାର ପ୍ରାରମ୍ଭିକ ପ୍ରଚେଷ୍ଟା ହୋଇଛି ସିନ୍ଦୂର ଗାର ଉପନ୍ୟାସରେ । କାରଣ ରାଜକିଶୋରଙ୍କ ଦୃଷ୍ଟିଭଙ୍ଗୀରେ ସ୍ୱାଧୀନତା ଅବ୍ୟବହିତ କାଳର ରକ୍ଷଣଶୀଳ ଗ୍ରାମୀଣ ପରିବାରର ଜୀବନଚିତ୍ର ନାୟକ ସାରଦା ଓ ନାୟିକା ସୌଦାମିନୀ ଉଭୟ ଚରିତ୍ର ଚୟନ ମାଧ୍ୟମରେ ଏକ ନୂତନ ମାନଦଣ୍ଡରେ ପରୀକ୍ଷାନିରୀକ୍ଷା ହୋଇଛି । ରାଜକିଶୋର ପଟ୍ଟନାୟକ ଆଇନ ବ୍ୟବସାୟକୁ ବୃତ୍ତିଗତ ଜୀବନଜୀବିକାର ମାର୍ଗଭାବେ ମନୋନୟନ କରିଥିଲେ ମଧ୍ୟ ସାହିତ୍ୟ ସାଧନା ପ୍ରତି ତାଙ୍କର ଥିଲା ପ୍ରବଳ ଆସକ୍ତି । ତେଣୁ ଜୀବନ ସଂଗ୍ରାମର ତିକ୍ତ ମଧୁର ଅନୁଭୂତି ଭିତରୁ ସରସ ଅଭିଜାତ ଜୀବନ ତାଙ୍କର ଗଦ୍ୟମୟ ହୋଇଉଠୁଥିଲା । ତେଣୁ ଜନୈକ କବି କବିତାରେ 'ଦରିଦ୍ର କବିରେ ସଂସାର ପୀଡେ । କବିତାକୁ ବେଳ କାହିଁ ଏ ଭିଡେ ।' ରାଜକିଶୋର ଅଷ୍ଟମୀଚାନ୍ଦ ଉପନ୍ୟାସଟିକୁ ନାଟ୍ୟକାର ରମାରଞ୍ଜନ ମହାନ୍ତିଙ୍କୁ ଉତ୍ସର୍ଗ କରି ଲେଖିଥିଲେ– ଦିନ ମଜୁରୀଆ ଶ୍ରେଣୀର ଓକିଲାତି ଜୀବନରେ ସୌଖିନ ସାହିତ୍ୟିକର କରୁଣ ସ୍ୱର୍ଶ ମରିଗଲା । ସେହି ଜୀବିକାବାହୀ ଜୀବନର ଅହେତୁକ ସନ୍ଦେହ ଓ ଅଯୌକ୍ତିକ ବିଷର୍ଣ୍ଣତା ମଧ୍ୟରେ ସାଧାରଣ ଦୃଷ୍ଟିକୋଣ ମଧ୍ୟ ବିହଙ୍ଗ ହୋଇ ବସା ବାନ୍ଧିଲା ।

କଥାକାର ରାଜକିଶୋରଙ୍କର କଥା–ସାହିତ୍ୟ ତଥା ଗଳ୍ପ ସମୂହକୁ ବିଶ୍ଳେଷଣ କଲେ ମାନବବାଦୀ ଅନୁଚିନ୍ତା ଗଦ୍ୟମୟ–କାହାଣୀରେ ପରିପ୍ରକାଶ ଲାଭ କରିଛି, ସୁଧୀ ସାଧକ ତଥା ପାଠକପାଠିକା ତାହା ନିଶ୍ଚିତ ଭାବରେ ଉପଲବ୍ଧି କରିପାରିବେ । ସ୍ୱତନ୍ତ୍ର ଓ ସ୍ୱଚ୍ଛନ୍ଦ ଚିନ୍ତା ଚେତନାକୁ ଆଧାର କରି ତାଙ୍କ ବିରଚିତ ଗଳ୍ପସମ୍ଭାର ଚିରନ୍ତନ ତଥା ଶାଶ୍ୱତ ପ୍ରାଣସ୍ପନ୍ଦନର ଗହନକଥାକୁ ଏକ ଭିନ୍ନ ରଙ୍ଗରେ ନୂତନତ୍ୱର ସନ୍ଦେଶ ପ୍ରଦାନପୂର୍ବକ ସତେ ଯେପରି ସ୍ରଷ୍ଟାମାନସରୁ ଆତ୍ମପ୍ରକାଶ ଲାଭ କରିଛି ସାଧାରଣ ମଣିଷର ସୁଖ ଦୁଃଖ ପ୍ରତି ସମ୍ବେଦନଶୀଳ ହୋଇ । ଅନ୍ତଃଦୃଷ୍ଟିରେ ସାଧାରଣ ଚରିତ୍ରଗୁଡ଼ିକୁ ଚୟନପୂର୍ବକ ତାଙ୍କ ରଚିତ ଗଳ୍ପ ସମୂହକୁ ସେ ରୁଚିବନ୍ତ ଓ ବୁଦ୍ଧିମନ୍ତ କରିବା ସଙ୍ଗେ ସଙ୍ଗେ ବୈଚିତ୍ର୍ୟମୟ ସ୍ୱତନ୍ତ୍ରତା ପ୍ରତିପାଦନ କରି ଆପଦମୁକ୍ତ ଗାଳ୍ପିକ ଆସନରେ ଆସୀନ

ହେବାର ସୌଭାଗ୍ୟ ଲାଭ କରିଛନ୍ତି । ତେଣୁ କଥାକାର ରାଜକିଶୋରଙ୍କର ସମାଜ ସଂସ୍କାରଧର୍ମୀ ଅଙ୍ଗୀକାରବଦ୍ଧତା ପରିପୋଷିତ ହୋଇଛି ସ୍ୱରଚିତ ଗଳ୍ପସଂକଳନ ତୁଠ ପଥରଠାରୁ ଆରମ୍ଭ କରି ହାଟବାହୁଡ଼ା ପର୍ଯ୍ୟନ୍ତ ପ୍ରକାଶନ ମାଧ୍ୟମରେ । ତାଙ୍କ ଅନ୍ତର୍ନିହିତ ମାନସଚକ୍ଷୁରେ ସୂକ୍ଷ୍ମ ଭଙ୍ଗୀ ଓ ତୀକ୍ଷ୍ଣ ବିଚାରଧାରା ବଦ୍ଧମୂଳଭାବେ ପରିପୁଷ୍ଟ ହୋଇଛି ଜୀବନ୍ତ ତଥା ମାନବଧର୍ମୀ ଘାସ ଗଳ୍ପରେ ଯାହାକୁ ପାଠକଲେ ପାଠକ ମହଲ ନବୀନତ୍ୱର ଅମୀୟ ତୃପ୍ତି ଲାଭ କରିବା ସହ ଗାଳ୍ପିକ ରାଜକିଶୋରଙ୍କ କଳା-କୌଶଳର ନିପୁଣତା ପ୍ରତି ଶତମୁଖ ହେବାକୁ ବାଧ୍ୟ ହୁଅନ୍ତି ।

ସାମ୍ବାଦିକତା ସ୍ୱାଧୀନଚେତା ରାଜକିଶୋରଙ୍କ ଜୀବନର ଅନ୍ୟ ଏକ ବଳିଷ୍ଠ ଦିଗନ୍ତ ଭାବେ ପ୍ରତିଭାତ । ବିଂଶ ଶତକର ପଞ୍ଚମ ଦଶକରେ ସେ ଇଂରାଜୀ ସାପ୍ତାହିକ ପତ୍ରିକା ସ୍କଟିନ୍‌ର ସମ୍ପାଦକ ଥିଲେ । ସ୍ୱାଧୀନ ଓ ନିରପେକ୍ଷ ବିଚାର ଧାରାକୁ ସମ୍ମାନ ପ୍ରଦର୍ଶନ କରି ଭିନ୍ନମତ ଉପସ୍ଥାପନ କରିବାରେ ସେ ଥିଲେ ସିଦ୍ଧହସ୍ତ । ୧୯୭୧ ମସିହାରେ ଜାତୀୟ ରାଜନୀତିକ ଅବସ୍ଥା ପଙ୍କିଳ ହୋଇପଡିଥିବା ବେଳେ ରାଜକିଶୋର ଏକାଦିକ୍ରମେ ଓଡ଼ିଶାରେ ଦୈନିକ ସମ୍ବାଦପତ୍ରିକା ପାଠଚକ୍ର ସାପ୍ତାହିକ ପତ୍ରିକା ଆମର ଆଇନ ଏବଂ ଇଂରାଜୀ ସାପ୍ତାହିକ କଟକ ଲ' ନୋଟସ୍ ପ୍ରକାଶ କରୁଥିଲେ ମଧ୍ୟ ସାମ୍ବାଦିକତାକୁ ପେଶାଦାରୀ ବୃତ୍ତିଭାବେ ଗ୍ରହଣ କରିପାରି ନଥିଲେ । ସ୍ୱଚ୍ଛ ମତ ଓ ଏକକ ଚେଷ୍ଟାକୁ ପୁଞ୍ଜିକରି ସେ ଜନମତକୁ ଯେପରି ଭାବରେ ପ୍ରଭାବିତ ତଥା ନିୟନ୍ତ୍ରଣ ଓ ପ୍ରତିଷ୍ଠା କରିପାରୁଥିଲେ, ତାହା ବାସ୍ତବରେ ସଚ୍ଚୋଟ, ନିର୍ଭୀକ ଓ ନିର୍ମଳ ସମ୍ବାଦିକତାର ପରିଚୟ ପ୍ରଦାନ କରେ ।

ରାଜନୀତି କ୍ଷେତ୍ରରେ ମଧ୍ୟ ତାଙ୍କର ପ୍ରବେଶ ଓ ଦକ୍ଷତା ଥିଲା । ମାତ୍ର ସେ ସ୍ୱକୀୟ ଆଦର୍ଶ ଓ ନୀତିକୁ ଯେକୌଣସି ପରିସ୍ଥିତିରେ ଜଳାଞ୍ଜଳି ଦେବାର ବ୍ୟକ୍ତି ନଥିଲେ । ତେଣୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ସ୍ୱତନ୍ତ୍ର ଦଳ ପରିହାର କରି ନିଜେ ସ୍ୱାଧୀନ ଓଡ଼ିଶା ଦଳ ଗଠନ କରିଥିଲେ । ମାତ୍ର ରାଜନୈତିକ ପୃଷ୍ଠପୋଷକତା ଓ ପ୍ରୋତ୍ସାହନର ଅଭାବରୁ ଦଳ ତିଷ୍ଠି ପାରିଲା ନାହିଁ । ଆହୁରି ମଧ୍ୟ ସେ ପୁସ୍ତକ ପ୍ରକାଶନ ଲାଗି ଶାନ୍ତି ନିବାସ ବାଣୀ ମନ୍ଦିର ନାମକ ପ୍ରକାଶନ ସଂସ୍ଥା ଗଠନ କରିଥିଲେ । ବହୁଦିନ ଧରି ଏହି ସଂସ୍ଥା ସୁଚାରୁରୂପେ ପରିଚାଳିତ ହେଲା ଏବଂ ପୁସ୍ତକମାନ ବିକ୍ରୟ ନିମନ୍ତେ ସହଜ ଓ ସୁବିଧା ମାର୍ଗ ଉନ୍ମୋଚିତ ହୋଇପାରିଥିଲା । ଏହା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ ଥିଲା ଯେ ସବୁବେଳେ ସେ ନୂତନତ୍ୱର ସ୍ୱପ୍ନବିଳାସୀ ଥିଲେ ମଧ୍ୟ ଜୀବନରେ ମୌଳିକ ନୀତି ଓ ମୂଲ୍ୟବୋଧକୁ ପରିହାର କରି ଅନ୍ୟ ମାର୍ଗକୁ ଆବୋରି ପାରୁନଥିଲେ ।

ଏଇ ସୁଗନ୍ଧସିକ୍ତ ସୁବାସ ବିତରଣ କରୁଥିବା ପୂର୍ଣ୍ଣ ପ୍ରସ୍ଫୁଟିତ ପୁଷ୍ପଟି ମଉଳି ଝଡି ପଡିଥିଲା ମାର୍ଚ୍ଚ ୧, ୧୯୯୭ ମହିହାରେ । ମହାକାଳ ବକ୍ଷରେ ନିଶ୍ଚିନ୍ତ ଓ ନିରାପଦରେ ଜଞ୍ଜାଳଶୂନ୍ୟ ବିଶ୍ରାମ ଗ୍ରହଣ କଲେ ରାଜକିଶୋର । ସେହିକାଳ ନିଦ୍ରା ଭଙ୍ଗ ହେବାର ଆଉ ସ୍ୱପ୍ନ ନାହିଁ କି କଳ୍ପନା ବି ନାହିଁ । କିନ୍ତୁ ଦୀର୍ଘକାଳ ପର୍ଯ୍ୟନ୍ତ ଜୀବନ ଜଞ୍ଜାଳ ଭିତରେ ଝଞ୍ଜିହୋଇ ଓଡ଼ିଆ ସାହିତ୍ୟର ପାଠକ ମହଲକୁ ସେ ଯେଉଁ ରାଶି ରାଶି ଗଳ୍ପ ଓ ଉପନ୍ୟାସ ଦାନ କରିଗଲେ, ଓଡ଼ିଆ ଜାତିର ସ୍ମୃତିପଟରେ ତାହା ଚିର ଭାସ୍ୱର ହୋଇରହିବ । ତାଙ୍କ ଅନୁସୃତ ଆଦର୍ଶ ଓ ନୀତିକୁ ନିଜ ଜୀବନ ଓ ଲେଖାରେ ସେ ଯେପରି ପରିପୋଷଣ କଲେ, ତାହା ହାତଗଣତି କେତୋଟି ବ୍ୟକ୍ତିଙ୍କ ପକ୍ଷେ ସମ୍ଭବ ମନେ ହୁଏ ।

ସଭାପତି 'ସମନ୍ୱୟ'
ବାଙ୍ଗିସାହି, ତେଲେଙ୍ଗା ବଜାର
କଟକ–୭୫୩୦୦୯

❖ ❖ ❖

# ଓଡ଼ିଆ ଭାଷା ସାହିତ୍ୟର ଉଜ୍ଜ୍ୱଳ ଜ୍ୟୋତିଷ୍କ : ପଦ୍ମଶ୍ରୀ ଡକ୍ଟର ସତ୍ୟନାରାୟଣ ରାଜଗୁରୁ

**ମୀନାକ୍ଷୀ ସାହୁ**

ଓଡ଼ିଶାର ଦକ୍ଷିଣାଞ୍ଚଳ ସଙ୍ଗୀତ, ନୃତ୍ୟ, କଳା, ଲୀଳା ଓ ନାଟକର ପ୍ରାଣକେନ୍ଦ୍ର । ପାରଳାର ସାଂସ୍କୃତିକ ପୀଠରେ ଜନ୍ମ ନେଇଥିବା ବିଖ୍ୟାତ ଗବେଷକ, ପନ୍ତତ୍ତ୍ୱବିତ୍, ନାଟ୍ୟକାର ପଦ୍ମଶ୍ରୀ ଡକ୍ଟର ସତ୍ୟନାରାୟଣ ରାଜଗୁରୁ ୧୯୦୩ ମସିହା ଅଗଷ୍ଟ ୧୯ (ଭାଦ୍ରବ ମାସ କାଳୀୟ ଏକାଦଶୀ) ତାରିଖରେ ପ୍ରାକୃତିକ ପରିବେଷ୍ଟିତ ପାରଳା ସହରର ରାଜଗୁରୁ ସାହିରେ ଜନ୍ମ ଗ୍ରହଣ କରିଥିଲେ । ସତ୍ୟନାରାୟଣ ଓଡ଼ିଆ ସାହିତ୍ୟର ଇତିହାସରେ ଏକ ଅମ୍ଳାନ ଅବିସ୍ମରଣୀୟ ପ୍ରତିଭା । ତାହାଙ୍କ ସୃଷ୍ଟ ନାଟକ 'ସମ୍ରାଟ ଅଶୋକ', 'କଳିଙ୍ଗ ବିଜୟ', 'କର୍ଣ୍ଣାଟକୁମାରୀ' 'ଖାରବେଳ', 'ଗଜପତି', 'ଅଶୋକ ଚକ୍ର' (ଚଳଚିତ୍ର), 'ଧର୍ମରାଜ', 'ରାଧାଭିଷେକ', 'ଜୟଦେବ' ଏବଂ 'ଚିତ୍ରା' (ସାମାଜିକ) ନାଟକ ଗୋଟିଏ ଗୋଟିଏ ସାର୍ଥକ ସୃଷ୍ଟି ।

ନାଟ୍ୟକାର ରାଜଗୁରୁଙ୍କ ପ୍ରଥମ ଐତିହାସିକ ନାଟକ ଖାରବେଳ ରଚିତ ହୁଏ ୧୯୨୧ରେ । ସେତିକିବେଳେ ସମ୍ବଲପୁରର ଜଣେ କଂଗ୍ରେସ କର୍ମୀ ପାରଳାଖେମୁଣ୍ଡିକୁ ଆସି ଖାରବେଳଙ୍କ ଉପରେ ଆଧାରିତ ଏକ କ୍ଷୁଦ୍ର କାବ୍ୟ ନାଟ୍ୟକାର ରାଜଗୁରୁଙ୍କୁ ଉପହାର ଦିଅନ୍ତେ, ସେଥିରେ ସେ ଅନୁପ୍ରାଣିତ ହୋଇ ଏହି କାବ୍ୟକୁ ନାଟ୍ୟରୂପ ଦେବାପାଇଁ ମନସ୍ଥ କରନ୍ତି । ଏହି ନାଟକଟିରେ କଳିଙ୍ଗ ବୀର ଖାରବେଳଙ୍କ ବୀରତ୍ୱ, ପରାକାଷ୍ଠାର ଚିତ୍ର ହୋଇ ଉଠିଛି ଜୀବନ୍ତ । ଧୁସୀ ନାମ୍ନୀ ଯୁବତୀ ନାୟିକା ସହ ଖାରବେଳଙ୍କ ହୁଏ ବିବାହ । ପରିଶେଷରେ କଳିଙ୍ଗ ଯୁଦ୍ଧରେ ବୀର ଖାରବେଳଙ୍କର ଭଲରେ ବିଜୟ ଟୀକା ଅଙ୍କିତ ହେବା ସଙ୍ଗେ ସଙ୍ଗେ ଚେଦୀବଂଶର ପୁନଃଉଦ୍ଧାର ପାଇଁ ନାଟ୍ୟକାର ନାୟକ ଖାରବେଳଙ୍କ ଚରିତ୍ରକୁ ଅତ୍ୟନ୍ତ ମହୀୟାନ କରିଛନ୍ତି । କଳିଙ୍ଗ ପାଇକମାନଙ୍କର ବୀରତ୍ୱ ଓ ଇତିହାସର ପରଂପରାକୁ ରୋମନ୍ଥନ କରିବା ପାଇଁ ବିଶିଷ୍ଟ ଐତିହାସିକ ଓ ନାଟ୍ୟକାର ରାଜଗୁରୁଙ୍କ ମନରେ ଜାଗି ଉଠିଛି ପ୍ରେରଣା । ସେଥିପାଇଁ ଏହି ପ୍ରାଚୀନ କଳିଙ୍ଗର ଐତିହାସିକ ପୃଷ୍ଠଭୂମି ଉପରେ ସୃଷ୍ଟି କରେ ନାଟକ ଖାରବେଳ ।

ଇତିହାସର ଅନ୍ୟ ଏକ ବୀର ଚରିତ୍ର ମଗଧ ସମ୍ରାଟ ଅଶୋକଙ୍କ ଜୀବନ କାହାଣୀକୁ ନେଇ ରଚିତ ଏହି ଐତିହାସିକ ନାଟକଟି ଯଥାର୍ଥରେ ନାଟ୍ୟକାରଙ୍କର ଏକ ମୌଳିକ ସୃଷ୍ଟି । ଏଥିରେ କଳିଙ୍ଗର ଧୀବର କନ୍ୟା କାରୁବାକୀଙ୍କ ସହ ପରାକ୍ରମଶାଳୀ ଯୋଦ୍ଧା ବୀର ସମ୍ରାଟ ଅଶୋକଙ୍କର ବିବାହ ଏବଂ ତାହାଙ୍କ ଶୌର୍ଯ୍ୟ ବୀର୍ଯ୍ୟର ପରାକାଷ୍ଠା ହୋଇଛି ଜୀବନ୍ତ ଓ ବାସ୍ତବଧର୍ମୀ । କଳିଙ୍ଗ ଯୁଦ୍ଧରେ ସମ୍ରାଟ ଅଶୋକଙ୍କର ହୋଇଛି ପରିବର୍ତ୍ତନ । ହିଂସାତ୍ମକ ବିପ୍ଳବୀ ସମ୍ରାଟ ଅଶୋକ ଅନୁଭବ କରିଛନ୍ତି, 'ତରବାରୀର ଜୟ ପ୍ରକୃତ ଜୟ ନୁହେଁ, ବରଂ ଅହିଂସାର ଧର୍ମ ହିଁ ଜୀବନ ସଂଗ୍ରାମର ଏକମାତ୍ର ପାଥେୟ' । ଫଳରେ ତାଙ୍କ ମନରେ ଦେଖାଦେଇଛି ପ୍ରତିକ୍ରିୟା । ଚଣ୍ଡାଶୋକରୁ ରୂପାନ୍ତରିତ ହୋଇ ସେ ହେଲେ ଧର୍ମାଶୋକ । ଏହିଭଳି ପୃଷ୍ଠଭୂମି ଉପରେ ରଚିତ ଏହି ନାଟକଟି ନାଟ୍ୟକାରଙ୍କ ବଳିଷ୍ଠ ସୃଜନଶୀଳ ନାଟ୍ୟଚେତନାରେ ଋଦ୍ଧିମନ୍ତ ଉକ୍ତ ସଫଳ ନାଟକଟି ହିନ୍ଦୀରେ ଅନୁବାଦ କରାଯାଇ ଚଳଚ୍ଚିତ୍ର ମାଧ୍ୟମରେ ପ୍ରଦର୍ଶିତ ।

ତାହାଙ୍କ ସୃଷ୍ଟ ଅନ୍ୟ ଏକ ଐତିହାସିକ ନାଟକ କର୍ଣ୍ଣାଟ କୁମାରୀ ଯଥାର୍ଥରେ ପ୍ରାଚୀନ କଳିଙ୍ଗର ବୀରତ୍ୱ ଓ ପରମ୍ପରା ଉପରେ ପ୍ରତିଷ୍ଠିତ । ଓଡ଼ିଶାର ରାଜା ପ୍ରତାପରୁଦ୍ରଦେବ ଓ କର୍ଣ୍ଣାଟ ରାଜା କୃଷ୍ଣଦେବ ରାୟଙ୍କ ମଧ୍ୟରେ ସଂଘଟିତ ଯୁଦ୍ଧକୁ କେନ୍ଦ୍ରକରି ଏହି ନାଟକଟି ହୋଇଛି ଜୀବନ୍ତ ଓ ବାସ୍ତବଧର୍ମୀ । ୧୫୦୫ ମସିହାରେ ବିଜୟନଗର ସାଲ୍ୱ ରାଜବଂଶର ପତନ ପରେ କୃଷ୍ଣଦେବ ରାୟଙ୍କ ପିତା ନାରସା ନାୟକ ଦ୍ୱାରା ତୁଳୁବ ବଂଶ ପ୍ରତିଷ୍ଠିତ ହେବାପରେ ୧୫୧୪ ଖ୍ରୀଷ୍ଟାବ୍ଦରେ ବିଜୟନଗରର ସେହି ରାଜା କୃଷ୍ଣଦେବ ରାୟ ଦକ୍ଷିଣରୁ ଅଭିଯାନ

ଚଳାଇଲେ ଓଡ଼ିଶା ବିରୁଦ୍ଧରେ । ଉଦୟଗିରି, କୋଣ୍ଡାବିଡୁ ପ୍ରଭୃତି ଦୁର୍ଗଗୁଡ଼ିକ ଗଜପତି ପ୍ରତାପରୁଦ୍ର ଦେବଙ୍କ ସାମ୍ରାଜ୍ୟର ଦକ୍ଷିଣ ସୀମାରେ ଯେଉଁ ପ୍ରାଚୀର ତୁଲ୍ୟ ରହିଥିଲା, ସେଠାରେ ମହାରାଜା ପ୍ରତାପରୁଦ୍ରଙ୍କ ପିତୃବ୍ୟ ତିରୁମଳ ରାଉତରାୟ ଏବଂ କୁମାର ବୀରଭଦ୍ର ଅବସ୍ଥାନ କରନ୍ତି । ସେତିକିବେଳେ ଦକ୍ଷିଣରେ ମଧ୍ୟ ପ୍ରତାପରୁଦ୍ରଙ୍କ ସେନାପତି ରୂପେ ନିଯୁକ୍ତି ହେଲେ ସିତଫ୍ ଖାଁ । ସେ କୃଷ୍ଣଦେବ ରାୟଙ୍କୁ ପରାସ୍ତ କରିବା ପାଇଁ ଆପ୍ରାଣ ଉଦ୍ୟମ କରନ୍ତି । ତେଣୁ ସେମାନଙ୍କ ଆକ୍ରମଣକୁ ପ୍ରତିହତ କରିବା ନିମନ୍ତେ କୃଷ୍ଣଦେବ ରାୟଙ୍କ ମନ୍ତ୍ରୀ ତିମୂରସ ବିବିଧ କୌଶଳ ଓ ଷଡ଼ଯନ୍ତ୍ର କରିବା ଯୋଗୁଁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ କୋଣ୍ଡାବିଡୁ ଦୁର୍ଗ ସମେତ ସମଗ୍ର ଗଜପତି ଅଧ୍ୟୁଷିତ ରାଜ୍ୟ ଅଧିକାର କରିବା ଫଳରେ ପ୍ରତାପରୁଦ୍ର ଦେବ ତାଙ୍କ କନ୍ୟା କର୍ଣ୍ଣାଟକୁମାରୀଙ୍କୁ କୃଷ୍ଣଦେବ ରାୟଙ୍କ ହସ୍ତରେ ଅର୍ପଣ କରିବା ପାଇଁ ବାଧ୍ୟ ହୁଅନ୍ତି । ଏହା ସତ୍ତ୍ୱେ ଗଜପତି ରାଜାଙ୍କ କୀର୍ତ୍ତିମଳିନ ହୋଇନାହିଁ । କୃଷ୍ଣଦେବ ରାୟଙ୍କ ସଭାରେ ବହୁ ପଣ୍ଡିତ ଓ କବି ଅବସ୍ଥାନ କରିବାକୁ ଲାଗିଲେ ।

ଏହା ପୂର୍ବରୁ ପୁଣି ଉତ୍କଳ ଓ ଦାକ୍ଷିଣାତ୍ୟରେ କର୍ଣ୍ଣାଟକର ମିଳନସ୍ଥଳୀ ପୁଣ୍ୟ ହସ୍ତିନାପୁରକୁ ଇବ୍ରାହିମ୍ ଲୋଦିଙ୍କ ପିତା ସିକନ୍ଦର ଲୋଦୀ ୧୫୧୭ରେ ଅଧିକାର କରନ୍ତି । ଏଣେ ବାହମନୀ ରାଜ୍ୟର ଜଣେ ଖ୍ୟାତସମ୍ପନ୍ନ ରାଜା ସୁଲମନ ମହମ୍ମଦ ସେତିକିବେଳେ ବିଭିନ୍ନ ରାଜ୍ୟ ଅଧିକାର ନିମନ୍ତେ ଆପ୍ରାଣ ଉଦ୍ୟମ କରନ୍ତି । ଫଳରେ ଉତ୍କଳ ସହିତ ବାହମନୀର ସଂଘର୍ଷ ହେବାରୁ ଗଜପତି ରାଜା କପିଳେନ୍ଦ୍ର ଦେବ ଭାରତର ସମସ୍ତ ମୁସଲମାନ ସୈନ୍ୟଙ୍କୁ ପରାସ୍ତ କରନ୍ତି । ଦାକ୍ଷିଣାତ୍ୟରେ କର୍ଣ୍ଣାଟ ଓ କଳବର୍ଗା, ପଶ୍ଚିମରେ ରାଜପୁତାନା ଓ ଗୁଜୁରାଟ, ଉତ୍ତରରେ ଦିଲ୍ଲୀ ଏବଂ ପୂର୍ବରେ ଗୌଡ଼ (ବଙ୍ଗ ଓ ବିହାର) ପ୍ରଭୃତି ରାଜ୍ୟ ଅଧିକାର କରି ନିଅନ୍ତି । ଏହିଭଳି ଐତିହାସିକ ପରିସ୍ଥିତି ଓ ପରିବେଶକୁ ନେଇ ନାଟ୍ୟକାର କର୍ଣ୍ଣାଟକୁମାରୀଙ୍କ ବିବାହ ଓ ଜୀବନ ଚରିତକୁ ଅତ୍ୟନ୍ତ ଜୀବନ୍ତ ଭାବେ ରୂପାୟିତ କରିଛନ୍ତି । ଏତଦ୍‌ବ୍ୟତୀତ ପ୍ରାଚୀନ କଳିଙ୍ଗର ଐତିହ୍ୟ, ପରମ୍ପରା ଓ କଳିଙ୍ଗ ବୀରମାନଙ୍କର ବୀରତ୍ୱ ସମ୍ପର୍କରେ ସ୍ୱଷ୍ଟ ଚିତ୍ର ଏହି ନାଟକରେ ପ୍ରତିଫଳିତ । ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିଶାଳ ସାମ୍ରାଜ୍ୟରେ କଳିଙ୍ଗ ପାଇକମାନଙ୍କର ପ୍ରତିପତ୍ତି ଓ କଳିଙ୍ଗ ସମ୍ରାଟ ତଥା ସୂର୍ଯ୍ୟବଂଶୀ ଗଜପତି ରାଜାମାନଙ୍କର ବୀରତ୍ୱର ମହନୀୟତା ଏଥିରେ ସୁସ୍ପଷ୍ଟ । ଏହି ନାଟକରେ ଇତିହାସଭିତ୍ତିକ ଚରିତ୍ରଗୁଡ଼ିକ ଇତିହାସ ଓ କଳ୍ପନାରେ ସମ୍ମିଶ୍ରିତ ସଂଳାପରେ ହୋଇଉଠିଛି ବଳିଷ୍ଠ ଓ ଦର୍ଶକ ପ୍ରାଣରେ ସୃଷ୍ଟି କରିଛି ଗଭୀର ଆବେଗ ଓ ଉତ୍କଣ୍ଠା ।

ନାଟ୍ୟକାରଙ୍କ ଆଉ ଏକ ଐତିହାସିକ ନାଟକ କଳିଙ୍ଗ ବିଜୟ ଏକ ଉଲ୍ଲେଖଯୋଗ୍ୟ କୃତି । ଦିନ ଥିଲା ବଂଶଧାରା ଓ ମହେନ୍ଦ୍ରତନୟାର ପବିତ୍ର ସ୍ୱର୍ଗରେ ପୌରାଣିକ, ଐତିହାସିକ ଆଖ୍ୟାନଗୁଡ଼ିକ ନେଇ ପୁଣ୍ୟଭୂମିରେ ପରିଣତ ହୋଇଥିଲା ଏହି କଳିଙ୍ଗ । ମହେନ୍ଦ୍ରାଞ୍ଚଳର ଶିଖର ଦେଶରେ ପ୍ରତିଷ୍ଠିତ ଗୋକର୍ଣ୍ଣେଶ୍ୱରଙ୍କୁ ସେବାକରି ପ୍ରବଳ ପରାକ୍ରମୀ ଗଙ୍ଗବଂଶୀୟ ରାଜାମାନେ ସେଇ ପବିତ୍ର ପୁଣ୍ୟତୋୟା ବଂଶଧାରା ତଟସ୍ଥ ମୁଖଲିଙ୍ଗ ନିକଟବର୍ତ୍ତୀ ନଗରୀ କଟକରେ ସ୍ଥାପନ କଲେ ରାଜଧାନୀ କଳିଙ୍ଗନଗର । କଳିଙ୍ଗର ଏହି ପରାକ୍ରମଶାଳୀ ଗଙ୍ଗବଂଶୀ ବୀର ରାଜାମାନଙ୍କ ବୀରତ୍ୱ ଏବଂ ବିଜୟର ଟିକା ନେଇ ନାଟ୍ୟକାର ସୃଷ୍ଟି କରନ୍ତି କଳିଙ୍ଗ ବିଜୟ ନାଟକ । ଚୋଳବଂଶୀୟ ମହାରାଜା ରାଜେନ୍ଦ୍ର ଚୋଳଙ୍କୁ ପରାସ୍ତ କରି ତାହାଙ୍କ ପରମାସୁନ୍ଦରୀ କନ୍ୟା ରାଜସୁନ୍ଦରୀଙ୍କୁ କଳିଙ୍ଗର ଗଙ୍ଗବଂଶୀୟ ରାଜା ରାଜରାଜ ଦେବ କିଭଳି ବିବାହ କରିଛନ୍ତି, ତାହା ଏହି ନାଟକର ପରିସମାପ୍ତି ।

ଅତଏବ ଇତିହାସର ପୃଷ୍ଠଭୂମି ଉପରେ ରଚିତ ଏହି ଐତିହାସିକ ନାଟକଟି ପାରଳାର ତତ୍କାଳୀନ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ନିର୍ଦ୍ଦେଶରେ ପଦ୍ମନାଭ ରଙ୍ଗାଳୟ ପକ୍ଷରୁ ଅନତି ଦୂରରେ ପ୍ରାକୃତିକ ସୌନ୍ଦର୍ଯ୍ୟ ପରିବେଷ୍ଟିତ ବସନ୍ତ ନିବାସରେ ସଫଳତାର ସହ ଅଭିନୀତ ହୋଇ ଦର୍ଶକମାନଙ୍କ ଦ୍ୱାରା ଆଦୃତ ହୁଏ । ମଞ୍ଚସ୍ଥ ହୋଇଥିବା ଏହି ନାଟକଟି ଦେଖି ପାରଳା ମହାରାଜା ଅତ୍ୟନ୍ତ ଭାବବିହ୍ୱଳ ହୋଇ ତା ପରଦିନ ନାଟ୍ୟକାର ରାଜଗୁରୁଙ୍କୁ ଡ଼କାଇ ପ୍ରତିଶ୍ରୁତି ଦେଲେ, ତୁମେ ଗଙ୍ଗବଂଶର ଇତିହାସ ସଂକଳନ କରିବ, କଲିକତା ଇମ୍ପେରିଆଲ୍ ଲାଇବ୍ରେରୀରୁ ବିଷୟ ସଂଗ୍ରହ କରିବାକୁ ହେବ । ସମସ୍ତ ବ୍ୟୟ ଆମ ଇଷ୍ଟେଟ୍ ପକ୍ଷରୁ ମିଳିବ । ଆଉ ମଧ ତୁମକୁ ସାହାଯ୍ୟ କରିବାକୁ କଲେଜର ଇତିହାସ ଅଧ୍ୟାପକ ପ୍ରଭାତ ମୁଖାର୍ଜୀ ଯିବେ । ମୁଁ ଉତ୍ସାହିତ ହେଲି ଗଙ୍ଗ ଇତିହାସ ଇଂରାଜୀରେ ଲେଖିବାକୁ । ମହାରାଜା ପ୍ରତିଶ୍ରୁତି କେବେହେଲେ ଲଂଘନ୍ତି ନାହିଁ । ଏହା ତାଙ୍କର ଗୋଟିଏ ମହତ୍ ଗୁଣ । ସେ ଏପରି ଦୃଢ଼ ପ୍ରତିଜ୍ଞ ଯେ, ଯେତେ ଦୁଃଖ, କଷ୍ଟ ହେଲେ ମଧ ଯେଉଁ କାର୍ଯ୍ୟ ସେ ଆରମ୍ଭ କରନ୍ତି, ତାହା ପୂର୍ଣ୍ଣ ନ ହେବା ଯାଏ ସ୍ଥିର ହୋଇ ରହିପାରନ୍ତି ନାହିଁ । ମୁଁ ଲେଖିଥିବା କଳିଙ୍ଗ ବିଜୟ ନାଟକଟି ମହାରାଜା ଗଜପତି ପ୍ରେସ୍‌ରେ ଛପାଇବାକୁ ଆଦେଶ ଦେଇଥିଲେ । ମୋ ପାଖରେ ଥିବା ଏକମାତ୍ର ପାଣ୍ଡୁଲିପିଟି ମୁଁ ପ୍ରେସ୍ ମ୍ୟାନେଜରଙ୍କୁ ଦେଲି । କିନ୍ତୁ ଅତି ଦୁଃଖର ବିଷୟ, ଏ ଘଟଣାରେ ଅଳ୍ପ କେତେଦିନ ପରେ ପ୍ରେସ୍ ମ୍ୟାନେଜରଙ୍କଠାରୁ ଶୁଣିଲି ଯେ, ପାଣ୍ଡୁଲିପିଟି କେଉଁଠି ହଜିଯାଇଛି । ତାକୁ ସେ ଖୋଜି ପାଇନାହାନ୍ତି । ଅତଏବ ଅପ୍ରକାଶିତ ଏହି କଳିଙ୍ଗବିଜୟ ନାଟକଟି ଯଥାର୍ଥରେ ନାଟ୍ୟକାରଙ୍କ ଐତିହାସିକ ଜ୍ଞାନ ଓ ପାଣ୍ଡିତ୍ୟର ବିସ୍ତୃତ ପରିଚୟ ପ୍ରଦାନ କରେ ।

ନାଟ୍ୟକାରଙ୍କ ଅନ୍ୟ ଏକ ଐତିହାସିକ ନାଟକ 'ଧର୍ମରାଜ' ସର୍ବଭାରତୀୟ ବେତାର ପ୍ରତିଯୋଗିତାରେ ଦ୍ୱିତୀୟ ପୁରସ୍କାର ଭାବରେ ସମ୍ମାନିତ । ଶୈଳୋଦ୍ଭବ ବଂଶୀୟ ଦୁଇଜଣ ରାଜାଙ୍କ ମଧ୍ୟରେ ସିଂହାସନ ଅଧିକାର ପାଇଁ ଚାଲେ ତୁମୁଳ ସଂଗ୍ରାମ । ପୁଣି ଦକ୍ଷିଣ କୋଶଳର ରାଜା ତୀବରସେନ ଶେଷରେ ଜ୍ୟେଷ୍ଠଭ୍ରାତା ଧର୍ମରାଜାଙ୍କ ଦ୍ୱାରା କିପରି ପରାଜିତ ହୋଇଛନ୍ତି, ତାହାରି କଥାବସ୍ତୁ ଉପରେ ଏହି ଐତିହାସିକ ବେତାର ନାଟକଟି ହୋଇଛି ବେଶ୍ ଉପଭୋଗ୍ୟ ।

ନାଟ୍ୟକାର ରାଜଗୁରୁଙ୍କ ସୃଷ୍ଟ ଆଉ ଏକ ନାଟକ 'ରାଧାଭିଷେକ' ଏକ ମୌଳିକ ସୃଷ୍ଟି ଭାବରେ ପରିଲକ୍ଷିତ । ଗୌଡୀୟ ବୈଷ୍ଣବ ଧର୍ମର ପୌରାଣିକ ପରମ୍ପରା ଉପରେ ରଚିତ ଏହି ନାଟକଟି ବେଶ୍ ଉପଭୋଗ୍ୟ । ରାଧାଭିଷେକ ନାଟକରେ ରାଧାଙ୍କ ଅପବାଦ, କୃଷ୍ଣପ୍ରୀତିରେ ମାନସିକ ଓ ସାମାଜିକ ଯନ୍ତ୍ରଣା ତଥା ପୌର୍ଣ୍ଣମାସୀଙ୍କ ସହାୟତାରେ ଉଭୟଙ୍କର ମିଳନ ଅତି ସୁନ୍ଦର ଭାବରେ ହୋଇଛି ଉପସ୍ଥାପିତ । ନାଟ୍ୟକାର ସମାଜକୁ କ୍ରୋଧ, ହିଂସା ପରିବର୍ତ୍ତେ ଅହିଂସା ମାର୍ଗରେ ଆନନ୍ଦର ମହତ୍‌ବାଣୀ ପ୍ରଦାନ କରିବା ପାଇଁ ନାଟକୀୟ ଚରିତ୍ର ମାଧ୍ୟମରେ କରିଛନ୍ତି ଚେଷ୍ଟିତ । ଅତଏବ ପୌରାଣିକ ପୃଷ୍ଠଭୂମି ଉପରେ ରଚିତ ନାଟକଟି ନାଟ୍ୟକାରଙ୍କର ମୌଳିକ କଳ୍ପନାଶକ୍ତିରେ ହୋଇଛି ମୁଖରିତ । ପୌରାଣିକ ଚରିତ୍ର ଭିତରେ ନାଟକୀୟ ଆବେଗ ଓ ଉତ୍କଣ୍ଠା ନେଇ ହୃଦୟସ୍ପର୍ଶୀ । ପୁରାଣର ଘଟଣାକୁ ନେଇ କଥାବସ୍ତୁ କରିଥିଲେ ମଧ୍ୟ ଏଥିରେ ନାଟ୍ୟଶିଳ୍ପୀଙ୍କ କଳାର ମହନୀୟତା ସ୍ପଷ୍ଟ ପ୍ରତିପାଦିତ ।

ରାମାୟଣର କଥାବସ୍ତୁ ଉପରେ ଆଧାରିତ ତ୍ରେତୟା ଯୁଗର ଭାବଗ୍ରାହୀ ରଘୁବୀର ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ସହିତ ଜନକ ଋଷିଙ୍କ କନ୍ୟା ପତିବ୍ରତା ସତୀସ୍ୱାଧୀ ସୀତାଦେବୀଙ୍କର ପବିତ୍ର ଆଦର୍ଶ ଓ ଶାଶ୍ୱତ ମାନବିକ ମୂଲ୍ୟବୋଧର ସମ୍ପର୍କକୁ ନେଇ ସୀତା ନାଟକଟି ରଚିତ । ଏହି ନାଟକରେ ଭାରତୀୟ ହିନ୍ଦୁ ପରମ୍ପରାର ଆଦର୍ଶ ଉଦାର ହୃଦୟ ସମ୍ପନ୍ନା, ସରଳ ପ୍ରାଣା ଦେବୀ ସୀତାଙ୍କ ନିକଟରେ ଦେଖାଦେଇଥିବା ମାନବୋଚିତ ଗୁଣର ବଳିଷ୍ଠ ମୂଲ୍ୟାୟନ ଏହି ନାଟକରେ ସଂଘଟିତ ହୋଇଛି । ଅତଏବ ନାଟ୍ୟକାର ଇତିହାସର ପୃଷ୍ଠଭୂମିରୁ ଓହରି ଆସି ପୌରାଣିକର ପବିତ୍ର ଜଳରେ ଅବଗାହନ କରି ଧର୍ମର ଜୟଧ୍ୱନିକୁ ସମାଜର ରଙ୍ଗମଞ୍ଚରେ ପ୍ରତ୍ୟକ୍ଷ ଭାବରେ ଦର୍ଶକ ପ୍ରାଣକୁ ଆଲୋଡିତ କରାଇ ପାରିଛନ୍ତି । ତେଣୁ ନାଟ୍ୟକାର ରାଜଗୁରୁଙ୍କ ବଳିଷ୍ଠ ଯୁକ୍ତି ସମ୍ପନ୍ନ ପାରମ୍ପରିକ ମହତ୍‌ପୂର୍ଣ୍ଣ ପୌରାଣିକ ଘଟଣାବଳୀ ଏହି କ୍ଷେତ୍ରରେ ହୋଇଛି ପ୍ରତିଫଳିତ ।

ଐତିହାସିକ, ପୌରାଣିକ ଜ୍ଞାନ ପରିସୀମାରୁ ଓହ୍ଲାଇ ଆସି ସାମାଜିକ ଚିନ୍ତା ଚେତନାରେ ନାଟ୍ୟକାର ରାଜଗୁରୁ ସୃଷ୍ଟି କରନ୍ତି ସାମାଜିକ ନାଟକ । ୧୯୪୮ ମସିହାରେ ମାଡ୍ରାସ ମ୍ୟୁଜିୟମ୍‌ରେ ଏକୋଇଶି ଦିନ କାଳ ନାଟ୍ୟକାର ରାଜଗୁରୁ ଅଧ୍ୟାପନା କରିବା ସମୟରେ ସୃଷ୍ଟି ହୋଇଛି ଏହାଙ୍କ ନାଟକ 'ଚିତ୍ରା' । ଏହି ନାଟକରେ ପଶ୍ଚିମ ଓଡ଼ିଶାର ଯୁବତୀ ଚିତ୍ରାଙ୍କ ସହିତ ତତ୍କାଳୀନ ସମାଜ ସଂସ୍କାର କ୍ଷେତ୍ରରେ ନେତୃତ୍ୱ ନେଇଥିବା କେତେକ ଶିକ୍ଷିତ ଯୁବକମାନଙ୍କର ସମ୍ପର୍କ ସମନ୍ୱୟରେ ବହୁ ସାମାଜିକ କୁସଂସ୍କାରର ମୂଳ ଉତ୍ପାଟନ ସମ୍ଭବ ହୋଇପାରିଛି । ଆଧୁନିକ ନବ୍ୟଶିକ୍ଷିତ ଯୁବକ ଯୁବତୀମାନଙ୍କର ଏକତା ଓ ସହଯୋଗ ବଳରେ ସାମାଜିକ କୁସଂସ୍କାର, ଅନ୍ଧବିଶ୍ୱାସ, ଅନୀତି, ଅନାଚାର ଓ ଅତ୍ୟାଚାର ପ୍ରଭୃତି ବିଭୀଷିକା ପୂର୍ଣ୍ଣ ଯନ୍ତ୍ରଣାମୟ ପ୍ରବୃତ୍ତିକୁ ଦୂର କରାଯାଇପାରିବ । ଫଳରେ ଯୁବପ୍ରାଣରେ ଉନ୍ମାଦନା ଓ ପ୍ରେରଣା ସୃଷ୍ଟି କରିବା ପାଇଁ ନାଟ୍ୟକାର ସୃଷ୍ଟି କରିଛନ୍ତି ନାଟକ ଚିତ୍ରା । ନାୟିକା ଚିତ୍ରା ଚରିତ୍ରର ମହତ୍‌ପୂର୍ଣ୍ଣ ଆଦର୍ଶ ସମାଜରେ ହୋଇପାରିଛି ପ୍ରଭାବଶାଳୀ । ନାରୀ ଚରିତ୍ରର ଜାଗରଣ, ନାରୀଶିକ୍ଷା ଏବଂ ପୁରୁଷମାନଙ୍କ ସହିତ ସେମାନଙ୍କର ସମନ୍ୱୟ ତଥା ଏକତା ବଳରେ ଜାତି ଓ ଦେଶର ଏକତା ଓ ଅକ୍ଷୁଣ୍ଣତା ସମ୍ଭବ ହୋଇପାରିବ ବୋଲି ନାଟ୍ୟକାରଙ୍କର ଦୃଢ଼ ବିଶ୍ୱାସ । ସେ ସମାଜରେ ଅବହେଳିତ, ନିକ୍ଷେଷିତ, ନିମ୍ନସ୍ତରରେ ପଡିରହିଥିବା ଅଧୋପତନ ପୂର୍ଣ୍ଣ ନାରୀ ସମାଜକୁ ପୁରୁଷମାନଙ୍କ ସମକକ୍ଷ କରିବା ପାଇଁ ଏହି ନାଟକରେ ଦେଇଛନ୍ତି ଆହ୍ୱାନ । ଅତଏବ ନାଟ୍ୟକାରଙ୍କ ବଳିଷ୍ଠ ଯୁକ୍ତିପୂର୍ଣ୍ଣ ମୌଳିକ ଚିନ୍ତାଧାରା ଏଥିରେ ହୋଇଛି ସୁସ୍ପଷ୍ଟ ।

ଅତଏବ କେବଳ ସାମାଜିକ ନାଟକରେ ସେ ନିଜର ଲେଖନୀକୁ ସୀମିତ ନକରି ଐତିହାସିକ ଘଟଣାକୁ ନେଇ ବହୁ ବାସ୍ତବଧର୍ମୀ ନାଟକ, ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ ତଥା ଇତିହାସ ଗ୍ରନ୍ଥ ସୃଷ୍ଟିକରି ସେ ଆଜି ଓଡ଼ିଆ ନାଟ୍ୟ ସାହିତ୍ୟର ଇତିହାସରେ ଏକ ମହାନ୍ ପ୍ରତିଭାର ଅଧିକାରୀ ହୋଇପାରିଛନ୍ତି । ଜଣେ ପତ୍ନତତ୍ତ୍ୱବିତ୍, ପ୍ରାବନ୍ଧିକ ଓ ଐତିହାସିକ ଭାବରେ ସେ ଯେଉଁଭଳି ସୁନାମ ଅର୍ଜନ କରିଛନ୍ତି, ସେହିଭଳି ଐତିହାସିକ, ପୌରାଣିକ ଓ ସାମାଜିକ ନାଟକ ପ୍ରଭୃତି ସୃଷ୍ଟି ଦିଗରେ ମଧ୍ୟ ସେ ନୂତନ ମହାନ୍ ପରମ୍ପରା ସୃଷ୍ଟି କରିଛନ୍ତି, ତାର ପଟାନ୍ତର ନାହିଁ । ତେଣୁ ନାଟକର ସ୍ରଷ୍ଟା ଭାବରେ ନାଟ୍ୟକାର ରାଜଗୁରୁଙ୍କ କୃତି ଅମ୍ଳାନ ହୋଇରହିବ ।

ବଡବ୍ରାହ୍ମଣ ସାହି
ପାରଳାଖେମୁଣ୍ଡି, ଗଜପତି

# ଉପେନ୍ଦ୍ର କାବ୍ୟ ମାନସର ଏକ ବିହଙ୍ଗାବଲୋକନ

ଉଦୟନାଥ ମହାପାତ୍ର

ମର୍ତ୍ତ୍ୟ ବୈକୁଣ୍ଠ ପୁରୀ ଚାରିଧାମରେ ସର୍ବଶ୍ରେଷ୍ଠ ଧାମ । ଏହା ମହାପାତକ ବିନାଶ କ୍ଷେତ୍ର । ତେଣୁ ପୁରୁଷୋତ୍ତମ କ୍ଷେତ୍ରକୁ ରୀତିଯୁଗର କବି ଉପେନ୍ଦ୍ରଭଞ୍ଜ ତାଙ୍କର ପ୍ରସିଦ୍ଧ କାବ୍ୟ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ର ପ୍ରଥମ ଛାନ୍ଦରେ ଲେଖିଛନ୍ତି, 'ଅବିଦ୍ୟା ବିଷମ ଅଶୀବିଷ ଘାତିଜନେ ଜ୍ଞାନାଜ୍ଞାନେ ପରାଧୀନେ ସେ ସ୍ଥାନେ ଭ୍ରମଣେ ଯେ । ଶ୍ରୀ ମହାପ୍ରସାଦ, ଗଦ ଘଣ୍ଟ ଘୋଷ । ଭକ୍ଷଣେ ଶ୍ରବଣେ ଯେ କାଳ ବିଷ ବିଷ ନାଶ ହେ ।

ସପ୍ତଦଶ ଶତାବ୍ଦୀର ମଧ୍ୟଭାଗରେ କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ତାଙ୍କ ପିତାମହଙ୍କ ପ୍ରତିଷ୍ଠିତ ଘୁମୁସର ମଠରେ ଅବସ୍ଥାନ କରି ପୁରୀର ତତ୍କାଳୀନ ପ୍ରସିଦ୍ଧ ପଣ୍ଡିତ ସ୍ୱର୍ଗତ ବିଶ୍ୱନାଥ ମହା ସୁଆରଙ୍କ ସହିତ ଜଗନ୍ନାଥ ଧର୍ମ ଓ ଚେତନା ଭିତରେ ନିମଗ୍ନ ରହୁଥିଲେ । ତେଣୁ ଭଞ୍ଜ ଜଗନ୍ନାଥ ଜଣାଣରେ ଗାଇଛନ୍ତି– 'ମାନ ଉଦ୍ଧାରଣ କର ହେ ତାରଣ ଶରଣ ମୁଁ ତୁମ୍ଭ ପାଦତଳେ, ଅନାଥର ନାଥ ନୀଳଗିରି ନାଥ ଜଗନ୍ନାଥ ନାମ ମହୀତଳେ ।' ଜଗନ୍ନାଥଙ୍କର ପରମ ଭକ୍ତ ଉପେନ୍ଦ୍ର ଭଞ୍ଜ ତାଙ୍କ ରଚିତ ସବୁ କାବ୍ୟର ଛତ୍ରେଛତ୍ରେ ଜଗନ୍ନାଥଙ୍କ ମହିମା ଗାଇଛନ୍ତି । ଅରି ଦରକର ବିଭୋ ! ଅରିଦର କର, ଯୁଗେ ଯୁଗେ ନାନା ରୂପେ ଧରି ଅବତାର ହେ । ସେ ବିନମ୍ର ପ୍ରାର୍ଥନା ପୂର୍ବକ କହିଛନ୍ତି, ହେ ଜଗନ୍ନାଥ ତୁମ୍ଭେ ଶଙ୍ଖ, ଚକ୍ର, ଗଦା, କମ୍ବୁଧାରୀ ଏବଂ ସେଥିପାଇଁ ଆପଣ ବାରମ୍ବାର ପୃଥିବୀକୁ ଅବତାରୀ ପୁରୁଷ ହୋଇ ଆସିଥାନ୍ତି । ଆପଣ ଭୟଙ୍କର ଅଘାସୁରକୁ ବିନାଶ କରି ସାଯୁର୍ଜ୍ୟ ମୁକ୍ତି ଦେଇଥିଲେ । ଅପର ପକ୍ଷରେ ବିଭୀଷଣ ଭୟଙ୍କର ନୁହନ୍ତି ଯେ ତେଣୁ ବିଭୀଷଣ ତାଙ୍କର ପାପ ବିନାଶ କରି ତାଙ୍କୁ ପରିତ୍ରାଣ କରିଛନ୍ତି । ପରବର୍ତ୍ତୀ ସମୟରେ ବିଭୀଷଣଙ୍କୁ ଲଙ୍କାର ରାଜା କରାଇଥିଲେ । ତେଣୁ ଭଞ୍ଜ ବଂଶର ରାଜାମାନଙ୍କୁ ବିଭିନ୍ନ ବିପତ୍ତିରୁ ଉଦ୍ଧାର କରିବା ପାଇଁ ବାରମ୍ବାର ସ୍ତୁତି କରିଛନ୍ତି । 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ର ଅନ୍ୟତ୍ର ସେ କହିଛନ୍ତି– 'ସେ କମ୍ବୁ, କଟକ ରାଜା ନାମ ଜଗନ୍ନାଥ/ଚାରିବର୍ଣ୍ଣେ ଚଉବର୍ଗ ଦେବାକୁ ସମର୍ଥ ଯେ', ଭକ୍ତି ଦେବ ପୂର୍ଣ୍ଣ ହୋଇଅଛି ଯୁକ୍ତାକ୍ଷରେ/ ବୈଷ୍ଣବ ବିହୁନେ କେବା ଜାଣିବ ସଂସାରେ' । ରୀତିଯୁଗୀୟ ମଙ୍ଗଳା ଚରଣରେ କବି ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କୁ ଧର୍ମ, ଅର୍ଥ, କାମ, ମୋକ୍ଷ ରୂପେ ପ୍ରାର୍ଥନା କରିଛନ୍ତି । ଯେବଣ କଟକେ ଝଟକେ କରାଟକ ମୂରତି । ମହାପ୍ରସାଦରେ ଆଦରେ ଜନେ ହୁଅନ୍ତି' ମୁକତି, ମଣିଷ ସମାଜରେ ଚାରିଜାତି ପୀତ, ଲୋହିତ, କୃଷ୍ଣକାୟ ଏବଂ ଶ୍ୱେତାଙ୍ଗ, ଏ ସମସ୍ତଙ୍କର ବର୍ଣ୍ଣନା ଜଗନ୍ନାଥ ଧର୍ମରେ ନିହିତ ଅଛି । ତାଙ୍କର ପ୍ରସିଦ୍ଧ କାବ୍ୟ 'ବୈଦେହୀଶ ବିଳାସ'ରେ ଜଗନ୍ନାଥଙ୍କୁ ରାମଚନ୍ଦ୍ରଙ୍କର ଅଭିନ୍ନ ରୂପେ ବର୍ଣ୍ଣନା କରି କହିଛନ୍ତି– 'ବଳିଗଣ୍ଡିଠାରେ ରହି ଯଥା ଜଗନ୍ନାଥ ବିଜେ ପୁଣି ଜନକ ସନ୍ତୋଷ ଚାଳି ରଥ ଯେ, ବିସ୍ତାରିତ ଜୟ ଶବ୍ଦ ହେଲା ଦଶଦିଗ । ବଡ ଦେଉଳ ଶିକରି ହେଲେ ପରବେଶ ଯେ, ଘୋଷ ଯାତ୍ରାରେ ପ୍ରଭୁ ଜଗନ୍ନାଥ– ବଡ ଦେଉଳକୁ ଆସନ୍ତି ଏବଂ ବଳଗଣ୍ଡିଠାରେ କିଛି ସମୟ ରହିଯାନ୍ତି । ତେଣୁ ସେ ଲେଖିଛନ୍ତି– ଜଗତର ପାପ ତାପ ନାଶନ ପାଇଁ ଏ ଘୋଷଯାତ୍ରା । ନୌକା ସଦୃଶ୍ୟ ଅନ୍ୟ ଏକ ଅନବଦ୍ୟ କାବ୍ୟ 'ଲାବଣ୍ୟବତୀ'ରେ ସେ ପ୍ରଭୁ ରାମଚନ୍ଦ୍ର ସୀତାଙ୍କ ସହିତ ଜଗନ୍ନାଥ ଓ ମହାଲକ୍ଷ୍ମୀଙ୍କ ମହିମା ବର୍ଣ୍ଣନା କରିଛନ୍ତି । ତାଙ୍କର ସମସ୍ତ ବର୍ଣ୍ଣନାଠାରୁ ଘୋଷଯାତ୍ରାର ବର୍ଣ୍ଣନା ସବୁଠାରୁ ରସାଳ ।

ଘୋଷଯାତ୍ରା ସଂଦର୍ଶନରେ କବିଙ୍କ ଭାବ ଯେପରି ଜଗନ୍ନାଥଙ୍କ ଚରଣାର ବିନ୍ଦରେ ଲୋଟି ପଡିଛି କବିଙ୍କ ଅମର ଭାଷାରେ । ଶିରେ ହେବ ରତନ ମୁକୁଟ–ସପ୍ତଶାଖା, କରୁଣା ସିନ୍ଧୁରେ କିବା ବଡବାନା ତଳ ଶିଖ ହେ' । ଅନୁରୂପ ସୁଭଦ୍ରା

ପରିଣୟରେ ସେ ଅତି ସୁନ୍ଦର ଭାବରେ ରାମଚନ୍ଦ୍ର ଓ ଜଗନ୍ନାଥଙ୍କର ଅଭିନ୍ନ ମହିମା ବର୍ଣ୍ଣନା କରିବାରେ ସିଦ୍ଧହସ୍ତ । ବଡ ଦେଉଳର ପାପମୋଚନ ମହାଦେବ, ରୋହିଣୀ କୁଣ୍ଡ ଓ ଭୂଷଣ୍ଡକାକ ଚରିତ୍ର ଇତ୍ୟାଦି କବି ଅତି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି । ତାଙ୍କର ଅନ୍ୟଏକ ପ୍ରସିଦ୍ଧ କାବ୍ୟ 'ରସଲେଖା'ରେ ହରିହରଙ୍କୁ ଏକ ଓ ଅଭିନ୍ନ ବୋଲି କହିଅଛନ୍ତି । 'ଆହେ ଜଗନ୍ନାଥ ଆହେ ହରିହର, କମଳାକ୍ଷ ବିରୁପାକ୍ଷ କରୁଣା ସାଗର ହେ', ତାଙ୍କର ବର୍ଣ୍ଣନା ପରିପାଟୀସମ ସାମୟିକ କାବ୍ୟିକ ଚେତନାରେ ବିରଳ । ସେଥି ନିମିତ୍ତ ସେ ଜଗନ୍ନାଥ ଓ କୃଷ୍ଣଙ୍କ ଭିତରେ ଭିନ୍ନଭିନ୍ନ ଦେଖି ନାହାନ୍ତି । ଏହି କଥାକୁ ଛାନ୍ଦ ଭୂଷଣରେ ଉଲ୍ଲେଖ କରି କହିଛନ୍ତି– କମ୍ବୁ କଟକର ସେହୁ ଦାରୁ ରୂପ ଧରି କାଳେ କାଳେ ଶ୍ୱେତଦ୍ୱୀପ ମଧ୍ୟରେ ବହିଛି ଯେ । ପୁଣି ଜୀବଦ୍ଦଶାରେ ଅନ୍ତିମ ମୁହୂର୍ତ୍ତରେ ଜଗନ୍ନାଥଙ୍କ ପରମଭକ୍ତ କବି ସମ୍ରାଟ୍ ବିକଳ କଣ୍ଠରେ କହିଛନ୍ତି 'କ୍ଷମାନିଧିକିଂ ବାରେ କ୍ଷମତ' ହୃଦୟରେ କ୍ଷିତି ଖ୍ୟାତିକି ସମର୍ପିଲି । କ୍ଷମ ମୋ ଅପରାଧ ପୋତୁ ମୋ ଜୀବ... ଶଧ ଖ୍ୟାତ ଚରଣ ତଳେ ଗଲି ହେ ନୀଳାଦ୍ରୀଶ ।

ସଭାପତି
ମହେନ୍ଦ୍ର କଳା ସାହିତ୍ୟ ସଂସଦ
ରାମହରିନଗର–୨
ବ୍ରହ୍ମପୁର, ଜିଲ୍ଲା–ଗଞ୍ଜାମ

# ରକ୍ତଦାନ କରି ଜୀବନ ବଞ୍ଚାଅ

## ସ୍ୱାସ୍ଥ୍ୟ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ

ରକ୍ତଦାନ ଏକ ମହତ ଦାନ । ଆମ ଦେଶରେ ପ୍ରତି ୨ ସେକେଣ୍ଡରେ କେହି ନା କେହି ରକ୍ତ ଆବଶ୍ୟକ କରିଥାନ୍ତି । ଜଣଙ୍କର ରକ୍ତ ତିନିଜଣଙ୍କୁ ଜୀବନ ଦାନ ଦେଇ ପାରିଥାଏ । ଅମୂଲ୍ୟ ଜୀବନ ବଞ୍ଚାଇବା ଦ୍ୱାରା ରକ୍ତଦାତାଙ୍କ ଜୀବନ ମଧ୍ୟ ଧନ୍ୟ ହୋଇଥାଏ । ତେଣୁ ପ୍ରତ୍ୟେକ ବ୍ୟକ୍ତି ରକ୍ତଦାନ କରିବା ଉଚିତ । ବହୁ ମୂଲ୍ୟବାନ ଜୀବନ ରକ୍ଷା କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ରକ୍ତଦାନ ପାଇଁ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସନ୍ତୁ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ଦାମୋଦର ରାଉତ ଆହ୍ୱାନ ଦେଇଛନ୍ତି । ୟୁନିଟ୍–୪ସ୍ଥିତ ଅଟଳ ଭବନ ପରିସରରେ ଭୁବନେଶ୍ୱର କେମିଷ୍ଟସ୍ ଓ ଡ୍ରଗିଷ୍ଟସ୍ ଆସୋସିଏସନ୍ (ବିସିଡିଏ) ତରଫରୁ ଏହାର ପ୍ରତିଷ୍ଠାତା ସ୍ୱର୍ଗତ ଅଟଳ ବିହାରୀ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ଆୟୋଜିତ ଏକ ବୃହତ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରି ମନ୍ତ୍ରୀ ଡା. ରାଉତ କହିଲେ ଯେ, ରକ୍ତଦାନ ଦ୍ୱାରା ଉଭୟ ରୋଗୀ ଓ ରକ୍ତଦାତା ବିଶେଷଭାବେ ଉପକୃତ ହୋଇଥାନ୍ତି । ଏହା ରୋଗୀଙ୍କ ଜୀବନ ରକ୍ଷା ବ୍ୟତୀତ ରକ୍ତଦାତାଙ୍କ ଶରୀରର କୋଲେଷ୍ଟୋରଲ୍ ନିୟନ୍ତ୍ରଣ ସହ ଲୌହସ୍ତରକୁ ସମନ୍ୱିତ କରିଥାଏ ଏବଂ କ୍ୟାଲୋରୀ କମାଇବାରେ ସହାୟକ ହୋଇଥାଏ । ସମୟୋଚିତ ରକ୍ତଦାନ ରକ୍ତପ୍ରବାହ ପାଇଁ ଉପକାରୀ ଓ ହୃଦ୍‌ଜନିତ ରୋଗକୁ ଅନେକାଂଶରେ କମାଇଥାଏ । ତେଣୁ ଅଧିକରୁ ଅଧିକ ବ୍ୟକ୍ତି ରକ୍ତଦାନ ପାଇଁ ଆଗେଇ ଆସିବା ଉଚିତ ଓ ରକ୍ତଦାନ ଶିବିର ବହୁ ସଂଖ୍ୟାରେ ଆୟୋଜିତ ହୋଇ ବିରଳ ରକ୍ତ ଗ୍ରୁପ୍‌ର ରକ୍ତ ସଂଗ୍ରହ ହେବା ଜରୁରୀ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ମତ ପ୍ରକାଶ କରିଥିଲେ ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ବିଜୟଶ୍ରୀ ରାଉତରାୟ, ମୁଖ୍ୟ ସଚେତକ ଶ୍ରୀ ପ୍ରଭାତ ତ୍ରିପାଠୀ, ଭୁବନେଶ୍ୱର(ମଧ୍ୟ) ବିଧାୟକ ଶ୍ରୀ ବାଦଲ ମହାନ୍ତି, ବାଲିପାଟଣା ବିଧାୟକ ଶ୍ରୀ ଅରବିନ୍ଦ ଢାଲି, ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ୍‌ର ମେୟର ଶ୍ରୀ ଅନନ୍ତ ନାରାୟଣ ଜେନା ଏହି ରକ୍ତଦାନ ଶିବିରରେ ଯୋଗଦେଇ ଭୁବନେଶ୍ୱର କେମିଷ୍ଟସ୍ ଓ ଡ୍ରଗିଷ୍ଟସ୍ ଆସୋସିଏସନ୍‌ର ପ୍ରତିଷ୍ଠାତା ସ୍ୱର୍ଗତ ଅଟଳ ବିହାରୀ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ସୂଚନାଯୋଗ୍ୟ ଯେ, ଉତ୍କଳ କେମିଷ୍ଟସ୍ ଓ ଡ୍ରଗିଷ୍ଟସ୍ ଆସୋସିଏସନ୍‌ର ପ୍ରମୁଖ ଶାଖା ଭାବେ ଭୁବନେଶ୍ୱର କେମିଷ୍ଟସ୍ ଓ ଡ୍ରଗିଷ୍ଟସ୍ ଆସୋସିଏସନ୍ ପ୍ରତିବର୍ଷ ଏହି ରକ୍ତଦାନ ଶିବିରର ଆୟୋଜନ କରିଆସୁଛି । ଏହି ବର୍ଷ ୨୬ତମ ରକ୍ତଦାନ ଶିବିର ଆୟୋଜିତ ହୋଇ ପ୍ରାୟ ୨୦୦ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ପାରିଛି । ବହୁ ସଂଖ୍ୟାରେ ସଦସ୍ୟଗଣ ଓ ସାଧାରଣ ବ୍ୟକ୍ତିବିଶେଷ ରକ୍ତଦାନ କରିଥିଲେ ।

# ବାଣପୁରର ଭାସମାନ ପଥର

ନିକୁଞ୍ଜ ବିହାରୀ ସାହୁ

ବାଣପୁର ହେଉଛି ଠାକୁରାଣୀ ଭଗବତୀଙ୍କ ବିରାଜ ସ୍ଥାନ ଆମ ରାଜ୍ୟର ଏକ ପ୍ରସିଦ୍ଧ ଶକ୍ତିପୀଠ । ଠାକୁରାଣୀଙ୍କ ଦର୍ଶନ ପାଇଁ ତଥା ନିଜର ମନସ୍କାମନା ପୂରଣ ନିମନ୍ତେ ପ୍ରତିଦିନ ଶହ ଶହ ଭକ୍ତଙ୍କ ଭିଡ ଛୁଟେ ଏଠାକୁ । ଆମ ରାଜ୍ୟର ଅନ୍ୟ ସ୍ଥାନଗୁଡ଼ିକରେ ଅନେକ ଶକ୍ତିପୀଠ ଥିବାବେଳେ ଏ ପୀଠଟିର ବିଶେଷ ଗୁରୁତ୍ୱ ହେଉଛି ଏଠାରେ ଏକ ବିଚିତ୍ର ଭାସମାନ ପଥରର ଉପସ୍ଥିତି ଉକ୍ତ ପୀଠଟିକୁ ବୋଧହୁଏ ଏକ ବିଶେଷ ମାନ୍ୟତା ପ୍ରଦାନ କରିଛି ।

ମୁଖ୍ୟ ମନ୍ଦିରର ଅନତି ଦୂରରେ ବାଣପୁର ଥାନା ନିକଟସ୍ଥ ଅନ୍ୟ ଏକ ମନ୍ଦିରରେ ଥିବା ଗୋଟିଏ କ୍ଷୁଦ୍ର ପାଣି କୁଣ୍ଡରେ ଏହି ବିଚିତ୍ର ପଥରଟିକୁ ରଖାଯାଇଛି ସର୍ବସାଧାରଣଙ୍କ ଦର୍ଶନ ପାଇଁ । ଲୋକମାନେ ନିଜ ହାତରେ ପଥରକୁ ଛୁଇଁ ପରୀକ୍ଷା କରି ଅନୁଭବ କରି ଯାଉଛନ୍ତି ଏହାର ଅଦ୍ଭୁତ ଧର୍ମ ସମ୍ପର୍କରେ । ଏପରିକି ଭଗବତୀଙ୍କୁ ଦର୍ଶନ କଲାପରେ ଏହି ଭାସମାନ ପଥରକୁ ନଦେଖିଲେ ଭ୍ରମଣ ଅପୂର୍ଣ୍ଣ ରହିଲା ବୋଲି ବିଚାର କରାଯାଏ ।

ପ୍ରବାଦ ଅଛି ଯେ ପ୍ରାୟ ଦେଢ ଶହ ବର୍ଷ ପୂର୍ବେ ଜଣେ ସ୍ଥାନୀୟ ମାରୱାଡ଼ି ଭକ୍ତ ଲୋକିରାମଙ୍କ ଭଉଣୀ କୁଆଡେ ତାଙ୍କ ଦକ୍ଷିଣ ଭାରତ ଭ୍ରମଣ ସମୟରେ ରାମାୟଣ ବର୍ଣ୍ଣିତ ସେତୁବନ୍ଧ ନିକଟରୁ ଏହି ଅଲୌକିକ ପଥରକୁ ସଂଗ୍ରହ କରି ବାଣପୁର ଆଣିଥିଲେ । ପୁରାଣ ଅନୁସାରେ, ତ୍ରେତୟା ଯୁଗରେ ମହାପ୍ରଭୁ ରାମଚନ୍ଦ୍ର ଲଙ୍କା ଜୟ କରି ସୀତାଙ୍କୁ ଉଦ୍ଧାର କରିବା ପାଇଁ ସମୁଦ୍ରରେ ଏକ ବନ୍ଧ ନିର୍ମାଣ ପାଇଁ ଉଦ୍ୟମ କରିଥିଲେ । ଏଥିନିମନ୍ତେ ଯେତେ ପାହାଡ ପର୍ବତ ସମୁଦ୍ରରେ ଫିଙ୍ଗିଲେ ସୁଦ୍ଧା ଜଳରେ ସବୁ ବୁଡିଗଲା । ଶେଷରେ ନଳ ନାମକ ଜଣେ ବାନର ପଥରକୁ ଛୁଇଁ ଦିଅନ୍ତେ ତାହା ସଙ୍ଗେ ସଙ୍ଗେ ହାଲୁକା ହୋଇ ଜଳରେ ଭାସିବାକୁ ଲାଗିଲା ଓ ସମୟକ୍ରମେ ସେତୁବନ୍ଧ ନିର୍ମିତ ହୋଇ ରାମଚନ୍ଦ୍ର ଲଙ୍କା ଜୟ କଲେ । ଦକ୍ଷିଣ ଭାରତ ଉପକୂଳରେ ଏହି ସେତୁବନ୍ଧ ପଥର ଏବେ ସୁଦ୍ଧା ବିଦ୍ୟମାନ । ଲୋକେ କହିବା ଅନୁଯାୟୀ ଲୋକିରାମଙ୍କ ଭଉଣୀ ସଂଗ୍ରହ କରିଥିବା ପଥରଟି ସେତୁବନ୍ଧର ପଥର ହୋଇଥିବାରୁ ଏହା ଜଳରେ ଭାସିଥାଏ ।

ଜଳଠାରୁ ହାଲୁକା ପଦାର୍ଥ (ଯେପରି: କାଗଜ, ସୋଲ ଇତ୍ୟାଦି) ଜଳରେ ଭାସୁଥିବା ସ୍ଥଳେ ଜଳଠାରୁ ଓଜନିଆ ପଦାର୍ଥ (ଯେପରି ଲୁହା, ପଥର ଇତ୍ୟାଦି) ବୁଡିଯାଏ ବୋଲି ଆମେ ଜାଣୁ । ସୁତରାଂ ଜଳରେ ପଥର ଭାସିବାର ଦୃଶ୍ୟ ଏକ ଆଶ୍ଚର୍ଯ୍ୟଜନକ ଘଟଣା । କୌଣସି ବସ୍ତୁକୁ ଜଳରେ ବୁଡାଇଲେ ହାଲୁକା ଲାଗେ । ସେଥିପାଇଁ କୂଅରୁ ପାଣି କାଢିଲାବେଳେ ଜଳପୂର୍ଣ୍ଣ ବାଲ୍‌ଟିକୁ ଜଳ ମଧ୍ୟରେ ଟେକିବା ସହଜ ମନେହୁଏ । ପ୍ରକୃତରେ ଜଳ ପ୍ରତ୍ୟେକ ବସ୍ତୁ ଉପରେ ଏକ ଊର୍ଦ୍ଧ୍ୱମୁଖୀ ବଳ ପ୍ରୟୋଗ କରିଥାଏ, ଯାହାକୁ ବିଜ୍ଞାନରେ 'ପ୍ଲବନ ବଳ' କହନ୍ତି । ଏହି ପ୍ଲବନ ବଳର ପରିମାଣ ବସ୍ତୁ ଅପସାରିତ କରୁଥିବା ସମ–ଆୟତନ ବିଶିଷ୍ଟ ଜଳର ଓଜନ ସଙ୍ଗେ ସମାନ । ସୁତରାଂ ଏକ ନିର୍ଦ୍ଦିଷ୍ଟ ଓଜନ ପାଇଁ ବସ୍ତୁର ଆୟତନ ଯେତେ ଅଧିକ ହୁଏ, ଏହା ଉପରେ ପ୍ରଯୁକ୍ତ ପ୍ଲବନ ବଳ ସେତେ ବେଶୀ ହେବାରୁ ବସ୍ତୁଟି ସହଜରେ ଭାସେ । ଉଦାହରଣ ସ୍ୱରୂପ, ଖଣ୍ଡିଏ ଲୁହା ଜଳରେ ବୁଡି ଯାଉଥିଲାବେଳେ ସେଥିରୁ ତିଆରି ଯଥେଷ୍ଟ ଓଜନର ଜାହାଜ ଅଧିକ ଆୟତନର ହୋଇଥିବାରୁ ଜଳରେ ଭାସିପାରେ । ଏହା ସମସ୍ତ ଭାସମାନ ବସ୍ତୁର ମୂଳ ତତ୍ତ୍ୱ, ଯାହା ପ୍ରଖ୍ୟାତ ଗ୍ରୀକ୍ ବୈଜ୍ଞାନିକ ଆର୍କିମିଡିସ୍ ପ୍ରାୟ ଦୁଇ ହଜାର ବର୍ଷ ପୂର୍ବେ ଆବିଷ୍କାର କରିଥିଲେ ।

ଏବେ ଭାସମାନ ପଥରଟିର ରହସ୍ୟ ବିଚାର କରିବା । ଏହା ଏକ ବିଶେଷ ପ୍ରକାରର ହାଲୁକା ପଥର । ଯେକେହି ଏହାକୁ

ହାତରେ ଧରି ପରୀକ୍ଷା କଲେ ଅନୁଭବ କରିପାରିବେ । ଏହା ସମ–ଆୟତନର ସାଧାରଣ ପଥରଠାରୁ ଯଥେଷ୍ଟ ହାଲୁକା, କାରଣ ଏହାର କଣିକାଗୁଡିକ ମଧ୍ୟରେ ଅନେକ କ୍ଷୁଦ୍ର କ୍ଷୁଦ୍ର ଫାଙ୍କ ସ୍ଥାନ ରହିଛି । ଫଳରେ ପଥରଟିର ସମୁଦାୟ ଓଜନ ତୁଳନାରେ ପ୍ରଯୁକ୍ତ ଜଳର ପ୍ଲବନ ବଳ ଅଧିକ ହେବାରୁ ତାହା ଜଳରେ ଭାସିଥାଏ ।

ବିଜ୍ଞାନରେ କୌଣସି ବସ୍ତୁର ଆୟତନ ତୁଳନାରେ ଓଜନକୁ 'ସାନ୍ଦ୍ରତା' ବା 'ଘନତ୍ୱ' ଆକାରରେ ପ୍ରକାଶ କରାଯାଏ । ଗୋଟିଏ ବସ୍ତୁର ସାନ୍ଦ୍ରତା ଜଳଠାରୁ ଅଧିକ ହେଲେ ତାହା ବୁଡିଯାଏ ଏବଂ କମ୍ ହେଲେ ତାହା ଭାସେ । ଜଳର ସାନ୍ଦ୍ରତା '୧' ହୋଇଥିଲାବେଳେ ଏଥିରେ ବୁଡି ଯାଇଥିବା ପଦାର୍ଥ ଯେପରି ଲୁହା, କାଚ ଓ ଆଲୁମିନିୟମ୍‌ର ସାନ୍ଦ୍ରତା ଯଥାକ୍ରମେ ୮.୫, ୨.୫ ଓ ୨.୭ ଏବଂ ଏଥିରେ ଭାସୁଥିବା ପଦାର୍ଥ ଯଥା– କାଠ, ସୋଲ ଓ ପେଟ୍ରୋଲ କ୍ଷେତ୍ରରେ ଏହି ମୂଲ୍ୟ ଯଥାକ୍ରମେ ୦.୮, ୦.୨୪ ଓ ୦.୭ ଅଟେ । କୌଣସି ବସ୍ତୁର ସାନ୍ଦ୍ରତା ଗବେଷଣାଗାରରେ ଅତି ସହଜରେ ନିରୂପଣ କରାଯାଇପାରେ । ବିଚିତ୍ର ଭାସମାନ ପଥରଟିର ହାରାହାରି ସାନ୍ଦ୍ରତା ନିରୂପଣ କଲେ ତାହା ଜଳର ସାନ୍ଦ୍ରତା '୧'ଠାରୁ ନିଶ୍ଚିତ କମ୍ ହେବ ।

ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ
ଭୁବନେଶ୍ୱର–୭୫୧୦୧୩

❖ ❖ ❖




ଭୁବନେଶ୍ୱର ଜୟଦେବ ଭବନଠାରେ ଶ୍ରୀମଦ୍ ବାବା ବଳିଆ ନର୍ମଦା ଚାରିଟେବୁଲ୍ ଟ୍ରଷ୍ଟ ତରଫରୁ ଆୟୋଜିତ ଉତ୍ସବରେ ଭାଷାତତ୍ତ୍ୱବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ 'କଳିଙ୍ଗ ପ୍ରତିଭା ରତ୍ନ ସମ୍ମାନ' ପ୍ରଦାନ କରୁଛନ୍ତି । ପାର୍ଶ୍ୱରେ ଉପସ୍ଥିତ ଅଛନ୍ତି 'ଉତ୍କଳ ପ୍ରସଙ୍ଗ'ର ସମ୍ପାଦକ ଡକ୍ଟର ହୁସେନ ରବିଗାନ୍ଧୀ, ସାଂସଦ ଶ୍ରୀ ଶଶୀଭୂଷଣ ବେହେରା ଓ ପ୍ରଫେସର ଡକ୍ଟର ବୈଷ୍ଣବ ଚରଣ ସାମଲ ।

# ବଙ୍ଗଳା ମହାଭାରତ ଓ ଶ୍ରୀଜଗନ୍ନାଥ

**ପ୍ରଫେସର ଉଦୟନାଥ ସାହୁ**

ଶ୍ରୀଜଗନ୍ନାଥ ହେଉଛନ୍ତି ବଙ୍ଗଳା ଓଡ଼ିଶା ମଧ୍ୟରେ ସଂପର୍କର ସେତୁ । ମଧ୍ୟଯୁଗରେ ସର୍ବ ଭାରତୀୟ ସ୍ତରରେ ପ୍ରେମ ଭକ୍ତି ଧର୍ମ ଆନ୍ଦୋଳନର ମୁଖ୍ୟ କେନ୍ଦ୍ରସ୍ଥଳୀ ଥିଲା ଓଡ଼ିଶାର ଶ୍ରୀଜଗନ୍ନାଥ ଧାମ । ଏହି ସମୟରେ ସମଗ୍ର ଭାରତବର୍ଷରୁ ସାଧୁ ସନ୍ଥମାନେ ପୁରୀ ଶ୍ରୀକ୍ଷେତ୍ରକୁ ଆସୁଥିଲେ ଏବଂ ନିଜ ନିଜ ଧର୍ମ ମତବାଦକୁ ପ୍ରଚାର କରିବା ସହିତ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଶ୍ରେଷ୍ଠତ୍ୱ ସ୍ୱୀକାର କରୁଥିଲେ । ଶ୍ରୀଚୈତନ୍ୟଙ୍କ ପୁରୀ ଆଗମନ ଫଳରେ ଓଡ଼ିଶା ବଙ୍ଗଳା ମଧରେ ସଂପର୍କ ଅତି ଘନିଷ୍ଠ ହୋଇଥିଲା । କାରଣ ବଙ୍ଗଳା ମହାଭାରତ ରଚୟିତା କାଶୀରାମ ଦାସଙ୍କର ପିତା ଶ୍ରୀ କମଳାକାନ୍ତ ଦାସ ଶ୍ରୀଚୈତନ୍ୟଙ୍କର ଭକ୍ତ ଥିଲେ । ତାଙ୍କର ତିନି ପୁତ୍ର ମଧ୍ୟରୁ କାଶୀରାମ ଦାସ ବଙ୍ଗଳା ପାଞ୍ଚାଳୀ ଛନ୍ଦରେ ମହାଭାରତ ରଚନା କରି ମୋକ୍ଷ ଲାଭ କରିଥିଲେ । କମଳାକାନ୍ତଙ୍କର ଏହି ତିନିପୁତ୍ର ଓଡ଼ିଶାର ଧର୍ମ, ସଂସ୍କୃତି, ସମାଜ ଏବଂ ପୁରାଣ ପରଂପରା ସହିତ ତାଙ୍କ ପିତାଙ୍କ ସୂତ୍ରରେ ସୁପରିଚିତ ଥିଲେ । କାଶୀରାମ ଦାସ ପରମ ବୈଷ୍ଣବ ଓ ଶ୍ରୀଜଗନ୍ନାଥଙ୍କ ଚରଣ ଦର୍ଶନ ଥିଲା ତାଙ୍କର ମୁଖ୍ୟ ଲକ୍ଷ୍ୟ । ତେଣୁ ସେ ତାଙ୍କ ମହାଭାରତ ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ସହିତ ଶ୍ରୀକ୍ଷେତ୍ରର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି ।

ଶ୍ରୀଜଗନ୍ନାଥଙ୍କ ଲୀଳା ପରମ ରହସ୍ୟପୂର୍ଣ୍ଣ । ତାହାକୁ ତାଙ୍କ ଭକ୍ତ ବ୍ୟତୀତ ଅନ୍ୟ କେହି ସହଜରେ ବୁଝିପାରିବେ ନାହିଁ । ସେ ପରମବ୍ରହ୍ମ ହରି ରୂପରେ ନୀଳାଚଳରେ ଗୋପ୍ୟ ହୋଇ ରହିଛନ୍ତି । ଶ୍ରୀଜଗନ୍ନାଥ ଯାହାକୁ କରୁଣା କରିବେ ସେହି ହିଁ କେବଳ ଶ୍ରୀଜଗନ୍ନାଥଙ୍କୁ ବୁଝିପାରେ ଏବଂ ବୁଝାଇପାରେ । ତାହା ପୁଣି କିଛି ଅଂଶରେ ପ୍ରକାଶ୍ୟ ହୁଏ ପୁଣି ଅନେକ ଅପ୍ରକାଶ୍ୟ ରହିଯାଏ । ଶ୍ରୀଜଗନ୍ନାଥ ନିଜେ ତାଙ୍କ ଇଚ୍ଛାରେ ସତ୍ ଚିତ୍ ଆନନ୍ଦରେ ପରିପୂର୍ଣ୍ଣ । ସେ ତାଙ୍କର ନର ନାରାୟଣ ଲୀଳାକୁ ବୁଝାଇବା ପାଇଁ ଅବତାର ଗ୍ରହଣ କରି ନରନାରାୟଣ ରୂପରେ ପୃଥିବୀରେ ବିଭିନ୍ନ ରୂପରେ ବିହାର କରି ଆସୁଛନ୍ତି । ସତ୍ ଚିତ୍ ଆନନ୍ଦରେ ପରିପୂର୍ଣ୍ଣ ବିଗ୍ରହ ଧାରଣ କରିଥିବା ଶ୍ରୀଚୈତନ୍ୟ ଏହି ସାଧନା ମାର୍ଗରେ ଯାଇ ଶ୍ରୀଜଗନ୍ନାଥଙ୍କ ସହିତ ଏକାତ୍ମ ହୋଇ ଯାଇଥିବା ହେତୁ ତାଙ୍କୁ ଭଗବାନ ରୂପରେ ଲୋକେ ଗ୍ରହଣ କରିଛନ୍ତି ।

ସତ୍–ଚିତ୍–ଆନନ୍ଦ ବିଗ୍ରହ ଶ୍ରୀରାମ, ଶ୍ରୀକୃଷ୍ଣ, ଶ୍ରୀଚୈତନ୍ୟ, ଯୀଶୁ, ମହମ୍ମଦ, କବୀର, ନାନକ ପ୍ରଭୃତି ମହାପୁରୁଷମାନେ ସମଗ୍ର ବିଶ୍ୱରେ ଲୀଳା କରିଛନ୍ତି । ସମଗ୍ର ବିଶ୍ୱ ରୂପର ସୂକ୍ଷ୍ମ ରୂପରେ ଶ୍ରୀଚୈତନ୍ୟ ଦେବଙ୍କ ପିତା ଶ୍ରୀଜଗନ୍ନାଥ ମିଶ୍ର ଓଡ଼ିଶାର ଯାଜପୁର ନଗରରୁ ଯାଇ ନଦୀଆ ନବଦ୍ୱୀପରେ ଶାସ୍ତ୍ର ଚର୍ଚ୍ଚାରେ ନିମଗ୍ନ ରହିଥିବା ସମୟରେ ଶ୍ରୀଜଗନ୍ନାଥଙ୍କ ଇଚ୍ଛାରେ ଶ୍ରୀଚୈତନ୍ୟ ଜନ୍ମ ଗ୍ରହଣ କରି ଧରାଧାମରେ ପ୍ରେମଭକ୍ତିର ସୁଧାସ୍ରୋତ ପ୍ରସାର କରିଛନ୍ତି । ପାଷାଣ୍ଡ ଦଳନ କରି ଶୁଦ୍ଧ ସୁବର୍ଣ୍ଣ ପରମ ପ୍ରେମମୟ ମାନବ ଗଠନ କରିବା ହୁଏତ ଶ୍ରୀଜଗନ୍ନାଥଙ୍କ ଇଚ୍ଛାରେ ଏହା ସମ୍ଭବ ହୋଇଥିଲା । ପରମ ପ୍ରେମମୟ ଶ୍ରୀଜଗନ୍ନାଥ ପରମବ୍ରହ୍ମ ହରି ଗୋରାକୃଷ୍ଣ ଶ୍ରୀଚୈତନ୍ୟ ରୂପରେ ମର୍ତ୍ତ୍ୟରେ ଦେହ ଧାରଣ କରିଥିବା କିଛି ଅସମ୍ଭବ ନୁହେଁ । ପୁନର୍ବାର ଶ୍ରୀଚୈତନ୍ୟ ନରନାରାୟଣ ରୂପରେ ଶ୍ରୀମନ୍ଦିରକୁ ଫେରି ଆସି ଶ୍ରୀଜଗନ୍ନାଥଙ୍କ ଦେହରେ ଲୀନ ହୋଇଯାଇଛନ୍ତି । ଏହି ଦୃଷ୍ଟିରୁ ବଙ୍ଗଳା ମହାଭାରତରେ ଶ୍ରୀଚୈତନ୍ୟଙ୍କ ପ୍ରେମ ଭକ୍ତିଲୀଳାର ପରୋକ୍ଷ ବର୍ଣ୍ଣନା ରହିଥିବା ବେଳେ ଶ୍ରୀକୃଷ୍ଣ ଏବଂ ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ କରି ଦେଖିଛନ୍ତି । ସମଗ୍ର ବଙ୍ଗଳା ମହାଭାରତକୁ ସାରଳା ମହାଭାରତ ପରି କାଶୀରାମ ଦାସ ଶ୍ରୀଜଗନ୍ନାଥଙ୍କର କର୍ମ ଭାବରେ ନିରୂପଣ କରିଛନ୍ତି ।

ସଂସ୍କୃତ ଶିକ୍ଷକ ଏବଂ ପୁରାଣ ପ୍ରବକ୍ତା ଭାବରେ କାଶୀରାମ ଦାସ ସଂସ୍କୃତ ବ୍ରହ୍ମପୁରାଣ, ସ୍କନ୍ଦପୁରାଣ, ବ୍ରହ୍ମ ବୈବର୍ତ୍ତ ପୁରାଣ, ସଂସ୍କୃତ ମହାଭାରତ, ସାରଳା ଦାସଙ୍କ ମହାଭାରତରୁ ଶ୍ରୀଜଗନ୍ନାଥଙ୍କ ସ୍ୱରୂପ ସଂପର୍କରେ ସଚେତନ ଥିବାରୁ ବଙ୍ଗଳା ମହାଭାରତରେ ଶ୍ରୀଜଗନ୍ନାଥଙ୍କୁ ଶ୍ରେଷ୍ଠ ସ୍ଥାନ ପ୍ରଦାନ କରିଛନ୍ତି ଏବଂ ଶ୍ରୀଜଗନ୍ନାଥ ଏବଂ ଶ୍ରୀକୃଷ୍ଣଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ଦେଖି ନାହାନ୍ତି । କାଶୀରାମ ଦାସଙ୍କ ସମୟରେ ସମଗ୍ର ପୂର୍ବ ଭାରତରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି କାବ୍ୟ, ନାଟକ, ଯାତ୍ରା, ଲୀଳା ମାହାତ୍ମ୍ୟ, ମଙ୍ଗଳ, ଚରିତ, ବିଜୟ ପ୍ରଭୃତି ସଦ୍‌ଗ୍ରନ୍ଥ ରଚନା କରାଯାଇ ପ୍ରସାର କରାଯାଉଥିଲା । ତାନ୍ତ୍ରିକ ସୃଷ୍ଟିରୁ ସୁଫି ମତବାଦ, ଭକ୍ତି ମାର୍ଗ, ସତ୍ୟପୀର ବାଦ, ଶଙ୍କରାଚାର୍ଯ୍ୟଙ୍କର ଅଦ୍ୱୈତବାଦ, ମାଧବାଚାର୍ଯ୍ୟଙ୍କର ଦ୍ୱୈତ୍ୟ ଅଦ୍ୱୈତବାଦ, ଶ୍ରୀଜଗନ୍ନାଥଙ୍କ ସହିତ ସମନ୍ୱୟ ସାଧିତ ହୋଇ ଶ୍ରୀଜଗନ୍ନାଥ ଶ୍ରେଷ୍ଠ ଆସନରେ ପ୍ରତିଷ୍ଠା ଲାଭ କରିଥିଲେ । ଏହି ଦର୍ଶନ ଏବଂ ଶ୍ରୀଜଗନ୍ନାଥ ପରଂପରାରୁ କାଶୀରାମ ଦାସ ମୁକ୍ତ ନଥିଲେ । ବ୍ରହ୍ମତତ୍ତ୍ୱ ଅନୁସାରେ ବ୍ରହ୍ମ ସତ୍ୟ ଓ ଜଗତ ମିଥ୍ୟା । ଟିକିଏ ଗଭୀର ଭାବେ ଦେଖିଲେ ଶ୍ରୀଜଗନ୍ନାଥ ହେଉଛନ୍ତି ସେହି ବ୍ରହ୍ମତତ୍ତ୍ୱର ମୂଳାଧାର । ପରମାତ୍ମା ଶ୍ରୀଜଗନ୍ନାଥ ସତ୍‌–ଚିତ୍‌–ଆନନ୍ଦର ପରିପୂର୍ଣ୍ଣ ବିଗ୍ରହ । ସମସ୍ତ ଦୃଶ୍ୟମାନ ଜଗତର ଠୁଳରୂପ ହେଲେ ପରମବ୍ରହ୍ମ ଶ୍ରୀଜଗନ୍ନାଥ । ଶ୍ରୀକୃଷ୍ଣ, ଶ୍ରୀଚୈତନ୍ୟ, ଶ୍ରୀରାମ, ମହମ୍ମଦ, ଯୀଶୁ ହେଲେ ସ୍ୱରୂପ ଭଗବାନ । କିନ୍ତୁ ଶ୍ରୀଜଗନ୍ନାଥ ହେଉଛନ୍ତି ଅରୂପ ଭଗବାନ । ତାଙ୍କୁ ସମଗ୍ର ବିଶ୍ୱବାସୀ ଯିଏ ଯେଉଁ ରୂପରେ ଦେଖିବାକୁ ଚାହିଁବେ ସେ ତାଙ୍କୁ ସେହି ରୂପରେ ଦେଖା ଦେବେ । ଏହାହିଁ ହେଉଛି ଶ୍ରୀଜଗନ୍ନାଥଙ୍କର ଅଦ୍ୱିତୀୟ ହେବାର ବୈଶିଷ୍ଟ୍ୟ । ତେଣୁ ଯୁଗେ ଯୁଗେ ଶ୍ରୀଜଗନ୍ନାଥଙ୍କ ସାନିଧ୍ୟ ଲାଭ କରିବା ପାଇଁ ବିଶ୍ୱବାସୀଙ୍କ ହୃଦୟରେ ତୃଷ୍ଣା ଏବଂ ବ୍ୟାକୁଳତା ଦେଖାଦେଇଛି । ସେହି ଅତୃପ୍ତି ଜନିତ ବ୍ୟାକୁଳତା ଭିତରେ ଅଫୁରନ୍ତ ଆନନ୍ଦ ଜୁଆର ଭରି ରହିଛି । ଶ୍ରୀଚୈତନ୍ୟ ଯେପରି ଶ୍ରୀଜଗନ୍ନାଥ ସହିତ ଲୀନ ହୋଇ ଯାଇଛନ୍ତି । ବଙ୍ଗଳା ମହାଭାରତ ରଚୟିତା କାଶୀରାମ ଦାସ ମଧ୍ୟ ସେହିପରି ଶ୍ରୀଜଗନ୍ନାଥଙ୍କ ନିକଟରେ ନିଜକୁ ପୂର୍ଣ୍ଣ ଭାବରେ ଆତ୍ମସମର୍ପଣ କରିଦେଇଥିଲେ । କାଶୀରାମ ଦାସ ତାଙ୍କ ପିତା କମଳାକାନ୍ତ ଦାସଙ୍କ ପରି ପରମ ବୈଷ୍ଣବ ଥିଲେ । ଏହି ଦୃଷ୍ଟିରୁ ସେ ନିଜର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କର ମହିମା କୀର୍ତ୍ତନରେ ଅବହେଳା କରିନାହାନ୍ତି । କାଶୀରାମ ଦାସ ହରି ହର ଉଭୟଙ୍କର ଉପାସକ ଥିଲେ ମଧ୍ୟ ମୋକ୍ଷର ଦେବତା ଭାବେ ଶ୍ରୀଜଗନ୍ନାଥଙ୍କୁ ପ୍ରାଧାନ୍ୟ ଦେଇଛନ୍ତି । ଦ୍ରୌପଦୀ ସ୍ୱୟମ୍ବର ସମୟରେ ଶ୍ରୀଜଗନ୍ନାଥ ନିଜର କର୍ମ ଦେଖାଇଛନ୍ତି ।

କୃଷ୍ଣ କନ, ଅନ୍ୟାୟ କରିବେ ଦୁଷ୍ଟଗଣ
ତୁମି ଆମି ବସିୟାଛି କିସେର କାରଣ
ମମ ବିଦ୍ୟମାନେ କରିବେକ ଅତ୍ୟାଚାର
ଜଗନ୍ନାଥ ନାମ ତବେ କି ହେତୁ ଆମାର
ଜଗତଜନେର ଆମି ଅନ୍ତେ ହଇତ୍ରାତା ।
ଦୁର୍ବଳେର ବଳ ଆମି ସର୍ବ ସଫଳତା
ଯଦି ଆସି ସମୁଚିତ ଫଳ ନାହି ଦିବ
ତବେ କେନ ଜଗନ୍ନାଥ ଏକାନ ଧରିବ ।
ସୁଦର୍ଶନେ ଛେଦିବ ସକଳ ଦୃଷ୍ଟମତି
ପୂର୍ବେ ଯଥା ନିକ୍ଷତ୍ରିୟା କୈଲ ଭୃଗୁପତି
ବିଶେଷ କରିତେ ନାଶ ଅବନୀର ଭାର
ତେଇଁଜନ୍ମ ଅବନୀତେ ହୟେଛେ ଆମାର
ଗୋବିନ୍ଦେର ବାକ୍ୟେ ରାମ ଚିନ୍ତାନ୍ୱିତ ମନେ
ଅର୍ଜୁନେ ଆଶିଷ୍ କରେ କୃଷ୍ଣେର ବଚନେ ।
(ବଂ.ମ–ଆଦିପର୍ବ, ପୃ–୬୬)

ଏଥିରୁ ସ୍ପଷ୍ଟ ହୋଇଯାଏ ଯେ, ଶ୍ରୀଜଗନ୍ନାଥ ଧରାରୁ ଭାରା ନିବାରଣ ପାଇଁ ପୃଥିବୀରେ ଶ୍ରୀକୃଷ୍ଣ ଭାବରେ ଜନ୍ମ ନିଅନ୍ତି । ଦ୍ରୌପଦୀ ସ୍ୱୟଂମ୍ବର ବେଳେ ଅର୍ଜୁନ ଯେତେବେଳେ ଲାଖ ବିନ୍ଧିଲେ ସେତେବେଳେ ସ୍ୱୟଂ ଜଗନ୍ନାଥ ସୁଦର୍ଶନ ଚକ୍ରକୁ ଅନ୍ତର କରି ଦେଇଥିଲେ । ମାତ୍ର ଅନ୍ୟ କ୍ଷତ୍ରୀୟମାନେ ଅହଂକାରୀ ଏବଂ ପାପୀ ହୋଇଥିବାରୁ ସେମାନଙ୍କ ପାଇଁ ମତ୍ସ୍ୟଚକ୍ଷୁ ଉପରେ ସୁଦର୍ଶନ ଚକ୍ର ଘୋଡ଼ାଇ ଦେଇଥିଲେ ।

ଉର୍ଦ୍ଧ୍ୱବାହୁ କରିୟା ଆକର୍ଣ୍ଣଟାନି ଗୁଣ
ଅଧୋମୁଖ କରି ବାଣ ଛାଡ଼େନ ଅର୍ଜୁନ
ସୁଦର୍ଶନ ଜଗନ୍ନାଥ କରେନ ଅନ୍ତର
ମତ୍ସ୍ୟଚକ୍ଷୁ ଛେଦିଲେକ ଅର୍ଜୁନେର ଶର ।
(ପୃ–୧୬, ବ.ମ ଆଦିପର୍ବ)

ସୁଧୀ ପାଠକବୃନ୍ଦଙ୍କ ପାଇଁ ସ୍ଥୂଳ ଦୃଷ୍ଟିରେ ଏହା ଶ୍ରୀଜଗନ୍ନାଥଙ୍କର ପକ୍ଷପାତ ନୀତି ପରି ମନେ ହେଲେ ବି ଏହା ଠିକ୍ ତାହା ନୁହେଁ । ଶ୍ରୀଜଗନ୍ନାଥ ନ୍ୟାୟ–ଅନ୍ୟାୟଠାରୁ ଉର୍ଦ୍ଧ୍ୱରେ ରହି ସୃଷ୍ଟି ପାଳନ କରନ୍ତି । ତାଙ୍କୁ ଲୌକିକ ନ୍ୟାୟରେ ବିଚାର କରିବା ଆମର ଅଜ୍ଞତା ବ୍ୟତୀତ ଅନ୍ୟ କିଛି ନୁହେଁ ।

ମହାରା ଜରାସନ୍ଧ ରାଜଚକ୍ରବର୍ତ୍ତୀ
ଯାହାରେ କରେନ ଭୟ ଇନ୍ଦ୍ର ସୁରପତି

ଜାର ଭୟେ ଜଗନ୍ନାଥ ମଥୁରା ତ୍ୟଜିୟା
ପଶ୍ଚିମ ସମୁଦ୍ର ତୀରେ ରହିଲେନଗିୟା
(ବଂ.ମ, ସଭା, ପୃ–୨୪୨)

ଏଠାରେ କାଶୀରାମ ଦାସ ଶ୍ରୀକୃଷ୍ଣଙ୍କୁ ଶ୍ରୀଜଗନ୍ନାଥଙ୍କ ନାମରେ ନାମିତ କରିଛନ୍ତି ।

ଅନୁକ୍ଷଣ ଜପେ ବିଷ୍ଣୁ ରାମ ନାରାୟଣ
କୃଷ୍ଣ ବିନା ତା'ର ଆଉ ନାହିଁ ମନୋରଥ ।
(ବଂ.ମ, ବନ, ପୃ–୪୭୩)

ପ୍ରହଲ୍ଲାଦ ଚରିତ ଉପାଖ୍ୟାନରେ ଏଠାରେ କୃଷ୍ଣ, ବିଷ୍ଣୁ, ରାମ, ନାରାୟଣ ଏବଂ ଜଗନ୍ନାଥଙ୍କ ମଧ୍ୟରେ କବି କୌଣସି ପାର୍ଥକ୍ୟ ଦେଖି ନାହାନ୍ତି ।

ଦୁର୍ଯ୍ୟୋଧନଙ୍କ ଆଦେଶରେ କୁରୁସଭାରେ ଶ୍ରୀକୃଷ୍ଣଙ୍କୁ ଯେତେବେଳେ ବାନ୍ଧିବାକୁ ଉଦ୍ୟମ କରାଗଲା ସେତେବେଳେ ସେ ବିଶ୍ୱରୂପ ପ୍ରଦର୍ଶନ କରିଥିଲେ । ଶ୍ରୀକୃଷ୍ଣ ସେତେବେଳେ ସ୍ୱୟଂ ଶ୍ରୀଜଗନ୍ନାଥଙ୍କ ରୂପରେ ପ୍ରକାଶିତ ହୋଇଯାଆନ୍ତି ।

ଏତ ବିଲ ଉଚ୍ଚସ୍ୱରେ ହାସେ ନାରାୟଣ
ହାସିତେ ହାସିତେ ହୈଲ ଆରକ୍ତ ଲୋଚନ
କମ୍ପାନ୍ୱିତ କଳେବର ଦେଖି ଲାଗେ ଭୟ
ଦେବମାୟା ସୃଜିଲେନ ଦେବ ଦୟାମୟ
ନିଜ ଅଙ୍ଗେ ଦେଖାଲେନ ଏ ତିନି ଭୁବ
ଦିବ୍ୟଚକ୍ଷୁ ପେୟେ ସବେ ଏକ ଦୃଷ୍ଟେ ଚାୟ
ଯେତେକ ଦେଖିଲ ତାହା କହନେ ନାଯାୟୟ
ଦେବତା ତେତ୍ରିଶ କୋଟି ଦେଖେ ପୃଷ୍ଠଦେଶେ
ନାଭିପଦ୍ମେ ଦେଖେ ବ୍ରହ୍ମା ଆଛେ ସବିଶେଷେ
ନାରଦ ବକ୍ଷେତେ ଶୋଭେ ଦେବ ତପୋଧନ
ନୟନେ ଦେଖୟେ ଏକାଦଶ ରୁଦ୍ରଗଣ
ଉନ ପଞ୍ଚାୟତ ବାୟୁ ଅଶ୍ୱିନୀ କୁମାର
ଅନନ୍ତ ବାସୁକୀ ଆଦି ଯତ ନାଗ ଆର
ଗୋବିନ୍ଦେର ପୁରୋଭାଗେ କରେ ନାନା ସ୍ତୁତି
ତବେ ଆର ନାନା ବିଧ ଦେଖୟେ ବିଭୁତି
ସ୍ଥାବର ଜଙ୍ଗମ ଦେଖେ ଯତ ଦେହିଗଣ
ଗୋବିନ୍ଦେର ଅଙ୍ଗେ ଦେଖେ ଏ ତିନି ଭୁବନ
ବିଶ୍ୱରୂପ ନିରଖିଆ ସବେ ମୂର୍ଚ୍ଛା ଗେଲ ।
ଗୋବିନ୍ଦେର ଅଗ୍ରେ ସର୍ବେ କହିତେ ଲାଗିଲ

ଜଗତେର କର୍ତ୍ତା ତୁମି ଜଗତେର ପତି
ଅପାର ମହିମା ତବ ବେଦେ ଅଗୋଚର
ନିଜ ରୂପ ସମ୍ବରହ ଦେବ ଗଦାଧର ।
(ପୃ–୬୭୯ ବଂ–ମ–ଉଦ୍ୟୋଗ)

ସକଳ ବିଶ୍ୱ ବ୍ରହ୍ମାଣ୍ଡର ମୂଳ ବୀଜ ହେଲା ବ୍ରହ୍ମ । ସେହି ବ୍ରହ୍ମଙ୍କର ସ୍ଥୂଳ ରୂପ ହେଲେ ଶ୍ରୀଜଗନ୍ନାଥ । ଏହାବ୍ୟତୀତ ବିଦୁର, ଭୀଷ୍ମ ଶ୍ରୀକୃଷ୍ଣଙ୍କ ରୂପ ବର୍ଣ୍ଣନାରେ କବି କାଶୀରାମ ଶ୍ରୀଜଗନ୍ନାଥଙ୍କ ନିର୍ଗୁଣ ସ୍ୱରୂପକୁ ବର୍ଣ୍ଣନା କରିଛନ୍ତି ।

ସ୍ଥିତି ଯାର ଅନ୍ତରୀକ୍ଷେ ଶୂନ୍ୟ ଭରେ ଦୁଇ ପକ୍ଷେ
ନିଜଗୁଣେ ତମ ହୟନାଶ
ନାନାରୂପ ମୂର୍ତ୍ତି ଧରି ବିଷ୍ଣୁମାୟା ସୃଷ୍ଟି କରି
ମୋହିତ କରେନ ସର୍ବଜନ ।
(ପୃଷ୍ଠା–୭୯୫, ବଂ–ମ–ଦ୍ରୋଣ)

କବି ନିଜେ ଏକ ଲକ୍ଷ୍ୟରେ ହରିଙ୍କୁ ଧ୍ୟାନ କରି ବଙ୍ଗଳା ମହାଭାରତ ରଚନା କରିଥିବା କହିଛନ୍ତି ।

ଅନୁକ୍ଷଣ ଧ୍ୟାନ କରି ଏକମନେ ଭାବି ହରି
ରଚିଲାମ ଭାରତ ଉପାଖ୍ୟାନ ।
(ବଂ–ମ–ଦ୍ରୋଣ, ପୃ–୭୯୬)

ଭୀଷ୍ମ ଯେତେବେଳେ ଦେହ ତ୍ୟାଗ କରିବା ପାଇଁ ଚାହିଁଲେ ଶ୍ରୀକୃଷ୍ଣଙ୍କୁ ସେ ଶ୍ରୀଜଗନ୍ନାଥଙ୍କର ସ୍ୱରୂପ ଭାବରେ ଦର୍ଶନ କରିଛନ୍ତି ।

ଜଗତେର କର୍ତ୍ତା ତୁମି ଦେବ ଜଗନ୍ନାଥ
କି ବଲିତେ ଜାନି ଆମି ତୋମାର ସାକ୍ଷାତ
ତୁମି ଯାହା ମନେ କର ସେଇ ରୂପ ହୟ
ସକଳ ସଂସାର ପ୍ରଭୁ ତୋମାର ଲୀଳାୟ
କିବା ନା କରିତେ ପାର ଆପନି ଶ୍ରୀହରି
ନାଶିଲେ ସେ ଦୁଷ୍ଟଗଣ କ୍ଷିତି ଛିଲ ଭାରି
ଆଦି ଅନାଦି ତୁମି ସର୍ବେଶ୍ୱର କର୍ତ୍ତା
ଅନାଥେର ନାଥ ତୁମି ସର୍ବଫଳ ଦାତା
ତୁମି ସର୍ବମୟ ପ୍ରଭୁ ତୁମି ନିରଞ୍ଜନ
ତୁମି ସର୍ବପ୍ରାଣ ହେତୁ ତୁମି ସେ ଜୀବନ
ଦୁଷ୍ଟ ନାଶ କର ତୁମି ଶିଷ୍ଟେର ପାଳନ
ତୁମି ଯେ କରୁଣାମୟ ଜଗତ୍ ତାରଣ
ତୁମି ସୃଷ୍ଟିକର ପ୍ରଭୁ ସଂହାରହ ତୁମି

ଚାରିବେଦ ନାହିଁ ପାରେ କି ବଲିବ ଆମି
ତୁମି ସ୍ୱର୍ଗ ତୁମି ମର୍ତ୍ତ୍ୟ ତୁମି ସେ ପାତାଳ
ସଂସାରେତ ଆଛେ ଯତଦିନ ଠାକୁରାଳ
ତୁମି ଇନ୍ଦ୍ର ତୁମି ଚନ୍ଦ୍ର ତୁମି ନାରୀ ନର
ତୋମାର ଅଧିକ ନାହିଁ ସଂସାର ଭିତର ।।
ଆଦି ନିରଞ୍ଜନ ତୁମି ଆବ୍ରାହ୍ମ ସ୍ୱରୂପ
କୋଟି କୋଟି ବ୍ରହ୍ମାଣ୍ଡ ତବ ଏକ ଲୋମକୂପ
କରୁଣା କରିୟା ତୁମି ତରାଓ ଯାହାରେ
ସେହି ସେ ତୋମାର ଭକ୍ତ ଜାନିବାରେ ପାରେ ।

(ପୃ–୯୩୮, ବଂ–ମ–ଶାନ୍ତି)

ଭୀଷ୍ମଙ୍କର ଏହି ବର୍ଣ୍ଣନା ହିଁ ଶ୍ରୀଜଗନ୍ନାଥଙ୍କ ବର୍ଣ୍ଣନା । କାରଣ ଅନ୍ତକାଳରେ ଭୀଷ୍ମଦେବ ଶ୍ରୀଜଗନ୍ନାଥ ଦେହରେ ଲୀନ ହୋଇ ମୋକ୍ଷ ଲାଭ କରିଥିବାରୁ ସେ ଅମରତ୍ୱ ଲାଭ କରିଛନ୍ତି ।

ଶାନ୍ତି ପର୍ବରେ ନାରଦ ମଧ୍ୟ ଶ୍ରୀଜଗନ୍ନାଥଙ୍କୁ ସ୍ତୁତି କରି କହିଛନ୍ତି–

'ଜୟ ଜୟ ଜଗନ୍ନାଥ ତ୍ରିଦଶ ଈଶ୍ୱର
ଗୋଲକ ନିବାସୀ ଜୟ ଜଗତେର ନାଥ ।
ଅପାର ମହିମା ତବ ଦିତେ ନାରି ସୀମା
ଶିଷ୍ଟେର ପାଳନ ଦୁଷ୍ଟ ଭଞ୍ଜନ ଗରିମା' ।

(ପୃ–୯୪୪, ବଂ–ମ–ଶାନ୍ତି)

ଓଡ଼ିଶାର ଶ୍ରୀକ୍ଷେତ୍ର ହେଉଛି ମର୍ତ୍ତ୍ୟ ବୈକୁଣ୍ଠ । ଶ୍ରୀଜଗନ୍ନାଥ ହେଉଛନ୍ତି ତ୍ରିଦଶ ଈଶ୍ୱର । ଏଥିରେ ସାମାନ୍ୟତମ ସନ୍ଦେହର ଅବକାଶ ନାହିଁ ।

ବଙ୍ଗଳା ମହାଭାରତର ଶାନ୍ତି ପର୍ବରେ ଥିବା 'ବ୍ୟାଧ–ସୁମତି' ଉପାଖ୍ୟାନରେ ଜଗନ୍ନାଥଙ୍କର ରୂପ ବର୍ଣ୍ଣନା କରାଯାଇଛି ଯଥା–

ନମୋ ରାମକୃଷ୍ଣ ରୂପ ନମୋ ଜଗତ୍‌ପତି
ଅଖିଳ ଧାରଣ ରୂପ, ଅଖିଳ କାରଣ
ଅନ୍ତରୀକ୍ଷ ନାଭିତବ ପାତାଳ ଚରଣ
ଆକାଶ ମସ୍ତକ ତବ ତପନ ନୟନ
ବିରାଟ ରୂପେତେ ବ୍ୟାପିୟାଛ ତ୍ରିଭୁବନ ।

(ପୃ–୯୭୦, ବଂ–ମ–ଶାନ୍ତି)

ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ନିବେଦନ ରକ୍ଷାକରି ଶ୍ରୀଜଗନ୍ନାଥ ବିଭିନ୍ନ ଅବତାର ଗ୍ରହଣ କରୁଥିବା କୁହାଯାଇଛି । ଯଥା–

ବ୍ରହ୍ମାର କଥାୟ କୃଷ୍ଣ ହ'ୟେ ଅବତାର
ପୃଥିବୀର ଭାର ସବକରେନ ସଂହାର ।

(ପୃ–୧୦୦୭, ବଂ–ମ–ଶାନ୍ତି)

ସର୍ବଦା ଯୁଧିଷ୍ଠିର ଶ୍ରୀକୃଷ୍ଣଙ୍କୁ ଜଗନ୍ନାଥ କହି ସମ୍ବୋଧନ କରିଛନ୍ତି । ଯଥା–

ତବେ ରାଜା ଯୁଧିଷ୍ଠିର କରି ଯୋଡହାତ
ନିବେଦନ କୈଲ, ଶୁନ ଦେବ ଜଗନ୍ନାଥ ।

(ପୃ–୧୦୧୫, ବଂ–ମ–ଶାନ୍ତି)

ବଳରାମ ପାଣ୍ଡବ ଏବଂ କୌରବ ଉଭୟଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । ସେ କାହାର ପକ୍ଷ ନିଅନ୍ତି ନାହିଁ । ବଳରାମ ସର୍ବଦା ନିରପେକ୍ଷ । ମହାଭାରତ ଯୁଦ୍ଧରେ ପାଣ୍ଡବ–କୌରବଙ୍କର ନିଧନ ଦୃଶ୍ୟ ସେ ସହ୍ୟ କରିପାରିବେ ନାହିଁ ବୋଲି ତାଙ୍କ ମନରେ ବୈରାଗ୍ୟ ଜାତ ହେଲା । ଏଥିପାଇଁ ସେ ମହାଭାରତ ଯୁଦ୍ଧରେ ଯୋଗ ନଦେଇ ତୀର୍ଥ ଦର୍ଶନରେ ବାହାରି ଯାଇଥିଲେ । ଭାରତବର୍ଷର ବିଭିନ୍ନ ତୀର୍ଥ ମଧ୍ୟରୁ ବଳରାମ ଶ୍ରୀତୀର୍ଥ ବା ଶ୍ରୀକ୍ଷେତ୍ର ଦର୍ଶନ କରିଥିଲେ । କବି ଶ୍ରୀକ୍ଷେତ୍ର ମାହାତ୍ମ୍ୟ ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଥିବା ଜଣାଯାଏ । ଶ୍ରୀକ୍ଷେତ୍ରକୁ ଭାରତବର୍ଷର ସର୍ବଶ୍ରେଷ୍ଠ ତୀର୍ଥକ୍ଷେତ୍ରର ମାନ୍ୟତା ଦିଆଯାଇଛି ।

ଶ୍ରୀକ୍ଷେତ୍ରକୁ କାଶୀରାମ ଦାସ ଶ୍ରୀଜଗନ୍ନାଥଙ୍କର ଜନ୍ମସ୍ଥାନ ଭାବରେ ଚିତ୍ରଣ କରିଛନ୍ତି । ଓଡ଼ିଶାର ପୂର୍ବ ଉପକୂଳରେ ଥିବା ବଙ୍ଗୋପ ସାଗର କୂଳରେ ଶ୍ରୀଜଗନ୍ନାଥଙ୍କର ଜନ୍ମ । ପ୍ରତିବର୍ଷ ପୁଷ୍ୟାଭିଷେକ ଉତ୍ସବକୁ ଶ୍ରୀଜଗନ୍ନାଥଙ୍କର ଜନ୍ମ ଉତ୍ସବ ଭାବରେ ପାଳନ କରାଯାଏ । ସ୍ୱର୍ଗର ସମସ୍ତ ଦେବ ଦେବୀ ଏହି ଉତ୍ସବରେ ଯୋଗଦାନ କରନ୍ତି । କବି ଶ୍ରୀଜଗନ୍ନାଥଙ୍କ ରୂପ ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି–

ବାମେ ସିନ୍ଧୁ ତନୟା ନିକଟେ ସୁଦର୍ଶନ
ଜଳଦ ଅଙ୍ଗେତେ ଶୋଭେ ତଡ଼ିତ୍‌ବସନ
ବଦନ ନୟନ ଶୋଭେ ଜଗମନ ଫାନ୍ଦ
ନିର୍ମଳ ଗଗନେ ଯେନ ଶୋଭେ ପୂର୍ଣ୍ଣଚାନ୍ଦ ।

( ବଂ–ମ–ବନ)

ଶ୍ରୀଜଗନ୍ନାଥଙ୍କର ମେଘବର୍ଣ୍ଣ ଶରୀରରେ ବିଜୁଳି ପରି ପୀତବସନ ଶୋଭାପାଉଛି । ତାଙ୍କର ମୁଖମଣ୍ଡଳରେ ଶୋଭା ପାଉଥିବା ଚକାଆଖି ନିର୍ମଳ ଆକାଶରେ ପୂର୍ଣ୍ଣଚନ୍ଦ୍ର ପରି । ବିଶ୍ୱ ଜଗତର ସକଳ ପ୍ରାଣୀଙ୍କର ମନକୁ ବାନ୍ଧିରଖିବା ପାଇଁ ଏହି ଚନ୍ଦ୍ର ସୂର୍ଯ୍ୟ ଆଖି ଯୋଡ଼ିକ ଅମାପ ଶକ୍ତିର ଭଣ୍ଡାର ।

ଯେ ମୁଖ ଦେଖିଲେ ମୁକ୍ତି ଆଖିର ନିମିଷେ
ସେହି କ୍ଷଣେ ମୁକ୍ତହୟ ଜନ୍ମ କର୍ମ ପାଶେ
ବ୍ରହ୍ମା ଶିବ ଶଚୀପତି ଆଦି ଦେବଗଣ
ନିତ୍ୟ ନିତ୍ୟ ଆସେ ମୁଖ ଦର୍ଶନ କାରଣ
(ବଂ–ମ–ବନପର୍ବ)

ଶ୍ରୀଜଗନ୍ନାଥଙ୍କର ମୁଖମଣ୍ଡଳ ଥରେ ମାତ୍ର ଦର୍ଶନ କଲେ ଆଖିର ପଲକ ମାତ୍ରକେ ମାନବ ଜନ୍ମ କର୍ମଫାଶରୁ ମୁକ୍ତ ହୋଇଥିଲେ । ଏହି ମୁକ୍ତି ସମ୍ପଦର ଅଧିକାରୀ ହେବା ପାଇଁ ପ୍ରତିଦିନ ସମସ୍ତ ଦେବଗଣଙ୍କ ସହିତ ବ୍ରହ୍ମା, ଶିବ, ଇନ୍ଦ୍ର ଦର୍ଶନ କରିବା ପାଇଁ ନୀଳାଚଳକୁ ଆସନ୍ତି ।

ଶ୍ରୀଜଗନ୍ନାଥ ହେଉଛନ୍ତି ଷୋଳକଳାରେ ପରିପୂର୍ଣ୍ଣ । ସେ ନିଜେ ଅବତାର ଗ୍ରହଣ କରନ୍ତି ପୃଥିବୀର ଭାରା ନିବାରଣ କରିବା ପାଇଁ । ଶ୍ରୀଜଗନ୍ନାଥ ହେଉଛନ୍ତି ନିର୍ଗୁଣ ବ୍ରହ୍ମ । ଶ୍ରୀକୃଷ୍ଣ ହେଉଛନ୍ତି ସଗୁଣ ବ୍ରହ୍ମ । ପୃଥିବୀରେ ଯୁଗେ ଯୁଗେ ଦୁଷ୍ଟମାନଙ୍କୁ ବିନାଶ କରି ଶିଷ୍ଟ ପାଳନ ଉଦ୍ଦେଶ୍ୟରେ ଶ୍ରୀଜଗନ୍ନାଥଙ୍କ ଅଂଶରେ ମତ୍ସ୍ୟ, କଚ୍ଛପ, ନୃସିଂହ, ରାମ, କୃଷ୍ଣ ପ୍ରଭୃତି ରୂପ ଗ୍ରହଣ କରି ଧରାବତରଣ କରନ୍ତି ।

ଯାର ଅଂଶେ ଅବତାର ହୟ ପୃଥିବୀତେ
ଯୁଗେ ଯୁଗେ ଦୁଷ୍ଟନାଶେ ଶିଷ୍ଟେର ପାଲିତେ ।
(ବଂ–ମ–ବନପର୍ବ)

ମହର୍ଷି ନାରଦ ଯୁଧିଷ୍ଠିରଙ୍କ ଆଗରେ ଶ୍ରୀତୀର୍ଥ କ୍ଷେତ୍ରର ମାହାତ୍ମ୍ୟ ବର୍ଣ୍ଣନା କରି ଶ୍ରୀକ୍ଷେତ୍ରର ଶ୍ରେଷ୍ଠତା ନିରୂପଣ କରିଥିଲେ ।

ମୁନି, ଋଷି, ସାଧୁ ଯୋଗୀମାନେ ଜନ୍ମ ଜନ୍ମ ଧରି ଯୋଗ, ଧ୍ୟାନ, ତପସ୍ୟା, ଦାନ, ଯଜ୍ଞ କରିବାରେ ଯେଉଁ ଫଳ ନପାଆନ୍ତି ଶ୍ରୀଜଗନ୍ନାଥଙ୍କ ମୁଖ ଥରେ ମାତ୍ର ଦର୍ଶନ କଲେ ସେହିଫଳ ନିମିଷକ ମଧ୍ୟରେ ମିଳିଯାଏ ।

ଅଜଭବ ଅଗୋଚର ଯାହାର ମହିମା
ଦେବଗଣ ପୁରାରଣେ ନା ପାୟ ଯାର ସୀମା
ବ୍ରହ୍ମାଣ୍ଡ ଡୁବାୟ ବ୍ରହ୍ମ ପ୍ରଳୟେର କାଲେ
ସପ୍ତ କଳ୍ପଜୀବୀ ମୁନି ଭାସି ସିନ୍ଧୁ ଜଲେ
ବିଶ୍ରାମ ପାଇଲ ମୁନି ପ୍ରଭୁର ନିକଟେ
ସେଇ ହତେ ରହିଲ ଆପନି ବୃକ୍ଷବଟେ ।
କେ ବର୍ଣ୍ଣିତେପାରେ ମାର୍କଣ୍ଡେୟ ହ୍ରଦ ଗୁଣ
ଯାରଜଲେ ସ୍ନାନେ ଭୂମେ ଜନ୍ମେ ନାହିଁ ନର ।
(ପୃ–୪୦୦, ବଂ–ମ–ବନପର୍ବ)

ପୁରାଣରେ କଥିତ ଅଛି ଯେ ସିଦ୍ଧ ମୁନି ମାର୍କଣ୍ଡେୟ ସପ୍ତକଳ୍ପ ଧରି ଜୀବିତ ଅଛନ୍ତି । ପ୍ରଳୟକାଳ ଉପସ୍ଥିତ ହେଲେ ସ୍ୱୟଂ ଜଗନ୍ନାଥ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡକୁ ପ୍ରଳୟ ଜଳରେ ବୁଡ଼ାଇ ଦିଅନ୍ତି । ଏକମାତ୍ର କଳ୍ପବଟ ଜୀବିତ ଥାଏ । ସ୍ୱୟଂ ଜଗନ୍ନାଥ ଏହି ବୃକ୍ଷରେ ମହାନିଦ୍ରାରେ ଶୟନ କରନ୍ତି । ମାର୍କଣ୍ଡେୟ ମୁନି ପ୍ରଭୁଙ୍କ ପାଖରେ ବଟପତ୍ରରେ ଧ୍ୟାନ ଯୋଗରେ ରହି ବିଶ୍ରାମ ନିଅନ୍ତି । ମାର୍କଣ୍ଡେୟ ମୁନିଙ୍କ ନାମରେ ସେଇ ହେତୁ ଏକ ସରୋବର ଶ୍ରୀକ୍ଷେତ୍ରରେ ଅଛି । ଏହି ସରୋବରରେ ସ୍ନାନ କଲେ ମୁକ୍ତି ମିଳେ ।

ଦକ୍ଷିଣେତେ ଶ୍ୱେତଗଙ୍ଗା ମାଧବ ସମୀପେ
ଯାହେ ସ୍ନାନେ ସ୍ୱର୍ଗେନର ବୈସେ ଦେବରୂପେ
ରୋହିଣୀ କୁଣ୍ଡେର ଗୁଣ କି ବଲିତେ ପାରି
ତୃଷ୍ଣାୟ ପୀଡ଼ିତ ହୟେ ପିୟେ ଯାର୍ ବାରି
ଗରୁଡ଼େ ଆରୁଢ଼ କାକ ବୈକୁଣ୍ଠେତେ ଗେଲ
ସେହି ହୈତେ ଜନ୍ମକ୍ଷେତ୍ରେ ପଥ ତ୍ୟାଗ କୈଲ ।
(ପୃ–୪୦୦, ବଂ–ମ–ବନପର୍ବ)

ନୀଳାଚଳର ଦକ୍ଷିଣ ଦିଗରେ ଥିବା ଶ୍ୱେତ ସରୋବରରେ ସ୍ନାନ କଲେ ମନୁଷ୍ୟ ଦେବ ଦେହ ଧାରଣ କରି ସ୍ୱର୍ଗରେ ବସନ୍ତି । ରୋହିଣୀ କୁଣ୍ଡର ଜଳରେ କାକଟିଏ ଚତୁର୍ଭୁଜ ଧାରଣ କରିଥିବା କିମ୍ବଦନ୍ତୀ ରହିଛି । ଏହି କୁଣ୍ଡର ଜଳପାନ କଲେ ନର, ପଶୁ, ପକ୍ଷୀ ଚତୁର୍ଭୁଜ ରୂପ ଧଣଇ ମୁକ୍ତି ଲାଭ କରନ୍ତି । ଏହି ରୋହିଣୀ କୁଣ୍ଡ ବାଟ ଦେଇ ପ୍ରଭୁ ପ୍ରଳୟ ଜଳ ନିଷ୍କାସନ କରନ୍ତି ଏବଂ ପୁନର୍ବାର ସୃଷ୍ଟି ସୃଜନ କରନ୍ତି । ଏଥିପାଇଁ ଭାରତବର୍ଷର କୋଣ ଅନୁକୋଣରୁ ଭକ୍ତମାନେ ନିଜର ଜନ୍ମ କ୍ଷେତ୍ର ତ୍ୟାଗ କରି ନୀଳାଚଳରେ ବାସ କରିବା ପାଇଁ ଅଭିଳାଷ ରଖିଥାନ୍ତି ।

କୋଟି କୋଟି ତୀର୍ଥ ଲୟେ ଯଥା ମହାନଦୀ
ନାନା ଶବ୍ଦ ବାଦ୍ୟେ ପ୍ରଭୁ ସେବେ ନିରବଧି ।
ଯାର ବାୟେ ସକଳ ପାପୀର ପାପ ଖଣ୍ଡେ

ଯାର ନାମ ଶୁନିଲେ ଏଡାୟ ଯମଦଣ୍ଡେ
ସର୍ବପାପେ ମୁକ୍ତ ହୟ ଯାର୍ ଦରଶନେ
ସଦାକାଳେ ବୈସେ ସ୍ୱର୍ଗ ସହ ଦେବଗଣେ ।
ସମୁଦ୍ରେ କରିୟା ସ୍ନାନ ଯଦି ପୂଜା ଦେଖେ
ଚତୁର୍ଭୁଜ ହୟେ ରୟେ ଇନ୍ଦ୍ରେର ସମ୍ମୁଖେ ।
(ପୃ-୪୦୦, ବଂ-ମ-ବନପର୍ବ)

ଓଡ଼ିଶାର ମହାନଦୀକୁ ଦେବନଦୀ କୁହାଯାଏ । ଏହି ନଦୀ ନିଜ ସାଥିରେ କୋଟି କୋଟି ତୀର୍ଥଙ୍କୁ ନେଇ ଶ୍ରୀଜଗନ୍ନାଥଙ୍କର ସେବା କରେ । ଏହାର ପାଣି ପବନ ଦେହରେ ବାଜିଲେ ସମସ୍ତ ପାପ ଦୂର ହୋଇଯାଏ । ସମୁଦ୍ରରେ ସ୍ନାନ କରି ପ୍ରଭୁଙ୍କ ପୂଜା ଯିଏ ଦେଖେ ସେ ଦେବ ଦେହ ଧାରଣ କରି ବୈକୁଣ୍ଠ ପୁରରେ ବସେ ।

ଇନ୍ଦ୍ରଦ୍ୟୁମ୍ନ ସରୋବରେ ଯଦି କରେ ସ୍ନାନ
ପୁନର୍ଜନ୍ମ ନହେ ତାର ଦେବତା ସମାନ
ଅଶ୍ୱମେଧ ଦାନ ଯତ କରିଲେ ଭୂପତି
କୋଟି କୋଟି ଧେନୁକ୍ଷୁରେ କ୍ଷୁନ୍ନା ବସୁମତି
ଗୋମୂତ୍ର ଫେନାୟ ଇନ୍ଦ୍ରଦ୍ୟୁମ୍ନ ସରୋ ଜନ୍ମ
ଯାହେ ସ୍ନାନେ ଖଣ୍ଡେ କୋଟି ଜନ୍ମେର ଅଧର୍ମ ।
ଏହି ପଞ୍ଚତୀର୍ଥ ନୀଳଶୈଳ ମଧ୍ୟେ ବୈସେ
ପାପଲେଖ ନାହି ଥଶକେ ତାହାର ପରଶେ ।
(ପୃ-୪୦୦, ବଂ-ମ-ବନପର୍ବ)

ରାଜା ଇନ୍ଦ୍ରଦ୍ୟୁମ୍ନ ପୁରୀ ଶ୍ରୀକ୍ଷେତ୍ରରେ ଅଶ୍ୱମେଧ ଯଜ୍ଞ କରିଥିଲେ ଏବଂ କୋଟି କୋଟି ଧେନୁ ଦାନ ଦେଇଥିଲେ । ଗାଈମାନଙ୍କ ଖୁରା ଏବଂ ମୂତ୍ରରେ ପୃଥିବୀ ଖୋଳି ହୋଇ ସେଠାରେ ଗୋଟିଏ ପୁଷ୍କରିଣୀ ହୋଇଯାଇଥିଲା । ତାର ନାମ ସେହିଦିନୁ ପୂଣ୍ୟବନ୍ତ ରାଜାଙ୍କ ନାମ ଅନୁସାରେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ରହିଛି । ସେହି ପୁଷ୍କରିଣୀରେ ସ୍ନାନ କଲେ ମନୁଷ୍ୟର କୋଟି ଜନ୍ମର ପାପ ନାଶ ଯାଏ । ପୁରୀ ଶ୍ରୀକ୍ଷେତ୍ରରେ ଥିବା ଶ୍ୱେତ ସରୋବର, ମାର୍କଣ୍ଡେୟ ସରୋବର, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ, ରୋହିଣୀ କୁଣ୍ଡ, କ୍ଷୀର ସମୁଦ୍ର – ଏହି ପଞ୍ଚତୀର୍ଥରେ ସ୍ନାନ କଲେ ମଣିଷ ଶରୀରରେ ଲେଶ ମାତ୍ର ପାପ ରହେ ନାହିଁ । ଏହି ଦୃଷ୍ଟିରୁ ପୁଣ୍ୟଭୂମି ଭାରତବର୍ଷରେ ଶ୍ରୀଜଗନ୍ନାଥ ସଂସ୍କୃତିର ମାହାତ୍ମ୍ୟ ବହୁ ପ୍ରାଚୀନ କାଳରୁ ପ୍ରମାଣିତ ହୋଇସାରିଛି ।

ବିଦୁର ଯେତେବେଳେ ଶ୍ରୀକୃଷ୍ଣଙ୍କୁ ସ୍ତୁତି କରିଛନ୍ତି ସେ ପ୍ରକାରାନ୍ତରେ ଜଗନ୍ନାଥଙ୍କୁ ହିଁ ସ୍ତୁତି କରିଛନ୍ତି– ଯଥା–

ନମୋ ନାମୋ ପୂର୍ଣ୍ଣବ୍ରହ୍ମଜଗତେର ପତି
ତୁମି ଆଦି ତୁମି ଅନ୍ତ ତୁମି ମଧ୍ୟରୂପ
ସକଳ ସଂସାର ପ୍ରଭୁ ତୋମାର ସ୍ୱରୂପ ।
(ବଂ-ମ-ସଭା)

ସେହିପରି ଭୀଷ୍ମ ମଧ୍ୟ ଶ୍ରୀକୃଷ୍ଣଙ୍କୁ ଦର୍ଶନ କଲାବେଳେ ଶ୍ରୀଜଗନ୍ନାଥଙ୍କ ବିଶ୍ୱରୂପ ଦର୍ଶନ କରିଛନ୍ତି । ଶ୍ରୀକୃଷ୍ଣଙ୍କୁ ସ୍ତୁତି କରିବା ବଦଳରେ ଶ୍ରୀଜଗନ୍ନାଥଙ୍କ ମହାବିଶ୍ୱରୂପକୁ ସ୍ତୁତି କରିଛନ୍ତି ।

ମହାଭାରତ ଯୁଦ୍ଧର ପରିସମାପ୍ତି ପରେ ଜ୍ଞାତି ବନ୍ଧୁ କୁଟୁମ୍ବଙ୍କୁ ହରାଇ ଯୁଧିଷ୍ଠିର ଖାଲି କାନ୍ଦିବାକୁ ଲାଗିଲେ । ତାଙ୍କୁ ଭୋଗ ଐଶ୍ୱର୍ଯ୍ୟ, ବିଳାସ, ସିଂହାସନ କିଛି ଭଲ ଲାଗିଲା ନାହିଁ । ସର୍ବଦା ଶୋକ ସାଗରରେ ବୁଡ଼ି ରହିଲେ । ସେ ଶ୍ରୀକୃଷ୍ଣଙ୍କ ବିଚ୍ଛେଦ ସାମାନ୍ୟତମ ସହି ପାରିଲେ ନାହିଁ । ସେହିପରି ଶ୍ରୀଚୈତନ୍ୟ ମଧ୍ୟ ଶ୍ରୀକୃଷ୍ଣଙ୍କ ବିଚ୍ଛେଦରେହୋଇଅଛନ୍ତି । ସତେ ଯେପରି ଧର୍ମଯୋଦ୍ଧା ଶ୍ରୀଚୈତନ୍ୟ ବଙ୍ଗଳା ମହାଭାରତର ଧର୍ମନନ୍ଦନ ଯୁଧିଷ୍ଠିରଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଯଥା–

ଶୁନ ଭାଇ ବୃକୋଦର ଆମାର ଭାରତୀ
କୃଷ୍ଣକେ ଆନିତେ ତୁମି ଯାହ ଶୀଘ୍ରଗତି
କୃଷ୍ଣେ ନା ଦେଖିୟା ସମ ଉଚ୍ଚାଟନ ମନ
କୃଷ୍ଣ ବିନା ନାହିଁ ବାଁଚେ ଆମାର ଜୀବନ ।
(ପୃ-୧୦୨୭, ବଂ-ମ-ଅଶ୍ୱମେଧ)

ହସ୍ତିନା ସିଂହାସନରେ ପରୀକ୍ଷିତକୁ ରାଜା କଲେ । ଇନ୍ଦ୍ରପ୍ରସ୍ଥରେ ଅନିରୁଦ୍ଧଙ୍କ ପୁତ୍ର ବ୍ରଜଙ୍କୁ ରାଜା କରି ଚାରିଭାଇ ଏବଂ ଦ୍ରୌପଦୀଙ୍କ ସହିତ ଯୁଧିଷ୍ଠିର ସ୍ୱର୍ଗାରୋହଣ ପଥରେ ଯାତ୍ରା କରିଥିଲେ । ପଥ ମଧ୍ୟରେ ବିଭିନ୍ନ ପର୍ବତ ଅତିକ୍ରମ କରି ଯିବାବେଳେ ତାଙ୍କୁ ରାଜ ସିଂହାସନ, ସୁନ୍ଦରୀ ରମଣୀ, ବିଦ୍ୟାଧରି ମାନଙ୍କର ସମସ୍ତ ଦାନ, ଭୋଗକୁ ସେ ଅତି ସହଜରେ ପ୍ରତ୍ୟାଖ୍ୟାନ କରିଦେଉଥିଲେ । ସବୁ ସୁନ୍ଦରୀ ରମଣୀମାନଙ୍କୁ ମାଆ ଭାବରେ ସମ୍ବୋଧନ କରୁଥିଲେ ଗୋଟିଏ ଶୁଦ୍ଧଚିତ୍ତ ବୈଷ୍ଣବ ପରି । ଏକନିଷ୍ଠ ଜଗନ୍ନାଥ ଭାବନାରେ ଅନୁପ୍ରାଣୀତ ହୋଇ ଯୁଧିଷ୍ଠିର ଶ୍ରୀଚୈତନ୍ୟଙ୍କ ପରି ଖାଲ, ଖମା, ଡିପ, କଣ୍ଟା ନମାନି ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ବ୍ୟାକୁଳ ଯେପରି ହେଉଥିଲେ ଯୁଧିଷ୍ଠିର ଠିକ୍ ସେହିପରି ଏକନିଷ୍ଠ ଚିତ୍ତରେ ଉତ୍ତର ଦିଗକୁ ହିମାଳୟକୁ ଯାତ୍ରା କରୁଥିଲେ ମଧ୍ୟ ବୈଷ୍ଣବ କବି କାଶୀରାମ ଦାସ ପରୋକ୍ଷରେ ଶ୍ରୀଚୈତନ୍ୟଙ୍କର ନୀଳାଚଳଯାତ୍ରା ପରି ବର୍ଣ୍ଣନା କରିଛନ୍ତି ।

ଯୁଧିଷ୍ଠିରଙ୍କର ଏକମାତ୍ର ଲକ୍ଷ୍ୟ ଥିଲା ବୈକୁଣ୍ଠରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ପ୍ରାଣକୁ ଶାନ୍ତି କରିବେ । ବାଟରେ ବିଭିନ୍ନ ପର୍ବତରେ ଭାଇମାନଙ୍କର ମୃତ୍ୟୁ ଦ୍ରୌପଦୀର ଦେହତ୍ୟାଗ, ଜ୍ଞାତି ବନ୍ଧୁଙ୍କର ମୃତ୍ୟୁ ଦୁଃଖରେ ସେ ଯେତିକି ଅଧିକ ହେଉଥିଲେ । ଶ୍ରୀକୃଷ୍ଣ ଦେହତ୍ୟାଗ କରି ଆଗେ ଆଗେ ସ୍ୱର୍ଗପୁରକୁ ଚାଲି ଆସିଥିବାରୁ ସେ ତତୋଧିକ ବ୍ୟାକୁଳ ହୋଇ ଆଖିରୁ ଲୁହର ବନ୍ୟା ଝରାଇ ଚାଲିଥିଲେ । ପଥ ମଧ୍ୟରେ ଶିବ–ପାର୍ବତୀଙ୍କୁ ପୂଜିଲା ବେଳେ ସେ କେବଳ ଜଗନ୍ନାଥଙ୍କ ଚରଣ ଦର୍ଶନ ପାଇଁ ବର ମାଗିଥିଲେ । ଯୁଧିଷ୍ଠିରଙ୍କୁ ହୁଳହୁଳି, ହରିଧ୍ୱନି, ପୁଷ୍ପ ଚନ୍ଦନ ଦେଇ ସ୍ୱାଗତର ବର୍ଣ୍ଣନା ଯେପରି ଶ୍ରୀଚୈତନ୍ୟଙ୍କୁ ପଥରେ ଅଭ୍ୟର୍ଥନା ଦେବାର ବର୍ଣ୍ଣନା ପରି । ଅଶ୍ୱମେଧ ଯଜ୍ଞ ବେଳେ ଭାରତବର୍ଷର ଅଧିକାଂଶ ରାଜା କେବଳ କୃଷ୍ଣ ଦର୍ଶନ ଅଭିଳାଷ ରଖି ଯଜ୍ଞ ଅଶ୍ୱକୁ ବାନ୍ଧି ରଖୁଥିଲେ । କୃଷ୍ଣଙ୍କୁ ଦେଖିବା ପରେ ଅଶ୍ୱ ଛାଡ଼ି ଦେଉଥିଲେ ।

ଅର୍ଜୁନ ସହିତ ତୋମା ଦେଖି କାଲାଚାନ୍ଦ
ସେ ସାଧ ସମ୍ପୂର୍ଣ୍ଣ ଆଜି ହଇଲ ଆମାର ।
(ପୃ–୧୦୬୧, ବଂ–ମ–ଅଶ୍ୱମେଧ)

ସ୍ୱର୍ଗାରୋହଣ ପର୍ବରେ ସର୍ବତ୍ର ଶ୍ରୀକୃଷ୍ଣଙ୍କୁ ଶ୍ରୀଜଗନ୍ନାଥ ଭାବରେ ସ୍ତୁତି କରାଯାଇଛି । ଅନ୍ତରୀକ୍ଷରୁ ଦେବତାମାନେ ସ୍ତୁତି କରି କହିଛନ୍ତି–

ନମସ୍ତେ କମଳାକାନ୍ତ ବିଶ୍ୱରୂପ ହରି
ନମସ୍ତେ କ୍ଷୀରୋଦଶାୟୀ ମଧୁକୈଟଭାରି
ନିର୍ଲେପ ନିଗୁଢ଼ ନିରାକାର ନିରଞ୍ଜନ
ଅନନ୍ତ ଆକାର ବିଶ୍ୱରୂପ ସନାତନ ।
ସତ୍ୱ ରଜତମୋଗୁଣ ଏ ତିନି ପ୍ରକାର
ଲୀଳାୟ କରହ ସୃଷ୍ଟି ଲୀଳାୟ ସଂହାର
ଚନ୍ଦ୍ର ସୂର୍ଯ୍ୟ ଆକାଶ ପୃଥିବୀ ଜଳନିଧି
ପବନ ବରୁଣ ଇନ୍ଦ୍ର ଗଙ୍ଗା ନଦନଦୀ
ସକଲି ତୋମାର ଅଙ୍ଗ କେହ ଭିନ୍ନ ନହେ ।
(ପୃ–୧୧୨୭, ବଂ–ମ–ମୂଷଳୀ)

କୃଷ୍ଣଙ୍କୁ ପାଇବା ପାଇଁ ଯୁଧିଷ୍ଠିର ଶେଷରେ ତପସ୍ୱୀ ବେଶ ଧରି ଅତି ବ୍ୟାକୁଳ ଏବଂ ଅଧୀର ହୋଇପଡ଼ିଛନ୍ତି । ଯଥା–

ହା କୃଷ୍ଣ କମଳାକାନ୍ତ କରୁଣା ନିଦାନ
ତୋମା ବିନା ରହେ ମମ ହୃଦୟ ପାଷାଣ
କି ବୁଦ୍ଧି କରିବ ଆମି କୋଥାକାରେ ଯାବ
ଆର କୋଥା ସେ ଚାନ୍ଦ ବଦନ ଦେଖାପାବ
(ପୃ–୧୧୭୯, ବଂ–ମ–ମୂଷଳୀ)

ସ୍ୱର୍ଗପଥରେ ଯୁଧିଷ୍ଠିର ମୁଖରେ କେବଳ ହରିନାମ ଘୋଷି ଘୋଷି ଯାଉଥିଲେ । ଯଥା–

ସ୍ୱର୍ଗପଥେ ଯାନ ରାଜା ମୁଖେ ହରିବୋଲ
ମହାଭାରତେର କଥା ଅମୃତ ସମାନ
(ପୃ–୧୧୫୧, ବଂ–ମ–ସ୍ୱର୍ଗାରୋହଣ)

ସଂକଳ୍ପ କରିଲୁ ଆମି ସବାର ସାକ୍ଷାତେ
ସ୍ୱର୍ଗପୁରୀ ଯାଇବ ଦେଖିବ ଜଗନ୍ନାଥେ ।
(ପୃ–୧୧୫୪, ବଂ–ମ–ସ୍ୱର୍ଗାରୋହଣ)

ରାଜା ଯୁଧିଷ୍ଠିର ପୁଣ୍ୟ ହେତୁ ସ୍ୱର୍ଗପୁର ପର୍ଯ୍ୟନ୍ତ ସ୍ୱଦେହରେ ଗଲେ, ମାତ୍ର ସାମାନ୍ୟ ପାପ ହେତୁ ସେ ସେଠାରେ ନରକ ଦର୍ଶନ କଲେ । ତାଙ୍କ ଆଖିରେ ଅନ୍ଧାର ଘୋଟିଗଲା । ସେ ସେଠାରେ ତାଙ୍କର ଜ୍ଞାତ ବନ୍ଧୁଙ୍କ କଥା ଶୁଣି ପାରୁଥିଲେ ମଧ୍ୟ ସେମାନଙ୍କୁ ଦେଖି ପାରିଲେ ନାହିଁ । ତେଣୁ ଜଗନ୍ନାଥ ତାଙ୍କୁ କରୁଣା କରିଥିଲେ । ନୀଳାଚଳ କ୍ଷେତ୍ରରେ ଥିବା ଶ୍ୱେତଦ୍ୱୀପ ସରୋବରରେ ସ୍ନାନ କରାଇବା ପାଇଁ ଶ୍ରୀଜଗନ୍ନାଥ ତାଙ୍କୁ ଗରୁଡ଼ ସାଥିରେ ପଠାଇ ଦେଲେ । ଯଥା–

ତେବେ ହରି ଅନୁଜ୍ଞା ଦିଲେନ ଖଗେଶ୍ୱରେ
ଶ୍ୱେତ ଦ୍ୱୀପ ସରୋବରେ ଲହ ନୃପବରେ
ମୁହୂର୍ତ୍ତକ ସେ ଦ୍ୱୀପେ ଯାଏ ଖଗେଶ୍ୱରେ
ସରୋବର ଦେଖିଲେନ ଧର୍ମେର ନନ୍ଦନ
ଦେବତା ଗନ୍ଧର୍ବ ଯକ୍ଷ ବିଦ୍ୟାଧର ଗଣ
ଜଳେ ଜଳଚରଗଣ ନାନା କ୍ରୀଡ଼ା କରେ
ଋଷି ମୁନି ମୁନୀନ୍ଦ୍ର ଯୋଗୀନ୍ଦ୍ର ଚାରିତୀରେ
ବିଚିତ୍ର ଉଦ୍ୟାନ ବନ ନଗର ଚତ୍ୱର
ବୈକୁଣ୍ଠ ସମାନ ପୁରୀ ଅତି ମନୋହର
ମନୁଷ୍ୟ ହଇୟା ଯଦି ତାହେ ସ୍ନାନ କରେ
ଦେବ ଦେହ ପେୟେ ଯାୟ ବୈକୁଣ୍ଠ ନଗରେ
(ବଂ–ମ–ସ୍ୱର୍ଗାରୋହଣ)

ପୁରୀ ଶ୍ରୀକ୍ଷେତ୍ରରେ ଥିବା ଶ୍ୱେତ ସରୋବରରେ ସ୍ନାନ କରିସାରିବା ପରେ ଯୁଧିଷ୍ଠିର ଦେବ ଦେହ ଧାରଣ କଲେ । ତାଙ୍କର ପୂର୍ବରୂପ ବଦଳି ଗଲା । ଅଙ୍ଗଛାୟା ପଡ଼ିଲା ନାହିଁ ।

ସ୍ୱର୍ଗପୁରରେ ସେ ନିଜର ଜ୍ଞାତି ବନ୍ଧୁ ଭାଇ ପିତାମାତାଙ୍କୁ ଦେଖି ଯୁଧିଷ୍ଠିର ଆନନ୍ଦ ସାଗରରେ ବୁଡ଼ିଗଲେ ।

କାଶୀରାମ ଦାସ ଶ୍ରୀକୃଷ୍ଣ ଏବଂ ଶ୍ରୀଜଗନ୍ନାଥଙ୍କର ଉପାସକ ଥିଲେ । ତାଙ୍କରି କୃପାରୁ ସେ ମହାଭାରତ ଗ୍ରନ୍ଥ ରଚନା କରିବାକୁ ସମର୍ଥ ହୋଇଥିଲେ ବୋଲି ସେ ତାଙ୍କ ନିଜ ଗ୍ରନ୍ଥରେ ପ୍ରକାଶ କରିଛନ୍ତି । ପୁରୀ ଶ୍ରୀକ୍ଷେତ୍ରକୁ ମର୍ତ୍ତ୍ୟ ବୈକୁଣ୍ଠ ବା ସ୍ୱର୍ଗପୁର ଭାବରେ ପରିକଳ୍ପନା କରିଛନ୍ତି ।

ସେବି କୃଷ୍ଣ ପଦାମ୍ବୁଜ କହେ କୃଷ୍ଣଦାସାନୁଜ
କୃଷ୍ଣପଦେ ସଦା ରହେ ମନ ।
(ପୃ-୧୦୧୮, ବଂ-ମ-ଅଶ୍ୱମେଧ)

କାଶୀରାମ ଦାସ ପ୍ରଭୁ ନୀଳଶୈଳାରୂଢ଼
ଦକ୍ଷିଣେ ଅନୁଜାଗ୍ରଜ ସମ୍ମୁଖେ ଗରୁଡ଼ ।
(ପୃ-୧୧୫୯, ବଂ-ମ-ସ୍ୱର୍ଗାରୋହଣ)

ତେଣୁ କେବଳ ବଙ୍ଗଳା ମହାଭାରତ ନୁହେଁ, ଭାରତବର୍ଷର ଅଧିକାଂଶ ପ୍ରାନ୍ତୀୟ, ପ୍ରାଚୀନ, ଆଧୁନିକ ସାହିତ୍ୟ ଭିତରକୁ ଶ୍ରୀଜଗନ୍ନାଥ ପ୍ରବେଶ କରିଛନ୍ତି । କାରଣ ଶ୍ରୀଜଗନ୍ନାଥ ହିଁ ହେଉଛନ୍ତି ସକଳ ବିଶ୍ୱବାସୀଙ୍କ ପାଇଁ ସର୍ବଶ୍ରେଷ୍ଠ ଆନନ୍ଦର ଆଶ୍ରୟସ୍ଥଳ । ମଧ୍ୟଯୁଗୀୟ ଧର୍ମ ଆନ୍ଦୋଳନରେ ଶ୍ରୀଚୈତନ୍ୟ, ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ମଧୁର ସମନ୍ୱୟ ସାଧିତ ହୋଇଛି । ବଙ୍ଗଳା ମହାଭାରତ ହେଉଛି ତାର ଏକ ଜ୍ୱଳନ୍ତ ଉଦାହରଣ ।

ଶ୍ରୀଜଗନ୍ନାଥ ହେଉଛନ୍ତି ସମନ୍ୱୟ ସଂସ୍କୃତିର ମୂର୍ତ୍ତିମନ୍ତ ପ୍ରତୀକ । ଶ୍ରୀଜଗନ୍ନାଥ କେବଳ ଓଡ଼ିଶାର ନୁହଁନ୍ତି ସମଗ୍ର ବିଶ୍ୱର ସମ୍ପ୍ରତି ବିଶ୍ୱର ଆରାଧ୍ୟ ଦେବତା ଭାବରେ ଶ୍ରୀଜଗନ୍ନାଥ ହିଁ ବିଖ୍ୟାତ ହୋଇଅଛନ୍ତି । ଓଡ଼ିଶାର ଶ୍ରୀକ୍ଷେତ୍ର ସର୍ବଧର୍ମର ସମନ୍ୱୟ ପୀଠ । ଏହି ସଂସ୍କୃତି ଉଦାର ମାନବିକତାରେ ରୁଦ୍ଧିମନ୍ତ । ଜଗନ୍ନାଥ ସଂସ୍କୃତିର ବିପୁଳ ବିସ୍ତୃତିରେ ଦେବତ୍ୱ ଅପେକ୍ଷା ମାନବତ୍ୱର ପ୍ରକାଶ ଅଧିକ । ତେଣୁ ବହୁ ପ୍ରାଚୀନ କାଳରୁ ଶ୍ରୀଜଗନ୍ନାଥ ସଂସ୍କୃତି ସମଗ୍ର ବିଶ୍ୱମାନବ ହୃଦୟକୁ ଆକର୍ଷିତ କରିପାରିଛି ।

ଯୁଧିଷ୍ଠିର ଯେତେବେଳେ ସ୍ୱର୍ଗପୁରରେ ପ୍ରବେଶ କରିଛନ୍ତି, ସତେ ଯେପରି ସେ ତାହା ଶ୍ରୀକ୍ଷେତ୍ର ନୀଳାଚଳ ମର୍ତ୍ତ୍ୟ ବୈକୁଣ୍ଠରେ ପ୍ରବେଶ କରିଛନ୍ତି । ଯଥା-

କତକ୍ଷଣେ ବୈକୁଣ୍ଠ ହଇୟା ଉପନୀତ
ପୁରୀ ଦେଖି ନରପତି ହଲେନ ଚିନ୍ତିତ
କୁରୂପେ ନିର୍ମାଣ କରିଲେନ ନାରାୟଣ
ତ୍ରିଭୁବନେ ନାହିଁ ପୁରୀ ଇହାର ତୁଲନ
ରତ୍ନେର ମନ୍ଦିର ଘର ଶତ ସୂର୍ଯ୍ୟ ତେଜେ
କଳସ ପତାକା ବେତ ଚାମର ବିରାଜେ
ସକଳ ଆଲୟ ମଣି ମରକତମୟ
ଚାରୁଚନ୍ଦ୍ର ବିରାଜିତ ସକଳ ସମୟ
ପ୍ରବେଶ କରେନ ପୁରୀ ଜୟ, ଜୟ ଦିୟା
ରତ୍ନାସନେ ନାରାୟଣେ ଦେଖିଲେନ ଗିୟା
(ପୃ-୧୧୭୩, ବଂ-ମ-ସ୍ୱର୍ଗାରୋହଣ)

X X X

ପୃଷ୍ଠେ କରି ଗରୁଡ଼ ଉଡ଼ିଲ ବାୟୁଭରେ
ମୁହୂର୍ତ୍ତେକ ଗେଲ ଯଥା ଦେବ ନାରାୟଣ
ଚତୁର୍ଭୁଜେ ଧର୍ମରାଜେ କୈଲ ସମର୍ପଣ
ରାଜାରେ ଦେଖିୟା କୃଷ୍ଣ କହେନ ହାସିୟା
ନିମେଷ ନାହିକ ଆର ନାହିଁ ଅଙ୍ଗଛାୟା
କିରୂପ ଆଛିଲେ ରାଜା ହଇଲେ କିରୂପ
ବିଚାରିୟା ମନେ ଭାବ ଆପନ ସ୍ୱରୂପ
ଭୂପତି ବଲେନ ଶୁନ ଅନାଦି ଗୋସାଇଁ
ତୋମାର ପ୍ରସାଦେ ମୋର ପୂର୍ବରୂପ ନାଇ
ଦେବତ୍ୱ ପାଇଲୁ ମମ ହେନହୟ ଜ୍ଞାନ
ତୋମାର ଆସ୍ୟ କିଛି ନାହିଁ ଭଗବାନ ।
(ପୃଷ୍ଠା-୧୧୭୫)

ସ୍ୱର୍ଗପୁରରେ ସମୟ ନାହିଁ । ସ୍ୱୟଂ ଜଗନ୍ନାଥ ସ୍ଥିର ସମୟ । ସେ ହେଉଛନ୍ତି ମହାକାଳ । ମହାକାଳ ସ୍ଥିର । ମହାକାଳ ଭିତରେ ସମୟ ମଣିଷ ଚିନ୍ତାରେ ଘୂର୍ଣ୍ଣାୟମାନ ଅବସ୍ଥାରେ ରହିଛି । କିନ୍ତୁ ପ୍ରକୃତରେ ଶ୍ରୀଜଗନ୍ନାଥଙ୍କ ପରି ସମୟ ସ୍ଥିର । ସେଠାରେ ଦେବ ଦେହଧାରଣ କଲେ ମଣିଷ ପରି ଅଙ୍ଗଛାୟା ରହେ ନାହିଁ । ଶ୍ରୀକ୍ଷେତ୍ରରେ ସେହି ଦୃଷ୍ଟିରୁ ସେଠାରେ ଦେବତାମାନେ ମାଳ ମାଳ ହୋଇ ଚଳପ୍ରଚଳ କରୁଥିଲେ ମଧ୍ୟ ଆମେ ସେମାନଙ୍କୁ ଦେଖିପାରୁ ନଥାଏ । ଶ୍ରୀଜଗନ୍ନାଥଙ୍କୁ ନିର୍ଗୁଣ ବ୍ରହ୍ମ ଏବଂ ଅନ୍ୟ ସମସ୍ତ ଅବତାରକୁ କାଶୀରାମ ଦାସ ମହାଭାରତରେ ସଗୁଣବ୍ରହ୍ମ ଅବତାର ଭାବରେ ପ୍ରତିପାଦନ କରିଛନ୍ତି । ଯଥା-

ଅନନ୍ତ ତୋମାର ନାମ ଅନନ୍ତାବତାର
ମତ୍ସ୍ୟ କୂର୍ମ ବରାହ ହଇୟା ଖର୍ବ ରୂପେ
ପାତାଳେ ରାଖିଲେ ତୁମି ଛଳି ବଳି ଭୂପେ
ଭୃଗୁରାମ ରାମଚନ୍ଦ୍ର କାମପାଳ ରାମ

ବୁଦ୍ଧି କଲ୍କି ନାରାୟଣ ନରସିଂହ ଶ୍ୟାମ
ବାରେ ବାରେ ଜନ୍ମ ଲିଓ ଦୁଷ୍ଟ ବିନାଶିତେ
ଯୁଗେ ଯୁଗେ ଅବତାର ଦେବତାର ହିତେ ।
(ପୃ-୧୧୭୫, ବଂ-ମ-ସ୍ୱର୍ଗାରୋହଣ)

ସ୍ୱୟଂ ଜଗନ୍ନାଥ ମତ୍ସ୍ୟ, କୂର୍ମ, ବରାହ, ବାମନ, ବୁଦ୍ଧ, କଲ୍କି, ନାରାୟଣ, ନରସିଂହ, ଶ୍ରୀକୃଷ୍ଣ ରୂପରେ ବାରମ୍ବାର ପୃଥିବୀରେ ଦୁଷ୍ଟ ବିନାଶ ଓ ପୃଥିବୀର ଭାର ନିବାରଣ ନିମିତ୍ତ ଜନ୍ମଗ୍ରହଣ କରୁଥିବା କବି ପ୍ରମାଣ କରିଛନ୍ତି ।

ମହାଭାରତ ଶୁଣିସାରିବା ପରେ ରାଜା ପରୀକ୍ଷିତ ବ୍ରହ୍ମଶାପରୁ ମୁକ୍ତ ହେଲେ । ଶ୍ରୀକ୍ଷେତ୍ରରେ ଥିବା ପଞ୍ଚତୀର୍ଥରେ ସ୍ନାନ କଲେ ।

ମୁକ୍ତ ହୟେ କୈଲ ରାଜା ପଞ୍ଚତୀର୍ଥେ ସ୍ନାନ
ଦ୍ୱିଜଗଣେ ଦିଲ ସ୍ୱର୍ଣ୍ଣ, ଗବୀ, ଭୂମିଦାନ
X X X
ପାଣ୍ଡବେର ରାଜ୍ୟେ ସବେ ହରି ପରାୟଣ
ସଦା ସାଧୁ ସଙ୍ଗେ କରି ହରିକଥା ଶୁନେ
ସକଳ ହଇଲ ବଶ ନୃପତିର ଗୁଣେ ।
(ପୃ-୧୧୭୭, ବଂ-ମ-ସ୍ୱର୍ଗାରୋହଣ)

ରାଜା ହରିଭକ୍ତ ହେବାରୁ ଶ୍ରୀକ୍ଷେତ୍ରରେ ପଞ୍ଚତୀର୍ଥରେ ସ୍ନାନ କରି ରାଜ୍ୟବାସୀ ସୁଖରେ ରହିଲେ । ସାଧୁ ସଙ୍ଗକରି ହରି କଥା ଶୁଣିବାରୁ ରାଜାଙ୍କର ସମସ୍ତ ଶତ୍ରୁ ବଶ ହେଲେ ।

ଓଡ଼ିଶାର ନୀଳଶୈଳରେ ଥିବା ଶ୍ରୀଜଗନ୍ନାଥଙ୍କ ସହିତ ବଙ୍ଗଳାର ସମ୍ପର୍କ ବହୁ ପୁରାତନ । ବର୍ଷସାରା ବଙ୍ଗଳାର ହଜାର ହଜାର ଭକ୍ତ ଯୁଗାବଧି ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ଆସୁଛନ୍ତି । ଏହା ପଛରେ ଏକ ସୁଦୀର୍ଘ ପୁରାଣ, କାବ୍ୟ, ସାହିତ୍ୟ ପରମ୍ପରା ରହିଛି, ଯାହାର ପ୍ରଭାବରେ ବଙ୍ଗଳାର ଅଧିବାସୀଙ୍କ ମାନସିକତାରେ ଶ୍ରୀଜଗନ୍ନାଥ ଭାବନା ପରିପୁଷ୍ଟ ହୋଇଛି । ଏହାର ପ୍ରମାଣ ସ୍ୱରୂପ କେବଳ କାଶୀରାମ ଦାସଙ୍କର ବଙ୍ଗଳା ମହାଭାରତ ନୁହେଁ, ଏହାବ୍ୟତୀତ ଶ୍ରୀଜଗନ୍ନାଥଙ୍କୁ ଆଶ୍ରୟ କରି ବଙ୍ଗଳା ଭାଷାରେ ବହୁ ଜଣାଣ, ଭଜନ, କୀର୍ତ୍ତନ, ଚୈତନ୍ୟ ଚରିତାମୃତ, ଚୈତନ୍ୟ ଭାଗବତ, ଶ୍ରୀକୃଷ୍ଣ ମଙ୍ଗଳ, ଶ୍ରୀଜଗନ୍ନାଥ ବିଜୟ ଗ୍ରନ୍ଥ ରଚନା କରାଯାଇଛି । ବଙ୍ଗଳା ମହାଭାରତର ଅନ୍ୟନାମ କାଶୀରାମ ଦାସ ପାଣ୍ଡବ ବିଜୟ' ଦେଇଥିବା ଗ୍ରନ୍ଥରେ ପ୍ରମାଣ ରହିଛି । ରଙ୍ଗଲାଲ୍ ବନ୍ଦୋପାଧାୟଙ୍କର ପୁରୁଷୋତ୍ତମ ଚନ୍ଦ୍ରିକା, ବିଶ୍ୱମ୍ଭର ଦାସଙ୍କର ଭକ୍ତ ଭଜନ ସୁନ୍ଦରାନନ୍ଦ ବିଦ୍ୟାବିନୋଦଙ୍କର 'ଶ୍ରୀକ୍ଷେତ୍ର' ପ୍ରଭୃତି ପ୍ରାଚୀନ ଏବଂ ଆଧୁନିକ ଗ୍ରନ୍ଥ ମାଧ୍ୟମରେ ସମଗ୍ର ବଙ୍ଗଳାରେ ଶ୍ରୀଜଗନ୍ନାଥ ଚେତନା ସମ୍ପ୍ରସାରିତ ହୋଇଛି । ବଙ୍ଗଳା ଏବଂ ଓଡ଼ିଶା ମଧ୍ୟରେ ଧାର୍ମିକ ଏବଂ ସାଂସ୍କୃତିକ ଐକ୍ୟରେ ଏହି ଗ୍ରନ୍ଥଗୁଡ଼ିକ ପ୍ରଧାନ ସେତୁ ରୂପେ ଦଣ୍ଡାୟମାନ ହୋଇ ରହିଛି । ଦୁଇ ଜନଗୋଷ୍ଠୀଙ୍କ ମଧ୍ୟରେ ମୈତ୍ରୀ ସମ୍ପର୍କ ଶ୍ରୀଜଗନ୍ନାଥ ହିଁ ବୃଦ୍ଧି କରିଛନ୍ତି ।

ବିଭାଗ ମୁଖ୍ୟ
ସ୍ନାତକୋତ୍ତର ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର
ଭୁବନେଶ୍ୱର-୭୫୧୦୦୪

❖ ❖ ❖

# ଜନସଂଖ୍ୟା ବୃଦ୍ଧିର ଗତି ଓ ପ୍ରକୃତି

ଡକ୍ଟର ଶରତ କୁମାର ବିଶ୍ୱାଳ

ଆମର ଭବିଷ୍ୟତ ପାଇଁ ଆଜି ବିଶ୍ୱରେ ସବୁଠାରୁ ବଡ ଚର୍ଚ୍ଚାର ବିଷୟ ହେଉଛି ଜନସଂଖ୍ୟାର ନିୟନ୍ତ୍ରଣ । ଜନସଂଖ୍ୟା ହୁ ହୁ ହୋଇ ବଢୁଛି । ଜନସଂଖ୍ୟା ବୃଦ୍ଧିଜନିତ ସମସ୍ୟା ସମସ୍ତ ବିକାଶ ପ୍ରକ୍ରିୟାକୁ ବ୍ୟାହତ କରୁଛି । ଆଜିଠୁଁ ପ୍ରାୟ ୨୧୫ ବର୍ଷ ତଳେ ଅର୍ଥାତ୍ ୧୭୯୮ ମସିହାରେ ଇଂଲଣ୍ଡର ଟମାସ୍ ରର୍ବଟ ମାଲଥସ୍ ନାମକ ଜଣେ ବିଜ୍ଞ ବ୍ୟକ୍ତି ଜନସଂଖ୍ୟା ବୃଦ୍ଧି ବିଷୟରେ କେତେଗୁଡ଼ିଏ ମୌଳିକ ତତ୍ତ୍ୱ ଉପସ୍ଥାପନ କରିଥିଲେ । ସେ ଦର୍ଶାଇଥିଲେ ଯେ, ଜନସଂଖ୍ୟା ଜ୍ୟାମିତିକ ହାରରେ ବଢୁଥିବା ବେଳେ ଖାଦ୍ୟ ସାମଗ୍ରୀର ଉତ୍ପାଦନ ଗାଣିତିକ ସୂତ୍ରରେ ବଢୁଛି । ଅର୍ଥାତ୍ ଜନସଂଖ୍ୟା ୧,୨,୪,୮,୧୬,୩୨%--- ହିସାବରେ ବଢୁଥିବା ବେଳେ ଖାଦ୍ୟ ସାମଗ୍ରୀର ଉତ୍ପାଦନ ୧,୨,୩,୪,୫,୬%--- ହିସାବରେ ବଢୁଛି । ତେଣୁ ଜନସଂଖ୍ୟାର ଅତ୍ୟଧିକ ବୃଦ୍ଧି ହେତୁ ପୃଥିବୀରେ ଖାଦ୍ୟ ପଦାର୍ଥର ଅଭାବ ହେବ । ପ୍ରାକୃତିକ ଦୁର୍ବିପାକ ଓ ବିଭିନ୍ନ ପ୍ରକାର ରୋଗରେ ଲୋକମାନେ ମୃତ୍ୟୁ ମୁଖରେ ପଡିବେ । ତେଣୁ ସମସ୍ତେ ନୈତିକ ସଂଯମ ଅବଲମ୍ବନ କରି ଜନସଂଖ୍ୟା ବୃଦ୍ଧିକୁ ରୋକିବା ଦରକାର । ୧୯୭୪ ମସିହାରେ ରୋମାନିଆର ବୁକାରେଷ୍ଟଠାରେ ବିଶ୍ୱ ଜନସଂଖ୍ୟା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ୧୯୮୪ ମସିହାରେ ମେକ୍ସିକୋଠାରେ ବିଶ୍ୱ ଜନସଂଖ୍ୟା ସମ୍ମିଳନୀରେ ପରିବାର କଲ୍ୟାଣ ଉପରେ ଗୁରୁତ୍ୱ ଦିଆଗଲା । ୧୯୮୭ ମସିହା ଜୁଲାଇ ମାସ ୧୧ ତାରିଖରେ ବିଶ୍ୱ ଜନସଂଖ୍ୟା ୫୦୦ କୋଟିରେ ପହଞ୍ଚିଲା । ତେଣୁ ପ୍ରତିବର୍ଷ ଜୁଲାଇ ୧୧ତାରିଖକୁ ଜାତିସଂଘର ଘୋଷଣା ଅନୁସାରେ ୧୯୮୯ ମସିହାରୁ ବିଶ୍ୱ ଜନସଂଖ୍ୟା ଦିବସ ଭାବେ ପାଳନ କରାଯାଇ ଜନସାଧାରଣଙ୍କୁ ଜନସଂଖ୍ୟା ବୃଦ୍ଧିଜନିତ ସମସ୍ୟା ବିଷୟରେ ସଚେତନ କରାଯାଉଛି । ୧୯୯୪ ମସିହାରେ କାଇରୋଠାରେ ଜନସଂଖ୍ୟା ଓ ବିକାଶ ସମ୍ପର୍କୀୟ ଅନ୍ତର୍ଜାତିକ ସମ୍ମିଳନୀର ସୁପାରିଶ ଅନୁଯାୟୀ ଜନସଂଖ୍ୟା ଓ ବିକାଶ ଶିକ୍ଷାର ରୂପରେଖ ଓ ପରିସର ବ୍ୟାପକ ଭାବରେ ବୃଦ୍ଧି ଲାଭ କଲା ।

୨୦୧୧ ମସିହା ଜନଗଣନା ଅନୁସାରେ ଆମ ଦେଶର ଜନସଂଖ୍ୟା ୧୨୧ କୋଟିକୁ ଟପିଲାଣି । ଓଡ଼ିଶାର ଜନସଂଖ୍ୟା ୪କୋଟି ୧୯ ଲକ୍ଷ ୭୪ ହଜାର ୨୧୮ ଅଟେ । ୨୦୦୧ରୁ ୨୦୧୧ ମଧ୍ୟରେ ୧୪ ପ୍ରତିଶତ ହାରରେ ଜନସଂଖ୍ୟା ବୃଦ୍ଧି ଘଟିଛି । ପ୍ରତି ବର୍ଗ କିଲୋମିଟର ପିଛା ୨୭୦ ଜଣ ଲୋକ ବାସ କରୁଛନ୍ତି । ରାଜ୍ୟର ସାକ୍ଷରତା ହାର ୭୨.୯% ଅଟେ । ସେଥିମଧ୍ୟରୁ ମହିଳା ସାକ୍ଷରତା ହାର ଶତକଡା ୬୪% । ୧୯୫୧ ମସିହାରେ ଜନସଂଖ୍ୟା ୩୬ କୋଟି ୧୧ ଲକ୍ଷ ଥିଲା । ୨୦୦୧ ମସିହାରେ ଭାରତର ଜନସଂଖ୍ୟା ୧୦୨ କୋଟି ୭୦ ଲକ୍ଷରେ ପହଞ୍ଚିଲା । ଅର୍ଥାତ୍ ୫୦ ବର୍ଷ ମଧ୍ୟରେ ଆମ ଦେଶରେ ଜନସଂଖ୍ୟା ୬୬କୋଟି ୫୯ ଲକ୍ଷ ବୃଦ୍ଧି ହେଲା । ଆମ ରାଜ୍ୟ ଓଡ଼ିଶାର ଜନସଂଖ୍ୟା ୧୯୫୧ ମସିହାରେ ୧କୋଟି ୪୬ ଲକ୍ଷ ଥିଲା । ୨୦୦୧ ମସିହାରେ ଓଡ଼ିଶାର ଜନସଂଖ୍ୟା ୩କୋଟି ୬୮ ଲକ୍ଷରେ ପହଞ୍ଚିଲା । ୫୦ ବର୍ଷ ମଧ୍ୟରେ ଆମ ରାଜ୍ୟରେ ଜନସଂଖ୍ୟା ୨କୋଟି ୨୨ଲକ୍ଷ ବୃଦ୍ଧି ହେଲା । ୨୦୦୧ ମସିହାରୁ ୨୦୧୧ ମସିହା, ଦଶବର୍ଷ ମଧ୍ୟରେ ଆମ ରାଜ୍ୟର ଜନସଂଖ୍ୟା ୫୧ ଲକ୍ଷ ୬୯ ହଜାର ବୃଦ୍ଧି ହୋଇଛି । ସମଗ୍ର ବିଶ୍ୱରେ ଜନସଂଖ୍ୟା କ୍ଷେତ୍ରରେ ଭାରତର ସ୍ଥାନ ଦ୍ୱିତୀୟ । ୨୦୧୨ ମସିହା ଜୁଲାଇ ୯ ତାରିଖ ସୁଦ୍ଧା ବିଶ୍ୱ ଜନସଂଖ୍ୟା ୭୦୨ କୋଟି ୫୦ ଲକ୍ଷ ୭୧ ହଜାର ୯୬୬ ଓ ଭାରତର ଜନସଂଖ୍ୟା ୧୨୨ କୋଟି ୨ଲକ୍ଷରେ ପହଞ୍ଚିଛି ବୋଲି ଆକଳନ କରାଯାଇଛି । ବୈଜ୍ଞାନିକମାନେ ଆଶଙ୍କା ପ୍ରକାଶ କଲେଣି ଯେ, ଯଦି ଏହିପରି ଭାବରେ ଭାରତର ଜନସଂଖ୍ୟା ବୃଦ୍ଧି ହୁଏ, ତା' ହେଲେ ୨୦୫୦ ମସିହାବେଳକୁ ଜନସଂଖ୍ୟା

୧୬୮ କୋଟିକୁ ଟପିଯିବ । କୁସଂସ୍କାର, ଧର୍ମାନ୍ଧତା, ଦାରିଦ୍ର୍ୟତା, ଶିକ୍ଷାର ଅଭାବ ଓ ପୁଅ ଝିଅଙ୍କ ମଧ୍ୟରେ ପ୍ରଭେଦ ବିଚାର ମୁଖ୍ୟତଃ ଜନସଂଖ୍ୟା ବୃଦ୍ଧିର କାରଣ । ଏତଦ୍‌ବ୍ୟତୀତ ଝିଅମାନଙ୍କୁ କମ୍ ବୟସରେ ଶୀଘ୍ର ବିବାହ ଦେବା ଓ ମହିଳା ସାକ୍ଷରତା ହାର କମ୍ ଥିବାରୁ ଜନସଂଖ୍ୟା ବୃଦ୍ଧି ହେଉଛି ।

ଆମ ଦେଶରେ ଜନସଂଖ୍ୟା ବୃଦ୍ଧିଜନିତ ସମସ୍ୟା ଖୁବ୍ ଜଟିଳ । ପ୍ରାକୃତିକ ସମ୍ପଦ ଯାହା ଗଚ୍ଛିତ ଅଛି, ଏତେଗୁଡିଏ ଲୋକଙ୍କର ଆବଶ୍ୟକତାକୁ ପୂରଣ କରିବା କଷ୍ଟକର ହେଉଛି । ଅପରପକ୍ଷେ ପ୍ରାକୃତିକ ସମ୍ପଦ ମଧ୍ୟ ସରି ସରି ଆସୁଛି । ଜମି, ଜଳ ଓ ଜଙ୍ଗଲର ମାତ୍ରାଧିକ ବ୍ୟବହାର ଯୋଗୁଁ ବହୁ ଉଦ୍ଭିଦ ଓ ବନ୍ୟ ପ୍ରାଣୀ ଲୁପ୍ତ ହୋଇଗଲେଣି ଓ ଅନେକ ବିରଳ ତାଲିକାରେ ଅଛନ୍ତି । ଜନସଂଖ୍ୟା ବୃଦ୍ଧି, ପ୍ରାକୃତିକ ସମ୍ପଦ ସଂରକ୍ଷଣ ଓ ପରିବେଶ ସୁରକ୍ଷା ବ୍ୟବସ୍ଥାକୁ ନିଷ୍ପ୍ରଭ କରି ଦେଉଛି । ସରକାରୀ ଯୋଜନାର ସୁଫଳ ଲୋକମାନେ ଆଶାନୁରୂପେ ଭାବେ ପାଇ ପାରୁ ନାହାନ୍ତି । ପ୍ରାକୃତିକ ସମ୍ପଦର ଅତ୍ୟଧିକ ଶୋଷଣ ଯୋଗୁଁ ବନ୍ୟା, ବାତ୍ୟା, ଘୂର୍ଣ୍ଣି, ଦୁର୍ଭିକ୍ଷ ଓ ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଉଛି । ମହାମାରୀରେ ବହୁ ଲୋକ ମରିବା ସହ ରାସ୍ତାକଡ ଓ ବସ୍ତିର ଅସ୍ୱାସ୍ଥ୍ୟକର ପରିବେଶରେ ବହୁଲୋକ ବାସ କରିବାକୁ ବାଧ୍ୟ ହେଉଛନ୍ତି । ସବୁ ପ୍ରକାର ଚେଷ୍ଟା ସତ୍ତ୍ୱେ ଅଭାବ ଓ ଦାରିଦ୍ର୍ୟ ଲାଗି ରହୁଛି । ବର୍ଦ୍ଧିତ ଜନସଂଖ୍ୟା ପାଇଁ ଖାଦ୍ୟପେୟ, ବାସଗୃହ ଓ ବସ୍ତ୍ର ଯୋଗାଇବା ଏକ କଷ୍ଟସାଧ୍ୟ ବ୍ୟାପାର । ତତ୍ ସହିତ ଉପଯୁକ୍ତ ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧା ପାଇଁ ଅଧିକ ଅର୍ଥର ଆବଶ୍ୟକତା ଅଛି । ଫଳରେ ଅର୍ଥନୀତି ଉପରେ ଜନସଂଖ୍ୟା ବୃଦ୍ଧିର କୁପ୍ରଭାବ ପଡୁଛି ।

ବିଜ୍ଞାନର ଉନ୍ନତି ହେତୁ ମୃତ୍ୟୁହାର କମିଛି । କିନ୍ତୁ ଜନ୍ମହାର ଅଧିକ ଅଛି । ସେଥିପାଇଁ ଆମକୁ ଜନ୍ମହାର ନିୟନ୍ତ୍ରଣ କରିବାକୁ ପଡିବ । କେରଳ ଓ ଗୋଆ ରାଜ୍ୟରେ ଜନ୍ମହାର କମ୍ ଅଟେ । ଏହାର କାରଣ ହେଉଛି ସେ ରାଜ୍ୟଗୁଡିକରେ ଲୋକମାନଙ୍କର ସାକ୍ଷରତା ହାର ଖୁବ୍ ଅଧିକ । ବିଶେଷ କରି ମହିଳା ସାକ୍ଷରତା ହାର ବୃଦ୍ଧି ହେଲେ ଜନ୍ମ ହାର କମିବ । ୨୦୧୧ ମସିହାର ଜନ ଗଣନା ରିପୋର୍ଟ ଅନୁସାରେ ଆମ ରାଜ୍ୟ ଓଡ଼ିଶାର ସାକ୍ଷରତା ହାର ୭୨.୯% ଅଟେ । ମହିଳା ସାକ୍ଷରତା ହାର ହେଉଛି ୬୪% । ଆହୁରି ୩୬% ମହିଳା ନିରକ୍ଷର । ଲୋକମାନଙ୍କୁ ଶିକ୍ଷା ଦେଇ ଲୋକଙ୍କର ସାକ୍ଷରତା ହାର ବୃଦ୍ଧି କରିବା ସହ ମହିଳା ସାକ୍ଷରତା ହାର ବୃଦ୍ଧି ଉପରେ ଗୁରୁତ୍ୱ ଦେବାକୁ ହେବ । ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଶିଶୁମାନଙ୍କ ମୃତ୍ୟୁ ହାରକୁ କମେଇବାକୁ ହେବ ନହେଲେ ମାଆମାନେ ନିଃସନ୍ତାନ ହୋଇଯିବା ଭୟରେ ଅଧିକ ପିଲା ଚାହିଁବେ । ପ୍ରସୂତି ମାଆମାନଙ୍କର ମୃତ୍ୟୁ ହାରକୁ ମଧ୍ୟ ସ୍ୱାସ୍ଥ୍ୟସେବା ବଳରେ ରୋକିବାକୁ ପଡିବ । ଚିକିତ୍ସା ବ୍ୟବସ୍ଥାର ଉନ୍ନତିସହ ଲୋକମାନଙ୍କର ଆର୍ଥିକ ବ୍ୟବସ୍ଥାର ଉନ୍ନତି ମଧ୍ୟ ଆବଶ୍ୟକ । ଏହା ହେଲେ ଗରିବ ଦିନମଜୁରୀଆମାନେ ଅଧିକ ପିଲା ଚାହିଁବେ ନାହିଁ । ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହ ଅଧିକ ମହିଳାଙ୍କୁ କର୍ମ ଯୋଗାଇ ଦେଇ ନିଯୁକ୍ତି ଦେଇପାରିଲେ ଜନ୍ମହାର କମିବାରେ ସହାୟକ ହେବ ।

ଜନସଂଖ୍ୟା ବୃଦ୍ଧି ଓ ତଦ୍‌ଜନିତ ସମସ୍ୟା ମାନବକୃତ । ଏହା ସମସ୍ତଙ୍କୁ ଆତଙ୍କିତ କରିଛି ଓ ବିକାଶର ସବୁ ସୁବିଧାଗୁଡିକର କଣ୍ଠରୋଧ କରୁଛି । ତେଣୁ ଶିକ୍ଷା ମାଧ୍ୟମରେ ଲୋକମାନଙ୍କ ମଧ୍ୟରେ ଏଥିପ୍ରତି ସଚେତନ ସୃଷ୍ଟି କରିବାକୁ ହେବ ଏବଂ ଜୀବନର ଆବଶ୍ୟକତା ଓ ମୂଲ୍ୟବୋଧର ଆବଶ୍ୟକ ପରିବର୍ତ୍ତନ ଘଟାଇ ଏସବୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ ।

୭/ମ–୫୧, ବୀଣା ନିଳୟ,
ଶୈଳଶ୍ରୀ ବିହାର, ଭୁବନେଶ୍ୱର–୨୧

❖ ❖ ❖

# ବୈଜ୍ଞାନିକ ପ୍ରଣାଳୀରେ ରାଶି ଚାଷ

ଡକ୍ଟର ନିରାକାର ରଣସିଂହ
ଡକ୍ଟର ତ୍ରିବିକ୍ରମ ସାମଲ

ରାଶି ତୈଳବୀଜ ଜାତୀୟ ଫସଲମାନଙ୍କ ମଧ୍ୟରେ ଅନ୍ୟତମ । ଏହା ସ୍ୱାସ୍ଥ୍ୟ ପକ୍ଷେ ଖୁବ୍ ଉପକାରୀ । ଏଥିରେ ଶତକଡା ୪୭–୫୩ ଶତାଂଶ ତେଲ ଥାଏ । ଏହି ତୈଳରେ ଥିବା ଲିଗ୍‌ନାନ ଟୋକୋଫେରଲ (ଆଣ୍ଟିଅକ୍ସିଡାଣ୍ଟ) ଭିଟାମିନ– ଏ, ବି, ବି–୧, ବି–୧୨ ଯୋଗୁଁ ଏହାକୁ ଔଷଧୀୟ, ରୋଷେଇ, ପ୍ରସାଧନୀ ଓ ଖାଦ୍ୟ ହିସାବରେ ବ୍ୟବହାର କରାଯାଇଥାଏ । ବର୍ତ୍ତମାନ ଭାରତବର୍ଷ ତୁଳନାରେ ଆମ ଓଡ଼ିଶାରେ ରାଶିର ଉତ୍ପାଦନ ହାର ବହୁତ କମ୍ ଅଟେ । ଭାରତବର୍ଷରେ ଉତ୍ପାଦନ କ୍ଷମତା ଏକ ହେକ୍ଟର ପିଛା ୪.୭ କୁଇଣ୍ଟାଲ୍ ଥିଲାବେଳେ ଆମ ରାଜ୍ୟର ଉତ୍ପାଦନ ହେକ୍ଟର ପିଛା ୩.୭ କୁଇଣ୍ଟାଲ୍ ହୁଏ । ବର୍ତ୍ତମାନ ଏହା ୨୬୦.୬୨ ହଜାର ହେକ୍ଟର ଚାଷ ଜମିରେ ଚାଷ କରାଯାଉଥିଲା ବେଳେ ଏହାର ଉତ୍ପାଦନ ମାତ୍ର ୧୦୦.୪୫ ହଜାର ମେଟ୍ରିକ ଟନ୍ ମଧ୍ୟରେ ସୀମିତ ଅଛି (ଓଡ଼ିଶା କୃଷି ପରିସଂଖ୍ୟାନ– ୨୦୧୦–୧୧) । ବର୍ତ୍ତମାନ ପରିପ୍ରେକ୍ଷୀରେ ରାଶି ଏକ ମୁଖ୍ୟ ତୈଳବୀଜର ଭୂମିକା ନେଇଅଛି । ତେଣୁ ଏହାର ଉତ୍ପାଦନ କ୍ଷମତା ବଢ଼ାଇବା ପାଇଁ ନିମ୍ନ ଲିଖିତ ବୈଜ୍ଞାନିକ ପ୍ରଣାଳୀ ଅନୁମୋଦନ କରାଗଲା ।

**ବିହନ ଚୟନ**

| କିସମ | ଅମଳ ଅବଧି (କେତେ ଦିନରେ ଅମଳ ହୁଏ) |
|---|---|
| ବିନାୟକ | ୮୫ (କଳା ରଙ୍ଗ) |
| ପ୍ରାଚୀ | ୭୫–୮୦ (କଳା ରଙ୍ଗ) |
| କାଳିକା | ୮୫ (କଳା ରଙ୍ଗ) |
| ଉଷା | ୮୦–୮୫ (ଈଷତ୍ ଧଳା/ ମାଟିଆ) |
| ଉମା | ୭୫–୮୦ (ଈଷତ୍ ଧଳା ବା ମାଟିଆ କିସମ) |
| କନକ | ୮୦–୯୦ (ଈଷତ୍ ଧଳା ବା ମାଟିଆ କିସମ) |
| ଅମ୍ରିତ | ୮୦–୮୫ (ଧଳା ରଙ୍ଗ ବା ମାଟିଆ କିସମ) |
| ନିର୍ମଳା | ୭୫–୮୫ (ଧଳା ରଙ୍ଗ) |
| ସ୍ମାରକ | ୭୫–୮୦ (ଧଳା ରଙ୍ଗ) |

**ଚାଷ ପ୍ରଣାଳୀ**

ରାଶି ସାଧାରଣତଃ ବର୍ଷାଦିନେ ଜୁନ ମାସ ମଧ୍ୟଭାଗରୁ ଜୁଲାଇ ମାସ ମଧ୍ୟଭାଗ, ଶୀତଦିନେ ସେପ୍ଟେମ୍ବର ମାସରୁ ଅକ୍ଟୋବର ଏବଂ ଗ୍ରୀଷ୍ମଋତୁରେ ଫେବୃଆରୀ ମାସରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ବୁଣାଯାଏ ।

**ବିହନ ପରିମାଣ ଓ ବିଶୋଧନ**

ରାଶି ଚାଷ ପାଇଁ ଏକର ପିଛା ୩–୪ କିଗ୍ରା ବିହନ ଆବଶ୍ୟକ ହୋଇଥାଏ । ପ୍ରତି କେଜି ବିହନ ସହିତ ୨ ଗ୍ରାମ କାର୍ବେଣ୍ଡାଜିମ୍ କିମ୍ବା ୩ଗ୍ରାମ ଥିରାମ୍ କିମ୍ବା ୨ଗ୍ରାମ ଭିଟାଭାକ୍ସ ପାଉଡରକୁ ଗୋଳାଇ ବିଶୋଧନ କରିବା ଉଚିତ । ଏହି ଉପାୟ ଅବଲମ୍ବନ କଲେ ମୂଳସଢ଼ା କାଣ୍ଡ ସଢ଼ା ଓ ପତ୍ର ଦାଗ ଓ ଝାଉଁଳା ଭଳି ରୋଗଗୁଡ଼ିକ ଅଧିକ ଆକ୍ରାନ୍ତ ନକରି ଦମନ ହୋଇଯାଇଥାନ୍ତି । ଭବିଷ୍ୟତରେ (ଝାଟୁଆ ରୋଗ) ନହେବା ପାଇଁ ଇମିଡାକ୍ଲୋପିଡ୍ ଗୁଣ୍ଡକୁ ୧କି.ଗ୍ରା ମଞ୍ଜି ପିଛା ୭.୫ ଗ୍ରାମ ହିସାବରେ ବିହନ ବିଶୋଧନ କରିବା ସମୟରେ ମିଶାଇ ଦେଲେ ତାହା ଏହି ଅନିଷ୍ଟକାରୀ ରୋଗକୁ ଦୂରେଇ ରଖେ । ଯଦି ବୀଜାଣୁ ଜନିତ ପତ୍ରପୋଡା ବା ଝାଉଁଳା ରୋଗ ପରିଲିକ୍ଷିତ ହୁଏ, ତେବେ ୧ କିଗ୍ରା ମଞ୍ଜି ପ୍ରତି ୧ ଗ୍ରାମ ବୀଜାଣୁ ନାଶକ ଔଷଧ ଯଥା ପ୍ଲାଣ୍ଟୋମାଇସିନ୍‌କୁ ମିଶାଇ ବୁଣନ୍ତୁ ।

### ୧) ଜମି ପ୍ରସ୍ତୁତ ଓ ବିହନ ବୁଣା

ମାଟିକୁ ଭଲଭାବେ ଗୁଣ୍ଡ ଚାଷ କରି ମଇଦେଇ ସମତୁଲ କରନ୍ତୁ । ଏକ ଏକର ଜମିପାଇଁ ମିଳିଥିବା ରାଶିମଞ୍ଜିକୁ ସମପରିମାଣର ବାଲି ସହ ମିଶାଇ ଧାଡିକୁ ଧାଡି ୩୦ ସେମି ଓ ଗଛରୁ ଗଛ ୧୦ ସେମି ବ୍ୟବଧାନରେ ୧ସେମି ଗଭୀରରେ ବିହନ ବୁଣନ୍ତୁ।

### ୨) ଖତ ଓ ସାର ପ୍ରୟୋଗ

ଜମି ପ୍ରସ୍ତୁତ କଲାବେଳେ ଏକର ପିଛା ୨ଟନ ଗୋବର ଖତ (୮–୧୦ ଗାଡି) ସଢା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ଏହାଛଡା ଏକର ପିଛା ୧୩ କେଜି ୟୁରିଆ (୬ କେଜି ଯବକ୍ଷାରଜାନ) ୫୦ କେଜି ସିଂଗଲ ସୁପର ଫସଫେଟ୍ (୮କିଗ୍ରା ଫସ୍‌ଫରସ୍) ଓ ୧୩ କିଗ୍ରା ମ୍ୟୁରେଟ୍ ଅଫ୍ ପଟାସ୍ (୮କିଗ୍ରା ପଟାସ) ସାର ବିହନ ବୁଣାବେଳେ ସିଆରରେ ପ୍ରୟୋଗ କରନ୍ତୁ, ଗନ୍ଧକ ଓ ଜିପ୍‌ସମ୍ ସାରକୁ ଏକର ପିଛା ଯଥାକ୍ରମେ ୧୦–୧୫ କିଗ୍ରା ଓ ୧ କୁଇଣ୍ଟାଲ ହିସାବରେ ପ୍ରୟୋଗ କଲେ ରାଶିର ତୈଳ ପରିମାଣ ବୃଦ୍ଧି ହୁଏ । ଅଣୁସାରର ଭରଣ ପାଇଁ ଜିଙ୍କ୍ ସଲ୍‌ଫେଟ୍ ଓ ମାଙ୍ଗାନିଜ୍ ସଲ୍‌ଫେଟ୍‌କୁ ୨ଭାଗ (୨%) ହିସାବରେ ପ୍ରୟୋଗ କଲେ ଆଦାୟ ଅଧିକ ମିଳେ । ଫସ୍‌ଫରସ୍ ଉତ୍ସ ଭାବେ ସିଙ୍ଗଲ ସୁପର ଫସ୍‌ଫେଟ୍ ବ୍ୟବହାର କଲେ ଉଭୟ ଫସ୍‌ଫରସ୍ ଓ ଗନ୍ଧକ ଉପଲବ୍ଧ ହୋଇଥାଏ ।

### ଅନ୍ତଃଚାଷ

ଚାଷ ୧୫ରୁ ୨୦ ଦିନର ହୋଇଗଲେ ଜମିରେ ଏକର ପିଛା ୬କିଗ୍ରା ଯବକ୍ଷାରଯାନ ସାର ପକାଇ କୋଡାଖୁସା କରି ଘାସ ବାଛିଦେବା ଉଚିତ । ଧାଡିରେ ବହଳିଆ ଗଛ ଥିଲେ ୧୦ ସେମି ବ୍ୟବଧାନରେ ଗୋଟିଏ ସୁସ୍ଥ ଗଛ ରଖି ଅବଶିଷ୍ଟ ଗଛ ଉପାଡି ଦେବା ଉଚିତ ।

### ଜଳ ପରିଚାଳନା

ବର୍ଷାଦିନରେ ଫସଲରେ ଜଳସେଚନ ପ୍ରାୟ ଦରକାର ପଡେ ନାହିଁ । ଖରାଦିନେ ଫସଲରେ ଦରକାର ଅନୁଯାୟୀ ୨/୩ ଥର ପାଣି ମଡାଇବାକୁ ପଡିଥାଏ । ମାଟିରେ ବତର ନଥିଲେ ବୁଣି ସାରି ସଙ୍ଗେ ସଙ୍ଗେ ପାଣି ମଡାନ୍ତୁ । ଗଛଗୁଡିକ ୬ଇଞ୍ଚ ହୋଇଗଲେ ପୁଣି ପାଣି ମଡାଇ ଦିଅନ୍ତୁ । ଫଳ ଧରିବା ସମୟରେ ପୁଣି ଥରେ ପାଣି ମଡାଇ ଦିଅନ୍ତୁ ।

### ଫସଲ ସୁରକ୍ଷା

ରାଶି ଗଛରେ ସାଧାରଣତଃ କୀଟମାନଙ୍କ ମଧ୍ୟରେ ପତ୍ରମୋଡା, ପତ୍ରଡିଆଁ, ଥ୍ରୀପସ୍ ଧଳାମାଛି କାହାଳିଆ, କାଣ୍ଡ ଓ ଫଳବିନ୍ଧା ପୋକ ଓ ରୋଗମାନଙ୍କ ମଧ୍ୟରେ ବନ୍ଧ୍ୟାରୋଗ, ପତ୍ରଚିତା, ମୂଳ ଓ କାଣ୍ଡ ସଢା, ପାଉଁଶିଆ ରୋଗ ଏବଂ ବୀଜାଣୁ ଜନିତ ଝାଉଁଳା ଓ ପତ୍ରଦାଗ ରୋଗ ମୁଖ୍ୟ ଅଟନ୍ତି ।

### ୧) ପତ୍ର ମୋଡା ଓ ଫଳବିନ୍ଧା ପୋକ

ଏହି ପୋକର ଶୂକ ଗଛର କଅଁଳ ପତ୍ରକୁ ରେଶମୀ ସୂତା ଦ୍ୱାରା ଗୁଡାଇ ବିଣ୍ଡା ତିଆରି କରି ତା ମଧ୍ୟରେ ରହି ସବୁଜ ଅଂଶକୁ କୋରି ଖାଇଯାଏ । ସମସ୍ତ ପ୍ରକାର ଫଳକୁ କଣାକରି ମଞ୍ଜିଗୁଡିକ ଖାଇଯାଇଥାଏ । ସାଧାରଣତଃ ୧୫–୨୦ ଭାଗ କ୍ଷତି ହୋଇଥାଏ । ଏହାର ଦମନ ପାଇଁ ପ୍ରୋଫେନୋଫସ୍ ନାମକ ବିଷକୁ ୧ ଲିଟର ପାଣିରେ ୨ମି.ଲି ହିସାବରେ ମିଶାଇ ସିଞ୍ଚନ କରନ୍ତୁ ।

### ୨) କାହାଳିଆ ପୋକ

ରାଶିର ଫୁଲଗୁଡିକୁ ମାଛିର ଶାବକ ଖାଇବା ଦ୍ୱାରା ଗଛରେ ଫଳ ନଧରି ସେହି ସ୍ଥାନରେ ଆବୁପରି ଦେଖାଯାଏ । ତେଣୁ ସଂକ୍ରମିତ ମୁକୁଳଗୁଡିକୁ ବ୍ୟବହାର କରି ପୋତିଦିଅନ୍ତୁ ଏବଂ ଏହାକୁ ଦମନ କରିବା ପାଇଁ ଏକର ପ୍ରତି ୪୦୦ ମିଲି ଟ୍ରାଏଜୋଫସ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

### ୩) ଝାଟୁଆ ରୋଗ

ଏହା ଏକ ଭୂତାଣୁ ଜନିତ ରୋଗ ଅଟେ । ସାଧାରଣତଃ ଏହା ଏକ ପ୍ରକାର ପତ୍ରଡିଆଁ ପୋକ (ଲିଫ୍ ହପର)ମାନଙ୍କ ଦ୍ୱାରା ବ୍ୟାପିଥାଏ । ଏହି ରୋଗହେଲେ ରୋଗାକ୍ରାନ୍ତ ଗଛରେ ଅଗପତ୍ରଗୁଡିକ ଛୋଟ ଛୋଟ ହୋଇ ଗୁଛ ହୋଇଯାଏ । ଏହି ରୋଗକୁ ଦମନ କରିବା ପାଇଁ ଇମିଡାକ୍ଲୋପ୍ରିଡ୍ ନାମକ ବିଷକୁ ୫ଲିଟର ପାଣିରେ ୧ମି.ଲି ହିସାବରେ ମିଶାଇ ସିଞ୍ଚନ କରନ୍ତୁ । ଅଧିକ ଆକ୍ରାନ୍ତ ଗଛଗୁଡିକୁ ଉପାଡି ପୋତି ଦିଅନ୍ତୁ ।

### ୪) ପତ୍ରଚିତା ରୋଗ

ଏହା ଏକ କବକ (ଫିମ୍ପି) ଜନିତ ରୋଗ ଅଟେ । ଏହି ରୋଗ ହେଲେ ଛୋଟ ଛୋଟ ବାଦାମୀ ରଙ୍ଗର ଚିହ୍ନ ଉଭୟ ପାର୍ଶ୍ୱରେ ଦେଖାଦେଇ ଧୀରେ ଧୀରେ ପୋଡାଳିଆ ଦେଖାଯାଇ

ଝରିପଡେ । ଏହାର ଦମନ ପାଇଁ ଏକର ପ୍ରତି ୪୦୦ ଗ୍ରାମ ବାଭିଷ୍ଟିନ୍‌କୁ ୨୦୦ଲିଟର ପାଣି ମିଶାଇ ସିଞ୍ଚନ କରନ୍ତୁ ।

**୫) ଝାଉଁଳା ଏବଂ ମୂଳସଢା ଓ କାଣ୍ଡ ପଚା ରୋଗ**

ଉଭୟ ରୋଗ କବକ ଦ୍ୱାରା ହୋଇଥାଏ । ପ୍ରଥମେ ଆକ୍ରାନ୍ତ ଗଛର ପତ୍ରଗୁଡିକ ହଳଦିଆ ପଡି ପତ୍ର ଓ କାଣ୍ଡଗୁଡିକ ବାଦାମୀ ରଙ୍ଗ ହୋଇ ଝାଉଁଳି ଯାଇଥାଏ ଯାହାଦ୍ୱାରା ସମସ୍ତ ଗଛଗୁଡିକ ଚାଷ ଜମିରେ ବାରି ହୋଇଯାଏ । ତେଣୁ ଟ୍ରାଇକୋଡର୍ମା ନାମକ ଜୈବ ନିୟନ୍ତ୍ରକ ଗୁଣ୍ଡକୁ ୨.୫ କିଗ୍ରା ହିସାବରେ ଏକ ହେକ୍ଟର ଚାଷ ଜମିରେ ପ୍ରୟୋଗ କରନ୍ତୁ । ଜମିରେ ଯଦି ଏହି ରୋଗ ଦେଖାଯାଏ, ତେବେ ସାଫ୍ କିମ୍ୱା କୁଇଣ୍ଟାଲ୍ ଭଳି ଔଷଧକୁ ୨ଗ୍ରାମ୍ ହିସାବରେ ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ତାହା ଦମନ ହୋଇଯାଏ ।

**୬) ପାଉଁଶିଆ ରୋଗ**

ଏହା ଏକ କବକ ଜନିତ ବାୟୁ ବାହିତ ରୋଗ ଅଟେ । ଏହି ରୋଗ ହେଲେ ପତ୍ର ଉପରେ ଧଳା ଦାଗ ମାନ ଦେଖାଯାଏ । ସାଧାରଣତଃ ଏହି ରୋଗ ଅକ୍ଟୋବର ମାସ ଶେଷଆଡକୁ ଓ ନଭେମ୍ବର ମାସରେ ଅଧିକ ଥଣ୍ଡା ପଡିଲେ ଆସେ । ଏହି ରୋଗକୁ ଦମନ କରିବା ପାଇଁ ସଲ୍‌ଫେକ୍ସ କିମ୍ୱା ବାଭିଷ୍ଟିନ୍ ବିଷକୁ ୦.୨% ହିସାବରେ ଫୁଲ ଧରିବା ସମୟରେ ସିଞ୍ଚନ କରନ୍ତୁ ।

**୭) ଘାସ ଦମନ**

ସାଧାରଣତଃ ରାଶି ଚାଷ ଜମିରେ ଅତ୍ୟଧିକ ଘାସ ଉଠିବା ଦ୍ୱାରା ୫୦–୭୦% ଅମଳ ବାଧାପ୍ରାପ୍ତ ହୁଏ । ତେଣୁ ମଞ୍ଜିକୁ ଗଜା ହେବାର ତିନି ସପ୍ତାହ ମଧ୍ୟରେ (୨୦–୨୫ ଦିନ ମଧ୍ୟରେ) କୋଡା ଖୁସା ଓ ଘାସ ବଛାବଛି କାମ ସାରି ଅଧିକ ଘାସ ନହେବା ପାଇଁ ମଞ୍ଜି ବୁଣାଯିବା ପରେ ଓ ଗଛ ଉଠିବା ପୂର୍ବରୁ ଫ୍ଲୋକ୍ଲୋରାଲିନ୍ ହେକ୍ଟର ପିଛା ୭୫୦ ଗ୍ରାମ ହିସାବରେ ପ୍ରୟୋଗ କରନ୍ତୁ, ଏତଦ୍ ବ୍ୟତିରେକ ଫେଣ୍ଡିମେଥାଲିନ୍ କିମ୍ୱା ଆଲାକ୍ଲୋର ନାମକ ଘାସ ଔଷଧକୁ ହେକ୍ଟର ପିଛା ୧୨୫୦ ଗ୍ରାମ ବ୍ୟବହାର କଲେ ଘାସ ଦମନ ହୁଏ ।

**ଫସଲ ଅମଳ**

ଗଛ ହଳଦିଆ ପଡି ଆସୁଥିବା ଅବସ୍ଥାରେ ଓ ଗଛର ଫଳଗୁଡିକ ଶୁଖିବା ଆରମ୍ଭ କଲେ ଗଛକୁ କାଟି ଅମଳ କରାଯାଏ ।

ଗଛ ହଳଦିଆ ହେବାର ୭ଦିନ ମଧ୍ୟରେ ସବୁ ଫଳ ଫାଟିଯାଇ ମଞ୍ଜି ଝରିପଡେ । ତେଣୁ ଗଛ ହଳଦିଆ ହେବା ମାତ୍ରେ କାଟି ଦେଇ ଖଳାରେ ଗଦାଇ ଦିଅନ୍ତୁ । ଡେରି କଲେ ୫୦–୯୦ ଭାଗ ପର୍ଯ୍ୟନ୍ତ ମଞ୍ଜି ବିଲରେ ନଷ୍ଟ ହୋଇଯିବ ।

ଆଦାୟ ପରେ ମଞ୍ଜିଗୁଡିକୁ ସିମେଣ୍ଟ ଚଟାଣ/ପଲିଥିନ୍ ଉପରେ ଶୁଖାଇ ସାଇତି ରଖନ୍ତୁ ।

**ଏକର ପିଛା ହାରାହାରି ଅମଳ**

ଏକର ପିଛା ବର୍ଷା ଋତୁରେ ହାରାହାରି ୨–୩ କୁଇଣ୍ଟାଲ୍ ରାଶି ମିଳିଥାଏ । କିନ୍ତୁ ଗ୍ରୀଷ୍ମ ଋତୁରେ ୫–୬ କୁଇଣ୍ଟାଲ୍ ଅମଳ ମିଳିଥାଏ ।

**ବ୍ୟବସାୟିକ ଦୃଷ୍ଟି କୋଣରୁ ରାଶି ମଞ୍ଜିର ମାନ ନିମ୍ନମତେ ହେବା ଉଚିତ**

ଫ୍ରି ଫ୍ୟାଟି ଏସିଡ୍ ଶତକଡା ୨ ଭାଗରୁ କମ୍ ।

ଜଳୀୟ ଅଂଶ ଶତକଡା ୨/୩ ଭାଗରୁ କମ୍ ।

ତୈଳ ଭାଗ ଶତକଡା ୪୮ ଭାଗ ଅଧିକ ।

କନିଷ୍ଠ ରୋଗ ବିଶେଷଜ୍ଞ
କୀଟ ବିଶେଷଜ୍ଞ
ସର୍ବଭାରତୀୟ ରାଶି ଗବେଷଣା ପ୍ରକଳ୍ପ
କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର–୩

❖ ❖ ❖

# ଓଡ଼ିଶୀ ପଟ୍ଟଚିତ୍ରରେ ଉଦ୍ଭିଦ ଓ ପ୍ରାଣୀ

**ଜୟନ୍ତୀ ରଥ**

ଉଦ୍ଭିଦ ଓ ପ୍ରାଣୀ ଜଗତ ଓଡ଼ିଶୀ ପଟ୍ଟଚିତ୍ରର ଏକ ଅପରିହାର୍ଯ୍ୟ ଅଂଶ । ପ୍ରାକୃତିକ ଉପାଦାନ ନଥିବା ପଟ୍ଟଚିତ୍ର ଆଦୌ ନାହିଁ କହିଲେ ଭୁଲ ହେବନାହିଁ । ଦେବାୟତନ, ଯୁଦ୍ଧ କ୍ଷେତ୍ର, ରାଜପ୍ରାସାଦ କୌଣସି ସ୍ଥାନକୁ ବ୍ୟବଚ୍ଛେଦ କରିହେବ ନାହିଁ ପ୍ରକୃତିଠାରୁ । ପଟ୍ଟଚିତ୍ର ଶିଳ୍ପୀର ଅବବୋଧରେ ଏହା ସଂରକ୍ଷିତ । ସୁତରାଂ ଓଡ଼ିଶୀ ପଟ୍ଟଚିତ୍ରରେ ନୀଳ, ଶ୍ୟାମଳ, ଧୂସର, କୃଷ୍ଣ, ଲୋହିତ, ହରିତ ଏସବୁ ପ୍ରକୃତିର ରଙ୍ଗ ବିଶେଷ ଭାବରେ ଦେଖିବାକୁ ମିଳେ ।

ପଟ୍ଟଚିତ୍ର ଶ୍ରୀଜଗନ୍ନାଥ ପରମ୍ପରା ଓ କୃଷ୍ଣଲୀଳା ସହିତ ଓତଃପ୍ରୋତଭାବେ ଜଡିତ ହୋଇଥିବାରୁ ପୃଷ୍ଠ ଭୂମିରେ ବୃକ୍ଷ, ପୁଷ୍ପ, ଲତା, କୁଞ୍ଜ, ଗାଈ, ହରିଣ, ମୟୂର ଆଦି ବିଭିନ୍ନ ପ୍ରାଣୀଙ୍କ ଚିତ୍ରଣ ଅନିବାର୍ଯ୍ୟ ହୋଇପଡେ । ବିଷ୍ଣୁଙ୍କ ଦଶ ଅବତାର ଚିତ୍ରରେ ଆଙ୍କିବାକୁ ଗଲାବେଳେ ମତ୍ସ୍ୟ, କଚ୍ଛପ, ବରାହ ଓ ସିଂହ (ନୃସିଂହ ଅବତାର)ର ରୂପକୁ ପରିକଳ୍ପନା କରିବାକୁ ଚିତ୍ରକର ବାଧ୍ୟ । ଶ୍ରୀକୃଷ୍ଣଙ୍କ ବହୁବିଧ ବାଳଲୀଳାକୁ ଚିତ୍ରରେ ରୂପ ଦେବାବେଳେ ଚିତ୍ରକରଙ୍କୁ ତା'ର କଳ୍ପନା ଶକ୍ତି ପ୍ରୟୋଗ କରିବାକୁ ପଡେ । ପୁଷ୍ପ ପରିଶୋଭିତ କଦମ୍ବ ବୃକ୍ଷ ତଳେ ଶ୍ରୀକୃଷ୍ଣ ତ୍ରିଭଙ୍ଗ ଠାଣିରେ ଦଣ୍ଡାୟମାନ ହୋଇ ବଂଶୀ ବଜାଉଥିବା ବେଳେ ତାଙ୍କ ପାର୍ଶ୍ୱରେ ସୁନ୍ଦର, ସୁଗଠିତ ଗାଭୀଟିଏ ଛିଡା ହୋଇରହିବ ନିଶ୍ଚୟ । ନଚେତ୍ ଚିତ୍ରଟି ଅସମ୍ପୂର୍ଣ୍ଣ ହୋଇଯିବ । କାଳୀୟ ଦଳନ ଚିତ୍ରରେ ବହୁଫଣା ବିଶିଷ୍ଟ ସର୍ପ ସହ ବକାସୁର ବଧ ଚିତ୍ରରେ ବିରାଟକାୟ ବକ ସହ କୃଷ୍ଣଙ୍କ ଲଢେଇର ଦୃଶ୍ୟ ଚିତ୍ରଣ ବେଳେ ପାରିପାର୍ଶ୍ୱିକ ପ୍ରକୃତିର ଚିତ୍ରକୁ ସେ ବାଦ୍ ଦେବେ କିପରି ? ଶ୍ରୀରାଧାଙ୍କ ମାନଭଞ୍ଜନ, ଶ୍ରୀରାଧାଙ୍କ ସହ ନାବକେଳି, କୃଷ୍ଣଲୀଳାର ଏସବୁ ଚିତ୍ରକୁ ରୂପ ଦେଲାବେଳେ ନିତ୍ୟରାସର ଆନନ୍ଦ ଅନୁଭବ କରନ୍ତି ଚିତ୍ରକର । ପୃଥିବୀକୁ ପରିଶୋଭିତ କରୁଥିବା ଆମ୍ର, ବକୁଳ, ବଟ, ଅଶ୍ୱତ୍ଥ, ନାରିକେଳ, ତାଳ, ଅଁଳା ଇତ୍ୟାଦି ବୃକ୍ଷରାଜି ଚିତ୍ରଣ କରିବାର ଇଚ୍ଛାକୁ ସେ ସମ୍ବରଣ କରିପାରନ୍ତି ନାହିଁ ।

ଶ୍ରୀମନ୍ଦିରରେ ତିନି ବିଗ୍ରହଙ୍କ ବତିଶି ବେଶ ମଧ୍ୟରୁ ପଦ୍ମବେଶ, ଗଜ ଉଦ୍ଧାରଣ ବେଶ, ଗଜାନନ ବେଶ, ବନ ଭୋଜି ବେଶ, କାଳୀୟ ଦଳନ ବେଶ, ପ୍ରଳମ୍ବାସୁର ବଧ ବେଶ, କୃଷ୍ଣ ବଳରାମ ବେଶ, ବାଙ୍କଚୂଡା ବେଶ, ଗିରି ଗୋବର୍ଦ୍ଧନ ବେଶ ଆଙ୍କିଲାବେଳେ ଚିତ୍ରକରଙ୍କୁ ବିଷୟ ସଂଯୁକ୍ତ ପ୍ରାକୃତିକ ଉପାଦାନ ପ୍ରତି ବିଶେଷ ଧ୍ୟାନ ଦେବାକୁ ହୁଏ । କୃଷ୍ଣଙ୍କ ଲୀଳା ଚିତ୍ରଣ ବା ତିନି ବିଗ୍ରହଙ୍କ ବେଶ ବର୍ଣ୍ଣନା କରିବା ନିମନ୍ତେ ଚିତ୍ରକରଙ୍କ ଭାଗବତର ଗୋପଲୀଳାର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ଧାରଣା ରହିବା ବିଧେୟ । ଉଦାହରଣ ସ୍ୱରୂପ, ଭାଗବତରେ ଉଲ୍ଲେଖ ଅଛି ଯେ କୃଷ୍ଣ ବଳରାମ ସାଥିରେ ଗାଈ, ବାଛୁରୀଙ୍କୁ ନେଇ ବନଭୋଜି କରିବାକୁ ଯାଇଥିଲେ । ମହାପ୍ରଭୁ ଜଗନ୍ନାଥ ଓ ବଳଭଦ୍ରଙ୍କ ବନଭୋଜି ବେଶ ଆଙ୍କିଲା ବେଳେ ଦୁଇ ବିଗ୍ରହଙ୍କୁ କୃଷ୍ଣ ଓ ବଳରାମ ଭାବରେ ଆଙ୍କିବାକୁ ହୁଏ । ସେମାନଙ୍କ ସମ୍ମୁଖରେ ଗାଈ ଓ ବାଛୁରୀର ଚିତ୍ର ରଖିବାକୁ ହୁଏ ।

ପଦ୍ମବେଶ ଏକ ଭାବ ଆଧାରିତ ବେଶ । ମନୋହର ଦାସ ନାମକ ଜନୈକ ଭକ୍ତଙ୍କ ଅଟଳ ଭକ୍ତିର ସ୍ମାରକୀ ସ୍ୱରୂପ ଏହି ବେଶ ଶ୍ରୀମନ୍ଦିରରେ ପ୍ରବର୍ତ୍ତିତ ହୋଇଛି । ଏହି ବେଶରେ ତିନି ଠାକୁରଙ୍କ ମୁହଁ ପଦ୍ମପୁଷ୍ପର ବଳୟ ମଧ୍ୟରେ ଅଙ୍କିତ ହୁଏ । ତ୍ରିମୂର୍ତ୍ତି ପଦ୍ମମାଳ ଧାରଣ କରନ୍ତି ଏବଂ ସୋଲର ପଦ୍ମରେ ସେମାନଙ୍କ ମୁକୁଟ ତିଆରି ହୋଇଥାଏ । ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ରଙ୍କ ସମ୍ମୁଖରେ ଦୁଇ ଦୁଇଟି ହଂସ ରହିଥାନ୍ତି ।

ଚିତ୍ରକର ପାଇଁ ପଦ୍ମଚିତ୍ର ଆଙ୍କିବା ଏକ କଠିନ କାମ ନୁହେଁ । କାରଣ ମହାଲକ୍ଷ୍ମୀଙ୍କ ପଦ୍ମାସନ, ଲକ୍ଷ୍ମୀଙ୍କ ହସ୍ତରେ ପଦ୍ମ, ଭୁବନେଶ୍ୱରୀଙ୍କ ହସ୍ତରେ ପଦ୍ମ, ପୁଷ୍କରିଣୀରେ ପଦ୍ମ, ବାନ୍ଧରେ ପଦ୍ମ ଏହିଭଳି ବହୁ କ୍ଷେତ୍ରରେ ତାଙ୍କୁ ପଦ୍ମ ଆଙ୍କିବାକୁ ପଡିଥାଏ । ମାତ୍ର ଶ୍ରୀଜୀଉଙ୍କ ପଦ୍ମବେଶ ଚିତ୍ରରେ ପଦ୍ମ ଆଙ୍କିବାର ଶୈଳୀ ସ୍ୱତନ୍ତ୍ର । ଅତ୍ୟାଚାରୀ ରାଜା କଂସଙ୍କ ଆମନ୍ତ୍ରଣ କ୍ରମେ ମନ୍ତ୍ରୀ ଅକ୍ରୂରଙ୍କ ସହ କୃଷ୍ଣ ବଳରାମଙ୍କ ଗୋପରୁ ମଥୁରା ଯାତ୍ରା 'ମଥୁରା ବିଜୟ' ଚିତ୍ରର ବିଷୟ । ତେବେ ଏହି ଚିତ୍ରରେ କୃଷ୍ଣବଳରାମଙ୍କ ବିଚ୍ଛେଦରେ ଆତୁର କ୍ରନ୍ଦନରତା ଗୋପୀଗଣ ସେମାନଙ୍କ ଦୁଃଖରେ ସମଭାଗୀ ଗୋପପୁରର ଗାଈ, ମୟୂର, ଶୁକ ସାରି ଆଦି ପଶୁପକ୍ଷୀଙ୍କ ଚିତ୍ର ଉପସ୍ଥାପନ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଚିତ୍ରକରକୁ ବର୍ଣ୍ଣାଢ୍ୟ ରଥାରୂଢ ଅକ୍ରୁର, କୃଷ୍ଣ, ବଳରାମ, ରଥବାହୀ ଅଶ୍ୱ ସହିତ ଗୋପପୁରର ଦୁଃଖାନତ ବୃକ୍ଷରାଜି ଓ ସମ୍ବେଦନଶୀଳ ପ୍ରାଣୀମାନଙ୍କ ବ୍ୟଥାକୁ ତୂଳୀରେ ରୂପଦେବାକୁ ପଡେ । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବାଙ୍କଚୂଡା ବେଶ ଏହି ମଥୁରା ବିଜୟର ସ୍ମୃତି ବିହନ କରେ । କଥିତ ଅଛି ଯେ, ଅକ୍ରୂର ଭଗବାନ ଶ୍ରୀକୃଷ୍ଣଙ୍କୁ ମଥୁରା ନେବା ପାଇଁ ଆସିଲା ବେଳେ ଏହି ବେଶରେ ଦର୍ଶନ କରିଥିଲେ । ଏହି ବେଶରେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ଶ୍ରୀମସ୍ତକରେ ଚନ୍ଦ୍ରିକା ଚୂଳ ସହିତ ଦକ୍ଷିଣ ଦିଗକୁ ଆଡ ଖୋସା ପଡେ ଏବଂ ଏହି ଖୋସାର ବେଣୀ ଅଗ୍ର ଭାଗରେ ଏକ ସୁବର୍ଣ୍ଣ କଥା ଖଞ୍ଜା ଯାଇଥାଏ ।

ସୁଗନ୍ଧଯୁକ୍ତ ଶ୍ୱେତ ବର୍ଣ୍ଣର ପୁଷ୍ପ ମହାପ୍ରଭୁଙ୍କର ଅତି ପ୍ରିୟ । ସୁଗନ୍ଧରାଜ, ମଲ୍ଲୀ, ମାଳତୀ, ଯୁଇ, ତରାଟ, ଶ୍ୱେତପଦ୍ମ ଆଦି ନାନା ପ୍ରକାର ପୁଷ୍ପରେ ମଣ୍ଡିତ ହୁଅନ୍ତି ମହାପ୍ରଭୁମାନେ ବଡସିଂହାର ବେଶରେ । ନାକର ଗୁଣା, ମକର କୁଣ୍ଡଳ, ତଡଗି, ନାକ ଉପର ଝୁମ୍ପା, ହୃଦୟ ପଦକ, କୌସ୍ତୁଭ ପଦକ, କରପଲ୍ଲବ, ଗଳାରେ ଲମ୍ବିଥିବା ଅଧରମାଳ ଏସବୁ ପୁଷ୍ପ ଅଳଙ୍କାରରେ ମଣ୍ଡିତ ହୋଇ ଅତ୍ୟନ୍ତ ଆକର୍ଷଣୀୟ ଦିଶନ୍ତି ତିନି ବିଗ୍ରହ । ବଡ ସିଂହାର ବେଶ ହେଉଛି ଠାକୁରଙ୍କ ପୁଷ୍ପବେଶ । ଏ ବେଶରେ ମହାପ୍ରଭୁ ପ୍ରତିଭାତ ହୁଅନ୍ତି ପ୍ରକୃତିରେ । ଏହି ବେଶର ଫଟୋ ଉତ୍ତୋଳନ କରିବା ସହଜ, ମାତ୍ର ଏହାକୁ ଚିତ୍ରରେ ଆଙ୍କିବା ସହଜ ନୁହେଁ । ପୁଷ୍ପକୁ ସମାନୁପାତରେ ଆଙ୍କି ଅଳଙ୍କାରର ସାଦୃଶ୍ୟ ଆଣିବା ଚିତ୍ରକରଙ୍କ ପାଇଁ ଯଥେଷ୍ଟ ଶ୍ରମ ଓ ସମୟସାପେକ୍ଷ ।

ମହାପ୍ରଭୁଙ୍କ ସେବାରେ ତୁଳସୀ, ଦୟଣା, ମରୁଆ ପତ୍ର ବହୁଳ ଭାବରେ ବ୍ୟବହୃତ ହୁଏ । ଚିତ୍ରକରଙ୍କ ପକ୍ଷରେ ଏସବୁ ପବିତ୍ର ପଲ୍ଲବର ଚିତ୍ରକୁ ଆଙ୍କିବା ସ୍ୱାଭାବିକ । ତେଣୁ କବି ଗାଇଛନ୍ତି– 'ଆହେ ନୀଳଗିରି, ତୁମ ଚରଣେ ଦୟଣା କେରି କେରି' ।

ଅଣସର କାଳରେ ବଳଭଦ୍ର ସଙ୍କର୍ଷଣ ନାମ ନିଅନ୍ତି ଜଗନ୍ନାଥଙ୍କ ନାମ । ଏହି ସମୟରେ ନାରାୟଣ ଓ ସୁଭଦ୍ରାଙ୍କ ନାମ ଭୁବନେଶ୍ୱରୀ । ଏହି ତିନି ଠାକୁରଙ୍କ ପଟ୍ଟରୂପ ଏହି ସମୟରେ ପୂଜିତ ହୁଅନ୍ତି, ଏହି ପଟ୍ଟରୂପ ବିଗ୍ରହଙ୍କ ରୂପଠାରୁ ସମ୍ପୂର୍ଣ୍ଣ ଭିନ୍ନ । ନାରାୟଣ ସଙ୍କର୍ଷଣ ଓ ଭୁବନେଶ୍ୱରୀ ଚତୁର୍ଦ୍ଧହସ୍ତ ଓ ଦ୍ୱିପାଦ ବିଶିଷ୍ଟ ।

ସଙ୍କର୍ଷଣଙ୍କ ମଥା ଉପରେ ସପ୍ତଫଣା ବିଶିଷ୍ଟ ନାଗ ଶୋଭାପାଏ । ଅନନ୍ତଶାୟୀ ବିଷ୍ଣୁଙ୍କ ଚିତ୍ରରେ ସର୍ପର ଭୂମିକା ଗୁରୁତ୍ୱପୂର୍ଣ୍ଣ । କାଳୀୟଦଳନ ବେଶରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଆବୃତ ହୋଇଥାଏ ଏକ ବିରାଟକାୟ କାଳୀୟ ନାଗ ଦ୍ୱାର, ଯାହାର ମସ୍ତକଟି ଥାଏ ବିଗ୍ରହର ନିମ୍ନଭାଗରେ । ପ୍ରତ୍ୟେକ ଶୈବ ପଟ୍ଟରେ ସାପର ଚିତ୍ର ଆଙ୍କିବାକୁ ଭୁଲି ନଥାନ୍ତି ଚିତ୍ରକର, ପଟ୍ଟଚିତ୍ରର କାନ୍ଥରେ ଯୋଡି ନାଗ ଚିତ୍ର ଆଙ୍କିବାକୁ ଚିତ୍ରକର ଗୋଷ୍ଠୀ ବେଶି ପସନ୍ଦ କରିଥାନ୍ତି । ବୈଷ୍ଣବ ଚିତ୍ରର କାନ୍ଥରେ ହଂସ, ହରିଣଙ୍କ ରୂପ ଦେଲାବେଳେ ଶୈବ ଚିତ୍ରର କାନ୍ଥରେ ବୃଷଭର ରୂପ ଅଙ୍କା ଯାଇଥାଏ ।

ଦେବଦେବୀଙ୍କର ବାହନ ଭାବେ ଚିତ୍ରକରଙ୍କୁ ବହୁ ପଶୁପକ୍ଷୀଙ୍କ ଚିତ୍ର ଆଙ୍କିବାକୁ ପଡେ । ଦୁର୍ଗାଙ୍କ ସହ ସିଂହ, ଗଣେଶଙ୍କ ସହ ମୂଷା, ବିଷ୍ଣୁଙ୍କ ସହ ଗରୁଡ, ଶିବଙ୍କ ସହ ବୃଷଭ, ବ୍ରହ୍ମାଙ୍କ ସହ ହଂସ, କାର୍ତ୍ତିକେୟଙ୍କ ସହ ମୟୂର, ଲକ୍ଷ୍ମୀଙ୍କ ସହ ପେଚା (ସ୍ଥଳ ବିଶେଷରେ ହାତୀ), ସରସ୍ୱତୀଙ୍କ ସହ ହଂସ ଚିତ୍ର ଆଙ୍କିବାର ବିଧି ରହିଛି । ଦଶ ମହାବିଦ୍ୟାଙ୍କ ରୂପ ଆଙ୍କିବା ସମୟରେ ଧୂମାବତୀଙ୍କ ବାହନ ଭାବେ କାକର ରୂପ ଆଙ୍କିବା ନିଧାର୍ଯ୍ୟ ।

ନବଗୁଞ୍ଜର ପଟ୍ଟଚିତ୍ର ଶିଳ୍ପୀମାନଙ୍କ ନିମନ୍ତେ ଏକ ପ୍ରିୟ ବିଷୟ । ଏହି ଚିତ୍ରରେ ନଅଟି ପ୍ରାଣୀଙ୍କ ଅଙ୍ଗର ସମାହାର ଦେଖିବାକୁ ମିଳେ । (କୁକ୍କୁଟର ମସ୍ତକ, ମୟୂରର ଗଳା, ବୃଷଭର ପିଠି, ସିଂହର କଟୀ, ବ୍ୟାଘ୍ର, ହସ୍ତୀ, ଅଶ୍ୱ ଏ ତିନି ପ୍ରାଣୀଙ୍କର ତିନୋଟି ଗୋଡ, ଚକ୍ର ଧରିଥିବା ଏକ ମନୁଷ୍ୟ ହସ୍ତ ଏବଂ ସର୍ପର ଲାଞ୍ଜ) । ଏହି ବିଚିତ୍ର ପ୍ରାଣୀର ବର୍ଣ୍ଣନା ରହିଛି ଶାରଳା ଦାସଙ୍କ ମହାଭାରତରେ । ଅର୍ଜୁନଙ୍କୁ ପରୀକ୍ଷା କରିବା ପାଇଁ ଶ୍ରୀକୃଷ୍ଣ ଏହି ରୂପ ଧାରଣ କରିଥିଲେ ।

ତଅପୋଇ, କାଞ୍ଚି ଅଭିଯାନ ଓଡ଼ିଶାର ବହୁ ଚର୍ଚ୍ଚିତ ଲୋକପ୍ରିୟ କିମ୍ବଦନ୍ତୀ ।

◆◆◆

ତଅପୋଇ ଚିତ୍ର ଓଡ଼ିଶାର ମହାନ୍ ନୌବାଣିଜ୍ୟ ପରମ୍ପରାର ସୂଚନା ଦିଏ । ସାଧବ ଝିଅ ତଅପୋଇର ସାତଭାଇ ବଣିଜ କରିବାକୁ ଯାଇଛନ୍ତି । ସେମାନଙ୍କ ଅବର୍ତ୍ତମାନରେ ତଅପୋଇକୁ ତା'ର ଛଅ ଭାଉଜ ବହୁ କଷ୍ଟ ଦେଇଛନ୍ତି ।

ବନରେ ଛେଳି ଚରାଇବାକୁ ବାଧ କରିଛନ୍ତି । ତଅପୋଇ ନିଜକୁ ବିପଦରୁ ଉଦ୍ଧାର କରିବା ପାଇଁ ମା' ମଙ୍ଗଳାଙ୍କୁ ସୁମରଣା କରିଛି । ତଅପୋଇର ସାତଭାଇ ବଣିଜ ସାରି ଫେରିଆସିଛନ୍ତି । ଭାଇମାନେ ତଅପୋଇର ଦୁର୍ଦ୍ଦଶା ଶୁଣି କ୍ରୋଧରେ ଭାଉଜମାନଙ୍କ ନାକ କାଟିବାକୁ ତଅପୋଇକୁ ନିର୍ଦ୍ଦେଶ ଦେଇଛନ୍ତି । ତଅପୋଇ ଛଅ ଭାଉଜଙ୍କ ନାକ କାଟିଛି ଏବଂ ତାକୁ ଆଦର କରୁଥିବା ସାନ ଭାଉଜକୁ ସ୍ନେହରେ ଆଲିଙ୍ଗନ କରିଛି । ଏହି କିମ୍ବଦନ୍ତୀଟି ଶୁଣିବାକୁ ବେଶ୍ ହୃଦୟାଗ୍ରାହୀ । ମାତ୍ର ଚିତ୍ରକରକୁ ଏହି ଚିତ୍ରରେ ଏକାବେଳେକେ ତଅପୋଇର ଛେଳି ଚରାଉଥିବାର ଦୃଶ୍ୟ, ଅରଣ୍ୟରେ ବିଭିନ୍ନ ପଶୁପକ୍ଷୀଙ୍କ ବିବିଧ ବୃକ୍ଷରାଜି, ମା'ମଙ୍ଗଳାଙ୍କ ଆସ୍ଥାନ, ସମୁଦ୍ର କୂଳରେ ଲାଗିଥିବା ବୋଇତ, ସାତଜଣ ସାଧବ, ନାକରୁ ରକ୍ତ ଝରୁଥିବା ଛଅଜଣ ସାଧବ ବୋହୂ ଏ ସମସ୍ତଙ୍କର ଚିତ୍ର ଉପସ୍ଥାପନ କରିବାକୁ ହୁଏ ।

କାଞ୍ଚି ଅଭିଯାନ ଚିତ୍ରରେ ମହାପ୍ରଭୁ ଜଗନ୍ନାଥ ଧଳାଘୋଡା ଓ ବଳଭଦ୍ର କଳାଘୋଡାରେ କାଞ୍ଚିଯାତ୍ରା କରନ୍ତି ଗଜପତି ମହାରାଜା ପୁରୁଷୋତ୍ତମ ଦେବଙ୍କୁ ଯୁଦ୍ଧରେ ସହାୟତା କରିବା ପାଇଁ । ପଥରେ ତୃଷା ନିବାରଣ ପାଇଁ ମାଣିକ ଗଉଡୁଣୀଠାରୁ ରତ୍ନମୁଦି ଦେଇ ଦହି ପିଅନ୍ତି । ଏହି ଚିତ୍ରରେ ଦୁଇ ଠାକୁରଙ୍କ ବାହକ ଦୁଇ ଅଶ୍ୱର ଚିତ୍ର ବି ନିଖୁଣ ହେବା ଜରୁରୀ । ଅଶ୍ୱ ଓ ହସ୍ତୀ ଏହି ଦୁଇ ପ୍ରାଣୀଙ୍କୁ ନେଇ ଓଡ଼ିଶୀ ପଟ୍ଟଚିତ୍ରରେ ସ୍ୱତନ୍ତ୍ର ଶୈଳୀର ଚିତ୍ର ରହିଛି ।

ରାସଚିତ୍ର ଓଡ଼ିଶୀ ପଟ୍ଟଚିତ୍ରର ଏକ ବୈଶିଷ୍ଟ୍ୟ । କୃଷ୍ଣଙ୍କ ପ୍ରେମଲୀଳା ରାସ ଚିତ୍ରର ମୁଖ୍ୟ ଉପଜୀବ୍ୟ । ନବନାରୀ ଏକତ୍ର ହୋଇ ଏକ ହସ୍ତୀର ରୂପ ଧାରଣ କରନ୍ତି । ରାଧାଙ୍କ ବିରହରେ ଆତୁର କୃଷ୍ଣ ଏହି ହସ୍ତୀକୁ ରାଧା ମନେକରି ଏହାର ପୃଷ୍ଠରେ ବସି ପଡନ୍ତି । ପରେ ପରେ ହସ୍ତୀର ଶରୀର ବିଚ୍ଛିନ୍ନ ହୋଇଯାଏ । ଏହାକୁ ନବନାରୀ କନ୍ଦର୍ପହସ୍ତୀ, ନବନାରୀ କୁଞ୍ଜର ବା ଗଜରାସ କୁହାଯାଏ ।

ଶ୍ରୀରାଧା ଓ ତାଙ୍କର ପଞ୍ଚସଖୀ ଏକତ୍ରିତ ହୋଇ ଅଶ୍ୱରୂପ ଧାରଣ କରନ୍ତି । ଏହି ଅଶ୍ୱର ପୃଷ୍ଠରେ ବସି ଲୀଳାମୟ ଶ୍ରୀକୃଷ୍ଣ ମୋହନ ବଂଶୀ ବଜାନ୍ତି । ଏହାକୁ ଅଶ୍ୱରାସ କୁହାଯାଏ । ଓଡ଼ିଶୀ ପଟ୍ଟଚିତ୍ର ପରମ୍ପରାରେ ଏହି ଦୁଇଟି ପ୍ରାଣୀପ୍ରଧାନ ଚିତ୍ର ବିଶେଷ ମର୍ଯ୍ୟାଦା ଦାବି କରେ ।

ରାଧା ଓ କୃଷ୍ଣଙ୍କର ମିଳନକୁ ପ୍ରକୃତିର ଭିନ୍ନ ଭିନ୍ନ ପୃଷ୍ଠରେ ଆଙ୍କିବା ଚିତ୍ରକର ପାଇଁ ଏକ ବିଳାସ । ଅଷ୍ଟଦଶ ଶତାବ୍ଦୀରେ ତାଳପତ୍ର ପୋଥିରେ ପିଣ୍ଡିକ ଶ୍ରୀଚନ୍ଦନଙ୍କ ରଚିତ ବସନ୍ତରାସ, ଶ୍ୟାମସୁନ୍ଦର ଭଞ୍ଜଙ୍କ ରଚିତ ଶରତ କେଳି ରାସ ରସୋଦୟ, ବନମାଳୀ ସାମନ୍ତରାୟଙ୍କ ରଚିତ ବର୍ଷାରାସର ଚମତ୍କାର ବର୍ଣ୍ଣନା ରହିଛି । ପୂର୍ବପୁରୁଷଙ୍କ ରୀତି ତଥା ଏହି ପୁସ୍ତିକା ବର୍ଣ୍ଣିତ ଲୀଳା ଅନୁସରଣ ପୂର୍ବକ ଚିତ୍ରକର ଆତ୍ମ ନିମଜ୍ଜିତ ହୋଇ ରାସଚିତ୍ର ଅଙ୍କନ କରିଥାନ୍ତି ।

ଦ୍ୱାପର ଯୁଗରେ ଗୋପପୁରରେ ଶ୍ରୀକୃଷ୍ଣ ମାଧବୀ, ମାଳତୀ, ତମାଳ ଲତା କୁଞ୍ଜରେ, କଦମ୍ବ ବୃକ୍ଷତଳେ କେଳି ରଚୁଥିଲେ । ତେଣୁ କୃଷ୍ଣଙ୍କ ନାମ ସ୍ମରଣ ମାତ୍ରେ ଚିତ୍ରକରଙ୍କ କଳ୍ପନାକୁ ଏହିସବୁ ବୃକ୍ଷଲତା ଚାଲିଆସନ୍ତି । ଠିକ୍ ସେହିପରି ରାମାୟଣ ପ୍ରସଙ୍ଗ ପଡିଲାବେଳେ ସ୍ୱତଃ ଚିତ୍ରକରର ମନକୁ ଆସେ ପଞ୍ଚବଟୀ ବନ, ଅଶୋକ ବୃକ୍ଷ ତଳେ ବସିଥିବା ପତି ବିରହିଣୀ ସୀତା, ହନୁମାନ ବିଶଲ୍ୟକରଣୀ ଗୁଳ୍ମର ସନ୍ଧାନରେ ଯାଇ ଗନ୍ଧମାର୍ଦ୍ଦନ ପର୍ବତକୁ ହାତରେ ଧରି ଶୂନ୍ୟରେ ଉଡୁଥିବାର ଦୃଶ୍ୟ । ଶ୍ରୀରାମଚନ୍ଦ୍ର ପିତୃସତ୍ୟ ରକ୍ଷା କରିବା ପାଇଁ ଚଉଦ ବର୍ଷ ବନବାସ କରିଥିଲେ ପତ୍ନୀ ସୀତା ଓ ଭ୍ରାତା ଲକ୍ଷ୍ମଣଙ୍କ ସହ । ସୀତାଙ୍କୁ ପଞ୍ଚବଟୀ ବନରୁ ଲଙ୍କାର ରାଜା ରାବଣ ହରଣ କରିନେଲା । ବାନର ରାଜା ସୁଗ୍ରୀବ, ତାଙ୍କର ଅଷ୍ଟମଲ୍ଲ, ଜଟାୟୁ ପକ୍ଷୀ, ସମ୍ପାତି, ମହାବଳୀ ହନୁମାନ ଏହିମାନଙ୍କ ସହାୟତା ନେଇ ରାମଚନ୍ଦ୍ର ରାବଣ ସହ ଯୁଦ୍ଧ କରିଥିଲେ । ଯୁଦ୍ଧ ଶେଷରେ ରାବଣଙ୍କୁ ନିହତ କରି ସେ ସୀତାଙ୍କୁ ଉଦ୍ଧାର କରିଥିଲେ ।

ବନବାସ କାଳରେ ଋଷି ଗୌତମଙ୍କ ପ୍ରସ୍ତରୀଭୂତା ପତ୍ନୀ ଅହଲ୍ୟାଙ୍କୁ ଶାପମୁକ୍ତ କରି ନବଜୀବନ ଦେଇଥିଲେ ପ୍ରଭୁ ଶ୍ରୀରାମ । ବହୁ ରାକ୍ଷସ ଓ ଅସୁରଙ୍କୁ ନିପାତ କରି ଋଷିମାନଙ୍କ ଆଶ୍ରମରେ ଶାନ୍ତି ପ୍ରତିଷ୍ଠା କରିଥିଲେ । ଯେତେ ଅଳ୍ପଶିକ୍ଷିତ ହେଲେ ବି ଚିତ୍ରକର ରାମାୟଣର ଏହିସବୁ ଘଟଣାବଳୀ ସହିତ ପରିଚିତ ଥାଆନ୍ତି । ସେ ଶୁଣିଥାନ୍ତି କବି କଣ୍ଠରେ ସୀତାଙ୍କ ଉକ୍ତି–

'ହେ ବନଗିରି
ହେ ଲତାଗିରି
ମୋ କାନ୍ତ ଗଲେ ମୃଗ ମାରି'

X X X

ଶୁଣିଥାନ୍ତି–

'ଶିଂଶପା ବୃକ୍ଷର ଡାଳେ
ହନୁ ମନେ ମନେ ଭାଳେ
ନିଶ୍ଚୟ ଜାନକୀ ଜନକ ନନ୍ଦିନୀ
ଦେଖିଲଇଁ ବେନି ଡୋଳେ' ।

ତାଙ୍କର ସ୍ମୃତି ଓ ଚେତନାରେ ଥିବା ଦୃଶ୍ୟ ସମୂହ ଉଦ୍‌ଜୀବିତ ହୋଇ ଉଠେ ଚିତ୍ରତୂଳୀରେ । ଜଟାୟୁର ଭାର ସମ୍ପାତିର ଡେଣାରେ ସୁଗ୍ରୀବ, ଅଙ୍ଗଦ, ଜାମ୍ବବାନ୍ ଆଦି ଅଷ୍ଟମଲ୍ଲ ବସି ଆକାଶ ପଥରୁ ଲଙ୍କାପୁର ଦୃଶ୍ୟ ଦେଖିବା, ରାବଣ କଠିନ ତପସ୍ୟା କରି ଶିବଙ୍କଠାରୁ ତ୍ରୈଲୋକ୍ୟ ବିଜୟୀ ହେବାର ବର ଲାଭ କରିବା, କୁଳଗୁରୁ ବଶିଷ୍ଠ, ବାନରସେନା, ବିଶ୍ୱସ୍ତ ଭ୍ରାତା ଓ ଅନୁଗତ ଭକ୍ତ ହନୁମାନଙ୍କ ଗହଣରେ ଶ୍ରୀରାମଙ୍କ ଅଭିଷେକ ବେଳର ଦୃଶ୍ୟ ଆଙ୍କିଲାବେଳେ ସେ ପ୍ରକୃତିକୁ ଆବାହନ କରନ୍ତି, ଆମନ୍ତ୍ରଣ କରନ୍ତି । ଶ୍ରୀରାମଙ୍କ ଅଭିଷେକ ଦୃଶ୍ୟକୁ ସ୍ୱର୍ଗରୁ ଦେବତାମାନେ ଅବଲୋକନ କରି ପୁଷ୍ପବୃଷ୍ଟି କରନ୍ତି । ଏହି ସ୍ୱର୍ଗୀୟ, ଅଲୌକିକ ଦୃଶ୍ୟକୁ ବି ସେ ରାମାଭିଷେକ ଚିତ୍ରରେ ଅନ୍ତର୍ଭୁକ୍ତ କରନ୍ତି ।

ପୁରାଣରେ ବର୍ଣ୍ଣିତ ହୋଇଥିବା ମାତ୍ର ଧରାବକ୍ଷରେ ଦୃଶ୍ୟ ହେଉନଥିବା କେତେକ ବିଚିତ୍ର ପଶୁପକ୍ଷୀଙ୍କ ଚିତ୍ର ଓଡ଼ିଶୀ ପଟ୍ଟଚିତ୍ରରେ ପ୍ରାଧାନ୍ୟ ଲାଭ କରିଛି (ଯଥା– ଅଗଲା ବଗଲା, ଗଣ୍ଡଭୈରବ, କାମଧେନୁ, ମାୟା ମୃଗ)

ବାଘର ମୁଖ, ମୁଣ୍ଡ ଉପରେ ଦୁଇଟି ସିଂଘ, ମୟୂରର ଲାଞ୍ଜ, ପାଟିରେ ହରିଣକୁ ଚାପିଧରି ଉଡୁଥିବା ପକ୍ଷୀ ହେଉଛି ଅଗଲା ବଗଲା ।

ନାରୀର ମୁଖ, ଗାଈର ଅବୟବ ଏବଂ ମୟୂରର ଲାଞ୍ଜ ନେଇ ଯେଉଁ ପଶୁର ରୂପ ଚିତ୍ରକର ଆଙ୍କନ୍ତି, ତା'ର ନାମ କାମଧେନୁ । ସମୁଦ୍ର ମନ୍ଥନରୁ ଉଦ୍‌ଭୂତ ଏହି ପଶୁ ସମସ୍ତ ପାର୍ଥିକ ଇଚ୍ଛା ପୂରଣ କରିଥାନ୍ତି ବୋଲି ଲୋକ ବିଶ୍ୱାସ ରହିଛି ।

ପଟ୍ଟଚିତ୍ରରେ ଦୃଶ୍ୟମାନ ଆଉ ଏକ ବିଚିତ୍ର ପକ୍ଷୀ ହେଉଛି ଗଣ୍ଡଭୈରବ । ଦୁଇଟି ମସ୍ତକ ଓ ଚାରିଟି ପାଦ ଥିବା ଏହି ପକ୍ଷୀ ତା'ର ପକ୍ଷରେ ଚାରିଟି ହାତୀ ବହନ କରିଥାନ୍ତି ।

ରାମାୟଣ ବର୍ଣ୍ଣିତ ମାୟାମୃଗର ଅବୟବ ସ୍ୱର୍ଣ୍ଣାଭ । ଏହାର ଦୁଇଟି ମସ୍ତକ ।

ଏହିଭଳି ଓଡ଼ିଶୀ ପଟ୍ଟଚିତ୍ରରେ ପ୍ରକୃତି ପୂର୍ଣ୍ଣମାତ୍ରାରେ ପ୍ରମୂର୍ତ୍ତ । ଏହା ଚିତ୍ରକରଙ୍କ ସୌନ୍ଦର୍ଯ୍ୟବୋଧକୁ ପ୍ରତିପାଦିତ କରିବା ସଙ୍ଗେ ସଙ୍ଗେ ଦର୍ଶକକୁ ମାନସରୁ ଅତିମାନସ ସ୍ତରକୁ ଏବଂ ଦୃଶ୍ୟ ଜଗତରୁ ଅଦୃଶ୍ୟ ଜଗତକୁ ଘେନିଯାଏ ।

**ସହାୟକ ଗ୍ରନ୍ଥସୂଚୀ:**

Traditional Paintings of odisha- Dr. Dinanath pathy

ସେ ତ ଭକତ ଭାବରେ ବନ୍ଧା– ଶ୍ରୀରାମଚନ୍ଦ୍ର ଦାସମହାପାତ୍ର

ଶ୍ରୀଜଗନ୍ନାଥ ବେଶ ବତିଶ– ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ

ଭାବ ଓ ଭକ୍ତିରେ ଶ୍ରୀଜଗନ୍ନାଥ– ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ଶତପଥୀ

ସଂଗ୍ରହାଧକ୍ଷା
ଓଡ଼ିଶା ରାଜ୍ୟ ସଂଗ୍ରହାଳୟ,
ଭୁବନେଶ୍ୱର–୧୪

❖ ❖ ❖

# ସୂର୍ଯ୍ୟଶିଖା ଓ କବି ବନମାଳି

ସରସ୍ୱତୀ ପାତ୍ର

ଲୋକଲୋଚନର ଅନ୍ତରାଳରେ ବଣମଲ୍ଲୀ ବଣରେ ଫୁଟେ, ପୁଣି ଝରିପଡେ ସେଇ ବଣରେ । ଅନେକେ ତାର ସୁରଭି ପାଇପାରନ୍ତି ନାହିଁ । ସେହି ନ୍ୟାୟରେ ସାହିତ୍ୟ ସରଣୀରେ ଅଗଣିତ କବି, ସାହିତ୍ୟିକ ଓ ଶିଳ୍ପୀଙ୍କ ମଧ୍ୟରୁ ଉପଯୁକ୍ତ ପରିବେଶ, ସୁବିଧା ସୁଯୋଗ ଅଭାବରୁ ଅନେକ ସୃଷ୍ଟି ସମ୍ପଦ ମଧ୍ୟ ରହିଯାଏ ସେମିତି ଅର୍ଦ୍ଧ ବିକଶିତ ହୋଇ । ଏହି ପରିପ୍ରେକ୍ଷୀରେ ବିଚାର କଲେ କବି ସ୍ୱର୍ଗତ ବନମାଳି ସେନାପତି ସେଇ ପ୍ରତିଭାଧରମାନଙ୍କ ମଧ୍ୟରୁ ଜଣେ । ତେଣୁ ତାଙ୍କୁ ଓଡ଼ିଆ ସାହିତ୍ୟର ଜଣେ ନିରବ ସାଧକ କହିଲେ ଅତ୍ୟୁକ୍ତି ହେବ ନାହିଁ । ଦାରିଦ୍ର୍ୟର ଉଗ୍ର ଉତ୍ତାପରେ ପ୍ରତିଭାର ଔଜଲ୍ୟ ତାଙ୍କର ବୈଶିଷ୍ଟ୍ୟ ପ୍ରତିକୂଳ ପରିସ୍ଥିତିରେ ଶିକ୍ଷା ପ୍ରତି ଆଗ୍ରହ ତାଙ୍କୁ ଜନ୍ମମାଟିରୁ ନେଇ ଯାଇଥିଲା କାଳିମାଟିକୁ । ସେଠାରେ ନାନାଦି କୃଚ୍ଛ୍ର ପରିଶ୍ରମରେ ଡାକ୍ତର ହେବାର ସ୍ୱପ୍ନ ନେଇ ଅଷ୍ଟାଙ୍ଗ ଆୟୁର୍ବେଦ ପଢିଥିଲେ ।

କବି ବନମାଳି ସାମ୍ୟବାଦୀ ଆଦର୍ଶରେ ଅନୁପ୍ରାଣିତ । ଦାରିଦ୍ର୍ୟର କଷାଘାତରେ ନିଷ୍ପେସିତ ହୋଇ କବି ଦୀନ ଦୁଃଖୀଙ୍କ ପାଇଁ ତାଙ୍କ କବି ପ୍ରତିଭାକୁ ଉତ୍ସର୍ଗ କରିଛନ୍ତି । ସାମାଜିକ ଓ ଆର୍ଥନୀତିକ ଅସମାନତା ବିରୁଦ୍ଧରେ ପାଗଳ ପ୍ରାୟ ଲେଖନୀର ବର୍ଚ୍ଛା ବିଦ୍ଧ କରିଛନ୍ତି । କବିଙ୍କର ବ୍ୟକ୍ତିଗତ ଜୀବନର ଦାରିଦ୍ର୍ୟ ଲାଞ୍ଛିତ ଅନୁଭବ, କଲିକତାରେ ଛାତ୍ର ଜୀବନ ଅତିବାହିତ କଲାବେଳେ ଦୈନନ୍ଦିନ ଖବରକାଗଜ ବିକିବାଠାରୁ ଆରମ୍ଭ କରି ବିଭିନ୍ନ ବୃତ୍ତିରେ ନିଜକୁ ନିୟୋଜିତ କରିବା ସହିତ ପୀଡିତ ଜୀବନ ପ୍ରତି କବିଙ୍କର ମର୍ମାନୁଭବ ତୀବ୍ର ଓ ଶାଣିତ ହେବାରେ ଲାଗିଥିଲା । ସାମ୍ୟବାଦୀ ଦର୍ଶନର ଗୂଢତତ୍ତ୍ୱକୁ ଅନୁଶୀଳନ କରିବା ବଦଳରେ ନିଗୃହୀତ ଜନତାର ଦୈନନ୍ଦିନ ଦୁଃଖ ଓ ଅଶ୍ରୁ ସହିତ ନିଜର ମର୍ମାନୁଭୂତିକୁ ଏକତ୍ରିତ କରିଛନ୍ତି କବି । ତେଣୁ ସେ ସାଧାରଣ ବ୍ୟକ୍ତିଟିଏ ନୁହେଁ, ବରଂ ବିପ୍ଳବର ବହ୍ନି ଜାଳିଥିବା ଦୀପ ଶିଖାଟିଏ । ଯେଉଁ ଶିଖାର ଔଜଲ୍ୟ ଏବେବି ପୀଡିତ ଜନତା ମନରେ ବିପ୍ଳବର ଉତ୍ତାପ ସୃଷ୍ଟି କରୁଛି । ଅନେକଙ୍କୁ ବାଟ କଢାଇ ନେଇ ଚାଲିଛି ସାମ୍ୟବାଦୀ ଆଦର୍ଶରେ ମୁକ୍ତିର ମଶାଲ ଜାଳିବାକୁ ।

କବିତା ତାଙ୍କର ପ୍ରାଣ ଓ ଜୀବନର ଉଚ୍ଛ୍ୱାସ । କାବ୍ୟର ଅନନ୍ୟ କାରିଗର ସେ । ସେ କେବଳ ଜଣେ ବିପ୍ଳବୀ କବି ନଥିଲେ, ଥିଲେ 'ପ୍ରଭାତ ନଳିନୀ'ର କବି । ଅନେକ କାବ୍ୟଗ୍ରନ୍ଥ ସେ ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ଦାନ କରିଛନ୍ତି । ତାଙ୍କର ପ୍ରତ୍ୟେକଟି କବିତା–ଗ୍ରନ୍ଥ ସମ୍ବନ୍ଧରେ ଆଲୋଚନା କରିବା ଏ କ୍ଷୁଦ୍ର ପ୍ରବନ୍ଧ ମାଧ୍ୟମରେ ସମ୍ଭବ ନୁହେଁ । ତେଣୁ ମୁଁ ମୋର ପ୍ରିୟ ପୁସ୍ତକ 'ସୂର୍ଯ୍ୟଶିଖା' ସମ୍ବନ୍ଧରେ ସମ୍ୟକ୍ ସୂଚନା ପ୍ରଦାନ କରୁଛି ।

୧୯୮୭ ମସିହାରେ ତାଙ୍କର ଗୀତିଗୁଚ୍ଛ ସୂର୍ଯ୍ୟଶିଖା ପ୍ରକାଶିତ ହୋଇଥିଲା । 'ସୂର୍ଯ୍ୟଶିଖା'ରେ ସନ୍ନିବେଶିତ କବିତାଗୁଡିକ ୧୯୫୦ରୁ ୧୯୮୭ ମଧ୍ୟରେ ବିଭିନ୍ନ ସମୟ ଓ ବିଭିନ୍ନ ପରିବେଶ ମଧ୍ୟରେ କବି ରଚନା କରିଛନ୍ତି । ତାଙ୍କର କବିତା ଜୀବନ ଯୁଦ୍ଧ ଭୂମିର ଅସ୍ତ୍ର । ଏହା ସାହାଯ୍ୟରେ ସମାଜରେ ଅନ୍ୟାୟ, ଅତ୍ୟାଚାର ଓ ସାମାଜିକ ରାଜନୈତିକ ତଥା ଆର୍ଥିକ ଶୋଷଣ ବିରୁଦ୍ଧରେ ସେ ଯୁଦ୍ଧଂଦେହି ଡାକରା ଦେଇଛନ୍ତି । ସାଧାରଣ ଜୀବନର ଦୈନନ୍ଦିନ ଅଶ୍ରୁ ଓ ଅଭାବର ଯନ୍ତ୍ରଣାକୁ ଦୂରୀଭୂତ କରିବାକୁ ଶପଥ ନେଇଛନ୍ତି କବି । ଜୀବନର ଅନୁଭବ, ସମାଜ ପ୍ରତି ଦରଦ ହେଉଛି ତାଙ୍କର କାବ୍ୟସ୍ୱର । କବିତା କେବଳ ରାଜା କିମ୍ବା ବାଦ୍‌ଶା'ର ନୁହେଁ, କବିଙ୍କ ମତରେ କବିତା ହେଉଛି–

'ତୁମେ କୋଟି କୋଟି ଜନଗଣର କବିତା
ଦୀପାବଳୀର ଆଲୋକ ତୁମେ ଜାଳିଦେବ,

ମୋର ରକ୍ତ ସେଥିରେ ହେବ ବିନ୍ଦୁ ବିନ୍ଦୁ ତୈଳ
ସେଥିରୁ ଯେଉଁ ପାଂଶୁଳ ଫୁଲ ଝରିପଡିବ
ସେ ହେବ ଜନଗଣର କବିତା
ତୁମେ ହେବ ବିଶ୍ୱ ବନ୍ଦିତା
ଝଡର କବିତା ।'

ବାସ୍ତବିକ୍ କବି ବନମାଳି ହିଁ ତାଙ୍କ କବିତାକୁ ବିପ୍ଳବର ଝଡରେ ଉଷ୍ମ କରି ତୋଳିଛନ୍ତି । ତାଙ୍କ ମତରେ ସମଗ୍ର ପୃଥିବୀଟି ଅରଣ୍ୟ, ଅଗନାଗ୍ନି ବନସ୍ତ ପରି ଦେଖାଦେଇଛି ଆଜି । ସିଂହ ଶାର୍ଦ୍ଦୁଳର ଗର୍ଜନ, ସମାଜର ପ୍ରତିସ୍ତରରେ ଶୋଷଣ ଓ ଲାଭଖୋରୀ । ମତ୍ସ୍ୟରୀ ନ୍ୟାୟ ହିଁ ଶ୍ରେଷ୍ଠ ଆଇନ୍ । ଉଦାସ ଆକାଶରେ ପ୍ରତିବିମ୍ବିତ ହେଉଛି ସାଧାରଣ ମଣିଷର ଛଳଛଳ ଆଖିର ଅସହାୟତା । ମନୁଷ୍ୟର ମନୁଷ୍ୟତା ନାହିଁ । ଚାରିଆଡେ ଉଦ୍‌ଯାନ ବୋମା ଓ କ୍ଷେପଣାସ୍ତ୍ର ଯୁଦ୍ଧର ଦୁନ୍ଦୁଭି ଶୁଭେ । ଚଉଦିଗେ ନରସଂହାର ଓ ବେଞ୍ଜାମିନ୍‌ଙ୍କ ଫାଶିଖୁଣ୍ଟ । ସ୍ୱର୍ଣ୍ଣ ଲଙ୍କାରେ ହିଂସାର ଦାବାନଳ । କାଶ୍ମିରରେ ସନ୍ତ୍ରାସବାଦର ଆତଙ୍କ । ସତେ ଯେପରି ଯୀଶୁ, କୃଷ୍ଣ, ମହମ୍ମଦ, ଚୈତନ୍ୟ ଏବଂ ଶଙ୍କର ଇତ୍ୟାଦି ସମାଜର ରକ୍ଷା ପାଇଁ ଅକ୍ଷମ ତତ୍ପରତା ପ୍ରକାଶ କରି ଥକି ପଡିଛନ୍ତି । ଧର୍ମ ପୁରୋହିତମାନେ କ୍ଷମତାର ସୁବେଦାର ସାଜିଛନ୍ତି । ନିର୍ଯ୍ୟାତିତ ମଣିଷ ହୃଦୟରେ ସୃଷ୍ଟି ହେଉଛି ଆସନ୍ନ ପ୍ରଳୟର ଦାବାନଳ । ଏହିପରି ପୃଥିବୀର ଜନ ଅରଣ୍ୟକୁ ଦେଖି କବି ଭବିଷ୍ୟତବାଣୀ କରିଛନ୍ତି–

'ନୂତନ ପୃଥିବୀ ନୂତନ ମଣିଷ ପାଇଁ
ଚାରଣର କଣ୍ଠେ ହେବ ଉଚ୍ଚାରିତ
କବି କଣ୍ଠେ ହେବ ପ୍ରବାହିତ
ପ୍ରଳୟର ଲାଭା ସ୍ରୋତ
ବିଶ୍ୱଜନ ପାଇଁ ସେ ସଙ୍ଗୀତ
ଆବହ ସଙ୍ଗୀତ
ବଞ୍ଚିବାର ଦାବି ଓ ସ୍ଲୋଗାନ୍
ଅଧିକାର... ଅଧିକାର
ଗୀତସବୁ ସ୍ୱରସବୁ
ବଞ୍ଚିବାର...
ବଞ୍ଚିବାର... ।'

ସେଥିପାଇଁ କବି ପ୍ରକୃତି ଭିତରେ ଅନୁଭବ କରିଛନ୍ତି ଏକ ଆସନ୍ନ ବିପ୍ଳବର ପ୍ରସ୍ତୁତିକୁ । ବିପ୍ଳବୀ କବିର ଚେତନାରେ ପ୍ରକୃତିର ଏହି ନବରୂପାୟନ ପାଠକ ପ୍ରାଣରେ ଉନ୍ମାଦନା ସୃଷ୍ଟି କରିଛି । ତାଙ୍କର 'ହେ ବସନ୍ତ ହେ ଆଷାଢ' କବିତାରେ କବି ବସନ୍ତ ଏବଂ ଆଷାଢର ସୌନ୍ଦର୍ଯ୍ୟରେ ବିସ୍ମିତ ହୋଇ କହିଛନ୍ତି ହେ ଚିର ଯୌବନ ସୁଷମା ମଣ୍ଡିତ, ତୁମେ ଫେରିଆସ ଏହି କ୍ଷୁଧାଗ୍ନି ପ୍ରଜ୍ଜ୍ୱଳିତ ନିଃସହାୟ ପୃଥିବୀକୁ ଅର୍ଥାତ୍ ଦୈନନ୍ଦିନ ଧରିତ୍ରୀକୁ, କାରଣ ତୁମ ବିହୁନେ ଏ ଧରିତ୍ରୀ ହୋଇଛି ଯନ୍ତ୍ରଣା କାତର । ହେ ଚିର ଭାସ୍ୱର, ତୁମେ ହିଁ ଏହି ବେସୁରା ପୃଥିବୀକୁ ସ୍ନିଗ୍ଧ ଶାନ୍ତ, କମନୀୟ ଲାବଣ୍ୟରେ ରଞ୍ଜିତ କର । ଶ୍ରାବଣ ପ୍ରାଚୁର୍ଯ୍ୟର ଋତୁ ଓ ବସନ୍ତ ସୌନ୍ଦର୍ଯ୍ୟର ଭଣ୍ଡାର । ଜୀବନରେ ପ୍ରାଚୁର୍ଯ୍ୟ ଓ ସୌନ୍ଦର୍ଯ୍ୟ ନିମନ୍ତେ ଏହି ଦୁଇ ଋତୁକୁ ଆହ୍ୱାନ କରିଛନ୍ତି କବି । ଜୀବନର ସମୃଦ୍ଧି ପାଇଁ କବି ଏହି ଦୁଇ ଋତୁର ଆଶୀର୍ବାଦ କାମନା କରି କହିଛନ୍ତି–

'ହେ ବସନ୍ତ... ହେ... ଆଷାଢ
ମେଦୁରିତ ଆକାଶରୁ ଝରଝର ଅମୃତ ଝରାଅ
ପୁଷ୍ପିତ ଫଗୁଣ ଆସୁ
ଶସ୍ୟ ଆସୁ ହସି ହସି
ପିନ୍ଧି ସବୁଜିମା ଶାଢୀ ଭରୁ କ୍ଷେତ ଶସ୍ୟର ଚାଙ୍ଗୁଡି
ମୁଁ ଦେଖିବି ବାଟେ ଘାଟେ
କ୍ଷେତେ କ୍ଷେତେ ଶସ୍ୟ ସୁନାଶିରୀ ।'

ଗୋଟିଏ ନୂତନ ଗ୍ରହର କବିତାରେ କବି ସ୍ୱପ୍ନ ଦେଖିଛନ୍ତି ଏକ ଶୋଷଣହୀନ ସାମ୍ୟବାଦୀ ସମାଜର । ଏହି ସ୍ୱପ୍ନକୁ ସାକାର କରିବା ନିମନ୍ତେ ବିପ୍ଳବର ଦୂରୁହ ପଥରେ ମାନସ ପୁତ୍ର 'ଧୂର୍ଜଟି'କୁ ଜନ୍ମ ଦେବା ନିମନ୍ତେ ତାଙ୍କର ପ୍ରଣୟିନୀଙ୍କୁ ଅନୁରୋଧ କରିଛନ୍ତି । ମାଆର ଶୃଙ୍ଖଳା ଥନକୁ ଓଟାରି ସେ ବଞ୍ଚିବାକୁ ଚାହେଁ । ସେ ବଞ୍ଚିଲେ ପେଷଣର ଘନ ବାଦଲ ତିରୋହିତ ହେବ । ଚତୁର୍ଦ୍ଦିଗରେ ସେ ଜାଳିଦେବ ବିପ୍ଳବର ନିଆଁ ଓ ସେ ନିଆଁରେ ପୋଡି ଛାରଖାର ହୋଇଯିବ ସାମନ୍ତବାଦର ସ୍ୱର୍ଣ୍ଣଲଙ୍କା ।

'ଏ ପାଖେ କୁଟୀର ସେ ପାଖେ ମହଲ ନଥିବ ଏପରି ଫରକ
ଦୈନ୍ୟ ଯାତନା ପୋଷଣ ଶୋଷଣ ଅନାହାରମାରୀ ମଡକ ।
ବୃଦ୍ଧ ଅଥବା ଭିକାରୀ ମହତା ନଥିବ ଏପରି ନାଟକ
ଶୁଖିବ ନାହିଁରେ ପୂଜାଫୁଲ ଯେତେ ଅରୁଣ ତରୁଣ ଜାତକ ।
କବି କଳାକାର ଲେଖକ ଶିଳ୍ପୀ ଉଠିବନି ସଖୀ ବିଳପି
ପ୍ରତିଭାର କିଣା ବିକାର ବଜାରେ ଲାଗିବ ସହିରେ କଳଙ୍କ' ।

କବିର ଅଭିପ୍ସା ନୂତନ ବିପ୍ଳବକୁ ଜନ୍ମ ଦେବା । ତା'ପରେ କବିର କର୍ତ୍ତବ୍ୟ ଶେଷ । ବିପ୍ଳବର ଅଗ୍ନିରେ ସବୁ ଅସମାନତା ତା'ପରେ ଆପେ ଆପେ ଶୃଙ୍ଖଳା ପତ୍ର ପରି ପୋଡି ଛାରଖାର

ହୋଇଯିବ । ଏହି ବିଶ୍ୱାସବୋଧରେ ସଂଗ୍ରାମର ଦୁର୍ଗମ ପଥରେ ପାଦଦେଇଛି କବି ।

'ଅଭିଯାନ' କବିତାରେ ଏହି ବିପ୍ଳବୀ ଦର୍ଶନର ମର୍ମକୁ ସରଳ ଭାବରେ ବୁଝାଇ ଦେବାକୁ ଚେଷ୍ଟା କରାଯାଇଛି । ସୁନ୍ଦରୀ ନାରୀ ବା ରାଜ୍ୟ ପାଇଁ କିମ୍ବା ବୈଭବ ବା କରୁଣା କାମନା ନିମନ୍ତେ ଏ ଅଭିଯାନ ଅଭିପ୍ରେତ ନୁହେଁ ।

'ଏ ଅଭିଯାନ ସର୍ବହରାର ବାସ ଓ ଗ୍ରାସ ପାଇଁ
ଫୁଟ୍‌ପାଥ୍ ତଳ ପଥେ ଯାର ଘର
ଯାର ନାହିଁ ଜମି ବାସ ଓ ଗ୍ରାସର
ତାହାରି ପାଇଁ କି କବିର ଆଜି ଏ କଲମର ଅଭିଯାନ ।'

କବି ଦୃଷ୍ଟିରେ ଏହି ଅଭିଯାନ ହେଉଛି ବଞ୍ଚିବାର ଏକମାତ୍ର ରାସ୍ତା । ପୃଥିବୀ, ପାତାଳ, ସାଗର, ଭୂଧର, ଖଣି, କ୍ଷେତ ଓ ଆକାଶ ମଣିଷ ନିମନ୍ତେ ପ୍ରକୃତିର ଦାନ । ଏହାର ସୁସମଞ୍ଜସ ଓ ସାର୍ଥକ ବିନିଯୋଗ ନିମନ୍ତେ ସର୍ବସାଧାରଣଙ୍କୁ ସଚେତନ କରିବା ନିମନ୍ତେ କବିର ଏହି ଅଭିଯାନ ।

କବିଙ୍କର ସମସ୍ତ କବିତାକୁ ପର୍ଯ୍ୟାଲୋଚନା କରିବା ଏଠାରେ ସମ୍ଭବ ନୁହେଁ । କବିଙ୍କର ସମସ୍ତ କବିତା ପ୍ରାୟ ମାର୍କସୀୟ ଚିନ୍ତା ଚେତନାରେ ସମୃଦ୍ଧ । ସମସ୍ତ କବିତା ମାନବବାଦୀ ଏବଂ ନିପୀଡିତ ମଣିଷ ପାଇଁ ପ୍ରତିବାଦର ସ୍ୱର । ସମୟ ସଚେତନ ଓ ମୁକ୍ତିକାମୀ ମଣିଷର ବାର୍ତ୍ତାବହ ଭାବେ ସାରା ବିଶ୍ୱର କୋଟି କୋଟି ମଣିଷର ଦୁଃଖକୁ ଚିତ୍ରଣ କରି ବୈପ୍ଳବିକ ଆହ୍ୱାନ ଜଣାଇଛନ୍ତି । ଜନଗଣକୁ ସଚେତନ କରିବାରେ କୃତ ସଂକଳ୍ପ କବି କଲମକୁ ଅସ୍ତ୍ର ଭାବରେ ବ୍ୟବହାର କରିଛନ୍ତି । ଓଡ଼ିଶାରେ ସର୍ବପ୍ରଥମେ ମାର୍କସବାଦୀ ଚିନ୍ତାଧାରାରେ ଅନୁପ୍ରାଣିତ ଥିଲେ ଭଗବତୀ ପାଣିଗ୍ରାହୀ । ତା'ପରେ ସଚ୍ଚିଦାନନ୍ଦ, ଅନନ୍ତ ପଟ୍ଟନାୟକ, ମନମୋହନ ମିଶ୍ର, ରଘୁନାଥ ଦାସ ପ୍ରମୁଖଙ୍କ ଭୂମିକା ଅନ୍ୟତମ । ଏମାନଙ୍କଠାରେ ରବି ସିଂ, ବ୍ରଜନାଥ ରଥ ଏବଂ କବି ବନମାଳୀ ସେନାପତି ପ୍ରମୁଖ ମାର୍କସୀୟ ଚିନ୍ତାକୁ କବିତା ମାଧ୍ୟମରେ ଉତ୍ସାହିତ କରିଛନ୍ତି । ଏମାନେ ଥିଲେ ସମସାମୟିକ ।

କବି ବନମାଳୀ ସେନାପତିଙ୍କ 'ସୂର୍ଯ୍ୟଶିଖା' ସଂକଳନଟି ପ୍ରଗତିଶୀଳ କବିତାର ମନୋରମ ସୃଷ୍ଟି । ପ୍ରଗତିଶୀଳ କବି କେବଳ ବାସ୍ତବର ଜୟଗାନ କରେ ନାହିଁ । ଅର୍ଥହୀନତା ଦାରିଦ୍ର୍ୟ ଓ ନିଃସହାୟତା ଭିତରେ କବିର ପାଦ ଅଟକି ଯାଏ ନାହିଁ । ସେଠାରେ ବିଶ୍ୱାସ ଓ ପ୍ରେମକୁ ଭିତ୍ତି କରି ସମସ୍ତ ବେଦନା, ବିଫଳତା ଓ ନୈରାଶ୍ୟକୁ ସେ ବିଶ୍ଳେଷଣ କରେ ଓ ବାସ୍ତବବାଦୀ ଦୃଷ୍ଟିରେ ଏ ସମସ୍ତକୁ ଅତିକ୍ରମ କରି ଏକ ସୁସଂହତ ଜୀବନର କାମନା କରେ । କବି ବନମାଳୀଙ୍କର ଏହି ସମୃଦ୍ଧ ଜୀବନର ଅଭିପ୍ସା ହିଁ ତାଙ୍କ କବିତାର ମୂଳଉତ୍ସ ।

ଗବେଷିକା
ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ
ମହାବିଦ୍ୟାଳୟ
ତଖତପୁର, ବାରିପଦା

❖ ❖ ❖

# କରମା ପରବ

**ବେଣୁଧର ଦାସ**

ସବୁଜ ବନାନୀର ଅଗଣିତ ପାହାଡ ମାଳା ମଧ୍ୟରେ ତୃଣଭୂମି ଆଚ୍ଛାଦିତ । ତଳକୁ ତଳ ହୋଇ ଅଙ୍କା ବଙ୍କା ହୋଇ ଆଡି ମଝିରେ ରହିଛି ସବୁଜ ଧାନ କ୍ଷେତ । ଉପର କ୍ଷେତଗୁଡିକରେ ରହିଛି ମକା, ମାଣ୍ଡିଆ, ଜୁଆର ଗଙ୍ଗେଇ, କାନ୍ଦୁଲ, ଗୁନ୍ଦୁଲି, କୋଦୋ, ଗୁଲଚି, ସୁଆଁ ଆଦି ଭଳିକି ଭଳି ଶସ୍ୟବୃକ୍ଷ । ଶ୍ରାବଣ ମାସରେ ଅହରହ ଧାରା ମାଳ ଅଞ୍ଚଳରେ ବୋହୁଛି ଯେ ବୋହୁଛି । ନୀଳ ଆକାଶ ତଳେ କଳା ବାଦଲ ଢେଉ ସଂଘର୍ଷରେ ଚିକ୍ ମିକ୍ ଆଲୋକରେ ଚମକି ଯାଏ ଧରା । ଦୁନ୍ଦୁଭିର ଶବ୍ଦ ପୁରବାସୀଙ୍କ ହିଆ ଦୁଲୁକାଇଦିଏ । ଖପରା କାତିଆର ପେଏଁକାଳୀ, ବେଙ୍ଗୁଲୀର ହୁଳହୁଳି ଶୁଣି ଚାଷୀ ଆତ୍ମହରା ହୁଏ ଓ ଶସ୍ୟରେ ଶ୍ୟାମଳଭରା କ୍ଷେତକୁ ଦେଖି ଆନନ୍ଦରେ ବିହ୍ୱଳିତ ହୋଇଯାଏ ।

ଭୋଦୁଅ ମାସରେ ଗୁନ୍ଦୁଲି ପାଚିଲେ ସଙ୍ଗାରେ ଥୁଆ ମାଦଲ ବାହାରେ, ଆଦିମ ବାସୀଙ୍କ ଉତ୍ସାହ ଉଦ୍ଦିପନାରେ ମନକୁ ମନ ଗୁଣୁଗୁଣୁ ସ୍ୱର ଉଙ୍କିମାରେ । ସଞ୍ଜ ହେଲେ ମାଦଲ ବାଜେ । ନୂଆ ଫସଲକୁ ଦେଖି ଆନନ୍ଦରେ ବିହ୍ୱଳିତ ହୋଇଯାଏ ଚାଷୀ । ସେ ନୂଆ ଫସଲ ଗୁନ୍ଦୁଲିକୁ କାଟି ମୁଣ୍ଡରେ ରଖି ନାଚିନାଚି ଗୀତଗାଇ ଘର ଭିତରକୁ ଆଣେ । ବେସୁରା ରାଗିଣୀ ମନ ମତାଣିଆ ଗୀତ ଗାଇ ଆଦିମ ରମଣୀ ଭୁଲିଯାଏ ଭୋକ ଶୋଷ ହସ ହସ ମୁହଁରେ ଗୁନ୍ଦୁଲିକୁ ଥୋଇ କହେ 'ନୂଆ ଧନ ଆଣିଚିରେ ନୂଆ ଶସ୍ୟ 'ଆଣିଚି, ନୂତନ ସୁଆଦରେ ଘର ମୋର ଭରିଛି' ।

ସଞ୍ଜ ହେଲେ ପ୍ରତ୍ୟେକ ଟୋଲିରେ ମାଦଲର ଝଙ୍କାରରେ ଶିହରଣ ସୃଷ୍ଟି କରେ ନାଚୁଣୀମାନଙ୍କ ପ୍ରାଣରେ । ଯେଉଁ ଯୁଆନ ସ୍ତ୍ରୀ, ଝିଅ, ଅଧାବୟସର ଟୁକେଲମାନେ ହାତରେ ଧରି ସିଲଭର ଖୁରୀ, ବାଉଁଶର ଟମକା, ପାଦରେ ଥାଏ ପଇରୀ । ନାଚୁଣୀମାନେ ମାଦଲର ତାଳେ ତାଳେ ହାତକୁ ହାତ ଛନ୍ଦି, ପାଦକୁ ଆଗପଛ କରି ନାଚନ୍ତି । ଏହି ନାଚର ନାମ ଚଙ୍ଗନା, ଭଙ୍ଗନା, ଲୁଝରୀ, ଡମକଚ ଆଦି ଭଳିକି ଭଳି ନାଚ ।

ଆଦିମ ଅଧିବାସୀମାନଙ୍କର ପର୍ବପର୍ବାଣି ମଧ୍ୟରେ କରମା ପର୍ବ ଏକ ମୁଖ୍ୟ ପରବ । ଏହି ପରବ ଓରାମମାନଙ୍କର କୁଡୁଖ ଭାଷାରେ କହନ୍ତି 'କରମ ଯାନି', ମୁଣ୍ଡାମାନେ ତାଙ୍କ ଭାଷାରେ କହନ୍ତି 'କରମ ଦୁରାଙ୍ଗ'। ଓଡ଼ିଶାର ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳର ଅବିବାହିତ ଝିଅମାନେ ଖୁଦୁରୁକୁଣୀ ବା ତଅପୋଇ ଓଷା ପାଳନ କରନ୍ତି । ସେଇଭଳି ପଶ୍ଚିମାଞ୍ଚଳରେ ଝିଅମାନେ ଭାଇ ଜିଉନ୍ତିଆ ଦୁର୍ଗାପୂଜା ଅଷ୍ଟମୀ ତିଥିରେ ପାଳନ କରନ୍ତି । ଠିକ୍ ସେଇପରି ଛୋଟନାଗପୁର ଅଞ୍ଚଳର ଆଦିମ ଅଧିବାସୀମାନଙ୍କର ଝିଅ ଓ ପ୍ରଥମ ବର୍ଷର ବିବାହିତ ଝିଅମାନେ ଏହି ପର୍ବକୁ ପାଳନ କରୁଥିବାର ଦେଖାଯାଏ ।

ଆଦିମ ରମଣୀ ସୁଠାମ, ସୁନ୍ଦର, ହସ ହସ ବଦନ, ମମତାମୟୀ, ପ୍ରେମମୟୀ, ଅତିଥି ପରାୟଣା, କର୍ମନିପୁଣା, ସଙ୍ଗୀତ ମୁଖରା, ନୃତ୍ୟରତା ଓ ଧରିତ୍ରୀ ଭଳି ସର୍ବ ସହିଷ୍ଣୁ । ତା'ର ଜୀବନରେ ଯେତେ ଦାଉ ଧକା ଆସେ ଏବଂ ଯାଏ କିନ୍ତୁ ସେ ଆତ୍ମହରା ହୁଏନି କି ଡରି ଯାଏନି । ହୃଦୟକୁ ଦମ୍ଭ ଧରି ଏଡାଇ ଯାଏ ଝଡ ଆଉ ଝଞ୍ଜା । ଆବିଳତା ମଧ୍ୟରେ ନିଜକୁ ସାମିଲ ନକରି ହସ ହସ ମୁହଁରେ ଦୁଃଖକୁ ସୁଖ ମଣି ଗଭାରେ ଖୋସି ଦିଏ ନାନା ଜାତିର ରଙ୍ଗ ବେରଙ୍ଗର ଫୁଲ ଓ ମୁଣ୍ଡରେ ଜଙ୍ଗଲି ଗଛର ପତ୍ରରେ ଟୋପି କରି ନାନା ଜାତିର ପରକୁ ଖଞ୍ଜି ଦେଇଥାଏ ।

ଭାଦ୍ରବ ମାସ ଶୁକ୍ଳ ପକ୍ଷ ଏକାଦଶୀ ଦିନ ପ୍ରତ୍ୟେକ ବର୍ଷ କର୍ମା ପର୍ବକୁ ମହା ସମାରୋହରେ ଝିଅ ବୋହୂମାନେ ପାଳନ କରିଥାନ୍ତି । ପାହାଣ (ପୂଜକ) କେବଳ ବେଳ ଥାଉଁ ଥାଉଁ କରମ ଗଛର ଡାଳକୁ ମୁଣ୍ଡରେ ଥୋଇ ଗ୍ରାମର ମୁଖିଆ ବା ସର୍ଦ୍ଦାର ଘର

ଅଗଣାରେ ଥୋଇ ଦିଏ । ପୂର୍ବ ଦିନରୁ ସର୍ଦ୍ଦାର ବା ମୁଖିଆଙ୍କ ଘର ଅଗଣାରେ ନଅଗୋଟି ଖୁଣ୍ଟପୋତି ଛାମୁଣ୍ଡିଆ ପ୍ରସ୍ତୁତ ହୋଇଥାଏ । ଛାମୁଣ୍ଡିଆର ମଝିଖୁଣ୍ଟ ମୂଳରେ ସରନା ଡାଳକୁ ରଖି ପାହାନ ପୂଜା ନିମନ୍ତେ ପ୍ରସ୍ତୁତ ହୁଏ । ଗୀତ ମାଧ୍ୟମରେ କର୍ମା ପର୍ବର ପୂଜା ସାମଗ୍ରୀ ଆବଶ୍ୟକ ବୋଲି ପାହାଣ ସୂଚାଇଦିଏ । ମୁଣ୍ଡାମାନଙ୍କ ଗୀତହେଲା–

‘କରମ ଦୁରଙ୍ଗଲେ ନେକାକୋ ଦୁରଙ୍ଗ ନେଆ
ଅକଇଁତିଂ ପାହାଡ କୋ କରମ ଦାରୁକା ଇଦିଆ
କୋତାରେ କରମ ବିଡୋଗା
ଅକୟ ଓଡାରେ ବିଡୋଗା
ଆଦାଆ ଡୋଙ୍ଗଙ୍ଗି କରମ ଦାରୁକୋ ଇଦିଆ
ଏନ୍ତାରେ ସେରନିକୋ ଆସି ଆହଲିଂ କଟି ବଡଂ
ହଲଂ ଆସିଆ ପୂଜାଲାଗିନ୍ ତେ...
ଏନେତେ ମିବତଲ ଫୁଲିଆରବି ଆଣ୍ଡକେୟା
ନେତେ ଦୁଅନ, ସିନ୍ଦୁରି, ଆର ଘିଉ
ଆଉ ସିଙ୍ଗଲା ଖପର ରେ....
କରମ ବିଡିନି ପାହାଣକେ ସାକୁଓ୍ୱୟା
ନେଗତ ପାହାଣକେ ପୂଜାଓ୍ୱା
ମି. ବତଲ ଆରବି ମଣ୍ଡାଓ୍ୱାୟ
ଏନେତେ ପୂଜା ଲାଗିଲେ ଦୁବାୟ
ଏନେତେ ପୂଜା କେତେ ହଲଂକୋ
ସାଂଲୋକ ଅତେ ଆର କିଲୋତେ ଚାକଣାୟା ।

ଏଠାରେ ଓଡ଼ିଆରେ ବାଖ୍ୟା କରାଯାଇଛି– ବେଳବୁଡା ମାଛି ଅନ୍ଧାର ସମୟରେ ପାହାଣ ଓ (ତାଙ୍କ ସଙ୍ଗରେ ସାହାଯ୍ୟକାରୀଙ୍କୁ ମହନ୍ତ ବୋଲି କହନ୍ତି) ମହନ୍ତମାନଙ୍କୁ ସଙ୍ଗରେ ନେଇ କରମ ଗଛର ଡାଳକୁ କାଟିଆଣି ଗୋଧୂଳି ଲଗନରେ କରମ ଡାଳକୁ ପୋତାଯାଏ । ସର୍ଦ୍ଦାରଙ୍କ ଅଗଣାରେ କରମ ଡାଳ ପୋତାହେବ ନା ଅନ୍ୟ କାହା ଘରେ ଗାଡା ହେବ ? ଓଝାଇତମାନଙ୍କୁ ପାହାଣ ପଚାରି ଗାଡିଦିଏ । ଏହି ପୂଜା ନିମନ୍ତେ ଗୋଟିଏ ବୋତଲ ଦାରୁ, ଅରୁଆ ଚାଉଳ, ସିନ୍ଦୂର, ଝୁଣା, ଧୂପ, ପିଠାପଣା ଆଦି ଲାଗିଥାଏ । ପୂଜା ସମାପ୍ତି ପରେ ପାହାଣ ତା ଘରକୁ ଚାଲିଯାଏ ।

ପୂଜା ଶେଷ ହେବା ପରେ ସେହି ଗ୍ରାମର ଝିଅ, ବୋହୂ ଆଦି ମିଶି ଗୀତ ଗାଆନ୍ତି । ଆଜିକାଲି ଛୋଟନାଗପୁର ଅଞ୍ଚଳରେ ବିଭିନ୍ନ ସମ୍ପ୍ରଦାୟର ଝିଅ ବୋହୂମାନେ ମିଶି କର୍ମାପର୍ବ ପାଳନ କରୁଥିବାର ଦୃଷ୍ଟାନ୍ତ ଦେଖିବାକୁ ମିଳେ । ପୂର୍ବ କାଳରେ କେବଳ କର୍ମାପର୍ବକୁ ଓରାମ ସମ୍ପ୍ରଦାୟର ଝିଅ ବୋହୂମାନେ ପାଳନ କରିବାର କିମ୍ବଦନ୍ତୀ ଅଛି । ପରବର୍ତ୍ତୀ ସମୟରେ ଆଦିବାସୀମାନେ କର୍ମାପର୍ବ ନିଜ ନିଜ ସମ୍ପ୍ରଦାୟ ମଧ୍ୟରେ ପାଳନ କରିବାର ଦୃଷ୍ଟାନ୍ତ ମିଳେ ।

ସାମ୍ପ୍ରତିକ ସମୟରେ ଓଡ଼ିଶା, ଝାଡଖଣ୍ଡ, ବିହାର, ଛତିଶଗଡ ଆଦି ରାଜ୍ୟରେ କର୍ମାପର୍ବକୁ ବିଭିନ୍ନ ଜାତିର ମୁଖ୍ୟ ପର୍ବ ରୂପେ ପାଳିତ ହେଉଅଛି । ଏହି ଛୋଟନାଗପୁର ଅଞ୍ଚଳରେ ମୁଖ୍ୟତଃ ସାଦ୍ରିଭାଷା ପ୍ରଚଳିତ ହେଉଅଛି । ଏହି ଭାଷାର ଲିଖିତ ନଥିଲେ ହେ କଥିତ ଭାଷା ରୂପେ ସର୍ବଜନ ପ୍ରଚଳିତ ।

ଏଠାରେ ସାଦ୍ରି ଭାଷାର ଗୀତ ଉଲ୍ଲେଖ କରାଗଲା–

‘ସାତ ବାହିଆ ବାହାଇନ
ସାତକରମ ଗାଡେଲ
ସାତ ଗୋତନି ସେବା କରେନ
ଧରତି ଭାରତ ନାମି
କୈସନ ସୁନ୍ଦର ସରଗ ସମାନ ।
କରମ ଗାଡାଲେ ମାଝେ ଖୋଏର
ବଡ ଦୂରରେ ଆଖୋ ଡାଚୋଲାଲେ
ମାଝେ ଆଙ୍ଗନା ମେ ।

ଓରାମ ସମ୍ପ୍ରଦାୟର ଲୋକେ କୁଡୁଖ ଭାଷାରେ କଥୋପକଥନ କରନ୍ତି । ଏହି ଭାଷାର ସ୍କ୍ରିପ୍ଟ ଉଦ୍ଭାବନ ହୋଇନାହିଁ । କେବଳ ବୋଲି ମାଧ୍ୟମରେ କଥା ହୁଅନ୍ତି । ଜର୍ଜ୍ଜଲାକରା କୁଡୁଖ ଭାଷାରେ ସ୍କ୍ରିପ୍ଟ ଉଦ୍‌ଭାବନ କରିଛନ୍ତି ତାହା ବହୁଳ ଭାବେ ପ୍ରଶାର ଲାଭ କରିପାରି ନାହିଁ । କେବଳ କେତେକ ଗବେଷକଙ୍କ ମଧ୍ୟରେ ସିମିତ ହୋଇ ରହିଛି । ଆଗାମୀ କିଛି ମାସ ମଧ୍ୟରେ ତା'ର ଯୁକ୍ତାକ୍ଷର, ଶବ୍ଦ ସଂଯୋଜନା ଆଦି ପ୍ରସ୍ତୁତ କରିବାରେ ଲାଗିଛନ୍ତି । କୁଡୁଖ ଗୀତକୁ ଏଠାରେ ଓଡ଼ିଆ ଅକ୍ଷରରେ ଲେଖି ପାଠକଙ୍କ ଅବଗତି ନିମନ୍ତେ ପେସକଲି । କୁଡୁଖ ଗୀତ–

‘ହାଇରେ ସୋନା ହୋରୋ ମୋର ପାଦାନୁ
ଝାଇଁ ଝୁମାଦର ଖାଖରକା ଲାଗି
ନାହ୍ମାଇଁ ପଦାସୁନା ମାଞ୍ଜା
ଧାରମନ ଆମକେ ଦିମ ଆମ୍ବା
କରମ ଆମ୍‌କେ ଦିମ୍ ଆମ୍ବା ।

ଓଡ଼ିଆର ଅର୍ଥ– ସବୁ ଗ୍ରାମରେ ମାଦଳ ଝଙ୍କାର ଶୁଭୁଛି କିନ୍ତୁ ଆମ ଗ୍ରାମରେ ତାହା ଶୁଭୁନାହିଁ କାହିଁକି ? କାହିଁକିନା ଏଇ ଗାଁର ଦୁଃଖ ପଡିଗଲା ଯେ କାହିଁ କରମ ନା ଧରମ ?

କୁଡୁଖ ଗୀତ–'ଲଢେଇ ମାନୋ ଝାଗଡା ମାନୋ
କରମ ଆମକେ ଦିମ ଆମ୍ଭା
ଧରମ ଆମକେ ଦିମ ଆମ୍ଭା ।

ଓଡ଼ିଆ ଅର୍ଥ– ନିଜ ନିଜ ମଧ୍ୟରେ ଲଢେଇ ଝଗଡା କର ନାହିଁ ହେଲେ ବି କରମ ଧରମକୁ ମାନିନିଅ ।

ପାହାଣ ପୂଜା କରିବା ସମୟରେ ଓଷାଇତମାନେ ସାଦ୍ରି ଭାଷାର ଗୀତ ଗାଇଛନ୍ତି–

ନନ୍ଦନ ବନସେ ଲାନଲି କରମା ଲାନଲି
ରେ ସର୍ଜନାକର ଅଙ୍ଗନାମେ ଲନ୍‌ଲି
ନନ୍ଦନ ବନ୍‌ସେ ଲାନ୍‌ଲି କରମା ଗାଢଲି
ରେ ସର୍ଜନା କର ଅଙ୍ଗନାମେ ଗାଢଲି
ଲାନିଲୁ ନିଏକର ଭେଲିସା ମାତୁଲ ଚାଲାଯାହୁ
ରେ ସର୍ଜନାକର ଭେଲିସା ମାତୁଆଲ ଚାଲାଯାହୁ ।

ସାଧାରଣତଃ ଝିଅବୋହୂମାନେ ଅଧିକ ସଂଖ୍ୟାରେ କରମା ପୂଜା କରୁଥିବାର ଦେଖାଯାଏ । ସେମାନେ କହନ୍ତି 'ଆପନା କରମ ଭାୟାକା ଧରମ' ସେମାନେ ଦିନସାରା ଉପବାସ ରହି କେବଳ ତୃଷା ମେଣ୍ଟାଇବା ପାଇଁ ଝରଣାର ଜଳଆଣି ପିଇଥାନ୍ତି । ଝିଅମାନେ ମା ପାଖରେ ଅଳିକରି କହନ୍ତି– (ସାଦ୍ରିରଗୀତ)

'କିନ୍ ଦେଗେ ଆୟୋ ଲାଲ ରଙ୍ଗର ତୁରୀ ବିନଲି ନାଚୁ
ଆଖେଲେ ମା ମୁଁ ଲାଲ ରଙ୍ଗର ଶଙ୍ଖ ବଲା ଖେଲେ ଯାମୁଁ ।

ମା ଅଲିଅଳି ଝିଅକୁ ବୁଝାଏ–

ପାଏଁର କର ପାଇଝଲ ବନୁଆଲେ ମୟାଁ
ବନୁଆଲେ ଚୁପେ ଚୁପ୍
କିଖୋ ନା ବତାବେ ମୟାଁ
ରହବେ ଚୁପେ ଚୁପ୍ ।

**କର୍ମା ପର୍ବର ବିବରଣୀ**

ଭାଦ୍ରବ ମାସ ଶୁକ୍ଳପକ୍ଷୀ ଦ୍ୱାଦଶୀ ଦିନ ବଡିଭୋରୁ କରମ ଡାଳ ଓ ପୂଜା ସାମଗ୍ରୀ ଧରି ନଦୀ ଜଳରେ ଭସାଇ ଦେବା ନିମନ୍ତେ ନେଇଯାନ୍ତି ଏବଂ ନାଚି ନାଚି ଗୀତ ଗାଇ କଳସକୁ ନେଇ ନଦୀ ଜଳରେ ଭସାଇ ଦିଅନ୍ତି । ନଦୀ ଜଳରେ ସ୍ନାନ ଶେଷ କରି ଘରକୁ ଫେରି ଓଷାଇତମାନେ ପୂଜା କରିଥିବା ଫଳ, ମୂଳ ଏବଂ ପିଠା ଆଦି ଭୋଗ ସେବନ କରନ୍ତି । ଗ୍ରାମର ଥିବା ପଡୋଶୀ ମଧ୍ୟରେ ଭୋଗ ଡାଲା ସଜାଡି ବିତରଣ କରନ୍ତି ଏବଂ ଘରକୁ ଘର ବୁଲି କହନ୍ତି 'ଆପନା କରମ ଭାୟାକା ଧରମ' ।

ଅଧୁନା କର୍ମାପର୍ବକୁ ଉଚ୍ଚବର୍ଗର ଝିଅମାନେ ପୂଜା ଅର୍ଚ୍ଚନା କରୁଥିବାର ଦେଖାଯାଏ । କେବଳ ଆଦିମବାସୀମାନଙ୍କର ପାହାଣ ପୂଜା କରେ ଅନ୍ୟ ବର୍ଗର ପରିବାରରେ ବ୍ରାହ୍ମଣ ଆସି ପୂଜା କରେ ଏବଂ ସେ ସତ୍ୟ ଯୁଗର କଥା ବସ୍ତୁକୁ କଥାଣି ମାଧ୍ୟମରେ ଉପସ୍ଥାପିତ କରେ । ଆଦିବାସୀମାନେ ଆଦିମ ପରମ୍ପରା ଅନୁଯାୟୀ ପାହାଣକୁ ଡାକି ଗ୍ରାମ ମୁଖିଆଙ୍କ ମଝି ଅଗଣାରେ କର୍ମାଡାଳ ପୋତାହୁଏ, ତାର ଚାରି ପାଖରେ ମଣ୍ଡପ ଆଚ୍ଛାଦନ କରି ନାନା ରଙ୍ଗର କାଗଜ ଫୁଲକାଟି ମଣ୍ଡପକୁ ସଜାଇ ଦିଅନ୍ତି । ଓଷାଇତମାନେ କଥାଣି ଶୁଣନ୍ତି ଓ ଗ୍ରାମର ଆବାଳ ବୃଦ୍ଧ ବନିତା ଏକ ଧ୍ୟାନ, ଏକ ଲୟରେ ବସି ଶୁଣନ୍ତି ।

ପୁରାତନ ଯୁଗର କଥା । ଗଙ୍ଗାନଦୀ ଜଳରେ ପୂଜା ସମାପ୍ତି ପରେ କରମା ଡାଳକୁ ଭାସାଉଥିବା ସମୟରେ ସାହୁକାରଙ୍କ ବଡପୁତ୍ରଙ୍କ ଗୋଡ ନଦୀ ଅତଡାରେ ଖସି ଯିବାରୁ ପ୍ରଖର ସ୍ରୋତରେ ଭାସି ଭାସି ଦୂରରୁ ଦୂରକୁ ଚାଲିଗଲା । ଭାଗ୍ୟର ବିଡମ୍ବନା ହେତୁ ସାହୁକାରଙ୍କ ଅମାପ ଧନ ସମ୍ପତ୍ତି ଧୀରେ ଧୀରେ କ୍ଷିଣ ହେବାକୁ ଲାଗିଲା । ସାହୁକାରଙ୍କ ସାତପୁତ୍ର ମଧ୍ୟରେ ଏକମାତ୍ର ଝିଅ । ବଡପୁତ୍ର ଚାଲିଯିବା ପରେ ସାନ ପୁତ୍ର ବ୍ୟତୀତ ଅନ୍ୟ ପାଞ୍ଚପୁତ୍ରଙ୍କୁ ଜରାରୋଗ ମାଡିଆସିଲା । ସାନ ପୁଅ ଓ ସାନ ଭଉଣୀ ଉଭୟେ ନିଜ କର୍ମକୁ ଆଦରି କିଛି ଦିନ ପରେ ବଡଭାଇକୁ ଖୋଜିବାକୁ ବାହାରିଲେ । ବାଟରେ ଯାଉ ଯାଉ ଭଉଣୀକୁ ଶୋଷ ଲାଗିଲା । ଘଞ୍ଚ ଜଙ୍ଗଲରେ ପୁଷ୍କରିଣୀଟିଏ ଦେଖି ତୃଷା ମେଣ୍ଟାଇବା ପାଇଁ ତା' କୂଳରେ ଉପନିତ ହେଲେ । ପୁଷ୍କରିଣୀ କହିଲା ମୋ ବକ୍ଷରେ ଜଳଅଛି କିନ୍ତୁ ତୁମ୍ଭମାନଙ୍କ କରମ ବଳରୁ ମୋର ପାଣି ଦୂଷିତ ହୋଇଗଲା । ତୁମେ କରମ ରାଜା ପାଖକୁ ଯାଅ ମୋର ଦୁଃଖ ବି ଜଣାଇବ ।

କିଛି ଦୂର ଯିବା ପରେ ଦେଖିଲେ ଡିମ୍ବିରି ଗଛରେ ପାଚିଲା ଫଳ ଝୁଲୁଛି । ତା ପାଖକୁ ଯାଇ ଦେଖନ୍ତି ଫଳ ଭିତରେ ପୋକଗୁଡିକ ସାଲୁବାଲୁ ହେଉଛନ୍ତି । ଗଛ କହିଲା ମୋର କରମ ଫଳ ମୁଁ ଭୋଗ କରୁଛି । ତୁମେ କରମ ଦେବତାଙ୍କ ପାଖକୁ ଯାଉଛ ମୋ ଦୁଃଖର କାହାଣୀ କରମ ରାଜାଙ୍କୁ ଶୁଣାଇ ଦେବ ।

ଆଗକୁ ଯାଉ ଯାଉ ଗୋଟିଏ କେଉଟ ଘର ପଡିଲା । ଘର ମାଲିକକୁ ଚୁଡା ମାଗିବାରୁ ଘରର ମୁରବି କହିଲା ମୋର କରମ ଦୋସରୁ ମୋ ଛାତିରେ ଢିଙ୍କି ପାହାର ପଡୁଛି ଚୁଡାଦେବି କଣ ? ତୁମେ କରମ ରାଜାଙ୍କୁ ମୋର ଯନ୍ତ୍ରଣା ଭୋଗ କରୁଥିବା କଥା କହିବ ।

ଆଗକୁ ଯାଉ ଯାଉ ଦେଖିଲେ ଗାଈ ପହ୍ନାର କ୍ଷୀର ଭରପୂର କିନ୍ତୁ ତା'ର ଛୁଆକୁ କ୍ଷୀର ପିଇବା ପାଇଁ ଦେଉନାହିଁ । ଗାଈ କହିଲା ହେ ପଥଚାରୀ କରମ ରାଜାଙ୍କୁ ମୋ ଦୁଃଖ କଥା କହିବ ଯେ ଛୁଆ ଜନ୍ମ ପରେ କ୍ଷୀର ବାହାରୁ ନାହିଁ ।

ଆଗରେ ଦେଖିଲେ ଅନେକ ଘୋଡା ବୁଲୁଛନ୍ତି । ଅନା ବୃଷ୍ଟି ହେତୁ ଏଇ ଜଙ୍ଗଲରେ ଘାସ କଅଁଳୁ ନାହିଁ । ଘୋଡାମାନଙ୍କର ଖାଦ୍ୟ ବିନା ଶରୀର କ୍ଷିଣ ହେବାରେ ଲାଗିଛି, ଚାଲିବାର ଶକ୍ତି ନାହିଁ । ଭାଇ ଓ ଭଉଣୀଙ୍କୁ ଦେଖି ଘୋଡାମାନେ କହିଲେ ତୁମେ କରମ ରାଜାଙ୍କ ପାଖକୁ ଯାଉଛ ହେଲେ ଆମର ଗୁହାରୀ ତାଙ୍କ କାନରେ ପକାଇଦେବ ।

ଗଙ୍ଗାନଦୀ କୂଳରେ ଯାଇ ଭାଇଭଉଣୀ ପହଞ୍ଚିଲେ । ନଦୀର ଜଳ କୂଳ ଲିଘିଛି । ପାରିହେବା ପାଇଁ କୁ ନାହିଁ । ନଦୀ ପାରହେଲେ ଯାଇ କରମ ରାଜାଙ୍କୁ ଦେଖାକରିବେ । ଆରପାଖେ ଥିବା ମଗର ଉଭୟଙ୍କୁ ଦେଖି ଜଳକୁ ଦୁଇଭାଗ କରି ଛୁଟି ଆସିଲା ଏ କୂଳକୁ ଏବଂ କହିଲା ହେ କରମହୀନ ପଥିକ ! ତୁମେ ଦୁହେଁ କେଉଁଆଡେ ଯାଉଛ ? ଉତ୍ତରଦେଲେ 'ଆମେ କରମ ରାଜାଙ୍କୁ ଖୋଜି ବୁଲୁଛୁ, ତୁମେ ଆମ ଦୁହିଁଙ୍କୁ ଏହି ନଦୀ ପାରିକରି ଦେବକି ? ମଗର କହିଲା ମୋ ପିଠିରେ କୁଜ ଅଛି ଯେ ମୁଁ ମୋର କରମ ଫଳ ଭୋଗ କରୁଛି । ଆଚ୍ଛା ଆସ ମୋ ପିଠିରେ ବସ ମୁଁ ନଦୀ ପାର କରିଦେବି । ଉଭୟ ମଗର ପିଠିରେ ବସିବାରୁ ମଗର ନଦୀପାର କରିଦେଲା । କୂଳରେ ପହଞ୍ଚିବାରୁ ମଗର କହିଲା ହେ ପଥିକ ! ତୁମେ କରମ ରାଜାଙ୍କୁ ମୋ ଦୁଃଖ କଥା କହିବ ।

ଦିନ ଯାଇ ସଞ୍ଜ ହେଲା । ହିଂସ୍ର ଜନ୍ତୁଙ୍କ ରଡିରେ ବନଭୂଇଁ କମ୍ପି ଉଠୁଥାଏ । ଭାଇ ଭଉଣୀ ପଥରେ କ୍ଲାନ୍ତହୋଇ କରମ ଗଛମୂଳରେ ଆଶ୍ରୟ ନେଲେ ଏବଂ କରମ ରାଜାଙ୍କୁ ସ୍ତୁତିକଲେ 'ହେ କରମ ରାଜା କେଉଁଠି ଅଛ ଦେଖାଦିଅ ! ବାରବର୍ଷ ହୋଇଗଲା ଆମକୁ ଦୁଃଖ ଦେଇ ଚାଲିଛ ଆଉ କେତେଦିନ ଏପରି ଦହଗଞ୍ଜ କରିବ ଠାକୁରେ ? ବଡଭାଇଙ୍କୁ ନେଇ କେଉଁଠି ରଖିଛ ପ୍ରଭୁ ! ତାଙ୍କୁ ଫେରାଇ ଦିଅ ଠାକୁରେ ତାଙ୍କୁ ଫେରାଇ ଦିଅ ! ଆମର ଦୁଃଖ ତୁମକୁ ଦେଖାଯାଉନି ନା କରୁଣ ଚିତ୍କାର ତୁମର କାନରେ ପଡୁନି ପ୍ରଭୁ ।' କରମ ରାଜାଙ୍କୁ ସ୍ମରଣ କରି କରମ ଗଛ ମୂଳରେ ଚେତାଶୂନ୍ୟ ହୋଇ ଲୋଟି ପଡିଲେ । ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ କରମ ରାଜା ବିପଦରୁ ମୁକ୍ତ କଲେ ଏବଂ ବଡଭାଇଙ୍କୁ ସ୍ୱପ୍ନରେ ନିଜ ଘର, ପରିବାର ଓ ବନ୍ଧୁବାନ୍ଧବଙ୍କ କଥା ମନେ ପକାଇ ଫେରିବାକୁ ନିର୍ଦ୍ଦେଶ ଦେଲେ ।

ସକାଳ ହେଲା, ସୂର୍ଯ୍ୟ ଦେବତା ପୂର୍ବ ଦିଗରେ ଉଭା ହେଲେ । ବଡଭାଇର ମନ ଅସ୍ଥିର ହେବାରୁ ସେ ସେଇବାଟ ଦେଇ ଘରକୁ ଫେରୁଥାଏ, ଦେଖିଲା ଯେ ଅଗ୍ନାଅଗ୍ନି ବନସ୍ତରେ ଦୁଇଟି ମଣିଷ କରମ ଗଛ ମୂଳରେ ଚେତାଶୂନ୍ୟ ହୋଇ ଶୋଇଛନ୍ତି । ପାଖକୁ ଯାଇ ଦେଖନ୍ତି ତାଙ୍କର ରକ୍ତ ସମ୍ପର୍କ ଭାଇ ଓ ଭଉଣୀ, ମନରେ ଦୁଃଖ ଓ ଯନ୍ତ୍ରଣା ଭରିଗଲା । ଆଖିରୁ ଲୁହ ପୋଛି ନଦୀରୁ ଜଳଆଣି ଉଭୟଙ୍କ ମୁହଁରେ ସିଞ୍ଚନ କରିବାରୁ ଭାଇଭଉଣୀ ଉଠିବସିଲେ ଏବଂ ବଡଭାଇକୁ ଚିହ୍ନି କୋଳାକୋଳି ହେଲେ ଓ ଦୁଃଖ କଥା କହି ଆନନ୍ଦରେ ଘରକୁ ଫେରିଲେ ।

ଯିବା ବାଟରେ ଯେଉଁମାନଙ୍କ ସହିତ ଦେଖା ହୋଇଥିଲା, ସେମାନଙ୍କ ଦୁଃଖ ଓ ଯନ୍ତ୍ରଣାକୁ ଲାଘବ କରିବା ପାଇଁ କରମ ରାଜାଙ୍କୁ ପ୍ରାର୍ଥନା ମାଧ୍ୟମରେ ଜଣାଇ ଥିଲେ । ବଡଭାଇର ପରଶ ପାଇ ଉପରୋକ୍ତ ଦୁଃଖି ଦୁଃଖରୁ ମୁକ୍ତ ହେଲେ । ଫେରିବା ବାଟରେ ସେମାନେ ତିନିଜଣଙ୍କୁ ପାଇ ସତ୍କାର କଲେ ଓ ସମ୍ମାନର ସହିତ ବିଦାୟ ଦେଲେ ।

ଭାଦ୍ରବ ମାସ ଶୁକ୍ଳପକ୍ଷ ଏକାଦଶୀ ହୋଇଥିବାରୁ ଘରକୁ ଫେରି ବଡ ଧୁମଧାମରେ କରମ ରାଜାଙ୍କୁ ପୂଜାର୍ଚ୍ଚନା କଲେ । ବଡ ଭାଇ ଆଣିଥିବା ଧନରତ୍ନରେ ଘରଟି ହସି ଉଠିଲା । ଏହି ପୂଜାକୁ ଛୋଟନାଗପୁର ଅଞ୍ଚଳରେ ବିଭିନ୍ନ ସମ୍ପ୍ରଦାୟର ଝିଅ ବୋହୂ ଓ ସ୍ତ୍ରୀ ଲୋକମାନେ କରମ ରାଜାଙ୍କୁ ପୂଜା ଓ ଆରାଧନା କଲେ ଗୃହର ଧନ, ଜନ ଗୋପ, ଲକ୍ଷ୍ମୀ ବୃଦ୍ଧି ହୋଇଥାଏ । ଆପଦ ବିପଦରୁ ମଧ୍ୟ ରକ୍ଷା ମିଳିଥାଏ ।

ପୌରାଣିକ ଯୁଗରୁ ପ୍ରଚଳିତ ପ୍ରଥାକୁ ଅଦ୍ୟାବଧି ଏହି ପର୍ବକୁ ପାଳନ କରାଯାଇ ଆସୁଛି । ଆଧୁନିକ ବା ଜଗତିକରଣ ଯୁଗରେ ପଦାର୍ପଣ କରିଥିଲେ ମଧ୍ୟ ଅତୀତ ସ୍ମୃତିକୁ ମନେ ପକାଇ ଆଦିବାସୀ ଅଞ୍ଚଳରେ ଆଜିବି ପାହାଣ ଏବଂ ଉଚ୍ଚବର୍ଗର ଲୋକେ ବ୍ରାହ୍ମଣ ଡକାଇ ମନ୍ତ୍ର ପାଠକରି ପୋଥିପଢି କରମ ରାଜାଙ୍କ କାହାଣୀ ଶୁଣାଇ ଓଷାଇତମାନେ ଉପବାସ ରହି ରାତିସାରା ଅନିଦ୍ରା ରହି ଭଜନ କୀର୍ତ୍ତନରେ ନିମଜ୍ଜିତ ରହନ୍ତି । ସକାଳୁ କରମ ଡାଳକୁ ନଦୀ ବା ପୋଖରୀ ବା ଝରଣାରେ ବିସର୍ଜନ କରି ସ୍ନାନାନ୍ତେ ଭୋଗ ନୈବେଦ୍ୟ ସେବନ କରି ବ୍ରତ ସମାପ୍ତ କରନ୍ତି । ଏହି ବ୍ରତକୁ ସବୁ ଜାତିର ଲୋକମାନେ କରମ ରାଜାଙ୍କୁ ପୂଜା କରୁଥିବାର ଦୃଷ୍ଟାନ୍ତ ଛୋଟନାଗପୁର ଅଞ୍ଚଳରେ ଦୃଷ୍ଟିଗୋଚର ହୁଏ ।

ସଭାପତି
ବୈଶାଖୀ ସାହିତ୍ୟ ସଂସଦ
ରାଉରକେଲା–୧୨